# ODIA (+3 ELECTIVE) ARTS

ପ୍ରଥମ ପତ୍ର

# ଓଡ଼ିଆ (ନିର୍ବାଚିତ ବିଷୟ)

ୟୁନିଟ୍ -୧, ୨, ୩

ସଂପାଦନା
ଡକ୍ଟର ମମତାରାଣୀ ବେହେରା

UTKAL UNIVERSITY
DDCE
Education for All

## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

# ODIA (+3 ELECTIVE) ARTS

ପ୍ରଥମ ପତ୍ର

# ଓଡ଼ିଆ (ନିର୍ବାଚିତ ବିଷୟ)

ୟୁନିଟ୍ -୧, ୨, ୩,

UTKAL UNIVERSITY

DDCE
Education for All


## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଭୁବନେଶ୍ୱର

# ODIA (+3 ELECTIVE) ARTS

ପ୍ରଥମ ପତ୍ର

ଓଡ଼ିଆ (ନିର୍ବାଚିତ ବିଷୟ)

*Published by :*
Directorate of Distance & Continuing Education
Utkal University, Vani Vihar, Bhubaneswar
Phone - 0674-2376700

First Edition : 2016

© Directorate, DDCE, Utkal University

*No. of Copies* : 2000 Copies

View expressed are those of the authors and DDCE takes no responsibility for the same.

*Printed at :*
inteCAD
442, Saheed Nagar, Bhubaneswar-751007
Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

UTKAL UNIVERSITY

D.D.C.E.
Education For All

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୭୫୧୦୦୭

## ନିର୍ଦ୍ଦେଶକଙ୍କ କଲମରୁ...........

୧୯୬୨ ମସିହା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସାନ୍ଧ୍ୟ ମହାବିଦ୍ୟାଳୟ, ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟରେ ପରିଣତ ହୋଇ ସଫଳତାର ଦୀର୍ଘ ୫୨ ବର୍ଷର ପଥ ଅତିକ୍ରମ କରିଛି । ସମସ୍ତଙ୍କ ପାଇଁ ଶିକ୍ଷା ଏହି ଅନୁଷ୍ଠାନର ମୂଳ ଆଭିମୁଖ୍ୟ। ତେଣୁ ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ଆମେ ଶିକ୍ଷାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସର୍ବଦା ଯତ୍ନଶୀଳ ରହିଛୁ । ପ୍ରାୟ ୯୦ ହଜାର ଛାତ୍ରଛାତ୍ରୀ ଏହି ଶିକ୍ଷାମନ୍ଦିରକୁ ପ୍ରବେଶାଧିକାର ପାଇ ଜୀବନର ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରିଛନ୍ତି । କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ଗୁଣାତ୍ମକ ମାନବୃଦ୍ଧିରେ ମଧ୍ୟ ଏହି ଅନୁଷ୍ଠାନ ଅଗ୍ରବାହୀ । ବୃତ୍ତିଗତ ଅଭିବୃଦ୍ଧିରେ ଆମର ସହଯୋଗ ବହୁ ବ୍ୟକ୍ତି ବିଶେଷଙ୍କ ଗତିପଥ ବଦଳାଇ ଦେଇଛି । ସେମାନଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ସେମାନେ ଆଜି ଯେଉଁଠି ପହଞ୍ଚି ପାରିଛନ୍ତି ତାର ସମସ୍ତ ଶ୍ରେୟ ଏହି ଅନୁଷ୍ଠାନର ପ୍ରାପ୍ୟ । ଦୂରଶିକ୍ଷା ମାଧ୍ୟମରେ ପାଠପଢ଼ି ମଧ୍ୟ ଅନେକ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ରହିପାରିଛନ୍ତି । ଚଳିତ ୨୦୧୪ ମସିହାରେ ଇଂରାଜୀ, ପବ୍ଲିକ ଆଡମିନିଷ୍ଟ୍ରେସନ, ଏଜୁକେଶନ, ଆକାଉଣ୍ଟିଙ୍ଗ୍, ମ୍ୟାନେଜମେଣ୍ଟ ଆଦି ଅନର୍ସରେ ୧୫ ଜଣ ବିଦ୍ୟାର୍ଥୀ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଅଛନ୍ତି । ଆମର ଛାତ୍ରଛାତ୍ରୀମାନେ ନୈରାଶ୍ୟବାଦୀ କିମ୍ବା ପ୍ରତିକୂଳ ମନୋଭାବ ସମ୍ପନ୍ନ ନୁହନ୍ତି । ସେମାନେ ବେଶ୍ ଉତ୍ସାହୀ, ଆତ୍ମବିଶ୍ୱାସୀ ଓ ସାମର୍ଥ୍ୟ ସଂପନ୍ନ ଅଟନ୍ତି । ସେମାନଙ୍କ ବୃହତ୍ତର ସ୍ୱାର୍ଥର ପରିପୂରଣ ପାଇଁ ଆମେମାନେ ଆତ୍ମ ଶିକ୍ଷଣ ପଦ୍ଧତିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଯୋଗାଇ ଦେଉଛୁ । ଏହି ଅତ୍ୟାବଶ୍ୟକୀୟ କାର୍ଯ୍ୟରେ ଆମ ସହିତ କେତୋଟି ଘରୋଇ ପ୍ରକାଶନ-ସଂସ୍ଥାର ସହଯୋଗ ଗ୍ରହଣ କରିଛୁ । ଫଳରେ ଆମର ଧାର୍ଯ୍ୟ ଲକ୍ଷ୍ୟରେ ଶିଘ୍ର ପହଞ୍ଚିବାକୁ ସକ୍ଷମ ହୋଇ ପାରିବୁ । ଆଶାକରୁ ଏହି ଛାପା ପୁସ୍ତକ ବାହାରେ ଜ୍ଞାନ ବିଜ୍ଞାନର ଅନ୍ୟାନ୍ୟ ଅନେକ ଦିଗକୁ ଆମର ବିଦ୍ୟାର୍ଥୀମାନେ ଛୁଇଁ ପାରିବେ । ଯଦିଓ ଆମର ଅଧିକାଂଶ ଛାତ୍ରଛାତ୍ରୀ କୌଣସି ନା କୌଣସି କାର୍ଯ୍ୟରେ ନିୟୋଜିତ ଅଛନ୍ତି, ତଥାପି ଆମେ ବିଶ୍ୱାସ କରୁ ସମୟର ଉପଯୁକ୍ତ ବିନିଯୋଗ କରୁଥିବା ବ୍ୟକ୍ତି ବିଶେଷ ପାଇଁ ସମସ୍ତ ସମୟ ହାତ ପାହାନ୍ତାରେ ରହିପାରେ ଏବଂ ଆଳସ୍ୟପରାୟଣ ବ୍ୟକ୍ତିଙ୍କୁ ସମୟ ଆଦୌ ଧରାଛୁଆଁ ଦିଏ ନାହିଁ । ଆମର ଲକ୍ଷ୍ୟ ଦୂର-ଶିକ୍ଷା ଦ୍ୱାରା ଯେ କୌଣସି ବ୍ୟକ୍ତି ଉଚ୍ଚ ଶିକ୍ଷିତ ହେବା ସହିତ ନିଜ ମେଧାର ବିକାଶ କରିପାରିବେ । ଆମେ ଯୋଗାଇ ଦେଉଥିବା ପୁସ୍ତକ ବ୍ୟତୀତ ଅନ୍ୟାନ ସହାୟକ ପୁସ୍ତକ, ଇଣ୍ଟରନେଟ୍, ଟେଲିଭିଜନ ଓ ରେଡିଓ ଭଳି ମାଧ୍ୟମ ଗୁଡିକୁ ନିଜ ଜ୍ଞାନର ଅଭିବୃଦ୍ଧି ପାଇଁ ବିନିଯୋଗ କରିବା ଉଚିତ୍ । ସୀମିତ କ୍ଲାସରୁମ୍ ପାଠ୍ୟଦାନ ବ୍ୟବସ୍ଥା ମାଧ୍ୟମରେ ଅଭିଜ୍ଞ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ପ୍ରଶ୍ନ ଓ ସଂଶୟ ଦୂର କରିବାକୁ ଚେଷ୍ଟା କରିଥାନ୍ତି । ତେବେ ଏଥିପାଇଁ ଛାତ୍ରମାନଙ୍କର ଆଗ୍ରହ ଓ ପୂର୍ବ ପ୍ରସ୍ତୁତି ରହିବା ବାଞ୍ଛନୀୟ । ପ୍ରସ୍ତୁତ ଛାତ୍ର ସମାଜ ହିଁ କେବଳ ଉପଯୁକ୍ତ ପ୍ରଶ୍ନମାନ ଉତ୍ଥାପନ କରିପାରେ ।

*ନିର୍ଦ୍ଦେଶକ*

# ପାଠ୍ୟସୂଚୀ


ୟୁନିଟ୍ -୧ ୫

୧-ଓଡ଼ିଆ ସାହିତ୍ୟର ଇତିହାସ-ସ୍ୱତନ୍ତ୍ର ଅଧ୍ୟୟନ

(ପ୍ରସଙ୍ଗ : ପ୍ରାକ୍-ସାରଳା ସାହିତ୍ୟ)

ୟୁନିଟ୍-୨ ୬୩

ପ୍ରଥମ ପତ୍ର

(ପ୍ରସଙ୍ଗ : ସାରଳା ସାହିତ୍ୟ)

ୟୁନିଟ୍-୩ ୧୨୫

ବ୍ୟାକରଣ -କାରକ ଓ ବିଭକ୍ତି

କୃଦନ୍ତ ଓ ତଦ୍ଧିତ

ୟୁନିଟ୍-୪ ୧୪୪

ବ୍ୟାକରଣ -ଏ ପଦୀକରଣ

ସମୋଚାରିତ ଶବ୍ଦ ବିପରୀତାର୍ଥ ବୋଧକ ଶବ୍ଦ

# ୟୁନିଟ୍-୧
## ପ୍ରଥମ ପତ୍ର

## ୧ -ଓଡ଼ିଆ ସାହିତ୍ୟର ଇତିହାସ-ସ୍ୱତନ୍ତ୍ର ଅଧ୍ୟୟନ
## (ପ୍ରସଙ୍ଗ : ପ୍ରାକ୍-ସାରଳା ସାହିତ୍ୟ)

ସୂଚନା :-

କୌଣସି ଦେଶ ବା ଜାତିର ଇତିହାସ ସଂପୃକ୍ତ ଦେଶ ବା ଜାତି ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେଇଥାଏ । ସେହିପରି କୌଣସି ଭାଷା ବା ସାହିତ୍ୟର ଇତିହାସ ସଂପୃକ୍ତ ଭାଷା ବା ସାହିତ୍ୟର ସମୃଦ୍ଧି ବିଷୟରେ ଅନେକ ତଥ୍ୟ ଯୋଗାଇଥାଏ । ତେଣୁ ପ୍ରତ୍ୟେକ ଭାଷା ବା ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଓ ନିର୍ଭୁଲ ଇତିହାସ ରହିବା ଉଚିତ । ଦେଶ ବା ଜାତିର ଇତିହାସରେ କାଳାନୁକ୍ରମିକ ବିବରଣୀ ଦିଆଯାଇଥାଏ । ସେହିପରି ଆଲୋଚନାର ସୁଗମତା ପାଇଁ ସାହିତ୍ୟର ଇତିହାସରେ କାଳ ବା ଯୁଗବିଭାଜନ କରାଯାଇଥାଏ । ଏହି ଯୁଗବିଭାଜନ ସ୍ୱତଃ ହୋଇଥାଏ । ପ୍ରତ୍ୟେକ ଯୁଗର ଏପରି ଜଣେ ଜଣେ ସାହିତ୍ୟ-ସାଧକଙ୍କର ଆବିର୍ଭାବ ହୁଏ, ଯେ ପ୍ରଚଳିତ ଧାରାରେ ମୋଡ଼ ଆଣି ଏକ ନୂତନ ଦିଗର ସନ୍ଧାନ ଦିଅନ୍ତି । ତେଣୁ ସେ ସମକାଳୀନ ସାହିତ୍ୟର ପ୍ରତିନିଧିରୂପେ ପରିଗଣିତ ହୁଅନ୍ତି ଏବଂ ତାଙ୍କ ପ୍ରଦର୍ଶିତ ମାର୍ଗରେ ଗତିକରି ପରିବର୍ତ୍ତୀକାଳୀନ ସାହିତ୍ୟିକଗଣ ସାହିତ୍ୟ ସୃଷ୍ଟି କରନ୍ତି । ଏହି ଯୁଗଜନ୍ମାଙ୍କ ପ୍ରଭାବ ବଜାୟ ରହେ ପରବର୍ତ୍ତୀକାଳରେ ଅନ୍ୟ ଜଣେ ଯୁଗଜନ୍ମାଙ୍କ ଆବିର୍ଭାବ ହେବାପର୍ଯ୍ୟନ୍ତ । ଏହି ଯୁଗଜନ୍ମାହିଁ ନୂତନ ଯୁଗ ସୃଷ୍ଟି କରନ୍ତି ଏବଂ ସେମାନଙ୍କ ନାମାନୁସାରେ ଯୁଗବିଭାଗୀକରଣ ହଏ । ବେଳେବେଳେ ଏକ ନିର୍ଦ୍ଦିଷ୍ଟ ସାହିତ୍ୟିକ ଆଭିମୁଖ୍ୟର ପ୍ରାବଲ୍ୟ ମଧ୍ୟ ଯୁଗର ନାମକରଣକୁ ପ୍ରଭାବିତ କରିଥାଏ ।

ଓଡ଼ିଆ ସାହିତ୍ୟରେ ଇତିହାସରେ ମଧ୍ୟ ଏହିପରି ଯୁଗବିଭାଜନ ଦେଖାଯାଏ । ଯୁଗସ୍ରଷ୍ଟା ସାହିତ୍ୟିକଙ୍କ ନାମାନୁସାରେ ସୃଷ୍ଟି ହୋଇଥିବା କେତେକ ଯୁଗ ହେଉଛି– ସାରଳାଯୁଗ, ପଞ୍ଚସଖାଯୁଗ, ଭଞ୍ଜଯୁଗ ଇତ୍ୟାଦି । ସାହିତ୍ୟିକ ଆଭିମୁଖ୍ୟକୁ ନେଇ ନାମିତ ହୋଇଥିବା ଯୁଗ ହେଉଛି– ରୀତିଯୁଗ, ଆଧୁନିକ ଯୁଗ ଇତ୍ୟାଦି ।

ଓଡ଼ିଆ ସାହିତ୍ୟର କେତେକ ସମାଲୋଚକ ଓ ଇତିହାସକାରଙ୍କଦ୍ୱାରା ଏହି ଯୁଗବିଭାଜନ ଶାସକମାନଙ୍କ ରାଜତ୍ୱକାଳକୁ ଅବଲମ୍ବନ କରାଯାଇଛି; ଯେପରି– ଗଙ୍ଗବଂଶ ଯୁଗ, ସୂର୍ଯ୍ୟବଂଶ ଯୁଗ, ମୋଗଲ ଯୁଗ ଇତ୍ୟାଦି । କିନ୍ତୁ ଅନେକ ଦୃଷ୍ଟିରୁ ଏପରି ବିଭାଗୀକରଣ ନିର୍ଭୁଲ ନୁହେଁ, ନିରାପଦ ମଧ୍ୟ ନୁହେଁ । ଓଡ଼ିଆ ଭାଷା-ସାହିତ୍ୟର ଇତିହାସ ଆଲୋଚନା କରି ବହୁ ସାହିତ୍ୟ-ଐତିହାସିକ ଓଡ଼ିଆ ସାହିତ୍ୟର ପ୍ରାରମ୍ଭ କାଳରୁ ସାଂପ୍ରତିକ କାଳପର୍ଯ୍ୟନ୍ତ ସାହିତ୍ୟସୃଷ୍ଟିକୁ ବିଭିନ୍ନ ବିଭାଗରେ ବିଭକ୍ତ କରିଛନ୍ତି । ଏହି ପ୍ରସଙ୍ଗରେ ତାରିଣୀଚରଣ ରଥ, ପଣ୍ଡିତ ବିନାୟକ ମିଶ୍ର, ଅପର୍ଣ୍ଣା ପଣ୍ଡା, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଡକ୍ଟର ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପକ ପଠାଣି ପଟ୍ଟନାୟକ ପ୍ରମୁଖ ଓଡ଼ିଆ ସାହିତ୍ୟର ଐତିହାସିକଗଣଙ୍କ ନାମ ଉଲ୍ଲେଖଯୋଗ୍ୟ । ଓଡ଼ିଆ ସାହିତ୍ୟର ଇତିହାସର ଆଲୋଚନାକୁ ଅଧିକ ସୁଗମ କରିବା ପାଇଁ ପ୍ରାରମ୍ଭକାଳରୁ ଏଯାବତ୍ ପ୍ରଲମ୍ବିତ ଓଡ଼ିଆ ସାହିତ୍ୟକୁ ସ୍ଥୂଳତଃ ପାଞ୍ଚଟି ବିଭାଗରେ ବିଭକ୍ତ କରାଯାଇପାରେ—

୧. ପ୍ରାରମ୍ଭିକ ଯୁଗ ବା ପ୍ରାକ୍-ସାରଳା ଯୁଗ– ଖ୍ରୀଷ୍ଟୀୟ ୮ମ-୯ମ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀର ଶେଷପର୍ଯ୍ୟନ୍ତ (୮୦୧-୧୪୦୦ ଖ୍ରୀଷ୍ଟାବ୍ଦ)

୨. ସାରଳା ଯୁଗ– ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀ (୧୪୦୧-୧୫୦୦ ଖ୍ରୀଷ୍ଟାବ୍ଦ)

୩. ଆଦି ମଧ୍ୟଯୁଗ ବା ପଞ୍ଚସଖା ଯୁଗ– ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦୀର ଆରମ୍ଭରୁ ୧୭ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ (୧୫୦୧-୧୬୫୦ ଖ୍ରୀଷ୍ଟାବ୍ଦ)

୪. ଉତ୍ତର-ମଧ୍ୟଯୁଗ ବା ରୀତିଯୁଗ– ଖ୍ରୀଷ୍ଟୀୟ ୧୭ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ୧୯ଶ ଶତାବ୍ଦୀର ୮ମ ଦଶକ ପର୍ଯ୍ୟନ୍ତ (୧୬୫୧-୧୮୮୦ ଖ୍ରୀଷ୍ଟାବ୍ଦପର୍ଯ୍ୟନ୍ତ ଏବଂ

୫. ଆଧୁନିକ ଯୁଗ– ୧୮୮୦ ଖ୍ରୀଷ୍ଟାବ୍ଦରୁ ସାଂପ୍ରତିକ କାଳପର୍ଯ୍ୟନ୍ତ।

ସମଗ୍ର ଓଡ଼ିଆ ସାହିତ୍ୟକୁ ପ୍ରାଚୀନ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ଓ ଆଧୁନିକ ସାହିତ୍ୟ ଭାବରେ ତିନିଭାଗରେ ବିଭକ୍ତ କରାଯାଇ ମଧ ଆଲୋଚନା କରାଯାଇପାରେ।

୧. ପ୍ରାଚୀନ ସାହିତ୍ୟ– ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରୁ ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ (୮୦୦-୧୫୫୦)।

ପ୍ରାଚୀନ ସାହିତ୍ୟକୁ ଆମେ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରି ବିଚାର କରିପାରିବା। ଯଥା– (କ) ପ୍ରାକ୍-ସାରଳା ସାହିତ୍ୟ, (ଖ) ସାରଳା ସାହିତ୍ୟ ଓ (ଗ) ପଞ୍ଚସଖା ସାହିତ୍ୟ।

୨. ମଧ୍ୟଯୁଗୀୟ ସାହିତ୍ୟ– ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ୧୯ଶ ଶତାବ୍ଦୀର ୮ମ ଦଶକ ପର୍ଯ୍ୟନ୍ତ (୧୫୫୦-୧୮୮୦) ଏହି ସାହିତ୍ୟକୁ ଆମେ ନିମ୍ନୋକ୍ତ ତିନିଭାଗରେ ବିଭକ୍ତ କରି ବିଚାର କରିପାରିବା। ଯଥା– (କ) ପ୍ରାକ୍-ରୀତି ସାହିତ୍ୟ, (ଖ) ରୀତି ସାହିତ୍ୟ ଓ (ଗ) ଗୀତି ବା ସଙ୍ଗୀତ ସାହିତ୍ୟ (ପଦାବଳୀ, ଚମ୍ପୂ ଇତ୍ୟାଦି)।

୩. ଆଧୁନିକ ସାହିତ୍ୟ– ୧୮୮୦ ଖ୍ରୀଷ୍ଟାବ୍ଦରୁ ସାଂପ୍ରତିକ କାଳପର୍ଯ୍ୟନ୍ତ।

ଆବଶ୍ୟକତା ଦୃଷ୍ଟିରୁ ଆମକୁ ଏହି ପ୍ରକାର ବିଭାଗୀକରଣର ଅନୁସରଣରେ ୧ମ ପତ୍ରର ଏହି ୟୁନିଟ୍ ଓ ଏହାର ପରବର୍ତ୍ତୀ ୟୁନିଟ୍‌ଗୁଡ଼ିକୁ ଯଥାକ୍ରମେ ଆଲୋଚନା କରିବାକୁ ହେବ।

**ସଂରଚନା ପ୍ରଣାଳୀ :**

ଏହି ଅଧ୍ୟାୟ (ୟୁନିଟ୍)ରେ ପ୍ରାକ୍-ସାରଳା ଯୁଗର ସାହିତ୍ୟର ବ୍ୟାପ୍ତିକାଳ, ସ୍ୱରୂପ, ପ୍ରକାରଭେଦ ଆଦି ବିଭିନ୍ନ ବିଭାବର ଆକଳନ ବିଭିନ୍ନ ଦୃଷ୍ଟିରୁ କରାଯାଇଛି। କାହା କାହାଦ୍ୱାରା ପ୍ରାକ୍-ସାରଳା ସାହିତ୍ୟ ଭାବରେ ଗୃହୀତ କେତେକ ପରବର୍ତ୍ତୀକାଳୀନ ରଚନା ମଧ ବିଭିନ୍ନ ଦୃଷ୍ଟିରୁ ଏଥିରେ ଆକଳିତ ହୋଇ ସେସବୁର ଯୁକ୍ତିଯୁକ୍ତ ରଚନାକାଳ ନିର୍ଣ୍ଣୟ କରାଯାଇଛି। ଏଥିନିମନ୍ତେ ନିମ୍ନ ସଂରଚନା ପଦ୍ଧତିର ଆଶ୍ରୟ ନିଆଯାଇଛି।

୧.୦.- ବ୍ୟାପ୍ତି ଓ ବିକାଶଧାରା।

୧.୧.- ମୌଖିକ ସାହିତ୍ୟ ବା ଲୋକସାହିତ୍ୟ।

୧.୨.- ଅଭିଲେଖ ସାହିତ୍ୟ।

୧.୩.- ଲିଖିତ ସାହିତ୍ୟ (ଚର୍ଯ୍ୟାଗୀତି)।

୧.୪.- ପ୍ରାକ୍-ସାରଳା ସାହିତ୍ୟ ଭାବରେ ଗୃହୀତ କେତେକ ବିବାଦୀୟ ରଚନା।

୧.୫.- ନାଥ ସାହିତ୍ୟ (ଶିଶୁବେଦ, ଅମରକୋଷ ଗୀତା, ମତ୍ସ୍ୟେନ୍ଦ୍ର ଗୀତା)।

୧.୬.- ଶୈବସାହିତ୍ୟ (କଳସା ଚଉତିଶା, ରୁଦ୍ରସୁଧାନିଧି, ସୋମନାଥ ବ୍ରତକଥା)।

୧.୭.- ଅନ୍ୟାନ୍ୟ ରଚନା (ମାଦଳା ପାଞ୍ଜି, କେଶବ କୋଇଲି)।

୧.୮.- ନିଷ୍କର୍ଷ।

୧.୯.- ପରିଶିଷ୍ଟ - (କ) ଆଦର୍ଶ ପ୍ରଶ୍ନାବଳୀ। (ଖ) ସହାୟକ ଗ୍ରନ୍ଥପୁଞ୍ଜ।

**୧.୦.- ପ୍ରାକ୍-ସାରଳା ସାହିତ୍ୟର ବ୍ୟାପ୍ତି ଓ ବିକାଶଧାରା :**

ପ୍ରାକ୍-ସାରଳା ସାହିତ୍ୟର ବ୍ୟାପ୍ତି ଖ୍ରୀଷ୍ଟୀୟ ୮ମ-୯ମ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀର ଶେଷପର୍ଯ୍ୟନ୍ତ। ଏହି ଯୁଗର ସାହିତ୍ୟ ବିକଶିତ ହୋଇଥିଲା ତିନୋଟି ଧାରାରେ; ଯଥା - (୧) ମୌଖିକ ସାହିତ୍ୟ ବା ଲୋକସାହିତ୍ୟ, (୨) ଅଭିଲେଖ ସାହିତ୍ୟ ଓ (୩) ଲିଖିତ ସାହିତ୍ୟ।

**୧.୧.- ମୌଖିକ ସାହିତ୍ୟ ବା ଲୋକସାହିତ୍ୟ :**

ଲିଖିତ ସାହିତ୍ୟ ରଚିତ ହେବାର ବହୁପୂର୍ବରୁ ଲୋକସାହିତ୍ୟ ବଞ୍ଚିରହିଥିଲା ଲୋକଙ୍କ ମୁଖରେ। ଲୋକର ମୁଖରୁ ମୁଖକୁ ଥିଲା ଏହାର ଗତି। ତେଣୁ ଏହାର ଏପରି ନାମକରଣ। ଏହାର ଜନ୍ମସ୍ଥାନ ପଲ୍ଲୀ। ଏଣୁ ଏହାର ଅନ୍ୟନାମ ପଲ୍ଲୀ ସାହିତ୍ୟ। ଏହାର ଭାଷା ଅତି ସରଳ। ଏହାକୁ ପଣ୍ଡିତଠାରୁ ଆରମ୍ଭକରି ମୂର୍ଖପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି। ଏହାର ରଚୟିତା ଜଣେ ନୁହଁନ୍ତି, ଅଗଣିତ। କାହିଁ କେଉଁ ଯୁଗରୁ ଲୋକମୁଖରେ ପ୍ରଚଳିତ ଲୋକସାହିତ୍ୟ ପରବର୍ତ୍ତୀ କାଳରେ ସଂଗୃହୀତ ହୋଇ ପ୍ରକାଶ ପାଇଛି। ଲୋକଗୀତ, ଲୋକକାହାଣୀ ଓ ଲୋକନାଟକ ଭେଦରେ ଏହା ତ୍ରିବିଧ।

**୧.୧.୧.- ଲୋକଗୀତ :**

ଲୋକଗୀତ ମଧ୍ୟରେ କାନ୍ଦଣା ଗୀତ, ନାନାବାୟା ଗୀତ, ଡଗଡମାଳି, କୁଆଁର ପୁନେଇ ଓ ଜହ୍ନିଓଷା ଗୀତ, ରଜଦୋଳି ଗୀତ, ପୁଚି ଗୀତ ଇତ୍ୟାଦି ଅନ୍ତର୍ଭୁକ୍ତ। ଏଗୁଡ଼ିକ ସାଧାରଣତଃ ନାରୀମାନଙ୍କ ମୁଖରେ ପ୍ରକାଶ ପାଇଥାଏ। ସେହିପରି ପୁରୁଷମାନଙ୍କ ମୁଖରେ ଫୁଟିଉଠୁଥିବା ଲୋକଗୀତଗୁଡ଼ିକ ମଧ୍ୟରେ ରହିଛି– କୃଷକ ଗୀତ, ଲଉଡ଼ି ଗୀତ, ଚକୁଳିଆ ପଣ୍ଡା ଗୀତ, ପାଟୁଆ ଗୀତ, ଯୋଗୀ ଗୀତ, ସାପୁଆକେଳା ଗୀତ, ପ୍ରବାଦ / ପ୍ରବଚନ / ଡାକବଚନ ଇତ୍ୟାଦି। ଏସବୁ ବ୍ୟତୀତ ନାରୀ ଓ ପୁରୁଷ ଉଭୟଙ୍କ ମଧ୍ୟରେ ପ୍ରଚଳିତ ଲୋକଗୀତଗୁଡ଼ିକ ହେଉଛି– ଗାଥାଗୀତି, ସ୍ତୁତିଗୀତି, ନାଁଦିଆ ଇତ୍ୟାଦି।

ଶିଶୁମାନେ ମଧ୍ୟ ଗୀତପ୍ରିୟ। ଖେଳୁଥିବା ସମୟରେ ସେମାନେ ଗାଆନ୍ତି ଚକାଚକା ଭଉଁରୀ ଗୀତ, ଡୁଡୁଡୁମା ଗୀତ, ଇଚିକିଲି ମିଚିକିଲି ଗୀତ, କୋଇଲି ଗୀତ ଇତ୍ୟାଦି। ତା'ଛଡ଼ା ଆଉ କେତୋଟି ମୌଖିକ ଗୀତ ଶିଶୁମାନଙ୍କ ମୁଖରେ ବସାବାନ୍ଧିଥାଏ। ସେସବୁ ମଧ୍ୟରେ 'ମୋ ପେଁକାଳି ବଜାଇ ଦେ', 'ମେଘ ବରଷିଲା ଟୁପୁରୁ ଟୁପୁରୁ', 'ଶଙ୍ଖଚିଲ ଭାଇ', 'ଏକ ତରା ମଣିଷ ମରା', 'ବିଲୁଆ ନନା ବିଲୁଆ ନନା' ଇତ୍ୟାଦି ପ୍ରଧାନ।

**୧.୧.୨.- ଲୋକଗୀତରେ ସମାଜଚିତ୍ର :**

ଲୋକଗୀତରେ ପଲ୍ଲୀ ସମାଜର ଟିକିନିଖି ଚିତ୍ର ପ୍ରତିଫଳିତ। ଏଥିରେ ପରିବାରରେ ବାସ କରୁଥିବା ସମସ୍ତଙ୍କ ମଧ୍ୟରେ ସ୍ନେହସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧନ, ତିକ୍ତ ସଂପର୍କ ଆଦିର ଚିତ୍ର ମିଳେ। କେଉଁଠି ବୋହୂଟି ପାଇଁ ଶାଶୁ ମାଆଠାରୁ ବଳେ ତ କେଉଁଠି ସେ

ପାଲଟିଯାଏ ସଉତୁଣୀଠାରୁ ବଳି ଅଧିକ ଉଗ୍ର । ପରିବାରର ଅନ୍ୟମାନଙ୍କ ବ୍ୟବହାର କାହାପାଇଁ ସ୍ୱର୍ଗସୁଖ ଆଣିଦିଏ ତ କାହାପାଇଁ ଯମଯନ୍ତ୍ରଣା । ଲୋକଗୀତରେ ସାଧାରଣତଃ ଶାଶୁ ଅସହଯୋଗୀ, ସ୍ୱାମୀ ମାତୃଭକ୍ତ, ଦେଢ଼ଶୁର ଅତ୍ୟନ୍ତ କ୍ରୋଧୀ, ନଣନ୍ଦ କଳହପ୍ରିୟା, ଯାଆ ଓ ଦିଅର ଅସହିଷ୍ଣୁ ଭାବରେ ଚିତ୍ରିତ । ଲୋକଗୀତର ଏକ ମୁଖ୍ୟ ବିଭାବ କାନ୍ଦଣା ଗୀତରେ ଏହା ସାଧାରଣତଃ ପ୍ରତିଫଳିତ ।

ସମାଜରେ ଅନୁଷ୍ଠିତ ବିଭିନ୍ନ ପର୍ବପର୍ବାଣିର ସମ୍ୟକ୍ ସୂଚନା ଲୋକଗୀତରେ ରହିଛି । ବିଭିନ୍ନ ପର୍ବପର୍ବାଣି ପାଳନ, ସେଥିସହିତ ଜଡ଼ିତ ରୀତିନୀତି ଓ ତହିଁରୁ ମିଳୁଥିବା ଆନନ୍ଦ ମଧ୍ୟ ଏଥିରୁ ଉପଲବ୍ଧ । ବିଭିନ୍ନ ପ୍ରକାର ଖେଳ ଗୀତ, ହଳିଆ ଗୀତ, ଦୋଳି ଗୀତ, ସମର ଗୀତ, ଶଗଡ଼ିଆ ଗୀତ, ଓଷାବ୍ରତ ଗୀତ ଆଦିର ଗତାଘର ଲୋକଗୀତ ସାମାଜିକ ଚଳଣି ସଂପର୍କିତ ଅଟେ । ଏହାର ଅଙ୍ଗବିଶେଷ ବିଭିନ୍ନ ଢଗଢମାଳି, ପ୍ରବାଦ, ପ୍ରବଚନ ଆଦିରେ ସମାଜର ପ୍ରତିଛବି ଫୁଟିଉଠେ । ଓଷାବ୍ରତ ସଂପର୍କିତ ଲୋକଗୀତଗୁଡ଼ିକର ଖାଦ୍ୟପେୟ, ପୋଷାକ-ପରିଚ୍ଛଦ ଆଦିର ସୂଚନା ମଧ୍ୟ ଦୃଷ୍ଟିକୁ ଆସେ । ବିବାହ ସଂପର୍କିତ କ୍ରିୟାକଳାପ, ଯଥା– ଜାତକ ମେଳ, ଦିନଗଣନା, ବିବାହ ଅନୁଷ୍ଠାନ ଓ ତତ୍‌ସହିତ ସଂପୃକ୍ତ ବିଧିବିଧାନ କର୍ମକର୍ମାଣି, ଭୋଜିଭାତ, କନ୍ୟାବିଦା ଆଦିର ସାମାଜିକ ରୀତିନୀତିର ବର୍ଣ୍ଣନା ମଧ୍ୟ ଲୋକଗୀତରେ ମିଳେ । ଖାଦ୍ୟପେୟ ସହିତ ବିଭିନ୍ନ ପ୍ରକାର ବେଶଭୂଷା ସମ୍ବନ୍ଧୀୟ ସୂଚନା ମଧ୍ୟ ଲୋକକବି ଏଥିରେ ଖଞ୍ଜି ଦେଇଥାନ୍ତି ।

ଧାର୍ମିକ ବିଧିବିଧାନର ବର୍ଣ୍ଣନା ଲୋକଗୀତର ଅନ୍ୟତମ ଉଜ୍ଜ୍ୱଳ ଦିଗ । ବିଭିନ୍ନ ଦେବଦେବୀଙ୍କ ଉପାସନା ସହିତ ବୃଷଭ, ଗୋମାତା ଆଦି ପଶୁ, ଶାହାଡ଼ା, ଅଁଳା, ନିମ୍ବ, ବେଲ, ତୁଳସୀ ଆଦି ବୃକ୍ଷ, ସର୍ପ, ଗେଣ୍ଡା ପ୍ରଭୃତି ଜୀବଙ୍କ ପୂଜାର ଚିତ୍ର ମଧ୍ୟ ଏଥିରେ ଫୁଟିଉଠେ । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ସେମାନଙ୍କ ମୋକ୍ଷକାମନା ସହିତ କର୍ମବାଦରେ ବିଶ୍ୱାସ ମଧ୍ୟ ଲୋକସାହିତ୍ୟରେ ଅନେକତ୍ର ବର୍ଣ୍ଣିତ ।

ଏହିପରି ଲୋକଗୀତ ସମାଜଜୀବନର ବିଭିନ୍ନ ଦିଗକୁ ସ୍ପର୍ଶ କରେ ।

### ୧.୧.୩.- ଲୋକଗୀତରେ ରସଚେତନା :

ଲୋକଗୀତ କରୁଣ, ବାତ୍ସଲ୍ୟ, ବୀର, ହାସ୍ୟ, ଶୃଙ୍ଗାର ଆଦି ରସର ମନୋଜ୍ଞ ସମନ୍ୱୟ । ଲୋକକବି ଭାବରେ ନାରୀମାନଙ୍କ ସଂଖ୍ୟା ସାଧାରଣତଃ ଅଧିକ । ଅଧିକନ୍ତୁ ଏମାନଙ୍କ କଣ୍ଠରେ ଏହା ସଦା ବର୍ତ୍ତମାନ । ସେମାନଙ୍କ ରଚିତ ଲୋକଗୀତରେ ନାରୀନିର୍ଯ୍ୟାତନାର ଚିତ୍ର ଫୁଟିଉଠିଲାବେଳେ ସେତେବେଳେ କରୁଣ ପରିବେଶ ସୃଷ୍ଟିହୁଏ । ଝିଅ ଶାଶୁଘରକୁ ଯିବା ସମୟରେ ଯେଉଁ କାନ୍ଦଣା ତା' କଣ୍ଠରେ ଫୁଟିଉଠେ ତାହା ମଧ୍ୟ କରୁଣରସାପ୍ଲୁତ । ପିଲାକୁ ଶୁଆଇ ପକାଇବା ପାଇ ବୋଲାଯାଉଥିବା ଗୀତ, ପିଲାକୁ ଝୁଲେଇବା ଗୀତ, ପିଲାର ମଥାରେ ତେଲ ଘଷିବା ଗୀତ, ପିଲାକୁ ହଳଦୀ ଲଗାଇବା ଗୀତ, ପିଲାକୁ ନଚାଇବା ଗୀତ ଇତ୍ୟାଦିରେ ବାତ୍ସଲ୍ୟରସ ଫୁଟିଉଠେ ।

ଲୋକଗୀତରେ ହାସ୍ୟରସର ସ୍ଥିତି ମଧ୍ୟ ଦୃଷ୍ଟିକୁ ଆସେ । ବହୁ ଢଗଢମାଳି ସ୍ୱଭାବତଃ ହାସ୍ୟୋଦ୍ଦୀପକ, ଯାହା ପଲ୍ଲୀବାସୀ ନରନାରୀଙ୍କ ହାସ୍ୟମୁଖର ଜୀବନଯାପନ ସମ୍ବନ୍ଧରେ ସୂଚନା ଦିଏ । ଏହାଛଡ଼ା ନାରୀମାନଙ୍କ କରୁଣରସାପ୍ଲୁତ କାନ୍ଦଣା ଗୀତ ମଧ୍ୟରେ ବେଳେବେଳେ ବରର ମୂର୍ଖତା, ତା'ର କୁରୂପ, ତା ପରିବାରର ଅନ୍ୟମାନଙ୍କ ଅମଣିଷପଣିଆ ଇତ୍ୟାଦି ବିଷୟକ ଅତିରଞ୍ଜିତ ବର୍ଣ୍ଣନା ହାସ୍ୟରସର ଉପସ୍ଥିତି ସୂଚାଇଦିଏ । ବୀରରସବ୍ୟଞ୍ଜକ କେତେକ ସମର-ବୋଲି ଆମ ଦେଶରେ ପ୍ରଚଳିତ । ଏସବୁରେ ପାଇକ ଅଭିନନ୍ଦନ, ପାଇକ ଦାଣ୍ଡୁଆଳି, ଅସ୍ତ୍ରର ଜନ୍ମକଥା, ଖଣ୍ଡାରହସ୍ୟ ଇତ୍ୟାଦି ବୀରଗାଥା ଅନ୍ତର୍ଭୁକ୍ତ । ଦୋଳପୂର୍ଣ୍ଣିମା ଉପଲକ୍ଷେ ଗୋପାଳମାନେ ବାଡ଼ିଖେଳ ପ୍ରଦର୍ଶନ କରିବା ସମୟରେ ଯେଉଁ ଗୀତମାନ ଗାଆନ୍ତି, ସେସବୁ ମଧ୍ୟ ଅନେକାଂଶରେ ବୀରରସରେ ରସାଣିତ ।

ଶୃଙ୍ଗାରରସର ପ୍ରାବଲ୍ୟ ମଧ୍ୟ ଲୋକଗୀତରେ କମ୍ ନାହିଁ । ଏହା ବିଶେଷତଃ ବିପ୍ରଲମ୍ଭ ଶୃଙ୍ଗାର । ଢଗଢମାଳି ଓ ଅନ୍ୟାନ୍ୟ ଲୋକଗୀତରେ ଏହି ରସର ବହୁଳ ଦୃଷ୍ଟାନ୍ତ ମିଳେ । କିନ୍ତୁ ଲୋକକବି ଏଥିରେ ଶୃଙ୍ଗାରରସର ଉପାଦାନ ଏପରି ସାଙ୍କେତିକ ଭାବରେ

ଖଞ୍ଜିଦେଇଥାନ୍ତି ଯେ ଶୃଙ୍ଗାରରସର ପ୍ରାବଲ୍ୟ ଥିଲେହେଁ ତାହାର ଉତ୍କଟତା ଅନୁଭୂତ ହୁଏ ନାହିଁ। ଶାନ୍ତରସର ପରିବେଷଣ କେତେକ ଲୋକଗୀତରେ କରାଯାଇଛି; କିନ୍ତୁ ଅଦ୍ଭୁତ, ଭୟାନକ ଓ ବୀଭତ୍ସରସମୂଳକ ଲୋକଗୀତର ସନ୍ଧାନ ପ୍ରାୟଶଃ ମିଳେନାହିଁ।

**୧.୧.୪.- ଲୋକକାହାଣୀ :**

ଲୋକକାହାଣୀ ଲୋକଙ୍କ ମୌଖିକ ଗଦ୍ୟସାହିତ୍ୟ। ଆଜିପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିବା ଲୋକକାହାଣୀ ସଂଗୃହୀତ ଲୋକଗୀତଠାରୁ ସଂଖ୍ୟାରେ ଯଥେଷ୍ଟ କମ୍। ତଥାପି ଓଡ଼ିଆ ସାହିତ୍ୟରେ ଏହାର ଏକ ବିପୁଳ ଭଣ୍ଡାର ରହିଛି।

ଲୋକକାହାଣୀଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇପାରେ। ଯଥା– (କ) ପୌରାଣିକ କାହାଣୀ, (ଖ) ଐତିହାସିକ କାହାଣୀ, (ଗ) କିଂବଦନ୍ତୀମୂଳକ କାହାଣୀ, (ଘ) ପଶୁପକ୍ଷୀ ସମ୍ବନ୍ଧୀୟ କାହାଣୀ, (ଙ) ଓଷାବ୍ରତ ସମ୍ବନ୍ଧୀୟ କାହାଣୀ ଓ (ଚ) ଅନ୍ୟାନ୍ୟ କାହାଣୀ।

**(କ) ପୌରାଣିକ କାହାଣୀ-** 'ରାମାୟଣ', 'ମହାଭାରତ' ଭଳି ଅନ୍ୟ ପୁରାଣମାନଙ୍କରେ ବର୍ଣ୍ଣିତ ଲୋକପ୍ରିୟ ଆଖ୍ୟାନଗୁଡ଼ିକ ଲୋକପ୍ରିୟ କାହାଣୀରୂପେ ଲୋକସମାଜରେ ପ୍ରଚଳିତ। ସେସବୁ ମଧ୍ୟରେ ରହିଛି– ସୀତାବିବାହ, ରାମରାବଣ ଯୁଦ୍ଧ, ଲକ୍ଷ୍ମଣ ଶକ୍ତିଭେଦ, ଲବକୁଶ କଥା, କର୍ଣ୍ଣଙ୍କ ପୁତ୍ର ବଳିଦାନ, ଏକଲବ୍ୟଙ୍କ ଗୁରୁଦକ୍ଷିଣା, କୀଚକ ବଧ, ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ, ଦାନୀ ହରିଶ୍ଚନ୍ଦ୍ର କଥା, ଶିବ ଚରିତ, ଦମୟନ୍ତୀ ସ୍ୱୟଂବର ଇତ୍ୟାଦି।

**(ଖ) ଐତିହାସିକ କାହାଣୀ-** ଏ ଶ୍ରେଣୀୟ କାହାଣୀର ସଂଖ୍ୟା ଖୁବ୍ କମ୍। ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ, ବୀରସୁରେନ୍ଦ୍ର ସାଏ, ସଂଗ୍ରାମୀ ବୀର ଦଳବେହେରା, ବକ୍ସି ଜଗବନ୍ଧୁ, ଚାଖିଖୁଣ୍ଟିଆ, ଜୟୀ ରାଜଗୁରୁ, ଝାନ୍ସୀରାଣୀ ଲକ୍ଷ୍ମୀବାଈ ପ୍ରମୁଖଙ୍କ ବୀରତ୍ୱ ବର୍ଣ୍ଣିତ କାହାଣୀମାନ ଆଜି ବି ଲୋକକାହାଣୀରୂପେ ଆଦୃତ।

**(ଗ) କିଂବଦନ୍ତୀମୂଳକ କାହାଣୀ–** ବହୁ ପୌରାଣିକ, ଐତିହାସିକ ଓ ଦେବଦେବୀ ସଂପର୍କିତ କିଂବଦନ୍ତୀ ଲୋକକାହାଣୀର ରୂପ ପାଇଛି। ସେସବୁ ମଧ୍ୟରେ କାଣିଆ-କପିଳା ଭେଟ, ଶିବେଇ ସାଆନ୍ତରାଙ୍କ ଜାଉଖିଆ, ଧର୍ମପଦର କୋଣାର୍କ ମନ୍ଦିର ମୁଣ୍ଡିମାରିବା, ଗାଲମାଧବ କାହାଣୀ, ଇନ୍ଦ୍ରଦ୍ୟୁମ୍ନଙ୍କ ମନ୍ଦିର ନିର୍ମାଣ, ଜଗନ୍ନାଥଙ୍କ ମୂର୍ତ୍ତିନିର୍ମାଣ ଇତ୍ୟାଦି କାହାଣୀ ଭଳି ଅନେକ କାହାଣୀ ଅନ୍ତର୍ଭୁକ୍ତ।

**(ଘ) ପଶୁପକ୍ଷୀ ସଂବନ୍ଧୀୟ କାହାଣୀ–** ଶିଶୁମାନଙ୍କର ଅତି ପ୍ରିୟ ଏହି ପ୍ରକାର କାହାଣୀଗୁଡ଼ିକରେ ବାଘ, ଭାଲୁ, ସିଂହ, ବିଲୁଆ, କୁକୁର, ମାଙ୍କଡ଼, ବିରାଡ଼ି, ନେଉଳ, ଠେକୁଆ, କାଉ, ବଗ, ଚିଲ, ଶୁଆ ଇତ୍ୟାଦି ପଶୁପକ୍ଷୀ ହେଉଛନ୍ତି ଚରିତ୍ର ଏବଂ ସେମାନଙ୍କ କାର୍ଯ୍ୟକଳାପ ଓ କଥାବାର୍ତ୍ତାହିଁ କାହାଣୀରେ ରୂପାୟିତ। ଏଥିରେ ନୀତିଶିକ୍ଷାଟିଏ ନିହିତ ଥାଏ। ଇଂରାଜୀରେ ଏହାକୁ (Fables) କୁହାଯାଏ।

**(ଙ) ଓଷାବ୍ରତ ସମ୍ବନ୍ଧୀୟ କାହାଣୀ–** ଆମ ସମାଜରେ ବହୁବିଧ ଓଷା, ବ୍ରତ, ଉପବାସ ଇତ୍ୟାଦି ବିଭିନ୍ନ ଅଭିଷ୍ଟ ପୂରଣ ପାଇଁ ଓ ପୁଣ୍ୟ ଅର୍ଜନ ପାଇଁ ପାଳିତ ହୋଇଥାଏ। ପ୍ରତ୍ୟେକ ଓଷା, ବ୍ରତ ଓ ଉପବାସ ସହିତ କାହାଣୀଟିଏ ଜଡ଼ିତ ଥାଏ। ଏହିପରି ଓଷାବ୍ରତଭିତ୍ତିକ କାହାଣୀଗୁଡ଼ିକ ମଧ୍ୟରେ ଖୁଦୁରୁକୁଣୀ ଓଷା, ବୁଧେଇ ଓଷା, ଦ୍ୱିତୀୟା ଓଷା, ଷଠୀ ଓଷା, ବାଲିତୃତୀୟା ଓଷା, ବଡ଼ ଓଷା, ଚଇତି ମଙ୍ଗଳବାର ଓଷା, ସୋମନାଥ ବ୍ରତ, ଅନନ୍ତ ବ୍ରତ, ସୁଦଶା ବ୍ରତ, ରାଇଦାମୋଦର ବ୍ରତ, ନିଶାମଙ୍ଗଳବାର ବ୍ରତ ଇତ୍ୟାଦି ଅନ୍ତର୍ଭୁକ୍ତ।

**(ଚ) ଅନ୍ୟାନ୍ୟ କାହାଣୀ–** ସତ୍ୟନାରାୟଣ ପାଲା ସହିତ ସଂପୃକ୍ତ କାହାଣୀମାନ, ଭୂତ, ପ୍ରେତ, ଅସୁରଙ୍କୁ ନେଇ

ପରିକଳ୍ପିତ କାହାଣୀମାନ, ଚାରିସଙ୍ଗାତ କାହାଣୀ, ଚୋର ଓ ଠକଙ୍କ କାହାଣୀ, ଅଲୌକିକ ଓ ଅବିଶ୍ୱାସ୍ୟ ଘଟଣାବଳୀରେ ପୂର୍ଣ୍ଣ କାହାଣୀ ଭଳି ବହୁପ୍ରକାର କାହାଣୀ ଏ ବିଭାଗର ଅନ୍ତର୍ଭୁକ୍ତ।

ଲୋକକାହାଣୀଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟର ରଚନା ନୁହେଁ; ଏ କାଳାନୁକ୍ରମିକ ରଚନା। କାଳକ୍ରମେ ଏହା ଯୁଗାନ୍ତକାରୀ ହୋଇଛି ପରିବର୍ତ୍ତିତ ଓ ପରିମାର୍ଜିତ ହେବାଫଳରେ। ଅନେକ ଲୋକକାହାଣୀ ନୀତିଗର୍ଭିତ; ଏଣୁ ଏଗୁଡ଼ିକ ସାମାଜିକ ମଣିଷକୁ ନୀତିନିଷ୍ଠ ହେବାକୁ ପ୍ରେରଣା ଦେଇଛି, ସୁସ୍ଥ ସାମାଜିକ ଜୀବନ ଯାପନ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିଛି। ବହୁ ଅଲୌକିକ ଓ ଅବିଶ୍ୱାସ୍ୟ ଘଟଣାରେ ପୂର୍ଣ୍ଣ ଏହି ଅତିରଞ୍ଜିତ କାହାଣୀଗୁଡ଼ିକ ସରଳ ଓ ନିଷ୍କପଟ ଅଭିବ୍ୟକ୍ତି ପାଇଁ ଆଧୁନିକ ବିଜ୍ଞାନଯୁଗରେ ମଧ୍ୟ ଆଦର ହରାଇ ନାହିଁ।

**୧.୧.୫.- ଲୋକନାଟକ :**

ଲୋକନାଟକ ନାଟକର ପ୍ରାରମ୍ଭିକ ଅବସ୍ଥା। ବିଧିବଦ୍ଧ ଭାବରେ ନାଟକ ସୃଷ୍ଟି ହେବାର ବହୁପୂର୍ବରୁ ଲୋକନାଟକର ପ୍ରଚଳନ ଥିଲା। ଲୋକନାଟକର ମଞ୍ଚ ଥିଲା ଗ୍ରାମର ମୁକ୍ତ ଦାଣ୍ଡ। ଏହା ପ୍ରଦର୍ଶିତ ହେଉଥିଲା ଗ୍ରାମବାସୀଙ୍କଦ୍ୱାରା ବିଭିନ୍ନ ପର୍ବପର୍ବାଣି ଉପଲକ୍ଷେ। ନୃତ୍ୟ, ଗୀତ ଓ ବାଦ୍ୟର ସମବାୟରେ ଲୋକନାଟକ ଲୋକମାନଙ୍କ ମନୋରଞ୍ଜନ କରୁଥିଲା। ଲିଖିତ ରୂପରେ ପ୍ରକାଶିତ ହେବାପୂର୍ବରୁ ଏହା ପୁରୁଷ ପୁରୁଷ ଧରି ଲୋକଙ୍କ ମୁଖରେ ପ୍ରଚଳିତ ଥିଲା। ତେଣୁ ଏହା ଲୋକଗୀତ ଓ ଲୋକକାହାଣୀ ଭଳି ମୌଖିକ ସାହିତ୍ୟର ଅନ୍ତର୍ଭୁକ୍ତ।

ଅଞ୍ଚଳ ଭେଦରେ ଓଡ଼ିଆ ଲୋକନାଟକର ରୂପ ଭିନ୍ନ ଭିନ୍ନ। ଏପରି ହେବାର କାରଣ ବିଭିନ୍ନ ଅଞ୍ଚଳର ଶାସନପ୍ରଣାଳୀ, ଜୀବନଯାପନ ପ୍ରଣାଳୀ, ଧାର୍ମିକ ଆଚରଣ, ଭୌଗୋଳିକ ଅବସ୍ଥିତି, ଆର୍ଥନୀତିକ ବ୍ୟବସ୍ଥା, ଭାଷା ପ୍ରୟୋଗ ଇତ୍ୟାଦିରେ ଥିବା ଭିନ୍ନତା। ନାଟକ ଭଳି ଲୋକନାଟକର ମୂଳ ଅଭିନୟ ହେଲେହେଁ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ସମାବେଶରେହିଁ ଏହାର ପରିବେଷଣ ସମ୍ଭବ ହୋଇଥାଏ। କେଉଁ ଲୋକନାଟକରେ ଅଭିନୟର ମାତ୍ରା ଅଧିକ ତ କେଉଁଥିରେ ନୃତ୍ୟର; ପୁଣି କେଉଁଥିରେ ସଙ୍ଗୀତର ଆଧିକ୍ୟ ରହିଛି ତ ଆଉ କେଉଁଥିରେ ବାଦ୍ୟର। ଏ ଦୃଷ୍ଟିରୁ ଲୋକନାଟକକୁ (କ) ଅଭିନୟପ୍ରଧାନ ଲୋକନାଟକ, (ଖ) ନୃତ୍ୟପ୍ରଧାନ ଲୋକନାଟକ, (ଗ) ସଙ୍ଗୀତପ୍ରଧାନ ଲୋକନାଟକ ଓ (ଘ) ବାଦ୍ୟପ୍ରଧାନ ଲୋକନାଟକ ଭାବରେ ଚାରିଗୋଟି ବିଭାଗରେ ବିଭକ୍ତ କରାଯାଇପାରେ।

**(କ) ଅଭିନୟପ୍ରଧାନ ଲୋକନାଟକ–** ରାମଲୀଳା, କୃଷ୍ଣଲୀଳା, ରାଧାକୃଷ୍ଣ ପ୍ରେମଲୀଳା, ଗୋପଲୀଳା, ଭାରତଲୀଳା, ଦଣ୍ଡ, ସୁଆଙ୍ଗ ଇତ୍ୟାଦି।

**(ଖ) ନୃତ୍ୟପ୍ରଧାନ ଲୋକନାଟକ–** ଛଉନାଚ, ଦଣ୍ଡନାଚ, ପାଟୁଆ ଯାତ୍ରା, ଗୋଟିପୁଅ ନାଚ, ଡାଲଖାଇ ନାଚ, ରସରକେଲୀ, ଘୁମୁରା ନାଚ, କରମା ନାଚ, ଦେଶିଆ ନୃତ୍ୟ ଇତ୍ୟାଦି।

**(ଗ) ସଙ୍ଗୀତପ୍ରଧାନ ଲୋକନାଟକ–** ପାଲା, ଦାସକାଠିଆ, ପାରାୟଣ, ସଖୀନାଟ, କଣ୍ଢେଇ ନାଚ, ଚଢେୟା-ଚଢେୟାଣୀ ନାଟ, ଫାର୍ସ, ପ୍ରହସନ ଇତ୍ୟାଦି।

**(ଘ) ବାଦ୍ୟପ୍ରଧାନ ଲୋକନାଟକ–** ଡଣକୁଇଲା, ଧୁଡୁକି ନାଚ, ଚଇତିଘୋଡ଼ା ନାଟ ଇତ୍ୟାଦି।

ଆହୁରି ଅନେକ ଆଞ୍ଚଳିକ ଲୋକନାଟକ ରହିଛି, ଯେଉଁଗୁଡ଼ିକୁ ଏଠାରେ ବର୍ଗୀକରଣ କରାଯାଇପାରି ନାହିଁ। ସେସବୁ ମଧ୍ୟରୁ ଧନୁଯାତ୍ରା, ଲଳିତପାଲା, ଚଡ଼କ ଯାତ୍ରା, କାଠିନାଟ, ପାଇକନାଟ ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ।

ସମୟ ବଦଳିଥିଲେ ମଧ୍ୟ କେତେକ ଲୋକନାଟକ ପ୍ରତି ଲୋକଙ୍କର ମମତା ତୁଟି ନାହିଁ। ଆଜିକାଲି ବି ଗ୍ରାମ୍ୟ ପରିବେଶର

ମୁକ୍ତାକାଶ ତଳେ ସେସବୁ ପ୍ରଦର୍ଶିତ ହେଉଛି । ଅବଶ୍ୟ ଏସବୁର ପୂର୍ବରୂପରେ ଅନେକ ପରିବର୍ତ୍ତନ ଘଟିଛି ଯୁଗରୁଚିର ଅନୁରୋଧରେ । ଆଦର ଅଭାବରୁ କେତେକ ଲୋକନାଟକ ମଧ୍ୟ ଆଦର ହରାଇ କ୍ରମଶଃ ଲୋକଙ୍କଠାରୁ ଦୂରେଇ ଗଲାଣି ।

**୧.୧.୬.- ଲୋକସାହିତ୍ୟର ପ୍ରଭାବ :**

ଓଡ଼ିଆ ଲୋକସାହିତ୍ୟ ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ଚିରକାଳ ପ୍ରଭାବିତ କରିଆସିଛି । ସାରଳାଦାସ ହେଉଛନ୍ତି ପରବର୍ତ୍ତୀକାଳୀନ ପ୍ରଥମ କବି, ଯେ ତାଙ୍କ ସମୟରେ ପ୍ରଚଳିତ ଲୋକକାହାଣୀ, ଲୋକବିଶ୍ୱାସ ଓ ଲୋକଧର୍ମକୁ ନିଜର ରଚନାବଳୀରେ ଲିଖିତ ରୂପଦେଲେ । ଫଳରେ ତାଙ୍କ ରଚନାବଳୀ ଓଡ଼ିଆ ସମାଜରେ ବହୁ ଆଦୃତି ଲାଭକଲା । ପରବର୍ତ୍ତୀ ପଞ୍ଚସଖା-ସାହିତ୍ୟରେ ମଧ୍ୟ ଲୋକଗୀତଧାରା ଅଧିକ ବ୍ୟାପକ ହେଲା । ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ' ଆଦି ରଚନାରେ ଲୋକକାହାଣୀର ଓ ଲୋକଚଳଣିର ସ୍ପର୍ଶ ଅନୁଭୂତ ହୁଏ । ଲୋକ-ଉପଯୋଗୀ ଭାଷାରେ ଏସବୁ ରଚିତ ହୋଇ ଲୋକଙ୍କ ମନୋରଂଜନ କରିପାରିଲା । ବଳରାମ ଦାସଙ୍କ 'ବଉଳା ଅଧ୍ୟାୟ', ଲକ୍ଷ୍ମୀପୁରାଣ', ଅଚ୍ୟୁତାନନ୍ଦ ଦାସଙ୍କ 'ଗୋପାଳ ଓଗାଳ', 'ଲଉଡ଼ି ଖେଳ', ଯଶୋବନ୍ତ ଦାସଙ୍କ 'ଗୋବିନ୍ଦଚନ୍ଦ୍ର', ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବସିନ୍ଧୁ', 'ନାବକେଳି' ଆଦି ଲୋକଛନ୍ଦରେ ରଚିତ ଓ ଲୋକସାହିତ୍ୟର ପ୍ରଭାବରେ ପୁଷ୍ଟ । ଭକ୍ତଚରଣ ଦାସଙ୍କ 'ମନବୋଧ ଚଉତିଶା' ଲୋକଚେତନାକୁ ସ୍ପର୍ଶ କରେ ।

ପ୍ରତାପ ରାୟଙ୍କ 'ଶଶିସେଣା' କାବ୍ୟର କଥାବସ୍ତୁ ପଲ୍ଲୀରୁ ସଂଗୃହୀତ । ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବୋଲେ ହୁଁଟି', 'କଳାମାଣିକ ଛାନ୍ଦ', ଅନ୍ୟାନ୍ୟ ଚଉତିଶା ଓ ଚଉପଦୀ, ଗୋପାଳକୃଷ୍ଣ ଓ ବନମାଳୀଙ୍କ ସଙ୍ଗୀତ ମଧ୍ୟରେ ଲୋକଗୀତର ସ୍ୱର ଶୁଣିବାକୁ ମିଳେ । ଗଦ୍ୟରେ ରଚିତ ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ'ରେ ସ୍ଥାନିତ କେତେକ ଗଳ୍ପ ଲୋକସାହିତ୍ୟ ଭଣ୍ଡାରରୁ ସଂଗୃହୀତ ।

ଆଧୁନିକ ଓଡ଼ିଆ ସାହିତ୍ୟକୁ ବହୁଭାବରେ ପୁଷ୍ଟ କରିଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ ଲୋକକାହାଣୀ ଓ ଢଗଢମାଳିମାନ ପ୍ରୟୋଗ କରିଛନ୍ତି । ନନ୍ଦକିଶୋର ବଳ ପଲ୍ଲୀଗୀତର ଛନ୍ଦ ଓ ଧାରା ଅନୁସରଣରେ ନିଜ 'ଡାମରାକାଉ', 'ଡାହାଣିଆ ଖରା', 'ଜେମାଦେଈ', 'ତଅପୋଈ' କବିତାଗୁଡ଼ିକ ରଚନା କରିଛନ୍ତି । ତାଙ୍କ ରଚନାବଳୀ ଲୋକସାହିତ୍ୟ ବା ପଲ୍ଲୀଚେତନାଦ୍ୱାରା ଏତେଦୂର ପ୍ରଭାବିତ ଯେ ତାଙ୍କୁ 'ପଲ୍ଲୀକବି' ଆଖ୍ୟା ଦିଆଯାଏ । ଉତ୍କଳମଣି ଗୋପବନ୍ଧୁଙ୍କ 'ଧର୍ମପଦ', ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କାଳିଜାଈ', ପଣ୍ଡିତ ନୀଳକଣ୍ଠଙ୍କ 'ମାୟାବତୀ' କାବ୍ୟ ଲୋକମୁଖରେ ପ୍ରଚଳିତ କାହାଣୀ ଆଧାରିତ । ଲୋକସାହିତ୍ୟର ପରମ୍ପରାରେ ଆଉ ଯେଉଁ ସାହିତ୍ୟସ୍ରଷ୍ଟାଗଣ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଏ ସେମାନଙ୍କ ମଧ୍ୟରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, କଥାକାର ପ୍ରାଣକୃଷ୍ଣ ସାମଲ, ଗଣକବି ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, କବି ମାୟାଧର ମାନସିଂହ, କବି ସଚ୍ଚି ରାଉତରାୟ ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ଲୋକସାହିତ୍ୟର ସୁବିପୁଳ ଭଣ୍ଡାର ଏପର୍ଯ୍ୟନ୍ତ ସଂପୂର୍ଣ୍ଣଭାବେ ସଂଗୃହୀତ ହୋଇପାରି ନାହିଁ । ଲୋକସାହିତ୍ୟ ସଂପୂର୍ଣ୍ଣଭାବେ ଲୋକଲୋଚନକୁ ଆସିପାରିଲେ ଏହାର ପ୍ରକୃତ ସ୍ୱରୂପ ଓ ବିଶାଳତା ଉଦ୍‌ଘାଟିତ ହୋଇପାରିବ । କିନ୍ତୁ ଯାହା ମନେହୁଏ ଆଗ୍ରହ ଅଭାବରୁ ଏ ବିଶାଳ ସମ୍ପଦର ଅବଶିଷ୍ଟାଂଶ ଆଉ ସଂଗୃହୀତ ହେବାର ସମ୍ଭାବନା କ୍ଷୀଣ ।

## ୧.୨.- ଅଭିଲେଖ ସାହିତ୍ୟ

କୁହାଯାଏ। ପୂର୍ବେ ରାଜାମାନେ ସେମାନଙ୍କ ରାଜକୀୟ

ଶିଳାଲେଖ ଓ ତାମ୍ରଲେଖ ଉଭୟକୁ ଅଭିଲେଖ (Inscription) ଘୋଷଣା, ଦାନ ଶାସନପତ୍ର ଶିଳାରେ ଖୋଦନ କରୁଥିଲେ ବା ତାମ୍ରଫଳକରେ ଲିଖନ କରାଉଥିଲେ। ତାଳପତ୍ରରେ ମଧ୍ୟ ଲିଖନ କାର୍ଯ୍ୟ ହେଉଥିଲା; ମାତ୍ର ତାଳପତ୍ର ଅଳ୍ପକାଳ ସ୍ଥାୟୀ ହେତୁ ଶିଳାରେ ଓ ତମ୍ବାପଟାରେ ଲେଖାମାନ ପ୍ରସ୍ତୁତ କରାଯାଉଥିଲା।

ଅଭିଲେଖ ସାହିତ୍ୟରେ ଓଡ଼ିଶା ବେଶ୍ ସମୃଦ୍ଧ। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖ ଏବଂ ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଖଣ୍ଡଗିରିର ଗୁମ୍ଫାଲେଖର ଭାଷା ହିଁ ସେ ସମୟରେ କଳିଙ୍ଗରେ ପ୍ରଚଳିତ ଭାଷା। କାରଣ ପ୍ରଜାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କୌଣସି ଏକ ରାଜ୍ୟରେ ଖୋଦିତ ଅନୁଶାସନମାନ ସଂପୃକ୍ତ ରାଜ୍ୟର ଭାଷାରେ ହିଁ ଲିଖିତ ହୋଇଥିବା ଏକାନ୍ତ ପ୍ରାସଙ୍ଗିକ। ସୋମବଂଶୀ ରାଜା ଅନନ୍ତବର୍ମା ୧୦୫୧ ଖ୍ରୀଷ୍ଟାବ୍ଦରେ ଖୋଦନ କରାଇଥିବା ଉରଜାମ ଶିଳାଲେଖକୁ ଓଡ଼ିଆ ଭାଷାର ନିଦର୍ଶନ ଥିବା ପ୍ରଥମ ଶିଳାଲେଖ ବୋଲି କେହି କେହି ଗବେଷକ ମତ ଦେଉଥିଲେହେଁ ତାହାର ପୂର୍ବବର୍ତ୍ତୀ ବହୁ ଅଭିଲେଖରେ ଓଡ଼ିଆ ଭାଷାର ସନ୍ଧାନ ମିଳିଥାଏ। ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀଠାରୁ ଆରମ୍ଭ କରି ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଖୋଦିତ ଶିଳାଲେଖ ଓ ପ୍ରଦତ୍ତ ତାମ୍ରଶାସନମାନଙ୍କରେ କିଛି କିଛି ଓଡ଼ିଆ ଶବ୍ଦର ସନ୍ଧାନ ମିଳେ। କିନ୍ତୁ ସବୁଠାରୁ ଅଧିକ ଓଡ଼ିଆ ଶବ୍ଦର ଉପସ୍ଥିତି ଲକ୍ଷ୍ୟ କରାଯାଏ ଶୈଳୋଦ୍ଭବବଂଶୀ ରାଜା ଦ୍ୱିତୀୟ ଧର୍ମରାଜଙ୍କ ରାଣୀ କଲ୍ୟାଣୀ ଦେବୀଙ୍କ ତାମ୍ରଶାସନରେ, ଯାହାର ସମୟ ୬୯୫ ଖ୍ରୀଷ୍ଟାବ୍ଦରୁ ୭୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ। ଏଥିରେ ଜୈନଗୁରୁ ନସୀଚନ୍ଦ୍ରଙ୍କ ଶିଷ୍ୟ ପ୍ରବୋଧଚନ୍ଦ୍ରଙ୍କୁ ଗୋଟିଏ ଗ୍ରାମ ଦାନ କରିଥିବାର ଉଲ୍ଲେଖ ରହିଛି। ଏହା ତତ୍କାଳୀନ ଓଡ଼ିଆ ଭାଷାରେ ଲିଖିତ ହୋଇଥିବା ମତ ପ୍ରକାଶ କରନ୍ତି ଗବେଷକଗଣ। ଏଥିରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ଶେଷଭାଗରେ ବିକାଶର ଶୀର୍ଷ ଛୁଇଁଥିଲା ଓଡ଼ିଆ ଭାଷା। ସମୟକ୍ରମେ ଅଭିଲେଖର ଭାଷା ମାର୍ଜିତ ରୂପ ଧାରଣ କରିଛି, ଯାହା ଓଡ଼ିଆ ଭାଷାର କ୍ରମବିକାଶର ପ୍ରମାଣ ଦିଏ। ଉଦାହରଣସ୍ୱରୂପ ଗଙ୍ଗବଂଶ ରାଜା ଚତୁର୍ଥ ଭାନୁଦେବଙ୍କ ରାଜତ୍ୱର ୮ମ ଅଙ୍କ ବା ୧୩୮୪ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ତ ଏକ ରାଜକୀୟ ସନନ୍ଦ (ତାମ୍ରଫଳକ)କୁ ଗ୍ରହଣ କରାଯାଇପାରେ। ଏହା ପୁରୀ ତ୍ରିମାଳି ମଠରୁ ମିଳିଅଛି। ଏଥିରେ ନରହରି ଦାସ ପ୍ରହରାଜଙ୍କୁ କିନାରୀ ଗ୍ରାମ ଦାନ କରାଯାଇଥିବା ବିଷୟ ବର୍ଣ୍ଣିତ। ଏଥିରେ ଥିବା ଓଡ଼ିଆ ଭାଷାର ସ୍ୱରୂପ ଜାଣିବା ପାଇଁ ଏଥିରୁ ଗ୍ରାମର ସୀମା ନିର୍ଦ୍ଦେଶ କରାଯାଇଥିବା କେତେକ ପଙ୍କ୍ତି ଉଦ୍ଧାର କରାଯାଉ।

୧୫। ମହାସେନାପତିର ସୀମାକଲା– ପ୍ରମାଣେ / ଅସ୍ୟ ଗ୍ରାମସ୍ୟ ପୂର୍ବସୀମା / ମଲାଏ ଗ୍ରାମର।

୧୬। କପିଳେଶ୍ୱର ଦେବଙ୍କର ଦେଉଳର ପଶ୍ଚିମ ବିବାଦ ସୋଲଦଣ୍ଡାର ବଡ଼ କଙ୍କଡ଼ା ଦଣ୍ଡାର।

୧୭। ଅର୍ଦ୍ଧ ଆଦିକରି ଆତଲ ଗ୍ରାମର ସୋଲଡୁଇର ପଶ୍ଚିମ ସାର୍ଧ କଙ୍କଡ଼ାଲୁଣ୍ଡାଦଣ୍ଡାର ଅ–

୧୮। ର୍ଦ୍ଧ ଚୁଆପାଡ଼ିଗ୍ରାମର ଅନାଇ ବୃକ୍ଷ ଭୂଇଂର ଚଉର ଦଣ୍ଡା ଅର୍ଦ୍ଧ ପର୍ଯ୍ୟନ୍ତ ସୀମାନମାଦି... ଇତ୍ୟାଦି।

*(E.O.L. & S., p.237)*

ଏହି ରାଜାଙ୍କ ଅମଳର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଲେଖ ହେଉଛି ୧୩୯୪ ଖ୍ରୀଷ୍ଟାବ୍ଦରେ ଯାଜପୁର ସିଦ୍ଧେଶ୍ୱର ମନ୍ଦିରସ୍ଥ ଏକ ସ୍ତମ୍ଭରେ ଖୋଦିତ ଅଭିଲେଖ। ଏହାର ଲିପି ପ୍ରାଚୀନ ଓଡ଼ିଆ। ଏହାର ବିଷୟବସ୍ତୁରୁ ଜଣାଯାଏ ଯେ ରାଆଙ୍ଗ ବିଷୟର ଭୈମଗ୍ରାମ ନାମକ ଏକ ଗ୍ରାମର କେକେତାଂଶ ଦାନ କରାଯାଇଛି। ଏହାର ପାଠ ଏହିପରି– "(ବୀର) ଶ୍ରୀ ନରସାଂଘ (ଦେ)ଦବ (ଙ)କଂ ବୀ (ଜେରା)ଜେ ସମଥୁ ୧୯ ସ୍ରାହି କକଡ଼ା କୀଷ ୧୪ ଚନ୍ଦ୍ରବାରେ ଚତୁରୁଦିଗେ ଦଣ୍ଡ ପରୀକ୍ଷା ଶ୍ରିକ୍ର (ଣ) ପଟନାୟଏଙ୍କ ବିସନାଥ ମାହାସେନାପ୍ତୀଙ୍କ ଦଣ୍ଡପରୀକ୍ଷା (ପ୍ର) ଭ୍ରୁବ ଦୀଗଦଣ୍ଡ ନାୟକ ନନ୍ଦୀକେସ୍ୱର ସନିମୀଗ୍ରଙ୍କ ବେହୋରଣେ ଏ ଦଣ୍ଡପାଟର

ପସା(ଇ)ତ ମୁଦୁଲି କୋଠକୁଣ ଭାଗଲୋକ। ସମସ୍ତ ବେହୋରଣ ଅନୁମତେ ରାଆଙ୍ଗଦୀଷେ ଭୂଙ୍ଗ ଗ୍ରାମ ଗ୍ରାମ ଜୀତ ମାଡ଼ ତା୫୦ସକୁ ବି ଓହୋଗୁ ପାଉକା ପାଇକା ଭେଟା ବୋଦାପରିଦରସନା ଜାବତ ଅବଦାନ ନାସ୍ତିକରି ବୀରସୀଙ୍ଘଦେବ୍‌ଙ୍କ କୁଆ (ଆ ସକା) ମାର୍ଥେ ସିଧେସର ଦେବ ହା ଜେ ହରଇ ଦ୍ରେହୋ କରଇ।" *(Epigraphia Indica,* Vol. XXX)

ଏହି ଶିଳାଲେଖଟି ପ୍ରାଚୀନ ଓଡ଼ିଆ ଲିପିରେ ଓ କ୍ରମବିକଶିତ ଓଡ଼ିଆ ଭାଷାରେ ଲିଖିତ।

**୧.୩.- ଲିଖିତ ସାହିତ୍ୟ :**

ପ୍ରତ୍ୟେକ ଭାରତୀୟ ସାହିତ୍ୟର ଉନ୍ମେଷ ଓ ବିକାଶ ଘଟିଛି ଧର୍ମ ଓ ଆଧାତ୍ମିକତାକୁ ଭିତ୍ତିକରି। ତେଣୁ ଅଧାତ୍ମଚେତନା ଓ ଧର୍ମପ୍ରାଣତା ପ୍ରାଚୀନ ଓଡ଼ିଆ ସାହିତ୍ୟସ୍ରୋତକୁ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ନିୟନ୍ତ୍ରିତ ମଧ୍ୟ କରିଛି। ପ୍ରାକ୍‌ସାରଳା ଯୁଗରେ ଯେଉଁ ଲିଖିତ ସାହିତ୍ୟ ଆମ ଦୃଷ୍ଟିକୁ ଆସିଛି, ତାହା ହେଉଛି ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ରଚିତ ବୌଦ୍ଧ ସହଜିୟା ସିଦ୍ଧମାନଙ୍କଦ୍ୱାରା ରଚିତ ଚର୍ଯ୍ୟାସାହିତ୍ୟ ବା ସିଦ୍ଧସାହିତ୍ୟ।

**୧.୩.୧.- ଚର୍ଯ୍ୟାସାହିତ୍ୟ :**

ଚର୍ଯ୍ୟାସାହିତ୍ୟ କହିଲେ ଚର୍ଯ୍ୟାଗୀତି ଓ ଦୋହାକୁ ବୁଝାଏ। ଚର୍ଯ୍ୟାପଦ ବା ବୌଦ୍ଧଗାନ ଚର୍ଯ୍ୟାଗୀତିର ଅନ୍ୟ ନାମ। ଚର୍ଯ୍ୟାସାହିତ୍ୟକୁ ପ୍ରଥମେ ଲୋକଲୋଚନକୁ ଆଣିଲେ ବଙ୍ଗଳାର ବିଖ୍ୟାତ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ। ୧୯୦୭ ଖ୍ରୀଷ୍ଟାବ୍ଦରେ ସେ ନେପାଳ ଦରବାରର ପୋଥିଶାଳାରୁ 'ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ', ସରହପାଦଙ୍କ 'ଦୋହାକୋଷ', କାହ୍ନୁପାଦଙ୍କ 'ଦୋହାକୋଷ' ଓ ଡାକାର୍ଣ୍ଣବ ନାମରେ ଚାରିଟି ପୋଥି ପାଇଥିଲେ। ସେହି ଚାରିଟି ପୋଥିକୁ ସେ ନିଜ ସଂପାଦନାରେ ପ୍ରକାଶ କଲେ ୧୯୧୬ ଖ୍ରୀଷ୍ଟାବ୍ଦରେ ଏବଂ ତାହାର ନାମ ରଖିଥିଲେ 'ବୌଦ୍ଧଗାନ ଓ ଦୋହା'। ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ' ପୋଥିରେ ଥିଲା ୫୦ଟି ଚର୍ଯ୍ୟାଗୀତି।

**୧.୩.୨.- ଚର୍ଯ୍ୟାଗୀତିର ସଂଜ୍ଞା ଓ ସ୍ୱରୂପ :**

'ଚର୍ଯ୍ୟା' ଶବ୍ଦ ଚର୍ ଧାତୁରୁ ନିଷ୍ପନ୍ନ ଏବଂ ଏକାଧିକ ଅର୍ଥରେ ବ୍ୟବହୃତ। ତନ୍ମଧ୍ୟରୁ ଆଚରଣ (conduct, rules of conduct), ବିଧି ବା ଆଚାର ପାଳନ (observance of rules and customs), ବ୍ରତ ବା ଧର୍ମକାର୍ଯ୍ୟ କରଣ (practice of religions austerities) ଇତ୍ୟାଦି କେତୋଟି ଆଲୋଚ୍ୟ କ୍ଷେତ୍ରରେ ପ୍ରାସଙ୍ଗିକ। କିନ୍ତୁ ସାଧାରଣ 'ଆଚରଣ' କହିଲେ ଯାହା ବୁଝାଯାଏ, ଏ 'ଆଚରଣ' ତାହା ନୁହେଁ– ଏହା ଯୋଗସାଧନ ପଦ୍ଧତି ସଂପର୍କିତ ଆଚରଣ। ସଂସ୍କୃତ ଟୀକାରେ ମଧ୍ୟ ଏହି ଅର୍ଥରେ 'ଚର୍ଯ୍ୟା' ଶବ୍ଦଟିର ବହୁଳ ବ୍ୟବହାର ଦେଖାଯାଏ। ଟୀକାରେ 'କାପାଳିକ' ଶବ୍ଦର ପ୍ରତିଶବ୍ଦ ହିସାବରେ 'ଚର୍ଯ୍ୟାଧାର' ଶବ୍ଦକୁ ଗ୍ରହଣ କରାଯାଇଛି। ଏଥିରୁ ସ୍ପଷ୍ଟ ହୁଏ ଯେ, ବୌଦ୍ଧ-ସହଜିୟା ସାଧକମାନଙ୍କ ଆଚରଣୀୟ ବିଧି ହେଉଛି 'ଚର୍ଯ୍ୟା' ଓ ଯେଉଁ ଗୀତିରେ ଏହା ପ୍ରତିଫଳିତ ତାହାର ନାମ 'ଚର୍ଯ୍ୟାଗୀତି'।

ଆଙ୍ଗିକ ଗଠନରୀତି ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ୬ଟି ଗୀତି ବ୍ୟତୀତ ଆଲୋଚ୍ୟ ସମସ୍ତ ଚର୍ଯ୍ୟାଗୀତି ୧୦ ପାଦଯୁକ୍ତ। ଏହି ୬ଟି ମଧ୍ୟରୁ ୩ଟି (ସଂଖ୍ୟା- ୧୦, ୨୮ ଓ ୫୦) ଚଉଦପାଦ ବିଶିଷ୍ଟ; ୨ଟି (ସଂଖ୍ୟା- ୨୧ ଓ ୨୨) ୧୨ପାଦ ବିଶିଷ୍ଟ ଓ ଗୋଟିଏ (ସଂଖ୍ୟା-୪୩) ୮ପାଦ ବିଶିଷ୍ଟ। ଏହି ପଦଟି ଧ୍ରୁବପଦ ଚର୍ଯ୍ୟାଗୀତିର ଏକ ବିଶିଷ୍ଟ ଅଙ୍ଗ। ଗୀତିରେ ଯେଉଁ ପଦଟି ବାରମ୍ବାର ଆବୃତ୍ତି କରାଯାଏ, ତାହାହିଁ ଧ୍ରୁବପଦ। ପ୍ରତ୍ୟେକ ଗୀତିର ପ୍ରଥମ ଦୁଇ ପଙ୍‌କ୍ତିକୁ ୧ମ ପଦ ଭାବରେ ଗ୍ରହଣ କରାଯାଇ ୨ୟ ପଦଟିକୁ ଧ୍ରୁବପଦ ଭାବରେ ଗ୍ରହଣ କରାଯାଇଛି ଏବଂ ଏହାକୁ ପଦସଂଖ୍ୟା ହିସାବରୁ ବାଦ ଦିଆଯାଇଛି। ପରବର୍ତ୍ତୀ ପଦଗୁଡ଼ିକୁ ୨ୟ, ୩ୟ, ୪ର୍ଥ ଇତ୍ୟାଦି ଭାବରେ ଗ୍ରହଣ କରାଯାଇ ଏଗୁଡ଼ିକୁ ମଧ୍ୟ 'ଧ୍ରୁ' ଭାବରେ ବା ଧ୍ରୁବପଦ ଭାବରେ

ଚିହ୍ନିତ କରାଯାଇଛି । ଏହାର ଅର୍ଥ ୧ମ ପଦ ବ୍ୟତୀତ ଅନ୍ୟ ପଦଗୁଡ଼ିକ ଧ୍ରୁବପଦ । କିନ୍ତୁ ସଂସ୍କୃତ ଟୀକାରେ କେବଳ ୩ୟ ଓ ୪ର୍ଥ ପଙ୍‌କ୍ତି ଦ୍ୱୟକୁ ଧ୍ରୁବପଦ ଭାବରେ ଚିହ୍ନିତ କରାଯାଇଛି, ଅନ୍ୟ ପଦଗୁଡ଼ିକ ନୁହେଁ । ସେ ଯାହାହେଉ, ପଦସଂଖ୍ୟା ଚିହ୍ନିତ ନଥିବା ଓ ଭଣିତାଯୁକ୍ତ ହୋଇଥିବା ପଦଟି (୩ୟ ଓ ୪ର୍ଥ ଧାଡ଼ି) ଧ୍ରୁବପଦ ରୂପେ ଗଣ୍ୟ ହେବା ଅଧିକ ସମୀଚୀନ ମନେହୁଏ । ଏ ଦୃଷ୍ଟିରୁ ଏହା ଅନ୍ୟପଦ ଅପେକ୍ଷା ମହତ୍ତ୍ୱପୂର୍ଣ୍ଣ ।

**୧.୩.୩.- ଚର୍ଯ୍ୟାଗୀତିର ସଂସ୍କୃତ ଟୀକା :**

ନେପାଳ ଦରବାର ପୋଥିଶାଳାରୁ ୧୯୦୭ ଖ୍ରୀଷ୍ଟାବ୍ଦରେ ଆବିଷ୍କୃତ ଓ ୧୯୧୬ ଖ୍ରୀଷ୍ଟାବ୍ଦରେ 'ବୌଦ୍ଧଗାନ ଓ ଦୋହା' ନାମରେ ପ୍ରକାଶିତ ଚର୍ଯ୍ୟାଗୀତିସମ୍ବଳିତ 'ଚର୍ଯ୍ୟାଚର୍ଯ୍ୟବିନିଶ୍ଚୟ' ସହିତ ସଂସ୍କୃତ ସଂଯୁକ୍ତ ଥିବାର ଦେଖାଯାଏ । ଆଶ୍ଚର୍ଯ୍ୟର କଥା, ପ୍ରାନ୍ତୀୟ ଭାଷାରେ ଲିଖିତ ଏହି ଚର୍ଯ୍ୟାଗୀତିଗୁଡ଼ିକ ସେସମୟର ସଂସ୍କୃତ ଟୀକାକାରମାନଙ୍କୁ ପ୍ରଭାବିତ କରିଥିଲା । ଶ୍ରୀଯୁକ୍ତ ଶାସ୍ତ୍ରୀ ପାଇଥିବା ପୋଥିର ପୁଷ୍ପିକା ଅଂଶଟି ନଷ୍ଟ ହୋଇଯାଇଥିବାରୁ ଟୀକାକାରଙ୍କ ନାମ ଓ ପରିଚୟ ମିଳି ନ ଥିଲା । ପରେ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚୀ ଏହାର ଏକ ତିବ୍ବତୀ ଅନୁବାଦ ଆବିଷ୍କାର କଲେ ଯାହାର ନାମ 'ଚର୍ଯ୍ୟାଗୀତିକୋଷବୃତ୍ତିନାମ' । ସେହି ପୋଥିର ପୁଷ୍ପିକାରୁ ଜଣାଗଲା ଯେ ସଂସ୍କୃତ ଟୀକାକାରଙ୍କ ନାମ ମୁନିଦତ୍ତ । ସେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରେ ଜୀବିତ ଥିଲେ । ତାଙ୍କ ଟୀକାର ନାମ 'ନିର୍ମଳଗିରାଟୀକା' ।

**୧.୩.୪.- ଚର୍ଯ୍ୟାଗୀତିର ରଚୟିତା :**

ଆଲୋଚ୍ୟ ପୋଥିରେ ସ୍ଥାନ ପାଇଥିବା ୫୦ଟି ଗୀତିକୁ ରଚନା କରିଛନ୍ତି ୨୩ ଜଣ କବି । ସେମାନଙ୍କ ମଧ୍ୟରେ ସର୍ବାଧିକ ଗୀତି ରଚନା କରିଛନ୍ତି କାହ୍ନୁପାଦ । ତାଙ୍କ ରଚିତ ଗୀତିଗୁଡ଼ିକର ସଂଖ୍ୟା ୧୩ । ଏହି କବିମାନଙ୍କ ନାମ ସହିତ ସେମାନେ ରଚନା କରିଥିବା ଗୀତିଗୁଡ଼ିକର କ୍ରମିକ ସଂଖ୍ୟା ଏଠାରେ ପ୍ରଦାନ କରାଯାଇପାରେ–

(୧) ଲୁଇପାଦ- ୧ ଓ ୨୯, (୨) କାହ୍ନୁପାଦ ୭, ୯, ୧୦, ୧୧, ୧୨, ୧୩, ୧୮, ୧୯, ୨୪, ୩୬, ୪୦ ଓ ୪୫, (୩) ସହଜପାଦ- ୨୨, ୩୨, ୩୮ ଓ ୩୯, (୪) ଶବରୀପାଦ- ୨୮ ଓ ୫୦, (୫) ଭୁସୁକୁପାଦ- ୬, ୨୧, ୨୩, ୨୭, ୩୦, ୪୧ ଓ ୪୯, (୬) ଶାନ୍ତିପାଦ ୧୫ ଓ ୨୬, (୭) କୁକ୍‌କୁରୀପାଦ- ୨, ୨୦ ଓ ୪୮, (୮) ଗୁଣ୍ଡୁରୀପାଦ- ୪, (୯) ଆର୍ଯ୍ୟପାଦ- ୩୧, (୧୦) ବୀଣାପାଦ- ୧୭, (୧୧) ଦାରୀକପାଦ- ୩୪, (୧୨) ଡୋମ୍ବୀପାଦ- ୧୪, (୧୩) ମହୀଧରପାଦ- ୧୬, (୧୪) କଙ୍କଣପାଦ- ୪୪, (୧୫) କମ୍ବଳପାଦ- ୮, (୧୬) ଜୟନନ୍ଦୀପାଦ- ୪୬, (୧୭) ଶଡ଼କପାଦ- ୩୬, (୧୮) ତାନ୍ତିପାଦ- ୨୫, (୧୯) ଭାଦେପାଦ- ୩୫, (୨୦) ଧାମପାଦ- ୪୭, (୨୧) ବିରୁବାପାଦ- ୩, (୨୨) ଚାଟିଲ୍ଲପାଦ- ୫ ଏବଂ (୨୩) ଢେଣ୍ଢଣପାଦ- ୩୩ ।

ଏହି କବିମାନେ ଥିଲେ ସିଦ୍ଧ ଆଚାର୍ଯ୍ୟ । ଏମାନେ ସମସ୍ତେ ଥିଲେ ଚଉରାଶୀ ସିଦ୍ଧଗୋଷ୍ଠୀର ଅନ୍ତର୍ଭୁକ୍ତ । ଏମାନଙ୍କ ନାମ ଶେଷରେ 'ପା' ବା 'ପାଦ' ଶବ୍ଦ ପ୍ରଯୁକ୍ତ ହୋଇଥାଏ । 'ପା' ଶବ୍ଦ 'ପାଦ' ଶବ୍ଦର ଅପଭ୍ରଂଶରେ ନିଷ୍ପନ୍ନ । ଏହି ଶବ୍ଦଦ୍ୱୟ ସମ୍ମାନସୂଚକ । କାହ୍ନୁପାଦ, ଲୁଇପାଦ ବା କାହ୍ନୁପା, ଲୁଇପା କହିଲେ ମହାମାନ୍ୟ କାହ୍ନୁ, ମହାମାନ୍ୟ ଲୁଇ ବୋଲି ବୁଝାଯାଏ ।

**୧.୩.୫.- କେତେଜଣ ଚର୍ଯ୍ୟାକାରଙ୍କ ପରିଚୟ :**

ଲୁଇପା– ଅଧିକାଂଶ ତାନ୍ତ୍ରିକ ପରମ୍ପରାରେ ଲୁଇପାଦ ପ୍ରଥମ ସିଦ୍ଧାଚାର୍ଯ୍ୟ । 'ପାଗ୍ ସାମ୍ ଜୋନ୍ କାଙ୍' ଅନୁସାରେ ସେ ଉଡ଼୍‌ଡୀୟାନର ଏକ କୈବର୍ତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଓ ଉଡ଼୍‌ଡୀୟାନର ରାଜାଙ୍କଦ୍ୱାରା ଲିପିକାର ଭାବରେ ନିଯୁକ୍ତ

ହୋଇଥିଲେ। ସେତେବେଳେ ତାଙ୍କର ନାମ ଥିଲା ସାମନ୍ତଶୁଭ; ମାତ୍ର ତାରନାଥଙ୍କ ବିବରଣୀରେ ସେ ଉଡ୍ଡୀୟାନର ପଶ୍ଚିମାଞ୍ଚଳରେ ରାଜା ସାମନ୍ତଶୁଭଙ୍କ ଦରବାରରେ ଲେଖକ ଭାବରେ କାର୍ଯ୍ୟ କରୁଥିଲେ। ସେ ଶବରୀପାଦଙ୍କ ଶିଷ୍ୟ ଥିଲେ ଓ ମହାଯୋଗେଶ୍ୱର ଭାବରେ ଖ୍ୟାତ ଥିଲେ। ଦୀକ୍ଷା ଗ୍ରହଣ କରିବା ପରେ ଲୁଇପା ବଙ୍ଗଳାକୁ ଯାଇ ଗଙ୍ଗାନଦୀ କୂଳରେ ବଜ୍ରବାରାହୀ ମନ୍ତ୍ର ଜପ କଲେ। କିଛି ମତ୍ସ୍ୟ ଭକ୍ଷଣ କରିବାପରେ ସେ ସାଧନାରେ ସିଦ୍ଧିଲାଭ କଲେ।

ଲୁଇପାଦଙ୍କ କାଳ ନିର୍ଣ୍ଣୟ ସମ୍ପର୍କରେ ପଣ୍ଡିତଗଣ ସହମତ ନୁହନ୍ତି। ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ ତାଙ୍କୁ ୬୬୯ ଖ୍ରୀଷ୍ଟାବ୍ଦରେ ଅବସ୍ଥାପିତ କରନ୍ତି; କିନ୍ତୁ ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନଙ୍କ ଅନୁସାରେ ସେ ଖ୍ୟାତି ଅର୍ଜନ କରିଥିଲେ ୭୬୯-୮୦୯ ଖ୍ରୀଷ୍ଟାବ୍ଦରେ। ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚୀ ଲୁଇପାଙ୍କୁ ଦଶମ ଶତାବ୍ଦୀର ସିଦ୍ଧ ହିସାବରେ ଗ୍ରହଣ କରନ୍ତି।

ଜଣେ ବିଶିଷ୍ଟ ତନ୍ତ୍ରଯାନୀ ସିଦ୍ଧ ହୋଇଥିବାରୁ 'ଲୁଇପାଙ୍କ ନାମରେ ତେଙ୍ଗୁର ତାଲିକାରେ ମିଳୁଥିବା ସକଳ ଗ୍ରନ୍ଥ ତାନ୍ତ୍ରିକ-ବୌଦ୍ଧଧର୍ମ ଦର୍ଶନ-ପ୍ରଖ୍ୟାପକ। 'ଦୋହାକୋଷ' ବ୍ୟତୀତ ତାଙ୍କଦ୍ୱାରା ରଚିତ 'ଶ୍ରୀଭଗବଦ୍‌ଭିସମୟ', 'ଅଭିସମୟବିଭଙ୍ଗ', 'ବୁଦ୍ଧୋଦୟ', 'ବଜ୍ରସତ୍ତ୍ୱସାଧନ' ପ୍ରଭୃତି ଗ୍ରନ୍ଥଗୁଡ଼ିକର ସନ୍ଧାନ ମିଳେ। ଚର୍ଯ୍ୟାଗୀତିକୋଷସ୍ଥ ୧ମ ଓ ୨୯ଶ ଚର୍ଯ୍ୟାଦ୍ୱୟ ଲୁଇପାଙ୍କ ରଚନା।

ଶବରୀପା– ଶବରୀପା ଶବରପା ନାମରେ ମଧ୍ୟ ଖ୍ୟାତ। ସେ ଜାତିରେ ଶବର ଥିବାରୁ ତାଙ୍କର ଏପରି ନାମକରଣ ବୋଧହୁଏ ହୋଇଅଛି। ସେ ନିଜର ଦୁଇ ପତ୍ନୀ ଲୋକୀ ଓ ଗୁଣୀଙ୍କ ସହିତ ସିଦ୍ଧାଚାର୍ଯ୍ୟ ନାଗାର୍ଜ୍ଜୁନଙ୍କ ଦ୍ୱାରା ମନ୍ତ୍ରଯାନରେ ଦୀକ୍ଷିତ ହୋଇଥିଲେ। ଲୋକୀ ଓ ଗୁଣୀଙ୍କ ଚର୍ଯ୍ୟାନାମ ଥିଲା ପଦ୍ମାବତୀ ଓ ଜ୍ଞାନବତୀ। କଥିତ ଅଛି ଯେ, ସେ ଦୁହେଁ ଶବରୀପାଦଙ୍କର ସହୋଦରା ଭଗ୍ନୀ ଥିଲେ ଏବଂ ସ୍ୱଭଗ୍ନୀମାନଙ୍କୁ ମୁଦ୍ରାରୂପେ ଗ୍ରହଣ କରିଥିବାରୁ ସେ ସମାଜରେ ନିନ୍ଦିତ ହୋଇଥିଲେ। ଦୀକ୍ଷା ଗ୍ରହଣ କରିବା ପରେ ସେ ନିଜ ଗୁରୁଙ୍କ ସାଧନାପୀଠ ଶ୍ରୀପର୍ବତରେ ସାଧନାରତ ଥିଲେ। ତାରନାଥଙ୍କ ବିବରଣୀ ଅନୁସାରେ ସେ ପୂର୍ବଭାରତର ଏକ ନୃତ୍ୟ ରଚନାକାରୀ ଜାତିର ଲୋକ ଥିଲେ। 'ପାଗ୍ ସାମ୍ ଜୋନ୍ ଜାଙ୍' ଅନୁସାରେ ସେ ବଙ୍ଗଳାର ଶବର ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ। ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ ତାଙ୍କୁ ଜାତିରେ କ୍ଷତ୍ରିୟ ଭାବରେ ଓ ବିକ୍ରମଶୀଳାର ଅଧିବାସୀ ହିସାବରେ ଗ୍ରହଣ କରିଛନ୍ତି। ତାଙ୍କର ଯୋଗୀପା ଓ ସର୍ବଭକ୍ଷପା ନାମରେ ଦୁଇଜଣ ଶିଷ୍ୟ ଥିଲେ।

ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ ଶବରୀପାଙ୍କ ସମୟ ନିର୍ଦ୍ଦିଷ୍ଟ କରିଛନ୍ତି ୬୫୭ ଖ୍ରୀଷ୍ଟାବ୍ଦ। ମାତ୍ର ସାଂକୃତ୍ୟାୟନ ତାଙ୍କୁ ରାଜା ଧର୍ମପାଳ (୭୭୯-୮୦୯) ଖ୍ରୀଷ୍ଟାବ୍ଦ)ଙ୍କ ସମସାମୟିକ ଭାବରେ ଗ୍ରହଣ କରନ୍ତି।

ଶବରୀପା ଜଣେ ବିଶିଷ୍ଟ ପଣ୍ଡିତ ଥିଲେ। ତାଙ୍ଗୁର ତାଲିକାରେ ତାଙ୍କ ନାମରେ ଦଶଗୋଟି ବଜ୍ରଯାନୀ ଶାସ୍ତ୍ରର ଉଲ୍ଲେଖ ଅଛି। ଉଡ୍ଡୀୟାନରେ ପୂଜିତା ଦେବୀ କୁରୁକୁଲ୍ଲାଙ୍କ ସମ୍ବନ୍ଧରେ ମଧ୍ୟ ସେ ଏକ ସାଧନ ରଚନା କରିଥିଲେ। ଚର୍ଯ୍ୟାଗୀତିକୋଷସ୍ଥ ୨୮ ଓ ୫୦ ସଂଖ୍ୟକ ଚର୍ଯ୍ୟାଗୀତିଦ୍ୱୟ ତାଙ୍କ ଦ୍ୱାରା ରଚିତ।

ସରହପା– ତିବ୍ବତୀୟ ତାଙ୍ଗୁର ଗ୍ରନ୍ଥାନୁସାରେ ସରହପା ଉଡ୍ଡୀୟାନ ବା ଓଡ଼ିଶାର ଅଧିବାସୀ ଥିଲେ। ସେ ଓଡ଼ିଭିସା ଓ ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ଜଣାଯାଏ ତାରନାଥଙ୍କ ବିବରଣୀରୁ। 'ପାଗ୍ ସାମ୍ ଜୋନ୍ ଜାଙ୍' ଗ୍ରନ୍ଥ ଅନୁସାରେ ସେ ପୂର୍ବାଞ୍ଚଳରେ ରାଜ୍ଞୀ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଜଣେ ବ୍ରାହ୍ମଣ ଓ ମାତା ଥିଲେ ଜଣେ ଡାକିଣୀ। ସେ ସେତେବେଳେ ରାହୁଲଭଦ୍ର, ରାହୁଲଶୁଚି, ସରୋଜବଜ୍ର ବା ପଦ୍ମବଜ୍ର ନାମରେ ପରିଚିତ ଥିଲେ। ସେ ବୌଦ୍ଧଶାସ୍ତ୍ର ଓ ବ୍ରାହ୍ମଣ୍ୟଶାସ୍ତ୍ର ଉଭୟରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଚୋବେସୁକଞ୍ଚ ନାମକ ଓଡ଼ିଶାର ଜନୈକ ରାଜାଙ୍କଦ୍ୱାରା ସେ ଦୀକ୍ଷିତ ହୋଇଥିଲେ। ନିଜର ଅଲୌକିକ ଶକ୍ତିବଳରେ ସେ ରାଜା ରତ୍ନପାଳ ଓ ତାଙ୍କର ବ୍ରାହ୍ମଣ ମନ୍ତ୍ରୀଙ୍କୁ ମନ୍ତ୍ରଯାନରେ ଦୀକ୍ଷିତ କରାଇ ପାରିଥିଲେ।

ସରହପା କିଛିଦିନ ପାଇଁ ନାଳନ୍ଦାରେ ଶିକ୍ଷାଦାନ କରିଥିଲେ । ସେ ମହାରାଷ୍ଟ୍ରକୁ ଯାଇ ସେଠାରେ ଜଣେ ଶରନିର୍ମାତାଙ୍କ କନ୍ୟାର ସାହଚର୍ଯ୍ୟରେ ସିଦ୍ଧିପ୍ରାପ୍ତ ହୋଇଥିଲେ । ସର୍ବଦା ଶରହସ୍ତ ହୋଇ ଭ୍ରମଣ କରୁଥିବାରୁ, ସେ ସରହପା ନାମରେ ପରିଚିତ ଥିଲେ ବୋଲି କେହି କେହି ଅନୁମାନ କରନ୍ତି । ସେ ସଂସ୍କୃତରେ ଜଣେ ବିଶିଷ୍ଟ ପଦକର୍ତ୍ତା ଏବଂ ତାଙ୍କର ଅନ୍ୟୂନ ୨୫ଟି ତାନ୍ତ୍ରିକ ଗ୍ରନ୍ଥ ତିବ୍ବତୀ ଭାଷାରେ ଅନୂଦିତ ହୋଇ ତାଞ୍ଜୁରରେ ସ୍ଥାନିତ ।

ସିଦ୍ଧ ସରହପାଙ୍କୁ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଅବସ୍ଥାପିତ କରାଯାଇପାରେ । କାରଣ ନାଗାର୍ଜ୍ଜୁନ ନାମକ ତାଙ୍କର ଜଣେ ଶିଷ୍ୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ବିଖ୍ୟାତ ଥିଲେ । ଏହି ନାଗାର୍ଜ୍ଜୁନ ୨ୟ ଶତାବ୍ଦୀର ବିଶିଷ୍ଟ ମହାଯାନୀ ଦାର୍ଶନିକ ନାଗାର୍ଜ୍ଜୁନଙ୍କଠାରୁ ଭିନ୍ନ । ସେ ତାନ୍ତ୍ରିକ ନାଗାର୍ଜ୍ଜୁନ ଭାବରେ ମଧ୍ୟ ପରିଚିତ । ସେ ଦକ୍ଷିଣ ଭାରତରେ ଅବସ୍ଥିତ ଶ୍ରୀପର୍ବତକୁ ନିଜର ସାଧନାପୀଠ ଭାବରେ ଗ୍ରହଣ କରି ନେଇଥିବାରୁ, ଏହା ପରବର୍ତ୍ତୀ କାଳରେ ନାଗାର୍ଜ୍ଜୁନକୋଣ୍ଡା ନାମ ଗ୍ରହଣ କରିଥିବା ଅନୁମିତ ହୁଏ । 'ଚର୍ଯ୍ୟାଗୀତି କୋଷ'ରେ ସଂକଳିତ ୨୨, ୩୨, ୩୮ ଓ ୩୯ ସଂଖ୍ୟାକ ଚର୍ଯ୍ୟାଗୀତିଗୁଡ଼ିକ ତାଙ୍କଦ୍ୱାରା ରଚିତ ।

**କାହ୍ନୁପା–** ସିଦ୍ଧାଚାର୍ଯ୍ୟ କାହ୍ନୁପା, କୃଷ୍ଣାଚାର୍ଯ୍ୟ ବା କୃଷ୍ଣପାଦ ଥିଲେ ସିଦ୍ଧାଚାର୍ଯ୍ୟ ଜାଳନ୍ଧରୀପାଦଙ୍କ ଶିଷ୍ୟ । ସେ ଓଡ଼ିଶାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ପଣ୍ଡିତଗଣ ସିଦ୍ଧସାହିତ୍ୟର ରଚକ ଭାବରେ ଏକାଧିକ କାହ୍ନୁପାଙ୍କର ସନ୍ଧାନ ପାଆନ୍ତି । 'ପାଗ୍ ସାମ୍ ଜୋନ୍ ଜାଙ୍'ରେ ତିନିଜଣ କାହ୍ନୁଙ୍କର ଉଲ୍ଲେଖ ଅଛି । ସେଥିମଧ୍ୟରୁ ଜଣେ ଓଡ଼ିଶାବାସୀ ଓ ବ୍ରାହ୍ମଣକୁଳସମ୍ଭୂତ ଓ ଜାଳନ୍ଧରୀପାଦଙ୍କ ଶିଷ୍ୟ ବୋଲି କୁହାଯାଇଛି । ତେଙ୍ଗୁରରେ ଚାରିଜଣ କାହ୍ନୁପାଦ ବା କୃଷ୍ଣାଚାର୍ଯ୍ୟ ଥିବା କଥା ହରପ୍ରସାଦ ଶାସ୍ତ୍ରୀ ପ୍ରକାଶ କରନ୍ତି । ଏହି ନାମରେ ଏକାଧିକ ସିଦ୍ଧ ଥାଇପାରନ୍ତି; ମାତ୍ର କବିତ୍ୱ ଓ ପାଣ୍ଡିତ୍ୟରେ ସର୍ବୋଚ୍ଚ ଆସନ ଲାଭ କରିଥିବା କାହ୍ନୁପାଦ ଯେ ଓଡ଼ିଆ ଥିଲେ, ତାହା ଅତି ସହଜରେ ପ୍ରମାଣିତ କରାଯାଇପାରିବ ତାଙ୍କ ରଚିତ ଚର୍ଯ୍ୟା ଓ ଦୋହାଗୁଡ଼ିକର ଭାଷାତାତ୍ତ୍ୱିକ ଆଲୋଚନା କାଳରେ ।

ତିବ୍ବତୀୟ ଗ୍ରନ୍ଥମାନଙ୍କରେ ତାଙ୍କ ଜୀବନୀ ସମ୍ପର୍କରେ ଅନେକ କୌତୂହଳପୂର୍ଣ୍ଣ କାହାଣୀ ରହିଅଛି । ସେଥିମଧ୍ୟରୁ ଗୋଟିଏ ହେଉଛି– ରାଜା ଦେବପାଳଙ୍କ ନିର୍ମିତ ସୋମପୁରୀ ବିହାରରେ ଗୁରୁ ଜାଳନ୍ଧରୀପାଦ କାହ୍ନୁପାଙ୍କ ଅଭିଷେକ ଶେଷ କରିବାପରେ କାହ୍ନୁପା ଅନେକ ଅଲୌକିକ କାର୍ଯ୍ୟରେ ସିଦ୍ଧିଲାଭ କଲେ । ତାପରେ ସେ ଲଙ୍କାପୁରୀ ଅଭିମୁଖେ ଯାତ୍ରାକଲେ । ପଥ ମଧ୍ୟରେ ତାଙ୍କ ମନରେ ଅହଂଭାବ ଜାତ ହେବାରୁ ସେ ସମୁଦ୍ର ମଧ୍ୟରେ ନିମଜ୍ଜିତ ହେଲେ । ଗୁରୁ ଜାଳନ୍ଧରୀପାଦ ତାଙ୍କୁ ଏହି ବିପଦରୁ ରକ୍ଷା କଲେ । ଗୁରୁଙ୍କ ନିର୍ଦ୍ଦେଶାନୁସାରେ ସେ ଗୁରୁଙ୍କ ଅନ୍ୟତମ ଶିଷ୍ୟ ତନ୍ତିପାଙ୍କ ଆଚରଣ ଅନୁସରଣ କଲେ । ତନ୍ତିପାଙ୍କ ସଙ୍ଗରେ ଅନେକ ଘୃଣିତ କାର୍ଯ୍ୟରେ ଲିପ୍ତ ରହିବା ପରେ ସେ ସିଦ୍ଧିଲାଭ କଲେ । ତା'ପରେ ଏକ ଆମ୍ର ବଗିଚାରେ ଜଣେ ରକ୍ଷିତା ରମଣୀ ଉପରେ ସେ ନିଜ ସାଧନାଶକ୍ତି ପ୍ରୟୋଗ କଲେ । ଏହାର ଫଳ ଅଶୁଭ ହେବାରୁ ସେ ଜନସାଧାରଣରେ ନିନ୍ଦିତ ହେଲେ । ସାଧନାବଳରେ ଏହି ରମଣୀକୁ ସେ ସିଦ୍ଧ କଲେ । ମାତ୍ର ମନ୍ତ୍ରର କୁପ୍ରଭାବ ଫଳରେ ସେ ପୀଡ଼ିତ ହେଲେ । ତା'ପରେ ଗୁରୁଙ୍କ ନିର୍ଦ୍ଦେଶମତେ ବଜ୍ରବାରାହୀ-ମନ୍ତ୍ର ଜପକରି ପୀଡ଼ାମୁକ୍ତ ହେଲେ ।

ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ କାହ୍ନୁପାଙ୍କୁ ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗରେ ଅବସ୍ଥାପିତ କରନ୍ତି । ଏହି ସମୟରେ ତାଙ୍କର ସମସାମୟିକ ଜାଳନ୍ଧରୀପାଦ ଓ ଗୋପୀଚନ୍ଦ୍ର ଖ୍ୟାତିଲାଭ କରିଥିଲେ; କିନ୍ତୁ ସାଂକୃତ୍ୟାୟନ ମହାଶୟ ତାଙ୍କୁ ରାଜା ଦେବପାଳ (୯୦୦-୯୫୦ ଖ୍ରୀଷ୍ଟାବ୍ଦ)ଙ୍କ ସମସାମୟିକ ବୋଲି ମତବ୍ୟକ୍ତ କରନ୍ତି ।

ତାଞ୍ଜୁର ଗ୍ରନ୍ଥରେ ଅନ୍ୟୂନ ୬୯ ଗୋଟି ବୌଦ୍ଧତନ୍ତ୍ର ସଂପର୍କୀୟ ରଚନା ତାଙ୍କ ନାମରେ ଦେଖିବାକୁ ମିଳେ । ଚର୍ଯ୍ୟାଗୀତିକୋଷରେ ତାଙ୍କ ରଚିତ ୧୩ଗୋଟି ଗୀତ ସଂକଳିତ ।

ସରହପା କିଛିଦିନ ପାଇଁ ନାଳନ୍ଦାରେ ଶିକ୍ଷାଦାନ କରିଥିଲେ। ସେ ମହାରାଷ୍ଟ୍ରକୁ ଯାଇ ସେଠାରେ ଜଣେ ଶରନିର୍ମାତାଙ୍କ କନ୍ୟାର ସାହଚର୍ଯ୍ୟରେ ସିଦ୍ଧିପ୍ରାପ୍ତ ହୋଇଥିଲେ। ସର୍ବଦା ଶରହସ୍ତ ହୋଇ ଭ୍ରମଣ କରୁଥିବାରୁ, ସେ ସରହପା ନାମରେ ପରିଚିତ ଥିଲେ ବୋଲି କେହି କେହି ଅନୁମାନ କରନ୍ତି। ସେ ସଂସ୍କୃତରେ ଜଣେ ବିଶିଷ୍ଟ ପଦକର୍ତ୍ତା ଏବଂ ତାଙ୍କର ଅନ୍ୟୂନ ୨୫ଟି ତାନ୍ତ୍ରିକ ଗ୍ରନ୍ଥ ତିବ୍ବତୀ ଭାଷାରେ ଅନୂଦିତ ହୋଇ ତାଞ୍ଜୁରରେ ସ୍ଥାନିତ।

ସିଦ୍ଧ ସରହପାଙ୍କୁ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଅବସ୍ଥାପିତ କରାଯାଇପାରେ। କାରଣ ନାଗାର୍ଜ୍ଜୁନ ନାମକ ତାଙ୍କର ଜଣେ ଶିଷ୍ୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ବିଖ୍ୟାତ ଥିଲେ। ଏହି ନାଗାର୍ଜ୍ଜୁନ ୨ୟ ଶତାବ୍ଦୀର ବିଶିଷ୍ଟ ମହାଯାନୀ ଦାର୍ଶନିକ ନାଗାର୍ଜ୍ଜୁନଙ୍କଠାରୁ ଭିନ୍ନ। ସେ ତାନ୍ତ୍ରିକ ନାଗାର୍ଜ୍ଜୁନ ଭାବରେ ମଧ୍ୟ ପରିଚିତ। ସେ ଦକ୍ଷିଣ ଭାରତରେ ଅବସ୍ଥିତ ଶ୍ରୀପର୍ବତକୁ ନିଜର ସାଧନାପୀଠ ଭାବରେ ଗ୍ରହଣ କରି ନେଇଥିବାରୁ, ଏହା ପରବର୍ତ୍ତୀ କାଳରେ ନାଗାର୍ଜ୍ଜୁନକୋଣ୍ଡା ନାମ ଗ୍ରହଣ କରିଥିବା ଅନୁମିତ ହୁଏ। 'ଚର୍ଯ୍ୟାଗୀତି କୋଷ'ରେ ସଂକଳିତ ୨୨, ୩୨, ୩୮ ଓ ୩୯ ସଂଖ୍ୟକ ଚର୍ଯ୍ୟାଗୀତିଗୁଡ଼ିକ ତାଙ୍କଦ୍ୱାରା ରଚିତ।

କାହ୍ନୁପା– ସିଦ୍ଧାଚାର୍ଯ୍ୟ କାହ୍ନୁପା, କୃଷ୍ଣାଚାର୍ଯ୍ୟ ବା କୃଷ୍ଣପାଦ ଥିଲେ ସିଦ୍ଧାଚାର୍ଯ୍ୟ ଜାଳନ୍ଧରୀପାଦଙ୍କ ଶିଷ୍ୟ। ସେ ଓଡ଼ିଶାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ପଣ୍ଡିତଗଣ ସିଦ୍ଧସାହିତ୍ୟର ରଚକ ଭାବରେ ଏକାଧିକ କାହ୍ନୁପାଙ୍କର ସନ୍ଧାନ ପାଆନ୍ତି। 'ପାର୍ ସାମ୍ ଜୋନ୍ ଜାଙ୍'ରେ ତିନିଜଣ କାହ୍ନୁଙ୍କର ଉଲ୍ଲେଖ ଅଛି। ସେଥିମଧ୍ୟରୁ ଜଣେ ଓଡ଼ିଶାବାସୀ ଓ ବ୍ରାହ୍ମଣକୁଳସମ୍ଭୂତ ଓ ଜାଳନ୍ଧରୀପାଦଙ୍କ ଶିଷ୍ୟ ବୋଲି କୁହାଯାଇଛି। ତେଞ୍ଜୁରରେ ଚାରିଜଣ କାହ୍ନୁପାଦ ବା କୃଷ୍ଣାଚାର୍ଯ୍ୟ ଥିବା କଥା ହରପ୍ରସାଦ ଶାସ୍ତ୍ରୀ ପ୍ରକାଶ କରନ୍ତି। ଏହି ନାମରେ ଏକାଧିକ ସିଦ୍ଧ ଥାଇପାରନ୍ତି; ମାତ୍ର କବିତ୍ୱ ଓ ପାଣ୍ଡିତ୍ୟରେ ସର୍ବୋଚ୍ଚ ଆସନ ଲାଭ କରିଥିବା କାହ୍ନୁପାଦ ଯେ ଓଡ଼ିଆ ଥିଲେ, ତାହା ଅତି ସହଜରେ ପ୍ରମାଣିତ କରାଯାଇପାରିବ ତାଙ୍କ ରଚିତ ଚର୍ଯ୍ୟା ଓ ଦୋହାଗୁଡ଼ିକର ଭାଷାତାତ୍ତ୍ୱିକ ଆଲୋଚନା କାଳରେ।

ତିବ୍ବତୀୟ ଗ୍ରନ୍ଥମାନଙ୍କରେ ତାଙ୍କ ଜୀବନୀ ସମ୍ପର୍କରେ ଅନେକ କୌତୂହଳପୂର୍ଣ୍ଣ କାହାଣୀ ରହିଅଛି। ସେଥିମଧ୍ୟରୁ ଗୋଟିଏ ହେଉଛି– ରାଜା ଦେବପାଳଙ୍କ ନିର୍ମିତ ସୋମପୁରୀ ବିହାରରେ ଗୁରୁ ଜାଳନ୍ଧରୀପାଦ କାହ୍ନୁପାଙ୍କ ଅଭିଷେକ ଶେଷ କରିବାପରେ କାହ୍ନୁପା ଅନେକ ଅଲୌକିକ କାର୍ଯ୍ୟରେ ସିଦ୍ଧିଲାଭ କଲେ। ତାପରେ ସେ ଲଙ୍କାପୁରୀ ଅଭିମୁଖେ ଯାତ୍ରାକଲେ। ପଥ ମଧ୍ୟରେ ତାଙ୍କ ମନରେ ଅହଂଭାବ ଜାତ ହେବାରୁ ସେ ସମୁଦ୍ର ମଧ୍ୟରେ ନିମଜ୍ଜିତ ହେଲେ। ଗୁରୁ ଜାଳନ୍ଧରୀପାଦ ତାଙ୍କୁ ଏହି ବିପଦରୁ ରକ୍ଷା କଲେ। ଗୁରୁଙ୍କ ନିର୍ଦ୍ଦେଶାନୁସାରେ ସେ ଗୁରୁଙ୍କ ଅନ୍ୟତମ ଶିଷ୍ୟ ତନ୍ତିପାଙ୍କ ଆଚରଣ ଅନୁସରଣ କଲେ। ତନ୍ତିପାଙ୍କ ସଙ୍ଗରେ ଅନେକ ଘୃଣିତ କାର୍ଯ୍ୟରେ ଲିପ୍ତ ରହିବା ପରେ ସେ ସିଦ୍ଧିଲାଭ କଲେ। ତା'ପରେ ଏକ ଆମ୍ର ବଗିଚାରେ ଜଣେ ରକ୍ଷିତା ରମଣୀ ଉପରେ ସେ ନିଜ ସାଧନାଶକ୍ତି ପ୍ରୟୋଗ କଲେ। ଏହାର ଫଳ ଅଶୁଭ ହେବାରୁ ସେ ଜନସାଧାରଣରେ ନିନ୍ଦିତ ହେଲେ। ସାଧନାବଳରେ ଏହି ରମଣୀକୁ ସେ ସିଦ୍ଧ କଲେ। ମାତ୍ର ମନ୍ତ୍ରର କୁପ୍ରଭାବ ଫଳରେ ସେ ପୀଡ଼ିତ ହେଲେ। ତା'ପରେ ଗୁରୁଙ୍କ ନିର୍ଦ୍ଦେଶମତେ ବଜ୍ରବାରାହୀ-ମନ୍ତ୍ର ଜପକରି ପୀଡ଼ାମୁକ୍ତ ହେଲେ।

ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ କାହ୍ନୁପାଙ୍କୁ ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗରେ ଅବସ୍ଥାପିତ କରନ୍ତି। ଏହି ସମୟରେ ତାଙ୍କର ସମସାମୟିକ ଜାଳନ୍ଧରୀପାଦ ଓ ଗୋପୀଚନ୍ଦ୍ର ଖ୍ୟାତିଲାଭ କରିଥିଲେ; କିନ୍ତୁ ସାଂକୃତ୍ୟାୟନ ମହାଶୟ ତାଙ୍କୁ ରାଜା ଦେବପାଳ (୯୦୦-୯୫୦ ଖ୍ରୀଷ୍ଟାବ୍ଦ)ଙ୍କ ସମସାମୟିକ ବୋଲି ମତବ୍ୟକ୍ତ କରନ୍ତି।

ତାଞ୍ଜୁର ଗ୍ରନ୍ଥରେ ଅନ୍ୟୂନ ୬୯ ଗୋଟି ବୌଦ୍ଧତନ୍ତ୍ର ସଂପର୍କୀୟ ରଚନା ତାଙ୍କ ନାମରେ ଦେଖିବାକୁ ମିଳେ। ଚର୍ଯ୍ୟାଗୀତିକୋଷରେ ତାଙ୍କ ରଚିତ ୧୩ଗୋଟି ଗୀତ ସଂକଳିତ।

ବିରୂପା– ବିରୂପା ଆଚାର୍ଯ୍ୟ ଜାଳନ୍ଧରୀପାଦଙ୍କ ଶିଷ୍ୟ ଥିଲେ। ସେ ଓଡ଼ିଶାରେ ଆସିଆ ପାହାଡ଼ ଶ୍ରେଣୀକୁ ପରିବେଷ୍ଟନ କରିଥିବା ବିରୂପା ନଦୀ ତୀରସ୍ଥ ଏକ ଗ୍ରାମରେ ବାସ କରୁଥିଲେ। ତାଙ୍କ ନାମାନୁସାରେ ଓଡ଼ିଶାର ଏହି ନଦୀର ନାମକରଣ ହୋଇଥିବା ମନେହୁଏ। ତାରନାଥଙ୍କ ଅନୁସାରେ ଶୈବ-ଉପାସନା ପ୍ରତି ତାଙ୍କର ଘୃଣାଭାବ ଥିଲା ଓ ସେ ଏହା ବିରୋଧରେ ପ୍ରଚାର ଚଲାଇଥିଲେ। ଏକଦା ସେ ତ୍ରିକଳିଙ୍ଗର ରାଜଧାନୀ ବା ଆଧୁନିକ ଚୌଦ୍ୱାରଠାରେ ଲିଙ୍ଗଭାବରେ ପୂଜିତ ବିଶ୍ୱନାଥଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ମନାକରି ଦେଲେ। ମାତ୍ର ରାଜା ତାଙ୍କୁ ବାଧ କରିବାରୁ ସେ ବିଶ୍ୱନାଥଙ୍କୁ ପ୍ରଣିପାତ କଲେ; କିନ୍ତୁ ଆଶ୍ଚର୍ଯ୍ୟର କଥା, ସେହି ଶିବଲିଙ୍ଗ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲେ।

ସିଦ୍ଧ ବିରୂପାଙ୍କ ଖ୍ୟାତିର ସୁଯୋଗ ନେଇ ପରବର୍ତ୍ତୀ କାଳରେ କେତେକ ସାଧକ ବିରୂପା ନାମ ଧାରଣ କରିଥିଲେ। 'ତାଙ୍ଗୁର'ରେ ତାଙ୍କକୃତ ଅନ୍ୟୁନ ଦଶଟି ତାନ୍ତ୍ରିକ ଗ୍ରନ୍ଥର ନାମୋଲ୍ଲେଖ ଦେଖିବାକୁ ମିଳେ। ଚର୍ଯ୍ୟାଗୀତିକୋଷସ୍ଥ ୩ୟ ଗୀତିଟି ବିରୂପାଙ୍କଦ୍ୱାରା ରଚିତ।

କମ୍ବଳପାଦ– ତାରନାଥଙ୍କ ବିବରଣୀ ଅନୁସାରେ କମ୍ବଳପାଦଙ୍କର ଜନ୍ମସ୍ଥାନ ଥିଲା ଓଡ଼ିବିସା ବା ଓଡ଼ିଶା ଓ ସେ ଥିଲେ ଜଣେ ରାଜପୁତ୍ର। ପରିଣତ ବୟସରେ ତାଙ୍କର ବୌଦ୍ଧଧର୍ମପ୍ରତି ଅନୁରକ୍ତି ଜନ୍ମିବାରୁ ସେ ତୀର୍ଥଯାତ୍ରାରେ ବାହାରିଗଲେ ଓ ସିଦ୍ଧାଚାର୍ଯ୍ୟ ବଜ୍ରଘଣ୍ଟଙ୍କଦ୍ୱାରା ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ। ତ୍ରିପିଟକରେ ସେ ବେଶ୍ ଦକ୍ଷତା ଅର୍ଜନ କରିଥିଲେ। କଥିତ ଅଛି ଯେ ସେ ଏକଦା ଏକ ଶବ ଉପରେ ଧ୍ୟାନମଗ୍ନ ଥିଲାବେଳେ ମନ୍ତ୍ରବତୀ ନାମରେ ଜଣେ ଶ୍ମଶାନ ଡାକିନୀ ତାଙ୍କୁ ବିନାଶ କରିବାକୁ ଚେଷ୍ଟା କଲା। ଏହା ଜାଣିପାରି କମ୍ବଳପାଦ ମନ୍ତ୍ରବଳରେ ନିଜକୁ ଖଣ୍ଡିଏ କମ୍ବଳରେ ପରିଣତ କରିଦେଲେ। ଡାକିନୀ ଆଚାର୍ଯ୍ୟଙ୍କ ବଦଳରେ ଖଣ୍ଡିଏ କମ୍ବଳ ଦେଖି କ୍ରୋଧରେ କମ୍ବଳ ଖଣ୍ଡିକୁ ଭକ୍ଷଣ କରିବାକୁ ଲାଗିଲା। କମ୍ବଳପାଦ ସେଠାରେ ସହସା ଆବିର୍ଭୂତ ହୋଇ ସେହି ଡାକିନୀକୁ ଅଭିଶାପ ଦେଲେ। ସେହିଦିନଠାରୁ ସେ କମ୍ବଳପାଦ ନାମରେ ପରିଚିତ ହେଲେ। ସମ୍ବଲର ରାଜା ବଜ୍ରଯାନର ପ୍ରବର୍ତ୍ତକ ଇନ୍ଦ୍ରଭୂତି ଥିଲେ କମ୍ବଳପାଦଙ୍କ ଶିଷ୍ୟ।

ମହାପଣ୍ଡିତ ରାହୁଳ ସାଂକୃତ୍ୟାୟନଙ୍କ ଅନୁସାରେ ସେ ରାଜା ଦେବପାଳ (୮୧୦-୮୫୦ ଖ୍ରୀ:)ଙ୍କ ସମୟରେ ବିଖ୍ୟାତ ଥିଲେ। 'ପାଗ୍ ସାମ୍ ଜୋନ୍ ଜାଙ୍'ରେ ତାଙ୍କୁ ନାଗାର୍ଜୁନଙ୍କ ଶିଷ୍ୟ ଆର୍ଯ୍ୟଦେବଙ୍କ ସମକାଳୀନ ଭାବେ ଗ୍ରହଣ କରାଯାଏ।

'ତାଙ୍ଗୁର'ରେ ହେରୁକ ସାଧନା ସମ୍ବନ୍ଧୀୟ ତାଙ୍କର ଛଅଗୋଟି ଗ୍ରନ୍ଥର ନାମୋଲ୍ଲେଖ ରହିଛି। କମ୍ବଳଗୀତିକା ନାମରେ ଏକ ଦୋହାକୋଷ ସଂକଳନ ତାଙ୍କ ରଚନା ଭାବରେ ଗୃହୀତ। ସେ ମଧ୍ୟ 'ଅଭିସମୟନାମ ପଞ୍ଜିକା' ଗ୍ରନ୍ଥର ରଚୟିତା। ସରହପାଦଙ୍କ ଦୋହାକୋଷରେ ଅଦ୍ୱୟବଜ୍ରକୃତ ଟୀକାରେ କମ୍ବଳପାଦଙ୍କ କେତେକ ସଂସ୍କୃତ ରଚନାଂଶ ଉଦ୍ଧୃତ ହୋଇଅଛି। ଚର୍ଯ୍ୟାଗୀତିକୋଷରେ ୮ମ ସଂଖ୍ୟକ ଗୀତିକାଟି ତାଙ୍କଦ୍ୱାରା ରଚିତ।

**୧.୩.୬.- ଚର୍ଯ୍ୟାଗୀତି ରଚନାର ସମୟ :**

ବିଶିଷ୍ଟ ବଙ୍ଗୀୟ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କଦ୍ୱାରା ସଂପାଦିତ ହୋଇ ୧୯୧୬ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ 'ବୌଦ୍ଧଗାନ ଓ ଦୋହା'ରେ ସ୍ଥାନ ପାଇଥିବା ଚର୍ଯ୍ୟାଗୀତିଗୁଡ଼ିକ ହଜାର ବର୍ଷ ପୂର୍ବର ବୋଲି ସ୍ଥିର କରାଯାଇଛି। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରକାଶିତ ଏହି ଗ୍ରନ୍ଥର ହଜାର ବର୍ଷ ପୂର୍ବର ସମୟ ହେଉଛି ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ। ଅର୍ଥାତ୍ ଶ୍ରୀ ଶାସ୍ତ୍ରୀଙ୍କ ମତରେ ଏହା ୧୦ମ ଶତାବ୍ଦୀର ରଚନା। ଏହି ପୁସ୍ତକଟି ପ୍ରକାଶିତ ହେବାପରେ କେତେଜଣ ଆଗ୍ରହୀ ବିଦ୍ୱାନଙ୍କର ଏହା ଉପରେ ବିଭିନ୍ନ ପ୍ରକାର ଗବେଷଣା ଚାଲିଲା। ଏହାର ଭାଷା, ରଚୟିତା, ରଚନାକାଳ ଇତ୍ୟାଦି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଇଲା। କାହା କାହା ଦ୍ୱାରା ଏହାର ରଚନାର ଉର୍ଦ୍ଧ୍ୱତମ ସମ୍ଭାବ୍ୟସୀମା ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ବୋଲି ନିରୂପିତ ହେଲା ତ କାହା କାହା ଦ୍ୱାରା ହେଲା ଖ୍ରୀଷ୍ଟୀୟ

ଦଶମ ଶତାବ୍ଦୀ। ପୁନଶ୍ଚ କେତେକ ଆଲୋଚକ ଏହାର ନିମ୍ନତମ ସମ୍ଭାବ୍ୟ ସୀମାକୁ ଖ୍ରୀଷ୍ଟୀୟ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରସାରିତ କରେ ତ ଅନ୍ୟ କେତେକ କଲେ ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ। ଏହି ସମୟସୀମା ନିରୂପଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଥିବାରୁ ଅଧିକାଂଶ ଗବେଷକ ପଣ୍ଡିତ ସାଧାରଣତଃ ଚର୍ଯ୍ୟାକାରଙ୍କ ଆବିର୍ଭାବ କାଳକୁ ବିଚାରକୁ ନେଇ ନିଜ ନିଜ ମତବ୍ୟକ୍ତ କଲେ। ବର୍ତ୍ତମାନ ଏହି ରଚନାକାଳ ସମ୍ବନ୍ଧରେ କେତେକଣ ବିଶିଷ୍ଟ ଗବେଷକଙ୍କ ଅଭିମତ ଏଠାରେ ଆଲୋଚନା କରାଯାଇପାରେ।

**ଶ୍ରୀ ହରପ୍ରସାଦ ଶାସ୍ତ୍ରୀ** କହନ୍ତି– "ଖ୍ରୀଷ୍ଟୀୟ ୮।୯।୧୦।୧୧।୧୨ ଶତେ ଏଇସକଲ ଗାନଗୁଲି ଲେଖା ହଇୟାଛିଲ ବଲାଯାୟ।" (ବୌଦ୍ଧଗାନ ଓ ଦୋହା, ମୁଖବନ୍ଧ, ପୃ:୬) **ଡକ୍ଟର ସୁନୀତି କୁମାର ଚାଟାର୍ଜୀ** ଏହି ଗୀତିଗୁଡ଼ିକର ରଚନାକାଳ ଖ୍ରୀ: ୯୫୦-୧୨୦୦ ବୋଲି ମତ ଦିଅନ୍ତି। ଏହି କାଳନିର୍ଣ୍ଣୟ ସେ କରିଛନ୍ତି ପ୍ରଧାନତଃ ଦୁଇଜଣ ଚର୍ଯ୍ୟାକାରଙ୍କ ଜୀବନକାଳକୁ ଗ୍ରହଣ କରି। ସେମାନେ ହେଉଛନ୍ତି ଆଦି ସିଦ୍ଧାଚାର୍ଯ୍ୟ ଲୁଇପାଦ ଓ କାହ୍ନୁପାଦ। ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ଅଭିମତକୁ ଭିତ୍ତିକରି ସେ ଲୁଇପାଦଙ୍କ ସମୟ ନିର୍ଣ୍ଣୟ କରିଛନ୍ତି। ବିଭିନ୍ନ ଯୁକ୍ତି ବାଢ଼ି ସେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି–"The period 950-1200 A.D. would thus seem to be reasonable date to give to these poems." **ଡକ୍ଟର ମହମ୍ମଦ ଶହିଦୁଲ୍ଲାହ** ବିଭିନ୍ନ ଦୃଷ୍ଟିକୋଣରୁ କହନ୍ତି ଯେ ୭ମ ଶତାବ୍ଦୀରୁ ଚର୍ଯ୍ୟାଗୀତିର ରଚନା ଆରମ୍ଭ ହୋଇଥିବା ସମ୍ଭବ। **ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍ଚୀ** କହନ୍ତି ଯେ ଏଗୁଡ଼ିକ ସମ୍ଭବତଃ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀର ରଚନା। **ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ** ରାହୁଳଭଦ୍ର ସରହପାଦଙ୍କୁ ଆଦି ସିଦ୍ଧଭାବରେ ଗ୍ରହଣ କରିଛନ୍ତି ଓ ତାଙ୍କ ସମୟ ନିର୍ଣ୍ଣୟ କରିଛନ୍ତି ୮ମ ଶତାବ୍ଦୀ ଭାବରେ। ସେହିପରି କାଳପାଦଙ୍କୁ ଅନ୍ତିମ ସିଦ୍ଧ ଭାବରେ ଗ୍ରହଣ କରି ତାଙ୍କ ସମୟ ନିର୍ଣ୍ଣୟ କରିଛନ୍ତି ୧୧ଶ ଶତାବ୍ଦୀ। ତେଣୁ ଚର୍ଯ୍ୟାଗୀତିମାନ ୮ମ ଶତାବ୍ଦୀରୁ ୧୧ଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବା ତାଙ୍କ ମତ। **ଡକ୍ଟର ସୁକୁମାର ସେନ** ଭାଷାଗତ ବୈଶିଷ୍ଟ୍ୟକୁ ବିଚାରକୁ ନେଇ ଏଗୁଡ଼ିକର ରଚନାକାଳ ୧୦ମ-୧୨ଶ ଶତାବ୍ଦୀ ବୋଲି ମତବ୍ୟକ୍ତ କରନ୍ତି। ତାଙ୍କ ରଚିତ *History of Bengali Literature*ରେ ସେ କହନ୍ତି–"The lower limit, however, is 1200 and the upper limit cannot be later than 1000" (p.24) **ଡକ୍ଟର ଜୟକାନ୍ତ ମିଶ୍ର** ପଣ୍ଡିତ ବିନୟତୋଷ ଭଟ୍ଟାଚାର୍ଯ୍ୟ ଓ ଜର୍ମାନ ପଣ୍ଡିତ ଆର୍ଥର ଗୁଣ୍ଡେଲଙ୍କ ସିଦ୍ଧାନ୍ତ ଉପରେ ନିର୍ଭର କରି ଚର୍ଯ୍ୟାକୁ ୮ମ-୧୨ଶ ଶତାବ୍ଦୀ ମଧ୍ୟରେ ଅବସ୍ଥାପିତ କରନ୍ତି। **ଡକ୍ଟର ତାରାପଦ ମୁଖାର୍ଜୀ** ଲିପିତାତ୍ତ୍ୱିକ ଆଲୋଚନା ଭିତ୍ତିରେ ଅନୁମାନ କରନ୍ତି ଯେ ଚର୍ଯ୍ୟାସଂଗ୍ରହ ପୋଥିର ରଚନାକାଳ ଦ୍ୱାଦଶ ଶତାବ୍ଦୀର ଶେଷାର୍ଦ୍ଧ।

ଓଡ଼ିଆ ସାହିତ୍ୟର ଐତିହାସିକଗଣ ଚର୍ଯ୍ୟାର ରଚନା ସମୟ ୭ମ-୮ମ ଶତାବ୍ଦୀଠାରୁ ୧୨ଶ ଶତାବ୍ଦୀ ବୋଲି କହିଥାନ୍ତି। ହିନ୍ଦୀ ସାହିତ୍ୟର ଐତିହାସିକଗଣ ଏହି ସମୟକୁ ୮ମ-୧୧ଶ ଶତାବ୍ଦୀ ମଧ୍ୟରେ ସୀମିତ କରନ୍ତି।

### ୧.୩.୭.- ଚର୍ଯ୍ୟାଗୀତିର ଭାଷା :

ବଙ୍ଗୀୟ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶ୍ରୀ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ସଂଗୃହୀତ 'ଚର୍ଯ୍ୟାଗୀତିକୋଷ', 'ଦୋହାକୋଷ' ଓ 'ଡାକାର୍ଣ୍ଣବ' ୧୯୧୬ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା 'ହାଜାର ବଛରେର ପୁରାନ ବାଙ୍ଗାଲା ଭାଷାୟ ବୌଦ୍ଧଗାନ ଓ ଦୋହା' ନାମରେ। ଏ ଗ୍ରନ୍ଥର ମୁଖବନ୍ଧରେ ମଧ୍ୟ ଏଥିରେ ସ୍ଥାନିତ ପ୍ରାଚୀନ ସାହିତ୍ୟର ଭାଷା ପ୍ରତ୍ନ-ବଙ୍ଗଳା ବୋଲି ସେ ମତ ଦେଇଥିଲେ। ଗ୍ରନ୍ଥଟି ଲୋକଲୋଚନକୁ ଆସିବା ପରେ ଓଡ଼ିଶା, ଆସାମ, ବିହାର ପ୍ରଭୃତି ଅଞ୍ଚଳର ବିଦ୍ୱାନମାନେ ଏ ରଚନାଗୁଡ଼ିକ ମଧ୍ୟରେ ସନ୍ଧାନ କରି ବସିଲେ ନିଜ ନିଜ ଭାଷାର ଆଦିମ ସ୍ୱରୂପ। ଯେଉଁ ଯେଉଁ ଯୁକ୍ତିବଳରେ ବଙ୍ଗୀୟ ପଣ୍ଡିତଗଣ ଚର୍ଯ୍ୟାର ଭାଷାକୁ ପ୍ରାଚୀନ ବଙ୍ଗଳା ବୋଲି କହିଲେ, ଅବିକଳ ସେହି ସେହି ଯୁକ୍ତିକୁ ଗ୍ରହଣ କରି ଓଡ଼ିଆ, ଆସାମୀ, ବିହାରୀ ପଣ୍ଡିତଗଣ ଏହାର ଭାଷାକୁ ଓଡ଼ିଆ, ଆସାମୀ, ଭୋଜପୁରୀ ଓ ମୈଥିଳୀ ବୋଲି ପ୍ରମାଣ କଲେ।

ଶ୍ରୀ ହରପ୍ରସାଦ ଶାସ୍ତ୍ରୀଙ୍କ ମତକୁ ଅନୁସରଣକରି କେତେକ ବଙ୍ଗୀୟ ପଣ୍ଡିତ ଏହାକୁ ନିର୍ବିଚାରରେ ବଙ୍ଗଭାଷାର ସମ୍ପଦ ବୋଲି

ଗ୍ରହଣ କରିନେଲେ। ଭାଷାତତ୍ତ୍ୱବିତ୍ ଡକ୍ଟର ସୁନୀତି କୁମାର ଚାଟାର୍ଜୀ ଚର୍ଯ୍ୟାର ଭାଷାରେ ସୌରସେନୀ ଅପଭ୍ରଂଶ ଏବଂ ଅନ୍ୟାନ୍ୟ ପ୍ରାଚ୍ୟ ଭାଷାର ପ୍ରଭାବ ଅନୁଭବ କରିପାରିଥିଲେହେଁ ଚର୍ଯ୍ୟାର ଭାଷା ପ୍ରାଚୀନ ବଙ୍ଗଳା ବୋଲି ଘୋଷଣା କରିବାକୁ ପଛେଇ ନଥିଲେ। ଡକ୍ଟର ସୁକୁମାର ସେନ ଅନେକ ଚର୍ଯ୍ୟାକାର ଅବଙ୍ଗାଳୀ ଥିବା କଥା ସ୍ୱୀକାର କରିଥିଲେହେଁ ମୂଳତଃ ଚର୍ଯ୍ୟାର ଭାଷା ବଙ୍ଗଳା ବୋଲି ପ୍ରକାଶ କରିଛନ୍ତି।

ଅଧ୍ୟାପକ ଜୟକାନ୍ତ ମିଶ୍ର ବିଭିନ୍ନ ପ୍ରମାଣବଳରେ ପ୍ରମାଣିତ କରିଛନ୍ତି ଯେ ଆବିଷ୍କୃତ ଏହି ଗାନଗୁଡ଼ିକର ଭାଷା ପ୍ରାଚୀନ ମୈଥିଳୀର ଅତ୍ୟନ୍ତ ନିକଟବର୍ତ୍ତୀ; ମାତ୍ର ଅନ୍ୟାନ୍ୟ ପ୍ରାନ୍ତୀୟ ସମାଲୋଚକଙ୍କ ଭଳି ଏହା ମୈଥିଳୀର ଆଦିରୂପ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ସେ କହି ନାହାନ୍ତି। ବରଂ ସେଗୁଡ଼ିକ ଅପଭ୍ରଂଶର ରୂପ ପ୍ରକାଶ କରେ ବୋଲି ସେ ମତ ଦିଅନ୍ତି। ପଣ୍ଡିତ ରାହୁଲ ସାଂକୃତ୍ୟାୟନ ପ୍ରମୁଖ ହିନ୍ଦୀ ସାହିତ୍ୟର ଐତିହାସିକଗଣ ଚର୍ଯ୍ୟାର ଭାଷା ହିନ୍ଦୀର ଆଦିରୂପ ବୋଲି ଯୁକ୍ତି ବାଢ଼ିଛନ୍ତି। ଆସାମୀ ଭାଷା ଐତିହାସିକ **ଡକ୍ଟର ହେମ ବରୁଆ** ଓ ଗବେଷକ **ଶ୍ରୀ ଡିମ୍ବେଶ୍ୱର ନିୟୋଗୀ ଯୁକ୍ତିବଳରେ** ଚର୍ଯ୍ୟାକୁ ଆସାମୀ ଭାଷାର ଅଧିକ ନିକଟବର୍ତ୍ତୀ ବୋଲି ପ୍ରମାଣ କରିଛନ୍ତି। **ଶ୍ରୀ ଶଶିଭୂଷଣ ରାୟ** ପଣ୍ଡିତ ବିନାୟକ ମିଶ୍ରଙ୍କ 'ଓଡ଼ିଆ ଭାଷାର ଇତିହାସ' ପୁସ୍ତକର ମୁଖବନ୍ଧରେ କହନ୍ତି– "ଭାଷାଗତ ଆଲୋଚନାରୁ 'ବୌଦ୍ଧଗାନ ଓ ଦୋହା' ଗ୍ରନ୍ଥଖଣ୍ଡିକ ଓଡ଼ିଆ ଭାଷାରେ ରଚିତ ବୋଲି ଅନାୟାସରେ ପ୍ରମାଣିତ ହେବ।" (ପୃ.ଛ) **ଡକ୍ଟର କରୁଣାକର କର** 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଗ୍ରନ୍ଥରେ କହନ୍ତି– "ଏହି ଗ୍ରନ୍ଥର ଭାଷା ଓଡ଼ିଆ ଥିଲା ଏବଂ ତହିଁର ଲେଖକ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଆ ଥିଲେ।" (ପୃ.୩) **ଡକ୍ଟର ବଂଶୀଧର ମହାନ୍ତି** 'ଓଡ଼ିଆ ସାହିତ୍ୟର ଇତିହାସ' (୧ମ)ରେ ବିଭିନ୍ନ ଉଦାହରଣ ଦେଇ 'ବୌଦ୍ଧଗାନ ଓ ଦୋହା'ର ଭାଷା ଓଡ଼ିଆ ଭାଷାର କେତେ ନିକଟବର୍ତ୍ତୀ, ତାହା ଦର୍ଶାଇଛନ୍ତି। ସେ କହନ୍ତି– "ଏପରିକି କୁହାଯାଇପାରେ ଯେ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପର ପ୍ରଥମ ପରିପ୍ରକାଶ ଘଟିଛି 'ବୌଦ୍ଧଗାନ ଓ ଦୋହା'ରେ। ଯେଉଁ ଭାଷାତତ୍ତ୍ୱବିତ୍ ଓ ଆଲୋଚକମାନେ ଭାଷା, ସଂସ୍କୃତି, ଇତିହାସ ପ୍ରଭୃତି ବିଭିନ୍ନ ଦୃଷ୍ଟିରୁ ବୌଦ୍ଧଗାନ ଓ ଦୋହାକୁ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ବୋଲି ମନେକରନ୍ତି, ତହିଁରେ ଯେ ଯଥେଷ୍ଟ ସତ୍ୟତା ରହିଛି, ଏହା କହିବା ବାହୁଲ୍ୟ ମାତ୍ର।" (ପୃ.୭୦)

ଡକ୍ଟର ନବୀନକୁମାର ସାହୁ କିନ୍ତୁ ଆଞ୍ଚଳିକ ମନୋଭାବ ପୋଷଣକାରୀମାନଙ୍କଠାରୁ ବହୁ ଦୂରରେ ରହି ମତ ଦିଅନ୍ତି– "...this was the parent stock from which modern Oriya, Bengali. Maithili and Assamese developed in later times." *(Buddhism in Orissa, p. 157)*

ବିଭିନ୍ନ ଦୃଷ୍ଟିକୋଣରୁ ଡକ୍ଟର ସାହୁଙ୍କ ସହିତ ଏକମତ ହେବାକୁ ପଡ଼େ। ଚର୍ଯ୍ୟାର ସଂସ୍କୃତ ଟୀକାକାର ମୁନିଦତ୍ତ ଏହି ଭାଷାକୁ ପ୍ରାକୃତ ଭାବେ ଉଲ୍ଲେଖ କରିଛନ୍ତି। ଅଧ୍ୟାପକ ବେଣ୍ଡଲ୍ ସାହେବ ହରପ୍ରସାଦ ଶାସ୍ତ୍ରୀଙ୍କ ପୂର୍ବରୁ (୧୯୦୫ ଖ୍ରୀ:) ୨୮ ଗୋଟି ଦୋହାସମ୍ବଳିତ ଏକ ପୁସ୍ତକ ସଂପାଦନା କରି ଏଗୁଡ଼ିକର ଭାଷାକୁ 'ଅପଭ୍ରଂଶ ଭାଷା' ଅଥବା 'ବୌଦ୍ଧ ପ୍ରାକୃତ' ବୋଲି ଆଖ୍ୟା ଦେଇଥିଲେ। ଏ ସମ୍ପର୍କରେ ନିରବଚ୍ଛିନ୍ନ ବୈଜ୍ଞାନିକ ବିଶ୍ଳେଷଣ ହେବା ଫଳରେ ପଣ୍ଡିତ ରାହୁଲ ସାଂକୃତ୍ୟାୟନ, ଡକ୍ଟର ସୁନୀତିକୁମାର ଚାଟାର୍ଜୀ ପ୍ରମୁଖ ଅନେକ ବିଦ୍ୱାନ ସମାଲୋଚକ ସେମାନଙ୍କ ଆଞ୍ଚଳିକ ମନୋଭାବ ତ୍ୟାଗକରି ଅପଭ୍ରଂଶ ଭାଷାକୁ ଚର୍ଯ୍ୟାର ଭାଷା ରୂପେ ଗ୍ରହଣ କରିନେଇଛନ୍ତି। ଏହି ଭାଷାକୁ ସୁରେନ୍ଦ୍ର ମହାନ୍ତି ମାଗଧୀ ଅପଭ୍ରଂଶ ଓ ଡକ୍ଟର ଖଗେଶ୍ୱର ମହାପାତ୍ର ପ୍ରାଚ୍ୟ ଅପଭ୍ରଂଶ ବୋଲି ନାମିତ କରିଛନ୍ତି।

ଏହିପରି ଏକ ସର୍ବଜନସମ୍ମତ, ସୁଚିନ୍ତିତ ତଥା ଗବେଷଣାଲବ୍ଧ ସିଦ୍ଧାନ୍ତରେ ଉପନୀତ ହୋଇସାରିବା ପରେ ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବର ବଶବର୍ତ୍ତୀ ହୋଇ ଚର୍ଯ୍ୟାକୁ ଆଉ ପ୍ରାଚୀନ ବଙ୍ଗଳା, ପ୍ରାଚୀନ ଓଡ଼ିଆ, ପ୍ରାଚୀନ ଆସାମୀ ବା ପ୍ରାଚୀନ ମୈଥିଳୀ କହିବା ଯେତିକି ଅମୂଳକ ସେତିକି ବିପଜ୍ଜନକ।

## ୧.୩.୮.- ସନ୍ଧ୍ୟାଭାଷା :

ହିନ୍ଦୁତନ୍ତ୍ର ହେଉ ବା ବୌଦ୍ଧତନ୍ତ୍ର ହେଉ, ଏହାର ତତ୍ତ୍ୱାବଳୀ ସାଧାରଣତଃ ଏପରି ଭାଷାରେ ଲିଖିତ ହୋଇଥାଏ, ଯାହା ସର୍ବଦା ଦୁଇଟି ଅର୍ଥ ପ୍ରକାଶକରେ– ଗୋଟିଏ ବାହ୍ୟ ବା ଆଭିଧାନିକ ଅର୍ଥ ଓ ଅନ୍ୟଟି ଗୁହ୍ୟ ବା ତାତ୍ତ୍ୱିକ ଅର୍ଥ। ଚର୍ଯ୍ୟାଗୀତି ଓ ଦୋହା ତାନ୍ତ୍ରିକ ବୌଦ୍ଧଧର୍ମର ସାହିତ୍ୟ ହୋଇଥିବାରୁ ଏହି ଧର୍ମର ଦାର୍ଶନିକ ତତ୍ତ୍ୱମାନ ଏହିପରି ଦ୍ୱ୍ୟର୍ଥକ ଶବ୍ଦାବଳୀରେ ପୂର୍ଣ୍ଣ। ଏହା ସନ୍ଧ୍ୟାଭାଷା ବା ସନ୍ଧ୍ୟାବଚନ ନାମରେ ପରିଚିତ। ଚର୍ଯ୍ୟାଗୀତିରେ ପ୍ରଯୁକ୍ତ ସଂସ୍କୃତ ଟୀକାରେ ତାତ୍ତ୍ୱିକ ଅର୍ଥ ବ୍ୟାଖ୍ୟା କରିବା ପ୍ରସଙ୍ଗରେ କେତେକ ସ୍ଥଳରେ ସନ୍ଧ୍ୟାଭାଷା ବା ସନ୍ଧ୍ୟାବଚନର ଉଲ୍ଲେଖ ରହିଛି। 'ବୌଦ୍ଧଗାନ ଓ ଦୋହା' ପୁସ୍ତକସ୍ଥ ସରହପାଦଙ୍କ 'ଦୋହାକୋଷ' ସହିତ ସଂପୃକ୍ତ ଟୀକାରେ ମଧ୍ୟ ସନ୍ଧ୍ୟାଭାଷାର ଉଲ୍ଲେଖ ଦେଖାଯାଏ।

ଉଭୟ ଟୀକାରେ ସନ୍ଧ୍ୟାଭାଷାର ଉଲ୍ଲେଖ ଦେଖି ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ 'ବୌଦ୍ଧଗାନ ଓ ଦୋହା'ର ମୁଖବନ୍ଧରେ ଏହାର ସଂଜ୍ଞା ନିର୍ଣ୍ଣୟ କରିଛନ୍ତି 'ଆଲୋ-ଆଁ ଧାରି ଭାଷା'; ଅର୍ଥାତ୍ ଗୋଧୂଳି ଭାଷା, ଯାହା ଆଲୋକ ପରି ପ୍ରକାଶିତ ଓ ଅନ୍ଧକାର ପରି ଗୁପ୍ତ। ନିଜ ପିତାଙ୍କର ଏହି ସଂଜ୍ଞାଟିକୁ ପଣ୍ଡିତ ବିନୟତୋଷ ଭଟ୍ଟାଚାର୍ଯ୍ୟ ମଧ୍ୟ ଗ୍ରହଣ କରିଛନ୍ତି। ତାଙ୍କ ମତରେ ଏହି ମହାସିଦ୍ଧଗଣ ରଚନା କରିଥିବା ଗୀତିଗୁଡ଼ିକ ଏପରି ଏକ ଭାଷାରେ ଲିଖିତ ହୋଇଥିଲା, ଯାହାର ଗୋଟିଏ ପ୍ରଚ୍ଛନ୍ନ ତାତ୍ତ୍ୱିକ ଅର୍ଥ ସର୍ବଦା ରହିଥିଲା। ସର୍ବପ୍ରଥମେ ଶ୍ରୀଯୁକ୍ତ ପାଞ୍ଚକଡ଼ି ବାନାର୍ଜୀ ଏହି ମତକୁ ଖଣ୍ଡନ କରି ନିଜେ ଏକ ନୂତନ ମତ ପ୍ରକାଶ କଲେ ଯେ ସନ୍ଧ୍ୟାର ଅର୍ଥ ସୀମାନ୍ତ ଭୂମି (the word sandhya means border land)। ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ସନ୍ଧ୍ୟାଦେଶ ନାମରେ ଅଭିହିତ ଆର୍ଯ୍ୟାବର୍ତ୍ତ ଓ ବଙ୍ଗଦେଶର ମଧ୍ୟବର୍ତ୍ତୀ ଅଞ୍ଚଳର ଉପଭାଷା ହେଉଛି ସନ୍ଧ୍ୟାଭାଷା ଏବଂ ସେହି ଭାଷାରେ ଚର୍ଯ୍ୟାଗୀତି ରଚିତ। ପୁନଶ୍ଚ ସେ ଦର୍ଶାନ୍ତି ଯେ ଏବେ ମଧ୍ୟ ଶ୍ରୀ ଶାସ୍ତ୍ରୀଙ୍କ ଦ୍ୱାରା ସଂଗୃହୀତ ଚର୍ଯ୍ୟାଗୀତିଗୁଡ଼ିକ ଉକ୍ତ ଅଞ୍ଚଳର ଲୋକମୁଖରେ ପ୍ରଚଳିତ।

ବଙ୍ଗଳାର ଜଣେ ବିଶିଷ୍ଟ ପଣ୍ଡିତ ପ୍ରଫେସର ବିଧୁଶେଖର ଶାସ୍ତ୍ରୀ କେତେକ ପ୍ରାମାଣିକ ଗ୍ରନ୍ଥରୁ ଉଦାହରଣମାନ ଗ୍ରହଣ କରି ଦେଖାଇଛନ୍ତି ଯେ ଆଲୋଚ୍ୟ ଶବ୍ଦଟି 'ସନ୍ଧା', ସନ୍ଧ୍ୟା ନୁହେଁ। ବହୁ ନେପାଳୀ ପୋଥିରେ 'ସନ୍ଧ୍ୟା' ପଦ ବ୍ୟବହୃତ ହୋଇଥିଲେହେଁ ଲିପିକାରଙ୍କ ଅସାବଧାନତା ଓ ଅଜ୍ଞତା ହେତୁ ଏପରି ପ୍ରମାଦ ଘଟିଛି ବୋଲି ସେ ପ୍ରକାଶ କରନ୍ତି। ସେ ଏହାର ଅର୍ଥ କରିଛନ୍ତି 'ଆଭିପ୍ରାୟିକ ବଚନ' ବା 'ନେୟାର୍ଥ ବଚନ' ଭାବରେ। ଏହି ଅର୍ଥ ଚୀନ ଭାଷାରେ ଅନୂଦିତ ଗୁପ୍ତ, ଲୁକ୍କାୟିତ ଆଦି ଶବ୍ଦର ଅର୍ଥ ସହିତ ସମତା ରକ୍ଷାକରେ। ନେୟାର୍ଥ କହିଲେ ବୁଝାଯାଏ ଯାହାର ଅର୍ଥ ଅଧିକ ସ୍ପଷ୍ଟ କରିବାକୁ ହେବ। ଆଭିପ୍ରାୟକ ଅର୍ଥ– ସାଧାରଣତଃ ବୁଝାଯାଉଥିବା ଅର୍ଥ ବ୍ୟତୀତ ଏକ ଭିନ୍ନ ଅର୍ଥ।

ପଣ୍ଡିତ ଶାସ୍ତ୍ରୀଙ୍କର ଏହି ଅଭିମତ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚୀଙ୍କ ସମର୍ଥନ ଲାଭ କଲା। ଡକ୍ଟର ବାଗ୍‌ଚୀ ଲିପିକାରମାନଙ୍କ ପ୍ରମାଦହେତୁ 'ସନ୍ଧା' 'ସନ୍ଧ୍ୟା'ରେ ପରିଣତ ହୋଇଯାଇଛି ବୋଲି ପ୍ରକାଶ କଲେ। ଅଗେହାନନ୍ଦ ଭାରତୀ 'ସନ୍ଧା' ଶବ୍ଦକୁ ଶୁଦ୍ଧ ଶବ୍ଦ ଭାବରେ ମଧ୍ୟ ଗ୍ରହଣ କରନ୍ତି। ବୌଦ୍ଧଧର୍ମର ଜଣେ ବିଶିଷ୍ଟ ବିଦ୍ୱାନ ଲାମା ଅଙ୍ଗରିକା ଗୋବିନ୍ଦ 'ସନ୍ଧ୍ୟାଭାଷା' ପଦକୁ ଶୁଦ୍ଧ ବୋଲି ଗ୍ରହଣ କରି ଏହାକୁ ସାଂକେତିକ ଭାଷା ଓ ଗୁପ୍ତ ପରମ୍ପରା ଭାବରେ ଅଭିହିତ କରିଛନ୍ତି।

'ସନ୍ଧ୍ୟା ଶବ୍ଦର ଅର୍ଥ ଅଭିସନ୍ଧି ବା ସନ୍ଧି ଭାବରେ ଗ୍ରହଣ କରନ୍ତି ପଣ୍ଡିତ ଶାନ୍ତିଭିକ୍ଷୁ ଶାସ୍ତ୍ରୀ। ତାଙ୍କ ମତରେ, ଏକ ନିର୍ଦ୍ଦିଷ୍ଟ ଅଭିସନ୍ଧି ରଖି ରଚୟିତା ପଦଯୋଜନା କରିଥିବାରୁ ଏହାର ଉଭୟ ଗୁହ୍ୟ ଅର୍ଥ ଓ ବାହ୍ୟ ଅର୍ଥ ଥାଏ। ଏହି ଦୁଇ ଅର୍ଥର ସନ୍ଧି ବା ମିଳନ ସାଧିତ ହୋଇଥାଏ ଏହି ଭାଷାରେ।

'ସନ୍ଧା' ଶବ୍ଦକୁ ଡକ୍ଟର ଶଶିଭୂଷଣ ଦାଶଗୁପ୍ତ ଶୁଦ୍ଧ ବୋଲି ଗ୍ରହଣ କରିପାରି ନାହାନ୍ତି। ପୁନଶ୍ଚ ଲିପିକାରମାନଙ୍କ ଅସାବଧାନତା ବା ଅଜ୍ଞାତରୁ 'ସନ୍ଧ୍ୟା' ଶବ୍ଦର ଉତ୍ପତ୍ତି ହୋଇଥିବା ମତକୁ ମଧ୍ୟ ସେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଏ ସମ୍ବନ୍ଧରେ ସେ କହନ୍ତି

ଯେ, ସେ ଯେତେଗୁଡ଼ିଏ ବୌଦ୍ଧତନ୍ତ୍ର ପୋଥି ଓ ସେଗୁଡ଼ିକ ଉପରେ ରଚିତ ଟୀକା ଦେଖିଛନ୍ତି, ସେସବୁଥିରେ 'ସନ୍ଧ୍ୟା' ଶବ୍ଦର ଉଲ୍ଲେଖ ରହିଛି। ତାଙ୍କ ମତରେ 'ସନ୍ଧାଭାଷା' ଶବ୍ଦଟି ପରବର୍ତ୍ତୀକାଳରେ ଆଭିପ୍ରାୟିକ ଅର୍ଥରୁ ଅସ୍ପଷ୍ଟ ବା ଗୋଧୂଳିଭାଷାର ଏକ ପ୍ରତିଶବ୍ଦ ରୂପେ ରୂପାନ୍ତରିତ ହୋଇଅଛି। ଅଧ୍ୟାପକ ମଣୀନ୍ଦ୍ରମୋହନ ବସୁ ମଧ୍ୟ ଡକ୍ଟର ଦାଶଗୁପ୍ତଙ୍କ ଭଳି 'ସନ୍ଧ୍ୟା' ପଦଟିକୁ ଶୁଦ୍ଧ ବୋଲି ସ୍ୱୀକାର କରନ୍ତି। ତାଙ୍କ ମତରେ "ସମ-ପୂର୍ବକ ଧୈ (ଧ୍ୟାନକରି) +ଅ+ଅପ୍ (ସ୍ତ୍ରୀ)=ସନ୍ଧ୍ୟା।" ଅର୍ଥାତ୍ ସମ୍ୟକ୍ ବା ବିଶେଷ ଭାବରେ ଚିନ୍ତାକରି ଯେଉଁ ଭାଷାର (ପ୍ରଚ୍ଛନ୍ନ) ଅର୍ଥ ସ୍ଥିର କରିବାକୁ ହୁଏ, ତାହାହିଁ ସନ୍ଧ୍ୟାଭାଷା।

ଡକ୍ଟର ଧର୍ମବୀର ଭାରତୀଙ୍କ ମତରେ ତନ୍ତ୍ରସାଧକମାନେ 'ସନ୍ଧା' ଶବ୍ଦଟିକୁ ଜ୍ଞାତସାରରେ 'ସନ୍ଧ୍ୟା'ରେ ପରିଣତ କରିଛନ୍ତି। ନିଜ ରଚନାକୁ ସେମାନେ ସଜ୍ଞାନରେ ବ୍ୟାକରଣ-ଦୋଷଯୁକ୍ତ କରୁଥିଲେ, ଉଦ୍ଦେଶ୍ୟ– ସେମାନଙ୍କ ସାଧନାର ସଠିକ୍ ଅର୍ଥ ବା ତତ୍ତ୍ୱ ଗୁପ୍ତ ରଖିବା। ନିଜର ମତ ସପକ୍ଷରେ ସେ କାଳଚକ୍ରତନ୍ତ୍ରର ଟୀକା 'ବିମଳପ୍ରଭା'ରୁ କେତେକ ଉଦାହରଣ ପ୍ରଦାନ କରିଛନ୍ତି ସ୍ୱରଚିତ 'ସିଦ୍ଧସାହିତ୍ୟ' ଗ୍ରନ୍ଥରେ।

ବହିଚର୍ଚ୍ଚିତ ଏହି ଭାଷାକୁ ସନ୍ଧାଭାଷା, ସନ୍ଧ୍ୟାଭାଷା ବା ସନ୍ଧିଭାଷା ନାମରେ ନାମିତ କରାଯାଇପାରେ। କାରଣ ସନ୍ଧ୍ୟାଭାଷା ଅର୍ଥ ସନ୍ଧ୍ୟାକାଳୀନ ବା ଗୋଧୂଳିର ଭାଷା। ଗୋଧୂଳି ସମୟରେ ଯେପରି ଆଲୋକ ଥାଇ ନ ଥିଲା ପରି ଏବଂ ଅନ୍ଧାର ଆସି ନ ଆସିଲାପରି ହୋଇଥାଏ ସେହିପରି ଏହି ଭାଷାରେ ଲିଖିତ କବିତା ଗୋଟିଏ ଅର୍ଥ ପ୍ରକାଶ କରୁଥିଲେହେଁ ଅନ୍ୟ ଏକ ଅର୍ଥର ଅପେକ୍ଷା ରଖେ। ଅର୍ଥାତ୍ ଏହି ଭାଷାରେ ରଚିତ କବିତାରୁ ଆପାତତଃ ଗୋଟିଏ ଅର୍ଥ ବାହାରୁଥିଲେହେଁ ଏହା ମୁଖ୍ୟ ଅର୍ଥ ନୁହେଁ; ଏଣୁ ଏ ଅର୍ଥ ଥାଇ ମଧ୍ୟ ନଥିଲା ସଙ୍ଗେ ସମାନ। 'ସନ୍ଧା' ନାମକରଣର ଯଥାର୍ଥତା ମଧ୍ୟ ପ୍ରତିପାଦନ କରାଯାଇପାରେ। ସନ୍ଧିବାର ଅର୍ଥ ଯୋଡ଼ିବା। ଏହି ରଚନାରେ ଦୁଇ ଦୁଇଟି ଅର୍ଥ ଯୋଡ଼ାଯାଇଛି ବା ଯୁକ୍ତ କରାଯାଇଛି। ପ୍ରଥମ ଅର୍ଥଟି ସହଜ, ସରଳ ଓ ଆକ୍ଷରିକ ଏବଂ ଦ୍ୱିତୀୟଟି ନିଗୂଢ଼, ତାତ୍ତ୍ୱିକ ଓ ଦାର୍ଶନିକ। ପ୍ରଯୁକ୍ତ ଭାଷାର 'ସନ୍ଧାଭାଷା' ନାମକରଣ ଅଯଥାର୍ଥ ନୁହେଁ। ବହିରଙ୍ଗ ଓ ଅନ୍ତରଙ୍ଗ ଅର୍ଥଦ୍ୱୟର ସନ୍ଧି ବା ମିଳନ ଘଟିଥାଏ ଏହି ଭାଷାରେ ଲିଖିତ ରଚନାଗୁଡ଼ିକରେ। ଅତଏବ ଏହାର 'ସନ୍ଧିଭାଷା' ନାମକରଣ ସ୍ୱତଃ ପ୍ରମାଣିତ।

'ସଦ୍ଧର୍ମପୁଣ୍ଡରୀକ' ଗ୍ରନ୍ଥର ଅନୁବାଦକ Burnouf ସାହବ ସନ୍ଧ୍ୟାଭାଷାକୁ Language Enigmatical (ଭାଷାପ୍ରହେଳୀ) ବୋଲି କହନ୍ତି। 'ସଦ୍ଧାର୍ମପୁଣ୍ଡରୀକ' ଗ୍ରନ୍ଥର ଇଂରାଜୀ ଅନୁବାଦକ H. Kern ଅନୁବାଦର ପାଦଟୀକାରେ ଏହି ଭାଷାକୁ Mysterious(ରହସ୍ୟାଚ୍ଛନ୍ନ) ବୋଲି ଗ୍ରହଣ କରି ଏହା ମନ୍ତ୍ର ସଙ୍ଗେ ସମାନ ବୋଲି ଉଲ୍ଲେଖ କରିଛନ୍ତି। ମନ୍ତ୍ରରେ ଯେପରି ଗୁଢ଼ଭାଷାର ବାଞ୍ଛନା କରାଯାଇଥାଏ; ସନ୍ଧ୍ୟାଭାଷାରେ ସେହିପରି "Secrecy is implied though not expressed"; କିନ୍ତୁ ଏହା ମନେରଖିବାକୁ ହେବ ଯେ ମନ୍ତ୍ର ସହିତ ସନ୍ଧ୍ୟାଭାଷାର ସାଦୃଶ୍ୟ ଥାଇପାରେ, ମାତ୍ର ସନ୍ଧ୍ୟାଭାଷା ମନ୍ତ୍ର ନୁହେଁ। କାରଣ ମନ୍ତ୍ରର ମୋହମୟ ଆବେଗ ଓ ଅପୂର୍ବ ଉତ୍ପାଦନ କ୍ଷମତା ସନ୍ଧ୍ୟାଭାଷାର ନାହିଁ। Maxmuller ଏହି ଭାଷାକୁ Hidden saying (ପ୍ରଚ୍ଛନ୍ନ ଉକ୍ତି) ଭାବରେ ଗ୍ରହଣ କରନ୍ତି।

ଗୁହ୍ୟସାଧନାକାରୀ ବୌଦ୍ଧ ସହଜିଆ ସଂପ୍ରଦାୟଭୁକ୍ତ ହୋଇ ନଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସେମାନଙ୍କ ରଚନାର ଏକ ସରଳ ଓ ସହଜ ଅର୍ଥ ଥିଲା ଏବଂ ଏମାନେ ଗୁହ୍ୟ ତଥ୍ୟର ବିନ୍ଦୁବିସର୍ଗ ମଧ୍ୟ ବୁଝିପାରୁ ନ ଥିଲେ। ଏହି ବହିରଙ୍ଗ ଆକ୍ଷରିକାର୍ଥର ଅନ୍ତରାଳରେ ଲୁକ୍କାୟିତ ଅନ୍ତରଙ୍ଗ ଗୂଢ଼ାର୍ଥ ସାଧକ ନିମନ୍ତେ କେବଳ ଉଦ୍ଦିଷ୍ଟ ଥିଲା। ସାଧକ ମଧ୍ୟ ସବୁବେଳେ ଏହା ବୁଝିବା ନିମନ୍ତେ ସମର୍ଥ ହେଉ ନ ଥିଲା। ତେଣୁ ସିଦ୍ଧ-ସାହିତ୍ୟରେ ସଦାସର୍ବଦା ସଦ୍‌ଗୁରୁଙ୍କ ସହାୟତା ନେବାକୁ ଉପଦେଶ ଦିଆଯାଉଥିଲା। ସଦ୍‌ଗୁରୁ ହିଁ କେବଳ ପ୍ରଚ୍ଛନ୍ନ ନିଗୂଢ଼ ଦାର୍ଶନିକ ଅର୍ଥକୁ ଶିଷ୍ୟମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ପାରୁଥିଲେ। ଚର୍ଯ୍ୟାଗୀତଗୁଡ଼ିକରେ ଏପରି କେତେକ ସାଧାରଣ ଶବ୍ଦ ଦେଖିବାକୁ ମିଳେ, ଯାହା ଉପରେ ଏକ ବିଶିଷ୍ଟ ଅର୍ଥର ଆରୋପ କରାଯାଇଥାଏ। ଉପଯୁକ୍ତ ଗୁରୁ ବ୍ୟତୀତ ଅନ୍ୟ କେହି ଏହାର ସଠିକ୍ ଅର୍ଥ ବୁଝାଇପାରିବେ ନାହିଁ। ତେଣୁ ସଦ୍‌ଗୁରୁ ହିଁ ତାନ୍ତ୍ରିକ ସାଧନାରେ ସୂକ୍ଷ୍ମତତ୍ତ୍ୱ ପ୍ରଦର୍ଶନ କରିବା ନିମନ୍ତେ ପଥ ପ୍ରଦର୍ଶକ ବୋଲି ଅନେକ ଚର୍ଯ୍ୟାରେ କଥିତ ଅଛି।

"ଲୁଇ ଭଣଇ ଗୁରୁ ପୁଛିଅ ଜାଣ। (ଲୁଇପାଦ, ଚର୍ଯ୍ୟା-୧)
"ବାହ ତୁ କାମଳି ସଦ୍‌ଗୁରୁ ପୁଚ୍ଛି।" (କମ୍ବଳାମ୍ବରପାଦ, ଚର୍ଯ୍ୟା-୮)
"ସଦ୍‌ଗୁରୁ ବୋହେ କରହ ସୋ ନିଚ୍ଚଳ।" (ଭୁସୁକୁପାଦ, ଚର୍ଯ୍ୟା-୨୧)
"ଏବେଁ ମଇ ବୁଝିଲୁ ସଦ୍‌ଗୁରୁ ବୋହେଁ। (ଭାଦେପା, ଚର୍ଯ୍ୟା-୩୫)

ଏହି ଆଲୋଚନାରୁ ଏହା ବର୍ତ୍ତମାନ ସ୍ପଷ୍ଟ ହେଲା ଯେ ସନ୍ଧ୍ୟାଭାଷା କୌଣସି ଗୋଟିଏ ଅଞ୍ଚଳର ଭାଷା ନୁହେଁ। ଏହା ଏକ ସାଙ୍କେତିକ ଭାଷା, ଯାହା କିଛି ସ୍ପଷ୍ଟ, କିଛି ଅସ୍ପଷ୍ଟ, କିଛି ବୋଧ, କିଛି ଅବୋଧ। ଏହା କେବଳ ଗୁହ୍ୟ ସାଧନାର ସାରତତ୍ତ୍ୱ ପ୍ରକାଶ ପାଇଁ ଅଭିପ୍ରେତ। ଏହା ବାହ୍ୟ ଓ ଗୁହ୍ୟ– ଏହିପରି ଦ୍ୱୈତ-ଅର୍ଥସମ୍ବଳିତ ରଚନାରେ ପରିଦୃଷ୍ଟ ହୁଏ। ବାହ୍ୟ ଅର୍ଥ ସରଳ ଓ ଆକ୍ଷରିକ, ଯାହା ଯେକୌଣସି ବ୍ୟକ୍ତି ବୁଝିପାରେ; ମାତ୍ର ଏହାର ଗୁହ୍ୟ ଅର୍ଥ ଅଭିସନ୍ଧିମୂଳକ ବା ସନ୍ଧିଯୁକ୍ତ ଏବଂ ଏହା ବୁଝିବା ନିମନ୍ତେ ଗୁରୁ ବା ସଦ୍‌ଗୁରୁଙ୍କ ଏକାନ୍ତ ଆବଶ୍ୟକତା ରହିଛି। ଏହା ପୂର୍ବଭାରତର ବିଭିନ୍ନ ଅଞ୍ଚଳର ପରବର୍ତ୍ତୀକାଳୀନ ସନ୍ଥସାହିତ୍ୟ ଓ ରହସ୍ୟବାଦୀ ସାହିତ୍ୟରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଛି।

'ଚର୍ଯ୍ୟାଗୀତିକୋଷ'ରେ ସ୍ଥାନ ପାଇଥିବା ଚର୍ଯ୍ୟାଗୀତିମାନଙ୍କରୁ ଗୋଟିଏ ପଦକୁ ଉଦାହରଣସ୍ୱରୂପ ଗ୍ରହଣ କରାଯାଇ ତନ୍ମଧ୍ୟରେ କିପରି ଏହି ଦ୍ୱ୍ୟର୍ଥକ ଶବ୍ଦ ରହିଛି, ତାହା ପ୍ରଦର୍ଶନ କରାଯାଇପାରେ।

କାହ୍ନୁପାଦଙ୍କ ଚର୍ଯ୍ୟା ସଂ-୧୧ରେ ଅଛି–

"ମାରିଆ ସାସୁ ନଣନ୍ଦ ଘରେ ଶାଳୀ
ମାଆ ମାରିଆ କାହ୍ନୁ ଭଇଲ କବାଳୀ।"

ଏହାର ବାହ୍ୟ ଅର୍ଥ ବା ଆକ୍ଷରିକ ଅର୍ଥ ହେଉଛି– ଘରେ ଶାଶୂ, ନଣନ୍ଦ, ଶାଳୀ ଓ ମାଆକୁ ମାରି କାହ୍ନୁକପାଳି ବା କାପାଳିକ ହେଲେ; ମାତ୍ର ଗୁହ୍ୟାର୍ଥ ବା ମର୍ମାର୍ଥ ବା ସନ୍ଧ୍ୟାର୍ଥରେ ଶାଶୂ (ଶ୍ୱାସ), ନଣନ୍ଦ ଓ ଘରେ ଶାଳୀ ଶ୍ୱାସ ଭାବରେ ଗୃହୀତ। ଅର୍ଥାତ୍ ଏ ତିନିହେଁ ଯଥାକ୍ରମେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି। ସୁଷୁମ୍ନାକୁ 'ଘରେ ଶାଳୀ' ଭାବରେ କୁହାଯିବାର ତାତ୍ପର୍ଯ୍ୟ ହେଉଛି, ତିନି ନାଡ଼ି ମଧ୍ୟରେ ଏହା ଶ୍ରେଷ୍ଠ ଏବଂ ଅନ୍ୟ ଦୁଇ ନାଡ଼ି ଅର୍ଥାତ୍ ଇଡ଼ା ଓ ପିଙ୍ଗଳା ମଧ୍ୟରେ (ଘର ଭିତରେ) ଏହା ରହିଅଛି। ଏହି ତିନି ନାଡ଼ିକୁ ନିୟନ୍ତ୍ରଣାଧୀନ କରିପାରିଲେ ସାଧକର ସିଦ୍ଧିଲାଭ ହୁଏ। କାହ୍ନୁ ବା କାହ୍ନୁପା ଏହି ତିନି ନାଡ଼ିକୁ ନିଜର ଆୟତ୍ତକୁ ଆଣିଲେ ଏବଂ ପରିଶେଷରେ ମାଆ ରୂପକ ମାୟାକୁ ମାରି ବା ଦମନ କରି କାପାଳିକ ହେଲେ।

ଏପରି କେତେକ ଚର୍ଯ୍ୟାଗୀତି ରହିଛି, ଯେଉଁଗୁଡ଼ିକ ଅଶ୍ଳୀଳତାରେ ପୂର୍ଣ୍ଣ। ଅର୍ଥାତ୍ ଏଥିରେ ବ୍ୟବହୃତ କେତେକ ଶବ୍ଦ ଅଶ୍ରାବ୍ୟ। ଏହି ଅଶ୍ରାବ୍ୟ ଶବ୍ଦଗୁଡ଼ିକ ସାଧାରଣତଃ ପୁରୁଷ ଓ ସ୍ତ୍ରୀ ଜନନେନ୍ଦ୍ରିୟର ପ୍ରତିଶବ୍ଦ ବା ନାମାନ୍ତର। ତାଡ଼କପାଦଙ୍କ ଚର୍ଯ୍ୟା ସଂଖ୍ୟା-୩୭ ଓ ଗୁଣ୍ଡରିପାଦଙ୍କ ଚର୍ଯ୍ୟା ସଂଖ୍ୟା-୪ରେ ଏହିପରି କେତେକ ଶବ୍ଦ ଦେଖାଯାଏ। ଏହି ଦୃଷ୍ଟିରୁ କେତେକ ହୁଏତ ଏହାର ଅଶ୍ଳୀଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରନ୍ତି। ମାତ୍ର ଏହାର ବାହ୍ୟ ଅର୍ଥ ଅଶ୍ଳୀଳ ହେଲେହେଁ ଗୁହ୍ୟ ଅର୍ଥ ଯୌଗିକ। ଏପରି ହେବାର କାରଣ ଗୁହ୍ୟସାଧନାର ଭାଷା-ସଂକେତ ମଧ୍ୟ ଗୁହ୍ୟ ହେବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି ଚର୍ଯ୍ୟାକାରଗଣ। ତେଣୁ ଏହି ଶବ୍ଦଗୁଡ଼ିକୁ ଅଶ୍ଳୀଳଭାବେ ଗ୍ରହଣ ନ କରି ସାଙ୍କେତିକ ଶବ୍ଦ ଭାବରେ ଗ୍ରହଣ କରାଯିବା ଉଚିତ।

ପରବର୍ତ୍ତୀକାଳରେ ଏହି ସନ୍ଧ୍ୟାଭାଷାର ପ୍ରୟୋଗ ସମୟକ୍ରମେ ହ୍ରାସ ପାଉଥିଲେ ମଧ୍ୟ ପରବର୍ତ୍ତୀ ସନ୍ଥ ସାହିତ୍ୟଗୁଡ଼ିକରେ ଏହାର ପ୍ରଭାବ କେତେକ ପରିମାଣରେ ଅନୁଭୂତ ହୁଏ। "ଓଡ଼ିଆ, ହିନ୍ଦୀ, ବଙ୍ଗଳା, ମୈଥିଳୀ ପ୍ରଭୃତି ଭାଷାର ପ୍ରାଚୀନ ସାହିତ୍ୟ ପ୍ରତି ଦୃଷ୍ଟି ଦେଲେ ଏହାର ପର୍ଯ୍ୟାପ୍ତ ପ୍ରମାଣ ମିଳିଥାଏ। ହିନ୍ଦୀ ଭାଷାର କବୀର, ସୁନ୍ଦର ଦାସ ପ୍ରଭୃତି ସନ୍ଥମାନଙ୍କର ପଦାବଳୀରେ,

ବଙ୍ଗଳାର ନାଥ ସାହିତ୍ୟ ଓ ବାଉଲ୍ ଗାନରେ ଏବଂ ଜ୍ଞାନବାଦୀ ଉତ୍କଳୀୟ ବୈଷ୍ଣବମାନଙ୍କ ରଚନାରେ ଅନେକ ସ୍ଥଳରେ ସାଙ୍କେତିକ ଭାଷାର ପ୍ରୟୋଗ ହୋଇଛି। କବୀରଙ୍କର ଉଲଟବଂଶୀ ଓ ବାଉଲ୍‌ମାନଙ୍କର ଉଲଟବାଉଲ୍ ଗାନରେ ସିଦ୍ଧାଚାର୍ଯ୍ୟ ଢେଣ୍ଢଣପା, କୁକ୍କୁରୀପା ପ୍ରଭୃତିଙ୍କର ବିରୋଧମୂଳକ ପ୍ରତୀକ ବ୍ୟବହୃତ ଶୈଳୀର ସୁସ୍ପଷ୍ଟ ଛାୟା ଉପଲବ୍ଧ କରିହୁଏ। ଓଡ଼ିଆରେ ପଞ୍ଚସଖା ଓ ତାଙ୍କର ଅନୁଗାମୀମାନଙ୍କର ଭଜନ ସାହିତ୍ୟରେ ମଧ୍ୟ 'ବିଷମ ସନ୍ଧି' ଯୁକ୍ତ ଶୈଳୀର ପରିଚୟ ମିଳେ।" (ସମାଲୋଚନାର ବିଭିବିଗତ, ଡକ୍ଟର ଖଗେଶ୍ୱର ମହାପାତ୍ର, ପୃ: ୩୫) ଏଠାରେ ଏହିସବୁ ରଚନାରୁ କେତୋଟି ଉଦ୍ଧୃତାଂଶ ଦୃଷ୍ଟାନ୍ତ ସ୍ୱରୂପ ପ୍ରଦତ୍ତ ହୋଇପାରେ।

(କ) "ବାଲିରେଣ୍ଟୁ ମହାବନ୍ଧ ସୁଜନେ ହୋ ବାଲିରେଣ୍ଟୁ ମହାବନ୍ଧ
ଦୋ ମୁହାଁ ସର୍ପକୁ ଭୟ ନ କରିଣ ବେଙ୍ଗ ଚଢ଼େ ଗଜକନ୍ଧ।
ଅଣ୍ଡିରା ହଂସ ଯେ ଡିମ୍ବେକ ପାରିଛି, ତା ମଧ୍ୟେ ଯୋଡ଼ିଏ ଛୁଆ
ଆଡ଼କରେ ଜଳ, ଆଡ଼କେ ଅନଳ ଦେଖି ହେଲି ଅଚାଭୁଆ।"

(ଖ) "ପ୍ରାଣ ସଜନୀ ଗୋ, ଶୁଣିଲେ ହୋଇବୁ ବାଇ
ବନର ଭିତରେ ଗାଈ ପ୍ରସବିଛି ବାଘୁଣୀ ବାଟ କଢ଼ାଇ।
ପିତାମାତା ଦୁହେଁ ଜନମ ନୋହୁଣୁ ପୁଅ ଯେ ଦାଣ୍ଡେ ଖେଳଇ
ଗାଈ ନ ସଂଘୁଣୁ ଗୋପାଳ ଦୋହୁଛି ଲବଣୀ ହାଟେ ବିକଇ।
ନଳକା ଭିତରେ ସମୁଦ୍ର ଲୁଚିଛି ଯେ କଥା ଦେଖିଛୁ କାହିଁ
କୂପର ଭିତରେ ମୃଗ ପ୍ରସବିଛି ଦାଣ୍ଡେ ବାଛୁରୀ ଖେଳଇ।"

**୧.୩.୯.- ଚର୍ଯ୍ୟାଗୀତିରେ ଓଡ଼ିଆ ଭାଷାର ବିଶିଷ୍ଟ ଲକ୍ଷଣ :**

ଚର୍ଯ୍ୟାଗୀତି ଓ ଦୋହାର ଭାଷା ଥିଲା ତତ୍‌କାଳୀନ ସମାଜର କଥିତ ଭାଷା ଏବଂ ଏହି କଥିତ ଭାଷାରେ ସାହିତ୍ୟ ସୃଷ୍ଟିକରି ସମାଜରେ ଥିବା ସଂସ୍କୃତ ଭାଷାର ପ୍ରାଧାନ୍ୟ ହ୍ରାସ କରିବା ଚର୍ଯ୍ୟାକାରଙ୍କ ଲକ୍ଷ୍ୟ ଥିଲା। ସଂସ୍କୃତରେ ପଣ୍ଡିତ ଥିଲେହେଁ ସାଧାରଣ କଥିତ ଭାଷାରେ ସାହିତ୍ୟ ସୃଷ୍ଟିକରି ସେମାନେ ସେମାନଙ୍କ ଧର୍ମର ଗୂଢ଼ତତ୍ତ୍ୱମାନ ଲୁକ୍‌କାୟିତ ରଖୁଥିଲେ। ଫଳରେ ସଂସ୍କୃତ ଭାଷାର କ୍ଲିଷ୍ଟତା ମଧ୍ୟରୁ ମୁକ୍ତିଲାଭ କରି କଥିତ ଭାଷାରେ ରଚିତ ଏହି ରଚନାବଳୀ ବାହ୍ୟ ସାହିତ୍ୟିକ ଅର୍ଥ ଦୃଷ୍ଟିରୁ ଜନସାଧାରଣଙ୍କ ଦ୍ୱାରା ଓ ଗୁହ୍ୟ ଧାର୍ମିକ ଅର୍ଥ ଦୃଷ୍ଟିରୁ ସଂପୃକ୍ତ ସଂପ୍ରଦାୟ ଦ୍ୱାରା ବିଶେଷ ଭାବରେ ଆଦୃତ ଥିଲା। ଚର୍ଯ୍ୟାଗୀତି ଓ ଦୋହାର ଭାଷା ତତ୍କାଳୀନ ପୂର୍ବଭାରତୀୟ ଅଞ୍ଚଳମାନଙ୍କରେ ସାଧାରଣ କଥିତ ଭାଷା ହୋଇଥିବାରୁ ଏଥିରେ ଓଡ଼ିଆ, ବଙ୍ଗଳା ଓ ଆସାମୀ ପଣ୍ଡିତଗଣ ନିଜ ନିଜ ଅଞ୍ଚଳର ଭାଷାର ବୈଶିଷ୍ଟ୍ୟ ଦେଖିବାକୁ ପାଆନ୍ତି। ଓଡ଼ିଆ ଭାଷାର ଯେଉଁ ବିଶିଷ୍ଟ ଲକ୍ଷଣମାନ ଏଥିରେ ଦେଖାଯାଏ ତା'ର ଆଲୋଚନା ବିଭିନ୍ନ ପଣ୍ଡିତ କରିଛନ୍ତି। ଡକ୍ଟର କରୁଣାକର ଏମାନଙ୍କ ମଧ୍ୟରେ ଅଗ୍ରଣୀ। ସେ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଗ୍ରନ୍ଥରେ ଚର୍ଯ୍ୟାର ଭାଷାତତ୍ତ୍ୱ ବିଷୟକ ଏକ ଦୀର୍ଘ ଓ ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧ ଲେଖିଛନ୍ତି। ଏହି ମୁଖବନ୍ଧର ଅନୁସରଣରେ ଚର୍ଯ୍ୟାଗୀତିଗୁଡ଼ିକରେ ରହିଥିବା ଓଡ଼ିଆ ଭାଷାର କେତେକ ବିଶିଷ୍ଟ ଲକ୍ଷଣ ଏଠାରେ ପ୍ରଦାନ କରାଯାଇପାରେ।

**ସ୍ୱରଧ୍ୱନିରେ ପରିବର୍ତ୍ତନ–** ଚର୍ଯ୍ୟାରେ 'ଋ'କାରର ଉଚ୍ଚାରଣ ଦେଖାଯାଏନି। ଏଥିରେ 'ଐ' ଓ 'ଔ'ର ବ୍ୟବହାର ଦେଖାଯାଏ। ବେଳେବେଳେ 'ଐ' ଓ 'ଔ' ଯଥାକ୍ରମେ 'ଅଇ' ଓ 'ଅଉ' ଭାବରେ ମଧ୍ୟ ବ୍ୟବହୃତ ହୋଇଥାଏ। ଯଥା– ବୈରି, ଚୌଷଠ୍ଠି, ଚଉଦିଗ, ଚଉଷଠ୍ଠି ଇତ୍ୟାଦି। ଓଡ଼ିଆରେ 'ଔ' ଓ 'ଅଉ' ଉଭୟର ପ୍ରୟୋଗ ରହିଛି; ଯଥା– ସୌରଭ, ସଉରଭ; ଗୌରବ, ଗଉରବ; ସୌଭାଗ୍ୟ, ସଉଭାଗ୍ୟ।

ଚର୍ଯ୍ୟାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଏଥିରେ 'ଇ' କାର 'ଅ' କାରରେ ପରିଣତ ହୁଏ, ଯେପରି– ଛାଡ଼ଇ>ଛାଡ଼ିଅ, ବାନ୍ଧଇ>ବାନ୍ଧିଅ, ପଡ଼ଇ>ପଡ଼ିଅ। ପ୍ରାଚୀନ ଓଡ଼ିଆରେ ଜାଗଅ, ମାଗଅ ଇତ୍ୟାଦି ଶବ୍ଦର ବ୍ୟବହାର ମଧ୍ୟ ଦେଖାଯାଇଥାଏ।

ପ୍ରାକୃତ ଭାଷାରେ 'ଋ'କାର 'ଅଇ' ବା 'ଉ'ରେ ପରିଣତ ହୋଇଥାଏ। ଚର୍ଯ୍ୟାଗୀତିଗୁଡ଼ିକରେ ମଧ୍ୟ ଏହି ପ୍ରାକୃତ ରୀତି ଅକ୍ଷୁଣ୍ଣଭାବେ ଅନୁସୃତ ହୋଇଥିବାର ଦେଖାଯାଏ; ଯେପରି– ତୃଣ>ତିଣ। ପୃଚ୍ଛ>ପିଚ୍ଛ। ଶୃଗାଳ>ସିଆଳ। ହୃଦୟ>ହିଅ। ବୃକ୍ଷର>ରୂଖେର। ଓଡ଼ିଆରେ ମଧ୍ୟ ଦୃଢ଼>ଦଢ଼ (ଋକାର ଅକାରରେ) ଘୃତ>ଘିଅ (ଋକାର ଇକାରରେ) ବୃଦ୍ଧ>ବୁଢ଼ା (ଋ କାର ଉ କାରରେ) ପରିଣତ ହୋଇଥିବା ଦେଖାଯାଏ।

ଚର୍ଯ୍ୟାରେ 'ଇ' କାର କେତେକ ସ୍ଥଳରେ 'ଏ' କାରରେ ପରିଣତ ହୋଇଥାଏ। ଯେପରି– ରୁନ୍ଧିଲା>ରୁନ୍ଧେଇଲା। ମାତିଲା>ମାତେଲା। ସୁତିଲା>ସୁତେଲା। ସେହିପରି ଓଡ଼ିଆରେ ନୀଳ>ନେଳି। ବିଲ୍ୱ>ବେଲ।

'ଇ' କାର ବା 'ଈ' କାର ବେଳେ ବେଳେ 'ଉ' କାର ହୋଇଥାଏ। ଯେପରି– ବିହୀନେ>ବିହୁନେ। ଏଥି>ଏଥୁ। ଓଡିଆରେ ସେହିପରି ପ୍ରସାରିଣୀ>ପସାରୁଣୀ। ପଥିକ>ପଥୁକୀ। ତୀର୍ଥ>ତୁଠ।

ଚର୍ଯ୍ୟାରେ 'ଉ'କାର 'ଇ'କାରରେ ପରିବର୍ତ୍ତିତ ହେବାର ଦେଖାଯାଏ। ଯଥା– ରୁସଇ>ରିସଇ। ସେହିପରି ଓଡ଼ିଆରେ ମନୁଷ୍ୟ>ମଣିଷ। ବାଲୁ>ବାଲି।

**ବ୍ୟଞ୍ଜନଧ୍ୱନିରେ ପରିବର୍ତ୍ତନ**– ପ୍ରାକୃତ ପରିଚର୍ଯ୍ୟାରେ 'ଶ' ବା 'ଷ' ସବୁଠାରେ 'ସ' ହୋଇଅଛି। ଯେଉଁ କେତେକ ସ୍ଥଳରେ 'ଶ' ଦେଖିବାକୁ ମିଳେ, ତାହା ଲିପିକାରଙ୍କ ପ୍ରମାଦ ବୋଲି ଡକ୍ଟର କର ମତ ଦିଅନ୍ତି। ଉଦାହରଣ– ନିଶି>ନିସି। ମୂଷା>ମୁସା। ଶାଶୂ>ସାସୁ। ତ୍ରିଦଶ>ତିଅସ। ଶଶୀ>ସସି। ଶୂନ୍ୟ>ସୁନ। ଶୁଣିଆ>ସୁଣିଆ। ପ୍ରମାଦବଶତଃ 'ଶ'ର ପ୍ରୟୋଗ ଦଶ, କୁଳିଶ, ଦଶମି ଇତ୍ୟାଦି। ପ୍ରାଚୀନ ଓଡ଼ିଆ ରଚନାବଳୀ ଓ ଓଡ଼ିଆ ଅଭିଲେଖମାନଙ୍କରେ ମଧ୍ୟ ଏହିପରି ଯାଦୃଚ୍ଛିକ ବ୍ୟବହାର ଦେଖାଯାଏ।

ବେଳେବେଳେ ଚର୍ଯ୍ୟାରେ 'ଖ' 'ହ'ରେ ପରିଣତ ହୋଇଥାଏ। ଯେପରି– ମୁଖ>ମୁହଁ। ସଖି>ସହି। ମହାସୁଖ>ମସାସୁହ। ପ୍ରାଚୀନ ଓଡ଼ିଆରେ ମଧ୍ୟ ଅନୁରୂପ ପ୍ରୟୋଗ ରହିଛି; ଯଥା– ନଖ>ନହ। ଦଶ>ଦହ।

'ଟ' ବେଳେବେଳେ 'ଠ' ଓ 'ଡ' ରେ ପରିଣତ ହୁଏ। ଯେପରି– ଦୁଷ୍ଟ>ଦିଠା। ବିଷ୍ଟ>ବଇଠା। ପ୍ରବିଷ୍ଟ>ପଇଠ। କୋଟି>କୋଡ଼ି। ନଟ>ନଡ଼। ଘଟି>ଘଡ଼ି। ବାଟ>ବାଡ଼ି। ଓଡ଼ିଆରେ ଏହିପରି ଅନେକ ଉଦାହରଣ ରହିଛି। ଯେପରି– କର୍କଟ>କକଡ଼ା। ଶକଟ>ଶଗଡ଼। ବଟୀ>ବଡ଼ି।

ଚର୍ଯ୍ୟାରେ ସ୍ଥାନେ ସ୍ଥାନେ 'ତ' 'ଡ' ହେବାର ଦେଖାଯାଏ। ଯଥା– ପ୍ରତିବିମ୍ବୁ>ପଡ଼ିବିମ୍ବୁ। ପତନ୍ତେ>ପଡନ୍ତେ। ଓଡ଼ିଆରେ ସେହିପରି ପ୍ରତିହାରୀ>ପଡିହାରୀ। ପ୍ରତିବେଶୀ>ପଡ଼ୋଶୀ।

ଚର୍ଯ୍ୟାରେ 'ଧ' 'ହ' ରେ ପରିଣତ ହୋଇଥାଏ। ଯେପରି– ସମାଧି>ସମାହି। ବୋଧି>ବୋହୀ। ଓଡ଼ିଆରେ ମଧୁ>ମହୁ। ବଧୂ>ବହୂ।

ଚର୍ଯ୍ୟାରେ ବ୍ୟବହୃତ କେତେକ ଶବ୍ଦରେ 'ଭ'ର ସ୍ଥାନ 'ହ' ନେଇଥାଏ। ଯେପରି– ସ୍ୱଭାବେ>ସହାବେ। ତ୍ରିଭୁବନ>ତିହୁଅଣ। ଶୋଭଇ>ସୋହଇ। ଓଡ଼ିଆରେ ସେହିପରି ଗଭୀର>ଗହୀର। ନାଭି>ନାହି।

ଓଡ଼ିଆରେ 'ଳ' ଏକ ବିଶେଷ ଅକ୍ଷର। ଏହା ଓଡ଼ିଆ ବ୍ୟତୀତ ଗୁଜୁରାଟୀ ଓ ମହାରାଷ୍ଟ୍ରୀ ଭାଷାରେ ଅଛି; ମାତ୍ର ବଙ୍ଗ, ମଗଧ, ମିଥିଳା ଆଦି ଅଞ୍ଚଳର ଭାଷାରେ ନାହିଁ। ଚର୍ଯ୍ୟାରେ ଏହି ଅକ୍ଷରଯୁକ୍ତ ଅନେକ ଶବ୍ଦ ରହିଛି, ଯାହା ଚର୍ଯ୍ୟାରେ ଓଡ଼ିଆ ଭାଷାର ଏକ ବିଶିଷ୍ଟ ଲକ୍ଷଣ।

କେତେକ ଶବ୍ଦରେ 'ଳ' ସ୍ଥାନରେ 'ଡ' ବ୍ୟବହୃତ ହୋଇଅଛି। ଯଥା– ଗାଉଲ>ଗାଉଡ଼। ତୋଳି>ତୋଡ଼ି। 'ଡ' ଉଚ୍ଚାରଣ ଓଡ଼ିଆ ଭାଷାର ଏକ ବିଶେଷତ୍ୱ ବୋଲି ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ସ୍ୱୀକାର କରିଛନ୍ତି।

ଚର୍ଯ୍ୟାରେ ସମୟେ ସମୟେ 'ହ' କାରର ଲୋପ ହୋଇଥାଏ। ଗୁରୁ ଉଚ୍ଚାରଣକୁ ଲଘୁ କରିବା ଏହାର ଲକ୍ଷ୍ୟ। ଯଥା– ଦିବସହିଁ>ଦିବସଇ। ତହିଁ>ତଇଁ। ତାହାରି>ତାଆରି। ଓଡ଼ିଆରେ ମହିଷ>ମଇଁଷି। ବହିତ୍ର>ବୋଇତ।

ବେଳେବେଳେ ଉପରୋକ୍ତ ନିୟମର ଠିକ୍ ବିପରୀତ ଦେଖାଯାଏ। ଅର୍ଥାତ୍ 'ହ'ର ଆଗମ ହୋଇ ଲଘୁ ଉଚ୍ଚାରଣ ଗୁରୁ ଉଚ୍ଚାରଣରେ ପରିଣତ ହୋଇଥାଏ। ଯଥା– ନେଉଁ>ଲେହୁଁ। କରଉଁ>କରହୁଁ। ଥାଇ>ଥାହୀ। ଆଲୋ>ହାଲୋ। ଓଡ଼ିଆରେ ସେହିପରି ନଗର>ନଅର>ନହର। ଶବର>ସଅର>ସହର।

ଚର୍ଯ୍ୟାରେ 'ଧ୍ୟ' କେତେକ ଶବ୍ଦରେ 'ଝ' ହୋଇଅଛି। ଯଥା– ଧ୍ୟାନେ>ଝାଣେ। ମଧ୍ୟେ>ମାଝେଁ। ଓଡ଼ିଆରେ ସେହିପରି ମଧ୍ୟମ>ମଝିଆଁ। ବନ୍ଧ୍ୟା>ବାଂଝ।

କାରକ ବିଭକ୍ତି– ଚର୍ଯ୍ୟାରେ କର୍ତ୍ତୃକାରକରେ ପ୍ରଥମା ଏକ ବଚନରେ କୌଣସି ବିଭକ୍ତିର ଚିହ୍ନ ବ୍ୟବହୃତ ହୁଏ ନାହିଁ। ମାତ୍ର ପ୍ରଥମା ବହୁବଚନରେ କେତେକ ସ୍ଥଳରେ 'ଏ' ପ୍ରତ୍ୟୟର ବ୍ୟବହାର ଦେଖାଯାଏ। ଯଥା– ଚୋରେ ନିଲ (୨) ଆଳିଏଁ (୭)। ଜେ ଜେ ଆଇଲା ତେତେ ଗେଲା (୭)। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମଧ୍ୟ ଏହିପରି ବ୍ୟବହାର ପରିଲକ୍ଷିତ ହୁଏ। ଯଥା– ଗୋପୀଏ।

ସ୍ଥଳ ବିଶେଷରେ ଦ୍ୱିତୀୟା ବିଭକ୍ତିରେ 'କୁ' ପ୍ରତ୍ୟୟର ବ୍ୟବହାର ପରିଲକ୍ଷିତ ହୁଏ। ଯଥା– ଅଠକୁ ମାରି (୧୩)। ଚର୍ଯ୍ୟାରେ ୨ୟା ବିଭକ୍ତିରେ ମଧ୍ୟ ନ୍ତ, ଏଁ, ରେ ରେଁ ଇତ୍ୟାଦି କର୍ମକାରକର ବ୍ୟବହୃତ ହୋଇଥାଏ। ଯଥା– ଗଅବରେଁ ତୋଳିଆ ସାଖୀ କରିବ (୧୨)। ଜାଳନ୍ଧରୀ ପାଏ (୩୬)। କରିଣୀରେଁ ରିସଅ (୯)। ତୋହୋରେ ବିରୁଆ ବୋଲଇ (୧୮)। 'କୁ' ମଧ୍ୟ ଓଡ଼ିଆରେ କର୍ମକାରକ ଦ୍ୱିତୀୟା ବିଭକ୍ତିରେ ଚିହ୍ନ ଅଟେ। ପ୍ରାଚୀନ ଓଡ଼ିଆରେ ମଧ୍ୟ ତୁକୁ ଓ ମୁକୁ ଶବ୍ଦ ତୋତେ ଓ ମୋତେ ସ୍ଥାନରେ ବ୍ୟବହୃତ ହେବାର ଦେଖାଯାଏ। ପ୍ରାଚୀନ ଓଡ଼ିଆ ୨ୟା ବିଭକ୍ତିରେ 'ନ୍ତ', 'ଇଁ' 'ରେ' 'ରେଁ' ର ବ୍ୟବହାର ବେଳେବେଳେ ଦେଖାଯାଏ।

ଚର୍ଯ୍ୟାରେ ସଂପ୍ରଦାନ କାରକରେ 'କେ', 'କୁ', 'ରେ' ଓ 'ରେଁ'ର ବ୍ୟବହାର ରହିଛି। ୨ୟା ଓ ୪ର୍ଥୀ ବିଭକ୍ତିର ପ୍ରତ୍ୟୟ ଚର୍ଯ୍ୟାରେ ସମାନ ଅଟେ। ସେହିପରି ଓଡ଼ିଆରେ ସଂପ୍ରଦାନ କାରକ ଓ କର୍ମକାରକର ୪ର୍ଥୀ ଓ ୨ୟା ବିଭକ୍ତିରେ ପ୍ରତ୍ୟୟଗୁଡ଼ିକ ସମାନ ଅଟେ।

'ଏ' ପ୍ରତ୍ୟୟର ବହୁଳ ବ୍ୟବହାର ଦେଖାଯାଏ ଚର୍ଯ୍ୟାରେ ସପ୍ତମୀ ବିଭକ୍ତିରେ। ଯେପରି– ସହଜେ, ପୀଠେ, ରଥେ ଇତ୍ୟାଦି। ଏହି 'ଏ' ପ୍ରତ୍ୟୟ ବେଳେବେଳେ ଅନୁନାସିକ 'ଏଁ' ହୋଇଥାଏ। ଯେପରି– ଘରେଁ। 'ହିଁ' ମଧ୍ୟ ସପ୍ତମୀ ବିଭକ୍ତିରେ ବ୍ୟବହୃତ ହୋଇଥାଏ। ଯଥା– ହିଅହିଁ। ଓଡ଼ିଆ ଭଳି ଚର୍ଯ୍ୟାରେ ଅଧିକରଣ କାରକରେ 'ରେ' ପ୍ରତ୍ୟୟର ପ୍ରୟୋଗ ହୋଇଥାଏ। ଯେପରି– ମାଝେରେ, କରଣରେ ଇତ୍ୟାଦି।

ସର୍ବନାମ– ଚର୍ଯ୍ୟାରେ ଉତ୍ତମ ପୁରୁଷ (ଅସ୍ମଦ) ବାଚକ ସର୍ବନାମ ଓ ମଧ୍ୟମ ପୁରୁଷ ବାଚକ ସର୍ବନାମର ଯେଉଁ ରୂପଗୁଡ଼ିକ ଦେଖିବାକୁ ମିଳେ, ସେଗୁଡ଼ିକ ହେଉଛି– ଅହମେ, ଆମ୍ଭେ, ଅମ୍ଭେ, ମଇ, ହାଉ, ମୋଏ, ମକୁଁ, ମୋହର, ମୋ, ମୋର, ମୋରି, ତୁମ୍ହେ, ତୁମ୍ଭେ, ତୁମ, ତୋହୋରେ, ତୋରେ, ତୋ, ତଇଁ, ତୋଏ, ତୋ, ତୋହର, ତୋରା, ତୋହୋରି ଇତ୍ୟାଦି। ଚର୍ଯ୍ୟାଗୀତିର ସର୍ବନାମଗୁଡ଼ିକ କିପରି ଓଡ଼ିଆ ଭାଷାର ଅତି ନିକଟବର୍ତ୍ତୀ, ତାହା ସହଜରେ ପ୍ରମାଣିତ।

କ୍ରିୟା– ଚର୍ଯ୍ୟାରେ ବର୍ତ୍ତମାନ, ଅନୁଜ୍ଞା, ଅତୀତ ଓ ଭବିଷ୍ୟତ– ଏହି ଚାରି କାଳର ବ୍ୟବହାର ଦେଖାଯାଏ। ପ୍ରତ୍ୟେକ କାଳର କ୍ରିୟା ସମ୍ବନ୍ଧରେ ଏଠାରେ ଆଲୋଚନା କରାଯାଇ ଓଡ଼ିଆ ଭାଷାର ଏହା କେତେ ନିକଟବର୍ତ୍ତୀ ତାହା ପ୍ରଦର୍ଶନ କରାଯାଇପାରେ।

ବର୍ତ୍ତମାନ କାଳରେ ନିମ୍ନଲିଖିତ ପ୍ରତ୍ୟୟ ଗୁଡ଼ିକର ବ୍ୟବହାର ଦେଖାଯାଏ।

'ଅଇ' ପ୍ରତ୍ୟୟ– ଭଇଣ, ପଢ଼ଇ, ବାହୁଡ଼ଇ, ବାଜଇ, ବିହରଇ, ବହଇ। 'ଅନ୍ତି' ପ୍ରତ୍ୟୟ– ନାଚନ୍ତି, ଗାନ୍ତି, ଭ୍ରମନ୍ତି, ବିଳସତି, ହୋନ୍ତି। 'ଏ' ପ୍ରତ୍ୟୟ– ଲାଗେନା, ଖଟ୍ଟେ, ମାଗେ, ହେଞ୍ଚେ। 'ତି' ପ୍ରତ୍ୟୟ– ଭଣତି। 'ଥି' ପ୍ରତ୍ୟୟ– ଭଣଥି। 'ସ' ପ୍ରତ୍ୟୟ– ଅଇସସି, ଯାସି, ମାରେସି, ଗିଳେସି, ବୁଝସି। 'ମି' ପ୍ରତ୍ୟୟ– ମାରମି, ଲେମି, ଯିବମି, ପିବମି, ପେଖମି। ନିଷେଧାର୍ଥକ କ୍ରିୟା– ନାହିଁ, ନାହି।

ଚର୍ଯ୍ୟାରେ ବ୍ୟବହୃତ କ୍ରିୟାପଦଗୁଡ଼ିକ ମଧ୍ୟରୁ ଅନେକ ଆଧୁନିକ ଓଡ଼ିଆ ଭାଷାରେ ଅବିକଳ ଭାବରେ ବ୍ୟବହୃତ। ଓଡ଼ିଶାର କେତେକ ଅଞ୍ଚଳରେ ଏବେ ମଧ୍ୟ କରିମି, ଯିମି ପ୍ରଭୃତି 'ମି' ପ୍ରତ୍ୟୟର ବ୍ୟବହାର ଓ ଖାଅଇ, ଯାଅଇ, ଇତ୍ୟାଦି 'ଅଇ' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ। ପ୍ରାଚୀନ ଓଡ଼ିଆ ପୁରାଣ ସାହିତ୍ୟରେ ଯଅସି, ବସସି, ହସସି ପ୍ରଭୃତି 'ସି' ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକର ପ୍ରୟୋଗ ରହିଛି।

ଅତୀତ କାଳରେ ଯେଉଁ କେତେକ କ୍ରିୟା ଚର୍ଯ୍ୟାରେ ବ୍ୟବହୃତ, ସେଗୁଡ଼ିକ ମଧ୍ୟରୁ କେତେକ ହେଲେ...

'ଲି'/'ଲୀ' ପ୍ରତ୍ୟୟ– ପୋହାଇଲୀ, ମେଲିଲି, ଘେଣିଲି, ବୁଡ଼ିଲି, ଲେଲୀ ଇତ୍ୟାଦି।

'ଲୁ' ପ୍ରତ୍ୟେୟ– ଲୁଡ଼ିଲୁ, ଆହରିଲୁ। ସ୍ଥାନେ ସ୍ଥାନେ 'ଲ' ପ୍ରତ୍ୟୟଟିର ମଧ୍ୟ ଲୋପ ହୋଇଥିବା ଦେଖାଯାଏ। ଯଥା– ବିହରିଲୁ>ବିହରିଉ। ନିବାରିଲୁ>ନିବାରିଉ। ଗଲୁ>ଗଉ ଇତ୍ୟାଦି। ଲ, ଲା, ଲି ଓ ଲୁ ପ୍ରତ୍ୟୟ ଯୋଗରେ ସୃଷ୍ଟ କ୍ରିୟାଗୁଡ଼ିକ ମଧ୍ୟ ଓଡ଼ିଆରେ ଅତୀତକାଳ ସୂଚକ।

ଭବିଷ୍ୟତ କାଳରେ ଚର୍ଯ୍ୟାରେ 'ଇବ' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ। ଯଥା– ହୋଇବ, କରିବ, ଜାଇବ, ଖାଇବ, କହିବ ଇତ୍ୟାଦି। ଓଡ଼ିଆରେ ମଧ୍ୟ 'ଇବ' ପ୍ରତ୍ୟୟ ଯୋଗରେ ଭବିଷ୍ୟତ କାଳରେ କ୍ରିୟାପଦର ସୃଷ୍ଟି ହୋଇଥାଏ।

ଚର୍ଯ୍ୟାରେ ଅସମାପିକା କ୍ରିୟା ଭାବରେ ନିମ୍ନଲିଖିତ ପ୍ରତ୍ୟୟମାନ ବ୍ୟବହୃତ ହୋଇଅଛି।

'ଇ' ପ୍ରତ୍ୟୟ– ଏଡ଼ି, ଭିଡ଼ି, ଚୁମ୍ବି, ଘିଣି, ଜାଣି, ମାରି, ହେରି, ଥୋଇ, ବାନ୍ଧି, ଶୁଣି, ଧୁଣି, ଉଠି, ଦେଖି, ଜାଇ, ବଳି, ତୋଳି ଇତ୍ୟାଦି। 'ଇଅ' ପ୍ରତ୍ୟୟ– ଜୋଡିଅ, ହାରିଅ, ହୁଜିଅ, ଧରିଅ, ମାରିଅ, ବୁଝିଅ ଇତ୍ୟାଦି। 'ଇଆ' ପ୍ରତ୍ୟୟ– ବହିଆ, କରିଆ, ଗୁଣିଆ, ଶୁଣିଆ, ସେଇଆ, ଟଳିଆ ଇତ୍ୟାଦି। 'ଇଣ' ପ୍ରତ୍ୟୟ– ପରହିଣ। 'ଉ' ପ୍ରତ୍ୟୟ– ମୋଡ଼ିଉ, ତୋଡ଼ିଉ, କିଉ। 'ଉଣ' ପ୍ରତ୍ୟୟ– ପାତିଉଣ। 'ନ୍ତ' ପ୍ରତ୍ୟୟ– ବୁଡ଼ନ୍ତେ, ଜୀବନ୍ତେ, ପଡ଼ନ୍ତେ ଇତ୍ୟାଦି।

ଅବ୍ୟୟ– କି, ତ, ଆଲୋ, ବି, ମ ଇତ୍ୟାଦି ଅବ୍ୟୟଗୁଡ଼ିକ ଚର୍ଯ୍ୟାରେ ବ୍ୟବହୃତ ହୋଇଥିବା ଦେଖାଯାଏ। ଆଧୁନିକ ଓଡ଼ିଆରେ ଏଗୁଡ଼ିକର ବହୁଳ ବ୍ୟବହାର ମଧ୍ୟ ପରିଲକ୍ଷିତ ହୁଏ। 'ଆଲୋ' ଶବ୍ଦର ବ୍ୟବହାର ଓଡିଆ ଭାଷା ବ୍ୟତୀତ ପ୍ରାଚୀନ ତଥା ଅନ୍ୟ ଭାଷାରେ ନାହିଁ।

**ସଂଖ୍ୟାବାଚକ ଶବ୍ଦ–** ଚର୍ଯ୍ୟାରେ ଯେଉଁ କେତୋଟି ସଂଖ୍ୟାବାଚକ ଶବ୍ଦ ବ୍ୟବହୃତ, ସେଗୁଡ଼ିକ ହେଲେ– ଦୁଇ, ଦୋ, ବେନି, ତିନିଏଁ, ଚୌଷଠୀ, ଚୌଦିଶ ଇତ୍ୟାଦି। ଏହି ସଂଖ୍ୟାବାଚକ ଶବ୍ଦଗୁଡ଼ିକର ଅବିକଳ ବ୍ୟବହାର ମଧ୍ୟ ଓଡ଼ିଆ ଭାଷାରେ ରହିଅଛି।

**ଅନ୍ୟାନ୍ୟ ଶବ୍ଦାବଳୀ–** ଚର୍ଯ୍ୟାଗୀତିର ପାଠକାଳରେ ଏପରି ଅସଂଖ୍ୟ ଶବ୍ଦର ସନ୍ଧାନ ମିଳେ, ଯେଉଁଗୁଡ଼ିକ ପ୍ରାଚୀନ ଓ ଆଧୁନିକ ଓଡ଼ିଆରେ ପ୍ରଚଳିତ। ନିମ୍ନୋକ୍ତ ଶବ୍ଦଗୁଡ଼ିକ ଏହାର ଦୃଷ୍ଟାନ୍ତ– ଡାଳ, ପଇଠ, ଭଣଇ, ବଇଠା, ପରିଛା, (ପରୀକ୍ଷା), କାହାରେ, କିସ, ଯାଇ, ବିଳସଇ, ବଖାଣି, ବିଆଣ, ବାପୁଡ଼ା, ସାସୁ, ନଣନ୍ଦ, ସାଳୀ, ମାଆ, ସସୁରା, ହାଉଁ, ତୋହୋର, ମୋହୋର, ମୋର, ଏଥୁ, ଶୁଣ୍ଡିଣୀ, ହୋଇ, ପୁଛଇ, କାହାରେ, କୁଡ଼ିଆ, ଘୁମଇ, ପଡ଼ନ୍ତେ, ନାଚନ୍ତେ, ହୋଇ, ଦେଇ, ହୋନ୍ତି, ତଇଲାବାଡ଼ି, ବାଞ୍ଝ, ବଳଦ, ସଅଳ, ମୁସା, ବୁଝଇ, ଘରଣୀ, ଆଲୋ, ବାପୁଡ଼ୀ, ଚାଙ୍ଗଡ଼ା, ଗରାହକ, ମାରମି, ଲେମି, କଇସନ, ରାଉତ, ବସଇ, କାନ୍ଦଇ, ହାଁଡ଼ୀ, ଭାତ, ତୁଟଇ ଇତ୍ୟାଦି। ଏହିପରି ଆହୁରି ଶହ ଶହ ଓଡ଼ିଆ ଭାଷାର ଚଳନ୍ତି ଶବ୍ଦ ଏଥିରେ ରହିଛି। ଏଠାରେ ଏପରି ଏକ କଥା କୁହାଯାଇପାରେ, ଯାହା ଚର୍ଯ୍ୟାଗୀତିର ଓଡ଼ିଆତ୍ୱ ପ୍ରତିପାଦନ କରିବା ପାଇଁ ଯଥେଷ୍ଟ। ଗୁଣ୍ଡରୀପାଦଙ୍କ ଚର୍ଯ୍ୟା (ସଂଖ୍ୟା-୪) ଓ ତାଡ଼କପାଦଙ୍କ ଚର୍ଯ୍ୟା (ସଂଖ୍ୟା-୩୭)ରେ ଯଥାକ୍ରମେ ସ୍ତ୍ରୀ ଜନନେନ୍ଦ୍ରିୟ ଓ ପୁରୁଷ ଜନନେନ୍ଦ୍ରିୟର ନାମ ରହିଛି, ଯାହା କେବଳ ଓଡ଼ିଆ ଭାଷାରେ ବ୍ୟବହୃତ ଏବଂ ଅନ୍ୟ କୌଣସି ଭାରତୀୟ ଭାଷାରେ ଦେଖିବାକୁ ମିଳେନା।

ଉପର୍ଯ୍ୟୁକ୍ତ ଆଲୋଚନା ଚର୍ଯ୍ୟାଗୀତିରେ ଥିବା ଓଡ଼ିଆ ଭାଷାର ବିଶିଷ୍ଟ ଲକ୍ଷଣମାନଙ୍କ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରେ।

**୧.୩.୧୦.- ଚର୍ଯ୍ୟାଗୀତି ଓ ଦୋହାର ସାହିତ୍ୟିକ ମୂଲ୍ୟ :**

ସାହିତ୍ୟିକତା ଓ ଦାର୍ଶନିକତାର ଅପୂର୍ବ ସମନ୍ୱୟ ଘଟିଛି ଚର୍ଯ୍ୟାଗୀତିଗୁଡ଼ିକରେ। ଏଗୁଡ଼ିକର ଦ୍ୱ୍ୟର୍ଥବୋଧକ ରୂପ ପୂର୍ବରୁ ସନ୍ଧ୍ୟାଭାଷା ଆଲୋଚନା ପ୍ରସଙ୍ଗରେ ଆଲୋଚିତ ହୋଇଅଛି। କାଳକ୍ରମେ ମାନବ ସମାଜ ଏହାର ଗୂଢ଼, ବିଷମସନ୍ଧିମୂଳକ ତତ୍ତ୍ୱପ୍ରତି ବୀତସ୍ପୃହ ହେବାର ଦେଖାଯାଉଛି। ସହଜିୟା ସିଦ୍ଧାଚାର୍ଯ୍ୟଙ୍କର ସହଜ ତତ୍ତ୍ୱବହନକାରୀ ଏହି ଗୀତିକାଗୁଡ଼ିକର ଅନ୍ତରଙ୍ଗ ଅର୍ଥ ଅତ୍ୟନ୍ତ ନୀରସ ଓ କ୍ଲିଷ୍ଟ ହୋଇଥିବାରୁ ସାଧାରଣ ପାଠକ ଏହି ଦାର୍ଶନିକ ଅର୍ଥର ଅତଳ ଗହ୍ୱର ମଧ୍ୟକୁ ପ୍ରବେଶ କରିପାରେ ନାହିଁ। ମାତ୍ର ସହଜତତ୍ତ୍ୱକୁ ବାଦ ଦେଲେ ସହଜରସ-ପ୍ଳାବିତ ଏଗୁଡ଼ିକର ବହିରଙ୍ଗ ଅର୍ଥର ସ୍ୱାଭାବିକତା ନିଶ୍ଚିତଭାବେ ପାଠକକୁ ଅଭିଭୂତ କରେ। କାରଣ ଏହାର ଅନ୍ତରଙ୍ଗ ଦାର୍ଶନିକ ଅର୍ଥ ଅପେକ୍ଷା ବହିରଙ୍ଗ ସାହିତ୍ୟକ ଅର୍ଥର ଆବେଦନ ଅଧିକ ମନୋଜ୍ଞ। ଏହାର ଭାବସମ୍ପଦ ଏପରି ହୃଦ୍ୟ ଯେ ଶହ ଶହ ବର୍ଷ ପରେ ମଧ୍ୟ ଆଜି ନେପାଳ ଓ ତିବ୍ବତର ଭକ୍ତମାନଙ୍କ ଚିତ୍ତକୁ ବିମୁଗ୍ଧ କରି ରଖିଛି। ଏକ ନିର୍ଦ୍ଦିଷ୍ଟ ସାଧନାର ସାରତତ୍ତ୍ୱପ୍ରକାଶକ ହୋଇଥିବାରୁ ଏବଂ କଣ୍ଠାନୁକଣ୍ଠ ପ୍ରସାରିତ ହୋଇଥିବାରୁ ଏଗୁଡ଼ିକ ସ୍ୱାଭାବିକ ଭାବେ ସଂକ୍ଷିପ୍ତ। ଏହି ସ୍ୱାଭାବିକତାରୁହିଁ ଗୀତକବିତାର ସୃଷ୍ଟି। ଏହି ଦୃଷ୍ଟିରୁ ବିଚାର କଲେ ଅଧିକାଂଶ ଚର୍ଯ୍ୟା ଗୋଟିଏ ଗୋଟିଏ ସାର୍ଥକ ଗୀତିକବିତା। ଏଣୁ ଚର୍ଯ୍ୟାଗୀତି ସହଜିୟା ସିଦ୍ଧସାଧକମାନଙ୍କର ଧର୍ମତତ୍ତ୍ୱ ଓ ଦାର୍ଶନିକତାରେ ଯେତିକି ରହସ୍ୟାଚ୍ଛନ୍ନ, ସାହିତ୍ୟିକ ରସାଳତାରେ ସେତିକି ଉଦ୍‌ଭାସିତ।

ଚର୍ଯ୍ୟାଗୀତି ପାଠକରିବା ସମୟରେ ସର୍ବପ୍ରଥମେ ଦୃଷ୍ଟିପଡ଼େ ଏହାର ନିର୍ଦ୍ଦେଶିତ ରାଗଗୁଡ଼ିକ ଉପରେ। ଗୀତିଗୁଡ଼ିକ ରାଗଯୁକ୍ତ ହୋଇଥିବାରୁ ଏଗୁଡ଼ିକର ସାଙ୍ଗୀତିକ ମୂଲ୍ୟ ନିଶ୍ଚିତ ଭାବେ ରହିଛି। ସଙ୍ଗୀତଧର୍ମୀ ହୋଇଥିବାରୁ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ରାଗରାଗିଣୀରେ ଏଗୁଡ଼ିକ ଗାନ କରୁଥିଲେ। ଦୋହାଗୁଡ଼ିକ ସମ୍ମିଳିତ ସ୍ୱରରେ ଗାନ କରାଯାଉଥିଲା। 'ଦୁଆ' ଓ 'ଦୁଆ ଧରିବା'

'ଦୋହା' ଶବ୍ଦର ଆଧୁନିକ ରୂପାନ୍ତର ବୋଲି ମନେହୁଏ। ଜଣେ ଗୋଟିଏ ପଦ ବା ପଙ୍କ୍ତି ଗାନ କଲାପରେ ଅନ୍ୟମାନେ 'ଧ୍ରୁବ ଧରିବା' ବା 'ପାଳି ଧରିବା' ଏହାର ବୈଶିଷ୍ଟ୍ୟ। ସୁତରାଂ ରାଗ-ସଙ୍ଗୀତର ପ୍ରଥମ ସ୍ରଷ୍ଟା ହିସାବରେ ବୌଦ୍ଧ ସିଦ୍ଧସାଧକମାନଙ୍କୁ ଗ୍ରହଣ କରାଯାଇପାରେ।

ପ୍ରେମ, ବିରହ, ଅଭିମାନ, ବିଭିନ୍ନ ରସ ଇତ୍ୟାଦିରେ ଚର୍ଯ୍ୟାଗୀତିଗୁଡ଼ିକ ରସାଣିତ। କାହ୍ନୁପାଦଙ୍କର ୧୦ ସଂଖ୍ୟକ ଚର୍ଯ୍ୟାରେ କାହ୍ନୁପାଦଙ୍କ ପରି ପ୍ରେମଲାଳସୀ ନଣ୍ଡା ବ୍ରାହ୍ମଣଙ୍କୁ ତାଙ୍କ ପ୍ରେୟସୀ କେବଳ ଛୁଇଁ ଛୁଇଁ ଗଲାପରି, ରସଘନ ଚର୍ଯ୍ୟାଗୁଡ଼ିକ ଆମ ମନକୁ ଛୁଇଁ ଛୁଇଁ ଯାଏ। ପୁନଶ୍ଚ କେତୋଟି ଚର୍ଯ୍ୟା ଉଚ୍ଚକୋଟୀର କଳ୍ପନାବିଳାସ ଓ ବର୍ଣ୍ଣନା-ବୈଚିତ୍ର୍ୟରେ ସମୃଦ୍ଧ। ମଧ୍ୟଯୁଗୀୟ ଓ ଆଧୁନିକଯୁଗୀୟ କବିଙ୍କ ବର୍ଣ୍ଣନାଚାତୁରୀ ଓ କଳ୍ପନାବିଳାସଠାରୁ କେତେକ ଚର୍ଯ୍ୟାକାରଙ୍କ ସୃଷ୍ଟି ଅଧିକ ରସୋତ୍ତୀର୍ଣ୍ଣ ବୋଧ ହୁଏ। ଶବରୀପାଦଙ୍କ ଚର୍ଯ୍ୟାସଂଖ୍ୟା-୨୮କୁ ଆଲୋଚନା-ପରିସରଭୁକ୍ତ କରାଯାଇ ଏହି ସତ୍ୟତା ପ୍ରତିପାଦନ କରାଯାଇପାରେ।

ଉଚ୍ଚ ପର୍ବତ ଉପରେ ବାସକରୁଥିବା ଶବରୀ ଶରୀରରେ ମୟୁରପୁଚ୍ଛ ଓ ଗଳାରେ କାଇଁଚମାଳି ପରିଧାନ କରି ଅପରୂପ ସୌନ୍ଦର୍ଯ୍ୟରେ ମଣ୍ଡିତା ହୋଇଛି। ତା'ରି ଏହି ମନୋରମ ରୂପସଜ୍ଜାରେ ଶବର ଉନ୍ମତ୍ତ ହୋଇଉଠିଛି। ଏହା ଲକ୍ଷ୍ୟକରି ଶବରୀ ତାକୁ କହିଛି, "ରେ ପାଗଳ ଶବର, ଏ ଚିତ୍ତ-ଚଞ୍ଚଳତା ଅର୍ଥହୀନ। ମୋର ରୂପମାଧୁରୀ ତୋତେ ଭ୍ରାନ୍ତ କରିଛି ସିନା, ନୋହିଲେ ମୁଁ ତୋହର ଗୃହିଣୀ ସହଜ ସୁନ୍ଦରୀ।" ଏ କଥାରେ ଶବରର ଚେତନା ଫେରିବା ସଙ୍ଗେ ସଙ୍ଗେ ତା'ର ପ୍ରାଣ ପ୍ରୀତିରେ ପୁଲକିତ ହୋଇଉଠିଛି। ସେହି ନୀରସ ପାର୍ବତ୍ୟଭୂମି ତା'ର ପ୍ରେମରେ ପ୍ଲାବିତ ହୋଇଉଠିଛି। କବିଙ୍କ ଭାଷାରେ—

"ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ।
ମୋରଙ୍ଗୀ ପୀଛ ପରହିଣ ସବରୀ ଗିବତ ଗୁଞ୍ଜରୀ ମାଳୀ।
ଉମତ ସବରୋ ପାଗଳ ସବରୋ ମା କର ଗୁଳୀ ଗୁହାଡ଼ା ତୋହୋରି।
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ।"... ଇତ୍ୟାଦି।

ସମସାମୟିକ ସମାଜର ପ୍ରତିଛବି ବହନକାରୀ ସାହିତ୍ୟ ସାର୍ଥକ ସାହିତ୍ୟ ହିସାବରେ ବିବେଚିତ ହୋଇଥାଏ। ଆଲୋଚ୍ୟ ଚର୍ଯ୍ୟାସାହିତ୍ୟ ବା ସିଦ୍ଧ ସାହିତ୍ୟରେ ତତ୍‌କାଳୀନ ସାମାଜିକ ଜୀବନର ବିଭିନ୍ନ ବିଭବର ନିଖୁଣ ପ୍ରତିଫଳନ ଲକ୍ଷ୍ୟ କରାଯାଏ। ଆଧୁନିକ ସାହିତ୍ୟରେ ନୀଚ ଜାତିର ନାୟକ-ନାୟିକା ଗ୍ରହଣ କରିବାର ବହୁଳତା ପରିଦୃଷ୍ଟ ହୁଏ ନାହିଁ; କିନ୍ତୁ ସେସମୟର ସାହିତ୍ୟରେ ଡୋମ୍ବୀ, ଶବରୀ, ଚଣ୍ଡାଳୀ ଆଦି କାବ୍ୟନାୟିକା ଭାବରେ ବହୁ ଗୀତିରେ ଗୃହୀତ ହୋଇଛନ୍ତି। ଏହା ସିଦ୍ଧାଚାର୍ଯ୍ୟମାନଙ୍କ ଉଦାରତାର ପରିଚୟ ଦେବା ସଙ୍ଗେ ସଙ୍ଗେ ତଦାନୀନ୍ତନ ବ୍ରାହ୍ମଣ୍ୟ-ସଂସ୍କୃତି ବିରୋଧରେ ଏକ ବଳିଷ୍ଠ ପଦକ୍ଷେପ ଥିବାର ସୂଚନା ଦିଏ। ଚର୍ଯ୍ୟାଗୀତିଗୁଡ଼ିକର ଛତ୍ରେ ଛତ୍ରେ ସମସାମୟିକ ସମାଜର ବିବାହ, ବେଶଭୂଷା, ଦାମ୍ପତ୍ୟଜୀବନ, ଖାଦ୍ୟପେୟ, ଜୀବନଜୀବିକା ଇତ୍ୟାଦିର ସ୍ପଷ୍ଟ ଚିତ୍ରାବଳୀ ଫୁଟିଉଠିଛି।

ଗୀତିଗୁଡ଼ିକର ଉଭୟ ଅନ୍ତରଙ୍ଗ ଦାର୍ଶନିକ ରୂପ ଓ ବହିରଙ୍ଗ ସାହିତ୍ୟିକ ରୂପରେ ବିଭିନ୍ନ ଉପମା ଓ ରୂପକଳ୍ପ ପରିଦୃଷ୍ଟ ହୁଏ। ଦାର୍ଶନିକ ଉପମା ଓ ରୂପକଳ୍ପର ଅବବୋଧ ନିମନ୍ତେ ତାତ୍ତ୍ୱିକଜ୍ଞାନ ଏକାନ୍ତ ଆବଶ୍ୟକ। ଡକ୍ଟର ଧର୍ମବୀର ଭାରତୀ 'ସିଦ୍ଧସାହିତ୍ୟ'ରେ ଏ ସମ୍ପର୍କରେ ବ୍ୟାପକ ଆଲୋଚନା କରି ଚର୍ଯ୍ୟାରେ ବ୍ୟବହୃତ ପ୍ରତୀକ ଓ ରୂପକସମୂହକୁ ବିଭିନ୍ନ ଭାବରେ ବର୍ଗୀକରଣ କରିଛନ୍ତି।

ବାହ୍ୟିକ ବା ସାହିତ୍ୟିକ ଉପମା ଓ ରୂପକଳ୍ପଗୁଡ଼ିକ କିନ୍ତୁ ସାଧାରଣ ମାନବର ଦୈନନ୍ଦିନ ଜୀବନରେ ପରିଚିତ। ସହଜ ରୂପକଳ୍ପ ମାଧ୍ୟମରେ ଭୁସୁକୁପା କିପରି ସଂସାରର ନଶ୍ୱରତା ଦର୍ଶାଇଛନ୍ତି, ତାହା ଲକ୍ଷ୍ୟ କରାଯାଇପାରେ।

"ମରୁମରିଚୀ ଗନ୍ଧ(ବ)ନଅରୀ ଦାପଣ ପଡ଼ିବିମ୍ବୁ ଜଇସା।
ବାତାବର୍ତ୍ତେଁ ସୋଦିଢ଼ ଭଇଆ ଅପେଁ ପଥର ଜଇସା ॥
ବାଁଝି ସୁଆ ଜିମ କେଳି କରଇ ଖେଳଇ ବହୁବିହ ଖେଳା।
ବାଲୁଆତେଲେଁ ସସର ସିଂଗେ ଆକାଶ ଫୁଲିଲା ॥" (ଚର୍ଯ୍ୟା-୪୧)

ଏଠାରେ ଚର୍ଯ୍ୟାକାର କହୁଛନ୍ତି ଯେ ମରୁଭୂମିର ମରୁଚିକା, ଗନ୍ଧର୍ବ ନଗରୀ, ଦର୍ପଣର ପ୍ରତିବିମ୍ବ, ଘୂର୍ଣ୍ଣିବାତରେ ସୃଷ୍ଟ ଘନୀଭୂତ ଶିଳା (କୁଆପଥର)ର ଦୃଢ଼ତା ଯେପରି କ୍ଷଣସ୍ଥାୟୀ, ସଂସାର ସେହିପରି କ୍ଷଣସ୍ଥାୟୀ। ବନ୍ଧ୍ୟାର ସନ୍ତାନ ବାଲିରୁ ଜାତ ତେଲ ମାଖି ହୋଇ, ଆକାଶ କୁସୁମରେ ସଜ୍ଜିତ ହୋଇ ଶଶକର ଶିଙ୍ଗରେ ନିର୍ମିତ ଧନୁ ଧାରଣ କରି, ନାନାବିଧ କ୍ରୀଡ଼ାରେ ରତ ରହିବା ଯେପରି ଅଳୀକ, ଏ ଜଗତ ସେହିପରି ଅଳୀକ।

କେବଳ ସେତିକି ନୁହେଁ, କାହ୍ନୁପାଦଙ୍କ ଚର୍ଯ୍ୟା ସଂଖ୍ୟା ୧୮, ୧୯, ୩୬ ଓ ୪୫, ଶବରୀପାଦଙ୍କ ଚର୍ଯ୍ୟାସଂଖ୍ୟା-୫୦ ଇତ୍ୟାଦିକୁ ଶ୍ରେଷ୍ଠ ରୂପକ କବିତା ଭାବରେ ଗ୍ରହଣ କରାଯାଇପାରେ। ଏଥିରେ ବର୍ଣ୍ଣିତ ରୂପକଗୁଡ଼ିକ ବ୍ୟତୀତ ଅନେକ ସ୍ଥଳରେ ଉପମା, ଉତ୍ପ୍ରେକ୍ଷା, ଦୃଷ୍ଟାନ୍ତ ଆଦି ଅଳଙ୍କାରର ବହୁଳ ପ୍ରୟୋଗ ଲକ୍ଷ୍ୟ କରାଯାଇ, ଯାହା ଏ କବିତାଗୁଡ଼ିକୁ ଧର୍ମ ଅପେକ୍ଷା ସାହିତ୍ୟର ଅଧିକ ନିକଟବର୍ତ୍ତୀ କରାଏ। ଆର୍ଯ୍ୟଦେବପାଦଙ୍କ ରଚିତ ୩୧ ସଂଖ୍ୟକ ଚର୍ଯ୍ୟାରେ ଉପମାର କିପରି ଆବେଗମୟୀ ସ୍ଫୁରଣ ଘଟିଛି ତାହା ଲକ୍ଷ୍ୟ କରାଯାଉ।

"ଚାନ୍ଦରେ ଚାନ୍ଦକାନ୍ତି ଜିମ ପତିଭାସଅ।
ଚିଅ ବିକରଣେ ତହିଁ ଟଲି ପଇସଅ ॥"

ଅସ୍ତଗତ ଚନ୍ଦ୍ରର ଚନ୍ଦ୍ରିକା (ଜ୍ୟୋତ୍ସ୍ନା) ଯେପରି ଲୀନ ହୋଇଯାଏ ସେହିପରି ଚିତ୍ତ ଅଚିତ୍ତ ହେଲେ, ସମସ୍ତ ବିଷୟ-ବାସନା ମଧ୍ୟ ତା ଭିତରେ ବିଲୀନ ହୋଇଯାଏ।

କେତେକ ଚର୍ଯ୍ୟାଗୀତିରେ ମଧ୍ୟ ଉଚ୍ଚକୋଟୀର ସାହିତ୍ୟକ ରସ ଓ ଲଳିତ ପଦଯୋଜନା ରହିଛି। ନିମ୍ନ ଉଦ୍ଧୃତିର ଦ୍ୱିତୀୟ ପଦରେ ଯମକ ଓ ଉପଧାମିଳନ ପରିଦୃଷ୍ଟ ହୁଏ।

"କାହ୍ନୁ ବିଳସଅ ଆସବ ମାତା।
ସହଜ ନଳିନୀବନ ପଇସି ନିବାତା ॥
ଜିମ ଜିମ କରିଣା କରିଣିରେଁ ରିସଅ।
ତିମ ତିମ ତଥତା ମଅଗଳ ବରିସଅ ॥" (ଚର୍ଯ୍ୟାଗୀତି-୯)

ଯେକୌଣସି ସାର୍ଥକ ସାହିତ୍ୟରେ ଶୃଙ୍ଗାର, କରୁଣ, ହାସ୍ୟ, ବୀର, ବୀଭତ୍ସ ଇତ୍ୟାଦି ରସର ପ୍ରତିଫଳନ ଦେଖାଯାଏ। ବିଭିନ୍ନ ଦୃଷ୍ଟିରୁ ଆଲୋଚ୍ୟ କବିତାବଳୀ ସାର୍ଥକ ସାହିତ୍ୟ ହିସାବରେ ପ୍ରମାଣିତ ହୋଇସାରିବା ପରେ ଏଥିରେ ବିଭିନ୍ନ ରସର ପ୍ଲାବନ କିପରି ଘଟିଛି ତାହା ଆଲୋଚନା କରାଯାଇପାରେ। ୪ ସଂଖ୍ୟକ ଚର୍ଯ୍ୟାରେ ରସିକ ଗୁଣ୍ଡୁରିପାଦ ନିଜର ଦାମ୍ପତ୍ୟ ଜୀବନକୁ ଅତି ମନୋରମ କରି ଉପସ୍ଥାପନା କରିଛନ୍ତି। ଏହା ମଧ୍ୟରେ ଶୃଙ୍ଗାର ରସ ଫୁଟିଉଠିଛି ଅତି ସ୍ୱଚ୍ଛ ଭାବରେ। ତାଙ୍କର ପ୍ରିୟା ଯୋଗିନୀ ବଡ଼ ଅଭିମାନିନୀ। ବିରାଗ ହେଲେ ସେ ଆଉ ଧରାଦେଉନି। ସାମାନ୍ୟ ମନାନ୍ତରରେ ସେ ଶାଶୂଘର ଗାଁ ମଣିକୁଳକୁ ପଛରେ ପକାଇ ବାପଘର ଗାଁ ଓଡ଼ିଆଣକୁ ଚାଲିଯାଉଛି। ଶାଶୂଘରେ କେହି ନ ରହିବାରୁ ତାଲା-କଞ୍ଚି ପଡୁଛି। ଗୁଣ୍ଡୁରିଙ୍କର ସମସ୍ତ ଅନୁରୋଧ ଓ ଆକୁଳ ମିନତି ପ୍ରତି ସେ କର୍ଣ୍ଣପାତ କରୁନି। ସୂର୍ଯ୍ୟଚନ୍ଦ୍ରଙ୍କୁ ସାକ୍ଷୀରଖି ସେ ଯେଉଁ ଦାମ୍ପତ୍ୟ ଜୀବନ ଗଢ଼ିଥିଲେ, ତାହା ଭୁଷୁଡ଼ି

ପଡୁଛି । ଏଣୁ ପ୍ରେମିକା ଯୋଗିନୀ ପ୍ରତି ରସିକଶେଖର ଗୁଣ୍ଡୁରିପାଦଙ୍କ ମୁଖରେ ଚାଟୁବାଣୀ ଫୁଟିଉଠିଛି– "ହେ ପ୍ରିୟେ ଯୋଗିନୀ, ତୋ କୋଳରେ ଆଶ୍ରୟ ଦେଇ ତୁ ମତେ ମଧୁର ଆଶ୍ଳେଷରେ ହଜାଇ ଦେ । ମୁଁ ତୋ ପଦ୍ମର ତିନି ନାଡ଼ି ଚିପିବି । ତୋର ପଦ୍ମକୁ ବଜ୍ରରେ ଘାଣ୍ଟିଲେ ମୁଁ ପରମ ସୁଖ ପାଇବି । ତୋ ମୁଖ ଚୁମ୍ବି ମୁଁ କମଳରସ ପାନକରିବି । ତୋ ବ୍ୟତୀତ ମୁଁ କ୍ଷଣେ ମଧ ବଞ୍ଚିପାରିବି ନାହିଁ । କବିଙ୍କ ଚଳଚଞ୍ଚଳ ଲେଖନୀରୁ ଝରିଆସିଛି–

"ତିଅଡ୍‌ଡ଼ା ଚାପୀ ଜୋଇନି ଦେ ଅଙ୍କବାଳୀ ।
କମଳ କୁଳିଶ ଘାଣ୍ଟ କରହୁ ବିଆଳୀ ॥
ଜୋଇନି ତଇଁ ବିନୁ ଖନହିଁ ନ ଜୀବମି ।
ତୋ ମୁହ ଚୁମୀ କମଳ ରସ ପିବମି ॥"

ଚର୍ଯ୍ୟାବଳୀରେ କେବଳ ଆଦିରସ ବା ଶୃଙ୍ଗାର ରସର ଅନୁପ୍ରବେଶ ଘଟି ନାହିଁ, କରୁଣ, ହାସ୍ୟ, ବୀର, ବୀଭତ୍ସ ଆଦି ଅନ୍ୟାନ୍ୟ ରସର ମଧ ପ୍ରତିଫଳନ ଘଟିଛି ।

ସିଦ୍ଧ ସରହପାଦଙ୍କ ଦୋହାକୋଷରେ କେତେକ ଗୀତିକବିତା ମିଳେ, ଯେଉଁଗୁଡ଼ିକ କ, ଖ, ଗ, ଘ ଅକ୍ଷର କ୍ରମରେ ଚଉତିରିଶଟି ପଦରେ ରଚିତ । ଏଗୁଡ଼ିକୁ ଓଡ଼ିଆଭାଷାର ପ୍ରଥମ ଚଉତିଶା ଭାବରେ ଗ୍ରହଣ କରାଯାଇପାରେ ।

କ– କା କୁଳିଶ ମାତୃକମଳ ମଧ୍ୟେ ସ୍ଥିତ...
ଖ– ଖା ଖସମ ବସି ଲଲାଟ ଶୂନ୍ୟ...
ଗ– ଗା ଗମନ ଲାସ୍ୟକରି ସ୍ଥୁଳ କର...
ଘ– ଘା ଘନ ଘନ ଶ୍ରୀହେରୁକ ମୁଦିତ... ।" (ରାହୁଳ ସାଂକୃତ୍ୟାୟନ ସମ୍ପାଦିତ 'ଦୋହାକୋଶ' ପୃ: ୧୨୯)

ପରବର୍ତ୍ତୀ ସାହିତ୍ୟ ଉପରେ ଚର୍ଯ୍ୟାଗୀତିଗୁଡ଼ିକର ପ୍ରଭାବ ଅତି ସହଜରେ ଲକ୍ଷ୍ୟ କରାଯାଇପାରେ । ଏଗୁଡ଼ିକରେ ପ୍ରଯୁକ୍ତ ଦ୍ୟର୍ଥବ୍ୟଞ୍ଜକ ସନ୍ଧ୍ୟାଭାଷାର ଚମତ୍କାରିତାରେ ପ୍ରଭାବିତ ହୋଇ ପରବର୍ତ୍ତୀକାଳୀନ ସାହିତ୍ୟକଗଣ ଏହି ଭାଷାକୁ ସେମାନଙ୍କ ସାହିତ୍ୟରେ ବ୍ୟବହୃତ କରିଛନ୍ତି । ମଧ୍ୟଯୁଗୀୟ ସାହିତ୍ୟରେ ଏହି ଦ୍ୟର୍ଥକ ଶୈଳୀର ବହୁଳ ପ୍ରଭାବ ପରିଲକ୍ଷିତ ହୁଏ । ନାଥସାହିତ୍ୟ ଅନ୍ତର୍ଭୁକ୍ତ 'ଶିଶୁବେଦ' ଓ 'ସପ୍ତାଙ୍ଗ ଯୋଗଧାରଣ' ଏବଂ ଶୈବସାହିତ୍ୟ ଅନ୍ତର୍ଭୁକ୍ତ 'ରୁଦ୍ରସୁଧାନିଧି' ସମେତ 'ସାରଳା ମହାଭାରତ' ଓ ପଞ୍ଚସଖା ସାହିତ୍ୟ ଅନ୍ତର୍ଭୁକ୍ତ ସାଧନ ଗ୍ରନ୍ଥମାଳା ଇତ୍ୟାଦିରେ ଚର୍ଯ୍ୟାଗୀତିଗୁଡ଼ିକର ପ୍ରଭାବ ଅନୁଭୂତ ହୁଏ । ଏହାର ପ୍ରଭାବ ମଧ୍ୟଯୁଗୀୟ ସାହିତ୍ୟଦେଇ ଆଧୁନିକ ସାହିତ୍ୟରେ ମଧ ପତିତ ହୋଇଛି । ଚର୍ଯ୍ୟାର ଛାୟାରେ କେତେକ ଆଧୁନିକ କବି କାବ୍ୟ କବିତା ରଚନା କରିବାରେ ବ୍ରତୀ ହୋଇଛନ୍ତି ।

ବର୍ତ୍ତମାନ ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ସହଜିୟା ସିଦ୍ଧମାନଙ୍କର ସାଧନା ଓ ସିଦ୍ଧିର ଚାବିକାଠି ଏହି ଚର୍ଯ୍ୟାଗୀତିଗୁଡ଼ିକ କେବଳ ତାତ୍ତ୍ୱିକତାରେ ନୁହେଁ, ସାହିତ୍ୟକ ଉପାଦାନରେ ମଧ ପୂର୍ଣ୍ଣଗର୍ଭା ।

## ୧.୪.- ପ୍ରାକ୍-ସାରଳା ସାହିତ୍ୟ ଭାବରେ ଗୃହୀତ କେତେକ ବିବାଦୀୟ ରଚନା :

ଓଡ଼ିଆ ସାହିତ୍ୟରେ ନାଥଧର୍ମ ଓ ଶୈବଧର୍ମ ପ୍ରଖ୍ୟାପକ କେତୋଟି ରଚନା ଏବଂ ମାଦଳାପାଞ୍ଜି ଓ କଳସା ଚଉତିଶାକୁ କିଛି ସମାଲୋଚକ ପ୍ରାକ୍-ସାରଳା ଯୁଗର ରଚନା ଭାବରେ ଗ୍ରହଣ କରନ୍ତି । ଏଥିସକାଶେ ସେମାନେ ଯେଉଁ ଯୁକ୍ତିମାନ ଉପସ୍ଥାପନ କରନ୍ତି ସେଗୁଡ଼ିକ ଅସାରତା ସ୍ୱତଃ ପ୍ରମାଣିତ ହୋଇଯାଏ ସେଗୁଡ଼ିକର ଭାଷା ଓ ରଚନାଶୈଳୀ ଦୃଷ୍ଟିରୁ । ସେହିସବୁ ବିବାଦୀୟ

ରଚନାକୁ ଏଠାରେ ଆଲୋଚନା କରାଯାଇ ସେସବୁର କାଳ ନିର୍ଣ୍ଣୟ କରିବାକୁ ଚେଷ୍ଟା କରାଯାଇଛି ଏବଂ ସାହିତ୍ୟିକ ମୂଲ୍ୟ ଆକଳନ କରାଯାଇଛି ।

**୧.୫.- (କ) ନାଥଧର୍ମ ଓ ସାହିତ୍ୟ :**

ନାଥଧର୍ମ ଏକ ଯୋଗଭିତ୍ତିକ ଧର୍ମ । 'ଗୋରେଖ ସଂହିତା' ଅନୁସାରେ 'ଗୋରକ୍ଷନାଥ' ନାଥଧର୍ମର ପ୍ରବର୍ତ୍ତକ ଓ 'ନାଥ' ସଂଜ୍ଞାଧାରୀ ଯୋଗୀ-ଜାତି ତାଙ୍କଠାରୁ ଜାତ । ବିନ୍ଦୁନାଥ, ମତ୍ସ୍ୟେନ୍ଦ୍ରନାଥ, ଛାୟାନାଥ, ସତ୍ୟନାଥ ପ୍ରମୁଖ ନାଥ-ମତବାଦର ବିଶିଷ୍ଟ ପ୍ରଚାରକଗଣଙ୍କ ଦ୍ୱାରା ନାଥଧର୍ମ ପ୍ରଚାରିତ ଓ ପ୍ରସାରିତ ହୋଇଛି ।

ସାରଳାଦାସଙ୍କ ପୂର୍ବରୁ ନାଥଧର୍ମର ସ୍ଥିତି ଥିଲା । ଏଣୁ ପରବର୍ତ୍ତୀ ସାରଳା-ସାହିତ୍ୟ ଓ ପଞ୍ଚସଖା-ସାହିତ୍ୟ ନାଥଧର୍ମ ଓ ଦର୍ଶନଦ୍ୱାରା ବିଶେଷ ଭାବରେ ପ୍ରଭାବିତ । କିନ୍ତୁ ସେସମୟର କୌଣସି ରଚନା ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ନାଥଧର୍ମ-ଦର୍ଶନ ପ୍ରଖ୍ୟାପକ ଯେଉଁ ଅଳ୍ପ କେତୋଟି ରଚନା ବର୍ତ୍ତମାନ ଉପଲବ୍ଧ ଭାଷା ଓ ଶୈଳୀ ଦୃଷ୍ଟିରୁ ସେସବୁକୁ ପ୍ରାକ୍-ସାରଳାଯୁଗର ରଚନା ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଚର୍ଯ୍ୟାସାହିତ୍ୟ ପରଠାରୁ ସାରଳା ସାହିତ୍ୟର ଆରମ୍ଭ ପର୍ଯ୍ୟନ୍ତ ସମୟ ଓଡ଼ିଆ ସାହିତ୍ୟରେ ଘୋର ତମସାଚ୍ଛନ୍ନ ଯୁଗ । ତେଣୁ ସେତେବେଳେ କୌଣସି ରଚନା ନିଶ୍ଚୟ ଥିବ ଭାବି ପୂର୍ବୋକ୍ତ କେତୋଟି ଗ୍ରନ୍ଥକୁ କେତେଜଣ ସମାଲୋଚକ ପ୍ରାକ୍-ସାରଳାଯୁଗର ରଚନା ଭାବରେ ଗ୍ରହଣ କରନ୍ତି । ଏହି ଗ୍ରନ୍ଥ କେତୋଟି ହେଉଛି– ଶିଶୁବେଦ, ଅମରକୋଷ ଗୀତା, ମତ୍ସ୍ୟେନ୍ଦ୍ରଗୀତା ଇତ୍ୟାଦି ।

**୧.୫.୧.- ଶିଶୁବେଦ :**

ଯୋଗଭିତ୍ତିକ ନାଥଧର୍ମର ପ୍ରଥମ ଗ୍ରନ୍ଥ ଭାବରେ 'ଶିଶୁବେଦ' ପରିଗଣିତ । ଗ୍ରନ୍ଥର 'ଶିଶୁବେଦ' ନାମଟି ଯଥାର୍ଥ ନୁହେଁ ବୋଲି ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ମତ ପ୍ରଦାନ କରନ୍ତି । ସୁଷୁମ୍ନା ନାଡ଼ିର ସହଯୋଗରେ ନାଥ ସିଦ୍ଧଯୋଗୀମାନେ ଯୋଗସାଧନ କରିଥା'ନ୍ତି । ଏହି ଯୋଗସାଧନ ତତ୍ତ୍ୱ ତଥା ପ୍ରଣାଳୀ ଯେଉଁ ଶାସ୍ତ୍ର ନିର୍ଦ୍ଦେଶ କରେ ତାହା ସୁଷୁମ୍ନା ବେଦ ବା ସିଷୁବେଦ । 'ସୁଷୁମ୍ନା' ଶବ୍ଦଟି କାଳକ୍ରମେ ଲିପିକାରଙ୍କ ଅସାବଧାନତା ବା ଅଜ୍ଞତାବଶତଃ 'ଶିଶୁ'ରେ ପରିଣତ ହୋଇଯାଇଛି । ଅତଏବ ଏହାର ପ୍ରକୃତ ବନାନ 'ସିଷୁବେଦ' ହେବା ଅଧିକ ଯୁକ୍ତିସିଦ୍ଧ ଏବଂ ବ୍ୟାକରଣସମ୍ମତ ।

ମାତ୍ର ପଚିଶଗୋଟି ଶ୍ଳୋକର ସମାହାରରେ ଗ୍ରନ୍ଥଟିର କଳେବର ପୁଷ୍ଟ । ପ୍ରଥମେ ଗୋଟିଏ ଶ୍ଳୋକ ଓ ପରେ ତା'ର ଗଦ୍ୟରୂପ– ଏହି କ୍ରମରେ ଗ୍ରନ୍ଥଟି ସଜ୍ଜିତ । ଉଦାହରଣ ସ୍ୱରୂପ–

"ଶ୍ଳୋକ– ସର୍ବ ଚଳଇ ନ ଚଳଇ ଯେକେ
ନ ପଶଇ ନ ପୁରଇ ନ ରହଇ ଶେଷେ ।
ଅହନିଶି ବରଷଇ ନ ତିନ୍ତଇ ସେ ଯେ
ଖଡ଼ଗେ ହାଣିଲେ ନ ଛିଡ଼ଇ ସେ ଯେ । ଅର୍ଥ– ସବଦ ଗୁରୁଚରଣେ ପୁଛିଲେ ପାଇବା । ସେ ରୂପେ ବାହାର । ଅଚଳ ଶୂନ୍ୟଂ ରହିଛି ମେରର ଭିତରେ । ସେ ଯେ ନିରଞ୍ଜନ ଅଖଣ୍ଡିତ ଶୂନ୍ୟଟି । ସେ ଦୁଇଂକର ରୂପରେଖା ନାହିଁ । ବାହାରେ ଚକ୍ଷୁଭିତରେ ନିରଂଜନ । ସୁନାପରା ଦେଖୁ ରହିଲେ । ଯେହାକୁ ନିସ୍ୱତିଯୋଗ କହିଂ ।"

ଏହାର ଭଣିତାରୁ ଏହାର ରଚୟିତା ଗୋରକ୍ଷନାଥ ବୋଲି ଜଣାଯାଏ । ଗୋରକ୍ଷନାଥଙ୍କ ସମୟ ଖ୍ରୀଷ୍ଟୀୟ ୧୦ମରୁ ୧୨ଶ ଶତାବ୍ଦୀ ହୋଇଥିବାରୁ କେହି କେହି ଗବେଷକ ଶିଶୁବେଦକୁ ଏହି ସମୟର ରଚନା ଭାବରେ ଗ୍ରହଣ କରନ୍ତି । ଡକ୍ଟର ବଂଶୀଧର ମହାନ୍ତିଙ୍କ ମତରେ ଏହା ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀର ରଚନା ଏବଂ ଏହାକୁ ରଚନାକରି କେହି ପରବର୍ତ୍ତୀକାଳୀନ ନାଥସିଦ୍ଧ ଏହାର

ମହତ୍ତ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏଥିରେ ଗୋରକ୍ଷନାଥଙ୍କ ନାମ ଯୋଗ କରିଥାଇପାରନ୍ତି । (ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ, ପୃ:୨୧୩); ମାତ୍ର ଏହାର ଭାଷା, ବିଶେଷତଃ ଗଦ୍ୟାଂଶର ଭାଷା, ଏହାକୁ ସାରଳାଯୁଗର ପୂର୍ବ ରଚନା ଭାବରେ ପ୍ରମାଣିତ କରିବା ନିମନ୍ତେ ସମର୍ଥ ନୁହେଁ । ଏହି ଦୃଷ୍ଟିରୁ ଏହାକୁ ପଞ୍ଚସଖାଯୁଗ (ଷୋଡ଼ଶ ଶତାବ୍ଦୀ)ର ଗ୍ରନ୍ଥ ଭାବରେ ଗ୍ରହଣ କରିବା ଅଧିକ ଯୁକ୍ତିଯୁକ୍ତ ମନେହୁଏ ।

ସାରଳାଦାସଙ୍କଦ୍ୱାରା 'ଶିଶୁବେଦ' ପଦଟି ଅନେକତ୍ର ବ୍ୟବହୃତ ହୋଇଥିବାରୁ ଏହା ପ୍ରାକ୍-ସାରଳାଯୁଗର ରଚନା ଭାବରେ ଅନେକ ସମାଲୋଚକ ଗ୍ରହଣ କରିବାରେ ଆଗ୍ରହୀ; କିନ୍ତୁ ସାରଳାଦାସ 'ଶିଶୁବେଦ'କୁ କେତେକ ସ୍ଥଳରେ 'ଶିଶୁମୁନାବେଦ' ଓ 'ଅଜପାବେଦ' ଭାବରେ ମଧ୍ୟ ନାମିତ କରିଛନ୍ତି । ଏହା ଏକ ପାରିଭାଷିକ ପଦ, ଯାହା ସନ୍ଥ ସାହିତ୍ୟର ହଠଯୋଗ ସାଧନାର ନାଦବ୍ରହ୍ମ, ଅନାହତ ଧ୍ୱନି, ମହାବ୍ରହ୍ମଜ୍ଞାନ ଆଦି ଅର୍ଥରେ ବ୍ୟବହୃତ ହୋଇଥାଏ । ତେଣୁ ଏହି ପଦଟି ସାରଳାଦାସଙ୍କଦ୍ୱାରା କେତେବେଳେ ଏକ ସ୍ୱତନ୍ତ୍ର ବିଦ୍ୟାର ନାମ ହିସାବରେ ବା କେତେବେଳେ ପୂର୍ବୋକ୍ତ ଅର୍ଥରେ ବ୍ୟବହୃତ; ମାତ୍ର ପଚିଶଗୋଟି ପଦବିଶିଷ୍ଟ ନବାବିଷ୍କୃତ ନାଥଧର୍ମର ପ୍ରଧାନ ଗ୍ରନ୍ଥ ହିସାବରେ ଗୃହୀତ 'ଶିଶୁବେଦ' ପାଇଁ ବ୍ୟବହୃତ ନୁହେଁ । ଏ ସମ୍ବନ୍ଧରେ ଡକ୍ଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆ ସାହିତ୍ୟରେ ସ୍ୱରପରିବର୍ତ୍ତନ' ପୁସ୍ତକରେ ସ୍ଥାନିତ 'ଶିଶୁବେଦର ସ୍ୱରୂପ ଉଦ୍‌ଘାଟନ', 'ପରମ୍ପରାରେ ଶିଶୁବେଦ' ଓ 'ଶିଶୁବେଦ: ଏକ ଅଧ୍ୟୟନ' ପ୍ରଭୃତି ଆଲୋଚନା ଅତି ଉପାଦେୟ ।

**୧.୫.୨.- ଅମରକୋଷ ଗୀତା :**

ଏହା ଆଦିନାଥଙ୍କ ନାମରେ ଭଣିତ ନାଥଧର୍ମତତ୍ତ୍ୱରେ ପରିପୁଷ୍ଟ ଏକ ଗ୍ରନ୍ଥ । ଗୁରୁ ଆଦିନାଥ ଓ ଶିଷ୍ୟ ଲୋଇଙ୍କ କଥୋପକଥନ ଢଙ୍ଗରେ ଏଇଟି ରଚିତ । ଏହି ଧର୍ମରେ ଆଦିନାଥ ଓ ଶିବଙ୍କୁ ଏକ ଓ ଅଭିନ୍ନ ଭାବରେ ଗ୍ରହଣ କରାଯାଏ । ଏଥିରେ ଶିଷ୍ୟ 'ପୁତା' ଭାବରେ ସମ୍ବୋଧିତ; ଯେପରି– "ଶୁଣ ପୁତା ଲୋଇରେ ।" ଗ୍ରନ୍ଥର ଆରମ୍ଭରୁ କିଛି ଅଂଶ ପ୍ରକାଶିତ ହୋଇଛି ଡକ୍ଟର ବଂଶୀଧର ମହାନ୍ତିଙ୍କଦ୍ୱାରା ।

ଏହାର ରଚନାକାଳ କେତେକ ଆଲୋଚକଙ୍କଦ୍ୱାରା ୧୩ଶ ଶତାବ୍ଦୀ ଭାବରେ ନିର୍ଣ୍ଣୀତ ହୋଇଛି । ଡକ୍ଟର କୃଷ୍ଣଚରଣ ସାହୁ କିନ୍ତୁ ଭାଷା ଦୃଷ୍ଟିରୁ ଏହାକୁ ୧୫ଶ ଶତାବ୍ଦୀର ରଚନା ଭାବେ ଗ୍ରହଣ କରିଛନ୍ତି (ପ୍ରାଚୀନ ସାହିତ୍ୟ, ପୃ: ୯୪); ମାତ୍ର ନିମ୍ନରେ ଉଦ୍ଧୃତ କେତୋଟି ପଙ୍‌କ୍ତିରୁ ଏହାକୁ ପଞ୍ଚସଖାଯୁଗ (ଷୋଡ଼ଶ ଶତାବ୍ଦୀ)ର ରଚନା ଭାବରେ ଗ୍ରହଣ କରିବାକୁ ଇଚ୍ଛା ହୁଏ ।

"ଶୂନ୍ୟେଣ ଜାତ ପୁତା ଜନମ କାଳ ହୁଂ ମଲା ।
କିଛି ମିଛ ଲିଡାୟେ ଅଲିଖରଙ୍ଗ ଦେଖିଲା ॥
ସେ ରଙ୍ଗ ଦେଖିବୁ ପୁତା ଚୋରକଇଂ ଜଗି ।
ତାହା ଚିହ୍ନିଲେ କେବେହେଂ ନୋହିବୁଟି ରୋଗୀ ॥

x x x x x

ଯେହା ଯେବେ ପୁତା ନିତ୍ୟ କହିଂ ପଢ଼ି ।
ଆଦିନାଥେ କହିଲେ ଗୋରଖନାଥଙ୍କ ଆଗରେ ଅବଧାରି ॥" (ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥିରୁ ସଂଗୃହୀତ)

ପ୍ରାଚୀନ ଗଦ୍ୟଶୈଳୀରେ ରଚିତ ଦୁଇଖଣ୍ଡି ଅତ୍ୟନ୍ତ ଜୀର୍ଣ୍ଣ 'ଅମରକୋଷ' ପୋଥି ସଂଗ୍ରହ କରିଛନ୍ତି ଡକ୍ଟର ନଗେନ୍ଦ୍ରନାଥ ପ୍ରଧାନ । ଏହାର ପାଠରୁ କେତୋଟି ପଙ୍‌କ୍ତି–

'ଅଦେଖ ଦେଖ ଅତୁଳ ତୁଳ । ଚାରିକ୍ଷରଛ ଅମାପ ମାପ । ବିସୋରା ମାଛ ପାନ, ନୟନ ମୁଦ୍ରା ଦୂର କର । ନାସିକା ଉପରେ ପବନ ଉଚ୍ଚାରି । ଚନ୍ଦ୍ରଦ୍ୱାରେ ସୂର୍ଯ୍ୟକୁ ଲୁଚାଇ । ସାଧ ସାଧ ପୁତାରେ ଆହୁଟ ଉଜାଣି । ପାଦଜ୍ଞଇ ପୁତାରେ ବାଇବ

ସୂର୍ଯ୍ୟବୋଲି। ତଥିର ଉପରକୁ ଶୁକଳ ରାମରାଜ୍ୟ-ବୋଲି। x x x ବୁଝ ବୁଝ ପୁତାରେ ଗ୍ୟାନର ଅବସ୍ଥା। ତଥିରେ ବସଇ କମଳ ଚକ୍ରଦେବତା ॥ ଅଗ୍ନିବାଗ ପୁତାରେ ଯେବଣ ଘରେ ବସଇ। ସୁଣ ସୁଣ ପୁତାରେ ସେ ଅଗ୍ନି ତ୍ରିବେଣୀ ଘାଟେ ପାଣିଖାଇ॥ (ଓଡ଼ିଆ ସାହିତ୍ୟରେ ଜୟଦେବ, ପୃ: ୮୬)

### ୧.୫.୩.- ମତ୍ସ୍ୟେନ୍ଦ୍ର ଗୀତା :

ମତ୍ସ୍ୟେନ୍ଦ୍ରନାଥଙ୍କ ନାମରେ ଭଣିତ ଏହି ଗ୍ରନ୍ଥଟିର ଆବିଷ୍କାରକ ଶ୍ରୀ ବ୍ରହ୍ମାନନ୍ଦ ଦାସ। ସେ ଏହାକୁ ଚର୍ଯ୍ୟାସାହିତ୍ୟର ପରବର୍ତ୍ତୀ ପ୍ରଥମ ରଚନା ଭାବରେ ଅନୁମାନ କରନ୍ତି ଓ ଖ୍ରୀଷ୍ଟୀୟ ୧୧ଶ-୧୨ଶ ଶତାବ୍ଦୀରେ ସ୍ଥାନ ଦିଅନ୍ତି। ଏପରି ଅନୁମାନ କରିବାର କାରଣ ବୋଧହୁଏ ଏହାର ରଚୟିତା ମତ୍ସ୍ୟେନ୍ଦ୍ରନାଥଙ୍କ ଜୀବନକାଳକୁ ସେ ୧୧ଶ-୧୨ଶ ଶତାବ୍ଦୀ ବୋଲି ଧରିନେଇଛନ୍ତି। ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ ଏହାକୁ ୧୩ଶ ଶତାବ୍ଦୀର ରଚନା ଭାବରେ ଗ୍ରହଣ କରନ୍ତି; ମାତ୍ର ଭାଷା ଦୃଷ୍ଟିରୁ ଏହାକୁ ମଧ୍ୟ ସେହି ୧୬ଶ ଶତାବ୍ଦୀର ରଚନା ଭାବରେ ଗ୍ରହଣ କରିବା ଅଧିକ ଯୁକ୍ତିସଙ୍ଗତ ମନେହୁଏ।

ଏହି ତିନିଟି ଗ୍ରନ୍ଥ ବ୍ୟତୀତ 'ଗୋରକ୍ଷଗୀତା' 'ସପ୍ତାଙ୍ଗଯୋଗ ଧାରଣମ୍' 'ଅଷ୍ଟାଙ୍ଗଯୋଗ ଧାରଣମ୍', 'ଅମର ପଟଳ' 'ଗୋରେଖ ମଲ୍ଲିକା ସମ୍ବାଦ' ଇତ୍ୟାଦି ଗ୍ରନ୍ଥଗୁଡ଼ିକ ନାଥଧର୍ମ ପ୍ରଖ୍ୟାପକ ଓ ଏଗୁଡ଼ିକ ୧୬ଶ ଶତାବ୍ଦୀ ବା ପରବର୍ତ୍ତୀକାଳୀନ ରଚନା। ନାଥଧର୍ମ ସାରଳାଦାସଙ୍କ ବହୁ ପୂର୍ବରୁ ଯେ ଓଡ଼ିଶାରେ ଏକ ଲୋକପ୍ରିୟ ଓ ପ୍ରଭାବଶାଳୀ ଧର୍ମ ଥିଲା, ଏଥିରେ ସନ୍ଦେହର ଅବକାଶ ନାହିଁ; କିନ୍ତୁ ସେତେବେଳେ ଏହି ଧର୍ମର ତତ୍ତ୍ୱପ୍ରକାଶକ କୌଣସି ଗ୍ରନ୍ଥ ଓଡ଼ିଆ ଭାଷାରେ ନ ଥିଲା ବା ଯଦି ଥିଲା, ତାହା ଏ ପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳରେ ରହିଛି। ସେତେବେଳେ ଏହି ଧର୍ମତତ୍ତ୍ୱପୁଷ୍ଟ ରଚନାବଳୀ ହୁଏତ ସଂସ୍କୃତ ଓ ଅପଭ୍ରଂଶରେ ଥିଲା। ଏ ବିଷୟରେ ବିଶେଷ ତଥ୍ୟପାଇଁ ଉପଯୁକ୍ତ ଗବେଷଣାର ପ୍ରୟୋଜନ ରହିଛି।

### ୧.୬.- (ଖ) ଶୈବଧର୍ମ ଓ ସାହିତ୍ୟ :

ଓଡ଼ିଶାରେ ଶୈବଧର୍ମର ପ୍ରଚଳନ ବହୁ ପ୍ରାଚୀନ ହେଲେହେଁ ଏହାର ପ୍ରାଚୀନତମ ନିଦର୍ଶନ ହେଉଛି ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ କେନ୍ଦୁଝର ଜିଲାର ଅସନପାଟ ଅଭିଲେଖରେ ଖୋଦିତ ନଟରାଜ ଶିବ ବିଗ୍ରହ। ତା'ପରେ ନଳବଂଶୀୟ, ମାଠରବଂଶୀୟ, ବାଶିଷ୍ଟବଂଶୀୟ ଓ ଭଞ୍ଜବଂଶୀୟ ଶାସକମାନଙ୍କ ଅମଳରେ ଶୈବଧର୍ମ ଆଦରଲାଭ କରିଥିଲା। ଦଶମ ଓ ଏକାଦଶ ଶତାବ୍ଦୀ ଶୈବଧର୍ମର ସୁବର୍ଣ୍ଣଯୁଗ। ଏହି ସମୟରେ ସୋମବଂଶୀ ନରପତିଗଣ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଶାସନ କରଗତ କରି ଭୁବନେଶ୍ୱରକୁ ଶିବମନ୍ଦିରମାଳିନୀ କରିଥିଲେ। ରାଜାରାଣୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର ସମେତ ବହୁ ଶିବମନ୍ଦିର ଏହି ସମୟର କୀର୍ତ୍ତି। ଓଡ଼ିଶାରେ ବହୁ ଧର୍ମମତବାଦ ପ୍ରଚଳିତ ଥିଲେହେଁ ଶୈବଧର୍ମର ଲୋକପ୍ରିୟତା ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି। କିନ୍ତୁ ସାହିତ୍ୟ ଦୃଷ୍ଟିରୁ ବିଚାରକଲେ ସାରଳାଯୁଗ ପୂର୍ବରୁ ରଚିତ ଶୈବଧର୍ମ-ପ୍ରଖ୍ୟାପକ କୌଣସି ଓଡ଼ିଆ ରଚନା ପରିଦୃଷ୍ଟ ହୁଏନାହିଁ।

ଓଡ଼ିଆ ଭାଷାରେ ଲିଖିତ ଏପରି ତିନିଗୋଟି ଶୈବଧର୍ମ ପ୍ରଖ୍ୟାପକ ରଚନା ରହିଛି ଯାହାକୁ କେତେକ ସମାଲୋଚକ ପ୍ରାକ୍-ସାରଳାଯୁଗରେ ସ୍ଥାନ ଦିଅନ୍ତି; ଯଥା– (କ) 'କଳସା ଚଉତିଶା', (ଖ) 'ରୁଦ୍ରସୁଧାନିଧି' ଓ (ଗ) 'ସୋମନାଥବ୍ରତ କଥା'; ମାତ୍ର ରୀତି, ଭାଷା ଇତ୍ୟାଦି ଦୃଷ୍ଟିରୁ ଏଗୁଡ଼ିକୁ ପରବର୍ତ୍ତୀକାଳୀନ ରଚନା ଭାବରେ ଗ୍ରହଣ କରାଯାଇପାରେ।

### ୧.୬.୧.- କଳସା ଚଉତିଶା :

'କଳସା ଚଉତିଶା'ଟି ୧୯୩୧ ଖ୍ରୀଷ୍ଟାବ୍ଦରେ ସର୍ବପ୍ରଥମେ ଲୋକଲୋଚନକୁ ଆସିଲା। ଏହାର ଆବିଷ୍କର୍ତ୍ତା ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶିତ 'ଚଉତିଶା ମଧୁଚକ୍ର' ୪ର୍ଥ ଖଣ୍ଡରେ ଏହାକୁ ସ୍ଥାନିତ କରିଛନ୍ତି। ଚଉତିଶାର ଆରମ୍ଭରେ ସେ ଲେଖିଛନ୍ତି– "କଳସା ଗୀତ ଅତି ପୁରାତନ, ପ୍ରମାଣ ମିଳିଅଛି ସାରଳାଦାସଙ୍କ ମହାଭାରତଠାରୁ ମଧ୍ୟ ଏହା ଅଧିକ ବୟସ୍କ।" (ପୃ: ୭୯) ମାତ୍ର ଯେଉଁ ପ୍ରମାଣବଳରେ ସେ ଏହାକୁ ସାରଳାଦାସଙ୍କ ମହାଭାରତଠାରୁ ବୟସ୍କ ବୋଲି ଅଭିହିତ କଲେ, ତାହାର କୌଣସି ସୂଚନା ସେ ଏଥିରେ ଦେଇ ନାହାନ୍ତି।

କଳସା ଚଉତିଶାର କାଳ ନିର୍ଣ୍ଣୟ– ଏହା ପ୍ରକାଶିତ ହେବାପରେ ୧୯୩୨ ମସିହାରେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି 'ପ୍ରାଚୀ ଗଦ୍ୟପଦ୍ୟାଦର୍ଶ'ର ଇଂରାଜୀ ମୁଖବନ୍ଧରେ ମଧ୍ୟ ଏହାକୁ ସାରଳାଦାସଙ୍କ ପୂର୍ବବର୍ତ୍ତୀ ରଚନା ଭାବରେ ଗ୍ରହଣ କଲେ। ଏହାପରେ ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମା 'କଳସା'ର ଏକ ଯୁକ୍ତିସଙ୍ଗତ ଅର୍ଥ ନିର୍ଣ୍ଣୟ କରିବାକୁ ଯାଇ 'କଳସା'ର ଅର୍ଥ ମଙ୍ଗଳବିଧାନ ବା ମାଙ୍ଗଳିକ ଗାନ ବୋଲି ପ୍ରକାଶ କରିଛନ୍ତି। ଏହାକୁ ମଙ୍ଗଳଗୀତି ଭାବରେ ମଧ୍ୟ ଗ୍ରହଣ କରନ୍ତି ଏବଂ ଏହା ସପକ୍ଷରେ କହନ୍ତି ଯେ ପୂର୍ବେ ରାଜପରିବାରରେ ବା ସମ୍ଭ୍ରାନ୍ତ ପରିବାରରେ ବିବାହ, ବ୍ରତାଦି ମାଙ୍ଗଳିକ କାର୍ଯ୍ୟରେ ଦେବଦାସୀମାନେ ଯେଉଁ ମଙ୍ଗଳଗୀତି ଗାନ କରନ୍ତି, ତାହା 'କଳସା' ନାମରେ କଥିତ। (ଝଙ୍କାର, ୪୧୬, ୧୯୫୨)

ଡକ୍ଟର ବଂଶୀଧର ମହାନ୍ତି 'କଳସା ଚଉତିଶା'ର କାଳ ନିର୍ଣ୍ଣୟ କରିବାକୁ ଯାଇ 'ସାହିତ୍ୟ ଓ ସଂସ୍କୃତି' ପୁସ୍ତକରେ ଏ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାରେ ଆଭିଧାନିକ ଅର୍ଥ ଦୃଷ୍ଟିରୁ କଳସାକୁ ମଙ୍ଗଳଗାନ ହିସାବରେ ଗ୍ରହଣ କରି ନାହାନ୍ତି ଏବଂ କର୍ମାଙ୍ଗରେ ଏହାର ପ୍ରୟୋଗ ଅର୍ବାଚୀନ ବୋଲି ମତ ଦେଇଛନ୍ତି।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରଦତ୍ତ 'ସାରଳା ମହାଭାରତ'ର ପଦଟି ଉଦ୍ଧାର କରି ଏଥିରେ କଳସାର ଉଲ୍ଲେଖ ଥିବାରୁ ବତ୍ସାଦାସ ବା ବଚ୍ଛାଦାସଙ୍କୁ ସାରଳାଙ୍କ ପୂର୍ବବର୍ତ୍ତୀ କବି ଭାବେ ଗ୍ରହଣ କରିନେଇଛନ୍ତି।

ଶ୍ରୀ ସୁରେନ୍ଦ୍ର ମହାନ୍ତି 'କଳସା ଚଉତିଶା'କୁ ସାରଳାଙ୍କ ପୂର୍ବବର୍ତ୍ତୀକାଳୀନ ରଚନା ବୋଲି ପ୍ରକାଶିତ ଅଭିମତଗୁଡ଼ିକ ଯୁକ୍ତିସମର୍ଥିତ ଭିତ୍ତି ନ ଥିବା ସ୍ୱୀକାର କରିଥିଲେହେଁ ଭାଷାଦୃଷ୍ଟିରୁ ଏହା ସାରଳାଙ୍କ ପୂର୍ବବର୍ତ୍ତୀ, ସମସାମୟିକ ଓ ପରବର୍ତ୍ତୀ ହୋଇପାରେ ବୋଲି କହିଛନ୍ତି। କେବଳ ଉପଜୀବ୍ୟ ଦୃଷ୍ଟିରୁ ସେ ଏହାକୁ ସାରଳାଙ୍କ ପୂର୍ବବର୍ତ୍ତୀ ବୋଲି ଅନୁମାନ କରନ୍ତି। (ଓଡ଼ିଆ ସାହିତ୍ୟ ଆଦିପର୍ବ, ପୃ: ୯୫)

ଡକ୍ଟର ମାୟାଧର ମାନସିଂହ 'ଓଡ଼ିଆ ସାହିତ୍ୟର ଇତିହାସ'ରେ 'କଳସା ଚଉତିଶା' ସମ୍ବନ୍ଧୀୟ ଆଲୋଚନାରେ ଏହାର ପ୍ରାଚୀନତାକୁ ସ୍ୱୀକାର କରି ନ ଥିଲେହେଁ ଏହାର ରଚନାକାଳ ବିଷୟରେ କିଛି କହି ନାହାନ୍ତି। ଏହାର ପ୍ରାଚୀନତା ସମ୍ପର୍କରେ ସନ୍ଦେହ ପ୍ରକାଶ କରି ସେ କହନ୍ତି– "ମାଦଳାପାଞ୍ଜି ପରି, ବତ୍ସାଦାସଙ୍କ 'କଳସା ଚଉତିଶା' ଏ ପର୍ଯ୍ୟନ୍ତ ଏକ ବିବଦମାନ ପୁସ୍ତକ। ଏହାର ପ୍ରାଚୀନତାର ଏକମାତ୍ର ପ୍ରମାଣ ରୂପେ କୁହାଯାଉଛି ଯେ, ଏକ ଶତାବ୍ଦୀ ପରେ ଲେଖାହୋଇଥିବା ସାରଳାଙ୍କ ମହାଭାରତରେ ଏହାର ଉଲ୍ଲେଖ ଅଛି। କିନ୍ତୁ ସାରଳାଦାସ କି ଅର୍ଥରେ 'କଳସା' ଶବ୍ଦ ବ୍ୟବହାର କରିଛନ୍ତି, ତାହା ମଧ୍ୟ ବିବାଦ୍ୟ। ପୁଣି ଏ ଚଉତିଶାର 'କଳସା ଚଉତିଶା' ନାମ ହେବାର କୌଣସି ଆଭ୍ୟନ୍ତରୀଣ ହେତୁ ଦେଖାଯାଉ ନାହିଁ। ଏଥିରେ ଥିବା ଯାବନିକ ଶବ୍ଦ 'ଫାର୍ମାନ୍' (ରାଜାଦେଶ) ଏହାର ପ୍ରାଚୀନତାକୁ ମଧ୍ୟ ଧୂଳିସାତ୍ କରୁଛି। କାରଣ, ସେତେବେଳକୁ ଓଡ଼ିଶାରେ ମୁସଲମାନ ରାଜ୍ୟ ଆହୁରି ଦୁଇଶ ବର୍ଷ ବାକି।" (ପୃ:୮୫)

ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ' ପୁସ୍ତକରେ 'କଳସା ଚଉତିଶା'କୁ ସାରଳାଯୁଗ ପରିସର ମଧ୍ୟରେ ଆଲୋଚନା କରିଛନ୍ତି। ତାଙ୍କ ମତରେ– "ଭାଷାର ପ୍ରାଚୀନ ରୂପ ଦୃଷ୍ଟିରୁ 'କଳସା ଚଉତିଶା'କୁ ସାରଳା ପୂର୍ବବର୍ତ୍ତୀ ବୋଲି ମଧ୍ୟ କୁହାଯାଇପାରିବ ନାହିଁ। ପରନ୍ତୁ ଭାଷା ଦୃଷ୍ଟିରୁ ସାରଳାଙ୍କ ସମସାମୟିକ ବା ଅଳ୍ପ ପରବର୍ତ୍ତୀ ସମୟର ରଚନାରୂପେ, ସାରଳାଯୁଗର ପରିସର ମଧ୍ୟରେ, ଏହାକୁ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରିବାକୁ ହୁଏ।" (ପୃ:୮୬)

ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ସ୍ୱସଂପାଦିତ 'ଓଡ଼ିଆ ସାହିତ୍ୟ ସମୀକ୍ଷଣ' ଗ୍ରନ୍ଥରେ ଏକ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧରେ ଭାଷାତାତ୍ତ୍ୱିକ ଦୃଷ୍ଟିରୁ 'କଳସା ଚଉତିଶା' ଓ 'ସାରଳା ମହାଭାରତ'ର ଅଧ୍ୟୟନକରିଛନ୍ତି ଏବଂ ଶେଷରେ କହିଛନ୍ତି– "ସାରଳାଦାସ ତାଙ୍କ ମହାଭାରତରେ ଯେଉଁ 'କଳସା'ର ଉଲ୍ଲେଖ କରିଅଛନ୍ତି ତାହା ବତ୍ସା ଦାସଙ୍କ 'କଳସା ଚଉତିଶା' ଏପରି ଭାବିବାର କୌଣସି

କାରଣ ନାହିଁ । ଅତଏବ 'କଳସା ଚଉତିଶା' ଯେ ସାରଳାଦାସଙ୍କ ପୂର୍ବବର୍ତ୍ତୀ, ଏକଥା ବର୍ତ୍ତମାନ ପ୍ରମାଣ କରାଯାଇପାରିବ ନାହିଁ ।" (ପୃ: ୨୪-୨୫)

ସାହିତ୍ୟିକ ଆଙ୍ଗିକ ହିସାବରେ ଚଉତିଶା ଏକ ଉନ୍ନତ ସୃଷ୍ଟି ହୋଇଥିବାରୁ ସାରଳା ମହାଭାରତର ରଚନା ପୂର୍ବରୁ ଏହାର ସ୍ଥିତି କଦାପି ସମ୍ଭବ ନୁହେଁ । ସେହିପରି ଚଉତିଶା ଭଳି ଏକ ଛନ୍ଦାଶ୍ରିତ ରଚନା ପ୍ରାକ୍-ସାରଳା ଯୁଗରେ ଥିଲେ, ସାରଳାଙ୍କ ରଚନାବଳୀ କେବଳ 'ଦାଣ୍ଡିବୃତ୍ତ'ରେ ରଚିତ ହୋଇ ନ ଥା'ନ୍ତା । ଏହି ଅଭିମତର ପରିପୋଷକ ଗବେଷକ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ଭାଷାର କ୍ରମବିକାଶରେ ବିଭକ୍ତି, ପ୍ରତ୍ୟୟ, କ୍ରିୟା ଇତ୍ୟାଦିର ବିଚାର କରି ଓ ଛନ୍ଦର ବିକାଶକ୍ରମକୁ ବିଚାରକୁ ନେଇ 'କଳସା ଚଉତିଶା'ର ରଚନାକାଳ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ ପୂର୍ବରୁ ନୁହେଁ ବୋଲି ପ୍ରକାଶ କରିଛନ୍ତି 'ଦିଗନ୍ତ' ପତ୍ରିକାରେ ।

'କଳସା ଚଉତିଶା'ର କାଳ ନିରୂପଣ କ୍ଷେତ୍ରରେ ବୈଜ୍ଞାନିକ ଆଲୋକପାତ କରିଛନ୍ତି ଡକ୍ଟର ନଟବର ସାମନ୍ତରାୟ 'ଓଡ଼ିଆ ସାହିତ୍ୟରେ ସ୍ୱରପରିବର୍ତ୍ତନ' ପୁସ୍ତକରେ । ସାରଳା ମହାଭାରତରେ ପରିଦୃଷ୍ଟ 'କଳସା' ଶବ୍ଦ ଆଲୋଚ୍ୟ କଳସା ଚଉତିଶା ସହିତ ସମ୍ବନ୍ଧାନ୍ୱିତ ନୁହେଁ; ଅଧିକନ୍ତୁ ସାରଳା ମହାଭାରତ ଏହି କଳସା ଚଉତିଶା ଦ୍ୱାରା ପ୍ରଭାବିତ ହୋଇ ନ ଥିବାରୁ ଏହାକୁ ପ୍ରାକ୍-ସାରଳାଯୁଗର ରଚନା ଭାବରେ ଗ୍ରହଣ କରାଯାଇ ନ ପାରେ । ଏହି ଅଭିମତ ସପକ୍ଷରେ ନିମ୍ନୋକ୍ତ ଉଦ୍ଧୃତଟି ସାରଳା ମହାଭାରତରୁ ଗୃହୀତ ।

ସୁଭଦ୍ରା ପରିଣୟ ପ୍ରସଙ୍ଗରେ କୁହାଯାଇଛି–

"ଋକ ଯଜୁ ସାମ ଅଥର୍ବ ଚତୁବାଣୀ
ପଢ଼ିଣ ବିପ୍ରେ ଶିରେ ଅର୍ଘ୍ୟ ଦେଲେ ଆଣି ।
କଳସା ଶିଲୋକ ପଢ଼ନ୍ତି ସର୍ବଲୋକ
ଅନେକ ବଧାଇ ଦିଅନ୍ତି ଯେ ମନସୁଖ ।" –ମଧ୍ୟପର୍ବ, ପୃ: ୩୩୨ ।

ଏଠାରେ ବରକନ୍ୟାଙ୍କୁ ବିପ୍ରଗଣ ଚାରିବେଦ ପଢ଼ି ଓ ଅନ୍ୟମାନେ 'କଳସା ଶିଲୋକ' (ଶ୍ଳୋକ) ପଢ଼ି ଆଶୀର୍ବାଦ କରିଛନ୍ତି । ତେଣୁ ଏଠାରେ କଳସା ଆଶୀର୍ବଚନର ବା ଆଶୀର୍ବାଦସୂଚକ ଶ୍ଳୋକ ରୂପେ ବ୍ୟବହୃତ ଓ 'କଳସା ଚଉତିଶା' ସହିତ ଏହାର କୌଣସି ସମ୍ପର୍କ ନାହିଁ । ନିଜର ଦୀର୍ଘ ଆଲୋଚନାରେ ସେ ପ୍ରତିପାଦନ କରିଛନ୍ତି ଯେ ଓଡ଼ିଆରେ କୌଣସି ରାଗର ନାମ କଳସା ନୁହେଁ; ଏହା ଯଥାର୍ଥତଃ କଳସା ବାଣୀ । କଳସା ବାଣୀ କହିଲେ ସାଧାରଣତଃ ଏହା 'କଳସା ଚଉତିଶା'ରେ ବ୍ୟବହୃତ ମାଳବ ବା ବରାଡ଼ି ରାଗକୁ ବୁଝାଏ, 'କଳସା ଚଉତିଶା'କୁ ନୁହେଁ । ତେଣୁ କଳସା ଚଉତିଶା ସାରଳାଙ୍କ ପରବର୍ତ୍ତୀକାଳୀନ ରଚନା ।

ପୁନଶ୍ଚ ଡକ୍ଟର ସାମନ୍ତରାୟ 'କଳସା ଚଉତିଶା' 'ସାରଳା ମହାଭାରତ'ର ଅନୁରୂପ ବର୍ଣ୍ଣନା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣିତ କରିବା ଫଳରେ ଏହା ସାରଳା ମହାଭାରତର ପରବର୍ତ୍ତୀକାଳରେ ରଚିତ ବୋଲି ସ୍ୱତଃ ପ୍ରମାଣିତ ହୁଏ ।

**୧.୬.୨.- 'କଳସା'ର ଅର୍ଥ :**

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ 'କଳସା' କହିଲେ କଳସା ଚଉତିଶାକୁ ବୁଝାଏ ନାହିଁ; ସାରଳା ମହାଭାରତରେ ଏହା ଆଶୀର୍ବଚନ ଅର୍ଥରେ ବ୍ୟବହୃତ । ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ 'ଓଡ଼ିଆ ଲୋକଗୀତ ଓ କାହାଣୀ'ରେ କଳସାକୁ 'ମଙ୍ଗଳଗୀତି' ଭାବରେ ଅଭିହିତ କରିଛନ୍ତି । ତାଙ୍କ ଭାଷାରେ– "ପାଟୁଆ କାଳସୀମାନେ କଳସ (ଶିବ ପାର୍ବତୀଙ୍କ ପ୍ରତୀକ) ସ୍ଥାପନ କରି ଯେଉଁ ବଚନିକା ଗାଆନ୍ତି, ତାହାକୁ 'କଳସା' କହନ୍ତି । କଳସାକୁ ଉଦ୍ଦେଶ୍ୟକରି ଏହି ସ୍ତୁତି ବା ମଙ୍ଗଳଗୀତି ବୋଲାଯାଏ ବୋଲି ଏହା କଳସା । କ୍ରମେ ଏହିପରି ଗୀତମାନ ଶିଷ୍ଟ ସମାଜରେ ବିବାହାଦି ମଙ୍ଗଳ କାର୍ଯ୍ୟରେ ବ୍ୟବହୃତ ହୋଇ ଏହି ନାମରେ

ପରିଚିତ ହୋଇଅଛି।" (ପୃ: ୩୨୧-୨୨) ସାରଳା ମହାଭାରତରେ ମଧ୍ୟ ବିଭିନ୍ନ ବିବାହ ବର୍ଣ୍ଣନାରେ 'ମଙ୍ଗଳଗୀତ' ଗାନ କରିବାର ଉଲ୍ଲେଖ ରହିଛି। ଏହି ମଙ୍ଗଳଗୀତ ଏହି ଗ୍ରନ୍ଥର ଅନ୍ୟ କେତେକ ଅନୁରୂପ ବର୍ଣ୍ଣନାରେ ପଢ଼ାଯାଉଥିବା ପ୍ରତିଶବ୍ଦରୂପେ ବ୍ୟବହୃତ ହୋଇଥିବା ମନେହୁଏ। ତେଣୁ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ଓ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ପୂର୍ବୋକ୍ତ ଅଭିମତ ଏକାନ୍ତ ଯଥାର୍ଥ। ମନେହୁଏ, ସାରଳାଦାସ ଯେଉଁ 'ମଙ୍ଗଳଗୀତ' ଅର୍ଥରେ 'କଳସା'ର ପ୍ରୟୋଗ କରିଛନ୍ତି, ସେହି ଅର୍ଥରେ ତାଙ୍କ ପରବର୍ତ୍ତୀ କବି ବସାଦାସ 'କଳସା'ର ପ୍ରୟୋଗ କରିଛନ୍ତି 'କଳସା ଚଉତିଶା'ରେ। ତେଣୁ ଏହାର ଶେଷରେ ବସାଦାସ ନିଜେ ମଧ୍ୟ କଳସା ପଢ଼ିଛନ୍ତି–

"କ୍ଷିତିପତି ଠାକୁର ସେ କପିଳାସେ ସ୍ଥିତି
କ୍ଷୁଦ୍ରବୁଦ୍ଧି ବଛାଦାସ କଳସା ପଢ଼ନ୍ତି।"

ବର୍ତ୍ତମାନ ଏହା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ 'କଳସା ଚଉତିଶା' ପ୍ରାକ୍-ସାରଳା ଯୁଗର ନୁହେଁ, ସାରଳୋତ୍ତର ଯୁଗ ବା ଷୋଡ଼ଶ ଶତାବ୍ଦୀର ଏକ ରଚନା।

**ସାହିତ୍ୟିକ ମୂଲ୍ୟାୟନ–** 'କଳସା ଚଉତିଶା' ଆଜି ପର୍ଯ୍ୟନ୍ତ ଆବିଷ୍କୃତ ଚଉତିଶାମାନଙ୍କ ମଧ୍ୟରେ ପ୍ରାଚୀନତମ। ଏହା ପୂର୍ବରୁ କେତେକ ଚଉତିଶା ହୁଏତ ରଚିତ ହୋଇଥିବ; ମାତ୍ର ଲୋକଲୋଚନ ଅନ୍ତରାଳରେ ସେଗୁଡ଼ିକ ବିଲୁପ୍ତ ହୋଇଥିବା ଅନୁମିତ ହୁଏ। ଚଉତିଶା ରଚନାର ଚାରିତ୍ରିକ ବିଶେଷତ୍ୱ ହେଉଛି, ପ୍ରତ୍ୟେକ ପଦର ଆରମ୍ଭ ହୋଇଥାଏ ଓଡ଼ିଆ ବର୍ଣ୍ଣମାଳାର (କ ଠାରୁ କ୍ଷ ପର୍ଯ୍ୟନ୍ତ) ପ୍ରତ୍ୟେକ ଅକ୍ଷରକୁ କ୍ରମାନ୍ୱୟରେ ରଖି ଓ ଏହିପରି ଚଉତିରିଶଟି ପଦର ସମାହାର ହେତୁ ଏହାର ନାମ ଚଉତିଶା ବା ଚଉତ୍ରିଶା (୩୪ଶା)। ଚଉତିରିଶ ପଦବିଶିଷ୍ଟ ଆଲୋଚ୍ୟ ରଚନାଟି ଏହି ନିୟମାନୁସାରେ ରଚିତ ଏକ ରସଘନ ଚଉତିଶା।

ଶିବ ଓ ପାର୍ବତୀଙ୍କ ବିବାହ ବର୍ଣ୍ଣନାରେ ଏହି ଚଉତିଶାର କଳେବର ପୁଷ୍ଟ। ଚଉତିଶା ଆରମ୍ଭରେ ଗୌରୀଙ୍କୁ ବିବାହ କରିବାକୁ ଆସିଥିବା ବରର ବୟସ, ରୂପ, ଗୁଣ ଇତ୍ୟାଦି ବର୍ଣ୍ଣିତ ହୋଇଛି ଗୌରୀଙ୍କ ଆଗରେ ତାଙ୍କ ସାଥୀମାନଙ୍କ ମୁଖରେ। ବରଟା ନିପଟ ବୁଢ଼ା; ଶ୍ୱାସରୋଗାକ୍ରାନ୍ତ ହେତୁ ସେ ଦୀର୍ଘନିଃଶ୍ୱାସ ତ୍ୟାଗ କରୁଛି। ଯାନର ଅଭାବରେ ଏକ ହଡ଼ା ବଳଦ ଚଢ଼ି ଆସିଛି, ରକ୍ତହୀନତା ଯୋଗୁଁ ଗୋଡ଼ହାତ ହଳଦିଆ ପଡ଼ିଯାଇଛି, ଆଖିରୁ ନେଞ୍ଜେରା ବୋହୁଛି, ତୁଣ୍ଡରୁ ଲାଳର ଧାର ଛୁଟୁଛି, କାନରେ କାଠର କୁଣ୍ଡଳ ଦୁଇଟା ଝୁଲୁଛି। ଅଜ୍ଞାତ କୁଳଶୀଳ ଏହି ବୃଦ୍ଧ ଯୋଗୀ ଦୃଷ୍ଟିଶକ୍ତି ହରାଇଛି। ତା' ଦେହରେ କେବଳ ଚର୍ମର ଆବରଣ, ସାରା ଶରୀର ପାଉଁଶରେ ମଣ୍ଡିତ, ମସ୍ତକରେ ସର୍ପମାନ ଖେଳୁଛନ୍ତି, ଲଜ୍ଜା ନିବାରଣ ପାଇଁ ସେ କିଛି ଛିଣ୍ଡାକନା ଶରୀର ସାରା ଗୁଡ଼ାଇଛି। ଏହିପରି ଏକ କଦର୍ଯ୍ୟ, କଦାକାର ବୃଦ୍ଧ ଅନିନ୍ଦ୍ୟ ସୁନ୍ଦରୀ ଗୌରୀଙ୍କୁ ବିବାହ କରିବ, ଏହା ଜାଣି ସେମାନଙ୍କର ମନ ବିଷାଦଗ୍ରସ୍ତ ହୋଇଛି। ଗୌରୀ ଏପରି ବରକୁ ଗ୍ରହଣ କରିବାକୁ ରାଜି ହୋଇ ନାହାନ୍ତି; ତାଙ୍କ ମାତା ମଧ୍ୟ କନ୍ୟାର ଏପରି ଦୁର୍ଦ୍ଦଶା ଲକ୍ଷ୍ୟକରି କ୍ରନ୍ଦନ କରିଛନ୍ତି। ଗୌରୀଙ୍କ ପିତା ରାଜା ହିମବନ୍ତଙ୍କ କଠୋର ଆଦେଶରେ ବିବାହ କାର୍ଯ୍ୟ ଆରମ୍ଭ ହୋଇ ଅନିୟମ ଓ ଶ୍ରଦ୍ଧାହୀନ ଭାବରେ ସଂପାଦିତ ହୋଇଛି। ତାପରେ ଶିବ ପୂର୍ବୋକ୍ତ ରୂପ ତ୍ୟାଗକରି ସ୍ୱଦିବ୍ୟମୋହନ ରୂପ ପ୍ରକାଶ କରିଛନ୍ତି। ବର ଯେ ଦେବ ଦେବ ମହାଦେବ, ଏହା ଜାଣି ଗୌରୀଙ୍କ ମାତା, ସଖୀଗଣ ଓ ଆତ୍ମୀୟସ୍ୱଜନ ଆନନ୍ଦିତ ହୋଇଛନ୍ତି।

ସମକାଳୀନ ସମାଜରେ ପ୍ରଚଳିତ ବିବାହ ଅନୁଷ୍ଠାନର ଏକ ନିଖୁଣ ଚିତ୍ର ରୂପାୟିତ ହୋଇଛି ଏହି ଚଉତିଶାରେ। ସେତେବେଳେ ଧନୀ ବ୍ୟକ୍ତି ବୃଦ୍ଧ ଓ କଦାକାର ହେଲେହେଁ ସୁନ୍ଦରୀ କନ୍ୟା ବିବାହ କରିପାରୁଥିଲେ ବୋଲି ଏଥିରୁ ଜାଣିବାକୁ ମିଳେ।

କବିଙ୍କ ବର୍ଣ୍ଣନାଚାତୁରୀ ଅତି ଚମତ୍କାର। ବିବାହକାଳୀନ ଗୌରୀଙ୍କ ବେଶଭୂଷାର ଯେଉଁ ବର୍ଣ୍ଣନା କବି ପ୍ରଦାନ କରିଛନ୍ତି ସେଥିରେ କବିଙ୍କ ଅପୂର୍ବ କୃତିତ୍ୱ ପ୍ରଦର୍ଶିତ। ଉଦାହରଣ ସ୍ୱରୂପ–

"ଯୁବତୀ ସକଳ ମିଳି ହୁଳହୁଳି ଦେଲେ
ଜଗମୋହିନୀକି ଦିବ୍ୟ ବେଶ କରାଇଲେ
ଜାଇଫୁଲ କନିଆର ଖୋସାରେ ଖୋସିଲେ
ଯତନେ କସ୍ତୁରୀ ଚିତା କପାଳରେ ଦେଲେ।
ରତ୍ନ ଓଡ଼ିଆଣୀ ଚୂଡ଼ି ମଥାରେ ସୀଉନ୍ତି
ରାମ ଅଭିଷେକ ଚୁଡ଼ି ନାସେ ଗଜମୋତି
ରୁଣୁ ଝୁଣୁ ବାଜୁଅଛି ପୟରେ ନୂପୁର
ରାଜୀବଦଳ ଲୋଚନେ ରଞ୍ଜିଲେ କଜ୍ଜଳ।" (ପଦ ୨୬-୨୭)

କବି ବୃଦ୍ଧ ବରର କୁରୂପ ଓ ବେଶ ବର୍ଣ୍ଣନା ଅତି ନିପୁଣତାର ସହିତ ଫୁଟାଇଛନ୍ତି। ତା'ର ଏକ ଉଦାହରଣ ନିମ୍ନରେ ପ୍ରଦତ୍ତ।

"ଘଟ ଘଟ ହୋଇ ଲାଳ ବହୁଛି ତୁଣ୍ଡର
ଘନ ଜଟା ଲୋଟାଏକ ବାନ୍ଧିଛି ମୁଣ୍ଡର।
ନ ଚିହ୍ନଇ ମନୁଷ୍ୟ ସେ ନ ଦେଖେ ନୟନ
ନିକଟେ ଡାକିଲେ ନ ଶୁଣେ ତା ବେନି କର୍ଣ୍ଣ
ନଖ ମୁଖ ଚକ୍ଷୁସ୍ଥାନ ପଶିଲା ଭିତର
ନୂଆ ଖଣି ଖଣା ପ୍ରାଏ ଦିଶୁଛି ଉଦର।" (ପଦ ୪-୫)
"ଛିନ୍ନ ଅଙ୍ଗେ ଛିଣ୍ଡା ଗଣ୍ଠା ଲାଗିଛି ତାହାର
ଛାର ପାଉଁଶ ଲୋଟାଏ ଲେପିଛି ଶରୀର
ଛନ୍ଦିଅଛି ସର୍ପମାଳି ମୁଣ୍ଡେ ଆଭରଣ
ଛଟକେ ଡେଳିକି ବୁଢ଼ା ଲଗାଇଲା ଜାଣ।" (ପଦ-୭)

ଲୌକିକ ଭାବରେ ଓ ପରିହାସବ୍ୟଞ୍ଜକ ଭାଷାରେ ଦେବଦେବ ମହାଦେବଙ୍କର ଏପରି ବର୍ଣ୍ଣନା ଏବଂ ଅତିଶୟ ବାର୍ଦ୍ଧକ୍ୟ ହେତୁ ବେଦୀ ଉପରେ ତାଙ୍କର ମୂର୍ଚ୍ଛା ଯିବା ଦୃଶ୍ୟର ବର୍ଣ୍ଣନା ହାସ୍ୟରସ ସୃଷ୍ଟିକରେ। ବାପା ବା ଅଜା ବୟସର ଜଣେ ବୃଦ୍ଧକୁ ଷୋଡ଼ଶୀ ଓ ରୂପସୀ କନ୍ୟାଟିଏ ସମର୍ପଣ କଲେ, କନ୍ୟା ଓ କନ୍ୟାମାତାର ଅବସ୍ଥା ଯାହା ହେବା କଥା, ଆଲୋଚ୍ୟ ପ୍ରସଙ୍ଗରେ ଗୌରୀ ଓ ତାଙ୍କ ମାତାଙ୍କ ଅବସ୍ଥା ସେହିପରି ହୋଇଛି। ବୃଦ୍ଧ ବରର ରୂପ ଓ ବେଶ ଦେଖି ସେମାନଙ୍କ ହୃଦୟ ଦୁଃଖରେ ବିଦାରିତ ହୋଇଛି। ଏହା କରୁଣରସ ଉଦ୍ରେକ କରିଛି। କ୍ରନ୍ଦନରତା ଗୌରୀ ମାତାଙ୍କୁ କହିଛନ୍ତି–

"ଦରିଦ୍ର ହୀନ ବୁଢ଼ାକୁ ଯେବେ ମୋତେ ଦେବୁ
ଦୁଇ ନୟନରେ ମୋର ମରଣ ଦେଖିବୁ।" (ପଦ-୧୮)

କ୍ରନ୍ଦନରତା ଗୌରୀଙ୍କ ମାତା ମଧ୍ୟ ଏପରି ବୃଦ୍ଧ ଗଳାରେ ତାଙ୍କ କନ୍ୟାକୁ ଛନ୍ଦି ଦେଲେ ମାତା ଓ କନ୍ୟା ଦୁହେଁ ବୁଡ଼ି ମରିବେ ବୋଲି ଚେତାବନୀ ଶୁଣାଇଛନ୍ତି–

"ନୋହିଲେ ବୁଡ଼ିବୁ ମାଏ ଝିଏ ଦୁହେଁ ହୋଇ
ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ।" (ପଦ-୨୦)

ଶିବଙ୍କୁ କେନ୍ଦ୍ରକରି ଗଢ଼ିଉଠିଥିବା ଏହି ଲୌକିକ ଆଖ୍ୟାନଟିକୁ ସାରଳାଦାସଙ୍କଠାରୁ ବତ୍ସାଦାସ ପ୍ରାପ୍ତ ହୋଇଛନ୍ତି ଧାରସୂତ୍ରରେ। ସାରଳାକାଳୀନ ଓଡ଼ିଶାର ସଂସ୍କୃତିରେ ଶିବ ଓ ପାର୍ବତୀଙ୍କୁ ନେଇ ସୃଷ୍ଟ ଅନେକ ଲୌକିକ ଆଖ୍ୟାନର ପରିଚୟ ମିଳେ 'ସାରଳା ମହାଭାରତ'ରେ। ସାଧାରଣ ଲୋକଙ୍କ ପାଇଁ 'ସାରଳା ମହାଭାରତ' ରଚିତ ହୋଇଥିବାରୁ ସେଥିରେ ଏପରି ଲୌକିକ ରୂପର ବର୍ଣ୍ଣନା ରହିଛି। ବତ୍ସାଦାସଙ୍କ 'କଳସା ଚଉତିଶା'ର କଥାବସ୍ତୁ 'ସାରଳା ମହାଭାରତ'ର 'ଗଉରା ବିବାହ' (ବନପର୍ବ) ଓ 'ଶିବବିବାହ' (ମଧ୍ୟପର୍ବ)ର କଥାବସ୍ତୁଦ୍ୱାରା ପ୍ରଭାବିତ। ଥଟ୍ଟାଳିଆ ଭାଷାରେ ଶିବଙ୍କର ରୂପ ଓ ବେଶଭୂଷାଦିର ବର୍ଣ୍ଣନା 'ସାରଳା ମହାଭାରତ'ର ପୂର୍ବୋକ୍ତ ପ୍ରସଙ୍ଗରେ ବର୍ଣ୍ଣିତ। ଦାସୀମାନେ ବରର କୁତ୍ସିତ ରୂପ ଓ ବେଶ ଗୌରୀଙ୍କ ଆଗରେ ବର୍ଣ୍ଣନ କରିଛନ୍ତି। ବନ୍ଧୁବାନ୍ଧବଗଣ ମଧ୍ୟ ଏଥି ନିମନ୍ତେ ଦୁଃଖ ପ୍ରକାଶ କରିଛନ୍ତି। 'କଳସା ଚଉତିଶା'ରେ ଏହି ପ୍ରସଙ୍ଗର ପ୍ରତିଧ୍ୱନି ଶୁଣିବାକୁ ମିଳେ।

'କଳସା ଚଉତିଶା'ରେ କେତୋଟି ସ୍ଥାନରେ 'ଗୌରୀ' ଶବ୍ଦ ଦେଖିବାକୁ ମିଳେ। ମୁଦ୍ରଣଦୋଷ ହେତୁ 'ଗୌରା' ଶବ୍ଦ 'ଗୌରୀ' ଶବ୍ଦରେ ପରିଣତ ହୋଇଛି ବୋଲି ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ମତ ଦିଅନ୍ତି। (ପୂର୍ବୋକ୍ତ ଗ୍ରନ୍ଥ, ପୃ. ୧୮) କିନ୍ତୁ ଏହା ମୁଦ୍ରଣଗତ ତ୍ରୁଟି ନୁହେଁ, ଏକ ପ୍ରାଚୀନ ପ୍ରୟୋଗ। 'ସାରଳା ମହାଭାରତ'ର ବନପର୍ବରେ 'ହିମବନ୍ତ ପୁତ୍ର ଚନ୍ଦ୍ରଧ୍ୱଜ ଓ କାର୍ତ୍ତିକେୟଙ୍କ କଳହ' ପ୍ରସଙ୍ଗରେ 'ଶିବଙ୍କ ବିବାହ' ବର୍ଣ୍ଣିତ ହୋଇଛି। ଏଥିରେ 'ଗୌରୀ' ପରିବର୍ତ୍ତେ 'ଗଉରା' ଶବ୍ଦର ପ୍ରୟୋଗ ହୋଇଛି। ଏହି ଦୃଷ୍ଟିରୁ ମଧ୍ୟ ବତ୍ସାଦାସ 'ସାରଳା ମହାଭାରତ' ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ।

'କଳସା ଚଉତିଶା'ରେ ମୁଦ୍ରଣଗତ ପ୍ରମାଦ ଗୋଟିଏ ସ୍ଥାନରେ ଦେଖାଯାଏ। ତାହା ହେଲା ୨୯ଶ ପଦରେ ଥିବା 'ଟମ୍ଭା' ଶବ୍ଦଟି। ଏଥିରେ ଅଛି– "ବସିଲେକ ଟମ୍ଭାମାଡ଼ି ବାଳୀ ଘେନି ପିତା।" କିନ୍ତୁ ଏହା 'ବସିଲେ କଟମ୍ଭାମାଡ଼ି ବାଳୀ ଘେନି ପିତା' ହେବା କଥା। ପୋଥି ଲିଖନକାରଙ୍କ ତ୍ରୁଟି ହେତୁ 'କଟମ୍ଭା' 'ଟମ୍ଭା'ରେ ପରିଣତ ହୋଇଛି। ଏହାର ସଂଗ୍ରାହକ ଓ ସମ୍ପାଦକ ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ 'ଟମ୍ଭା'ର ଅର୍ଥ କରିଛନ୍ତି 'ଆସନ ବିଶେଷ'। ମାତ୍ର ଏହି ଶବ୍ଦଟି ଯେ କଟମ୍ଭା, ଏହା ସେ ସ୍ଥିର କରିପାରି ନାହାନ୍ତି। ସାରଳା ମହାଭାରତର 'ଶିବ ବିବାହ' ପ୍ରସଙ୍ଗରେ କିନ୍ତୁ ଏହି ଶବ୍ଦଟି 'କଟମ୍ଭା' ଭାବରେ ବ୍ୟବହୃତ। ଉଦାହରଣ ସ୍ୱରୂପ-

"ହେମହବନ୍ତୀ ପୁଣି ପାର୍ବତୀଂକି ଘେନିଣ ଅଇଲେ
ବେଦୀ ତଳେ କଟମ୍ଭା ମାଡ଼ିଣ ବସିଲେ।" –ମଧ୍ୟପର୍ବ, ପୃ.୧୧୫୧।

ତେଣୁ କେବଳ ବିଷୟବସ୍ତୁ ଦୃଷ୍ଟିରୁ ନୁହେଁ, ଶବ୍ଦ ଆହରଣ ଦୃଷ୍ଟିରୁ ମଧ୍ୟ ବତ୍ସାଦାସ ସାରଳାଦାସଙ୍କଠାରେ ଋଣୀ।

ମାଳବ ବା ବରାଡ଼ି ରାଗରେ ରଚିତ ଏହି ଚଉତିଶାଟିର ଭାଷା ସରଳ ଓ ସୁବୋଧ। ଏଥିରେ ପରିଦୃଷ୍ଟ ପ୍ରାଚୀନ ଶବ୍ଦଗୁଡ଼ିକ ଏହାର ପ୍ରାଚୀନତା ସୂଚିତ କରେ।

**୧.୬.୩.- ରୁଦ୍ରସୁଧାନିଧି :**

୧୯୬୫ ଖ୍ରୀଷ୍ଟାବ୍ଦରେ ଡକ୍ଟର କରୁଣାକର କରଙ୍କ ସମ୍ପାଦିତ 'ରୁଦ୍ରସୁଧାନିଧି' ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ ହେଲା। ଏହା ପୂର୍ବରୁ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ୧୯୩୨ ଖ୍ରୀଷ୍ଟାବ୍ଦରେ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ପୁସ୍ତକରେ 'ରୁଦ୍ରସୁଧାନିଧି'ର ପ୍ରଥମ ଅଧ୍ୟାୟଟିକୁ ନମୁନା ସ୍ୱରୂପ ସଙ୍କଳନ କରିଥିଲେ। ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କ ଦ୍ୱାରା ଏହା ରଚିତ। ଲୋକଲୋଚନକୁ ଆସିବା ପରେ ଏହାର ଅଭିନବ ରଚନାଶୈଳୀ ଓ ଭାଷାସମ୍ଭାର ପାଠକବର୍ଗଙ୍କୁ ବିସ୍ମିତ କଲା। କେତେକ ସମାଲୋଚକ ଏହାକୁ ଗଦ୍ୟ ରଚନା ଭାବରେ ଗ୍ରହଣ କଲେ, ପୁଣି କେତେକ ପଦ୍ୟ ଭାବରେ। କାହାଦ୍ୱାରା ଏହା ସାରଳାଙ୍କ

ପୂର୍ବକାଳୀନ ରଚନା ଭାବରେ ଗୃହୀତ ହେଲାବେଳେ କାହାଦ୍ୱାରା ଗୃହୀତ ହେଲା ସାରଳାଙ୍କ ପରବର୍ତ୍ତୀକାଳୀନ ରଚନା ଭାବରେ। କେତେଜଣ ବିଶିଷ୍ଟ ସମାଲୋଚକଙ୍କ ମତାମତକୁ ବିଶ୍ଳେଷଣ କରି ଏ ସମ୍ପର୍କରେ ସାମାନ୍ୟ ଆଲୋକପାତ କରିବା ଏହି ଆଲୋଚନାର ଆଭିମୁଖ୍ୟ।

**୧.୬.୪.- କାଳ ନିରୂପଣ :**

'ରୁଦ୍ରସୁଧାନିଧି'ର ରଚୟିତା ନିଜେ ଗ୍ରନ୍ଥର କୌଣସି ସ୍ଥାନରେ ନିଜ ସମ୍ପର୍କରେ ବା ସମସାମୟିକ ଶାସକମାନଙ୍କ ସମ୍ପର୍କରେ କିଛି କହି ନାହାନ୍ତି। କେବଳ ନିଜର ନାମ ଓ ନିଜେ ଭୁବନେଶ୍ୱର ଏକାମ୍ରବନରେ ବାସକରୁଥିବା ବିଷୟ ସେ ପ୍ରକାଶ କରିଛନ୍ତି। ତେଣୁ ତାଙ୍କ ସୂତ୍ରରୁ ତାଙ୍କ ସମୟ ନିରୂପଣ କରିବା ଆଦୌ ସମ୍ଭବ ନୁହେଁ। ଏହାର ସର୍ବପ୍ରଥମ ଆଲୋଚକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଏହାକୁ ପ୍ରାକ୍-ସାରଳା ଯୁଗ ବା ତ୍ରୟୋଦଶ-ଚତୁର୍ଦ୍ଦଶ ଶତାବ୍ଦୀର ରଚନା ବୋଲି ପ୍ରକାଶ କରି ପରେ ଭାଷା ଓ ଶୈଳୀ ଦୃଷ୍ଟିରୁ ଏହାକୁ ସପ୍ତଦଶ ଶତାବ୍ଦୀର ପୂର୍ବରୁ ରଚିତ ବୋଲି ମତ ଦିଅନ୍ତି। ମାତ୍ର ଏପରି କରିବା ଦୃଷ୍ଟିରୁ ସେ ନିର୍ଦ୍ଦିଷ୍ଟ ଭାବରେ ଏହାର କାଳ ନିର୍ଣ୍ଣୟ କରିପାରି ନାହାନ୍ତି।

ଏହାର ସଂଗ୍ରାହକ ଓ ସଂକଳକ ଡକ୍ଟର କରୁଣାକର କର ଭାଷା ବିଚାରରେ ଏହାର ଗ୍ରନ୍ଥକର୍ତ୍ତାଙ୍କୁ ସାରଳାଦାସ ଏବଂ ବଳରାମଦାସଙ୍କ ମଧ୍ୟବର୍ତ୍ତୀ ସମୟରେ ଅବସ୍ଥାପିତ କରନ୍ତି। ତେଣୁ ଗ୍ରନ୍ଥଟି ପଞ୍ଚଦଶ ଶତାବ୍ଦୀରେ ରଚିତ ବୋଲି ସେ ଗ୍ରହଣ କରନ୍ତି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଆଲୋଚ୍ୟ ଲେଖକଙ୍କୁ ଆଦିକବି ସାରଳାଦାସଙ୍କ ପୂର୍ବବର୍ତ୍ତୀ ଭାବରେ ଗ୍ରହଣ କରନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ୧ମ, ପୃ: ୧୭୮) ଗବେଷକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଗ୍ରନ୍ଥକର୍ତ୍ତାଙ୍କୁ ଦ୍ୱାଦଶ ଶତାବ୍ଦୀର ଶେଷଭାଗ କିମ୍ବା ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ ଅବସ୍ଥାପିତ କରିଛନ୍ତି। (କୋଣାର୍କ, ୭୨, ପୃ:୫-୬)। ସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ମତରେ ଆଲୋଚ୍ୟ କବି ସାରଳାଙ୍କ ପରକାଳୀନ ମଧ୍ୟଯୁଗୀୟ ବ୍ୟକ୍ତି। ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତିଙ୍କ ମତରେ ଆଲୋଚ୍ୟ ଗ୍ରନ୍ଥ ଗଙ୍ଗରାଜତ୍ୱ କାଳରେ ରଚିତ ହୋଇଥିଲା। ଅର୍ଥାତ୍ ଏହାର କବି ସାରଳାଦାସଙ୍କ ପୂର୍ବବର୍ତ୍ତୀ। (*Oriya Literature*, p.13) ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ ଏହାକୁ ଚତୁର୍ଦ୍ଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅବସ୍ଥାପିତ କରିବା ନିମନ୍ତେ ଯୁକ୍ତି ବାଢ଼ିଛନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ୧ମ, ପୃ: ୧୬୭) ଡକ୍ଟର ମାୟାଧର ମାନସିଂହ ନାରାୟଣାନନ୍ଦଙ୍କୁ ସାରଳାଙ୍କ ପରବର୍ତ୍ତୀ କବି ଭାବରେ ଗ୍ରହଣ କରନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ପୃ:୭୨) ଡକ୍ଟର ବଂଶୀଧର ମହାନ୍ତି 'ଶିଶୁବେଦ'ର ରଚନାକାଳକୁ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବୋଲି ଗ୍ରହଣ କରି 'ରୁଦ୍ରସୁଧାନିଧି' ଗ୍ରନ୍ଥରେ 'ଶିଶୁବେଦ'ର ଉଲ୍ଲେଖ ଥିବାରୁ, ଏହାକୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ରଚନା ଭାବରେ ଅନୁମାନ କରନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ୧ମ, ପୃ:୧୪୭) ଡକ୍ଟର କୃଷ୍ଣଚରଣ ବେହେରା ମଧ୍ୟ ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କୁ ସାରଳାଙ୍କ ସମସାମୟିକ ବା କିଞ୍ଚିତ୍ ପୂର୍ବବର୍ତ୍ତୀ କବି ଭାବରେ ଗ୍ରହଣ କରନ୍ତି। (ଓଡ଼ିଆ ଉପନ୍ୟାସ, ପୃ:୪୯)

'ରୁଦ୍ରସୁଧାନିଧି'ର କାଳ ନିର୍ଣ୍ଣୟ ସମ୍ପର୍କୀୟ ଉପରୋକ୍ତ ଅଭିମତଗୁଡ଼ିକ ମଧ୍ୟରୁ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଓ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ସିଦ୍ଧାନ୍ତ ଯୁକ୍ତିଭିତ୍ତିକ ନ ହୋଇ ଅନୁମାନଭିତ୍ତିକ ହୋଇଛି। ସେହିପରି ଅନ୍ୟ କେତେକ ଅଭିମତ ମଧ୍ୟ ଏହି ଧରଣର। ରଚନାଶୈଳୀ ଓ ଭାଷା ବିଚାରରେ ମଧ୍ୟ କେତେକ ଅଭିମତ ବ୍ୟକ୍ତ। ଏହି ଅଭିମତଗୁଡ଼ିକ ଅନୁସାରେ ନାରାୟଣାନନ୍ଦ ପ୍ରାକ୍-ସାରଳାଯୁଗ ବା ସାରଳାଯୁଗର ବ୍ୟକ୍ତି। ଏହି ଅଭିମତ ଯେଉଁମାନେ ପୋଷଣ କରନ୍ତି, ସେମାନେ ଅଧିକ ଭାବପ୍ରବଣ ବୋଲି ମନେହୁଏ। ଏହି ଯୁଗ ହେଉଛି ଓଡ଼ିଆ ସାହିତ୍ୟର ଉନ୍ମେଷକାଳ। ଓଡ଼ିଆ ସାହିତ୍ୟ ଏହି କାଳରେ ଅପଭ୍ରଂଶ ସାହିତ୍ୟରୁ ନିଜକୁ ମୁକ୍ତକରି ସ୍ୱାଧୀନ ଭାବରେ ବିଚରଣ କରିବାର ସ୍ୱପ୍ନ ଦେଖୁଥିଲା। ତତ୍କାଳୀନ ଗଦ୍ୟଶୈଳୀ ଥିଲା ଅତ୍ୟନ୍ତ ଦୁର୍ବଳ। ଏହାର ପ୍ରକୃଷ୍ଟ ଉଦାହରଣ ଅଭିଲେଖର ଭାଷା ଓ ଗଦ୍ୟଶୈଳୀ। ସାରଳା ମହାଭାରତରେ ପ୍ରଯୁକ୍ତ ଗଦ୍ୟର ଶୈଳୀ ଓ ଭାଷା ମଧ୍ୟ ଅତି

ଦୁର୍ବଳ। ଚତୁର୍ଦ୍ଦଶ ଶତାବ୍ଦୀର ଅଭିଲେଖ ଓ ପଞ୍ଚଦଶ ଶତାବ୍ଦୀର ସାରଳା ମହାଭାରତର ଗଦ୍ୟଶୈଳୀ ଓ ଭାଷା ସହିତ 'ରୁଦ୍ରସୁଧାନିଧି'ର ଗଦ୍ୟଶୈଳୀ ଓ ଭାଷାର ତୁଳନା କଲେ ଆକାଶ-ପାତାଳ ପ୍ରଭେଦ ପରିଲକ୍ଷିତ ହୁଏ।

ସାରଳା ମହାଭାରତରେ ଗଦ୍ୟରେ ଲିଖିତ ଦୁର୍ଯ୍ୟୋଧନଙ୍କ ନିକଟକୁ ପ୍ରେରିତ ବଳରାମଙ୍କ 'ଶ୍ରୀମୁଖ ଲେଖନ'ରୁ କେତୋଟି ପଙ୍‌କ୍ତି–

"ଦ୍ରିଯୋଧନ ଛାମୁକୁ ଆଗ୍ୟାଂ ଶ୍ରୀମୁଖ। ଶ୍ରୀହସ୍ତ ପ୍ରସାଦ ସତକ। ଯେହା ପଢ଼ି ଦୂତ ବଚନ ଶୁଣି। ଶାମ୍ବ କୁମର ପୁତ୍ର ତୋହୋର ଦୁହିତା ଚନ୍ଦ୍ରାବତୀକି ଘେନି। ବହନ ହୋଇ ତୁ କରିଯିବୁ ଦ୍ରଶନ। ନଇଲେ ନଉଚେତ ଧୃଶାସନ। x x x ତୋହୋର ବାପ ସିନା ଅନ୍ଧ। ତୋହୋର ଯେବେ ଅଛି ବେନି ଚକ୍ଷୁ। ମୋହୋର ପୁତ୍ରକୁ କିମ୍ପେ ଯେଡ଼େ କଷ୍ଟ ଦେଉଅଛୁ। ପୁତ୍ର ଅଭାବେ ତୁ ନାଶ ଯେ ହୋଇଣ। ସମସ୍ତ ଜନ ମରାଇଣ।" (ମଧ୍ୟପର୍ବ, ପୃ: ୬୧୫)

'ରୁଦ୍ରସୁଧାନିଧି'ରେ ପ୍ରଦତ୍ତ ପ୍ରଭାତ ବର୍ଣ୍ଣନାରୁ କେତୋଟି ପଙ୍‌କ୍ତି–

"ଏଥି ଉତ୍ତାରେ ରଜନୀ ପ୍ରଭାତ ହୋଇଲା। x x x ଶିଶୁ ପୋଏ ପାଠ ପଠନକୁ ଚାଟଶାଳୀକୁ ଗମିଲେ। ଅଭିସରିକା ସ୍ତ୍ରୀମାନେ ନିଜ ମନ୍ଦିରରେ ମିଳିଲେ। ଧାରଣାବନ୍ଧ ଯୋଗୀ ସୂର୍ଯ୍ୟଧାରଣା ଛାଡ଼ି ଚନ୍ଦ୍ର ଧାରଣାରେ ଲାଗିଲେ। ଅନ୍ଧକାର ଛାନ୍ଦି ପିଶାଚମାନେ ଗମିଲେ। ପର୍ବତ ମସ୍ତକମାନେ ପ୍ରସର ଦିଶିଲେ। ମେରୁ ଶିଖରେ ଦେବତାମାନେ ଆସ୍ଥାନେ ବସିଲେ। ଅପ୍‌ସରାମାନଙ୍କର ସ୍ତନ କମଳ ମୃଗମଦ ପତ୍ରାବଳିରେ ଅଙ୍କିତ ହୋଇଲା। x x x ସାଧନୀମାନେ ଆଖଡ଼ାରେ ମିଳିଲେ। ଅବଧୀକୃତ ପାନ୍ଥ କାନ୍ତାମାନେ ଦିନ ଗଣି କାନ୍ଥରେ ଗାରମାନ କାଟିଲେ।" (ପୃ: ୪୭-୪୮)

ଉପର୍ଯ୍ୟୁକ୍ତ ଦୁଇ ଉଦ୍ଧୃତିର ଅଧ୍ୟୟନବଳରେ 'ରୁଦ୍ରସୁଧାନିଧି' ପ୍ରାକ୍-ସାରଳା ଯୁଗର ବା ସାରଳା ଯୁଗର ରଚନା ନୁହେଁ ବୋଲି ଯେକୌଣସି ପାଠକ କହିପାରିବ।

ପଞ୍ଚସଖା ଯୁଗରେ ଏହା ରଚିତ ବୋଲି ଦୃଢ଼ ଯୁକ୍ତିବଳରେ ପ୍ରମାଣ କରିଛନ୍ତି ଐତିହାସିକ କେଦାରନାଥ ମହାପାତ୍ର। ସେଥି ଏହା ନିଶ୍ଚିତ ଭାବରେ ପଞ୍ଚସଖାଙ୍କ ତାତ୍ତ୍ୱିକ ରଚନାବଳୀ ଦ୍ୱାରା ପ୍ରଭାବିତ। ଶ୍ରୀଯୁକ୍ତ ମହାପାତ୍ରଙ୍କ ମତରେ ଏହା ଚୈତନ୍ୟପୂର୍ବ ଷୋଡ଼ଶ ଶତାବ୍ଦୀର ଶ୍ରେଷ୍ଠ ଗଦ୍ୟକାବ୍ୟ।

ଡକ୍ଟର କୃଷ୍ଣଚରଣ ସାହୁ 'ରୁଦ୍ରସୁଧାନିଧି' ରଚନାକାଳରୁ ଆପାତତଃ ୧୪୭୩ ଖ୍ରୀଷ୍ଟାବ୍ଦରୁ ୧୫୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅର୍ଥାତ୍ ୧୫ଶ-୧୬ଶ ଶତାବ୍ଦୀ ମଧ୍ୟରେ ନିରୂପଣ କରିଛନ୍ତି।

ଐତିହାସିକ ଶ୍ରୀଯୁକ୍ତ ମହାପାତ୍ର ଓ ପ୍ରଫେସର ଡକ୍ଟର ସାହୁ ଯେଉଁ ବିଚାରରେ 'ରୁଦ୍ରସୁଧାନିଧି'ର ରଚନାକାଳକୁ ଯଥାକ୍ରମେ ୧୬ଶ ଶତାବ୍ଦୀ ବା ୧୫ଶ-୧୬ଶ ଶତାବ୍ଦୀ ବୋଲି ପ୍ରମାଣିତ କରିଛନ୍ତି, ଏହି ବିଚାରରେ ଏହାକୁ ପରବର୍ତ୍ତୀ ଏକ ବା ଏକାଧିକ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟ ପ୍ରଲମ୍ବିତ କରାଯାଇପାରିବ; ଅର୍ଥାତ୍ 'ରୁଦ୍ରସୁଧାନିଧି'କୁ ୧୭ଶ ଶତାବ୍ଦୀ ବା ୧୮ଶ ଶତାବ୍ଦୀର ରଚନା ଭାବରେ ମଧ୍ୟ ଗ୍ରହଣ କରାଯାଇପାରିବ। ତେଣୁ ଭାଷା, ଧର୍ମଧାରଣା ଓ ବର୍ଣ୍ଣନାବିଳାସ ଦୃଷ୍ଟିରୁ ବିଚାର କରି ରୁଦ୍ରସୁଧାନିଧିର ରଚନାକାଳ ନିର୍ଦ୍ଦିଷ୍ଟ କରାଯାଇପାରେ।

ଭାଷା ଓ ଗଦ୍ୟଶୈଳୀ ଦୃଷ୍ଟିରୁ 'ରୁଦ୍ରସୁଧାନିଧି' ଯେ ସାରଳା ସାହିତ୍ୟର ବହୁପରେ ରଚିତ, ଏହା ପୂର୍ବରୁ ପ୍ରଦତ୍ତ ଉଦ୍ଧୃତିରୁ ପ୍ରମାଣିତ ହୋଇଛି। ପଞ୍ଚସଖା ଯୁଗ ବା ଷୋଡ଼ଶ ଶତାବ୍ଦୀରେ ମଧ୍ୟ ଏହିଭଳି ଭାଷା ଦେଖାଯାଏ ନାହିଁ। 'ରୁଦ୍ରସୁଧାନିଧି'ର ଭାଷା ସଂସ୍କୃତାୟିତ ଭାଷା। ପଞ୍ଚସଖା ଯୁଗ ପର ସାହିତ୍ୟରେ ତତ୍ସମ ଶବ୍ଦର ଅନୁପ୍ରବେଶ ଲକ୍ଷ୍ୟ କରାଯାଏ। କାରଣ ସମୟର ଆହ୍ୱାନକ୍ରମେ

ଓଡ଼ିଆ ବିଦ୍ୱାନଗଣ ସଂସ୍କୃତ ଭାଷାର ପ୍ରତିସ୍ପର୍ଦ୍ଧାରେ ତତ୍‌ସମ ଶବ୍ଦବହୁଳ ଗ୍ରନ୍ଥ ରଚନା କରିବାରେ ମନୋନିବେଶ କଲେ। ସମୟକ୍ରମେ ଏହି ପ୍ରକ୍ରିୟା ରୀତିଯୁଗରେ ପୂର୍ଣ୍ଣତା ଲାଭ କଲା। 'ରୁଦ୍ରସୁଧାନିଧି' ଏହି ପରିପ୍ରେକ୍ଷୀରେ ରଚିତ ହୋଇଥିବାରୁ ଏହା ସଂସ୍କୃତ ଶବ୍ଦ ପ୍ରଭାବିତ ଅଟେ। ତତ୍ସମ ଶବ୍ଦର ବହୁଳ ପ୍ରୟୋଗ ଥିଲେହେଁ ଏଥିରେ ଅନେକ ପ୍ରାଚୀନ ଓଡ଼ିଆ ଶବ୍ଦ ପରିଦୃଷ୍ଟ ହୁଏ। ମନେହୁଏ, ଦୁର୍ବଳ ଗଦ୍ୟ ପରମ୍ପରା ଆଧାରିତ ହୋଇଥିବାରୁ ଏହା ପ୍ରାଚୀନ ଶବ୍ଦାବଳୀଠାରୁ ଦୂରେଇ ରହିପାରି ନାହିଁ। ଏହାର ଭାଷା ରୀତିଯୁଗୀୟ ଭାଷା ସହିତ ସମତା ରକ୍ଷାକରେ।

ନାରାୟଣାନନ୍ଦ ଅବଧୂତ ସ୍ୱାମୀ କୌଣସି ନିର୍ଦ୍ଦିଷ୍ଟ ଧର୍ମମତବାଦର ପ୍ରଚାରକ ନ ଥିଲେ ବା ଧର୍ମପ୍ରଚାର ଉଦ୍ଦେଶ୍ୟରେ 'ରୁଦ୍ରସୁଧାନିଧି' ରଚନା କରି ନ ଥିଲେ। ଧର୍ମମତବାଦ ଦୃଷ୍ଟିରୁ ସେ ଥିଲେ ଏକାନ୍ତ ଉଦାର। ସେ ଶିବଙ୍କୁ କେବଳ ସ୍ତୁତି କରି ନାହାନ୍ତି, ଜଗନ୍ନାଥ, ଶ୍ରୀକୃଷ୍ଣଙ୍କ ସ୍ତୁତିଗାନ ମଧ୍ୟ କରିଛନ୍ତି। ସାରଳାଦାସ ମଧ୍ୟ ଧର୍ମଦୃଷ୍ଟିରୁ ଏକାନ୍ତ ଉଦାର ଥିଲେ। ଉତ୍କଳୀୟ କବି ପ୍ରାଚୀନକାଳରୁ ସବୁ ଧର୍ମକୁ ସମ୍ମାନ ଦେଖାଇ ଶିଖିଛି। କାରଣ ଜଗନ୍ନାଥଙ୍କୁ ନିଜର କରିବାକୁ ଯାଇ ସକଳ ଧର୍ମ ଜଗନ୍ନାଥଙ୍କଠାରେ ଅନ୍ତର୍ଲୀନ ହୋଇଯାଇଛି ଏବଂ ଫଳରେ ଉତ୍କଳ ସର୍ବଧର୍ମ ସମନ୍ୱୟପୀଠର ଗୌରବ ଲାଭ କରିଛି। ଜଗନ୍ନାଥୈକପ୍ରାଣତା ପଞ୍ଚସଖାଯୁଗର ସାଧକ କବିମାନଙ୍କର ଏକ ବିଶେଷତ୍ୱ ହୋଇଥିବାରୁ ସେମାନଙ୍କ ରଚନାବଳୀରେ ଜଗନ୍ନାଥୈକ ଭାବନାର ସ୍ୱଚ୍ଛ ଏବଂ ସ୍ୱଚ୍ଛନ୍ଦ ପ୍ରତିଫଳନ ପରିଲକ୍ଷିତ ହୁଏ। ସେହି ପରମ୍ପରାର ଉପଯୁକ୍ତ ଦାୟାଦ ନାରାୟଣାନନ୍ଦ ତେଣୁ ଏଥିରୁ ବ୍ୟତିକ୍ରମ ନୁହନ୍ତି; ଜଗନ୍ନାଥଙ୍କୁ ଅନେକତ୍ର ସ୍ତୁତି କରିବାକୁ ସେ ଭୁଲି ନାହାନ୍ତି। ରୀତିଯୁଗର ଓଡ଼ିଆ କବିଗଣ ସ୍ୱ ସ୍ୱ ରଚନାବଳୀରେ ଜଗନ୍ନାଥଙ୍କ ପ୍ରଶସ୍ତି ଗାନ କରିଛନ୍ତି ଏବଂ ଏପରି କରିବା ଏକଦା ଏକ ରୀତି ବୋଲି ସ୍ୱୀକୃତ ହୋଇଅଛି। ଆଲୋଚ୍ୟ ଗ୍ରନ୍ଥକୁ ଏହି ଦୃଷ୍ଟିରୁ ରୀତିଯୁଗର ରଚନା ଭାବରେ ଗ୍ରହଣ କରିବାକୁ ଇଚ୍ଛା ହୁଏ।

ବର୍ଣ୍ଣନା-ବିଳାସ ପାଇଁ ନାରାୟଣାନନ୍ଦ ଯେଉଁ ପାଟବ ପ୍ରଦର୍ଶନ କରିଛନ୍ତି ତାହାରି ବଳରେ 'ରୁଦ୍ରସୁଧାନିଧି'କୁ ରୀତିଯୁଗର ରଚନା ଭାବରେ ଗ୍ରହଣ କରିବାକୁ ହୁଏ। ଗଦ୍ୟରେ ଅଳଙ୍କାରର ସଫଳ ପ୍ରୟୋଗ କରି ଶୃଙ୍ଗାରଚେତନାଧର୍ମୀ କଳ୍ପନା ଫୁଟାଇବା ରୀତିଯୁଗ ପୂର୍ବରୁ ଆଦୌ ସମ୍ଭବ ନ ଥିଲା। କାରଣ ଓଡ଼ିଆ ସାହିତ୍ୟରେ ଗଦ୍ୟ ସାହିତ୍ୟ ବହୁ ବିଳମ୍ବରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିବା ଲକ୍ଷ୍ୟ କରାଯାଏ। ଏଠାରେ ଉଦାହରଣସ୍ୱରୂପ ମୋହିନୀକନ୍ୟାର ରୂପବର୍ଣ୍ଣନା (ପୃ:୪) ଓ ମୃତ୍ୟୁସଞ୍ଜୀବନୀ କରଣୀ କନ୍ୟାର ସୌନ୍ଦର୍ଯ୍ୟ ବର୍ଣ୍ଣନା (ପୃ: ୧୬୫)କୁ ଗ୍ରହଣ କରାଯାଇପାରେ। ଆରାଧ୍ୟଦେବୀ ଲକ୍ଷ୍ମୀଙ୍କର ରୂପବର୍ଣ୍ଣନା (ପୃ:୧୩୭-୩୯)ରେ ମଧ୍ୟ ସେ ଶୃଙ୍ଗାରିକତାର ଆଶ୍ରୟ ନେଇଛନ୍ତି, ଯାହା ରୀତିଯୁଗୀୟ କବିମାନଙ୍କଠାରେ ଏକ ଲକ୍ଷଣୀୟ ପ୍ରବୃତ୍ତି। ଶିବଙ୍କୁ ସ୍ତୁତି କରିବା ସମୟରେ ନାରାୟଣାନନ୍ଦ ଶୃଙ୍ଗାରିକତାଠାରୁ ଦୂରେଇ ରହିପାରି ନାହାନ୍ତି; ଯେପରି– "କୁଧର ନନ୍ଦିନୀ କୁଚକୁମ୍ଭ କୁଙ୍କୁମ ଲେପନ" (ପୃ:୨୩), "ସ୍ଥାବରେନ୍ଦ୍ର ନନ୍ଦିନୀ ସ୍ତନଯୁଗ୍ମ ଆଲିଙ୍ଗନେ ଗୁମିତ ନେତ୍ରପଦ୍ମ" (ପୃ:୨୭), "ଉଦ୍ଭେଭ କୁମ୍ଭ ସମ ଭବାନୀ କୁଚ କୁମ୍ଭ ବିଭୂଷଣ" (ପୃ:୩୨) ଏବଂ "ମାତଙ୍ଗ ତନୟା ସ୍ତନ ଆଲିଙ୍ଗନ" (ପୃ:୩୩)। ଏହିଭଳି ସ୍ତୁତି ସଂସ୍କୃତସାହିତ୍ୟ ବ୍ୟତୀତ ରୀତିଯୁଗ ପୂର୍ବରୁ ଓଡ଼ିଆ ସାହିତ୍ୟରେ ବିରଳ। 'ରୁଦ୍ରସୁଧାନିଧି'ରେ ଏହାର ଆଧିକ୍ୟ ସ୍ପଷ୍ଟ। ଆଳଙ୍କାରିକ ଛଟା ସହିତ ଶୃଙ୍ଗାରିକତା ରୀତିଯୁଗୀୟ ରଚନାଶୈଳୀର ଅନ୍ୟତମ ବିଶେଷତ୍ୱ। ଏହି ଦୃଷ୍ଟିରୁ ଆଲୋଚ୍ୟ ଗ୍ରନ୍ଥକୁ ରୀତିଯୁଗରେ ଅବସ୍ଥାପିତ କରିବା ଏକାନ୍ତ ଯୁକ୍ତିଯୁକ୍ତ।

ଶୃଙ୍ଗାର ଭାବନାର ଉଦ୍ଦୀପନ ପାଇଁ ପ୍ରକୃତି ବର୍ଣ୍ଣନାର ଅପରିହାର୍ଯ୍ୟତା ଲକ୍ଷ୍ୟ କରାଯାଏ ରୀତିଯୁଗୀୟ କାବ୍ୟମାନଙ୍କରେ। 'ରୁଦ୍ରସୁଧାନିଧି'ରେ ଲେଖକ ରୀତିଯୁଗୀୟ ବର୍ଣ୍ଣନା ସହିତ ସାମ୍ୟ ରକ୍ଷାକରି ବସନ୍ତ ଋତୁର ବର୍ଣ୍ଣନା ଦେଇଥିଲା ଭଳି ମନେହୁଏ। ଯଥା– "ପୁଷ୍ପଶର ଯୁଗତେ, କାମଦେବ ସଙ୍ଗତେ, ବସନ୍ତ ଋତୁ ଅଇଲା। ମଇତ୍ରକୁ ସଂପକ୍ଷ ହୋଇବାକୁ କରି ଆକାଶେ ନିର୍ମଳ ଚନ୍ଦ୍ରମା ଉଇଁଲା। ମଧୁଯାମିନୀ ହୋଇଲା, ମଳୟ ପବନ ମନ୍ଦ ମନ୍ଦ ହୋଇ ବହିଲା, ଯୁବାଜନମାନଙ୍କର ମନକୁ ପୁନଃ ପୁନଃ କରି ଦହିଲା। ସେ ମନସିଜ ଦର୍ଶନେ, ରମ୍ୟ ଅରଣ୍ୟ ସମସ୍ତ ଜନ୍ତୁମାନଙ୍କୁ ବାଧା ଲାଗିଲା। ସେ ସଙ୍ଗେ ବିହରନ୍ତା ବିଦ୍ୟାଧରୀମାନଙ୍କର

ଉର୍ଭାକୁ ଲୋଭନୀୟ ଇଚ୍ଛାଏ ବଳିଲା। ଶୁଷ୍କ ପାଦପ କଅଁଳିଲା...।" (ପୃ:୬)

ଏକ ନାଟକୀୟ ପରିବେଶରୁ ଆରମ୍ଭ ହୋଇଛି 'ରୁଦ୍ରସୁଧାନିଧି'ର କଥାବସ୍ତୁ। ଅଭିଶପ୍ତ ରୁଦ୍ରସିଦ୍ଧ ଅଭିନବ ଚୈତନ୍ୟ ଏହାର ନାୟକ ଓ ପାର୍ବତୀଙ୍କ ମାନସକନ୍ୟା ମୋହିନୀ ଏହାର ନାୟିକା। ଯୋଗୀ କାମାନନ୍ଦ ଖଳନାୟକର ଭୂମିକା ଗ୍ରହଣ କରିଛି। ଫଳରେ ଏହା ରୀତିଯୁଗୀୟ କାବ୍ୟର ସାଦୃଶ୍ୟ ଲାଭ କରିଛି।

ଉପର୍ଯ୍ୟୁକ୍ତ ଆଲୋଚନାରୁ 'ରୁଦ୍ରସୁଧାନିଧି'ର ରଚନାକାଳକୁ ନିର୍ଦ୍ୱନ୍ଦ୍ୱରେ ୧୭ଶ-୧୮ଶ ଶତାବ୍ଦୀ ଭାବରେ ଗ୍ରହଣ କରାଯାଇପାରେ।

ଅଧ୍ୟାପକ ପଠାଣି ପଟ୍ଟନାୟକ ମଧ୍ୟ ଏକ ଦୀର୍ଘ ତଥା ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାବଳରେ 'ରୁଦ୍ରସୁଧାନିଧି'ର ରଚନାକାଳ ସମ୍ପର୍କରେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଆନୁମାନିକ ମତ (୧୭ଶ ଶତାବ୍ଦୀ)କୁ ପ୍ରମାଣିତ କରିଛନ୍ତି। (ଓଡ଼ିଆ ସାହିତ୍ୟର ଇତିହାସ, ପୃ: ୧୪୪) ପଣ୍ଡିତ ନୀଳମଣି ମିଶ୍ର 'ରୁଦ୍ରସୁଧାନିଧି'ର ରଚନା କାଳ ଖ୍ରୀଷ୍ଟୀୟ ୧୭ଶ-୧୮ଶ ଶତାବ୍ଦୀ ମଧ୍ୟରେ ହୋଇଥିଲା ବୋଲି ମତ ଦିଅନ୍ତି। (ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ, ପୃ:୩୫)। ଅଧ୍ୟାପକ କୁମୁଦରଞ୍ଜନ ପାଣିଗ୍ରାହୀ 'ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ସ୍ୱରୂପ' ପୁସ୍ତକରେ ଭାଷା, ବର୍ଣ୍ଣନାବିଳାସ ଓ କବିଙ୍କ ଧର୍ମାନୁଚିନ୍ତା ଇତ୍ୟାଦିକୁ ବିଶ୍ଳେଷଣ କରି ନାରାୟଣାନନ୍ଦ ଅବଧୂତଙ୍କୁ ରୀତିଯୁଗର କବି ହିସାବରେ ଗ୍ରହଣ କରିଛନ୍ତି। (ପୃ:୩୨-୩୯) ତାଙ୍କ ଆଲୋଚନା ଯେଉଁଭଳି ବୌଦ୍ଧିକ, ସେହିଭଳି ବଳିଷ୍ଠ ଯୁକ୍ତିଭିତ୍ତିକ।

**୧.୬.୫.- ପଦ୍ୟ ନୁହେଁ ଗଦ୍ୟ :**

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ'ର ଇଂରାଜୀ ମୁଖବନ୍ଧରେ କହନ୍ତି– "This was neither poetry nor prose, but a happy blend of both" (p.9) ଏହି ସୂଚନାଟି କେବଳ 'ରୁଦ୍ରସୁଧାନିଧି'ର କାଳ ନିରୂପଣ କରିବା ସମୟରେ ସେ ପ୍ରଦାନ କରିଛନ୍ତି; ମାତ୍ର ଏ ବିଷୟରେ ସବିଶେଷ ଆଲୋଚନା ନିମନ୍ତେ ଅବକାଶ ପାଇ ନାହାନ୍ତି। ଏହି ସୂଚନାଟିକୁ ଆଧାର କରି ଓ 'ରୁଦ୍ରସୁଧାନିଧି'ର ରୂପଗତ ସ୍ୱାତନ୍ତ୍ର୍ୟକୁ ଲକ୍ଷ୍ୟକରି ପ୍ରଫେସର ପ୍ରହ୍ଲାଦ ପ୍ରଧାନ ଏହାକୁ ମିତ୍ରାକ୍ଷର ଓ ଦାଣ୍ଡିବୃତ୍ତର ପଦ୍ୟ ରଚନା ଭାବରେ ଗ୍ରହଣ କରିଛନ୍ତି। (ଝଙ୍କାର, ୫/୩) ଏହି ଅଭିମତକୁ ବିଚାର କରି ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି– "ଚୂର୍ଣ୍ଣକ ଓ ବୃତ୍ତିଗନ୍ଧର ସମ୍ମିଶ୍ରଣରେ 'ମିଶ୍ର' ଏବଂ ସମସ୍ତ ପ୍ରକାର ରଚନାର ଏକତ୍ର ସମାବେଶରେ 'ବେଣୀ' ରଚନା ହୋଇଥାଏ। ମୋ ମତରେ 'ରୁଦ୍ରସୁଧାନିଧି' ଗଦ୍ୟ ଓ ଏହା ବେଣୀ ରଚନାର ଅନ୍ତର୍ଭୁକ୍ତ।" (ସାହିତ୍ୟ ବୀକ୍ଷା, ପୃ: ୨୫) ଏହାର ଆବିଷ୍କର୍ତ୍ତା ଡକ୍ଟର କରୁଣାକର କର ଏହାର ମୁଖବନ୍ଧରେ ଏହାକୁ ଏକ ଗଦ୍ୟାତ୍ମକ କାବ୍ୟ ଭାବରେ ଗ୍ରହଣ କରିଛନ୍ତି। ସଂସ୍କୃତରେ ଗଦ୍ୟାତ୍ମକ କାବ୍ୟମାନଙ୍କର ସମସ୍ତ ପ୍ରକାର ଲକ୍ଷଣକୁ ବିଶ୍ଳେଷଣ କରି 'ରୁଦ୍ରସୁଧାନିଧି'ରେ ଏହି ସକଳ ଲକ୍ଷଣ ପୂର୍ଣ୍ଣମାତ୍ରାରେ ରକ୍ଷିତ ହୋଇଥିବା ସେ ପ୍ରକାଶ କରିଛନ୍ତି ଏବଂ ଏ ବିଷୟରେ ଅଧିକ ଆଲୋକପାତ କରି କହିଛନ୍ତି– "କିନ୍ତୁ ଏହି ଅଭିନବ ଓଡ଼ିଆ ଗଦ୍ୟକାବ୍ୟରେ ସଂସ୍କୃତ ଗଦ୍ୟକାବ୍ୟର ସମାସ ବହୁଳତା ନାହିଁ କି ଶ୍ଳେଷର ପ୍ରାଚୁର୍ଯ୍ୟ ନାହିଁ। ତେଣୁ ଏହା ସୁପାଠ୍ୟ, ସୁଶ୍ରାବ୍ୟ, ରୁଚିକର ଓ ସହଜବୋଧ ହୋଇଛି। ଏଥିରେ ଅନୁପ୍ରାସ ପଦେ ପଦେ ଲକ୍ଷିତ ହୁଏ। 'ରୁଦ୍ରସୁଧାନିଧି'ର ଭାଷା ହେଉଛି– ପଦ୍ୟାତ୍ମକ ଗଦ୍ୟ। ପ୍ରତି ପଦରେ ପଦ୍ୟର ସତ୍ତା ଥିବାପରି ବୋଧହୁଏ। ତେଣୁ କେହି କେହି ଏହାକୁ 'ପଦ୍ୟ' ବୋଲି ପ୍ରମାଣିତ କରିବାକୁ ପ୍ରଯତ୍ନ କରିଛନ୍ତି; କିନ୍ତୁ ଆମୂଳଚୂଳ ପାଠକଲେ ସହଜରେ ପ୍ରତୀତ ହୁଏ ଯେ 'ରୁଦ୍ରସୁଧାନିଧି' ଗଦ୍ୟରେ ହିଁ ଲିଖିତ।" (ପୃ: ଛ) 'ରୁଦ୍ରସୁଧାନିଧି' ପାଠକଲାବେଳେ ମନେହୁଏ ସତେ ଯେପରି ଜଣେ ଗଳ୍ପସାଗର ଗଳ୍ପ କହୁଛି ଓ କେତେଜଣ ଶ୍ରୋତା ଶୁଣୁଛନ୍ତି। ଶ୍ରୋତାଗଣ ଯେପରି କାହାଣୀ ଶୁଣି କ୍ଳାନ୍ତହୋଇ ନ ପଡ଼ନ୍ତି, ସେଥିପ୍ରତି କଥକର ଦୃଷ୍ଟିଦେବା ନିହାତି ଦରକାର। ତେଣୁ ସେ ସମୟର ପାଠକରୁଚିକୁ ଦୃଷ୍ଟିରେ ରଖି ଗଦ୍ୟ ରଚନାକୁ ଆବୃତ୍ତିଧର୍ମୀ ଓ କର୍ଣ୍ଣପ୍ରୀତିପଦ କରିବାକୁ ପଡ଼ୁଥିଲା। ଏହି ପରିପ୍ରେକ୍ଷୀରେ

ନାରାୟଣାନନ୍ଦ 'ରୁଦ୍ରସୁଧାନିଧି'କୁ ଆବୃତ୍ତିଧର୍ମୀ ଓ ଶ୍ରବଣସୁଖଦାୟୀ ଗଦ୍ୟଶୈଳୀରେ ରଚନା କରିଛନ୍ତି। ଏହା ଗଦ୍ୟାତ୍ମକ ପଦ୍ୟ, ପଦ୍ୟାତ୍ମକ ଗଦ୍ୟ ବା ଗଦ୍ୟ ଓ ପଦ୍ୟର ସମନ୍ୱୟ– ଯେ ଯେପରି ମତ ଦିଅନ୍ତୁ ନା କାହିଁକି, ଏହାକୁ ସେ ସମୟରେ ପ୍ରଚଳିତ ଗଦ୍ୟଶୈଳୀର ଏକ ପ୍ରକୃଷ୍ଟ ନମୁନା ଭାବରେ ନିର୍ବିବାଦରେ ଗ୍ରହଣ କରାଯାଇପାରେ।

**୧.୬.୬.- ସାହିତ୍ୟିକ ମୂଲ୍ୟ :**

ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କଦ୍ୱାରା ରଚିତ 'ରୁଦ୍ରସୁଧାନିଧି' ଏକ ଅନବଦ୍ୟ ଗଦ୍ୟକାବ୍ୟ। ଏହାର ସାହିତ୍ୟିକ ମୂଲ୍ୟ କାଳେ କାଳେ ସଂରକ୍ଷିତ। ଏହାର ଛତ୍ରେ ଛତ୍ରେ ଲେଖକଙ୍କର ବର୍ଣ୍ଣନାଚାତୁରୀ କାବ୍ୟିକ ରୀତିରେ ପ୍ରଦର୍ଶିତ, ଯାହା ଏକାନ୍ତ ଉପଭୋଗ୍ୟ। ନାୟକ-ନାୟିକା ଓ ପାତ୍ର-ପାତ୍ରୀଙ୍କ ରୂପବର୍ଣ୍ଣନା ଓ ପ୍ରକୃତି ବର୍ଣ୍ଣନାରେ ଲେଖକଙ୍କ କଳାକୌଶଳ ବାସ୍ତବିକ ଲକ୍ଷ୍ୟ କରିବାର କଥା। ଲେଖକ ମୃତ୍ୟୁସଞ୍ଜୀବନୀ କରଣୀ କନ୍ୟାର ରୂପବର୍ଣ୍ଣନା କରିଛନ୍ତି ଏହିପରି– x x x "ସେ କନ୍ୟାର ବଦନଚନ୍ଦ୍ରକୁ ପଟାନ୍ତର କରିବ କେ। କ୍ଷୀଣ କଳଙ୍କେ ଜଡ଼ ସେ। x x x ମଦନ ଦର୍ପଣ ଅବା ବୋଲିବା। ସେ ନୀରସ ଧାତୁ କଠିନ। ମାଜନେ ସେ ଦିଶଇ। ଅମୃତ ସରୋବର ବୋଲିବା। କଟାକ୍ଷେ ପ୍ରେକ୍ଷଣ ଚଳ ନ ଥିବାଇଁ କରି ନୋହିଲା। ମନ୍ମଥ ସଦନ ଅବା ବୋଲିବା। ଅପାଙ୍ଗ ବାଣର ଭୟେ କରି କାମଦେବ ନାଭି ବିୟରେ ଥାଇ। ରତି କଳାନିଧି ବୋଲିବା। ସନ୍ନିଧେ ହୋଅନ୍ତେ ଭୃତ୍ୟ ପ୍ରାୟେକ ହୋଇ। ଲାବଣ୍ୟ ପାଶ ବୋଲିବା। ସ୍ତନ ଆକର୍ଷ କରନ୍ତେ ହେଁ ନ ଲାଗଇ।" (ପୃ: ୧୬୫)

ଏଥିରେ ଜୀବନ୍ତ ପ୍ରକୃତି ବର୍ଣ୍ଣନାକୁ ଲକ୍ଷ୍ୟକରି ଡକ୍ଟର କରୁଣାକର କର କହନ୍ତି– "ଏହି ପ୍ରାକୃତିକ ବର୍ଣ୍ଣନା ଯେପରି ନୈସର୍ଗିକ, ସେପରି ସରଳ ଓ ତରଳ। ଏଥିରେ ଭାଷା ମଧ୍ୟ ଅତି ସରଳ, କୋମଳ, ମଧୁର ଏବଂ ଉଦାର। ନାରାୟଣାନନ୍ଦ ଅବଧୂତଙ୍କର ଶୈଳୀ ଏବଂ ଭାବ ମଧ୍ୟ ରୋଚକ ଏବଂ ସାଂସ୍କୃତିକ। ଏହି ଗ୍ରନ୍ଥଟି ଓଡ଼ିଆ ଗଦ୍ୟ-ସାହିତ୍ୟରେ ଗୋଟିଏ ସମୁଜ୍ଜ୍ୱଳ ରତ୍ନ। ଭାଷା ଓ ଭାବ, ଶବ୍ଦ ଏବଂ ଅର୍ଥ ଦୁହିଙ୍କର ଅପୂର୍ବ ସମନ୍ୱୟ ଓ ସମ୍ମିଳନ ଏହି 'ରୁଦ୍ରସୁଧାନିଧି' ଗଦ୍ୟକାବ୍ୟରେ ଲକ୍ଷିତ ହୋଇଥାଏ। ଏହା ଓଡ଼ିଆ ସାହିତ୍ୟରେ ଅନୁପମ ଓ ଅଦ୍ୱିତୀୟ। ଅର୍ଥର ନବୀନତା, ସ୍ୱଭାବୋକ୍ତି, ରସର ସ୍ଫୁଟତା, ବର୍ଣ୍ଣବିନ୍ୟାସରେ କାନ୍ତ-କୋମଳତା 'ରୁଦ୍ରସୁଧାନିଧି' ଗ୍ରନ୍ଥକୁ ମଞ୍ଜୁଳ, ରସାଳ, ରସପେଶଳ ଏବଂ ମନୋମୋହକର କରିପାରିଛି।" (ମୁଖବନ୍ଧ, ପୃ: ଟ)

ରଚନାଶୈଳୀ ଦୃଷ୍ଟିରୁ ରୁଦ୍ରସୁଧନିଧି ଓଡ଼ିଆ ସାହିତ୍ୟରେ ଏକ ପ୍ରତିନିଧି ସ୍ଥାନୀୟ ରଚନା। ଏହା ଗଦ୍ୟରେ ଲିଖିତ ହୋଇଥିଲେହେଁ ଏକାନ୍ତ ପଦ୍ୟାତ୍ମକ। ଫଳରେ ଏହା ପାଠକ ଓ ଶ୍ରୋତା ଉଭୟଙ୍କର ମନୋରଞ୍ଜକ। ଏହାର ରଚନାଶୈଳୀର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଲେଖକ ଯେକୌଣସି ବର୍ଣ୍ଣନାକୁ ବିସ୍ତୃତାକାରରେ ପ୍ରଦାନ କରିଛନ୍ତି। ସାରଳାଦାସଙ୍କ ମହାଭାରତରେ ଏହିପରି ବିସ୍ତୃତ ବର୍ଣ୍ଣନା ପ୍ରଦାନର ଶୈଳୀ ପରିଦୃଷ୍ଟ ହୁଏ।

ରୀତିଯୁଗୀୟ କବିମାନଙ୍କର ଏକ ବଡ଼ ଦୁର୍ବଳତା ହେଉଛି ଅଳଙ୍କାର ପ୍ରୟୋଗ। ନାରାୟଣାନନ୍ଦ ମଧ୍ୟ ଏହି ଲାଳସାକୁ ଦମନ କରିପାରି ନାହାନ୍ତି। ତେଣୁ ଆଲୋଚ୍ୟ ଗ୍ରନ୍ଥରେ ଶବ୍ଦ ଅଳଙ୍କାର ଓ ଅର୍ଥ ଅଳଙ୍କାରର ପ୍ରାବଲ୍ୟ ପରିଲକ୍ଷିତ ହୁଏ। ସେ ଉପମା, ରୂପକ, ଉତ୍‌ପ୍ରେକ୍ଷା, ଅନୁପ୍ରାସ ଆଦି ବିସ୍ତୃତ ଭାବରେ ବ୍ୟବହାର କରି ଏହି ଗଦ୍ୟରଚନାକୁ ପଦ୍ୟଧର୍ମୀ କରିପାରିଛନ୍ତି।

ରୁଦ୍ରସୁଧାନିଧିର ଭାଷାବିନ୍ୟାସ ପ୍ରାୟଶଃ ସଂସ୍କୃତାନୁସାରୀ। ରୀତିଯୁଗୀୟ ଶୈଳୀର ଏହା ଏକ ନିଦର୍ଶନ। ସଂସ୍କୃତର ପ୍ରତିସ୍ପର୍ଦ୍ଧାରେ ରଚିତ ଏହି ଗ୍ରନ୍ଥଟି ସଂସ୍କୃତାୟିତ ହୋଇପଡ଼ିଛି। ତଥାପି ଅମନାତ୍ୟ ପେକ୍ଷିଲେ, ସ୍ରୋହେ, ପବନେ କରି, ପାଇଲାକ, ଖଟିଲାକ, ମଦାଙ୍ଗ, ମନ୍ମଥ, ନିଚୟେ, କେବଣ, ଯେବଣ, ଲାଇ, ନିରମିଲା, ଅନୁପାମ, ଦିଲେ, ହାଦେ ଇତ୍ୟାଦି ବହୁ ପ୍ରାଚୀନ ଶବ୍ଦର ପ୍ରୟୋଗ ଏଥିରେ ଲକ୍ଷ୍ୟ କରାଯାଏ।

ଦ୍ୱିତୀୟା ବିଭକ୍ତିରେ 'ନ୍ତ' ପ୍ରତ୍ୟୟର ବହୁଳ ବ୍ୟବହାର ଏଥିରେ ରହିଛି। ଯେପରି– ଭ୍ରମଳନ୍ତ, ବିଷୟନ୍ତ, ଏମାନନ୍ତ,

ଇନ୍ଦ୍ରିମାନନ୍ତ, ବିଦ୍ୟାମାନନ୍ତ, କଲୁଷମାନନ୍ତ, ଲକ୍ଷଣନ୍ତ, ହାଡ଼ମାନନ୍ତ, ଯାଗମାନନ୍ତ, ଭଣ୍ଡାରମାନନ୍ତ, କୌରବନ୍ତ ପ୍ରଭୃତି। ୫ମୀ ବିଭକ୍ତିରେ 'ତହୁଁ' ପ୍ରତ୍ୟୟର ବ୍ୟବହାର ବହୁଳ ପରିମାଣରେ ଦେଖିବାକୁ ମିଳେ। ଯଥା– ଈଶ୍ୱର ତହୁଁ, ମନର ତହୁଁ, ମୋହର ତହୁଁ, ତୋ ତହୁଁ ପ୍ରଭୃତି। ଏହି ୫ମୀ ବିଭକ୍ତିରେ 'ହୁଁ' ପ୍ରତ୍ୟୟର ମଧ୍ୟ ବହୁଳ ପ୍ରୟୋଗ ଏଥିରେ ଦେଖିବାକୁ ମିଳେ। ଯଥା– ଆଜହୁଁ, ଆଜନ୍ମହୁଁ, ଆଜ୍ଞାହୁଁ ପ୍ରଭୃତି। ୭ମୀ ବିଭକ୍ତିରେ 'ହିଁ' ଓ 'ତହିଁ' ପ୍ରତ୍ୟୟର ବ୍ୟବହାର ବିଶେଷ ଭାବରେ ହୋଇଅଛି। ବାସୁଦେବର ତହିଁ, ଦୁହିଁଙ୍କର ତହିଁ, ତାହାର ତହିଁ, କନ୍ୟା ତହିଁ, ଭୟେହିଁ ଇତ୍ୟାଦି।

ବାକ୍ୟର ଆରମ୍ଭରେ ବା ମଧ୍ୟରେ ନିରର୍ଥକ 'ତ' ପ୍ରୟୋଗ କେତେକ ସ୍ଥଳରେ ଦେଖାଯାଏ। ଯଥା– "ତ ଏମନ୍ତ ସମଏ ଚନ୍ଦ୍ର ଉଜ୍ଜ୍ୱଳ ହୋଇ ଉଇଁଲା।" "ତ ସେ କେମନ୍ତ ପ୍ରକାରେ ମିଳିଲା।" "ତୋହର ପୁଣ୍ୟବଳେ ଦୁସହ କର୍ମମାନ ତ କରୁଁ।" ମନେହୁଏ, କାହାଣୀ କହିବା ଢଙ୍ଗରେ ଏହା ରଚିତ ହୋଇଥିବାରୁ ଏଥିରେ ଏହିପରି ନିରର୍ଥକ ଅକ୍ଷରର ପ୍ରୟୋଗ ହୋଇଛି। ଏହା କେବଳ କାହାଣୀ କଥନଶୈଳୀକୁ ଚିତ୍ତାକର୍ଷକ କରେ ନାହିଁ, କାହାଣୀର ଧାରାକୁ ଅବିଚ୍ଛିନ୍ନ ମଧ୍ୟ ରଖେ। ଏହି କାରଣରୁ ଏହାର କେତେକ ବାକ୍ୟ ଦୀର୍ଘ ତ କେତେକ ବାକ୍ୟ କ୍ଷୁଦ୍ର, କେତେକ ପୁଣି କ୍ରିୟାଯୁକ୍ତ ତ କେତେକ କ୍ରିୟାରହିତ। ଦୁଇ ବା ତତୋଽଧିକ ବାକ୍ୟରେ ପରିଦୃଷ୍ଟ ଉପାନ୍ତ ମିଳନ କାହାଣୀକୁ ସୁଶ୍ରାବ୍ୟ କରିବାରେ ସାହାଯ୍ୟ କରେ।

ଗ୍ରନ୍ଥଟି ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ସମାପ୍ତିର ସୂଚନା ଏଥିରେ ରହିଛି। ମନ୍ତ୍ର, ତନ୍ତ୍ରବଳରେ ଯୋଗୀ କାମାନନ୍ଦ ମୃତ୍ୟୁସଂଜୀବନୀକୁ ପାଇପାରି ନାହିଁ। ଶେଷରେ ନାୟକ ଓ ନାୟିକାର ମିଳନ ଓ କୈବଲ୍ୟ ଲାଭହିଁ ଗ୍ରନ୍ଥର ସମ୍ଭାବ୍ୟ ପରିଣତି। ଗଦ୍ୟରେ ରଚିତ ଏପରି ଏକ ରସାଳ ତଥା କାବ୍ୟିକ ଗ୍ରନ୍ଥ ସମକାଳୀନ ଭାରତୀୟ ସାହିତ୍ୟରେ ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବନାହିଁ।

**୧.୬.୭.- ସୋମନାଥ ବ୍ରତକଥା :**

'ସୋମନାଥ ବ୍ରତକଥା' ଶୈବଧର୍ମ ପ୍ରଖ୍ୟାପକ ଏକ ଗଦ୍ୟ ଗ୍ରନ୍ଥ। ଓଡ଼ିଶାରେ ବହୁ ପ୍ରାଚୀନକାଳରୁ ପ୍ରଚଳିତ ବହୁ ଓଷା ଓ ବ୍ରତ ମଧ୍ୟରେ ଏହା ଏକତମ। ସାମାଜିକ ମଣିଷ ହୃଦୟରେ ଆଧ୍ୟାତ୍ମିକ ଭାବର ଉଦ୍ରେକ କରିବା ନିମନ୍ତେ ପ୍ରାଚୀନକାଳର ଲେଖକ ଓ କବିଗଣ ସର୍ବଜନବୋଧ ଭାଷାରେ ସୁନ୍ଦର ତଥା ଉପଦେଶାତ୍ମକ କାହାଣୀ ପରିବେଷଣ କରିଛନ୍ତି ଏହି ଓଷା ଓ ବ୍ରତକଥାଗୁଡ଼ିକ ମାଧ୍ୟମରେ। ଓଡ଼ିଆ ଓଷା ଓ ବ୍ରତକଥାଗୁଡ଼ିକର କଥାଶୈଳୀରେ ଏକ ଗତାନୁଗତିକତା ପରିଲକ୍ଷିତ ହୁଏ; ଅର୍ଥାତ୍ କାହାଣୀର ଶୈଳୀ ଓ ବିଷୟବସ୍ତୁ ଗୋଟିଏ ଢଙ୍ଗର। ଯଥା– ମୁନିକନ୍ୟା ବା ଦେବକନ୍ୟାଗଣ କୌଣସି ପୁଷ୍କରିଣୀ, ହ୍ରଦ ବା ନଦୀତଟରେ ବ୍ରତ କରୁଥିବା ସମୟରେ ଅନ୍ୟ ଜଣେ ସେଠାରେ ପହଞ୍ଚି ବ୍ରତର ମାହାତ୍ମ୍ୟ ଶ୍ରବଣ କରେ ଓ ନିଜେ ଯଥାରୀତି ଏହି ବ୍ରତ ପାଳନ କରି ଅଭୀଷ୍ଟ ପ୍ରାପ୍ତ ହୁଏ। ଏହି ବ୍ରତକୁ ଉପେକ୍ଷା କରୁଥିବା ବ୍ୟକ୍ତି ବହୁ ବାଧାବିଘ୍ନର ସମ୍ମୁଖୀନ ହୁଏ ଓ ଯେ ନିଷ୍ଠାର ସହ ଏହା ପାଳନ କରେ ସେ ପୂର୍ବାପେକ୍ଷା ଅଧିକ ଐଶ୍ୱର୍ଯ୍ୟ ଓ ଯଶର ଅଧିକାରୀ ହୁଏ। ବ୍ରତକଥା ସାଧାରଣତଃ ଆରମ୍ଭ ହୁଏ କଥୋପକଥନ ଛଳରେ। ନାରାୟଣ ଲକ୍ଷ୍ମୀଙ୍କୁ, ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବା ଯୁଧିଷ୍ଠିରଙ୍କୁ, ଶିବ ପାର୍ବତୀଙ୍କୁ ଓ ବ୍ରହ୍ମା ନାରଦଙ୍କୁ ଭିନ୍ନ ଭିନ୍ନ ବ୍ରତକଥାମାନ ଶୁଣାଇଥାନ୍ତି।

'ସୋମନାଥ ବ୍ରତକଥା' ଗତାନୁଗତିକ ଧାରାରେ ଆରମ୍ଭ ହୋଇଛି ଶିବ-ପାର୍ବତୀଙ୍କ କଥୋପକଥନରୁ। ଯଥା– "ପରମେଶ୍ୱର କହନ୍ତି। ଦେବୀ ଶୁଣନ୍ତି। ଶୁଣ ଦେବୀ ପାର୍ବତୀ। ମାଳବ ବୋଲି ଦେଶ। ତହିଁ ପାଟଳ ବୋଲି ନଗ୍ର। ତହିଁ ବୀର ବିକ୍ରମାଜିତ ବୋଲି ରାଜା। ସେ ରାଜା ମହାପ୍ରତାପୀ। ସେ କଟକର ଅନେକ ମହିମା। ଘରେ ଘରେ ସୁବର୍ଣ୍ଣ କଳସ ବସାନ୍ତି। ଧବଳମୟେ ପୁରେ, ଅତି ସୁନ୍ଦର। ସୁବର୍ଣ୍ଣ କଳସ ଉପରେ ନେତ ପତାକା ଉଡ଼ାନ୍ତି। ଚଉରାଶି ହାଟ ବସାନ୍ତି। ମେଢ଼, ମଣ୍ଡପ, ଅଟାଳି, ଜଗତୀ, କୂପ, ପୁଷ୍କରିଣୀ ଅଭିକଜ୍ଞ ଲୋକେ ବସାନ୍ତି। ହସ୍ତିଙ୍କର ଘଣ୍ଟାରବ। ଘୋଡ଼ାଙ୍କର ଖିରିଖିରା ରାବ। ପାଦାନ୍ତିଙ୍କର ମୁଖରାବ। ଚତୁରଙ୍ଗ ବଳ। ନବକୋଟି ଭଣ୍ଡାର। ଅନେକ ରାଜାମାନେ ସେ ରାଜାଙ୍କୁ ଖଟନ୍ତି।" ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ, ପୃ: ୫୯-୬୦)

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ସର୍ବପ୍ରଥମେ ୧୯୩୨ ଖ୍ରୀଷ୍ଟାବ୍ଦରେ 'ସୋମନାଥ ବ୍ରତକଥା'ର କିଛି ଅଂଶ ସ୍ୱସଂପାଦିତ

'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ପୁସ୍ତକରେ ସଂକଳନ କରି ଲୋକଲୋଚନକୁ ଆଣିଲେ। ଏହାପରେ ଡକ୍ଟର ଜାନକୀବଲ୍ଲଭ ମହାନ୍ତି 'ସୋମନାଥ ବ୍ରତକଥା' ସଂଗ୍ରହ କରି ୧୯୬୮ ଖ୍ରୀଷ୍ଟାବ୍ଦରେ ସମ୍ପୂର୍ଣ୍ଣରୂପେ ପ୍ରକାଶ କଲେ। ଏହି ଗ୍ରନ୍ଥର ଶେଷୋକ୍ତ ଆବିଷ୍କୃତ ସଂସ୍କରଣର ଭାଷା ପ୍ରଥମୋକ୍ତ ସଂସ୍କରଣର ଭାଷାଠାରୁ ବହୁ ପରିମାଣରେ ଅର୍ବାଚୀନ ମନେହୁଏ। ନିମ୍ନରେ ଏଥିରୁ ଉଦ୍ଧୃତ କେତୋଟି ପଙ୍‌କ୍ତିକୁ ପୂର୍ବ ଉଦ୍ଧୃତି ସହିତ ତୁଳନା କରାଗଲେ ଏହି ସତ୍ୟ ସହଜରେ ଉପଲବ୍ଧି ହେବ।

"ଏହା ଶୁଣି ଈଶ୍ୱର ବୋଇଲେ– ସେହି ବ୍ରତ ମହିମା କହୁଛି ଶୁଣ। ମାଳବ ବୋଲି ଏକ ଦେଶ ଥିଲା। ସେହି ଦେଶର ପାଟଳୀ ନଗରର ରାଜାଙ୍କ ନାମ ବୀରବିକ୍ରମ ଅଟେ। ସେ ରାଜା ବଡ଼ ପ୍ରତାପୀ। ତାଙ୍କ ଘରେ ସୁବର୍ଣ୍ଣ କଳସ ସ୍ଥାପିତ ଏବଂ ଧବଳମୟ ହେତୁ ବଡ଼ ସୁନ୍ଦରମୟ ଓ ନବରମାନ ନେତ ପତାକା ଦ୍ୱାରା ଅତ୍ୟନ୍ତ ସୁଶୋଭିତ ଦେଖାଯାଆନ୍ତି। ସେହି ନବରରେ ଚଉରାଅସି ହାଟ ବସାଇ– ହସ୍ତୀଙ୍କର ଘଣ୍ଟାଧ୍ୱନି, ଅଶ୍ୱଙ୍କର ହ୍ରେଷାଧ୍ୱନି, ପଦାତିକ ଚତୁରଙ୍ଗ ବଳଙ୍କର ମୁଖରାବଧ୍ୱନି ଏବଂ ବାଉନ କୋଟି ଭଣ୍ଡାର ଓ ଅନେକ ରାଣୀ ନିଶ୍ଚିନ୍ତ ହୋଇଥାଆନ୍ତି।" (ପୃ: ୨-୩)

ଦୁଇ ପାଠ ମଧ୍ୟରେ ଥିବା ପ୍ରଭେଦ ଭାଷାଗତ ଓ ଶୈଳୀଗତ; ମାତ୍ର ବିଷୟଗତ ନୁହେଁ। ଏଥିରୁ ମନେହୁଏ, ମୂଳପାଠ ପୋଥିରୁ ପୋଥିକୁ ଉଠାଇବା ସମୟରେ ଲିଖନକାରୀଙ୍କ ଯାଦୃଚ୍ଛିକ ସଂଶୋଧନ ହେତୁ ଏହାର ରୂପରେ ପରିବର୍ତ୍ତନ ଦେଖାଦେଇଛି।

**୧.୬.୮.- ରଚନାକାଳ :**

'ସୋମନାଥ ବ୍ରତକଥା'ର ରଚନାକାଳ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ପ୍ରକାଶିତ। ଏହାର ଲେଖକ ଆଲୋଚ୍ୟ ରଚନାରେ ନିଜର ନାମ ଦେଇ ନାହାନ୍ତି ବା ଏପରି କୌଣସି ଐତିହାସିକ ସଙ୍କେତ ପ୍ରଦାନ କରି ନାହାନ୍ତି, ଯାହାବଳରେ ଏହାର ରଚନାକାଳ ସମ୍ବନ୍ଧରେ ଯୁକ୍ତିଯୁକ୍ତ ଅଭିମତଟିଏ ପ୍ରକାଶ କରିହେବ। ବର୍ତ୍ତମାନ ଆମ ପାଖରେ ଏହାର ତିନିଟି ପ୍ରତିଲିପି ମିଳେ– (୧) ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ଗ୍ରନ୍ଥରେ ଏହାର କିଛି ଅଂଶ, (୨) ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଏକ ପୋଥି ଓ (୩) ଡକ୍ଟର ଜାନକୀବଲ୍ଲଭ ମହାନ୍ତିଙ୍କ ସଂପାଦିତ ଗ୍ରନ୍ଥ। ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଉଦ୍ଧୃତାଂଶ ଏ ତିନିଟି ମଧ୍ୟରେ ପ୍ରାଚୀନତମ ମନେହୁଏ। ଏହାର ରଚନାକାଳ ସମ୍ବନ୍ଧରେ ପ୍ରକାଶିତ କେତେକ ଅଭିମତକୁ ବିଶ୍ଳେଷଣ କରାଯାଇପାରେ।

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଏହି ବ୍ରତକଥାକୁ ଓଡ଼ିଆ ଗଦ୍ୟର ପ୍ରାଚୀନତମ ନମୁନା ଭାବରେ ଗ୍ରହଣ କରନ୍ତି ଓ ଏହାର ରଚନାକାଳ ସମ୍ବନ୍ଧରେ କହନ୍ତି– "It belongs either to the 15th or 16th century" (ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ, Introduction, p.9) ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ କହନ୍ତି– "ଭାଷା ଦିଗରୁ ଓ ଭାବ ଦିଗରୁ ଆଲୋଚନା କଲେ ସୋମନାଥ ବ୍ରତକଥା, ନାଗୁଲି ଚଉଠି ବ୍ରତକଥା, ଦାମୋଦର ଓଷା ପ୍ରଭୃତି ୧୩ଶ ବା ୧୪ଶ ଶତାବ୍ଦୀର ବୋଲି ଅନୁମାନ ହୁଏ।" (ଓଡ଼ିଆ ସାହିତ୍ୟର ଇତିହାସ, ୧ମ, ପୃ: ୧୮୩) ଡକ୍ଟର ମାୟାଧର ମାନସିଂହ ମଧ୍ୟ ଏହି ମତର ପରିପୋଷକ। ସେ କହନ୍ତି– "It is from linguistic evidence and the religious worship advocated in these tales, that scholars have placed these in the 13th-14th century period. And, they may not be very much wrong" (*History of Oriya Literature,* p.37) 'ଓଡ଼ିଆ ସାହିତ୍ୟର ଆଦିପର୍ବ'ରେ ସୁସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଏହା ଚତୁର୍ଦ୍ଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ରଚିତ ହୋଇଥିଲା ବୋଲି ମତ ପ୍ରକାଶ କରନ୍ତି (ପୃ: ୯୭)।

ଉପର୍ଯ୍ୟୁକ୍ତ ମତପୋଷଣକାରୀ ସମାଲୋଚକଗଣ ସେମାନଙ୍କ ମତକୁ ପ୍ରମାଣ କରିବା ପାଇଁ ବିଶେଷ ଯୁକ୍ତି ପ୍ରଦାନ କରି ନାହାନ୍ତି। ସେମାନେ ଯେଉଁ ଦିଗରୁ ବିଚାର କରି ଏହାର ସମୟ ନିରୂପଣ କରିଥା'ନ୍ତୁ ନା କାହିଁକି, ଚତୁର୍ଦ୍ଦଶ, ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀର ରଚନା ଭାବରେ 'ସୋମନାଥ ବ୍ରତକଥା' ଆଦୌ ଗ୍ରହଣଯୋଗ୍ୟ ନୁହେଁ। କାରଣ ପଞ୍ଚଦଶ ଶତାବ୍ଦୀର ସାରଳାଦାସଙ୍କ

'ମହାଭାରତ' ଓ 'ଚଣ୍ଡୀପୁରାଣ'ରେ ଥିବା ଓଡ଼ିଆ ଗଦ୍ୟାଂଶର ଭାଷା ଓ ଶୈଳୀ ସହିତ 'ସୋମନାଥ ବ୍ରତକଥା'ର ଭାଷା ଓ ଶୈଳୀର କୌଣସି ସାମଞ୍ଜସ୍ୟ ପରିଦୃଷ୍ଟ ହୁଏ ନାହିଁ। ସେହିପରି ଷୋଡ଼ଶ ଶତାବ୍ଦୀର ପଞ୍ଚବୈଷ୍ଣବ ପଞ୍ଚସଖା ଓ ଅନ୍ୟମାନଙ୍କ ରଚନାବଳୀରେ ଥିବା ଗଦ୍ୟରୂପ ଓ 'ସୋମନାଥ ବ୍ରତକଥା' ଗଦ୍ୟରୂପ ମଧ୍ୟରେ ସାମଞ୍ଜସ୍ୟ ଅପେକ୍ଷା ଅସାମଞ୍ଜସ୍ୟର ପରିମାଣ ଅଧିକ।

ଅଧ୍ୟାପକ କୁମୁଦରଞ୍ଜନ ପାଣିଗ୍ରାହୀ ଏହାର ରଚନାକାଳକୁ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ବା କିଞ୍ଚିତ୍ ପରବର୍ତ୍ତୀକାଳରେ ଅବସ୍ଥାପନ କରିଛନ୍ତି। (ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ସ୍ୱରୂପ, ପୃ: ୨୧)। ଡକ୍ଟର ଦେବେନ୍ଦ୍ର ମହାନ୍ତି ଭାଷାଗତ କାରଣରୁ ଏହାକୁ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ରଚନା ଭାବରେ ଗ୍ରହଣ କରିଛନ୍ତି (ପ୍ରାଚୀନ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ପୃ: ୭୬) ଅଧ୍ୟାପକ ପଠାଣି ପଟ୍ଟନାୟକ ଡକ୍ଟର ମହାନ୍ତିଙ୍କ ଏହି ଅଭିମତକୁ ଗ୍ରହଣ କରିନେଇଛନ୍ତି ଏବଂ ଭାଷାଗତ ପ୍ରମାଣ ଦ୍ୱାରା ଏହି କାଳନିର୍ଦ୍ଦେଶ ପ୍ରମାଦଶୂନ୍ୟ ନ ହେଲେହେଁ ଆପାତତଃ ଅନ୍ୟ ପ୍ରମାଣ ଅଭାବରେ ଏହି ମତକୁ ଗ୍ରହଣ କରିନେବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ପ୍ରକାଶ କରିଛନ୍ତି (ଓଡ଼ିଆ ସାହିତ୍ୟର ଇତିହାସ, ପୃ: ୧୫୪)। ଏହି ସମାଲୋଚକଗଣଙ୍କ କାଳ-ବିଚାର ସଂପୂର୍ଣ୍ଣତଃ ଅଗ୍ରାହ୍ୟ ନ ହେଲେହେଁ ଏହାର ରଚନାକାଳକୁ ଆଉ ଟିକିଏ ପରବର୍ତ୍ତୀକାଳକୁ ନେବା ଯୁକ୍ତିସଙ୍ଗତ ମନେହୁଏ। କାରଣ ଅଷ୍ଟାଦଶ ଶତାବ୍ଦୀର କବି ବ୍ରଜନାଥ ବଡ଼ଜେନାଙ୍କ ଗଦ୍ୟ ରଚନା 'ଚତୁର ବିନୋଦ'ର ଭାଷା ଓ ଗଦ୍ୟଶୈଳୀ ସହିତ 'ସୋମନାଥ ବ୍ରତକଥା'ର ଭାଷା ଓ ଗଦ୍ୟଶୈଳୀକୁ ତୁଳନାକଲେ 'ସୋମନାଥ ବ୍ରତକଥା'ର ରଚନାକାଳ ଅଷ୍ଟାଦଶ ଶତାବ୍ଦୀ ବା ସାମାନ୍ୟ ପୂର୍ବବର୍ତ୍ତୀ ବୋଲି ହୃଦ୍‌ବୋଧ ହୁଏ। ତେଣୁ ଏହାର ରଚନାକାଳକୁ ଖ୍ରୀଷ୍ଟୀୟ ୧୭ଶ-୧୮ଶ ଶତାବ୍ଦୀରେ ଅବସ୍ଥାପିତ କରିବା ଅଧିକ ଯୁକ୍ତିଯୁକ୍ତ।

**୧.୬.୯.- ସାହିତ୍ୟିକ ମୂଲ୍ୟ :**

'ସୋମନାଥ ବ୍ରତକଥା' ଶୈବଧର୍ମ ପ୍ରଚାର ଉଦ୍ଦେଶ୍ୟରେ ରଚିତ। ଓଡ଼ିଆ ଭାଷା ସାହିତ୍ୟିକ ରୂପ ଗ୍ରହଣ କରିବାର ବହୁ ପୂର୍ବରୁ ଓଡ଼ିଆ ସମାଜରେ ବହୁ ବ୍ରତକଥାର ପ୍ରଚଳନ ଥିଲା। ପୁରୋହିତଗୋଷ୍ଠୀ ନିର୍ଦ୍ଦିଷ୍ଟ ତିଥିରେ ବ୍ରତପାଳନକାରୀଙ୍କ ସମାବେଶରେ ଏହାକୁ ନିଜ ନିଜ ସ୍ମୃତିରୁ ଶୁଣାଉଥିଲେ। କାଳକ୍ରମେ ଲୋକମୁଖରୁ ଏଗୁଡ଼ିକ ସଂଗୃହୀତ ହୋଇ ଲିପିବଦ୍ଧ ହେଲା। ଏହିପରି ସୋମନାଥବ୍ରତକୁ ଲିଖିତ ରୂପ ମିଳିଲା ତାଳପତ୍ରରେ ଓ ଆବଶ୍ୟକତାନୁସାରେ ବାରମ୍ବାର ଲିପିକାରଙ୍କ ଦ୍ୱାରା ନୂତନ ପୋଥିରେ ସ୍ଥାନିତ ହେଲା। ବହୁକାଳରୁ କଣ୍ଠରୁ କଣ୍ଠକୁ ଗତିକରି ଶେଷରେ ଲିପିକାରଙ୍କ ଦ୍ୱାରା ଲିଖିତ ରୂପ ପ୍ରାପ୍ତ ହୋଇଥିବାରୁ କୌଣସି ଜଣେ ଲେଖକ ଏହାର ପିତୃତ୍ୱର ଅଧିକାରୀ ନୁହନ୍ତି। ତେଣୁ ଏହାର ଲେଖକ ଅଜ୍ଞାତ।

ଏକ ଚମତ୍କାର କାହାଣୀର ରୂପରେଖ ଏଥିରୁ ଉପଲବ୍ଧ ହେଲେହେଁ ଏହାର ରଚନା ପଛରେ ସାହିତ୍ୟ ସୃଷ୍ଟିର ଉଦ୍ଦେଶ୍ୟ ନ ଥିବାରୁ ଏବଂ କାହାଣୀ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ଏହା ଏକ ଉନ୍ନତ ସାହିତ୍ୟର ସମସ୍ତ ଗୁଣ ଅର୍ଜନ କରିପାରିନାହିଁ।

'ସୋମନାଥ ବ୍ରତକଥା' ପୂର୍ଣ୍ଣତଃ ଗଦ୍ୟଶୈଳୀରେ ଲିଖିତ; ମାତ୍ର ଶ୍ରୋତାଙ୍କୁ ପଢ଼ି ଶୁଣାଇବା ଉଦ୍ଦେଶ୍ୟରେ ଏହାକୁ ଆବୃତ୍ତିଧର୍ମୀ କରାଯାଇଛି। ଫଳରେ ଏହା ପଦ୍ୟାତ୍ମକ ହୋଇଯାଇଛି। ଅବଶ୍ୟ 'ରୁଦ୍ରସୁଧାନିଧି' ଭଳି ଏଥିରେ ପଦ୍ୟର ପ୍ରଭାବ ସେତେ ଗଭୀର ନୁହେଁ।

ଶିବଙ୍କ ମାହାତ୍ମ୍ୟ ପ୍ରଖ୍ୟାପନ କରାଯାଇଥିବାରୁ ଏହି ବ୍ରତକଥା ଅତିରଞ୍ଜନରେ ପୂର୍ଣ୍ଣ। ଏହା ଭକ୍ତମାନଙ୍କ ମନରେ ଭଗବାନ ଶିବଙ୍କ ପ୍ରତି ଗଭୀର ଭକ୍ତିଭାବ ଜାତ କରିବା ପାଇଁ ଉଦ୍ଦିଷ୍ଟ। ଥରେ ପଢ଼ିବାକୁ ଆରମ୍ଭ କଲେ ଏହାକୁ ମଝିରେ ତ୍ୟାଗ କରିବାକୁ ଇଚ୍ଛା ହୁଏ ନାହିଁ। କାରଣ ଘଟଣାର ଦ୍ରୁତ ପ୍ରବାହ ପ୍ରତି ଏଥିରେ ଦୃଷ୍ଟି ଦିଆଯାଇଛି ଏବଂ କଳ୍ପନାବିଳାସ ଓ ବର୍ଣ୍ଣନାବିଳାସ ସାହାଯ୍ୟରେ

ଏହାକୁ ଅତି ଦୀର୍ଘ କରା ନ ଯାଇ ସୀମିତ ପରିସର ମଧ୍ୟରେ ସମାପ୍ତ କରାଯାଇଛି ।

ଅଳଙ୍କାର ବ୍ୟବହାର କରିବାପାଇଁ ସୁଯୋଗ ଏଥିରେ ନାହିଁ। ବର୍ଣ୍ଣନାଶୈଳୀରେ ସେପରି କିଛି ବିଶେଷତ୍ୱ ଲକ୍ଷ୍ୟ କରାଯାଏ ନାହିଁ। ନିରକ୍ଷର ଜନସାଧାରଣଙ୍କ ମନକୁ ଧର୍ମପ୍ରତି ଆକର୍ଷଣ କରାଇବା ଏହାର ଉଦ୍ଦେଶ୍ୟ ହୋଇଥିବାରୁ କାହାଣୀ ଶୁଣାଇବା ଢଙ୍ଗରେ ଏହା ରଚିତ। ବର୍ଣ୍ଣନାର ଚମତ୍କାରିତା ପ୍ରଦର୍ଶନ କରିବା ଏହି ରଚନାର ଉଦ୍ଦେଶ୍ୟ ହୋଇ ନଥିଲେହେଁ ନଗର ବର୍ଣ୍ଣନାରେ ବାସ୍ତବତାକୁ ପ୍ରଶ୍ରୟ ଦିଆଯାଇଛି। ତେଣୁ ଏଥିରେ ନଗର ବର୍ଣ୍ଣନା ସରଳ ଓ ସୁନ୍ଦର ହୋଇଛି; କଳ୍ପନାଠାରୁ ଦୂରେଇଯାଇ ବାସ୍ତବ ଓ ଚିତ୍ତାକର୍ଷକ ହୋଇଛି। ରାଜା ଓ ତାଙ୍କ ପରିବାରବର୍ଗଙ୍କ ଦୁଃଖପୂର୍ଣ୍ଣ ଜୀବନର ବର୍ଣ୍ଣନା ଅତ୍ୟନ୍ତ ମର୍ମସ୍ପର୍ଶୀ।

ଗ୍ରନ୍ଥର ଆରମ୍ଭ ବେଶ୍ ନାଟକୀୟତା ସୃଷ୍ଟି କରିଛି। ବିଷୟ ପରିବେଷଣ କାଳରେ ମାନସିକ ଦ୍ୱନ୍ଦ୍ୱ, କୌତୂହଳ ଓ ଆବେଗମୟତା ସ୍ୱତଃ ସୃଷ୍ଟିହୋଇ ଏହାକୁ ସୁଖପାଠ୍ୟ କରାଇଛି ଓ ରସୋତୀର୍ଣ୍ଣ ସାହିତ୍ୟର ମର୍ଯ୍ୟାଦା ପ୍ରଦାନ କରିଛି।

ଏହାର ଭାଷା ଆଧୁନିକ ଭାଷାର ନିକଟବର୍ତ୍ତୀ ବୋଲି ଡକ୍ଟର ଜାନକୀବଲ୍ଲଭ ମହାନ୍ତି ମତ ଦିଅନ୍ତି। (ମୁଖବନ୍ଧ, ପୃ: ଛ) ଏହା ଏକ ପ୍ରାଚୀନ ଗ୍ରନ୍ଥ ବୋଲି ସ୍ୱୀକାର କରିଥିଲେ ମଧ୍ୟ ସେ ଏହାର ଭାଷାକୁ ଆଧୁନିକ ଭାଷାର ନିକଟବର୍ତ୍ତୀ ବୋଲି କହିବାର କାରଣ ହୁଏତ ହୋଇପାରେ ଯେ, ସେ ଯେଉଁ ପୋଥିରୁ ପାଠୋଦ୍ଧାର କରିଛନ୍ତି, ତାହା ନକଲୀକରଣ ପ୍ରକ୍ରିୟାରେ ନିକଟ ଅତୀତରେ ନକଲ କରାହୋଇଛି ଏବଂ ନକଲ କରିବା ଅବସରରେ ନକଲକାରମାନେ ଏଥିରେ ନୂତନ ଶବ୍ଦ ଓ ଶୈଳୀ ସଂଯୋଜିତ କରି ଏହାକୁ ଯୁଗୋପଯୋଗୀ କରିବାକୁ ଚେଷ୍ଟା କରିଥିବାରୁ ତା'ର ଭାଷା ଆଧୁନିକ ଭାଷାର ରୂପ ପରିଗ୍ରହ କରିଛି। ପ୍ରମାଣ ସ୍ୱରୂପ ଡକ୍ଟର ମହାନ୍ତିଙ୍କ ସଂପାଦିତ ଗ୍ରନ୍ଥରୁ ଏକ ଅଂଶ ଏଠାରେ ଉଦାହୃତ ହୋଇପାରେ। କାପୁଡ଼ିଆମାନେ ରାଜାଙ୍କୁ ସୋମନାଥବ୍ରତ ପାଳନର ବିଧିମାନ ପ୍ରାଞ୍ଜଳଭାବରେ ବୁଝାଇ କହିଛନ୍ତି– "ଭାଦ୍ରବ ମାସ ଶୁକ୍ଳପକ୍ଷ, ଷଷ୍ଠୀଦିନ ଗୋଟିଏ ଘର ଲିପିକରି ପିଢ଼ାଗୋଟିକୁ ଚିତ୍ର କରିବ। ସେହି ପିଢ଼ା ଉପରେ ପାଟବସ୍ତ୍ର ଦେଇ ସ୍ଫଟିକ ଲିଙ୍ଗ ବା ମୃତ୍ତିକା ଲିଙ୍ଗ ସ୍ଥାପନ କରିବ। କଖାରୁଫୁଲ ଦଶଗୋଟି, ଉଆ ଚାଉଳ ଦଶଗୋଟି, ଦୁବଦଶ ନାଡ଼ରେ ପୂଜା କରିବ। ଦଶ ଖିଅ ସୂତାକୁ ତ୍ରିଗୁଣ କରିବ। ଆଶ୍ୱିନ ଶୁକ୍ଳପକ୍ଷ ଅପରାଜିତ ଦଶମୀ ଦିନ ଓଷା ଉଜାଇବ। ଉଆ ଚାଉଳ ମାଣେ ଦୁଧରେ ତିନ୍ତାଇବ। ତାକୁ କୁଟି ଚୂନା କରି ଯତ୍ନ ସହକାରେ ରଖିବ। ମହୁ, ମରିଚ, ଅଦା, ଛେନାଖଣ୍ଡ, କଦଳୀ, ନଡ଼ିଆ, କର୍ପୂର, ମୁଗ, ଜିରା ଆଦି ଦଶପୁର ଦେଇ ଦଶଗୋଟି ମଣ୍ଡା ପ୍ରସ୍ତୁତ କରି ଶ୍ରୀ ସୋମନାଥଙ୍କୁ ନୈବେଦ୍ୟ ଦେବ। ପୂଜାସାରି ବ୍ରତ ହାତରେ ବାନ୍ଧିବ। ବ୍ରତ ପାଳନକରି ଯାହା ବାଞ୍ଛା କରିବ ତାହା ସିଦ୍ଧ ହେବ।" (ପୃ: ୮)

ପୂର୍ବରୁ କୁହାଯାଇଛି ଯେ ଏହାକୁ ପୁରୋହିତ ପାଠକରନ୍ତି ଓ ଶ୍ରୋତୃମଣ୍ଡଳୀ ଶ୍ରବଣ କରନ୍ତି। ଶୁଷ୍କ ଗଦ୍ୟଶୈଳୀ ପାଠକମାନଙ୍କ ପାଇଁ ବିରକ୍ତିକର ହୋଇଥିବାରୁ ଏହାକୁ ଶ୍ରୁତିମଧୁର କରିବାପାଇଁ ଆବୃତ୍ତିଧର୍ମୀ କରାଯାଇଛି ଏବଂ ଫଳରେ କ୍ଷୁଦ୍ର କ୍ଷୁଦ୍ର ବାକ୍ୟ ଏଥିରେ ସଂଯୋଜିତ ହୋଇଛି। ଏଥିରେ ସମ୍ବୋଧନରେ 'ଭୋ' ଓ 'ଆହେ'ର ପ୍ରୟୋଗ ଦେଖାଯାଏ। ଏଥିରେ ତୃତୀୟା ବିଭକ୍ତିରେ 'ଏଣୁ' ପ୍ରତ୍ୟୟ ଓ ସପ୍ତମୀ ବିଭକ୍ତିରେ 'ଏ' ପ୍ରତ୍ୟୟର ବ୍ୟବହାର ପରିଲକ୍ଷିତ ହୁଏ। କଲେକ, ନେଲେକ, କରିବାକ, ସ୍ଥାପିବାକ, ଦେବାକ, ସମର୍ପିବାକ, ଘେନିମାକ ପ୍ରଭୃତି କ୍ରିୟାର ବହୁଳ ବ୍ୟବହାର ଏଥିରେ ରହିଛି। ବିଶେଷ୍ୟ ପଦ ପୂର୍ବରୁ ବହୁବଚନାତ୍ମକ ବିଶେଷଣ ଥିଲେ ମଧ୍ୟ ବିଶେଷ୍ୟପଦର ବହୁବଚନ ଏଥିରେ କରାଯାଇଛି। ଏହା ଏକ ପ୍ରାଚୀନ ପ୍ରୟୋଗ। ଯେପରି– ଅନେକ ରାଜାମାନେ। ଏଥିରେ ବ୍ରତେକ, ମାଣେକ ଇତ୍ୟାଦି ଶବ୍ଦ, 'ଏକ ବ୍ରତ', 'ଏକ ମାଣ' ଅର୍ଥରେ ବ୍ୟବହୃତ। ଏଥିରେ ମୁଖରେ ଉଚ୍ଚାରିତ ଧ୍ୱନିସହ ସାମ୍ୟ ରକ୍ଷାକରି ସିଘଦ୍ୱାର (ସିଂହଦ୍ୱାର), ବିକ୍ରମାଜିତ (ବିକ୍ରମାଦିତ୍ୟ) ଇତ୍ୟାଦି କେତୋଟି ଶବ୍ଦର ବନାନ ଲେଖାଯାଇଛି।

ସାହିତ୍ୟ ଉପରେ ସମାଜର ପ୍ରଭାବ କିଛି କମ୍ ନୁହେଁ। ଯେକୌଣସି ସାହିତ୍ୟ ତେଣୁ ସମକାଳୀନ ସମାଜର ପ୍ରତିଛବି ବହନ

କରିବାକୁ ବାଧ୍ୟ । ଧର୍ମକୁ ଉପେକ୍ଷା କରୁଥିବା ବ୍ୟକ୍ତି ଦଣ୍ଡ ଭୋଗକରେ ଏବଂ ଧର୍ମକୁ ସମ୍ମାନ କରିଥିବା ବ୍ୟକ୍ତି ସମୃଦ୍ଧିଶାଳୀ ହୁଏ- ଏହି ବିଶ୍ୱାସ ତତ୍କାଳୀନ ସମାଜରେ ପ୍ରଚଳିତ ଥିବାର ପ୍ରମାଣ ମିଳେ 'ସୋମନାଥ ବ୍ରତକଥା'ର ଆଖ୍ୟାନ ଭାଗରୁ । ରାଜା କାପ୍ତୁଡ଼ିଆମାନଙ୍କୁ ମିଷ୍ଟାନ୍ନ ଭୋଜନରେ ଆପ୍ୟାୟିତ କରିଥିବା ବର୍ଣ୍ଣନାରୁ ସେ ସମୟର ସମାଜରେ ଅତିଥି ସତ୍କାରକୁ ପରମ କର୍ତ୍ତବ୍ୟ ବୋଲି ମନେକରୁଥିବା ପ୍ରମାଣିତ ହୁଏ । ତତ୍କାଳୀନ ମନ୍ତ୍ରୀମାନେ ବହୁ ସମୟରେ ବିଶ୍ୱାସଘାତକତା ଆଚରଣ କରୁଥିଲେ, ସମାଜରେ ଚୋରି ଡକାୟତି ଥିଲା। ସମାଜରେ ଭିକ୍ଷାବୃତ୍ତିର ପ୍ରଚଳନ ଥିଲା । ଗରିବ ଶ୍ରେଣୀର ଝିଅ ବୋହୂ ଧାନକୁଟି ଓ ସୂତାକାଟି ଜୀବିକା ନିର୍ବାହ କରୁଥିଲେ । ସାମାଜିକ ମଣିଷ ଧର୍ମଭୀରୁ ଥିଲା ଓ ଧର୍ମବିରୋଧରେ କୌଣସି କାର୍ଯ୍ୟ କରିବାକୁ ଭୟ କରୁଥିଲା । ସୁଫଳ ଲାଭ ଆଶାରେ ସେ ନିଷ୍ଠାର ସହିତ ବ୍ରତଉପବାସାଦି ପାଳନ କରୁଥିଲା । ଦୋଷ ଅନୁସାରେ ଦୋଷୀକୁ କଠିନ ଦଣ୍ଡ ଦେବାର ବ୍ୟବସ୍ଥା ସମାଜରେ ଥିଲା ।

ଓଡ଼ିଆ ଗଦ୍ୟସାହିତ୍ୟର ଦୁର୍ବଳ ଗଦ୍ୟ ପରମ୍ପରାରେ ଭାଷାତତ୍ତ୍ୱ ଓ ଧର୍ମତତ୍ତ୍ୱଦୃଷ୍ଟିରୁ ସୋମନାଥ ବ୍ରତକଥା ଏକ ସାହସିକ ପ୍ରଚେଷ୍ଟା । ସୁତରାଂ ଓଡ଼ିଆ ଗଦ୍ୟ ସାହିତ୍ୟ ଇତିହାସରେ ତା'ର ସ୍ଥାନ ଯେ ଯଥେଷ୍ଟ ଉଚ୍ଚରେ, ଏଥିରେ ସନ୍ଦେହର ଅବକାଶ ନାହିଁ।

### ୧.୭.- ଅନ୍ୟାନ୍ୟ ରଚନା :

ନାଥସାହିତ୍ୟ ଓ ଶୈବସାହିତ୍ୟ ବିଷୟକ ରଚନାବଳୀ ବ୍ୟତୀତ ପରବର୍ତ୍ତୀକାଳୀନ 'ମାଦଳାପାଞ୍ଜି' ଓ 'କେଶବ କୋଇଲି' ନାମକ ଆଉ ଦୁଇଟି ରଚନାକୁ କେତେକ ଆଲୋଚକ ପ୍ରାକ୍-ସାରଳାକାଳୀନ ରଚନା ଭାବରେ ଗ୍ରହଣ କରିନେବାକୁ କୁଣ୍ଠାବୋଧ କରିନାହାନ୍ତି । ଆଲୋଚନା ବଳରେ ଏହି ରଚନାଦ୍ୱୟକୁ ପରବର୍ତ୍ତୀକାଳୀନ ରଚନା ଭାବରେ ଏଠାରେ ପ୍ରମାଣିତ କରାଯାଇପାରେ।

### ୧.୭.୧.- ମାଦଳାପାଞ୍ଜି :

ମାଦଳାପାଞ୍ଜିକୁ ପ୍ରାକ୍-ସାରଳା ଯୁଗର ରଚନା ଭାବରେ କେତେକ ସମାଲୋଚକ ଗ୍ରହଣ କରନ୍ତି । ମାଦଳାପାଞ୍ଜି ପୁରୀ ଜଗନ୍ନାଥ ମନ୍ଦିରର ରୀତି-ନୀତି, ସେବା-ପୂଜାବିଧି, ଉତ୍କଳ ଗଜପତି ମହାରାଜାମାନଙ୍କର ରାଜ୍ୟଶାସନର ବିବରଣୀ ଏବଂ ସମକାଳୀନ ସାମାଜିକ ଓ ରାଜନୀତିକ ଚିତ୍ର ଇତ୍ୟାଦିରେ ସମୃଦ୍ଧ । ତେଣୁ ବିଷୟବସ୍ତୁ ଦୃଷ୍ଟିରୁ ଏହାକୁ ସ୍ଥୁଳତଃ ତିନିଭାଗରେ ବିଭକ୍ତ କରାଯାଇପାରେ– (୧) ରାଜାମାନଙ୍କର ରାଜ୍ୟଭୋଗ ବିବରଣୀ, (୨) ଜଗନ୍ନାଥ ମନ୍ଦିର ନିର୍ମାଣର ଇତିହାସ, ଏହାର ସେବାପୂଜା ବିଧି ଓ ସେବକମାନଙ୍କର କର୍ତ୍ତବ୍ୟ, (୩) ମନ୍ଦିରକୁ କେନ୍ଦ୍ରକରି ଘଟିଥିବା କେତେକ ଅସାଧାରଣ ଘଟଣାର ବିବରଣୀ ଓ ଏଗୁଡ଼ିକ ସହିତ ସଂପୃକ୍ତ ଆୟବ୍ୟୟର ବିବରଣୀ।

ମାଦଳାପାଞ୍ଜି ଲେଖିବା ଶ୍ରୀମନ୍ଦିରର ଏକ ସେବା । ଦେଉଳକରଣ ଲେଖନ୍ତି ଶ୍ରୀମନ୍ଦିରର ଇତିହାସ, ତା'ର ପୂଜାବିଧି ଓ ଆୟବ୍ୟୟ ଏବଂ ତଢ଼ାଉକରଣ ଲେଖନ୍ତି ରାଜାମାନଙ୍କ ରାଜ୍ୟଭୋଗର ଇତିହାସ । ଏ ପାଞ୍ଜିର ତିନିଟି ନକଲ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରରେ, ଦେଉଳକରଣଙ୍କ ଘରେ ଓ ତଢ଼ାଉକରଣଙ୍କ ଘରେ ରଖାଯାଏ । (ଓଡ଼ିଆ ସାହିତ୍ୟର ଇତିହାସ, ୧ମ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ପୃ: ୧୫୪) ମାତ୍ର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଯେଉଁ ମାଦଳାପାଞ୍ଜି ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶ କରାଇଥିଲେ, ତାହା ସେ ରାଜାଙ୍କ ଉଆସ, ତଢ଼ାଉକରଣ ଓ ଦେଉଳକରଣଙ୍କ ଗୃହରେ ଥିବା ପାଣ୍ଡୁଲିପିରୁ ସଂଗ୍ରହ କରିଥିବା କଥା ପ୍ରକାଶ କରିଛନ୍ତି । (ମୁଖବନ୍ଧ, ପୃ: ଅଣାଏ) ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ମାଦଳାପାଞ୍ଜି ଶ୍ରୀମନ୍ଦିର ରାଜନବରରେ, ତଢ଼ାଉକରଣଙ୍କ ଗୃହରେ ଓ ଦେଉଳକରଣଙ୍କ ଗୃହରେ ଲିଖିତ ହୋଇ ସଂରକ୍ଷିତ ହୁଏ । ଏ ସଂପର୍କୀୟ ଅଧ୍ୟୟନରେ ଆମେ ଯେତେ ଆଗେଇଯାଉ, ସେତେ ଅଧିକ ତଥ୍ୟ ପାଉ । ମାଦଳାପାଞ୍ଜି ସହିତ ପାଞ୍ଚପ୍ରକାର କରଣ ସଂପୃକ୍ତ ଥିବା କଥା ଓ ମାଦଳାପାଞ୍ଜି ପାଞ୍ଚ ଭାଗରେ ବିଭକ୍ତ ହୋଇଥିବା କଥା ଆମେ ଜାଣିବାକୁ ପାଉ । ଏହି ପାଞ୍ଚ ପ୍ରକାର କରଣ ହେଉଛନ୍ତି– (୧) କୋଠ କରଣ (Compiler), (୨) ବଇଠି କରଣ (Asst. Compiler), (୩) ତଢ଼ାଉ କରଣ (Writer), (୪) ଦେଉଳ କରଣ (Enforcer) ଓ (୫) ପାଞ୍ଜିଆ

କରଣ (Preserver)। ଏହି ନାମକରଣଗୁଡ଼ିକ କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ, ଏଗୁଡ଼ିକ ବଂଶାନୁକ୍ରମେ ପ୍ରଚଳିତ ରାଜଦତ୍ତ ଉପାଧି। କୋଠ କରଣ ମାଦଳାପାଞ୍ଜିରେ ଲିଖିତ ହେବା ନିମିତ୍ତ ବିବରଣୀମାନ ରାଜପ୍ରସାଦରୁ ସଂଗ୍ରହ କରୁଥିଲେ। ବଇଠି କରଣ ସେହି ବିବରଣୀଗୁଡ଼ିକ ମଧ୍ୟରୁ ଲିପିବଦ୍ଧ ହେଲାଭଳି ଗୁରୁତ୍ୱପୂର୍ଣ୍ଣ ବିବରଣୀମାନ ନିର୍ବାଚନ କରୁଥିଲେ। ତଡ଼ାଉ କରଣ ସେଗୁଡ଼ିକର ବିଭାଗୀକରଣ କରି ପାଞ୍ଜିରେ ସଂପୃକ୍ତ ବିଭାଗମାନଙ୍କରେ ଲିପିବଦ୍ଧ କରୁଥିଲେ। ପ୍ରତିଦିନ ବେହରଣରେ ପାଞ୍ଜି ପାଠକରିବା ଦାୟିତ୍ୱ ଥିଲା ଦେଉଳ କରଣଙ୍କର। ପାଞ୍ଜିଆ କରଣ ପାଞ୍ଜି ସଂରକ୍ଷଣ କରୁଥିଲେ ଏବଂ ପାଞ୍ଜିର ଅଧିକ ନକଲ ପ୍ରସ୍ତୁତ କରାଇ ଖଣ୍ଡିଏ ନକଲ ତଡ଼ାଉ କରଣଙ୍କୁ ହସ୍ତାନ୍ତର କରୁଥିଲେ ଓ ଆଉ ଖଣ୍ଡିଏ ଭଣ୍ଡାରରେ ଯତ୍ନ ସହକାରେ ସାଇତି ରଖୁଥିଲେ।

ମାଦଳାପାଞ୍ଜିର ପାଞ୍ଚଟି ବିଭାଗ ରହିଛି; ଯଥା– (୧) ରାଜଖଣ୍ଡା, (୨) ଦେଶଖଣ୍ଡା, (୩) କର୍ମାଙ୍ଗୀ, (୪) ଦିନପାଞ୍ଜି ଓ (୫) ଚକଡ଼ା।

**(୧) ରାଜଖଣ୍ଡା–** ଏହି ମାଦଳାରେ ରାଜାମାନଙ୍କର ବିଶେଷ ଘଟଣାବଳୀ ଲିପିବଦ୍ଧ ହେଉଥିଲା ଏବଂ ଏହା ପ୍ରତିବର୍ଷ ପୌଷପୂର୍ଣ୍ଣମୀରେ ରାଜାଙ୍କର ବାର୍ଷିକୋତ୍ସବରେ ପାଠ କରାଯାଉଥିଲା। ଏହା ତଡ଼ାଉ କରଣଙ୍କ ପାଖରେ ରହୁଥିଲା।

**(୨) ଦେଶଖଣ୍ଡା–** ଏହି ମାଦଳାରେ ଦାନ, ଦକ୍ଷିଣା, ସ୍ଥାବର ଓ ଅସ୍ଥାବର ସଂପତ୍ତି ଇତ୍ୟାଦିର ତାଲିକା କରାଯାଇ ରଖାଯାଉଥିଲା। ବିଭିନ୍ନ ଆକ୍ରମଣକାରୀଙ୍କ ଦ୍ୱାରା ଲୁଣ୍ଠିତ ହେଉଥିବା ଜଗନ୍ନାଥଙ୍କ ସମ୍ପତ୍ତିର ତାଲିକା ମଧ୍ୟ ଏଥିରେ ଲିପିବଦ୍ଧ ହେଉଥିଲା। ଏହା କୋଠକରଣଙ୍କ ପାଖରେ ରହୁଥିଲା।

**(୩) କର୍ମାଙ୍ଗୀ–** ଏହି ମାଦଳାରେ ଜଗନ୍ନାଥ ମନ୍ଦିରର ପ୍ରତିଦିନର ରୀତି-ନୀତି, ପର୍ବ-ପର୍ବାଣି ଓ ଅନ୍ୟାନ୍ୟ ମୁଖ୍ୟ ଘଟଣାବଳୀ ଲିପିବଦ୍ଧ ହେଉଥିଲା। ପ୍ରତିଦିନ ଏହା ବେହରଣରେ ପଠିତ ହେଉଥିଲା।

**(୪) ଦିନପାଞ୍ଜି–** ଏହି ମାଦଳାର ଲେଖା ପ୍ରତିବର୍ଷ ବିଷୁବସଂକ୍ରାନ୍ତି ଦିନଠାରୁ ଆରମ୍ଭ ହେଉଥିଲା। 'ଦୈବଜ୍ଞ' ଉପାଧିଧାରୀ ଶ୍ରୀମନ୍ଦିରର ଗଣକ ଏହାକୁ ପ୍ରତ୍ୟହ ପ୍ରସ୍ତୁତ କରି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଅବକାଶ ସମୟରେ ପାଠ କରୁଥିଲେ।

**(୫) ଚକଡ଼ା–** କେବଳ ମାଦଳାକରଣମାନେ ଶ୍ରୀକ୍ଷେତ୍ରଠାରେ ମାଦଳାପାଞ୍ଜି ଲିଖନ କରୁ ନ ଥିଲେ, ବିଭିନ୍ନ ଅଞ୍ଚଳରେ ସେମାନଙ୍କ ବଂଶଧରଗଣ ମଧ୍ୟ ପାଞ୍ଜି ରଚନା କରୁଥିଲେ। ଏହି ଆଞ୍ଚଳିକ ପାଞ୍ଜିଗୁଡ଼ିକ ଚକଡ଼ା ନାମରେ ପ୍ରସିଦ୍ଧ। ଯଥା– ଗୋବିନ୍ଦ ଦାସ ଚକଡ଼ା, ଖୁରୁଧା ଚକଡ଼ା, ରାମେଶ୍ୱର ଚକଡ଼ା, ତାପଙ୍ଗ ଚକଡ଼ା, ଚୟନି ଚକଡ଼ା ଇତ୍ୟାଦି।

ଶ୍ରୀମନ୍ଦିରର ଚତୁର୍ଦ୍ଧାମୂର୍ତ୍ତି ମଧ୍ୟରୁ ସୁଦର୍ଶନ ଅନ୍ୟତମ। ମାଦଳାପାଞ୍ଜିର ରଚନା ଓ ପଠନ କାର୍ଯ୍ୟ ତାଙ୍କ ନିୟନ୍ତ୍ରଣାଧୀନ ବୋଲି ଜନଶ୍ରୁତି ରହିଛି। ମାଦଳାପାଞ୍ଜିର ମାହାତ୍ମ୍ୟ ବୃଦ୍ଧି କରିବା ନିମନ୍ତେ ଏହି ଜନଶ୍ରୁତି ଉଦ୍ଦିଷ୍ଟ ବୋଲି ମନେହୁଏ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ମାଦଳାପାଞ୍ଜି ସମ୍ବନ୍ଧରେ ବିଭିନ୍ନ ପ୍ରକାରର ତଥ୍ୟ ମିଳୁଥିବାରୁ ନିର୍ଦ୍ଦିଷ୍ଟଭାବେ ଏହାର କେତୋଟି ନକଲ କରାଯାଉଥିଲା, ତାହା ଅନୁମାନ କରିବା କଷ୍ଟକର ଏବଂ ବିଭିନ୍ନ ସ୍ଥାନରେ ଲିଖିତ ହେଉଥିବାରୁ ଏଗୁଡ଼ିକର ପାଠରେ ବୈଷମ୍ୟ ପରିଲକ୍ଷିତ ହେବା ମଧ୍ୟ ସ୍ୱାଭାବିକ। ଓଡ଼ିଶା ସଂଗ୍ରହାଳୟରେ ସଂରକ୍ଷିତ ପାଞ୍ଜି, ଉତ୍କଳ ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ପାଞ୍ଜି ଓ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କକର୍ତ୍ତୃକ ସଂଗୃହୀତ ପାଞ୍ଜି ମଧ୍ୟରେ ତେଣୁ ବହୁ ଅମେଳ।

**୧.୭.୨.- ମାଦଳାପାଞ୍ଜିର ନାମକରଣ :**

ପ୍ରାଚୀନ ଗଦ୍ୟ-ରଚନା ଭାବରେ ଓଡ଼ିଆ ସାହିତ୍ୟରେ ମାଦଳାପାଞ୍ଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ। ଆସାମରେ 'ବୁରୁଞ୍ଜି',

କାଶ୍ମୀରରେ 'ରାଜ ତରଙ୍ଗିଣୀ' ଓ ସିଂହଳରେ 'ଦାଠାବଂଶ' ଲିଖିତ ହେଲାଭଳି ଓଡ଼ିଶାରେ 'ମାଦଳାପାଞ୍ଜି' ଲିଖିତ ହେଉଥିଲା। ଏପରି ଏକ ସୁମହାନ ଐତିହ୍ୟସମ୍ପନ୍ନ ରଚନାର ଏପରି ନାମକରଣ ହେବାର କାରଣଟା କ'ଣ, ତାହା ସ୍ପଷ୍ଟ ଭାବରେ ଜାଣିହୁଏ ନାହିଁ। 'ମାଦଳା' ଶବ୍ଦର ବିଭିନ୍ନ ଅର୍ଥ ପ୍ରଦାନ କରନ୍ତି ବିଭିନ୍ନ ସମାଲୋଚକ। ସେଥିମଧ୍ୟରୁ କେତୋଟିକୁ ଏଠାରେ ଆଲୋଚନା-ପରିସରକୁ ଅଣାଯାଇପାରେ।

ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ଶବ୍ଦତତ୍ତ୍ୱ ଦୃଷ୍ଟିରୁ 'ମାଦଳା'ର ଅର୍ଥ ନିରୂପଣ କରିବାକୁଯାଇ କହନ୍ତି ଯେ 'ମାଦଳା' ଶବ୍ଦ 'ମୁଦଳ' ଶବ୍ଦରୁ ଆନୀତ। 'ମୁଦଳ' ଶବ୍ଦ ମୁଦି ଦ୍ୱାରା ସିଲ୍ କରାଯିବା ବା ମୁଦ ଦିଆଯିବା। 'ମୁଦଳ' ଶବ୍ଦ ଏହି ଅର୍ଥରେ କେତେକ ଓଡ଼ିଆ ଅଭିଲେଖରେ ବ୍ୟବହୃତ ହୋଇଥିବା ସେ ଦର୍ଶାଇଛନ୍ତି। ଶ୍ରୀମନ୍ଦିରରେ ପ୍ରତିଦିନ ସେବାପୂଜା ଶେଷରେ ମନ୍ଦିର ବନ୍ଦକରି ସିଲ୍ ଦେଉଥିବା ବ୍ୟକ୍ତି ତେଣୁ 'ମୁଦିରଥ' ନାମରେ ପରିଚିତ। 'ମୁଦିରଥ' ଶବ୍ଦଟି ମଧ୍ୟ 'ମୁଦଳ' ଶବ୍ଦରୁ ଆସିଛି ବୋଲି ସେ ଦୃଢ଼ ଯୁକ୍ତି ପ୍ରଦାନ କରନ୍ତି। ତେଣୁ ତାଙ୍କ ମତରେ ରାଜାମାନଙ୍କ ସିଲ୍ ମୋହର ବା ମୁଦଥାଇ ଦିଆଯାଉଥିବା ଆଦେଶନାମାସବୁ ଯେଉଁ ପାଞ୍ଜିରେ ସଂକଳିତ ହେଉଥିଲା, ତାହାର ନାମ 'ମାଦଳାପାଞ୍ଜି'।

'ପ୍ରାଚୀନ ଉତ୍କଳ'ରେ ଐତିହାସିକ ଜଗବନ୍ଧୁ ସିଂହ କହନ୍ତି– "ମର୍ଦ୍ଦଳାକାରରେ ପାଞ୍ଜି ବନ୍ଧାହୋଇ ରହେ, ତେଣୁ ଏହାର ନାମ ମାଦଳାପାଞ୍ଜି।" (ପୃ: ୫୩୯) ଏହି ମତକୁ ଗ୍ରହଣ କରି ରମାପ୍ରସାଦ ଚନ୍ଦ କହନ୍ତି ଯେ ପାଞ୍ଜି ଅଖଣ୍ଡିତ ତାଳପତ୍ରରେ ଲିଖିତ ହେବାପରେ ଏହାର ଦୁଇମୁଣ୍ଡ ବନ୍ଧାହୋଇ ରଖାଯାଏ। ଆକାରରେ ଏହା ମର୍ଦ୍ଦଳ ବା ମାଦଳା (ମୃଦଙ୍ଗଜାତୀୟ ବାଦ୍ୟବିଶେଷ) ଭଳି ଦିଶୁଥିବାରୁ ଏହାର ନାମ ମାଦଳାପାଞ୍ଜି। ସେହି ମତକୁ ବହୁ ଐତିହାସିକ ଗ୍ରହଣ କରନ୍ତି। ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ପଣ୍ଡିତ ସଦାଶିବ ରଥଶର୍ମା, ଡକ୍ଟର ମାୟାଧର ମାନସିଂହ ପ୍ରମୁଖ ବିଦ୍ୱାନଗଣ ମଧ୍ୟ ଏପରି ମତର ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥକ। ଏହି ଧାରଣାଟି ଓଡ଼ିଆମାନଙ୍କର ଏପରି ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ, ଯେକୌଣସି ଏକ ଅସଂଲଗ୍ନ ବୃହଦାକାରର ଖାତା ବା କାଗଜ ବିଡ଼ାକୁ ଓଡ଼ିଆମାନେ ବେଳେବେଳେ 'ମାଦଳାପାଞ୍ଜି' ବୋଲି କହିଥାନ୍ତି।

'ମାଦଳା'ର ଆଭିଧାନିକ ଅର୍ଥ ହସ୍ତପଦହୀନ ଶରୀର। ଜଗନ୍ନାଥ ମହାପ୍ରଭୁ ଅସମ୍ପୂର୍ଣ୍ଣ ବା ହସ୍ତପଦହୀନ ମାଦଳ ହୋଇଥିବାରୁ ତାଙ୍କୁ କେନ୍ଦ୍ରକରି ରଚିତ ଏହି ପାଞ୍ଜିକୁ 'ମାଦଳାପାଞ୍ଜି' ଭାବରେ ନାମିତ କରିବାକୁ କେତେକ ସମାଲୋଚକ ଉଚିତ ମନେକରନ୍ତି; ମାତ୍ର ଜଗନ୍ନାଥ ମାଦଳ ନୁହନ୍ତି। ଓଡ଼ିଆ ସାହିତ୍ୟର ଦୀର୍ଘ ପରମ୍ପରାରେ କେହି ଜଣେ କବି ଜଗନ୍ନାଥଙ୍କୁ ମାଦଳ ଭାବରେ ବର୍ଣ୍ଣନ କରିନାହାନ୍ତି। ବରଂ ଭକ୍ତଗଣ ତାଙ୍କୁ 'କଳାଶ୍ରୀମୁଖ' ଭାବରେ ଅଭିହିତ କରି ତାଙ୍କର ସୌନ୍ଦର୍ଯ୍ୟଗାନ କରିବାରେ ବିଭୋର। (ଏ ସମ୍ବନ୍ଧରେ ଡକ୍ଟର ମାୟାଧର ମାନସିଂହଙ୍କ ଅଭିମତ ପ୍ରଣିଧାନଯୋଗ୍ୟ– ଓ:ସା:ଇ:, ପୃ: ୭୭) ନିଜର ଆରାଧ୍ୟ ଦେବତା ବିଶ୍ୱବନ୍ଦ୍ୟ ଶ୍ରୀଜଗନ୍ନାଥଙ୍କୁ ମାଦଳ ବୋଲି ଚିନ୍ତାକରି ଏପରି ଏକ ବିକୃତ ଚିନ୍ତାଧାରାକୁ କାଳକାଳକୁ ରଖିଯିବାକୁ ସମକାଳୀନ ବିଦ୍ୱାନଗଣ କଦାପି ଇଚ୍ଛାକରି ନ ଥିବେ। ଏଣୁ ଏହି ମତଟି ଆଦୌ ଗ୍ରହଣଯୋଗ୍ୟ ନୁହେଁ।

ଗବେଷକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଓଡ଼ିଶାରୁ ମିଳିଥିବା ଅଭିଲେଖମାନଙ୍କରେ ବ୍ୟବହୃତ 'ମୋଦଲି' ଓ 'ମୋଦଲୁଗାଁ' ଶବ୍ଦ ଦୁଇଟିର ପରିଚୟ ପାଇଛନ୍ତି। ଏ ଦୁଇଟି ତେଲୁଗୁ ଶବ୍ଦ। ଏଥିରୁ 'ମାଦଳା' ଶବ୍ଦ ଉତ୍ପନ୍ନ ବୋଲି ସେ ବିଶ୍ୱାସ କରନ୍ତି। 'ମୋଦଲି'ର ଅର୍ଥ ପ୍ରଥମ ଓ 'ମୋଦଲୁଗାଁ'ର ଅର୍ଥ ଆରମ୍ଭ ହୋଇଥିବାରୁ ତାଙ୍କ ମତରେ ମାଦଳାର ଅର୍ଥ ହେଉଛି ପ୍ରଥମେ ଯେଉଁ ପାଞ୍ଜି ଲିଖିତ ହୋଇଆସୁଅଛି, କିମ୍ବା ପ୍ରଥମରୁ ବା ମୂଳରୁ ସମସ୍ତ ଘଟଣାର ସଂକଳନ ଯେଉଁ ପାଞ୍ଜିରେ କରାହୋଇଆସିଛି। ଡକ୍ଟର ଗଗନେନ୍ଦ୍ରନାଥ ଦାସ ମଧ୍ୟ ଏହି ମତର ଜଣେ ବଳିଷ୍ଠ ସମର୍ଥକ।

କେତେକ ପ୍ରାଚୀନ ଶାସ୍ତ୍ର ଅନୁସାରେ ମାଦଳା ଦୁଇଟି ଶବ୍ଦ (ମାଦ+ଳା)ର ସମଷ୍ଟି। 'ମାଦ'ର ଅର୍ଥ ଗୌରବ ବା ପ୍ରଶଂସାମୂଳକ ଉକ୍ତି ଏବଂ 'ଳା'ର ଅର୍ଥ ସଂକଳନ ବା ସଂଗ୍ରହ। ଅତଏବ 'ମାଦଳା'ର ଅର୍ଥ ରାଜାମାନଙ୍କ ଗୌରବାବହ ଇତିହାସର ସଂକଳନ

ଏବଂ ଯେଉଁ ପାଞ୍ଜିରେ ଏହି ଇତିହାସ ସଂକଳିତ ତାହା 'ମାଦଳାପାଞ୍ଜି'।

ଉପରୋକ୍ତ ଆଲୋଚନାରୁ ଦେଖିବାକୁ ମିଳେ ଯେ ବିଭିନ୍ନ ସମାଲୋଚକ ବିଭିନ୍ନ ଦୃଷ୍ଟିରୁ ଆଲୋଚ୍ୟ ପାଞ୍ଜିର 'ମାଦଳା' ନାମକରଣର ସାର୍ଥକତା ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏଥି ମଧ୍ୟରୁ ଐତିହାସିକ ଜଗବନ୍ଧୁ ସିଂହଙ୍କ ମତ ଓ ଶେଷୋକ୍ତ ମତଟି ଅଧିକ ଯୁକ୍ତିଯୁକ୍ତ ମନେହେଉଥିବାରୁ ଏ ଦୁଇଟିକୁ ନିର୍ବିବାଦରେ ଗ୍ରହଣ କରାଯାଇପାରେ।

**୧.୭.୩.- ମାଦଳାପାଞ୍ଜିର କାଳବିଚାର :**

'ମାଦଳାପାଞ୍ଜି'ର କାଳ ନିର୍ଣ୍ଣୟ କ୍ଷେତ୍ରରେ ଆଲୋଚକମାନଙ୍କ ମଧ୍ୟରେ ମତଦ୍ୱୈଧର ଅନ୍ତ ନାହିଁ। ଇଂରେଜମାନେ ଓଡ଼ିଶା ଅଧିକାର କରିବାପରେ ଓଡ଼ିଶାର ଇତିହାସ ରଚନା କରିବା ପାଇଁ ଷ୍ଟର୍ଲିଂ, ହଣ୍ଟର ପ୍ରମୁଖ ଇଂରେଜ ଐତିହାସିକଗଣ ଯେତେବେଳେ ଆଗେଇ ଆସିଲେ, ସେତେବେଳେ ସେମାନଙ୍କୁ 'ମାଦଳାପାଞ୍ଜି' ଉପରେ ନିର୍ଭର କରିବାକୁ ପଡ଼ିଥିଲା। ଏଥିରେ ଥିବା ଐତିହାସିକ ତଥ୍ୟ ସେମାନଙ୍କ ଇତିହାସ ଲେଖିବାର ଥିଲା ମୂଳବସ୍ତୁ। ତାପରେ ରାଜେନ୍ଦ୍ରଲାଲ ମିତ୍ର, ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖ ଐତିହାସିକ ମଧ୍ୟ ମାଦଳାପାଞ୍ଜିର ଐତିହାସିକ ଗୁରୁତ୍ୱ ସଂପର୍କରେ ସନ୍ଦେହ ପ୍ରକାଶ କଲେ। ସେହିଦିନଠାରୁ ଐତିହାସିକ ଓ ଗବେଷକମାନଙ୍କ ମତ ପରିବର୍ତ୍ତନ ହେବାକୁ ଲାଗିଲା। 'ମାଦଳାପାଞ୍ଜି'ରେ କେତେ ସତ୍ୟ ଓ କେତେ ମିଥ୍ୟା ରହିଛି, ତାହା ଜାଣିବାକୁ ଗବେଷକଗଣ ଲାଗିପଡ଼ିଲେ। ଏହି ପରିପ୍ରେକ୍ଷୀରେ 'ମାଦଳାପାଞ୍ଜି'ର ରଚନାକାଳ ନିର୍ଣ୍ଣୟ କରିବା ଦିଗରେ ଆଗେଇଯାଇ ଗବେଷକଗଣ ବିଭିନ୍ନ ମତ ପ୍ରଦାନ କଲେ। ଐତିହାସିକଗଣ ଇତିହାସ ଦୃଷ୍ଟିରୁ ଓ ସାହିତ୍ୟିକଗଣ ଭାଷାଦୃଷ୍ଟିରୁ ବିଚାରକରି ଏହାର କାଳ ନିର୍ଣ୍ଣୟ କରିଥିବାର ଦେଖାଯାଏ। ଆଲୋଚନାର ସୁଗମତା ଦୃଷ୍ଟିରୁ ବିଭିନ୍ନ ଅଭିମତ ପୋଷଣକାରୀଙ୍କୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। 'ମାଦଳାପାଞ୍ଜି' ୧୧ଶ, ୧୨ଶ ବା ୧୩ଶ ଶତାବ୍ଦୀରେ ରଚିତ ହୋଇଛି ବୋଲି ଯେଉଁମାନେ ମତ ଦିଅନ୍ତି ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ, ୧୫ଶ ବା ୧୬ଶ ଶତାବ୍ଦୀର ରଚନାଭାବରେ ଗ୍ରହଣ କରୁଥିବା ଆଲୋଚକମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଓ ଏହାର ପରବର୍ତ୍ତୀ ଶତାବ୍ଦୀର ରଚନାବୋଲି ଯେଉଁମାନେ ମତବ୍ୟକ୍ତ କରନ୍ତି, ସେମାନଙ୍କୁ ତୃତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇପାରେ।

**ପ୍ରଥମ ପର୍ଯ୍ୟାୟର ଆଲୋଚକଗଣ–** ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପାଞ୍ଜିର କିଛି ଅଂଶ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ'ରେ ପ୍ରକାଶ କରି ଏହାର ମୁଖବନ୍ଧରେ ପାଞ୍ଜିର ଭାଷା ୧୧ଶ-୧୨ଶ ଶତାବ୍ଦୀର ଭାଷାଠାରୁ ପ୍ରାଚୀନତର ନୁହେଁ ବୋଲି କରିଛନ୍ତି। ପୁଣି ସେ ଯେଉଁ ପୋଥିରୁ ପାଠ ଗ୍ରହଣ କରି ଏଥିରେ ପ୍ରକାଶ କରିଥିଲେ, ତାହା ୫୦୦ କି ୬୦୦ ବର୍ଷର ପୋଥି ବୋଲି ସେ କହିଛନ୍ତି। ୧୯୪୦ ଖ୍ରୀଷ୍ଟାବ୍ଦରେ ତାଙ୍କଦ୍ୱାରା ସମ୍ପାଦିତ ହୋଇ ପ୍ରକାଶିତ ହୋଇଥିବା 'ମାଦଳାପାଞ୍ଜି'ର ମୁଖବନ୍ଧରେ ସେ କହିଛନ୍ତି ଯେ ଚୁଡ଼ଙ୍ଗଦେବଙ୍କ ପରକାଳରୁ ଅର୍ଥାତ୍ ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀଠାରୁ ମାଦଳାପାଞ୍ଜି ଧାରାବାହିକ ଭାବରେ ଲିଖିତ ହୋଇଅଛି।

ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତକୁ ଅର୍ଥାତ୍ ଖ୍ରୀଷ୍ଟପର ୧୨ଶ ଶତାବ୍ଦୀର ଗଙ୍ଗସମ୍ରାଟ ଚୋଳଗଙ୍ଗଦେବଙ୍କଠାରୁ ପାଞ୍ଜି ଲିଖିତ ହୋଇଥିବା ମତକୁ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ପ୍ରଣେତା ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ଓ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ (ଖ୍ରୀ: ୧୧୧୨ ପରେ) ଐତିହାସିକ କୃପାସିନ୍ଧୁ ମିଶ୍ର, ଡକ୍ଟର ମାୟାଧର ମାନସିଂହ, ଶ୍ରୀ ଅନିରୁଦ୍ଧ ଦାସ ପ୍ରମୁଖ ବିଦ୍ୱାନଗଣ ମଧ୍ୟ ସମର୍ଥନ କରନ୍ତି। ପ୍ରଖ୍ୟାତ ଭାଷାବିତ୍ ଡକ୍ଟର ସୁନୀତିକୁମାର ଚାଟାର୍ଜୀଙ୍କ ମତରେ ଏହାର ଲିଖନ କାର୍ଯ୍ୟ ଜଗନ୍ନାଥ ମନ୍ଦିର ପୁନଃନିର୍ମିତ ହେବାପରେ ଅର୍ଥାତ୍ ୧୨ଶ ଶେଷଭାଗଠାରୁ ଆରମ୍ଭ ହୋଇଛି।

**ଦ୍ୱିତୀୟ ପର୍ଯ୍ୟାୟର ଆଲୋଚକଗଣ–** ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ 'ମାଦଳାପାଞ୍ଜି' ୧୬ଶ ଶତାବ୍ଦୀରେ ଓଡ଼ିଶା ମୋଗଲମାନଙ୍କଦ୍ୱାରା ଅଧିକୃତ ହେବାପରେ ଲେଖାଯାଇଛି। ପଣ୍ଡିତ ନୀଳକଣ୍ଠ ଦାସ ମାଦଳାପାଞ୍ଜିରେ ସ୍ଥାନିତ ହୋଇଥିବା ସେକାଳର

ଘଟଣାମାନଙ୍କର ଉଲ୍ଲେଖକୁ ନାନାଆଡୁ ବିଚାରକରି ମାଦଳାପାଞ୍ଜିର କୌଣସି ଲେଖା ଭୋଇବଂଶର ପ୍ରଥମ ରାମଚନ୍ଦ୍ରଦେବ (ଖ୍ରୀ: ୧୫୯୨-୧୬୦୭)ଙ୍କ କାଳରୁ ପ୍ରାଚୀନ ନୁହେଁ ବୋଲି ପ୍ରକାଶ କରିଛନ୍ତି । ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ ମାଦଳାପାଞ୍ଜିର ରଚନାକାଳକୁ ୧୬ଶ ଶତାବ୍ଦୀ ଭାବରେ ଗ୍ରହଣ କରନ୍ତି । ସେ ଏ କ୍ଷେତ୍ରରେ ରମାପ୍ରସାଦ ଚନ୍ଦଙ୍କୁ ଅନୁସରଣ କରିଛନ୍ତି । ୧୯୪୭ ମସିହାରେ ରମାପ୍ରସାଦ ଚନ୍ଦ ପାଞ୍ଜିରେ 'ମୁଗଲ' ଶବ୍ଦର ସନ୍ଧାନ ପାଇ ଭାଷାତତ୍ତ୍ୱଦୃଷ୍ଟିରୁ ଏହା ମୋଗଲମାନଙ୍କର ଓଡ଼ିଶା ଅଧିକାର କରିବା ପରେ ରଚିତ ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ଡକ୍ଟର ବଂଶୀଧର ମହାନ୍ତି ମଧ୍ୟ ଏହି ମତରେ ସମର୍ଥକ । ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପାଞ୍ଜି ୧୫ଶ ଶତାବ୍ଦୀରୁ ରଚିତ ହୋଇଥିବା ପ୍ରକାଶ କରନ୍ତି ।

ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏ ସଂପର୍କରେ ବଳିଷ୍ଠ ଯୁକ୍ତି ପ୍ରଦର୍ଶନ କରି ପାଞ୍ଜିର ରଚନା ୧୬ଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ପ୍ରକାଶ କରନ୍ତି । ତାଙ୍କ ମତରେ, ମାଦଳାପାଞ୍ଜିରେ ଗଙ୍ଗବଂଶର ରାଜା ଚୋଳଗଙ୍ଗ ଦେବଙ୍କୁ ରାଣ୍ଡିପୁଅ ଓ ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ରଦେବଙ୍କୁ ଖପରାଚଟା ଗାଈ ଜଗୁଆଳ, ଚୋର ଇତ୍ୟାଦି ଆଖ୍ୟା ଦିଆଯାଇଛି । ଯଦି ଗଙ୍ଗବଂଶର ଜଣେ ରାଜା ଏ ଲେଖା ସମୟକୁ ଜୀବିତ ଥା'ନ୍ତେ, ତେବେ ଲିଖନକାରୀଙ୍କୁ ଶିରଚ୍ଛେଦ ଦଣ୍ଡ ନିଶ୍ଚିତ ମିଳିଥାନ୍ତା । ତେଣୁ ଏହା ଗଙ୍ଗ ଶାସନକାଳରେ ରଚିତ ନୁହେଁ । ସେହିପରି ସୂର୍ଯ୍ୟବଂଶର ସ୍ଥାପୟିତା ପ୍ରବଳ ପରାକ୍ରମୀ କପିଳେନ୍ଦ୍ରଦେବଙ୍କର ଏପରି କୁତ୍ସାରଟନା କରିବା ତାଙ୍କ ସମୟରେ ବା ତାଙ୍କ ବଂଶ ଶାସନର ସମୟ ସୀମା ମଧ୍ୟରେ ଆଦୌ ସମ୍ଭବ ନୁହେଁ । ତେଣୁ ଏହା ସୂର୍ଯ୍ୟବଂଶ ରାଜତ୍ୱକାଳୀନ ନୁହେଁ । ଭୋଇବଂଶ ରାଜା ରାମଚନ୍ଦ୍ରଦେବଙ୍କୁ ପାଞ୍ଜିରେ ପ୍ରଶଂସା କରାଯାଇ ୨ୟ ଇନ୍ଦ୍ରଦ୍ୟୁମ୍ନ ଭାବରେ ଅଭିହିତ କରାଯାଇଛି । ଏହି ଦୃଷ୍ଟିରୁ ଏହା ୧୬ଶ ଶତାବ୍ଦୀରେ ରଚିତ ବୋଲି ସେ ବିଶ୍ୱାସ କରନ୍ତି । ତାଙ୍କ ମତରେ ପାଞ୍ଜିରେ ବ୍ୟବହୃତ ଅମୁରା (ଅମୀର), ପାତିଶା (ପାତ୍‌ସା ବା ବାଦ୍‌ସା), ମୋଗଲ, ପଠାଣ, ନବାବ, ଜମିଦାର, ନସ୍କର ପ୍ରଭୃତି ବହୁ ଆରବୀ ଓ ପାର୍ଶୀ ଶବ୍ଦ ଏହାର ରଚନାକାଳକୁ ମୋଗଲମାନଙ୍କ ଓଡ଼ିଶା ଆଗମନର ପରବର୍ତ୍ତୀ ବୋଲି ପ୍ରମାଣିତ କରେ । ପୁନଶ୍ଚ ଅନଙ୍ଗଭୀମଦେବଙ୍କୁ କଳବର୍ଗେଶ୍ୱର ଉପାଧିରେ ଭୂଷିତ କରାଯାଇଥିବା ଲକ୍ଷ୍ୟକରି ସେ ମତ ଦିଅନ୍ତି ଯେ କପିଳେନ୍ଦ୍ରଦେବ କୁଲବର୍ଗ ଅଧିକାର କରି କଳବର୍ଗେଶ୍ୱର ଉପାଧି ଧାରଣ କରିଥିଲେ । ପାଞ୍ଜି ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ରଚିତ ହେଲାବେଳକୁ ଏହି ଉପାଧି ଓଡ଼ିଶାର ଗଜପତି ରାଜାମାନେ ବ୍ୟବହାର କରୁଥିବାରୁ ପାଞ୍ଜିକାର ଏ ଉପାଧିକୁ ଅନଙ୍ଗଭୀମଦେବଙ୍କଠାରେ ଯୋଗ କରିଦେଇଛନ୍ତି । ଏହି ମତଗୁଡ଼ିକୁ ସମର୍ଥନ କରି ଏବଂ ସମକାଳୀନ ଓଡ଼ିଆ ସାହିତ୍ୟରୁ ଉଦାହରଣମାନ ପ୍ରଦାନ କରି ଆଲୋଚକ ଶ୍ରୀ ରମେଶ ପ୍ରସାଦ ମହାପାତ୍ର ମାଦଳାପାଞ୍ଜିକୁ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧର ରଚନାଭାବରେ ପ୍ରତିପାଦନ କରିଛନ୍ତି (ଝଙ୍କାର ୧୫୮) । ପଣ୍ଡିତ ନୀଳମଣି ମିଶ୍ରଙ୍କ ମତରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ସପ୍ତମ ଦଶକଠାରୁ ଆରମ୍ଭକରି ଊନବିଂଶ ଶତାବ୍ଦୀ ମଧ୍ୟରେ ଭିନ୍ନ ଭିନ୍ନ ଲୋକଙ୍କଦ୍ୱାରା 'ମାଦଳାପାଞ୍ଜି' ରଚନା କରାଯାଇଛି । (ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ, ପୃ: ୩୩-୩୪)

**ତୃତୀୟ ପର୍ଯ୍ୟାୟର ଆଲୋଚକଗଣ–** ମୋଗଲମାନଙ୍କ ଓଡ଼ିଶା ଅଧିକାର ପରେ ପାଞ୍ଜି ରଚିତ ହୋଇଥିବ ବୋଲି ଅନୁମାନ କରି ପଣ୍ଡିତ ବିନାୟକ ମିଶ୍ର ଏହାର ରଚନାକାଳ ୧୭ଶ ଶତାବ୍ଦୀ ବୋଲି ଗ୍ରହଣ କରନ୍ତି । ଐତିହାସିକ ଡକ୍ଟର ନବୀନ କୁମାର ସାହୁ ଏହା ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗର (ପ୍ରାୟ ଖ୍ରୀଷ୍ଟାବ୍ଦ ୧୮୧୭-୧୮) ରଚନା ବୋଲି ମତ ଦିଅନ୍ତି; କିନ୍ତୁ ଏ ଅଭିମତ ଆଦୌ ଗ୍ରହଣଯୋଗ୍ୟ ନୁହେଁ । କାରଣ ପ୍ରାଚୀନ ପରମ୍ପରାରହିତ ଓ ମାତ୍ର ୧୮୧୭-୧୮୧୮ ଖ୍ରୀଷ୍ଟାବ୍ଦରେ ରଚିତ ପାଞ୍ଜି ଉପରେ ନିର୍ଭର କରି ୧୮୨୨ ଖ୍ରୀଷ୍ଟାବ୍ଦରେ ଷ୍ଟର୍ଲିଂ ସାହେବ କଦାପି ଓଡ଼ିଶା ଇତିହାସ ଲେଖିବାକୁ ଚେଷ୍ଟିତ ହୋଇ ନଥାନ୍ତେ । ତେଣୁ ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ଏହି ସମୟର ବହୁ ପୂର୍ବରୁ ମାଦଳାପାଞ୍ଜି ଲିଖିତ ହୋଇ ଆସୁଥିଲା, ମାତ୍ର ଏହାର ରଚନାରେ ନିୟମିତତା ରହିପାରି ନ ଥିଲା ।

ଉପର୍ଯ୍ୟୁକ୍ତ ସମସ୍ତ ମତାମତକୁ ଅନୁଧ୍ୟାନ କରି ଏହା ପ୍ରକାଶ କରାଯାଇପାରେ ଯେ ନିଶ୍ଚିତ ଭାବରେ ମାଦଳାପାଞ୍ଜିର ପ୍ରାଚୀନ ପରମ୍ପରା ରହିଛି । ତଥାପି ଏହା କେବେଠାରୁ ଲିଖିତ ହେଲା ତାହା ନିର୍ଦ୍ଦିଷ୍ଟ ଭାବରେ କହିବା କଠିନ । ବହୁ ଆଲୋଚକଙ୍କ ମତରେ

ଏଥିରେ ବର୍ଣ୍ଣିତ ଷୋଡ଼ଶ ଶତାବ୍ଦୀ ପୂର୍ବର ଘଟଣାବଳୀ କିଂବଦନ୍ତୀ ଆଧାରିତ। ତେଣୁ ମନେହୁଏ, ଏହା ଷୋଡ଼ଶ ଶତାବ୍ଦୀରୁ ଅର୍ଥାତ୍ ମୋଗଲମାନେ ଓଡ଼ିଶାରେ ଶାସନ କରିବା ପରେ ଲେଖାଯାଇଛି। ଏହି ସମୟର ପୂର୍ବରୁ ଜନଶ୍ରୁତି ବା କିଂବଦନ୍ତୀ ଆକାରରେ ପୁରୁଷାନୁକ୍ରମେ ଚଳିଆସୁଥିବା ରାଜାମାନଙ୍କ ବିବରଣୀକୁ ଏଥିରେ ସ୍ଥାନ ଦିଆଯାଇଛି। ଏପରିକି ଅନ୍ୟାନ୍ୟ ପୁରାଣ ପରି କଳିଯୁଗର ଆରମ୍ଭରୁ ବିଭିନ୍ନ ରାଜା ଓ ସେମାନଙ୍କର କୀର୍ତ୍ତି ସମ୍ପର୍କୀୟ ସୂଚନା ଏଥିରେ ପ୍ରଦତ୍ତ ହୋଇଛି। ତାଳପତ୍ରରେ ଲିଖିତ ହୋଇ ରହୁଥିବା ପାଞ୍ଜିର ପତ୍ର ପୁରୁଣା ହୋଇଯିବାରୁ ନୂତନ ପତ୍ରରେ ଏହାକୁ ନକଲ କରିବାକୁ ପଡ଼ିଛି। ବାରମ୍ବାର ଏହି ନକଲ କାର୍ଯ୍ୟ ଚାଲିବା ଫଳରେ ନକଲକାରୀଙ୍କ ଅଜ୍ଞତାଯୋଗୁଁ ନକଲ କାର୍ଯ୍ୟରେ ବିଶେଷତଃ ଅଙ୍କ (ସଂଖ୍ୟା) ନକଲରେ ବହୁ ତ୍ରୁଟି ରହିଯାଇଛି। ପୁନଶ୍ଚ ଲିଖନକାରୀଙ୍କ ଅଜ୍ଞତାଯୋଗୁଁ ଏହା ଇତିହାସ ଅପେକ୍ଷା କିଂବଦନ୍ତୀର ଅଧିକ ନିକଟବର୍ତ୍ତୀ ହୋଇଯାଇଛି। ସେହିପରି ଉନବିଂଶ ଶତାବ୍ଦୀର ଆରମ୍ଭରେ (ଖ୍ରୀ: ୧୮୦୩) ଇଂରେଜମାନେ ଓଡ଼ିଶା ଅଧିକାର କରିବାପରେ ସଭ୍ୟ ଇଂରେଜମାନଙ୍କ ପ୍ରରୋଚନାରେ ମାଦଳାପାଞ୍ଜିର ଲିଖନକାର୍ଯ୍ୟ ତ୍ରୁଟିଶୂନ୍ୟ ଓ ଇତିହାସସମ୍ମତ ହୋଇଛି। ଆର୍ତ୍ତବାବୁଙ୍କ ସଂକଳିତ ମାଦଳାପାଞ୍ଜିର ଭାଷାକୁ ବିଚାରକୁ ନେଇ ଯେଉଁମାନେ ପାଞ୍ଜିକୁ ଅଧିକ ଅର୍ବାଚୀନ ମନେକରନ୍ତି, ସେମାନେ ଭୁଲିଯା'ନ୍ତି ଯେ ଏ ପାଞ୍ଜି ମୂଳପାଞ୍ଜି ନୁହେଁ। ପୁରୁଷାନୁକ୍ରମେ ପୁରୁଣା ତାଳପତ୍ରରୁ ନୂଆ ତାଳପତ୍ରକୁ ବହୁବାର ଏହାର ପାଠ ଉଠାଇବା ସମୟରେ ସମସାମୟିକ ଭାଷାର ସ୍ପର୍ଶରେ ଏହା କ୍ରମଶଃ ଆଧୁନିକ ହୋଇଯାଇଛି ଏବଂ ଏପରି ହେବା ମଧ୍ୟ ସ୍ୱାଭାବିକ। ଅତଏବ ମାଦଳାପାଞ୍ଜି ଯେ ଷୋଡ଼ଶ ଶତାବ୍ଦୀରୁ ଲିଖିତ ହୋଇଆସୁଅଛି, ଏହାକୁ ଅସ୍ୱୀକାର କରାଯାଇ ନପାରେ।

### ୧.୭.୪.- ସାହିତ୍ୟିକ ମୂଲ୍ୟ :

ମାଦଳାପାଞ୍ଜି ଶ୍ରୀମନ୍ଦିରର ଆୟବ୍ୟୟ, ରୀତିନୀତି ଓ ରାଜଭୋଗ ଇତିହାସ ସଂପର୍କୀୟ ବିବିଧ ବିବରଣୀରେ ପୂର୍ଣ୍ଣ। ଏଣୁ ଏହା କୌଣସି ସାହିତ୍ୟିକ ପ୍ରୟାସ ନୁହେଁ। ଏହା ଅର୍ଦ୍ଧଶିକ୍ଷିତ ତଡ଼ାଉ କରଣ, ଦେଉଳ କରଣ ଇତ୍ୟାଦି ରାଜକର୍ମଚାରୀମାନଙ୍କ ଦ୍ୱାରା ଲିପିବଦ୍ଧ ହେଉଥିଲା। ପ୍ରଥମେ ଐତିହାସିକ ସ୍ୱର୍ଗତ ଜଗବନ୍ଧୁ ସିଂହ ମାଦଳାପାଞ୍ଜି ସମ୍ପର୍କୀୟ ନିଜର ବହୁ ପ୍ରବନ୍ଧକୁ ୧୯୨୯ ଖ୍ରୀଷ୍ଟାବ୍ଦରେ 'ପ୍ରାଚୀନ ଉତ୍କଳ'ରେ ସ୍ଥାନିତ କଲେ। ଏହାପରେ ଏହାକୁ ସାହିତ୍ୟିକ ସ୍ୱୀକୃତି ମିଳିଲା ୧୯୩୦ ଖ୍ରୀଷ୍ଟାବ୍ଦରେ। ୧୯୩୦ ଖ୍ରୀଷ୍ଟାବ୍ଦରେ ବିହାର-ଓଡ଼ିଶା ପ୍ରଦେଶର ତତ୍କାଳୀନ ଶିକ୍ଷାବିଭାଗ ନିର୍ଦ୍ଦେଶକ ଫକ୍ସ ସାହେବ ଟ୍ରେନିଂ ସ୍କୁଲରେ ଉଚ୍ଚଧରଣର ଓଡ଼ିଆ ସାହିତ୍ୟ ପ୍ରବର୍ତ୍ତନର ଉପଯୋଗିତା ଉପଲବ୍ଧି କରି ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଖଣ୍ଡିଏ ଗ୍ରନ୍ଥ ସଂକଳନ କରିବାକୁ ଅନୁରୋଧ କଲେ। ଫଳରେ ୧୯୩୨ ଖ୍ରୀଷ୍ଟାବ୍ଦରେ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ପୁସ୍ତକ ପ୍ରକାଶିତ ହେଲା, ଯହିଁରେ ମାଦଳାପାଞ୍ଜିର କିଛି ଅଂଶ ଉଦ୍ଧାର କରାଯାଇଥିଲା। ତାପରେ ୧୯୪୦ ଖ୍ରୀଷ୍ଟାବ୍ଦରେ ସରକାରୀ ଅନୁଦାନ ଲାଭକରି 'ମାଦଳାପାଞ୍ଜି' ନାମକ ଗ୍ରନ୍ଥଟିଏ ପ୍ରକାଶ ପାଇଲା ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦନାରେ।

ପରବର୍ତ୍ତୀକାଳରେ 'ମାଦଳାପାଞ୍ଜି' ଉପରେ ବହୁ ଆଲୋଚକ ଆଲୋଚନା କରିଛନ୍ତି। କେତେଜଣ ଏହାର ଐତିହାସିକତାକୁ ସ୍ୱୀକାର କରିବାସ୍ଥଳେ ଆଉ କେତେଜଣ ସ୍ୱୀକାର କରି ନାହାନ୍ତି; କିନ୍ତୁ ଏଥିରେ କୌଣସି ସ୍ଥାନରେ ସାହିତ୍ୟର କଳାତ୍ମକ ପରିପ୍ରକାଶ ବା ଚିରନ୍ତନ ମୂଲ୍ୟବୋଧ ପ୍ରକାଶିତ ହେଉଥିବା ବିଷୟରେ ଏମାନେ ନୀରବ। ଏହା ଅର୍ଦ୍ଧ-ଐତିହାସିକ ତଥ୍ୟ-ସମ୍ବଳିତ ଏକ ବିବରଣୀ ହୋଇଥିବାରୁ ଏଥିରେ ସାମାଜିକ ପରିବେଶ ବିଷୟକ କେତେକ ସୂଚନା ବ୍ୟତୀତ ଭାବାତ୍ମକ ସାହିତ୍ୟର କୌଣସି ଲକ୍ଷଣ ପରିଦୃଷ୍ଟ ହୁଏନା। କବି ବା ଲେଖକ ଏହାର ଲେଖା ଦାୟିତ୍ୱରେ ଥିଲେ ହୁଏତ ଏହାର ବିବରଣୀଗୁଡ଼ିକୁ କଳ୍ପନାରସରେ ଅନୁରଞ୍ଜିତ କରି ପ୍ରକାଶ କରିଥାନ୍ତେ; ମାତ୍ର ଅର୍ଦ୍ଧଶିକ୍ଷିତ ରାଜକର୍ମଚାରୀଗଣଙ୍କ ପକ୍ଷରେ ଏପରି କରିବା ସମ୍ଭବ ନ ଥିଲା। ସେମାନେ ସାହିତ୍ୟିକ କଳ୍ପନାବିବର୍ଜିତ କେତେକ ଅବାସ୍ତବ କପୋଳକଳ୍ପିତ ତଥା ଅତିରଞ୍ଜିତ ଜନଶ୍ରୁତିକୁ ଏଥିରେ ସଂଯୋଜିତ କରିଛନ୍ତି। ଏଗୁଡ଼ିକ ପାଞ୍ଜିର ସାହିତ୍ୟିକ ଉପାଦାନ ଭାବରେ ଗୃହୀତ ହୋଇପାରେ।

ଏହି କାହାଣୀଗୁଡ଼ିକ ମଧ୍ୟରେ ଯଯାତିକେଶରୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଧାର ଓ ନୂତନ ମୂର୍ତ୍ତିନିର୍ମାଣ, ଘଟକେଶରୀଙ୍କ ଶାଳକ ନବଘନ ସିଂହରାୟଙ୍କ କୀର୍ତ୍ତି, ବସୁଦେବ ବ୍ରାହ୍ମଣଙ୍କ ନିମନ୍ତ୍ରଣକ୍ରମେ ଚୋଳଗଙ୍ଗଦେବଙ୍କ ଓଡ଼ିଶା ଆଗମନ ଓ ସିଂହାସନ ଅଧିକାର, ରାଜା ମଦନ ମହାଦେବଙ୍କ ଦ୍ୱାରା ବୌଦ୍ଧଶ୍ରମଣ ଓ ବ୍ରାହ୍ମଣଙ୍କର ଶକ୍ତି ପରୀକ୍ଷା, ଅନଙ୍ଗ ଭୀମଦେବଙ୍କର ବ୍ରହ୍ମହତ୍ୟା, ପୁରୀ ମନ୍ଦିର ନିର୍ମାଣ, ଶିବାଇ ସାଆନ୍ତରାଙ୍କ ଖିରି ଖିଆ, ଗଙ୍ଗେଶ୍ୱରଦେବଙ୍କର ନିଜ କନ୍ୟା ଉପଭୋଗ ଓ କୌଶଲ୍ୟାଗଙ୍ଗ ପୁଷ୍କରିଣୀ ଖନନ, ନୀଳୀ କୁମ୍ଭାରୁଣୀ ଉପାଖ୍ୟାନ, ନାଗସାପ ଓ କପିଳେନ୍ଦ୍ରଦେବ ପ୍ରସଙ୍ଗ, କପିଳେନ୍ଦ୍ରଦେବଙ୍କ ସିଂହାସନ ପ୍ରାପ୍ତି, କାଶିଆ-କପିଳା ଭେଟ, ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ଇତ୍ୟାଦି କାହାଣୀମାନ ପ୍ରଧାନ। ଏହିପରି ବହୁ କାହାଣୀ ଓ କିଂବଦନ୍ତୀରେ ପୂର୍ଣ୍ଣ ହୋଇଥିବାରୁ 'ମାଦଳାପାଞ୍ଜି'କୁ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏକ କିଂବଦନ୍ତୀମୂଳକ ସଂକଳନ ବୋଲି ମତ ଦିଅନ୍ତି।

ଏହି କାହାଣୀଗୁଡ଼ିକ ମନୋରମ ଢଙ୍ଗରେ ପରିବେଷିତ ହୋଇଛି। ସ୍ଥଳବିଶେଷରେ ଏଗୁଡ଼ିକର ଉପସ୍ଥାପନାରେ ନାଟକୀୟତା ରକ୍ଷିତ ହୋଇଛି। ପୁଣି ବୌଦ୍ଧଶ୍ରମଣ ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ଶକ୍ତିପରୀକ୍ଷା, ଶିବେଇ ସାଆନ୍ତରାଙ୍କ ଖିରିଖିଆ ଇତ୍ୟାଦି କାହାଣୀମାନଙ୍କରେ ନାଟକୀୟ ଉତ୍କଣ୍ଠାର ସନ୍ଧାନ ମିଳିଥାଏ। ମଝିରେ ମଝିରେ ପାଠକୀୟ କୌତୂହଳ ଓ ଉଦ୍ଦୀପନା ଲାଗି ସୁଯୋଗ ସ୍ୱତଃ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଏ। ସ୍ଥଳବିଶେଷରେ ଏଥିରେ ପ୍ରକାଶିତ ପରୋକ୍ଷ ମନ୍ତବ୍ୟମାନଙ୍କରୁ ବ୍ୟଙ୍ଗ ବିଦ୍ରୂପର ଆଭାସ ମଧ୍ୟ ମିଳେ।

ପରବର୍ତ୍ତୀକାଳୀନ ଓଡ଼ିଆ ସାହିତ୍ୟରେ ଏହି କାହାଣୀଗୁଡ଼ିକର ପ୍ରଭୂତ ପ୍ରଭାବ ପରିଲକ୍ଷିତ ହୁଏ। ମାଦଳାପାଞ୍ଜି ବର୍ଣ୍ଣିତ କାଞ୍ଚିବିଜୟର ବିଷୟବସ୍ତୁକୁ ଉପଜୀବ୍ୟ କରି ସପ୍ତଦଶ ଶତାବ୍ଦୀରେ ପୁରୁଷୋତ୍ତମ ଦାସ 'କାଞ୍ଚିକାବେରୀ' କାବ୍ୟ ରଚନା କରିଥିଲେ। ରାମଶଙ୍କରଙ୍କ 'କାଞ୍ଚିକାବେରୀ' ନାଟକ, ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମଦେବ' ନାଟକ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ 'ଅଭିଯାନ' ନାଟକ ଇତ୍ୟାଦି ଏହିପରି ଆଉ କେତୋଟି ରଚନା, ଯେଉଁଥିରେ 'ମାଦଳାପାଞ୍ଜି'ର କଥାବସ୍ତୁକୁ ଗ୍ରହଣ କରାଯାଇଛି। ରାଧାନାଥଙ୍କର 'ପାର୍ବତୀ' କାବ୍ୟରେ 'ମାଦଳାପାଞ୍ଜି' ବର୍ଣ୍ଣିତ ଗଙ୍ଗେଶ୍ୱର ଦେବଙ୍କର ସ୍ୱକନ୍ୟା ସହିତ ଅବୈଧ ପ୍ରଣୟର କାହାଣୀକୁ ଗ୍ରହଣ କରାଯାଇଛି। ସେହିପରି ତାଙ୍କ 'ଚିଲିକା' କାବ୍ୟରେ ବର୍ଣ୍ଣିତ ରକ୍ତବାହୁ ପ୍ରସଙ୍ଗ 'ମାଦଳାପାଞ୍ଜି'କୁ ଅନୁସରଣ କରିଛି। ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ' ଓ 'ନୀଳାଦ୍ରିବିଜୟ' ଉପନ୍ୟାସଦ୍ୱୟ 'ମାଦଳାପାଞ୍ଜି'ରୁ ଗୃହୀତ କଥାବସ୍ତୁର ଅବଲମ୍ବନରେ ଲିଖିତ। "ତେଣୁ ମାଦଳାପାଞ୍ଜି ଗୋଟିଏ ଦୀର୍ଘ ବିବରଣାତ୍ମକ ପ୍ରୟାସ ହେଲେ ମଧ୍ୟ ଏହା ପରବର୍ତ୍ତୀ ସାହିତ୍ୟ ସୃଷ୍ଟିରେ ବହୁଭାବରେ ସହାୟତା କରିଛି। ଇଂରେଜୀ ସାହିତ୍ୟର Holinshed's chronicles ପରି ଏହା ବହୁକାଳଧରି ସାରସ୍ୱତ ସୃଷ୍ଟିଲାଗି ଉପାଦାନ ଯୋଗାଇ ଆସୁଅଛି। ଏ ପର୍ଯ୍ୟନ୍ତ ମାଦଳାପାଞ୍ଜିର ସାହିତ୍ୟିକ ପ୍ରଭାବ ଅବ୍ୟାହତ ରହିଥିବାରୁ, ଏହାର ସାହିତ୍ୟିକ ମୂଲ୍ୟକୁ ଅସ୍ୱୀକାର କରିବାପାଇଁ କୌଣସି ଯୁକ୍ତି ନାହିଁ। ଅନଙ୍ଗଭୀମଦେବଙ୍କ ବିଜ୍ଞପ୍ତି ସମଗ୍ର ଓଡ଼ିଆ ସାହିତ୍ୟରେ ଅନନ୍ୟ। କୌଣସି ପ୍ରାଚୀନ ସାହିତ୍ୟରେ ଏପରି ସମସାମୟିକ ଅବସ୍ଥା ସୂଚକ ଦୀର୍ଘ ଭାଷଣ ପରିଲକ୍ଷିତ ହୁଏନାହିଁ। ସେହି ଦୃଷ୍ଟିରୁ ଏହାର ବିଚାର କରାଯିବା ଉଚିତ। ଷୋଡ଼ଶ ଶତାବ୍ଦୀର ସାହିତ୍ୟ ସାଧନା ସଂପୂର୍ଣ୍ଣତଃ ପଦ୍ୟରଚନାରେ ସୀମିତ ଥିଲାବେଳେ ମାଦଳାପାଞ୍ଜିର ଏହି ଗଦ୍ୟ ଉପାଖ୍ୟାନ ରଚନା ବାସ୍ତବରେ ବିସ୍ମୟକର ଓ ବିପ୍ଳବାତ୍ମକ।" (ସମାଲୋଚନା ଦୃଷ୍ଟିରୁ, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ପୃ: ୧୨୮-୨୯)

ମାଦଳାପାଞ୍ଜିର ଭାଷା କୌଣସି ନିର୍ଦ୍ଦିଷ୍ଟ କାଳର ଭାଷା ନୁହେଁ। ସମୟାନୁକ୍ରମେ ଲିଖିତ ହେଉଥିବାରୁ ଏଥିରେ ଭାଷା ଓ ଶୈଳୀର କ୍ରମବିକାଶ ପରିଲକ୍ଷିତ ହୁଏ। ପୁଣି ଏ ଭାଷା କୌଣସି ନିର୍ଦ୍ଦିଷ୍ଟ ସମୟର ସାହିତ୍ୟିକ ଭାଷା ମଧ୍ୟ ନୁହେଁ; ଅର୍ଦ୍ଧଶିକ୍ଷିତ ପଞ୍ଜିକାରଗଣ ଏହାକୁ ନିଜ ଭାଷାରେ ରଚନା କରିଥିବାରୁ ଏହାର ଭାଷା ସଂପୃକ୍ତ ସମୟର ଲୋକଭାଷା।

ଏହାର ବାକ୍ୟଗଠନ ପ୍ରଣାଳୀରେ ଭିନ୍ନତା ପରିଲକ୍ଷିତ ହୁଏ। ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଲେଖକଙ୍କ ଦ୍ୱାରା ପାଞ୍ଜି ରଚନା ଏହି ଭିନ୍ନତାର ହେତୁ। ଏଥିରେ କେତେକ ସ୍ଥଳରେ ଦୀର୍ଘ ବାକ୍ୟ ଦେଖିବାକୁ ମିଳେ; ଯେପରି– ଏମନ୍ତରେ ଏକ ଦିନରେ ରଙ୍କାଏ

ବିଜେକରି ଆସି ମହାନଦୀ ପାରହୋଇ ଏ ନଦୀରୁ ଦକ୍ଷିଣ ତୀରରେ ଦେଖିଲେ କୋଦଣ୍ଡା ଦଣ୍ଡପାଟରେ ବାରବାଟି ଗ୍ରାମରେ ବିଶ୍ୱେଶ୍ୱର ଦେବଙ୍କର ସନିଧେ ଶାମଳା ପକ୍ଷିକି ବଗ ମାଡ଼ି ବସିଅଛି।" (ପୃ: ୨୭) ସେହିପରି କେତେକ ବାକ୍ୟ ଅତି କ୍ଷୁଦ୍ର; ଯଥା– 'କଳିଯୁଗ ଜନ୍ମାଦି ଚାରିଲକ୍ଷ ବତିଶ ସହସ୍ର ବର୍ଷ। ଏ ଯୁଗେ ରାଜାମାନେ ଭୋଗ କଲେ। ଏ ଯୁଗେ ଧର୍ମପାଦେ। ପାପ ତିନି ପାଦେ। ମନୁଷ୍ୟମାନେ ବଢ଼ନ୍ତି ତିନିହାତ ଦିପା। କଳିଯୁଗ ରୂପ କେମନ୍ତ ଅଟଇ। ବିଭୂତି ବିଲେପନ ହୋଇଛି। ଭାର୍ଯ୍ୟାକୁ କାନ୍ଧରେ ବହିଅଛି।" (ପୃ: ୧୦୨-୧୦୩) "ଗଙ୍ଗବଂଶରୁ ଜାତ ଆଦିପାଟ ଚୂଡ଼ଙ୍ଗଦେବ। ଏ ଚୂଡ଼ଙ୍ଗଦେବ ବେତାଳସାଧ" (ପୃ: ୨୨) ଭଳି କେତେକ କ୍ରିୟାହୀନ ବାକ୍ୟ ଏଥିରେ ରହିଛି। ସେହିପରି କେତେକ କର୍ତାବିହୀନ ବାକ୍ୟର ବ୍ୟବହାର, ବାକ୍ୟରେ ଅତୀତକାଳ ଦର୍ଶାଇବା ପାଇଁ ବର୍ତମାନ କାଳର ପ୍ରୟୋଗ, ପ୍ରଥମେ କର୍ମ ଓ କ୍ରିୟା ଓ ଶେଷରେ କର୍ତାପଦ ଥାଇ ବାକ୍ୟଗଠନ ମଧ୍ୟ ଏଥିରେ ଦେଖିବାକୁ ମିଳେ।

ଏଥିରେ ଶବ୍ଦବିନ୍ୟାସଗତ କେତେକ ବିଶେଷତ୍ୱ ହେଉଛି– (୧) ଶବ୍ଦ ସଂକୋଚନ– ପରମେଶ୍ୱର ସ୍ଥାନରେ ପର୍ମେସର ବା ପ୍ରମେଶ୍ୱର, ମହାରାଜା ସ୍ଥାନରେ ମହାର୍ଜା ଇତ୍ୟାଦି, (୨) ଶବ୍ଦ ସଂପ୍ରସାରଣ– ଜନ୍ମେଜୟ ସ୍ଥାନରେ ଜନମେଜୟ, ଉପ୍ରି ସ୍ଥାନରେ ଉତପରି ଇତ୍ୟାଦି, (୩) ଧ୍ୱନିତତ୍ତ୍ୱାଶ୍ରୟୀ ଲିଖନ ପଦ୍ଧତି– ଆଜ୍ଞା ସ୍ଥାନରେ ଆଗ୍ୟାଂ, ସିଂହାସନ ସ୍ଥାନରେ ସିଂଘାସନ, ପ୍ରତିଜ୍ଞା ସ୍ଥାନରେ ପ୍ରତିଗ୍ୟାଂ ଇତ୍ୟାଦି, (୪) ବିସର୍ଗ ବିଲୋପ– ଦୁଃସହ ସ୍ଥାନରେ ଦୁସହ, ଦୁଃଶାସନ ସ୍ଥାନରେ ଦୁଶାସନ ଇତ୍ୟାଦି, (୫) ଅନୁସ୍ୱାରର ଆଗମ– ଏଥୁ ସ୍ଥାନରେ ଏଥୁଂ, ସେହିଦିନୁ ସ୍ଥାନରେ ସେହିଦିନୁଂ ଇତ୍ୟାଦି ଓ (୬) ଚନ୍ଦ୍ରବିନ୍ଦୁ ପରିବର୍ତେ ଅନୁସ୍ୱାର ପ୍ରୟୋଗ– ଭୂଇଆଁ ସ୍ଥାନରେ ଭୂଇଆଁ, ମୁଁ ପରିବର୍ତେ ମୁଂ ଇତ୍ୟାଦି। ଏଥିରେ ଅଭିଷେକ, ହିରଣ୍ୟଗର୍ଭ, ଉପସର୍ଗ, କୂପ, ମଣ୍ଡଳ, ଯୁଗ୍ମ, ପଦାରବିନ୍ଦ, ଛେଦନ, ଜୀବନ୍ୟାସ, ପ୍ରୀତ ପ୍ରଭୃତି କେତେକ **ତତ୍ସମ ଶବ୍ଦ**; ସୋମୋଦ୍ର, ପାଉଁଶ, ବାରାଣସୀ, କାହାଣୀ, ଦଇତା, ଅନିତି ଇତ୍ୟାଦି କେତେ **ତଦ୍ଭବ ଶବ୍ଦ**; ଗ୍ୟାଂତବ, ପର୍ମେଶ୍ୱର, କଟକାଇ, ମଇଲମ, ମନିଷ, ମଣୋହି, ସ୍ରାହାନ, ତେରଟିଆ, ନିଉଛାଳି, ଅଣସର, ମୁରାଟି, ଅଇଲାକୁ, ହୋଇଲାକୁ ଇତ୍ୟାଦି **ପ୍ରାଚୀନ ଓଡ଼ିଆ ଶବ୍ଦ**; ଏଥକୁ, ପୁରୋଇ, ବୋଇଲା, ମାଖନା ଇତ୍ୟାଦି କେତେକ **ଦେଶଜ ଶବ୍ଦ**; ମାଢ଼, ବାଟି, ମାଣ, ଧଣ୍ଡା ଇତ୍ୟାଦି **ଦ୍ରାବିଡ଼ ଶବ୍ଦ**; ତିଲି, ପାତିଶା, ମୁଗଲ, ହଜୁର, ଖଲାସ, ଟଙ୍କା, ଫୌଜ, ଫେରାଦ, ମୁଲକ ଇତ୍ୟାଦି କେତେକ **ଯାବନିକ ଶବ୍ଦ** ଏବଂ ମିଲିମିଲି, ଜନରଲ, ଗବର୍ଣ୍ଣମେଣ୍ଟ ଇତ୍ୟାଦି କେତେକ **ଇଂରାଜୀ ଶବ୍ଦର** ବ୍ୟବହାର ଦେଖିବାକୁ ମିଳେ। ଏଥିରୁ ଏହା ଏକ ପର୍ଯ୍ୟାୟକ୍ରମିକ ରଚନା ବୋଲି ପ୍ରମାଣିତ ହୋଇଥାଏ।

ଏହା ବ୍ୟତୀତ ଏହାର ଶୈଳୀ ପ୍ରଧାନତଃ ଗଦ୍ୟ ହେଲେହେଁ କାବ୍ୟଯୁଗର ପ୍ରଭାବରେ କେତେକ ବାକ୍ୟର ରଚନାଶୈଳୀ ପଦ୍ୟାତ୍ମକ ବା କାବ୍ୟିକ ରୂପ ଧାରଣ କରିଛି। ଯଥା– "ଓଡ଼ିଆ ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ସେ ମହାପ୍ରଭୁ କାହିଁଛନ୍ତି ?" (ପୃ:୫) ଦରଶନ କରି ପ୍ରତିଗ୍ୟାଁ କରି ବୋଇଲେ ପୁରିଆକୁ ତୁମ୍ଭେ ରଖି ନ ପାରିବ, ଶଙ୍ଖେ ପୁରୋଇ ଚକ୍ରେ ଉହାଡ଼ିଲେ ଅବଶ୍ୟ ମାରିବୁ ଗୋସାଇଁ।" (ପୃ: ୪୭) "କୋପେଣ ସାବେଳି ମାଇଲେ, ତାହା ଜାଣି ପୁରୁଷୋତ୍ତମଦେବ ସମ୍ଭାଳିଲେ।" (ପୃ: ୪୮) "ହମୀରମାନେ ବୋଇଲେ ସାବେଳୀ ଗଲା ଭଳି! ବୋଇଲେ ପୁରିଆକୁ ରଖିଲେ ବନମାଳୀ।" (ପୃ: ୪୯)

ସାହିତ୍ୟ ସୃଷ୍ଟି ଉଦ୍ଦେଶ୍ୟରେ ରଚିତ ହୋଇ ନ ଥିଲେହେଁ ଉପର୍ଯ୍ୟୁକ୍ତ ଆଲୋଚନାରୁ ଏହାର ସାହିତ୍ୟିକ ମୂଲ୍ୟ ସ୍ୱତଃ ପ୍ରତିପାଦିତ ହୁଏ। ପ୍ରାଚୀନ ଗଦ୍ୟ ହିସାବରେ ଓ ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମବିକାଶରେ ଏହାର ଭୂମିକା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ।

**୧.୭.୫.- କେଶବ କୋଇଲି :**

'କେଶବ କୋଇଲି'ର ରଚୟିତା ହେଉଛନ୍ତି କବି ମାର୍କଣ୍ଡ ଦାସ। ଏହା ଏକ ଚଉତିଶା ଓ ଏହା ଓଡ଼ିଶାର ପୁରପଲ୍ଲୀରେ ଖୁବ୍ ପରିଚିତ। ବହୁ ପ୍ରାଚୀନ କାଳରୁ ଏହା ଗ୍ରାମ ଚାଟଶାଳୀରେ ଛାତ୍ରମାନଙ୍କଦ୍ୱାରା ଆଦୃତ ହୋଇଆସୁଅଛି। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ

ପ୍ରତ୍ୟେକ ଅକ୍ଷରକୁ ଆଦ୍ୟରେ ରଖି ଗୋଟିଏ ଗୋଟିଏ ପଦ ରଚିତ ହୋଇଥିବାରୁ ବିଦ୍ୟାର୍ଥୀମାନଙ୍କୁ ବର୍ଣ୍ଣମାଳା ଶିକ୍ଷା କରିବାରେ ଏହା ସାହାଯ୍ୟ କରିଥାଏ। ଭାଷା ଓ ଭାବ ସରଳ ଥିବାରୁ ଏହା ପ୍ରାଥମିକ ଶିକ୍ଷାର ପ୍ରଥମ ପାଠ୍ୟପୁସ୍ତକ ଥିଲା।

ମଥୁରାର ରାଜା କଂସ ଜାଣିପାରିଛି ଯେ ଶିଶୁ କୃଷ୍ଣ ତା'ର ମୃତ୍ୟୁର କାରଣ। ତେଣୁ ସେ ତାଙ୍କୁ ବଧ କରିବା ପାଇଁ ବହୁ ଚେଷ୍ଟାକରିଛି; ମାତ୍ର ବିଫଳ ହୋଇଛି। ଶେଷରେ ପାଖରେ ପାଇ କୃଷ୍ଣଙ୍କୁ ହତ୍ୟା କରିବାର ଯୋଜନା କରି ସେ ମଥୁରାରେ ଧନୁର୍ଯଜ୍ଞର ଆୟୋଜନ କରିଛି ଓ କୃଷ୍ଣ-ବଳରାମଙ୍କୁ ମଥୁରାକୁ ଡକାଇ ଆଣିଛି। କୃଷ୍ଣ ଗୋପ ଛାଡ଼ି ମଥାରୁ ଗଲାବେଳେ ଶୀଘ୍ର ଫେରିଆସିବାପାଇଁ ମାତା ଯଶୋଦାଙ୍କୁ କଥାଦେଇ ଯାଇଛନ୍ତି; ମାତ୍ର ଆଉ ଫେରିନାହାନ୍ତି। ତାଙ୍କ ଅବର୍ତ୍ତମାନରେ ମାତା ଯଶୋଦା ହୃଦୟରେ ଶେଳବିଦ୍ଧସମ ଯନ୍ତ୍ରଣା ଅନୁଭବ କରିଛନ୍ତି। ତାଙ୍କର ମାତୃହୃଦୟର ବେଦନା ସେ କୋଇଲି ଆଗରେ ମର୍ମଭେଦୀ ବିଳାପ ମାଧ୍ୟମରେ ପ୍ରକାଶ କରିଛନ୍ତି। ଏହି ବିଳାପ ଭିତରେ ଦେବକୀଙ୍କ ଗର୍ଭରୁ କୃଷ୍ଣଙ୍କ ଜନ୍ମ, ଯଶୋଦାଙ୍କଦ୍ୱାରା ତାଙ୍କର ଲାଳନପାଳନ, ତାଙ୍କପ୍ରତି ଗୋପୀମାନଙ୍କର ଅନୁରାଗ, ତାଙ୍କୁ ବଧ କରିବା ପାଇଁ କଂସର ବିଫଳ ପ୍ରୟାସ, ଇନ୍ଦ୍ରର ସପ୍ତଦିନବ୍ୟାପୀ ଘୋର ବୃଷ୍ଟିରୁ ଗୋପବାସୀଙ୍କୁ ସେ ରକ୍ଷା କରିଥିବା ପ୍ରସଙ୍ଗ, କୃଷ୍ଣ ଓ ବଳରାମଙ୍କୁ ଅକ୍ରୂର କଂସ ଆଦେଶରେ ରଥରେ ବସାଇ ମଥୁରାକୁ ନେଇଯିବା ପ୍ରସଙ୍ଗ ଇତ୍ୟାଦି ଫୁଟିଉଠିଛି ଅତି ମନୋଜ୍ଞ ତଥା ମର୍ମସ୍ପର୍ଶୀ ଢଙ୍ଗରେ।

ସଂସ୍କୃତ ସାହିତ୍ୟର ସନ୍ଦେଶକାବ୍ୟ ବା ଦୂତକାବ୍ୟ ଅନୁସରଣରେ ଓଡ଼ିଆ ସାହିତ୍ୟର ଏହି 'କେଶବ କୋଇଲି' ଗୀତିକବିତାଟି ରଚିତ ହୋଇଥିବା ମନେହୁଏ। ଏହା ଚଉତିଶା ରୀତିରେ ଅର୍ଥାତ୍ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବ୍ୟଞ୍ଜନବର୍ଣ୍ଣ କ୍ରମରେ ଓଡ଼ିଆ ବର୍ଣ୍ଣମାଳାର ଚଉତିରିଶଟି ବର୍ଣ୍ଣକୁ ନେଇ ଚଉତିରିଶଟି ପଦର ସମାହାରରେ ରଚିତ। ଙ, ଞ, ଣ ବର୍ଣ୍ଣମାନ ଆଦ୍ୟରେ ଥାଇ ଓଡ଼ିଆରେ ଶବ୍ଦ ନ ଥିବାରୁ, ଏସବୁ ସ୍ଥାନରେ 'ନ'ର ବ୍ୟବହାର ହୋଇଛି। ପ୍ରତ୍ୟେକ ପଦ ଦୁଇଟି ପାଦରେ ବିଭକ୍ତ। ପ୍ରଥମ ପାଦ ଦଶ ଅକ୍ଷର ଓ ଦ୍ୱିତୀୟ ପାଦ ଚଉଦ ଅକ୍ଷରବିଶିଷ୍ଟ। ପ୍ରତ୍ୟେକ ପଦର ପ୍ରଥମ ପାଦର ଆରମ୍ଭରେ 'କୋଇଲି' ଶବ୍ଦଟି ରହିଛି। ଗାଇବାର ସୁକରତା ଦୃଷ୍ଟିରୁ 'କୋଇଲି' ସ୍ଥାନରେ କେହି କେହି 'କୋଇଲି ଲୋ' ବୋଲି ବ୍ୟବହାର କରିଥାନ୍ତି। ଫଳରେ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଚଉଦ ହୁଏ। ଦ୍ୱିତୀୟ ପାଦର ଶେଷରେ 'ଲୋ କୋଇଲି' ଯୁକ୍ତ ହୋଇଥାଏ। ଫଳରେ ଗାନ କରିବା ସମୟରେ ଏହା ଅଧିକ ଶ୍ରୁତିମଧୁର ହୁଏ।

"କୋଇଲି (ଲୋ), କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା ଲୋ କୋଇଲି।" ।୧।

ଗାଇଲାବେଳେ ଦୁଇ ପାଦର ଅକ୍ଷର ସଂଖ୍ୟା ଚଉଦ ହେଉଥିବାରୁ ଏହି କବିତାଟି 'ମଙ୍ଗଳ' ରାଗରେ ରଚିତ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ମତ ଦିଅନ୍ତି। ପ୍ରତ୍ୟେକ ପଦରେ ରହିଥିବା ଆଦ୍ୟାନୁପ୍ରାସ ଓ ପ୍ରାନ୍ତାନୁପ୍ରାସ ଏହାର ଶ୍ରୁତିମଧୁରତା ବୃଦ୍ଧିପ୍ରାପ୍ତ କରି ଏହାକୁ ଅଧିକ ସୁଖପାଠ୍ୟ କରାଏ।

ଏଥିରେ କେତେକ ପଦରେ କବି ଯମକ ରକ୍ଷାକରି ନିଜ କବିତ୍ୱର ପରିଚୟ ପ୍ରଦାନ କରିଛନ୍ତି। ଯଥା–

"ଝୁରୁ ଝୁରୁ ଲୁହ ନ ରହିଲା।" ।୯।
"ଟହ ଟହ ହସୁଥାନ୍ତି କୋଳେ
ଟଳଟଳ ହେଉଥାନ୍ତି ଝୁଲିବାର ବେଳେ, ଲୋ କୋଇଲି।" ।୧୧।
"ଡଳ ଡଳ ନୟନେ କଜ୍ଜ୍ୱଳ।" ।୧୪।

ଏହି କବିତାଟି ଅନାବିଳ ବାତ୍ସଲ୍ୟ ସ୍ନେହର ଏକ ନିଦର୍ଶନ। ଏଣୁ ଏଥିରେ ବାତ୍ସଲ୍ୟରସର ଅଖଣ୍ଡ ପ୍ରବାହ ପରିଲକ୍ଷିତ ହୁଏ।

ଜନନୀ ଯଶୋଦାଙ୍କ ମନୋଭାବ ଶୋକାକାରରେ ପ୍ରକାଶିତ ହୋଇଥିବାରୁ ଏଥିରେ କରୁଣରସର ମାତ୍ରା ମଧ୍ୟ କମ୍ ନୁହେଁ। ଏହାର କେତୋଟି ପାଦ ପାଠକର ହୃଦୟକୁ କାରୁଣ୍ୟରେ ଭରିଦେଇ ଚକ୍ଷୁ ଲୋତକାପ୍ଲୁତ କରାଏ।

"କୋଇଲି (ଲୋ) ଖଣ୍ଡକ୍ଷୀର ଦେବି ମୁଁ କାହାକୁ
ଖାଇବାର ପୁତ୍ର ଗଲା ମଥୁରାପୁରକୁ, ଲୋ କୋଇଲି ।୨।"
"କୋଇଲି (ଲୋ) ଫଳିବାର ନାହିଁ ମୋର ଆଶ
ଫଳିବାର ଫଳ ଗଲା ବସୁଦେବ ପାଶ, ଲୋ କୋଇଲି ।୨୨।"
"କୋଇଲି (ଲୋ) ବହୁତ ସହିଲି ତାଙ୍କ ଅଳି
ବଡ଼ଇ ଶରଧା ଭାଙ୍ଗିଗଲେ ବନମାଳୀ, ଲୋ କୋଇଲି ।୨୩।"

ଭକ୍ତିରସର ସ୍ପର୍ଶ ମଧ୍ୟ ରହିଛି କବିତାର ଶେଷ ପଦରେ। କବି ଜଣେ ଭକ୍ତ ହିସାବରେ ଗାଇଛନ୍ତି–

"କୋଇଲି (ଲୋ) କ୍ଷନ୍ଦଣି ବନ୍ଧଣି ଭୁଜଦଣ୍ଡ
କ୍ଷମାକର ଦୋଷ ମୋର ଭଣେ ମାରକଣ୍ଡ, ଲୋ କୋଇଲି ।୩୪।"

ଏହି ଚଉତିଶାଟିରେ ସଂସ୍କୃତ ଓ ପ୍ରାକୃତ ଶବ୍ଦ ଥିବାରୁ ଏହାର ରଚୟିତା ମାର୍କଣ୍ଡ ଦାସ ସଂସ୍କୃତ ଓ ପ୍ରାକୃତ ଉଭୟରେ ବିଦ୍ୱାନ ଥିବା ଅନୁମିତ ହୁଏ। ଉଦାହରଣ ସ୍ୱରୂପ– ସେ 'କଟିରେ ଥିବା' କଥାଟିକୁ ପ୍ରକାଶ କରିଛନ୍ତି ସଂସ୍କୃତ 'କଟିସ୍ଥ' ରୂପରେ ଓ ଛନ୍ଦଣି ଶବ୍ଦକୁ ପ୍ରକାଶ କରିଛନ୍ତି ପ୍ରାକୃତ 'କ୍ଷନ୍ଦଣି' ରୂପରେ।

ଏଥିରେ କେତେକ ପ୍ରାଚୀନ ଶବ୍ଦରୂପର ପ୍ରୟୋଗ ରହିଛି; ଯଥା– ଘଟଣ ନ ଦିଶେ ପୁର, ଠଣ ଯେ ସୁନ୍ଦର ବେନି ପୋଏ, ଠକି ଭଣ୍ଡିଗଲେ ନଇଲେ ବେଢ଼ାଏ, ଥନ ଭାଙ୍ଗି କ୍ଷୀର ପାନ ଦେଲି, ଧର୍ମ ଥିଲା ପୁତ୍ରଗୋଟି, ଫଳିବାକୁ ନାହିଁ ମୋର ଆଶ, ଅନେକ ହିଂସିଲା ରାୟେ କଂସ ଇତ୍ୟାଦି।

ଏହି କବିତାଟିରେ ବିଭକ୍ତି ପ୍ରୟୋଗ କ୍ଷେତ୍ରରେ ଗୋଟିଏ ସ୍ଥାନରେ ବ୍ୟତିକ୍ରମ ଦେଖାଯାଏ। "ଯାତ୍ରା ବୋଲି ଭଣ୍ଡିନେଲା ବସାଇ ରଥର" ପଦଟିରେ 'ରଥରେ' ସ୍ଥାନରେ 'ରଥର' ବ୍ୟବହୃତ ହୋଇଅଛି। ଏଠାରେ ସପ୍ତମୀ ବିଭକ୍ତି ପରିବର୍ତ୍ତେ ଷଷ୍ଠୀ ବିଭକ୍ତିର ପ୍ରୟୋଗ ହୋଇଛି।

କବିତାଟିରେ ତତ୍‌କାଳୀନ ସାମାଜିକ ଚିତ୍ରରୁ କିଛି ପ୍ରତିଫଳିତ। ଏଗୁଡ଼ିକ ସାଧାରଣତଃ ଶିଶୁର ଲାଳନପାଳନ ସମ୍ପର୍କୀୟ। ମାତାମାନେ ଶିଶୁ-ସନ୍ତାନର ନୟନରେ କଜ୍ଜ୍ୱଳ ଲଗାଇ ଦେଉଥିଲେ, ଶରୀରରେ କୁଙ୍କୁମ ଲେପନ କରୁଥିଲେ ଓ ଶରୀରକୁ ବିଭିନ୍ନ ଅଳଙ୍କାରରେ ଭୂଷିତ କରୁଥିଲେ। ରାତିରେ ପିଲା ଅଝଟ ହେଲେ ବାପା ଆକାଶରେ ଚାନ୍ଦ ଦେଖାଇ ତାକୁ ଶାନ୍ତ କରାଉଥିଲେ। ପିଲାମାନଙ୍କୁ ଖଣ୍ଡମିଶ୍ରିତ କ୍ଷୀର ପାନ କରିବାକୁ ଦିଆଯାଉଥିଲା। ପିଲାମାନେ ଗାଈଗୋଠ ନେଇ ଚରାଇବା ପାଇଁ ଯାଉଥିଲେ। ବିଭିନ୍ନ ପର୍ବପର୍ବାଣିରେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଉଥିଲା। ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ଯାତାୟାତ ନିମନ୍ତେ ରଥ ବ୍ୟବହାର କରୁଥିଲେ। ବୃଦ୍ଧାବସ୍ଥାରେ ସନ୍ତାନ ଦୂରକୁ ଯାଇ ଆଉ ଫେରୁ ନ ଥିଲେ ପିତାମାତା ବୁକୁଫଟା କ୍ରନ୍ଦନ କରି କର୍ମକୁ ଆଦରି ରହୁଥିଲେ। ତତ୍‌କାଳୀନ ସାମାଜିକ ବ୍ୟବସ୍ଥା ବର୍ତ୍ତମାନ ମଧ୍ୟ ନିଖୁଣ ଭାବରେ ରହିଅଛି।

ମାତା ଯଶୋଦା ପୁତ୍ର କୃଷ୍ଣ ବା କେଶବଙ୍କ ପ୍ରତ୍ୟାଗମନର ଆଶା ନ ଦେଖି ନିଜର ଗଭୀର ଦୁଃଖ କୋଇଲି ଆଗରେ ଅଭିବ୍ୟକ୍ତ କରିଛନ୍ତି। ସଂସ୍କୃତ ସାହିତ୍ୟରେ ହଂସ, ମେଘ ଇତ୍ୟାଦିଙ୍କ ମାଧ୍ୟମରେ ସମ୍ବାଦ ପଠାଯାଉଥିବାର ଦୃଷ୍ଟାନ୍ତ ରହିଛି। ଏହିପରି କାବ୍ୟମାନ 'ଦୂତକାବ୍ୟ' ବା 'ସନ୍ଦେଶ କାବ୍ୟ' ନାମରେ ପରିଚିତ। ମାତ୍ର ଓଡ଼ିଆ ସାହିତ୍ୟରେ କୋଇଲିକୁ

ସମ୍ବୋଧନ କରି ଅନ୍ତରର ବେଦନା ପ୍ରକାଶ କରିବା ଏକ ବୈଶିଷ୍ଟ୍ୟ। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ବ୍ୟଞ୍ଜନବର୍ଣ୍ଣକୁ ଆଦ୍ୟରେ ରଖି ରଚିତ ଚଉତିରିଶିଟି ପଦବିଶିଷ୍ଟ କବିତାକୁ 'ଚଉତିଶା' କୁହାଯାଏ। ଜନନୀ ଯଶୋଦାଙ୍କର ଉକ୍ତି କୋଇଲି ନିକଟରେ ପ୍ରକାଶିତ ହୋଇଛି ଚଉତିଶାକାରରେ। ତେଣୁ ଏହି ଚଉତିଶାଟିକୁ 'କେଶବ କୋଇଲି' ନାମରେ ନାମିତ କରାଯାଇଛି। ଶୋକବିହ୍ୱଳା ମାତା ଯଶୋଦାଙ୍କର ମର୍ମବାଣୀ ଏହି କବିତାରେ ଫୁଟି ଉଠିଥିବାରୁ ଏହା 'ଯଶୋଦା କୋଇଲି' ନାମରେ ମଧ୍ୟ ପରିଚିତ।

'କେଶବ କୋଇଲି' ଚଉତିଶାର ରଚୟିତା କବି ମାର୍କଣ୍ଡଙ୍କର ସମୟ ନିରୂପଣ ଏକ ବିବଦମାନ ବିଷୟ। କବିତାଟିରେ କୌଣସି ସ୍ଥାନରେ ସେ ନିଜ ବିଷୟରେ ବା ସମସାମୟିକ ଘଟଣାବଳୀ ସମ୍ପର୍କରେ କିଛି କହି ନାହାନ୍ତି। କେତେକ ଆଲୋଚକ ତାଙ୍କୁ ପଞ୍ଚସଖାଯୁଗର ପୂର୍ବବର୍ତ୍ତୀ ଭାବରେ ଗ୍ରହଣ କରନ୍ତି। କାରଣ ସେମାନେ ପଞ୍ଚସଖା ମଣ୍ଡଳୀର ଦ୍ୱିତୀୟ ସଖା ଅତିବଡ଼ୀ ଜଗନ୍ନାଥ ଦାସଙ୍କଦ୍ୱାରା ରଚିତ 'ଅର୍ଥ କୋଇଲି'କୁ 'କେଶବ କୋଇଲି'ର ତାତ୍ତ୍ୱିକ ବ୍ୟାଖ୍ୟା ବୋଲି ଗ୍ରହଣ କରନ୍ତି।

ପଣ୍ଡିତ ବିନାୟକ ମିଶ୍ର କବି ମାର୍କଣ୍ଡଙ୍କୁ ପ୍ରାକ୍-ସାରଳାଯୁଗର ବ୍ୟକ୍ତି ଭାବରେ ଗ୍ରହଣ କରନ୍ତି। (ଓ.ସା.ଇ. ପୃ: ୪୧) ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ– "କେବଳ ଷୋଡ଼ଶ ଶତାବ୍ଦୀର ଜଗନ୍ନାଥ ଦାସଙ୍କ ସମୟରେ କିମ୍ବା ତାହା ପୂର୍ବରୁ ଏହା ରଚିତ ହୋଇଥିବା ନିର୍ଦ୍ଦିଷ୍ଟ ଭାବରେ ଜଣାପଡୁଛି।" (ଓ.ସା.ଇ., ପୃ: ୩୨୪) 'ଅର୍ଥକୋଇଲି'କୁ ଲକ୍ଷ୍ୟରେ ରଖି ଏହି ପ୍ରକାର ଅଭିମତର ଅବତାରଣା କେବଳ ହୋଇଛି; କିନ୍ତୁ ଏଠାରେ ସ୍ୱତଃ ଏକ ପ୍ରଶ୍ନ ମନକୁ ଆସେ, 'ଶ୍ରୀମଦ୍‌ଭାଗବତ'କୁ ସହଜ ଓ ସରଳ ଓଡ଼ିଆ ରୂପ ପ୍ରଦାନ କରିଥିବା ଜଗନ୍ନାଥ ଦାସ କାହିଁକି ସରଳ, ସହଜବୋଧ ଓ କର୍ଣ୍ଣପ୍ରୀତିପ୍ରଦ ଭାଷାରେ ରଚିତ 'କେଶବ କୋଇଲି' କବିତାଟିକୁ ତାତ୍ତ୍ୱିକ ରୂପ ଦେଇ କ୍ଳିଷ୍ଟତାରେ ଭାରାକ୍ରାନ୍ତ କରିଦେଲେ ? ଏହି ପ୍ରଶ୍ନର ଉତ୍ତର କିଛି ନାହିଁ। 'ଅର୍ଥ କୋଇଲି'ରେ 'କେଶବ', 'କୋଇଲି', 'ମଥୁରା ଦାଣ୍ଡ' ଇତ୍ୟାଦିର ତାତ୍ତ୍ୱିକ ଅର୍ଥ ପ୍ରଦାନ କରାଯାଇଛି। ପୁଣି ପିଣ୍ଡବ୍ରହ୍ମାଣ୍ଡ, ଜୀବ-ପରମ ଓ ସପ୍ତାଙ୍ଗଯୋଗର ମାହାତ୍ମ୍ୟ ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଛି। ଏଥିରେ ବ୍ୟବହୃତ ବହୁ ଶବ୍ଦ 'କେଶବ କୋଇଲି'ରେ ସ୍ଥାନ ପାଇଥିବାରୁ ଏହା 'କେଶବ କୋଇଲି'ର ତାତ୍ତ୍ୱିକ ବ୍ୟାଖ୍ୟା ବୋଲି ଗ୍ରହଣ କରିବା ଆଦୌ ଯୁକ୍ତିସଙ୍ଗତ ନୁହେଁ। ମନେହୁଏ, ଦାର୍ଶନିକ ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ 'ଅର୍ଥ କୋଇଲି'ର ଅନୁସରଣରେ ଜଗନ୍ନାଥ ଦାସଙ୍କ ଅତିବଡ଼ୀ ସଂପ୍ରଦାୟଭୁକ୍ତ କବି ମାର୍କଣ୍ଡ 'କେଶବ କୋଇଲି' ରଚନା କରିଛନ୍ତି। ଦୁଇଟି କବିତାର ଭାଷା, ରଚନାଶୈଳୀ ଓ ପଦଯୋଜନାର ଏକ ତୁଳନାତ୍ମକ ବିଚାର କଲେ ଏହା ସ୍ପଷ୍ଟ ହୁଏ ଯେ 'କେଶବ କୋଇଲି' ଜଗନ୍ନାଥ ଦାସଙ୍କର ସମସାମୟିକ ବା ସାମାନ୍ୟ ପରବର୍ତ୍ତୀକାଳୀନ ରଚନା। ତେଣୁ ଏହା ଷୋଡ଼ଶ ଶତାବ୍ଦୀର ଶେଷଭାଗ ବା ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ରଚିତ ବୋଲି ଗ୍ରହଣ କରାଯାଇପାରେ।

ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ 'କେଶବ କୋଇଲି'ର ଭାଷା ସାରଳାଦାସଙ୍କ ପରବର୍ତ୍ତୀକାଳୀନ 'କଳସା ଚଉତିଶା' ଓ ନାଥଧର୍ମ ପ୍ରଖ୍ୟାପକ କେତେକ ଗ୍ରନ୍ଥର ଭାଷାଠାରୁ ଅର୍ବାଚୀନ ମନେହୁଏ। ତେଣୁ ଏହାକୁ ବିନାଦ୍ୱିଧାରେ ସାରଳାଦାସଙ୍କ ପରବର୍ତ୍ତୀକାଳରେ ଅବସ୍ଥାପିତ କରାଯାଇପାରେ। ପୁନଶ୍ଚ ଛନ୍ଦୋବଦ୍ଧ ଓ ସୁଖଶ୍ରାବ୍ୟ ଏହି ଚଉତିଶାଟିର ସତ୍ତା ଯଦି ପ୍ରାକ୍-ସାରଳା ଯୁଗରେ ଥା'ନ୍ତା, ତେବେ ସାରଳାଦାସ ନିଜ ରଚନାବଳୀ ନିମନ୍ତେ କେବଳ ଦାଣ୍ଡିବୃତ୍ତକୁ ବାଛିନେଇ ନ ଥା'ନ୍ତେ। ଏଥିରୁ ପୂର୍ବୋକ୍ତ କାଳନିରୂପଣ (୧୬ଶ ଶତାବ୍ଦୀର ଶେଷ ବା ୧୭ଶ ଶତାବ୍ଦୀର ଆରମ୍ଭ କାଳ) ଯୁକ୍ତିଯୁକ୍ତ ମନେହୁଏ।

କବି ମାର୍କଣ୍ଡଙ୍କର କୌଳିକ ସଂଜ୍ଞା କ'ଣ ଥିଲା, ତାହା ଜଣାଯାଏ ନାହିଁ। କାରଣ କବିତାଟିର ଭଣିତାରେ କେବଳ 'ଭଣେ ମାରକଣ୍ଡ' ବୋଲି ରହିଛି। ସେ 'ଦାସ' ସଂଜ୍ଞାଧାରୀ ବ୍ରାହ୍ମଣ ଥିଲେ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ପ୍ରକାଶ କରିଛନ୍ତି। ମାତ୍ର ଯେକୌଣସି ସଂଜ୍ଞାଧାରୀ ବୈଷ୍ଣବଧର୍ମରେ ଦୀକ୍ଷିତ ହେଲେ 'ଦାସ' ସଂଜ୍ଞା ଗ୍ରହଣ କରିଥାଏ। ଅତିବଡ଼ୀ ସଂପ୍ରଦାୟର ଭକ୍ତ

ହିସାବରେ ତାଙ୍କର ସଂଜ୍ଞା 'ଦାସ' ଥିଲା ବୋଲି ନିର୍ବିବାଦରେ ଗ୍ରହଣ କରାଯାଇପାରେ।

କବି ମାର୍କଣ୍ଡଦାସଙ୍କୁ କେହି କେହି ଗଜପତି ରାଜା ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଦେବ ଓ ମୁକୁନ୍ଦଦେବଙ୍କ ସଭାକବି ମାର୍କଣ୍ଡେୟ ମିଶ୍ରଙ୍କ ସହିତ ଚିହ୍ନିତ କରନ୍ତି। ଏହି ମାର୍କଣ୍ଡେୟ ମିଶ୍ର ଜଣେ ପ୍ରଖ୍ୟାତ ସଂସ୍କୃତଜ୍ଞ ପଣ୍ଡିତ ଓ ତାଙ୍କ ଦ୍ୱାରା ବିଖ୍ୟାତ 'ଦଶଗ୍ରୀବ ବଧ' ମହାକାବ୍ୟ ରଚିତ ହୋଇଥିଲା। କିନ୍ତୁ ତାଙ୍କ ପରି ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଜଣେ କବି ଯେ କାହିଁକି ଓଡ଼ିଆରେ 'କେଶବ କୋଇଲି' ଚଉତିଶାଟି ରଚନା କଲେ, ତାହା ଆଦୌ ବୁଝିହୁଏ ନାହିଁ। ସମକାଳୀନ ଜଗନ୍ନାଥ ଦାସ 'ଶ୍ରୀମଦ ଭାଗବତ' ପୁରାଣକୁ କଥିତ ଭାଷାରେ ଅନୁବାଦ କରି ପଣ୍ଡିତମାନଙ୍କ ଦ୍ୱାରା ଲାଞ୍ଛିତ ହୋଇଥିବା ଏବଂ ତାଙ୍କଦ୍ୱାରା ଅନୂଦିତ ଏହି ପବିତ୍ର ଗ୍ରନ୍ଥକୁ 'ତେଲି ଭାଗବତ'ର ଆଖ୍ୟା ଦିଆଯାଇଥିବା ବିଷୟ କାହାକୁ ଅଜଣା ଅଛି ? ଯେଉଁ ସମୟରେ ଏହିପରି ସାମାଜିକ ଅବସ୍ଥା ବିଦ୍ୟମାନ, ସେତେବେଳେ ସଂସ୍କୃତ ବିଦ୍ୱାନ ମାର୍କଣ୍ଡେୟ ମିଶ୍ର ଓଡ଼ିଆରେ କବିତା ରଚନା କରିବା କଳ୍ପନାତୀତ। ତେଣୁ ମାର୍କଣ୍ଡେୟ ମିଶ୍ର ମାର୍କଣ୍ଡ ଦାସଙ୍କଠାରୁ ଭିନ୍ନ।

'ମହାଭାଷ୍ୟ' ନାମକ ଏକ ଗ୍ରନ୍ଥ ଆଲୋଚ୍ୟ ମାର୍କଣ୍ଡଦାସଙ୍କଦ୍ୱାରା ରଚିତ ହୋଇଥିବା ଜଣାଯାଏ। ଏହା ଏ ପର୍ଯ୍ୟନ୍ତ ଅପ୍ରକାଶିତ। ଏହି ଗ୍ରନ୍ଥଟିର ପାଣ୍ଡୁଲିପି ସଂଗ୍ରହ କରିବା ପରେ ଏହାକୁ ପ୍ରକାଶ କରିବା ପାଇଁ 'ପ୍ରାଚୀ ସମିତି' ପଦକ୍ଷେପ ନେଇଥିଲେ ମଧ୍ୟ ଏହା ପ୍ରକାଶିତ ହୋଇପାରି ନାହିଁ। ଗ୍ରନ୍ଥଟି 'ନବାକ୍ଷରୀ ବୃତ୍ତ'ରେ ରଚିତ। ଗ୍ରନ୍ଥାରମ୍ଭରେ ଶୁକଦେବଙ୍କ ଜନ୍ମକାହାଣୀ ବର୍ଣ୍ଣିତ ହୋଇଛି ଓ ଗ୍ରନ୍ଥରେ 'ବ୍ରହ୍ମଜ୍ଞାନ ତତ୍ତ୍ୱ', 'ଯୋଗସାଧନ' ଇତ୍ୟାଦି ସମ୍ବନ୍ଧରେ ସୂଚନା ରହିଛି। ଗ୍ରନ୍ଥଟିର କିଛି ଅଂଶ ପାଇ ଡକ୍ଟର ବଂଶୀଧର ମହାନ୍ତି ତା ଉପରେ ଆଲୋଚନା କରିଛନ୍ତି ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ର ୧ମ ଭାଗରେ। ଗ୍ରନ୍ଥଟି ପ୍ରକାଶ ପାଇଲେ କେବଳ ବହୁ ଦାର୍ଶନିକ ତତ୍ତ୍ୱର ପରିଚୟ ମିଳିବ ନାହିଁ, ଓଡ଼ିଆ ସନ୍ଥ ସାହିତ୍ୟରେ ଏହାର ସ୍ଥାନ ମଧ୍ୟ ସ୍ପଷ୍ଟ ହୋଇଯିବ।

**୧.୮.- ନିଷ୍କର୍ଷ :**

ଖ୍ରୀଷ୍ଟୀୟ ୮ମ-୯ମ ଶତାବ୍ଦୀରୁ ୧୪ଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପ୍ରଲମ୍ବିତ ସମୟସୀମାହିଁ ଓଡ଼ିଆ ସାହିତ୍ୟର ପ୍ରାରମ୍ଭିକ ଯୁଗ ବା ପ୍ରାକ୍-ସାରଳାଯୁଗ। ଏହି ଯୁଗରେ ଓଡ଼ିଆ ସାହିତ୍ୟର ବିକାଶ ତିନିଗୋଟି ଧାରାରେ ସାଧିତ ହୋଇଥିଲା ବୋଲି ପୂର୍ବରୁ ଦର୍ଶାଯାଇ ସେହି ଅନୁସାରେ ସଂପୃକ୍ତ ସାହିତ୍ୟର ଆଲୋଚନା କରାଯାଇଛି। ଏହି ସାହିତ୍ୟର ନିଷ୍କର୍ଷ ନିମ୍ନମତେ ପ୍ରକାଶ କରାଯାଇପାରେ।

(୧) ଏହି ଯୁଗରେ ଓଡ଼ିଆ ଭାଷା ଅପଭ୍ରଂଶରୁ ଧୀରେ ଧୀରେ ବିକଶିତ ହୋଇ ଆଧୁନିକ ଓଡ଼ିଆର ଶୈଶବାବସ୍ଥାରେ ପାଦ ଦେଇଥିଲା। ତେଣୁ ଏହି ନବଜାତ ଭାଷାରେ ସାହିତ୍ୟିକ ମାନର ଅଭାବ ପରିଲକ୍ଷିତ ହୁଏ।

(୨) ସାହିତ୍ୟ ସୃଷ୍ଟି ଅପେକ୍ଷା ଧର୍ମ ଓ ଆଧ୍ୟାତ୍ମିକତାର ପ୍ରଚାର ଓ ପ୍ରସାର ଏ ଯୁଗର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କେବଳ ଓଡ଼ିଆ ସାହିତ୍ୟ ନୁହେଁ, ଭାରତର ପ୍ରାୟ ସକଳ ପ୍ରାଦେଶିକ ସାହିତ୍ୟ ତା'ର ଉନ୍ମେଷ କାଳରେ ଧର୍ମ ଓ ଆଧ୍ୟାତ୍ମିକତାକୁ ଭିତ୍ତିକରି ବିକାଶ ପଥରେ ଆଗେଇ ଯାଇଥିଲା।

(୩) ଏହି ଯୁଗରେ ବିକଶିତ କଥିତ ସାହିତ୍ୟ ବା ଲୋକସାହିତ୍ୟ ପରବର୍ତ୍ତୀକାଳରେ ଲିଖିତ ରୂପ ପ୍ରାପ୍ତ ହୋଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲା।

(୪) ଲୋକସାହିତ୍ୟ ଅନ୍ତର୍ଗତ ଡଗଡମାଳି ଛନ୍ଦରୁ ହିଁ ପରବର୍ତ୍ତୀକାଳରେ ସାରଳାଦାସଙ୍କ 'ଦାଣ୍ଡିବୃତ୍ତ'ର ବିକାଶ ଘଟିଥିଲା।

(୫) ଏହି ଯୁଗର ଯେଉଁ ଅଭିଲେଖ ସାହିତ୍ୟ ଉପଲବ୍ଧ ହୁଏ, ସେଥିରେ ଓଡ଼ିଆ ଗଦ୍ୟଶୈଳୀର ଆଦ୍ୟରୂପ ତଥା ଏହାର କ୍ରମବିକଶିତ ରୂପ ପରିଦୃଷ୍ଟ ହୁଏ।

(୬) କେତେଜଣ ବିଶିଷ୍ଟ ଆଲୋଚକ ପରବର୍ତ୍ତୀକାଳୀନ କିଛି ଓଡ଼ିଆ ରଚନାକୁ ପ୍ରାକ୍-ସାରଳା ସାହିତ୍ୟ ଭାବରେ ଗ୍ରହଣ କରିନେଇଥିଲେ। କିନ୍ତୁ ଭାଷା ଓ ରଚନାରୀତିକୁ ବିଚାରକୁ ନେଇ ସେସବୁର ଯଥାର୍ଥ କାଳ ନିର୍ଣ୍ଣୟ କରିବାପାଇଁ ପ୍ରଚେଷ୍ଟା କରାଯାଇଛି ଏହି ଆଲୋଚନାରେ।

## ୧.୯.- ପରିଶିଷ୍ଟ :

### (କ) ଆଦର୍ଶ ପ୍ରଶ୍ନାବଳୀ :

* ଲୋକଗୀତରେ ପ୍ରତିଫଳିତ ସମାଜଚିତ୍ରର ପରିଚୟ ପ୍ରଦାନ କର।
* ଲୋକଗୀତିରେ ସମାବେଶିତ ବିଭିନ୍ନ ରସ ବିଷୟରେ ଆଲୋଚନା କର।
* ଚର୍ଯ୍ୟାଗୀତି ରଚୟିତା ଯେକୌଣସି ଦୁଇଜଣ ସିଦ୍ଧସାଧକଙ୍କ ପରିଚୟ ପ୍ରଦାନ କର।
* ଚର୍ଯ୍ୟାଗୀତିର ରଚନାକାଳ ସମ୍ବନ୍ଧରେ ଆଲୋକପାତ କର।
* 'ଚର୍ଯ୍ୟାସାହିତ୍ୟରେ ସନ୍ଧ୍ୟାଭାଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'– ପ୍ରତିପାଦନ କର।
* 'ଚର୍ଯ୍ୟାଗୀତିରେ ଓଡ଼ିଆ ଭାଷାର ଆଦି ନିଦର୍ଶନ ନିହିତ'– ସଦୃଷ୍ଟାନ୍ତ ଆଲୋଚନା କର।
* 'ଚର୍ଯ୍ୟାଗୀତିର ଗୁହ୍ୟ ଅର୍ଥ ଅପେକ୍ଷା ବାହ୍ୟ ଅର୍ଥ ଅଧିକ ହୃଦୟଗ୍ରାହୀ'– ଆଲୋଚନା କର।
* ଚର୍ଯ୍ୟାଗୀତିର ସାହିତ୍ୟିକ ମୂଲ୍ୟାୟନ କର।
* ଚର୍ଯ୍ୟାଗୀତିରେ ଓଡ଼ିଆ ଚଳଣିର ପ୍ରତିଫଳନ ଦର୍ଶାଅ।
* ଭାଷା ଦୃଷ୍ଟିରୁ ନାଥଧର୍ମ ପ୍ରଖ୍ୟାପକ ଯେକୌଣସି ଗୋଟିଏ ରଚନାର କାଳ ନିରୂପଣ କର।
* 'କଳସା ଚଉତିଶା'ର ହାସ୍ୟଧର୍ମିତା ଆକଳନ କର।
* 'ରଚନାଶୈଳୀ ଦୃଷ୍ଟିରୁ 'ରୁଦ୍ରସୁଧାନିଧି' ଓଡ଼ିଆ ସାହିତ୍ୟରେ ଏକ ପ୍ରତିନିଧି ସ୍ଥାନୀୟ ରଚନା'– ଏହି ଉକ୍ତିର ଯଥାର୍ଥତା ବିଚାର କର।
* 'ରୁଦ୍ରସୁଧାନିଧି'ର ସାହିତ୍ୟିକ ମୂଲ୍ୟ ନିର୍ଣ୍ଣୟ କର।
* 'ମାଦଳାପାଞ୍ଜି'ର ରଚନାକାଳ ସମ୍ବନ୍ଧୀୟ ବିଭିନ୍ନ ମତର ବିଶ୍ଳେଷଣପୂର୍ବକ ନିଜ ମତ ଉପସ୍ଥାପନ କର।
* 'ମାଦଳାପାଞ୍ଜି'ର ସାହିତ୍ୟିକ ମୂଲ୍ୟାୟନ କର।
* 'ମାଦଳାପାଞ୍ଜି'ର ନାମକରଣର ଯଥାର୍ଥତା ପ୍ରତିପାଦନ କର।
* 'କେଶବ କୋଇଲି'ର ଭାବଗତ ଓ କଳାଗତ ଆକଳନ କର।

ଯେକୌଣସି ଦୁଇଟି ଉପରେ ଆଲୋଚନାତ୍ମକ ଟିପ୍ପଣୀ ଲେଖ :

ପ୍ରାକ୍-ସାରଳା ସାହିତ୍ୟର ତ୍ରିଧାରା, ଲୋକସାହିତ୍ୟର ସଂଜ୍ଞା, ଲୋକଗୀତରେ କରୁଣରସ, ଲୋକସାହିତ୍ୟର ପ୍ରକାରଭେଦ, ଲୋକକାହାଣୀର ପ୍ରକାରଭେଦ, ଗଳ୍ପସାଗର, ଅଭିଲେଖ ସାହିତ୍ୟ, ଚର୍ଯ୍ୟାଗୀତିର ସଂଜ୍ଞା, ଚର୍ଯ୍ୟାଗୀତିର ସ୍ୱରୂପ, ଚର୍ଯ୍ୟାଗୀତିର ସଂସ୍କୃତ ଟୀକା, କୌଣସି ଜଣେ ଚର୍ଯ୍ୟାକାରଙ୍କ ସଂକ୍ଷିପ୍ତ ପରିଚୟ, ସନ୍ଧ୍ୟାଭାଷା, ଓଡ଼ିଆ ସାହିତ୍ୟରେ ସନ୍ଧ୍ୟାଭାଷାର ପ୍ରଭାବ, ଚର୍ଯ୍ୟାଗୀତିରେ ରସସମାବେଶ, ଯେକୌଣସି ଗୋଟିଏ ନାଥଧର୍ମମୂଳକ ରଚନାର ପରିଚୟ, 'କଳସା'ର ଅର୍ଥ, ଚଉତିଶାର ସଂଜ୍ଞା ଓ ସ୍ୱରୂପ, କଳସା ଚଉତିଶାର ବର୍ଣ୍ଣନାଚାତୁରୀ, କଳସା ଚଉତିଶାରେ ମୁଦ୍ରଣଗତ ତ୍ରୁଟି ଯୋଗୁ ଅର୍ଥବିଭ୍ରାଟ, ରୁଦ୍ରସୁଧାନିଧିର ସଂଗ୍ରହ ଓ ସଂକଳନ, ରୁଦ୍ରସୁଧାନିଧିର ରଚୟିତାଙ୍କ ପରିଚୟ, ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ଧର୍ମମତ, ସୋମନାଥ ବ୍ରତକଥା ଶୈଳୀରେ ଗତାନୁଗତିକତା, ସୋମନାଥ ବ୍ରତକଥାର ଦୁର୍ବଳ ଗଦ୍ୟଶୈଳୀ, ମାଦଳାପାଞ୍ଜିର ବିଭାଗୀକରଣ, ମାଦଳାପାଞ୍ଜିର ବିଷୟ, ମାଦଳାପାଞ୍ଜିରେ ସ୍ଥାନିତ ଦୁଇଟି କିଂବଦନ୍ତୀ ବିଷୟରେ ସୂଚନା, ମାଦଳାପାଞ୍ଜିର ପରିଚୟ, କୋଇଲି ସାହିତ୍ୟ, ଚଉତିଶା ସାହିତ୍ୟ, କେଶବ କୋଇଲିର ନାମକରଣ, ମାର୍କଣ୍ଡଦାସଙ୍କ ପରିଚୟ।

(ଖ) ସହାୟକ ଗ୍ରନ୍ଥପୁଞ୍ଜ :


* ପ୍ରାଚୀନ ଓଡ଼ିଆ ଅଭିଲେଖ—ଡକ୍ଟର କୁଞ୍ଜବିହାରୀ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
* ପ୍ରାଚୀନ ଓଡ଼ିଆ ଗଦ୍ୟପଦ୍ୟାଦର୍ଶ—(ସଂ) ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର।
* ଉତ୍କଳ ଗାଉଁଲି ଗୀତ—ଶ୍ରୀ ଚକ୍ରଧର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
* ପଲ୍ଲୀଗୀତି ସଞ୍ଚୟନ—ଡକ୍ଟର କୁଞ୍ଜବିହାରୀ ଦାଶ, ଶାନ୍ତିନିକେତନ।
* ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ—ଡକ୍ଟର କରୁଣାକର କର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
* ଚର୍ଯ୍ୟାଗୀତି—ଡକ୍ଟର ସୁରେନ୍ଦ୍ରକୁମାର ମହାରଣା, ଜଗନ୍ନାଥ ରଥ, କଟକ।
* ଚର୍ଯ୍ୟାଗୀତିକା—ଡକ୍ଟର ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
* ସମାଲୋଚନାର ଦିଗଦିଗନ୍ତ—ଡକ୍ଟର ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
* ଓଡ଼ିଆ ସାହିତ୍ୟର ଇତିହାସ—ଡକ୍ଟର ସୁରେନ୍ଦ୍ରକୁମାର ମହାରଣା, ଓଡ଼ିଶା ବୁକ୍ ଷ୍ଟୋର, କଟକ।
* ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥମନ୍ଦିର, କଟକ।
* ନାଥଧର୍ମର କ୍ରମବିକାଶ—ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ, କଟକ।
* ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ସ୍ୱରୂପ—ଡକ୍ଟର କୁମୁଦରଞ୍ଜନ ପାଣିଗ୍ରାହୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
* ରୁଦ୍ରସୁଧାନିଧି, (ସଂ)—ଡକ୍ଟର କରୁଣାକର କର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
* ମାଦଳାପାଞ୍ଜି (ସଂ)—ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର।

* ମାଦଳାପାଞ୍ଜି (ସଂ)—ତକ୍ସର ସୁରେନ୍ଦ୍ରକୁମାର ମହାରଣା, ଅଗ୍ରଦୂତ, କଟକ।
* ପ୍ରାଚୀନ ଉତ୍କଳ—ଜଗବନ୍ଧୁ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
* ଚଉତିଶା ମଧୁଚନ୍ଦ୍ର, ୪ର୍ଥ ଖଣ୍ଡ (ସଂ)—ବିଚ୍ଛନ୍ଦଚରଣ ପଟ୍ଟନାୟକ, ପ୍ରାଚୀସମିତି, କଟକ।
* *Evolution of Oriya Language and Script* - Dr. K B Tripathy, Utkal University, Bhubaneswar.


***

# ୟୁନିଟ୍-୨

## ପ୍ରଥମ ପତ୍ର

## (ପ୍ରସଙ୍ଗ : ସାରଳା ସାହିତ୍ୟ)

ସୂଚନା :

ସାରଳାଦାସ ଓଡ଼ିଶାର ଆଦିକବି। ସେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ରଦେବ (୧୪୩୫-୬୮) ଓ ତାଙ୍କ ପୁତ୍ର ପୁରୁଷୋତ୍ତମଦେବ (୧୪୬୮-୯୭)ଙ୍କ ଶାସନକାଳରେ ଜୀବିତ ଥିଲେ। ତଦାନୀନ୍ତନ ଓଡ଼ିଶାରେ କଥିତ ସାହିତ୍ୟର ପ୍ରଭାବ ଥିଲା; କିନ୍ତୁ ଲିଖିତ ସାହିତ୍ୟର ସୁସମୃଦ୍ଧ ପରଂପରା ନ ଥିଲା। ସେତେବେଳେ ସଂସ୍କୃତ ଭାଷା ଓ ସାହିତ୍ୟ ଅସପନ୍ନ ପ୍ରତିଷ୍ଠା ଲାଭକରିଥିଲା। ସଂସ୍କୃତ ଭାଷାର ପ୍ରାଧାନ୍ୟ ଯୋଗୁଁ ଓଡ଼ିଆ ଭାଷା ମୁଣ୍ଡ ଟେକିପାରୁ ନ ଥିଲା ଏବଂ ବହୁକାଳ ଅବିକଶିତ ଅବସ୍ଥାରେ ପଡ଼ିରହିଥିଲା। ଫଳରେ ଓଡ଼ିଆ ଭାଷାରେ କୌଣସି ମୌଳିକ ତଥା ଦୃଷ୍ଟି-ଆକର୍ଷଣକାରୀ ଗ୍ରନ୍ଥ ରଚିତ ହୋଇପାରୁ ନଥିଲା। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ସାରଳାଦାସ ଆଗେଇ ଆସିଲେ; ଓଡ଼ିଆ ସାହିତ୍ୟରେ ବିପୁଳକାୟ ଗ୍ରନ୍ଥମାନ ରଚନାକରି ଓଡ଼ିଆ ସାହିତ୍ୟକୁ ବିକଶିତ ରୂପ ପ୍ରଦାନ କଲେ। ଏହା ଥିଲା ତାଙ୍କର ବୈପ୍ଳବିକ ତଥା ବଳିଷ୍ଠ ଭୂମିକା। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ତାଙ୍କର ଏହି ଭୂମିକା ପାଇଁ ସେ ଯଥାର୍ଥରେ ଓଡ଼ିଆ ସାହିତ୍ୟର ଆଦିକବି।

ସଂରଚନା ପ୍ରଣାଳୀ :

ଏହି ୟୁନିଟରେ ସାରଳା ସାହିତ୍ୟର ବ୍ୟାପ୍ତିକାଳ, ପୃଷ୍ଠଭୂମି (ରାଜନୀତିକ, ଧାର୍ମିକ, ସାହିତ୍ୟିକ, ସାଂସ୍କୃତିକ), ସାରଳାଦାସଙ୍କ ପରିଚୟ, ସାରଳାଦାସଙ୍କ ରଚନାବଳୀ (ସାରଳା ସାହିତ୍ୟ), ସାରଳା ସାହିତ୍ୟର ନିଷ୍କର୍ଷ ପ୍ରଭୃତି ବିଭିନ୍ନ ଦୃଷ୍ଟିରୁ ଆଲୋଚିତ ଏବଂ ସର୍ବଶେଷରେ ପରିଶିଷ୍ଟ ସଂଯୋଗ କରାଯାଇ ସେଥିରେ ଆଦର୍ଶ ପ୍ରଶ୍ନାବଳୀ ଓ ସହାୟକ ଗ୍ରନ୍ଥସୂଚୀ ସ୍ଥାନିତ କରାଯାଇଛି। ଏଥିସକାଶେ ନିମ୍ନ ସଂରଚନା ପଦ୍ଧତି ଅନୁସୃତ ହୋଇଛି।

୨.୦.- ସାରଳା ସାହିତ୍ୟ ଓ ଏହାର ବ୍ୟାପ୍ତି।

୨.୧.- ସାରଳା ସାହିତ୍ୟର ପୃଷ୍ଠଭୂମି।

୨.୨.- ସାରଳାଦାସଙ୍କ ପରିଚୟାତ୍ମକ ପରିକ୍ରମା।

୨.୩.- ସାରଳାଦାସଙ୍କ ବହୁଶାସ୍ତ୍ରଦର୍ଶିତା।

୨.୪.- ସାରଳାଦାସଙ୍କ ଧର୍ମମତ।

୨.୫.- ସାରଳାଦାସଙ୍କ ରଚନାବଳୀ।

୨.୬.- ନିଷ୍କର୍ଷ।

୨.୭.- ପରିଶିଷ୍ଟ - (କ) ଆଦର୍ଶ ପ୍ରଶ୍ନାବଳୀ। (ଖ) ସହାୟକ ଗ୍ରନ୍ଥସୂଚୀ।

### ୨.୦.- ସାରଳା ସାହିତ୍ୟ ଓ ଏହାର ବ୍ୟାପ୍ତି :

ସାରଳାଦାସ 'ମହାଭାରତ', 'ଚଣ୍ଡୀପୁରାଣ', 'ବିଲଙ୍କା ରାମାୟଣ' ଇତ୍ୟାଦି କେତେକ ଗ୍ରନ୍ଥର ପ୍ରଣେତା। ତତ୍‌କାଳୀନ ଓଡ଼ିଶାରେ ସଭ୍ୟତା, ସଂସ୍କୃତି, ଧର୍ମ, ପରଂପରା, ଦର୍ଶନ, ରାଜନୀତି, ଶାସନପଦ୍ଧତି, ଆର୍ଥନୀତିକ ବ୍ୟବସ୍ଥା, ସାମାଜିକ ଚିତ୍ର

ଇତ୍ୟାଦିର ବିସ୍ତୃତ ବିବରଣୀ ପ୍ରସଙ୍ଗକ୍ରମେ ତାଙ୍କ କୃତିରାଜିରେ ଫୁଟିଉଠିଛି । ଏ ଦୃଷ୍ଟିରୁ ସାରଳାଦାସ ଉତ୍କଳୀୟ ସଂସ୍କୃତିର ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ପ୍ରବକ୍ତା । ତାଙ୍କ ସମୟରେ ସେ ଥିଲେ ଓଡ଼ିଆ ସାହିତ୍ୟାକାଶ ଭାବରେ ଏକମାତ୍ର ଜଣାଶୁଣା ଓ ପ୍ରତିଭାବାନ କବି । ତାଙ୍କ ବିପୁଳକାୟ ସାହିତ୍ୟକୁ ତେଣୁ ସାରଳା ସାହିତ୍ୟ ଭାବରେ ନାମିତ କରାଯାଏ । ତାଙ୍କ ସାହିତ୍ୟ ରଚନା କାଳକୁ ଓଡ଼ିଆ ସାହିତ୍ୟରେ ସାରଳାଯୁଗ ଭାବରେ ଗ୍ରହଣ କରାଯାଏ ।

ସାରଳାଯୁଗର ସାହିତ୍ୟହିଁ ସାରଳା ସାହିତ୍ୟ । ସାରଳାଯୁଗର ବ୍ୟାପ୍ତି ୧୫ଶ ଶତାବ୍ଦୀର ଆରମ୍ଭରୁ ଶେଷପର୍ଯ୍ୟନ୍ତ, ଅର୍ଥାତ୍ ୧୪୦୧ ଖ୍ରୀଷ୍ଟାବ୍ଦରୁ ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ।

**୨.୧.- ସାରଳା ସାହିତ୍ୟର ପୃଷ୍ଠଭୂମି :**

ସାରଳାଦାସ ଲେଖନୀ ଚାଳନା କରିବା ସମୟରେ ତାଙ୍କୁ ପ୍ରଭାବିତ କରିବାପାଇଁ କୌଣସି ବ୍ୟକ୍ତିବିଶେଷର ଅଭାବ ହୁଏତ ଥିଲା, କିନ୍ତୁ ଏପରି ଏକ ସୁଦୃଢ଼ ପୃଷ୍ଠଭୂମି ବିଦ୍ୟମାନ ଥିଲା, ଯାହା ଉପରେ ଦଣ୍ଡାୟମାନ ହୋଇ ସେ ସାରସ୍ୱତ କ୍ଷେତ୍ରରେ ଆଗେଇ ଯିବାପାଇଁ ପ୍ରେରଣା ଲାଭ କରିଥିଲେ । ଏଠାରେ ସେହି ପୃଷ୍ଠଭୂମିର ଆଲୋଚନା କରିବା ଆମର ଉଦ୍ଦେଶ୍ୟ । ଏହି ପୃଷ୍ଠଭୂମିକୁ କେତୋଟି ବିଭାଗରେ ବିଭକ୍ତ କରାଯାଇପାରେ; ଯଥା– ରାଜନୀତିକ ପୃଷ୍ଠଭୂମି, ଧାର୍ମିକ ପୃଷ୍ଠଭୂମି, ସାମାଜିକ ପୃଷ୍ଠଭୂମି, ସାହିତ୍ୟିକ ପୃଷ୍ଠଭୂମି, ସାଂସ୍କୃତିକ ପୃଷ୍ଠଭୂମି ଓ ଆର୍ଥନୀତିକ ପୃଷ୍ଠଭୂମି ।

**୨.୧.୧.- ରାଜନୀତିକ ପୃଷ୍ଠଭୂମି :**

ସାରଳାଦାସ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କବି । ସେ ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବଙ୍କ ସମକାଳୀନ । ତେଣୁ ଏ ଦୁଇ ନରପତିଙ୍କ ସମୟର ରାଜନୀତିକ ଚିତ୍ର ତାଙ୍କ ମହାନ୍ ଗ୍ରନ୍ଥ 'ମହାଭାରତ'ରେ ପରିଦୃଷ୍ଟ ହେବା ଏକାନ୍ତ ସ୍ୱାଭାବିକ । କିନ୍ତୁ କେବଳ ତତ୍କାଳୀନ ରାଜନୀତିକ ଚିତ୍ର ନୁହେଁ, ପୂର୍ବରୁ ଓଡ଼ିଶା ଶାସନ କରିଥିବା ସୋମବଂଶୀ ଓ ଗଙ୍ଗବଂଶୀ ନରପତିମାନଙ୍କ ସମସାମୟିକ ବହୁ ରାଜନୀତିକ ସୂଚନା ତାଙ୍କର ଏହି ଗ୍ରନ୍ଥରେ ଉପଲବ୍ଧ ହୁଏ । ଏହାହିଁ ତାଙ୍କ ରଚନାରେ ପରିଦୃଷ୍ଟ ରାଜନୀତିକ ପୃଷ୍ଠଭୂମି ।

ଆଜିର ରାଜନୀତିକ ଓଡ଼ିଶାର ବିଭିନ୍ନ ଅଂଶ ଅତୀତର କଳିଙ୍ଗ, କୋଶଳ, ଉତ୍କଳ, କଙ୍ଗୋଦ, ତୋଷାଳି ଇତ୍ୟାଦି ନାମରେ ପରିଚିତ ଥିଲା । ସୂର୍ଯ୍ୟବଂଶ ପ୍ରତିଷ୍ଠାତା ରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ରାଜକୀୟ ଅଭିଲେଖରେ ଏହା ପ୍ରଥମ ଥରପାଇଁ ଓଡ଼ିଶା ନାମରେ ଅଭିହିତ ହୋଇଅଛି । ଅତୀତ (ଖ୍ରୀ.ପୂ. ୩ୟ ଶତାବ୍ଦୀ)ରେ ଏହି ଭୂମିରେ ପାଦଦେଇ 'ଚଣ୍ଡାଶୋକ ଅଶୋକ' 'ଧର୍ମାଶୋକ ଅଶୋକ'ରେ ପରିଣତ ହୋଇଥିଲେ ଏବଂ ଏହିଠାରୁ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ଆରମ୍ଭ କରିଥିଲେ । ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳ କଳିଙ୍ଗର ସୀମାକୁ ମହାରାଷ୍ଟ୍ର ଓ ମଥୁରା ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ । ପରବର୍ତ୍ତୀକାଳରେ ତତ୍କାଳୀନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମାଠର ବଂଶ, ନଳବଂଶ, ନାଗବଂଶ, ନନ୍ଦବଂଶ, ପ୍ରାଚୀନ ଗଙ୍ଗବଂଶ, ଶୈଳୋଦ୍ଭବ ବଂଶ, ଭୌମକର ବଂଶ, ସୋମବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ ଇତ୍ୟାଦି ବହୁ ରାଜବଂଶ ରାଜତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଶାସକ ଆଜି ଇତିହାସ ଗର୍ଭରେ ବିଲୀନ; କିନ୍ତୁ କେତେଜଣ ଆଜି ବି ସେମାନଙ୍କ କୀର୍ତ୍ତିରାଜି ପାଇଁ ଜାତିର ସ୍ମୃତିପଟରେ ଉଦ୍‌ଜୀବିତ ।

ସେହି ସମୟରେ ଓଡ଼ିଶାରେ ଏପରିକି ଭାରତବର୍ଷରେ ମଧ୍ୟ ଇତିହାସ ଲେଖିବାର ପରମ୍ପରା ନ ଥିଲା । ଅନେକ ଐତିହାସିକ ତଥ୍ୟ କିଂବଦନ୍ତୀ ଆକାରରେ ପ୍ରଚଳିତ ଥିଲା । ସାରଳାଦାସ ବହୁ କିଂବଦନ୍ତୀକୁ ଆଶ୍ରୟ କରି ତାଙ୍କ ମହାଭାରତରେ ସ୍ଥାନ ଦେଇଛନ୍ତି ବିଭିନ୍ନ ପୌରାଣିକ ପ୍ରସଙ୍ଗର ଉପସ୍ଥାପନ କାଳରେ । କିଂବଦନ୍ତୀ ଇତିହାସ ନ ହେଲେହେଁ ଇତିହାସର ଆଭାସ ଏଥିରେ ନିହିତ । ଲିଖିତ ରୂପରେ ନ ଥାଇ କିଂବଦନ୍ତୀ ଆକାରରେ ଥିବାରୁ ତାଙ୍କ ଗ୍ରନ୍ଥରେ କେତେକ ଐତିହାସିକ ତଥ୍ୟରୁ ନିର୍ଭୁଲ ପରିପ୍ରକାଶ ହୋଇପାରି

ଇତ୍ୟାଦିର ବିସ୍ତୃତ ବିବରଣୀ ପ୍ରସଙ୍ଗକ୍ରମେ ତାଙ୍କ କୃତିରାଜିରେ ଫୁଟିଉଠିଛି । ଏ ଦୃଷ୍ଟିରୁ ସାରଳାଦାସ ଉତ୍କଳୀୟ ସଂସ୍କୃତିର ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ପ୍ରବକ୍ତା । ତାଙ୍କ ସମୟରେ ସେ ଥିଲେ ଓଡ଼ିଆ ସାହିତ୍ୟକାର ଭାବରେ ଏକମାତ୍ର ଜଣାଶୁଣା ଓ ପ୍ରତିଭାବାନ କବି । ତାଙ୍କ ବିପୁଳକାୟ ସାହିତ୍ୟକୁ ତେଣୁ ସାରଳା ସାହିତ୍ୟ ଭାବରେ ନାମିତ କରାଯାଏ । ତାଙ୍କ ସାହିତ୍ୟ ରଚନା କାଳକୁ ଓଡ଼ିଆ ସାହିତ୍ୟରେ ସାରଳାଯୁଗ ଭାବରେ ଗ୍ରହଣ କରାଯାଏ ।

ସାରଳାଯୁଗର ସାହିତ୍ୟହିଁ ସାରଳା ସାହିତ୍ୟ । ସାରଳାଯୁଗର ବ୍ୟାପ୍ତି ୧୫ଶ ଶତାବ୍ଦୀର ଆରମ୍ଭରୁ ଶେଷପର୍ଯ୍ୟନ୍ତ, ଅର୍ଥାତ୍ ୧୪୦୧ ଖ୍ରୀଷ୍ଟାବ୍ଦରୁ ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ।

**୨.୧.- ସାରଳା ସାହିତ୍ୟର ପୃଷ୍ଠଭୂମି :**

ସାରଳାଦାସ ଲେଖନୀ ଚାଳନା କରିବା ସମୟରେ ତାଙ୍କୁ ପ୍ରଭାବିତ କରିବାପାଇଁ କୌଣସି ବ୍ୟକ୍ତିବିଶେଷର ଅଭାବ ହୁଏତ ଥିଲା, କିନ୍ତୁ ଏପରି ଏକ ସୁଦୃଢ଼ ପୃଷ୍ଠଭୂମି ବିଦ୍ୟମାନ ଥିଲା, ଯାହା ଉପରେ ଦଣ୍ଡାୟମାନ ହୋଇ ସେ ସାରସ୍ୱତ କ୍ଷେତ୍ରରେ ଆଗେଇ ଯିବାପାଇଁ ପ୍ରେରଣା ଲାଭ କରିଥିଲେ । ଏଠାରେ ସେହି ପୃଷ୍ଠଭୂମିର ଆଲୋଚନା କରିବା ଆମର ଉଦ୍ଦେଶ୍ୟ । ଏହି ପୃଷ୍ଠଭୂମିକୁ କେତୋଟି ବିଭାଗରେ ବିଭକ୍ତ କରାଯାଇପାରେ; ଯଥା– ରାଜନୀତିକ ପୃଷ୍ଠଭୂମି, ଧାର୍ମିକ ପୃଷ୍ଠଭୂମି, ସାମାଜିକ ପୃଷ୍ଠଭୂମି, ସାହିତ୍ୟିକ ପୃଷ୍ଠଭୂମି, ସାଂସ୍କୃତିକ ପୃଷ୍ଠଭୂମି ଓ ଆର୍ଥନୀତିକ ପୃଷ୍ଠଭୂମି ।

**୨.୧.୧.- ରାଜନୀତିକ ପୃଷ୍ଠଭୂମି :**

ସାରଳାଦାସ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କବି । ସେ ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବଙ୍କ ସମକାଳୀନ । ତେଣୁ ଏ ଦୁଇ ନରପତିଙ୍କ ସମୟର ରାଜନୀତିକ ଚିତ୍ର ତାଙ୍କ ମହାନ୍ ଗ୍ରନ୍ଥ 'ମହାଭାରତ'ରେ ପରିଦୃଷ୍ଟ ହେବା ଏକାନ୍ତ ସ୍ୱାଭାବିକ । କିନ୍ତୁ କେବଳ ତତ୍କାଳୀନ ରାଜନୀତିକ ଚିତ୍ର ନୁହେଁ, ପୂର୍ବରୁ ଓଡ଼ିଶା ଶାସନ କରିଥିବା ସୋମବଂଶୀ ଓ ଗଙ୍ଗବଂଶୀ ନରପତିମାନଙ୍କ ସମସାମୟିକ ବହୁ ରାଜନୀତିକ ସୂଚନା ତାଙ୍କର ଏହି ଗ୍ରନ୍ଥରେ ଉପଲବ୍ଧ ହୁଏ । ଏହାହିଁ ତାଙ୍କ ରଚନାରେ ପରିଦୃଷ୍ଟ ରାଜନୀତିକ ପୃଷ୍ଠଭୂମି ।

ଆଜିର ରାଜନୀତିକ ଓଡ଼ିଶାର ବିଭିନ୍ନ ଅଂଶ ଅତୀତର କଳିଙ୍ଗ, କୋଶଳ, ଉତ୍କଳ, କଙ୍ଗୋଦ, ତୋଷାଳି ଇତ୍ୟାଦି ନାମରେ ପରିଚିତ ଥିଲା । ସୂର୍ଯ୍ୟବଂଶ ପ୍ରତିଷ୍ଠାତା ରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ରାଜକୀୟ ଅଭିଲେଖରେ ଏହା ପ୍ରଥମ ଥରପାଇଁ ଓଡ଼ିଶା ନାମରେ ଅଭିହିତ ହୋଇଅଛି । ଅତୀତ (ଖ୍ରୀ.ପୂ. ୩ୟ ଶତାବ୍ଦୀ)ରେ ଏହି ଭୂମିରେ ପାଦଦେଇ 'ଚଣ୍ଡାଶୋକ ଅଶୋକ' 'ଧର୍ମାଶୋକ ଅଶୋକ'ରେ ପରିଣତ ହୋଇଥିଲେ ଏବଂ ଏହିଠାରୁ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ଆରମ୍ଭ କରିଥିଲେ । ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳ କଳିଙ୍ଗର ସୀମାକୁ ମହାରାଷ୍ଟ୍ର ଓ ମଥୁରା ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ । ପରବର୍ତ୍ତୀକାଳରେ ତତ୍କାଳୀନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମାଠର ବଂଶ, ନଳବଂଶ, ନାଗବଂଶ, ନନ୍ଦବଂଶ, ପ୍ରାଚୀନ ଗଙ୍ଗବଂଶ, ଶୈଳୋଦ୍ଭବ ବଂଶ, ଭୌମକର ବଂଶ, ସୋମବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ ଇତ୍ୟାଦି ବହୁ ରାଜବଂଶ ରାଜତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଶାସକ ଆଜି ଇତିହାସ ଗର୍ଭରେ ବିଲୀନ; କିନ୍ତୁ କେତେଜଣ ଆଜି ବି ସେମାନଙ୍କ କୀର୍ତ୍ତିରାଜି ପାଇଁ ଜାତିର ସ୍ମୃତିପଟରେ ଉଦ୍‌ଜୀବିତ ।

ସେହି ସମୟରେ ଓଡ଼ିଶାରେ ଏପରିକି ଭାରତବର୍ଷରେ ମଧ୍ୟ ଇତିହାସ ଲେଖିବାର ପରମ୍ପରା ନ ଥିଲା । ଅନେକ ଐତିହାସିକ ତଥ୍ୟ କିଂବଦନ୍ତୀ ଆକାରରେ ପ୍ରଚଳିତ ଥିଲା । ସାରଳାଦାସ ବହୁ କିଂବଦନ୍ତୀକୁ ଆଶ୍ରୟ କରି ତାଙ୍କ ମହାଭାରତରେ ସ୍ଥାନ ଦେଇଛନ୍ତି ବିଭିନ୍ନ ପୌରାଣିକ ପ୍ରସଙ୍ଗର ଉପସ୍ଥାପନ କାଳରେ । କିଂବଦନ୍ତୀ ଇତିହାସ ନ ହେଲେହେଁ ଇତିହାସର ଆଭାସ ଏଥିରେ ନିହିତ । ଲିଖିତ ରୂପରେ ନ ଥାଇ କିଂବଦନ୍ତୀ ଆକାରରେ ଥିବାରୁ ତାଙ୍କ ଗ୍ରନ୍ଥରେ କେତେକ ଐତିହାସିକ ତଥ୍ୟରୁ ନିର୍ଭୁଲ ପରିପ୍ରକାଶ ହୋଇପାରି

ନାହିଁ। କାରଣ କୌଣସି ଐତିହାସିକ ବିବରଣୀକୁ ସେ ଯେପରି ଭାବରେ ଲୋକମୁଖରୁ ଶୁଣିଛନ୍ତି, ସେହିପରି ଭାବରେ ନିଜ ରଚନାରେ ପରିବେଷଣ କରିଛନ୍ତି। କିନ୍ତୁ ସମକାଳୀନ ଇତିହାସକୁ ସେ ପ୍ରତ୍ୟକ୍ଷ କରିଥିବାରୁ ତାହାକୁ ନିର୍ଭୁଲ ଭାବରେ ନିଜ ଗ୍ରନ୍ଥରେ ପରିବେଷଣ କରିଛନ୍ତି ବିଭିନ୍ନ ପୌରାଣିକ ଆଖ୍ୟାନ ମାଧ୍ୟମରେ। ଇତିହାସ ଓ କିଂବଦନ୍ତୀକୁ ନେଇ ଯେପରି ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ଖଞ୍ଜିଦେବାରେ ସେ ସିଦ୍ଧହସ୍ତ ଥିଲେ। ତେଣୁ ତାଙ୍କ ମହାଭାରତ ତାଙ୍କ ପୂର୍ବକାଳୀନ ଓ ସମକାଳୀନ ରାଜନୀତିକ ଇତିହାସର ଏକ ଗନ୍ତାଘର, ଯାହା ବିଭିନ୍ନ ପୌରାଣିକ ଆଖ୍ୟାନ ମାଧ୍ୟମରେ ପରୋକ୍ଷଭାବରେ ପ୍ରକାଶିତ। ସାରଳାକାଳୀନ ରାଜନୀତିକ ପୃଷ୍ଠଭୂମି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ସଙ୍ଗେ ସଙ୍ଗେ ଏହାର ଅନ୍ତରାଳରେ ତାଙ୍କ ରାଜନୀତିକ ସଚେତନତା କିପରି ଫୁଟିଉଠିଛି, ତାହା ପ୍ରଦର୍ଶନ କରାଯାଇପାରେ।

ଉତ୍କଳରେ ସୂର୍ଯ୍ୟବଂଶ ପୂର୍ବରୁ ଗଙ୍ଗବଂଶ ଓ ତା' ପୂର୍ବରୁ ସୋମବଂଶ ଶାସନ ଥିଲା। ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ଗଙ୍ଗବଂଶୀ ରାଜା ଚୋଡ଼ଗଙ୍ଗଦେବ ପ୍ରାୟ ୧୧୧୦ ଖ୍ରୀଷ୍ଟାବ୍ଦରେ ଉତ୍କଳ ଅଧିକାର କଲେ ଏବଂ କର୍ଣ୍ଣଦେବଙ୍କୁ ସାମନ୍ତ ରାଜା ରୂପେ ଅବସ୍ଥାପିତ କଲେ। ଏହାର କିଛିକାଳ ପରେ ଓ ୧୧୧୮ ଖ୍ରୀଷ୍ଟାବ୍ଦ ପୂର୍ବରୁ କର୍ଣ୍ଣଦେବଙ୍କ ମୃତ୍ୟୁ ହୋଇଥିଲା ଏବଂ ଉତ୍କଳ ଗଙ୍ଗ-ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା। ଏହିପରି ସୋମବଂଶୀ ଶାସନର ଅବସାନ ହୋଇ ଓଡ଼ିଶାରେ ଗଙ୍ଗଶାସନ ପ୍ରତିଷ୍ଠା ଲାଭକଲା। ଚୋଡ଼ଗଙ୍ଗଦେବ (୧୦୭୮-୧୧୪୭ ଖ୍ରୀ:) ପ୍ରାୟ ୭୦ ବର୍ଷ ରାଜତ୍ୱ କରିଥିଲେ। ସେ ଜଣେ ଦକ୍ଷ ଶାସକ ଓ ପରାକ୍ରମୀ ସେନାପତି ଥିଲେ। ସେ ଉତ୍ତରରେ ସୋମବଂଶୀମାନଙ୍କୁ ଓ ଦକ୍ଷିଣରେ ଚୋଳମାନଙ୍କୁ ଯୁଦ୍ଧରେ ପରାଜିତ କରି ଏକ ସୁଦୃଢ଼ ତଥା ସୁସଂଗଠିତ ସାମ୍ରାଜ୍ୟ ସ୍ଥାପନ କରିଥିଲେ। ତାଙ୍କ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ପରବର୍ତ୍ତୀ ଗଙ୍ଗରାଜା ଅନଙ୍ଗଭୀମଦେବ ପଶ୍ଚିମ ଓଡ଼ିଶା ଜୟ କରିବାଦ୍ୱାରା ସମଗ୍ର ଓଡ଼ିଶା ଗଙ୍ଗ ଶାସନାଧୀନ ହୋଇଥିଲା। ଏହାପରେ ଗଙ୍ଗମାନେ ଅଭିନବ ବାରଣାସୀ କଟକ (ଆଧୁନିକ କଟକ)କୁ ସେମାନଙ୍କ ରାଜଧାନୀ ସ୍ଥାନାନ୍ତରିତ କଲେ।

ଓଡ଼ିଶାରେ ଗଙ୍ଗମାନଙ୍କ ରାଜତ୍ୱକାଳରେ ଭାରତୀୟ ରାଜନୀତିରେ ଏକ ଦ୍ରୁତ ପରିବର୍ତ୍ତନ ଦେଖାଦେଲା। ମୁସଲମାନମାନେ ସମଗ୍ର ଉତ୍ତର-ଭାରତ ଅଧିକାର କରି ପୂର୍ବାଞ୍ଚଳ ଆଡ଼କୁ ପ୍ରବଳ ବେଗରେ ମାଡ଼ି ଆସୁଥିଲେ। ଓଡ଼ିଶାର ପଡ଼ୋଶୀ ବଙ୍ଗରାଜ୍ୟ ସେମାନଙ୍କ ଶାସନାଧୀନ ହେଲା। ଦାକ୍ଷିଣାତ୍ୟରେ ସ୍ୱାଧୀନ ମୁସଲମାନ ରାଜ୍ୟ ବାହମନି ମଧ୍ୟ ମୁଣ୍ଡ ଟେକିଲା। ବିହାରର ଜଉନପୁରଠାରେ ସର୍କି ନାମକ ଏକ ମୁସଲମାନ ଶାଖାର ରାଜତ୍ୱ ପ୍ରତିଷ୍ଠା ହେଲା। ସେତେବେଳେ ପୂର୍ବ-ଭାରତରେ ଓଡ଼ିଶା ଥିଲା ଏକମାତ୍ର ହିନ୍ଦୁରାଜ୍ୟ; ଏହା ମଧ୍ୟ ଥିଲା ଖୁବ୍ ସମୃଦ୍ଧିଶାଳୀ। ଏହା ରାଜ୍ୟ ଉପରେ ଦିଲ୍ଲୀ, ବଙ୍ଗ, ଜଉନପୁର, ମାଳବ, ବାହମନିର ମୁସଲମାନ ଶାସକମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ସ୍ୱାଭାବିକ। କାଳକ୍ରମେ ଗଙ୍ଗରାଜବଂଶ ଯେତେବେଳେ ଦୁର୍ବଳ ହେବାକୁ ବସିଲା, ଏହିସବୁ ମୁସଲମାନ ଶକ୍ତି ଓଡ଼ିଶାକୁ ବାରମ୍ବାର ଆକ୍ରମଣ କରି ଓଡ଼ିଶାର ସୁଦୃଢ଼ ରାଜନୀତିକୁ ଦୋହଲାଇ ଦେବାକୁ ଉଦ୍ୟମ କଲେ। ତଥାପି ଓଡ଼ିଶାକୁ ସେମାନେ ସହଜରେ କରାୟତ୍ତ କରିପାରିଲେ ନାହିଁ।

ମୁସଲମାନମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତରହି କ୍ରମେ ଗଙ୍ଗ ସାମ୍ରାଜ୍ୟ ଦୁର୍ବଳ ହେବାକୁ ଲାଗିଲା। ଗଙ୍ଗ ନରପତି ତୃତୀୟ ଭାନୁଦେବଙ୍କ ରାଜତ୍ୱକାଳରେ ଫିରୋଜ ତୋଗଲକ ଅତର୍କିତ ଭାବରେ ଓଡ଼ିଶା ଆକ୍ରମଣ କଲେ। ସେ ସିଂହଭୂମି, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଦେଇ କଟକ ଜିଲ୍ଲାରେ ପ୍ରବେଶ କରି ସାରଙ୍ଗଗଡ଼ ଦୁର୍ଗ ଅବରୋଧ କଲେ। ଭାନୁଦେବ ଫିରୋଜଙ୍କୁ ପ୍ରତିରୋଧ କରିବା ଅବସ୍ଥାରେ ନ ଥିଲେ। ସେ ଚଉଦ୍ୱାରକୁ ପଳାୟନ କଲେ ଓ ସେଠାରୁ ଯାଇ ଧବଳେଶ୍ୱର ଦ୍ୱୀପରେ ଆଶ୍ରୟ ଗ୍ରହଣ କଲେ। ଫିରୋଜ ବିଜୟଦର୍ପରେ ଗଙ୍ଗ ରାଜଧାନୀ ବାରଣାସୀ କଟକ (ଆଧୁନିକ କଟକ ସହର)ରେ ପ୍ରବେଶ କରି ସେଠାରେ ଅବସ୍ଥିତ ପୁରୁଷୋତ୍ତମ-ଜଗନ୍ନାଥଙ୍କ ମନ୍ଦିର ସମେତ ଅନେକ ହିନ୍ଦୁ ମନ୍ଦିର ଓ ଅଟ୍ଟାଳିକା ମାଟିରେ ମିଶାଇଦେଲେ। ସେହି କାରଣରୁ ତତ୍କାଳୀନ ଗଙ୍ଗ ରାଜଧାନୀ (ଆଜିର କଟକ)ରେ କୌଣସି ପ୍ରାଚୀନ ମନ୍ଦିର ଦେଖାଯାଏ ନାହିଁ। ଏହିପରି ଫିରୋଜଙ୍କ ଓଡ଼ିଶା ଆକ୍ରମଣ ଗଙ୍ଗମାନଙ୍କ ସାମରିକ ମେରୁଦଣ୍ଡ ଭାଙ୍ଗିଦେଲା।

ଗଙ୍ଗମାନଙ୍କ ପୂର୍ବଶକ୍ତି ଫେରାଇ ଆଣିବା ପାଇଁ ଏହି ବଂଶରେ ଆଉ କେହି ପରାକ୍ରମୀ ରାଜା ଜନ୍ମ ଗ୍ରହଣ କଲେ ନାହିଁ। ଦାକ୍ଷିଣାତ୍ୟରେ ହିନ୍ଦୁ ରାଜ୍ୟ ବିଜୟ ନଗର ଓ ରାଜମହେନ୍ଦ୍ରୀ ଏହି ସମୟରେ ଶକ୍ତିଶାଳୀ ହୋଇ ଉଠିଲେ ଏବଂ ଓଡ଼ିଶାକୁ ଆକ୍ରମଣ କରିବା ପାଇଁ ସୁଯୋଗର ଅପେକ୍ଷାରେ ରହିଲେ। ଏହିପରି ମଝିରେ ମଝିରେ ଦାକ୍ଷିଣାତ୍ୟର ରାଜମହେନ୍ଦ୍ରୀ ଓ ବିଜୟ ନଗର ସହିତ ଗଙ୍ଗମାନଙ୍କର ଯୁଦ୍ଧ ଲାଗିରହିଥିଲା। ୧୪୩୫ ଖ୍ରୀଷ୍ଟାବ୍ଦରେ ଭାନୁଦେବ ଦାକ୍ଷିଣାତ୍ୟରେ ଯୁଦ୍ଧରତ ଥିଲାବେଳେ କପିଳେଶ୍ୱର ରାଉତ ନାମକ ତାଙ୍କର ଜଣେ ସୁଦକ୍ଷ ତଥା ଜନପ୍ରିୟ ମନ୍ତ୍ରୀ ଓଡ଼ିଶା ସିଂହାସନ ଅଧିକାର କଲେ। ସେ କପିଳେନ୍ଦ୍ରଦେବ ନାମରେ ପରିଚିତ ହେଲେ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜବଂଶ ପରିଚିତ ହେଲା ସୂର୍ଯ୍ୟବଂଶ ନାମରେ।

କପିଳେନ୍ଦ୍ର ଜଣେ ଅସାଧାରଣ ଯୋଦ୍ଧା ଓ ଦିଗ୍‌ବିଜୟୀ ସମ୍ରାଟରୂପେ ଇତିହାସପ୍ରସିଦ୍ଧ। ସେ ସିଂହାସନ ଆରୋହଣ କରିବା ସମୟରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଲାଗିରହିଥିଲା ଏବଂ ବାହ୍ୟଶତ୍ରୁ ଆକ୍ରମଣର ଭୟ ମଧ୍ୟ ଥିଲା। କପିଳେନ୍ଦ୍ରଦେବ ଅସୀମ ସାହସ ଓ ବୀରତ୍ୱର ସହ ଏହି ପରିସ୍ଥିତିର ମୁକାବିଲା କରିପାରିଥିଲେ ଏବଂ ନିଜ ସାମ୍ରାଜ୍ୟକୁ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ କରାଇପାରିଥିଲେ।

କପିଳେନ୍ଦ୍ରଙ୍କ ପୁତ୍ର ପୁରୁଷୋତ୍ତମଦେବ ସିଂହାସନ ଅଳଂକୃତ କରିବା ପରେ ନିଜର ଭାଇ ହମ୍ୱିରଙ୍କ ସହିତ ଗୃହଯୁଦ୍ଧରେ ଲିପ୍ତ ରହିଥିଲେ। କାଞ୍ଚି ରାଜ୍ୟ ଜୟକରି କାଞ୍ଚିର ରାଜକୁମାରୀ ପଦ୍ମାବତୀଙ୍କୁ ସେ ବିହାହ କରିଥିଲେ ବୋଲି ପ୍ରଚଳିତ କାଞ୍ଚି-କାବେରୀ କିଂବଦନ୍ତୀରୁ ଜଣାଯାଏ।

କପିଳେନ୍ଦ୍ରଦେବଙ୍କ ରାଜତ୍ୱକାଳରେ ସମଗ୍ର ଓଡ଼ିଶା ଶାନ୍ତି, ସୁଖ ଓ ଐଶ୍ୱର୍ଯ୍ୟ ଭୋଗ କରୁଥିଲା। ଏହି ସମୟରେ ସାରଳାଦାସ ମହାଭାରତ ରଚନା କରିବା ପାଇଁ ଅନୁକୂଳ ପରିବେଶ ଲାଭ କରିଥିଲେ। ତାଙ୍କ ମହାଭାରତ ମୂଳ ସଂସ୍କୃତ ମହାଭାରତର ସଂପୂର୍ଣ୍ଣ ଅନୁସରଣ ବା ଅନୁବାଦ ନୁହେଁ। ଏହା ଏକ ସଂପୂର୍ଣ୍ଣ ଅଭିନବ ଗ୍ରନ୍ଥ। ଏଥିରେ ଓଡ଼ିଶା ବିଷୟରେ ଏତେ କଥା ରହିଛି ଯେ ଏହାକୁ ଓଡ଼ିଶାର ବିଶ୍ୱକୋଷ ବୋଲି କୁହାଯାଇପାରିବ। ତାଙ୍କ ପୂର୍ବକାଳୀନ ଓ ସମକାଳୀନ ରାଜନୀତିକ ବିବରଣୀ ତାଙ୍କ ଗ୍ରନ୍ଥରେ ବିଭିନ୍ନ ଆଖ୍ୟାନ, ଆଖ୍ୟାୟିକା ଓ ବର୍ଣ୍ଣନା ମାଧ୍ୟମରେ କିପରି ଲୁକ୍‌କାୟିତ ରହିଛି, ତାର ବିସ୍ତୃତ ବିବରଣୀ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ 'ସାରଳା ସାହିତ୍ୟର ଐତିହାସିକ ଚିତ୍ର' ପୁସ୍ତକରେ ପ୍ରଦାନ କରିଛନ୍ତି।

ଦ୍ରୌପଦୀ ସ୍ୱୟଂବରକୁ ଆମନ୍ତ୍ରିତ ରାଜାମାନଙ୍କ ପରିଚୟ ଦେବାକାଳରେ ସାରଳାଦାସ ଅଷ୍ଟାଦଶ ବଂଶର ନାମୋଲ୍ଲେଖ କରିଛନ୍ତି। ତାଙ୍କ ଜ୍ଞାନରୁ ଭାରତରେ ଓ ଓଡ଼ିଶାରେ ଶାସନ କରିଥିବା ବା କରୁଥିବା ରାଜବଂଶମାନଙ୍କୁ ଏହି ଅଷ୍ଟାଦଶ ବଂଶର ଅନ୍ତର୍ଭୁକ୍ତ କରିଛନ୍ତି। ତାଙ୍କ ଭାଷାରେ–

"ସୋମସୂର୍ଯ୍ୟ ବଂଶ ଯଦୁବଂଶ ଭୋଜ ବଂଶ
କୁରୁବଂଶ ଅନ୍ଧକ ବଂଶ ହଇହୟ ବଂଶ।
ଚୁହାଣ ବଂଶ ବୃଷ୍ଣିକ ବଂଶ ଗୋପାଳ ଯେ ବଂଶ
କୁକ୍‌କୁର ବଂଶ ବୃନ୍ଦାରକ ବଂଶ ଦକ୍ଷବଂଶ।
ଚୋଳ ଚାଲୁକ୍ୟ ଫୁଲୁକି ଗଙ୍ଗ ଭୋପାଳ ବଂଶ
ଯେ ରୂପେ ସଖୀ ଗୋ ଅଛନ୍ତି ଅଷ୍ଟାଦଶ ବଂଶ।" (ଆଦିପର୍ବ, ପୃ. ୭୯୬)

ଏଥିରେ ଓଡ଼ିଶାର ସୋମବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶର ସୂଚନା ମିଳୁଥିବା ସଙ୍ଗେ ସଙ୍ଗେ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ରାଜତ୍ୱ କରୁଥିବା ଭୋଜବଂଶ, ଚୌହାନ ବଂଶ, ବୃଷ୍ଣିକବଂଶ, ଚୋଳବଂଶ, ଚାଲୁକ୍ୟବଂଶ ଇତ୍ୟାଦିର ନାମ ମଧ୍ୟ ମିଳେ। ଏଥିରେ

ସୂଚିତ ଅନ୍ଧକ ବଂଶ ହେଉଛି ଆନ୍ଧ୍ରର ରାଜବଂଶ । ସାରଳାଦାସ ଆନ୍ଧ୍ରମାନଙ୍କୁ ସବୁବେଳେ ଅନ୍ଧକବଂଶ ବୋଲି ଉଲ୍ଲେଖ କରିଛନ୍ତି । 'ମହାଭାରତ'ର ଆଦିପର୍ବରେ ଭୀମଙ୍କ ଦ୍ୱାରା ଶିବପୁରରେ ଚଣ୍ଡାଳବଳ ବଧ ଓ ବିଷ୍ଣୁକର ପଣ୍ଡାଙ୍କୁ ରାଜା କରିବା ଆଖ୍ୟାନର ଅନ୍ତରାଳରେ ସାରଳାଦାସ ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ଓଡ଼ିଶାରେ ଶାସନ କରୁଥିବା ଭୌମକର ବଂଶର ସୂଚନା ଦେଇଛନ୍ତି ।

ଭୌମକର ବଂଶ ପରେ ସୋମବଂଶୀମାନେ ଓଡ଼ିଶାରେ ରାଜତ୍ୱ କରିଥିଲେ । ସେହି ବଂଶର କେତେଜଣ ରାଜା କେଶରୀ ନାମରେ ପରିଚିତ ଥିଲେ । ଯଥା– ଯଯାତି କେଶରୀ, ଉଦ୍ୟୋତ କେଶରୀ, କର୍ଣ୍ଣକେଶରୀ । ମଧ୍ୟପର୍ବରେ ଚନ୍ଦ୍ରାବତୀ ସ୍ୱୟଂବର ଉପଲକ୍ଷେ ଯେଉଁ ରାଜାମାନଙ୍କୁ ନିମନ୍ତ୍ରଣ କରାଯାଇଛି ତାହାର ବିବରଣୀ ଦେଇ ସାରଳାଦାସ ଉଦୟ କେଶରୀଙ୍କ ନାମୋଲ୍ଲେଖ କରିଛନ୍ତି । ସୋମବଂଶ ରାଜା ମହାଶିବଗୁପ୍ତ ଉଦ୍ୟୋତ କେଶରୀ (୧୦୪୦-୬୫) ହିଁ ତାଙ୍କ ଭାଷାରେ ଉଦୟ କେଶରୀ:–

"ଉଦୟ କେଶରୀ ବୋଲି ତହିଁର ନୃପତି
ଯୋଦ୍ଧାନ୍ତ ଘେନି ବରଣ କରିବାରେ ଅଇଲା ତତକ୍ଷଣାନ୍ତି ।" (ମଧ୍ୟପର୍ବ, ପୃ.୫୪୯)

ଆଦିପର୍ବରେ ଭାନୁମତି ସ୍ୱୟଂବରକୁ ଆସିଥିବା ରାଜାମାନଙ୍କ ନାମ ସାରଳାଦାସ ଦେଇଛନ୍ତି । ଏହି ପ୍ରସଙ୍ଗରେ ଯଯାତିଙ୍କ ନାମ ଉଲ୍ଲେଖ କରାଯାଇଛି ।

"ଯେମନ୍ତେ ଛତିଶ ମଣ୍ଡଳ ଜମ୍ବୁଦ୍ୱୀପ ପୃଥୀ
ବାର ରାଷ୍ଟ୍ର କରିଣ ଯେହା ଭିଆଇଲେ ଯଯାତି ।" (ପୃ.୩୭୦)

ସତ୍ୟଯୁଗରେ ଯଯାତି ନାମକ ରାଜା ଥିବା ପୁରାଣରୁ ଜଣାଯାଏ । କିନ୍ତୁ ଆଲୋଚ୍ୟ ଯଯାତି ସତ୍ୟଯୁଗର ରାଜା ଯଯାତି ନୁହନ୍ତି, ଓଡ଼ିଶାର ସୋମବଂଶୀ ରାଜା ଯଯାତି ବୋଲି ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମନେକରନ୍ତି । (ସାରଳା ସାହିତ୍ୟର ଐତିହାସିକ ଚିତ୍ର, ପୃ.୧୦୫) ଯଯାତି ଯେଉଁ ଛତିଶମଣ୍ଡଳ ସୃଷ୍ଟି କରିଥିଲେ ବା ଯେଉଁ ଛତିଶମଣ୍ଡଳର ଅଧିପତି ଥିଲେ ସେସବୁର ନାମ ସାରଳାଦାସ ପ୍ରଦାନ କରିଛନ୍ତି । ବୋଧହୁଏ, ବାରଟି ରାଷ୍ଟ୍ରକୁ ନେଇ ଏହି ଛତିଶମଣ୍ଡଳ ଗଠିତ ହୋଇଥିଲା । ସୋମବଂଶୀମାନେ ଛତିଶଗଡ଼ରୁ ଆସିଥିଲେ । ମନେହୁଏ ଏହି ଛତିଶଗଡ଼ ସାରଳାଦାସଙ୍କ ଛତିଶ ମଣ୍ଡଳ ।

ସୋମବଂଶୀ ଯଯାତି କେଶରୀ ବା ଯଯାତି ମହାଶିବଗୁପ୍ତ ଜଣେ ଆଦର୍ଶ ରାଜା ଥିଲେ । ସେ ଛତିଶଗଡ଼ ବା ଛତିଶ ମଣ୍ଡଳର ପ୍ରଜାମାନଙ୍କ ଉନ୍ନତିକଳ୍ପେ ଯେଉଁ ପ୍ରକାର ଶାସନ ବିଧାନ କରିଥିଲେ ତାହା ଅତି ଉନ୍ନତ ଓ ଆଦର୍ଶସ୍ଥାନୀୟ ଥିଲା । ତାଙ୍କ କରବିଧି ଓ ପ୍ରଜାପାଳନ ବିଧି ଅନୁସାରେ ଦୁର୍ଯ୍ୟୋଧନ ନିଜ ପ୍ରଜାପାଳନ କଲେ ବୋଲି କବି କହିଛନ୍ତି । ଯଯାତି ପ୍ରବର୍ତ୍ତିତ ଶାସନବିଧି ଅନୁସାରେ ପ୍ରଜାପାଳନକୁ ସାରଳାଦାସ "ଯଯାତି ପାଞ୍ଜି ପ୍ରମାଣେ" ବୋଲି କହିଛନ୍ତି । ତାଙ୍କ ଭାଷାରେ–

"ନିଯୋଗ ଭୂମି ଫେଡ଼ି ଦେଲେ ଦେବତାଙ୍କୁ
ଯଯାତିଙ୍କ ପାଞ୍ଜି ପ୍ରମାଣେ ଦିଲେ ସମସ୍ତଙ୍କୁ ।" (ଆଦିପର୍ବ, ପୃ.୬୪୦)

ସୋମବଂଶ ପରେ ଓଡ଼ିଶା ଗଙ୍ଗବଂଶର ଶାସନାଧୀନ ହୋଇଥିଲା । ଏହି ବଂଶର ପ୍ରବଳ ପ୍ରତାପୀ ରାଜା ଚୋଡ଼ଗଙ୍ଗଦେବ ୧୦୭୮ ଖ୍ରୀଷ୍ଟାବ୍ଦରୁ ୧୧୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘକାଳ ରାଜତ୍ୱ କରିଥିଲେ । ତାଙ୍କ ଦ୍ୱାରା ନିର୍ମିତ ଚୂଡ଼ଙ୍ଗ ଦୁର୍ଗ ବା ଚୂଡ଼ଙ୍ଗ ନଗରର ନାମ ସାରଳାଦାସ ଦେଇଛନ୍ତି ଏହିପରି–

"ବୀର ଚୂଡ଼ଙ୍ଗ ବୋଲିଣ ନଗ୍ର ପଛିମ କୋଣେ
ବଜ୍ରବାହୁ ମାଲ ପଡ଼ିଲା ଯେ ନବ ସହସ୍ର ଯୋଜନେ ।" (ବିରାଟପର୍ବ, ପୃ.୨୨୩)

ଚୂଡ଼ଙ୍ଗଗଡ଼ ବା ସାରଙ୍ଗଗଡ଼ ବାରଙ୍ଗ ରେଳଷ୍ଟେସନ ନିକଟରେ ଅବସ୍ଥିତ । ସାରଳାଦାସ ଏହି ଗଡ଼କୁ ଯେ ଏଠାରେ ନିର୍ଦ୍ଦେଶ

କରିଛନ୍ତି, ତାହା ପ୍ରମାଣ କରିବା ପାଇଁ ଆଉ ଏକ ପଦ ଉଦ୍ଧାର କରାଯାଇପାରେ, ଯେଉଁଥିରେ ଖଣ୍ଡଗିରିର ଉଲ୍ଲେଖ ଅଛି। ଭୁବନେଶ୍ୱରର ଖଣ୍ଡଗିରି ସାରଙ୍ଗଗଡ଼ ବା ଚୂଡ଼ଙ୍ଗଗଡ଼ର ନିକଟବର୍ତ୍ତୀ।

"ମହାକେଶରୀ ପୁତ୍ରେ ସେ ମେରୁ କେଶରୀ ବୀରା
ଯେହାର ମୁଥାଘାତେ ଖଣ୍ଡଗିରି ହୋଇଲା ଶତେ ଚୂରା।" (ତତ୍ରୈବ, ପୃ. ୨୨୪)

ଚୋଡ଼ଗଙ୍ଗଙ୍କ ପରେ ତାଙ୍କର ଚାରିପୁତ୍ର ରାଜସିଂହାସନ ଆରୋହଣ କରିଥିଲେ। ଏହାଙ୍କର ତୃତୀୟ ପୁତ୍ର ତଥା ରାଣୀ ଚନ୍ଦ୍ରଲେଖାଙ୍କ ପୁତ୍ର ରାଜରାଜ ଦେବଙ୍କ ଅନ୍ୟନାମ ମଦନ ମହାଦେବ ବୋଲି 'ମାଦଳାପାଞ୍ଜି' କହେ। ("ମଦନ ମହାଦେବଙ୍କ ନାମ ରାଜ ରାଜେଶ୍ୱର"– ମାଦଳାପାଞ୍ଜି, ପୃ. ୨୬) ବୋଧହୁଏ ରାଜରାଜ ଦେବଙ୍କ ଡାକନାମ ଥିଲା ମଦନ ମହାଦେବ ଏବଂ ଏହି ନାମରେ ତାଙ୍କୁ ସମସ୍ତେ ଜାଣିଥିଲେ। ସାରଳାଦାସ ତାଙ୍କ ନାମ ଉଲ୍ଲେଖ କରିଛନ୍ତି 'ମହାଭାରତ'ର ମଧ୍ୟପର୍ବରେ ଯେତେବେଳେ ବହୁ ନିମନ୍ତ୍ରିତ ରାଜା ଦୁର୍ଯ୍ୟୋଧନଙ୍କ କନ୍ୟା ଚନ୍ଦ୍ରାବତୀଙ୍କ ସ୍ୱୟଂବରକୁ ଆସିଛନ୍ତି। କବି ସାରଳାଦାସ କହନ୍ତି–

"ବଇଦୁର୍ଯ୍ୟ ଦେଶରେ ଯେ ବୀର ଭୋଜ ନୃପତି
ମଦନ ମହାଦେବ ତୁଲେ ଆସି ମିଳିଲା ତଡ଼ତି।" (୫୫୦ ପୃଷ୍ଠା)

ସଭାପର୍ବରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ପ୍ରସଙ୍ଗ ବର୍ଣ୍ଣନାରେ ଭୀମ, ଅର୍ଜୁନ, ନକୁଳ ଓ ସହଦେବ ପାଣ୍ଡବ ଚାରିଭାଇ ଚାରିଦିଗକୁ ଯାଇଛନ୍ତି ବିଭିନ୍ନ ଦେଶର ରାଜାମାନଙ୍କୁ ନିମନ୍ତ୍ରଣ କରିବା ପାଇଁ। ସେମାନଙ୍କ ଦିଗ୍‌ବିଜୟ ବିବରଣୀ ଦେଲାବେଳେ ସାରଳାଦାସ କପିଳେନ୍ଦ୍ରଦେବଙ୍କ ଦିଗ୍‌ବିଜୟକୁ ଆଖି ଆଗରେ ରଖି ତାଙ୍କଦ୍ୱାରା ବିଜିତ ବହୁ ରାଜ୍ୟକୁ ପାଣ୍ଡବମାନେ ବିଜୟ କଲେ ବୋଲି ଲେଖିଛନ୍ତି। ଅଜ୍ଞାତବାସରେ ଥିବା ପାଣ୍ଡବମାନଙ୍କ ସନ୍ଧାନରେ ଚତୁର୍ଦ୍ଦିଗକୁ ଯାଇ ଫେରିଆସିଥିବା ଦୁର୍ଯ୍ୟୋଧନପ୍ରେରିତ ଦୂତମାନେ ସେମାନେ ଯାଇଥିବା ଦେଶମାନଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଥିରେ ମଧ୍ୟ କପିଳେନ୍ଦ୍ରଦେବ ଜୟ କରିଥିବା ବହୁ ରାଜ୍ୟର ନାମ ରହିଛି। କପିଳେନ୍ଦ୍ରଦେବଙ୍କ ଯୁଦ୍ଧ ବର୍ଣ୍ଣନା ଓ ଦେଶ ବିଜୟ ଏତେ ସୁନ୍ଦର ଭାବରେ ସାରଳା ସାହିତ୍ୟରେ ଫୁଟିଉଠିଛି ଯେ ସାରଳାଦାସ ଗଜପତି କପିଳେନ୍ଦ୍ରଦେବଙ୍କ ସୈନ୍ୟ ବିଭାଗର କାର୍ଯ୍ୟ କରୁଥିଲେ ବୋଲି ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅନୁମାନ କରନ୍ତି।

ସାରଳାଦାସ 'ଚଣ୍ଡୀପୁରାଣ'ରେ ଓ 'ମହାଭାରତ'ର ମଧ୍ୟପର୍ବରେ ମହିଷାସୁରର ପିତାଙ୍କ ନାମ କପିଳସିଂହ ରଖିଛନ୍ତି। ଆଲୋଚକମାନଙ୍କ ମତରେ କବିଙ୍କ ଏହି କପିଳସିଂହ ନାମକରଣ ମହାପ୍ରତାପୀ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ରଦେବଙ୍କୁ ପରିଚିହ୍ନିତ କରେ।

ସାରଳାଦାସ ଲେଖନୀ ଚାଳନା କରିବା ସମୟରେ ତାଙ୍କ ଆଗରେ ଏକ ଦୀର୍ଘ ରାଜନୀତିକ ପରମ୍ପରା ଥିଲା। ବିଭିନ୍ନ ନାମରେ ନାମିତ ତତ୍‌କାଳୀନ ଉତ୍କଳ ବହୁଦିନ ଧରି ଏକ ସମୃଦ୍ଧିଶାଳୀ ତଥା ଶକ୍ତିଶାଳୀ ରାଜ୍ୟ ଭାବରେ ପରିଚିତ ଥିଲା। ସାରଳାଦାସ ସେସବୁ ରାଜନୀତିକ ପରମ୍ପରା ଓ ଇତିହାସକୁ 'ମହାଭାରତ'ରେ ପୌରାଣିକ ଆଖ୍ୟାନ ମାଧ୍ୟମରେ ଖଞ୍ଜି ଦେଇଛନ୍ତି ଅତି ଚତୁରତାର ସହିତ। ତେଣୁ ତାଙ୍କ ମହାଭାରତ କେବଳ ପୁରାଣ ନୁହେଁ, ରାଜନୀତିକ ପୃଷ୍ଠଭୂମିରେ ରଚିତ ମଧ୍ୟଯୁଗୀୟ ଭାରତ ତଥା ଓଡ଼ିଶାର ରାଜନୀତିକ ସ୍ଥିତି ସୂଚକ ଏକ ଅନବଦ୍ୟ ଗ୍ରନ୍ଥ।

**୨.୧.୨.- ଧାର୍ମିକ ପୃଷ୍ଠଭୂମି :**

ଭାରତବର୍ଷ ଦେବଭୂମି। ଏଠାରେ ଦେବଭକ୍ତି ଓ ଦେବ-ଉପାସନାର ପରମ୍ପରା ବହୁ ପ୍ରାଚୀନ। ଭାରତରେ ଧର୍ମର ଉଦ୍ଭବ କେବେ ହେଲା, ତାହା କହିବା ସମ୍ଭବ ନୁହେଁ। ଭାରତୀୟ ଧର୍ମ କେହି ପ୍ରତିଷ୍ଠା କରିନାହାନ୍ତି। ଏହା ସ୍ମରଣାତୀତ କାଳରୁ ଚାଲିଆସିଛି। ତେଣୁ ଏହା ସନାତନ ଧର୍ମ ନାମରେ ନାମିତ। ପରବର୍ତ୍ତୀକାଳରେ ବହୁ ଧାର୍ମିକ ପରମ୍ପରା ସୃଷ୍ଟି ହୋଇଛି। ଭାରତ ଭୂମିରେ ଆରାଧନା

ଓ ସାଧନା କ୍ଷେତ୍ରରେ ସ୍ୱାଧୀନତା ଥିବାରୁ ବହୁବିଧ ଧର୍ମଧାରା ଓ ଧାର୍ମିକ ଚିନ୍ତା ସୃଷ୍ଟି ହେବାପାଇଁ ସୁଯୋଗ ମିଳିଛି । ବହୁ ପରିବର୍ତ୍ତନ ଭିତରେ ସେହି ଧାରା ଆଜି ମଧ୍ୟ ଉଜ୍ଜୀବିତ ।

ସାରଳାଦାସଙ୍କ ପୂର୍ବରୁ ଭାରତ ତଥା ଓଡ଼ିଶାରେ ବହୁ ରାଜବଂଶ ରାଜତ୍ୱ କରିଥିଲେ । ସେମାନେ ଭିନ୍ନ ଭିନ୍ନ ଧର୍ମ ଗ୍ରହଣ କରିଥିଲେ ଏବଂ ସେସବୁର ପ୍ରଚାର ଓ ପ୍ରସାରରେ ସହାୟକ ହୋଇଥିଲେ । ପ୍ରାଚୀନ କଳିଙ୍ଗରେ ଧର୍ମଜୀବନ ବିଶେଷତଃ ଜୈନଧର୍ମ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲା । କିନ୍ତୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ଏକ ନୂତନ ଧର୍ମ ଆନ୍ଦୋଳନର ସୂତ୍ରପାତ ହେଲା ଏବଂ କଳିଙ୍ଗରେ ମାଠର ବଂଶର ଶାସନ କାଳରେ ବ୍ରାହ୍ମଣ୍ୟ ଓ ଭାଗବତଧର୍ମର ଅଭ୍ୟୁଦୟ ହେଲା । ସୌର ଓ ଶୈବ ସଂପ୍ରଦାୟ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହେବାକୁ ଲାଗିଲେ । ନାଗ ଉପାସନା ଏକ ଜନପ୍ରିୟ ସଂପ୍ରଦାୟ ଭାବରେ ବହୁ ଆଗରୁ ଆଦର ଲାଭ କରିଥିଲା । ମାଠର ଶାସିତ କଳିଙ୍ଗରେ ଭାଗବତଧର୍ମର ବିଶେଷ ଆଦର ଥିଲା । କୋଶଳ ରାଜ୍ୟର ଶରଭପୁରୀୟ ରାଜାମାନଙ୍କ ଶାସନକାଳରେ ଭାଗବତଧର୍ମର ବିଶେଷ ଅଗ୍ରଗତି ହୋଇଥିଲା । ସେମାନଙ୍କ ଭଳି ପାଣ୍ଡୁବଂଶୀ ରାଜାମାନେ ଭାଗବତ ବୈଷ୍ଣବଧର୍ମର ପୃଷ୍ଠପୋଷକ ଥିଲେ । ଶୈଳୋଦ୍ଭବ ବଂଶୀୟ ରାଜା ମହାରାଜ ଧର୍ମରାଜ ସର୍ବପ୍ରଥମେ କଳିଙ୍ଗରେ ସୂର୍ଯ୍ୟୋପାସନାର ପୃଷ୍ଠପୋଷକତା କରିଥିବା ଜଣାଯାଏ । ଏହି ଶୈଳୋଦ୍ଭବମାନଙ୍କ ଶାସନକାଳରେ ବ୍ରାହ୍ମଣ୍ୟଧର୍ମର ପ୍ରଭାବ ଥିଲା ଓ ଶୈବଧର୍ମର ବହୁଳ ପ୍ରସାର ହୋଇଥିଲା । ମହାରାଜାଧିରାଜ ଶଶାଙ୍କ ଭୁବନେଶ୍ୱରରେ ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଏହି ସମୟରେ ଭୁବନେଶ୍ୱରରେ ଶତ୍ରୁଘ୍ନେଶ୍ୱର, ଭରତେଶ୍ୱର, ଲକ୍ଷ୍ମଣେଶ୍ୱର, ସ୍ୱର୍ଣ୍ଣଜାଳେଶ୍ୱର, ପରଶୁରାମେଶ୍ୱର ପ୍ରଭୃତି ବିଖ୍ୟାତ ଶିବମନ୍ଦିରମାନ ନିର୍ମିତ ହୋଇଥିଲା । ପରଶୁରାମେଶ୍ୱର ମନ୍ଦିରରେ ଶିବପାର୍ବତୀ ବିଗ୍ରହ ନିକଟରେ ଗଣେଶଙ୍କ ବିଗ୍ରହ ଦେଖାଯାଏ । ବିରାଟ ତ୍ରିଭୁବନେଶ୍ୱର ମନ୍ଦିରର ଧ୍ୱଂସାବଶେଷ ଉପରେ ପରବର୍ତ୍ତୀ କାଳରେ ସୋମବଂଶୀ ରାଜା ଦ୍ୱିତୀୟ ଯଯାତି ସୁବିଶାଳ ଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି ।

ଶୈଳୋଦ୍ଭବମାନଙ୍କର ପତନ ପରେ ତୋଷଳିରେ ଭୌମକର ରାଜବଂଶ ପ୍ରତିଷ୍ଠିତ ହେଲା । ସେମାନଙ୍କ ରାଜତ୍ୱକାଳରେ ଓଡ଼ିଶାରେ ବୌଦ୍ଧଧର୍ମ, ଶୈବଧର୍ମ, ବୈଷ୍ଣବଧର୍ମ ଓ ତାନ୍ତ୍ରିକ ଉପାସନାର ବହୁଳ ପ୍ରସାର ହୋଇଥିଲା । ଭୌମକରମାନେ ବହୁସଂଖ୍ୟାରେ ବୌଦ୍ଧବିହାର ନିର୍ମାଣ କରିଥିଲେ । କେତେଜଣ ଭୌମରାଣୀ ଶୈବ ଓ ବୈଷ୍ଣବଧର୍ମର ପୃଷ୍ଠପୋଷଣ କରିଥିଲେ । ଭୁବନେଶ୍ୱରଠାରେ ତାନ୍ତ୍ରିକ ବୈତାଳ ମନ୍ଦିର ଏହି ସମୟରେ ନିର୍ମିତ ହୋଇଥିଲା ।

ସୋମବଂଶୀ ରାଜାମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ ସୁଦ୍ଧା ବୈଷ୍ଣବଧର୍ମରେ ବିଶ୍ୱାସୀ ଥିଲେ । ମୁକ୍ତେଶ୍ୱର ମନ୍ଦିର, ରାଜରାଣୀ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର ଇତ୍ୟାଦି ଏହି ରାଜତ୍ୱକାଳୀନ କୀର୍ତ୍ତି । ମୁକ୍ତେଶ୍ୱର ମନ୍ଦିର ଓ ଲିଙ୍ଗରାଜ ମନ୍ଦିରରେ ଗଣପତିଙ୍କ ବିଗ୍ରହ ଦେଖିବାକୁ ମିଳେ । ସେତେବେଳେ ଗାଣପତ୍ୟଧର୍ମର ଆଦର ଥିବା ଏଥିରୁ ଜଣାଯାଏ ।

ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ଗଙ୍ଗବଂଶର ସୁପ୍ରସିଦ୍ଧ ନରପତି ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଉତ୍କଳ ଅଧିକାର କରିଥିଲେ । ସେ ପ୍ରଥମେ ଶୈବ ଥିଲେ; ତାଙ୍କ ସମୟରେ ବୈଷ୍ଣବାଚାର୍ଯ୍ୟ ରାମାନୁଜ ଓଡ଼ିଶାକୁ ଆସିଥିଲେ । ଖୁବ୍ ସମ୍ଭବ, ତାଙ୍କ ପ୍ରଭାବରେ ସେ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ସେ ପୁରୀଠାରେ ସୁପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ପରବର୍ତ୍ତୀ ଗଙ୍ଗବଂଶୀ ରାଜାମାନେ ବିଷ୍ଣୁ ଓ ସୂର୍ଯ୍ୟଙ୍କର ଉପାସକ ଥିଲେ । ଏ ବଂଶର ପ୍ରଥମ ନରସିଂହଦେବ ସୂର୍ଯ୍ୟଙ୍କର ଭକ୍ତ ଥିଲେ । ସେଥିପାଇଁ ସେ ନିଜ ପୁତ୍ରର ନାମ ରଖିଥିଲେ ଭାନୁଦେବ । ସେ କୋଣାର୍କଠାରେ ଏକ ବିଶାଳ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ ।

୧୪୩୫ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶ ପ୍ରତିଷ୍ଠା କରି କପିଳେନ୍ଦ୍ରଦେବ ଏ ବଂଶର ପ୍ରଥମ ରାଜା ଭାବରେ ଓଡ଼ିଶାରେ ଶାସନଭାର ଗ୍ରହଣ କଲେ। ଭାରତରେ ମୁସଲମାନଙ୍କ ସାମ୍ରାଜ୍ୟ ବିସ୍ତାର କାଳରେ ଏହି ବଂଶର ଗଜପତି ରାଜାମାନଙ୍କ ଅଧୀନରେ ଓଡ଼ିଶା ଏକ ଶକ୍ତିଶାଳୀ ସ୍ୱାଧୀନ ହିନ୍ଦୁ ରାଜ୍ୟ ଭାବରେ ପ୍ରତିଷ୍ଠା ଲାଭ କରିଥିଲା। ଏହି ସମୟରେ ଗଜପତି ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କାବେରୀନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଗଜପତି କପିଳେନ୍ଦ୍ରଦେବ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଥିଲେ। ସେ ଶ୍ରୀମନ୍ଦିର ପାଇଁ ନୀତିନିୟମମାନ ପ୍ରଣୟନ କରି ଏହାର ସୁପରିଚାଳନା ପ୍ରତି ଦୃଷ୍ଟି ଦେଇଥିଲେ।

କପିଳେନ୍ଦ୍ରଦେବଙ୍କ ସମୟରେ ସାରଳାଦାସଙ୍କ ଆବିର୍ଭାବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାରଳାଦାସଙ୍କ ସମୟକୁ ଭାରତୀୟ ପଟଭୂମିରେ ଶଙ୍କର, ରାମାନୁଜ, ନିମ୍ବାର୍କ, ରାମାନନ୍ଦ, ଜୟଦେବ, ବିଷ୍ଣୁସ୍ୱାମୀ, ଜ୍ଞାନଦେବ ପ୍ରଭୃତି ପ୍ରମୁଖ ଧର୍ମାଚାର୍ଯ୍ୟମାନେ ଅବତୀର୍ଣ୍ଣ ହୋଇସାରିଥିଲେ ଏବଂ ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ ଇତ୍ୟାଦି ବୈଷ୍ଣବୀୟ ଧର୍ମଚେତନାର ମୂଳଭିତ୍ତି ସ୍ଥାପିତ ହୋଇସାରିଥିଲା। ସମଗ୍ର ଦେଶରେ ଶୈବ, ଶାକ୍ତ ଓ ବୈଷ୍ଣବ ପୀଠମାନ ମୁଣ୍ଡଟେକି ଉଠିଲା। ସୌର, ଗାଣପତ୍ୟ ଉପାସନା ଇତ୍ୟାଦି ମଧ୍ୟ ପ୍ରଭାବ ବିସ୍ତାର କରିସାରିଥିଲା। ତତ୍କାଳୀନ ଉତ୍କଳ ଭୂଖଣ୍ଡରେ ସମନ୍ୱୟାତ୍ମକ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର ଅଭ୍ୟୁଦୟ ଘଟିଥିଲା। ତେଣୁ ସାରଳାଦାସ ମୁଖ୍ୟତଃ ଶାକ୍ତଭାବପନ୍ନ ଥିଲେହେଁ 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା' ରୂପକ ପାରମ୍ପରିକ ପଞ୍ଚୋପାସନା ତଥା ସମନ୍ୱୟମୂଳକ ଧର୍ମଧାରଣା ଦ୍ୱାରା ପ୍ରଭାବିତ ହୋଇଥିଲେ। ଏହା ସହିତ ପ୍ରସଙ୍ଗକ୍ରମେ ପୂର୍ବ ପ୍ରଚଳିତ ଜୈନଧର୍ମ, ବୌଦ୍ଧଧର୍ମ ଇତ୍ୟାଦିର ସୂଚନାତ୍ମକ ଉଲ୍ଲେଖ କରିବା ସହିତ ରାମ, କୃଷ୍ଣ, ହନୁମାନ, ଅଗ୍ନି ପ୍ରଭୃତି ହିନ୍ଦୁଧର୍ମର ଅନ୍ୟ ଦେବଦେବୀଙ୍କ ସ୍ତୁତି ଗାନ କରିବାକୁ ମଧ୍ୟ ସେ ଭୁଲି ନାହାନ୍ତି। ସର୍ବଧର୍ମ ସମନ୍ୱିତ ଜଗନ୍ନାଥଧର୍ମକୁ ମଧ୍ୟ ସେ ସମ୍ମାନ ଜଣାଇଛନ୍ତି। ମୋଟ ଉପରେ କୌଣସି ପ୍ରକାର ଧର୍ମଗତ ଭେଦଭାବ, ଧାର୍ମିକ ବିଦ୍ୱେଷ ବା ଧର୍ମ-ସଂଘର୍ଷକୁ ପ୍ରଶ୍ରୟ ନ ଦେବାପାଇଁ ତତ୍କାଳୀନ ଧାର୍ମିକ ପୃଷ୍ଠଭୂମି ତାଙ୍କୁ ଶିକ୍ଷା ଦେଇଛି। ଆହୁରି ମଧ୍ୟ ଶ୍ରୀ ଜଗନ୍ନାଥଧର୍ମ ମାଧ୍ୟମରେ ଏକ ନୂତନ ସାର୍ବଜନୀନ ତଥା ସମନ୍ୱୟାତ୍ମକ ମତବାଦର ପ୍ରଚାର କରିବା ପାଇଁ ତାଙ୍କୁ ପ୍ରଚୋଦିତ କରିଛି ତତ୍କାଳୀନ ଧାର୍ମିକ ପୃଷ୍ଠଭୂମି।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଧର୍ମ ଅଖଣ୍ଡ ଆଧିପତ୍ୟ ବିସ୍ତାର କରିଥିଲା। କାରଣ ସମସ୍ତ ପ୍ରାଚୀନ ସାହିତ୍ୟର ଉନ୍ମେଷ ଘଟିଥିଲା ଧର୍ମଚେତନାରୁ। ଭାରତୀୟ ସମାଜ ଓ ଜୀବନଧାରା ମଧ୍ୟ ବିଶେଷଭାବେ ଧର୍ମଦ୍ୱାରା ନିୟନ୍ତ୍ରିତ। ଭାରତୀୟ ଶାସ୍ତ୍ର ଓ ପୁରାଣ ପ୍ରାଚୀନ ଭାରତୀୟ ଜ୍ଞାନର ଭଣ୍ଡାର। ପ୍ରାଚୀନ ଭାରତର ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ଇତିହାସର ଚିତ୍ରରେ ପୁରାଣମାନ ସମୃଦ୍ଧ। ତେଣୁ ଧର୍ମ ଓ ଦର୍ଶନ ଦୃଷ୍ଟିରୁ ପୁରାଣ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନର ଅଧିକାରୀ ଏବଂ ଏହି ଦୃଷ୍ଟିରୁ ଏହାକୁ ପଞ୍ଚମ ବେଦ ଭାବରେ ମଧ୍ୟ ସମ୍ମାନ ଦିଆଯାଏ। ସାରଳାଦାସକାଳୀନ ଓଡ଼ିଶାରେ ସଂସ୍କୃତଭାଷା ଉନ୍ନତିର ଶୀର୍ଷରେ ପହଞ୍ଚିଥିଲା ଏବଂ ସଂସ୍କୃତରେ ଲିଖିତ ପୁରାଣମାନ ପଠିତ ହେଉଥିଲା। ବ୍ରାହ୍ମଣ ପଣ୍ଡିତମାନେ ଏହାର ଚର୍ଚ୍ଚାକାରୀ ଥିଲେ ଓ ସମାଜରେ ସେମାନଙ୍କର ଆଧିପତ୍ୟ ଥିଲା। ସେମାନଙ୍କ ପ୍ରାଧାନ୍ୟ ଯୋଗୁଁ ପୁରାଣମାନ ସମସ୍ତେ ବୁଝିବାଭଳି ପ୍ରଚଳିତ ଓଡ଼ିଆ ଭାଷାରେ ରୂପାନ୍ତରିତ ହୋଇପାରୁ ନ ଥିଲା। ସେଥିପାଇଁ ଓଡ଼ିଆ ଜାତି ବୋଧହୁଏ ଅପେକ୍ଷା କରିଥିଲା ସାରଳାଦାସଙ୍କ ଭଳି ଜଣେ ଯୁଗଜନ୍ମା ବିପ୍ଳବୀ ପୁରୁଷଙ୍କ ପାଇଁ। ସାରଳାଦାସ 'ମହାଭାରତ', 'ରାମାୟଣ' ଆଦି ଲୋକପ୍ରିୟ ପୁରାଣ ରଚନା କାର୍ଯ୍ୟରେ ହାତ ଦେଇଥିଲେ। ତାଙ୍କ ମହାଭାରତ ଏକ ଅନନ୍ୟ କୃତି। 'ମହାଭାରତ'ର ବିଷୟବସ୍ତୁ ସହିତ ସମନ୍ୱୟ ରକ୍ଷାକରି ସେ ଏହା ରଚନା କରିଛନ୍ତି ଏବଂ ଏଥିରେ ଅତି ଚତୁରତାର ସହିତ ଅଷ୍ଟାଦଶ ପୁରାଣର ସାରତତ୍ତ୍ୱ ପରିବେଷଣ କରିଛନ୍ତି। ସେତେବେଳେ ପୁରାଣ ଲୋକଶିକ୍ଷାର ଏକ ସଫଳ ମାଧ୍ୟମ ଥିବାରୁ ସ୍ୱେ ଏପରି କରିବାକୁ ଉତ୍ସାହିତ ହୋଇଥିଲେ।

ଏହିପରି ଏକ ପବିତ୍ର ତଥା ମହତ୍ତ୍ୱପୂର୍ଣ୍ଣ ଧର୍ମଗ୍ରନ୍ଥକୁ ସମକାଳୀନ ଧାର୍ମିକ ପରିବେଶାନୁସାରୀ କରି ଓଡ଼ିଆ ଜାତିକୁ ଭେଟିଦେବା ପାଇଁ ତାଙ୍କୁ ପୂର୍ବାଲୋଚିତ ଧାର୍ମିକ ପୃଷ୍ଠଭୂମି ଯେ ପ୍ରେରଣା ଦେଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ।

**୨.୧.୩.- ସାହିତ୍ୟିକ ପୃଷ୍ଠଭୂମି :**

ଓଡ଼ିଶାର ଆଦିକବି ସାରଳାଦାସ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଜୀବିତ ଥିଲେ। ତତ୍କାଳୀନ ଓଡ଼ିଶାରେ ସଂସ୍କୃତ ଭାଷାର ବହୁଳ ଚର୍ଚ୍ଚା ଓ ଆଦର ଥିଲା। ଖ୍ରୀଷ୍ଟୀୟ ୧ମ ଶତାବ୍ଦୀର ଶେଷଭାଗରେ କୁଷାଣ ସମ୍ରାଟ କନିଷ୍କଙ୍କ ଦ୍ୱାରା ଆହୂତ ଚତୁର୍ଥ ବୌଦ୍ଧ ସଭାରେ ମହାଯାନ ବୌଦ୍ଧଧର୍ମ ରାଜଧର୍ମର ସ୍ୱୀକୃତି ଲାଭକଲା ଏବଂ ତାହାର ପ୍ରଚାର ମାଧ୍ୟମ ପାଲି ପରିବର୍ତ୍ତେ ସଂସ୍କୃତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ମହାଯାନ ଗ୍ରନ୍ଥମାନ ସଂସ୍କୃତରେ ଲିଖିତ ହେଲା। ମହାଯାନର ଉତ୍ପତ୍ତିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଏବଂ ଓଡ଼ିଶା ମହାଯାନର ଲାଳନଭୂମି ହୋଇଥିବାରୁ ଓଡ଼ିଶାରେ ସଂସ୍କୃତ ଭାଷାର ବିକାଶ ଦ୍ରୁତ ହେଲା। ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀର ଆଦ୍ୟପାଦରେ ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନ ଦକ୍ଷିଣ କୋଶଳର ପରିମଳଗିରିଠାରେ ମହାଯାନର ପ୍ରସିଦ୍ଧ ଗ୍ରନ୍ଥ ପାରମିତା ଶାସ୍ତ୍ର ରଚନା କରିଥିଲେ। ଏହା ବ୍ୟତୀତ ତାଙ୍କର ଅନ୍ୟାନ୍ୟ ଦାର୍ଶନିକ ଗ୍ରନ୍ଥମାନ ମଧ୍ୟ ସଂସ୍କୃତରେ ରଚିତ ହୋଇଥିଲା। ଓଡ଼ିଶାର ବହୁ ବୌଦ୍ଧପଣ୍ଡିତ ମଧ୍ୟ ନାଗାର୍ଜ୍ଜୁନଙ୍କ ଆଦର୍ଶରେ ସଂସ୍କୃତରେ ବୌଦ୍ଧଶାସ୍ତ୍ରମାନ ପ୍ରଣୟନ କରିଥିଲେ। ଏହି ସମୟରେ ଓଡ଼ିଶା ଥିଲା ସାତବାହାନମାନଙ୍କ ଶାସନାଧୀନ। ସେମାନଙ୍କ ଅଧୀନରେ ଓଡ଼ିଶାରେ ବ୍ରାହ୍ମଣ୍ୟଧର୍ମର ଅଗ୍ରଗତି ହୋଇଥିଲା ଏବଂ ଏହା ଫଳରେ ସଂସ୍କୃତ ଭାଷାର ଭୂୟୋବିକାଶ ସାଧିତ ହୋଇଥିଲା। ଆସନପାଟ ଶିଳାଲେଖ ହେଉଛି ଶୁଦ୍ଧ ସଂସ୍କୃତରେ ଲିଖିତ ସର୍ବପ୍ରଥମ ଶିଳାଲେଖ। ଏହା ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀର ପ୍ରଥମ ଭାଗରେ ନାଗବଂଶ ରାଜା ଶତ୍ରୁଭଞ୍ଜଦେବଙ୍କ ଅମଳରେ ଖୋଦିତ ହୋଇଥିଲା। ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀର ମଧ୍ୟଭାଗରେ କଳିଙ୍ଗରେ ମାଠର ରାଜବଂଶ ପ୍ରତିଷ୍ଠା ହେବା ସମୟରୁ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ସଂସ୍କୃତରେ ଲିଖିତ ବହୁ ଅଭିଲେଖର ସନ୍ଧାନ ମିଳୁଛି।

ଉଡ୍‌ଡୀୟାନ ପୀଠ ବା ଓଡ଼ିଶାରେ ଚର୍ଯ୍ୟାସାହିତ୍ୟ ରଚୟିତା ବହୁ ସିଦ୍ଧାଚାର୍ଯ୍ୟ ଖ୍ରୀଷ୍ଟୀୟ ୯ମରୁ ୧୧ଶ ଶତାବ୍ଦୀ ମଧ୍ୟରେ ବହୁ ସଂସ୍କୃତ ଦର୍ଶନ ଗ୍ରନ୍ଥମାନ ରଚନା କରିଥିଲେ। ଖ୍ରୀଷ୍ଟୀୟ ୮ମ-୯ମ ଶତାବ୍ଦୀରେ ସମ୍ଭଳ (ଆଧୁନିକ ସମ୍ବଲପୁର)ର ରାଜା ଇନ୍ଦ୍ରଭୂତି ସଂସ୍କୃତରେ 'ଜ୍ଞାନସିଦ୍ଧି' ନାମକ ବଜ୍ରଯାନୀ ଗ୍ରନ୍ଥ ରଚନା କରିଥିଲେ। ଖ୍ରୀଷ୍ଟୀୟ ୯ମ-୧୦ମ ଶତାବ୍ଦୀରେ ପଣ୍ଡିତ ମୁରାରୀ ମିଶ୍ର 'ଅନର୍ଘ ରାଘବ ନାଟକମ୍' ରଚନା କରିଥିଲେ। ସୋମବଂଶୀ ରାଜତ୍ୱର ଶେଷଭାଗରେ ଜ୍ୟୋତିଷ ବିଶାରଦ ତଥା ସ୍ମୃତିକାର ଶତାନନ୍ଦ ନିଜର ଶ୍ରେଷ୍ଠ ଗ୍ରନ୍ଥ 'ଭାସ୍ୱତୀ' ରଚନା କରିଥିଲେ। ୧୨ଶ ଶତାବ୍ଦୀରେ ଶ୍ରେଷ୍ଠକବି ଜୟଦେବ 'ଗୀତଗୋବିନ୍ଦ' ରଚନା କରିଥିଲେ। ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗରାଜା ପ୍ରଥମ ନରସିଂହଦେବଙ୍କ ଦରବାରରେ କବି ବିଦ୍ୟାଧର 'ଏକାବଳୀ' ନାମକ ଅଳଙ୍କାର ଶାସ୍ତ୍ର ରଚନା କରିଥିଲେ। ଏହି ସମୟରେ ଯେଉଁ କେତେଜଣ ବିଦ୍ୱାନ ସେମାନଙ୍କ ସଂସ୍କୃତ କୃତି ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ସେମାନେ ହେଲେ– ଶ୍ରୀଧର ଆଚାର୍ଯ୍ୟ, ନୀଳାମ୍ବର ଆଚାର୍ଯ୍ୟ, ଶଙ୍ଖଧର, ଶମ୍ଭୁକର ବାଜପେୟୀ, କୃଷ୍ଣାନନ୍ଦ ଇତ୍ୟାଦି। ଗଙ୍ଗବଂଶର ଶେଷ ରାଜା ଚତୁର୍ଥ ଭାନୁଦେବଙ୍କ ସମୟରେ ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ' ରଚନା କରିଥିଲେ। ଗଜପତି ସମ୍ରାଟ କପିଳେନ୍ଦ୍ରଦେବ ନିଜେ ଜଣେ ପଣ୍ଡିତ ଥିଲେ ଏବଂ ତାଙ୍କ ନାମରେ 'ପରଶୁରାମ ବିଜୟ' ନାଟକ ଓ ଅନ୍ୟ କେତେକ ସଂସ୍କୃତ ରଚନା ରହିଥିବା ଜଣାଯାଏ। ପ୍ରଥମ ଥର ପାଇଁ କପିଳେନ୍ଦ୍ରଦେବଙ୍କ 'ପରଶୁରାମ ବିଜୟ ନାଟକ'ରେ ଓଡ଼ିଆ ଗୀତଟିଏ ସଂଯୋଜିତ ହୋଇଥିବା ଲକ୍ଷ୍ୟ କରାଯାଏ।

ସାରଳାକାଳୀନ ଓଡ଼ିଶାରେ ସଂସ୍କୃତ ସାହିତ୍ୟରେ ଯେପରି ସୁଦୃଢ଼ ପରମ୍ପରା ଥିଲା, ଓଡ଼ିଆ ସାହିତ୍ୟର ସେପରି ନ ଥିଲା। ପ୍ରାକ୍-ସାରଳା ସାହିତ୍ୟ ତିନୋଟି ରୂପରେ ଚଳିଆସିଥିଲା– (କ) କଥିତ ସାହିତ୍ୟ, (ଖ) ଅଭିଲେଖ ସାହିତ୍ୟ ଓ (ଗ) ଲିଖିତ ସାହିତ୍ୟ।

**କଥିତ ସାହିତ୍ୟ ବା ଲୋକସାହିତ୍ୟ :**

ଓଡ଼ିଆ ଭାଷାରେ ବିଧିବଦ୍ଧ ସାହିତ୍ୟ ଲିଖିତ ହେବାର ବହୁପୂର୍ବରୁ ଢଗଢମାଳି, ନୀତିବଚନ, କାନ୍ଦଣା, କୃଷକ ଗୀତି, ଦୋଳିଗୀତ, ବିବିଧ ଲୋକକାହାଣୀ ଇତ୍ୟାଦି ଲୋକମୁଖରେ ପ୍ରଚଳିତ ହୋଇଆସୁଥିବାରୁ ଏସବୁକୁ ମୌଖିକ ସାହିତ୍ୟ / କଥିତ ସାହିତ୍ୟ / ଲୋକସାହିତ୍ୟ ଭାବରେ ଗ୍ରହଣ କରାଯାଏ। ଲୋକସାହିତ୍ୟ ଲୋକସଂସ୍କୃତିର ଅଂଶବିଶେଷ। ଏହା ସମଗ୍ର ଲୋକସମାଜର ସାହିତ୍ୟ। ତେଣୁ ଯେଉଁ ଅଲିଖିତ ସାହିତ୍ୟ ଶିକ୍ଷିତ, ମୂର୍ଖ, ଜ୍ଞାନୀ, ଅଜ୍ଞାନ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ତାହାହିଁ ଲୋକସାହିତ୍ୟ। ଏହି ଦୃଷ୍ଟିରୁ ସାହିତ୍ୟ ( ୧ ) ଲୋକସାହିତ୍ୟ ବା ଲଘୁସାହିତ୍ୟ ଓ ( ୨ ) ଶିଷ୍ଟ ସାହିତ୍ୟ ବା ବିଦଗ୍ଧ ସାହିତ୍ୟ ଭେଦରେ ଦ୍ୱିବିଧ।

ଲୋକସାହିତ୍ୟର ରଚନାକାଳ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ। ମନେହୁଏ, ଯେତେବେଳେ ଭାଷାର ବିକାଶ ଘଟିଛି ଓ ଲିଖିତ ସାହିତ୍ୟ ସୃଷ୍ଟି ହୋଇନାହିଁ, ସେତେବେଳେ ମଣିଷ ନିଜର ଭାବକୁ ପ୍ରକାଶ କରିବା ପାଇଁ ଏକ ସହଜ ମାଧ୍ୟମ ଖୋଜିଛି ଏବଂ ଏହିପରି ପରିସ୍ଥିତିରେ ଲଘୁସାହିତ୍ୟର ସୃଷ୍ଟି। ବୈଦିକ ସୂକ୍ତଠାରୁ ଏହା ଅଧିକ ପ୍ରାଚୀନ ବୋଲି ମଧ୍ୟ ମନେହୁଏ। ରାମାୟଣ ଲିଖିତ ରୂପ ପାଇବା ପୂର୍ବରୁ ବାଲ୍ମୀକି ତାହା ଲବକୁଶଙ୍କୁ ମୁଖସ୍ଥ କରାଇଥିଲେ। ସେହିପରି ବ୍ୟାସଦେବଙ୍କ ଦ୍ୱାରା ସଂଗୃହୀତ ବହୁ ପାରମ୍ପରିକ କିମ୍ବଦନ୍ତୀ ଓ କାହାଣୀର ସମନ୍ୱୟରେ 'ମହାଭାରତ'ର ସୃଷ୍ଟି। ତେଣୁ କେଉଁ ଅଜଣା ଅତୀତରୁ ଏହାର ଉନ୍ମେଷ ଘଟି ସମୟକ୍ରମେ ବିକଶିତ ଅବସ୍ଥାରେ ପହଞ୍ଚିଛି। ସ୍ଥାନ, କାଳ, ପାତ୍ରର ଅନୁକୂଳତାରେ ତାହାର ରୂପରେ ପରିବର୍ତ୍ତନ ଘଟିଛି। କଥିତ ଭାଷାରେ ପରିବର୍ତ୍ତନ ମଧ୍ୟ ଏହାର ମୂଳ ରୂପକୁ ବଦଳାଇ ଦେଇଛି। ବେଦ ଭଳି ପୁରୁଷାନୁକ୍ରମେ ଶ୍ରୁତିରୁ ଶ୍ରୁତିକୁ ଗତି କରିଥିବାରୁ ଏହାହିଁ ଯଥାର୍ଥ ଲୋକବେଦ।

ଲୋକଗୀତ, ଲୋକକାହାଣୀ ଓ ଲୋକନାଟକ ଭେଦରେ ଲୋକସାହିତ୍ୟ ତ୍ରିବିଧ। ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଓଡ଼ିଆ ଲୋକସାହିତ୍ୟର ପ୍ରଭାବ ଅପରିମେୟ। କେତେବେଳେ ପ୍ରବଳ ଭାବରେ ବା କେତେବେଳେ କ୍ଷୀଣଭାବରେ ବିଦଗ୍ଧ ସାହିତ୍ୟରେ ଏହାର ପ୍ରଭାବ ପରିଲକ୍ଷିତ ହୁଏ। ଲୋକଗୀତରୁ ବିଦଗ୍ଧ ସାହିତ୍ୟ ବା ଶିଷ୍ଟ ସାହିତ୍ୟର ସୃଷ୍ଟିକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଓଡ଼ିଆ ସାହିତ୍ୟର ଆଦି ଓଁକାର ମଧ୍ୟ ଲୋକସାହିତ୍ୟରୁ ସୃଷ୍ଟି ହୋଇଛି। ଗ୍ରାମ୍ୟ ଜୀବନଯାପନ କରୁଥିବା ଏବଂ ଲୋକଜୀବନର ସଫଳ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଆଦିକବି ସାରଳାଦାସ ସ୍ୱରଚିତ 'ମହାଭାରତ'ରେ ସମକାଳୀନ ଓଡ଼ିଶାରେ ପ୍ରଚଳିତ ଲୋକକଥାକୁ ମିଶାଇ ଦେଇ ଏହାକୁ ଲୋକପ୍ରିୟତାରେ ମଣ୍ଡିତ କରିଛନ୍ତି। ଏହି ଦୃଷ୍ଟିରୁ 'ସାରଳା ମହାଭାରତ'କୁ ଓଡ଼ିଆ ସାହିତ୍ୟରେ ପ୍ରଥମ ଲିଖିତ ଲୋକସାହିତ୍ୟ ହିସାବରେ ଗ୍ରହଣ କରାଯାଇପାରେ।

**ଅଭିଲେଖ ସାହିତ୍ୟ :**

ଅଭିଲେଖ (Inscription) କହିଲେ ସାଧାରଣତଃ ଶିଳାଲେଖ, ତାମ୍ରଲେଖ ଇତ୍ୟାଦିକୁ ବୁଝାଏ। ପ୍ରାଚୀନ କାଳରେ ରାଜାମାନେ ସେମାନଙ୍କ ରାଜକୀୟ ଘୋଷଣା, ବିଜୟ ଘୋଷଣା, ଦାନପତ୍ର ଇତ୍ୟାଦିକୁ ଜନସାଧାରଣଙ୍କ ଗୋଚରାର୍ଥେ ଶିଳାରେ ଖୋଦନ କରାଉଥିଲେ ବା ତାମ୍ରଫଳକରେ ଲିଖନ କରାଉଥିଲେ। ପ୍ରାଚୀନ କାଳରେ ଲେଖିବାର ପ୍ରଧାନ ଉପକରଣ ଥିଲା ତାଳପତ୍ର; କିନ୍ତୁ ତାଳପତ୍ର ଦୀର୍ଘସ୍ଥାୟୀ ହୋଇ ନ ଥିବାରୁ ସେତେବେଳେ ଶିଳା ଓ ତାମ୍ରପତ୍ରକୁ ସ୍ଥାୟୀ ଲିଖନ ମାଧ୍ୟମ ରୂପେ ଗ୍ରହଣ କରାଯାଉଥିଲା। ଅନ୍ୟ ପ୍ରଦେଶ ଅପେକ୍ଷା ଓଡ଼ିଶା ଅଭିଲେଖାବଳୀରେ ଅଧିକ ସମୃଦ୍ଧ।

ସାରଳାଦାସଙ୍କ ପୃଷ୍ଠପୋଷକ ମହାରାଜା ଗଜପତି କପିଳେନ୍ଦ୍ରଦେବଙ୍କ ରାଜତ୍ୱରେ ସର୍ବାଧିକ ଅଭିଲେଖ ଉତ୍କୀର୍ଣ୍ଣ ହୋଇଥିଲା ଏବଂ ସେଥିରୁ କୋଡ଼ିଏଟି ଏ ପର୍ଯ୍ୟନ୍ତ ଆବିଷ୍କୃତ। ସାଂସ୍କୃତିକ, ରାଜନୀତିକ ଓ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଏଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାରଳାଦାସଙ୍କ ମହାନ ରଚନା 'ମହାଭାରତ'ରେ ଗଦ୍ୟ ନମୁନା ଦେଖିବାକୁ ମିଳେ। କେତେକ ପର୍ବରେ ଚିଟାଉ, ଆଜ୍ଞାପତ୍ରିକା, ମନ୍ତ୍ର ପ୍ରଭୃତି ଗଦ୍ୟରେ ଲିଖିତ। ଏହିସବୁ ଗଦ୍ୟାଂଶର ଲିଖନଶୈଳୀ କପିଳେନ୍ଦ୍ରଦେବଙ୍କ ସମୟର ଅଭିଲେଖ ସହିତ ଅପୂର୍ବ ସାମଞ୍ଜସ୍ୟ ରକ୍ଷାକରେ।

**ଲିଖିତ ସାହିତ୍ୟ :**

ସାରଳା ସାହିତ୍ୟର ସାହିତ୍ୟିକ ପୃଷ୍ଠଭୂମି ବା ପ୍ରାକ୍-ସାରଳା ସାହିତ୍ୟର ଅନ୍ୟତମ ବିଭାବ ଲିଖିତ ସାହିତ୍ୟର ଆଲୋଚନା ଅବସରରେ ଆମର ଦୃଷ୍ଟି ଟାଣି ହୋଇଯାଏ ଚର୍ଯ୍ୟାସାହିତ୍ୟ ଆଡ଼କୁ। ଚର୍ଯ୍ୟାସାହିତ୍ୟ କହିଲେ ଚର୍ଯ୍ୟାଗୀତି ଓ ଦୋହାକୁ ବୁଝାଏ। ଏହା ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରୁ ୧୨ଶ ଶତାବ୍ଦୀ ମଧ୍ୟରେ ରଚିତ ବୌଦ୍ଧ ସହଜସାଧକମାନଙ୍କ ସିଦ୍ଧସାହିତ୍ୟ। ୧୯୦୭ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ସ୍ୱନାମଧନ୍ୟ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳ ଦରବାର ପୋଥିଶାଳାରୁ କେତେକ ପ୍ରାଚୀନ ପୋଥିର ସନ୍ଧାନ ପାଇଥିଲେ। ତନ୍ମଧ୍ୟରେ ଥିଲା 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ସରହପାଦଙ୍କ 'ଦୋହାକୋଷ', କାହ୍ନୁପାଦଙ୍କ 'ଦୋହାକୋଷ' ଓ 'ଡାକାର୍ଣ୍ଣବ'। 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ'ରେ ପଚାଶଟି ଗୀତି ରହିଥିଲା। ଏଗୁଡ଼ିକ ଶାସ୍ତ୍ରୀ ମହୋଦୟଙ୍କ ସଂପାଦନାରେ ପ୍ରକାଶ ପାଇଲା

୧୯୨୬ ଖ୍ରୀଷ୍ଟାବ୍ଦରେ। ସମ୍ପାଦକ ମହାଶୟ ଏହା ପ୍ରାଚୀନ ବଙ୍ଗଳା ଭାଷାରେ ରଚିତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ଏହି ପ୍ରକାଶିତ ରୂପରେ ଓଡ଼ିଶା, ବିହାର, ଆସାମ ପ୍ରଭୃତି ଅଞ୍ଚଳର ପଣ୍ଡିତମାନେ ମଧ୍ଯ ସେମାନଙ୍କ ଭାଷାର ଆଦି ନିଦର୍ଶନ ଦେଖିଲେ ଏବଂ ସେସବୁକୁ ସେମାନଙ୍କ ପ୍ରାଚୀନ ଭାଷାର ସମ୍ପଦ ଭାବରେ ଗ୍ରହଣ କଲେ। ଚର୍ଯ୍ୟାଗୀତି ଓ ଦୋହା ଯେ ଓଡ଼ିଆ ଭାଷାର ପ୍ରାଚୀନ ସମ୍ପଦ, ଏହା ପ୍ରମାଣ କଲେ ପଣ୍ଡିତ ଶଶିଭୂଷଣ ରାୟ, ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ କରୁଣାକର କର ପ୍ରଭୃତି ବହୁ ଓଡ଼ିଆ ବିଦ୍ୱାନ।

ଚର୍ଯ୍ୟାଗୀତି ଓ ଦୋହାର ସାହିତ୍ୟିକ ମୂଲ୍ୟ କାଳେ କାଳେ ସଂରକ୍ଷିତ। ବୌଦ୍ଧ ସହଜିୟା ସିଦ୍ଧାଚାର୍ଯ୍ୟମାନଙ୍କ ସହଜତତ୍ତ୍ୱ ବହନକାରୀ ଏହି ଗୀତିକାଗୁଡ଼ିକର ଅନ୍ତରଙ୍ଗ ଅର୍ଥ ଅତ୍ୟନ୍ତ ନୀରସ ଓ କ୍ଲିଷ୍ଟ ହୋଇଥିବାରୁ ସାଧାରଣ ପାଠକ ଏହାର ଦାର୍ଶନିକ ଅର୍ଥର ଅତଳ ଗହ୍ୱର ମଧ୍ୟକୁ ପ୍ରବେଶ କରିପାରେ ନାହିଁ। ମାତ୍ର ସହଜତତ୍ତ୍ୱକୁ ବାଦ୍ ଦେଲେ ସହଜରସ ପ୍ଲାବିତ ଏଗୁଡ଼ିକର ବହିରଙ୍ଗ ଅର୍ଥର ସ୍ୱାଭାବିକତା ନିଶ୍ଚିତ ଭାବେ ପାଠକକୁ ଅଭିଭୂତ କରେ। କାରଣ ଏହାର ଅନ୍ତରଙ୍ଗ ଦାର୍ଶନିକ ଅର୍ଥ ଅପେକ୍ଷା ବହିରଙ୍ଗ ସାହିତ୍ୟିକ ଅର୍ଥର ଆବେଦନ ଅଧିକ ମନୋଜ୍ଞ। ଗୀତଗୁଡ଼ିକ ବିଭିନ୍ନ ରାଗରାଗିଣୀରେ ରଚିତ। ଏ ଦୃଷ୍ଟିରୁ ଏଗୁଡ଼ିକର ସାଂଗୀତିକ ମୂଲ୍ୟ ରହିଛି। ଏଗୁଡ଼ିକ ଲୋକମୁଖର ଭାଷାରେ ରଚିତ ହୋଇଥିବାରୁ ସମୟକ୍ରମେ ଏତେ ଜନପ୍ରିୟ ହୋଇଉଠିଲା ଯେ ସଂସ୍କୃତ ସାହିତ୍ୟର ପଣ୍ଡିତଗଣ ମଧ୍ୟ ଏସବୁର ଟୀକା ରଚନାରେ ଆଗ୍ରହ ପ୍ରକାଶ କଲେ।

ଚର୍ଯ୍ୟାସାହିତ୍ୟ ପରେ ଆମ ଦୃଷ୍ଟି ଆକର୍ଷଣ କରେ ସାରଳା ସାହିତ୍ୟ। ଏ ଦୁଇ ସାହିତ୍ୟ ମଧ୍ୟରେ ଦୀର୍ଘ ସାଢ଼େ ତିନିଶହ ବର୍ଷର ବ୍ୟବଧାନ। ଭାଷା ଦୃଷ୍ଟିରୁ ମଧ୍ୟ ଏ ବ୍ୟବଧାନଗତ ପାର୍ଥକ୍ୟ ବାରି ହୋଇଯାଏ। ଏଥିରୁ ସ୍ପଷ୍ଟ ହୁଏ ଯେ, ଏ ଦୁଇ ସାହିତ୍ୟର ମଧ୍ୟବର୍ତ୍ତୀକାଳରେ ଅନ୍ୟ କୌଣସି ସାହିତ୍ୟର ଉନ୍ମେଷ ହୋଇଥିଲା ଓ ତାହା ଚର୍ଯ୍ୟାସାହିତ୍ୟଠାରୁ ମାର୍ଜିତ ଥିଲା ଏବଂ ତାହାର ବିକାଶ ହେବା ଫଳରେ ସାରଳା ସାହିତ୍ୟ ଭଳି ସାହିତ୍ୟ ସୃଷ୍ଟିହେଲା। କିନ୍ତୁ ଏହି ମଧ୍ୟବର୍ତ୍ତୀକାଳୀନ ସାହିତ୍ୟର ନିଦର୍ଶନ ଏପର୍ଯ୍ୟନ୍ତ ମିଳିନାହିଁ। ଚର୍ଯ୍ୟାସାହିତ୍ୟ ପରେ ଓ ସାରଳା ସାହିତ୍ୟ ପୂର୍ବରୁ ନାଥଧର୍ମ ପ୍ରଖ୍ୟାପକ 'ଶିଶୁବେଦ', 'ଅମରକୋଷ ଗୀତା', 'ମତ୍ସ୍ୟେନ୍ଦ୍ର ଗୀତା' ଆଦି ଗ୍ରନ୍ଥ ଏବଂ ଶୈବଧର୍ମ ପ୍ରଖ୍ୟାପକ ବଚ୍ଛାଦାସଙ୍କ 'କଳସା ଚଉତିଶା' ଓ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ରସୁଧାନିଧି' ଗ୍ରନ୍ଥଦ୍ୱୟ ସମେତ 'ମାଦଳାପାଞ୍ଜି' ଓ ମାର୍କଣ୍ଡଦାସଙ୍କ 'କେଶବ କୋଇଲି' ଇତ୍ୟାଦି ରଚିତ ହୋଇଥିଲା ବୋଲି କେତେକ ଓଡ଼ିଆ ସାହିତ୍ୟ ଇତିହାସକାର ଓ ସମାଲୋଚକ ମତବ୍ୟକ୍ତ କରନ୍ତି; କିନ୍ତୁ ଏଗୁଡ଼ିକ ବହୁ ପରବର୍ତ୍ତୀ କାଳୀନ ରଚନା ଭାବରେ ପ୍ରମାଣିତ ହୋଇସାରିଛି।

ପ୍ରାକ୍-ସାରଳା କାଳରେ ଓଡ଼ିଆ ସାହିତ୍ୟର ତ୍ରିଧାରା (ଲୋକସାହିତ୍ୟ, ଅଭିଲେଖ ସାହିତ୍ୟ ଓ ଚର୍ଯ୍ୟା ସାହିତ୍ୟ) ପ୍ରଚଳିତ ଥିଲା ଓ ସଂସ୍କୃତ ସାହିତ୍ୟର ବଳିଷ୍ଠ ପରମ୍ପରା ମଧ୍ୟ ଥିଲା। ସାରଳାଦାସ ଏହିସବୁ ସାହିତ୍ୟର ସଦୁପଯୋଗରେ ଯେଉଁ ନୂତନ ଓଡ଼ିଆ ସାହିତ୍ୟ ରଚନା କଲେ ତାହା ଓଡ଼ିଆ ଭାଷାର ବିଧିବଦ୍ଧ ତଥା ଆଦି ସାହିତ୍ୟଭାବରେ ଗୃହୀତ ହେଲା ଏବଂ ସାରଳାଦାସ ଆଦିକବି ଭାବରେ ପରିଚିତ ହେଲେ।

**୨.୧.୪.- ସାଂସ୍କୃତିକ ପୃଷ୍ଠଭୂମି :**

ସଂସ୍କୃତି କହିଲେ ସମାଜରେ ପ୍ରଚଳିତ ସାଧାରଣ ଜୀବନଯାତ୍ରା, ଧର୍ମଧାରଣା, ବ୍ୟବସାୟ ବାଣିଜ୍ୟ, ବିଭିନ୍ନ ରୀତିନୀତି, ଶିଳ୍ପ, ସ୍ଥାପତ୍ୟ, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଗୀତ, ଅଭିନୟ ଇତ୍ୟାଦିର ସମଷ୍ଟିକୁ ବୁଝାଏ। ଏ ଦୃଷ୍ଟିରୁ ସଂସ୍କୃତି ସମାଜର ସମଗ୍ର ରୂପହିଁ ପ୍ରକାଶ କରିଥାଏ। ଓଡ଼ିଶାର ସଂସ୍କୃତି ପ୍ରାଚୀନ। ଏହା ଭାରତୀୟ ସଂସ୍କୃତିଠାରୁ ସ୍ୱରୂପ ଓ ସ୍ୱଧର୍ମରେ ଭିନ୍ନ ନୁହେଁ। ପଣ୍ଡିତ ଗୋପବନ୍ଧୁ ଏକଦା କହିଥିଲେ ଯେ ସମଗ୍ର ବିଶ୍ୱ ସଂସ୍କୃତିକୁ ଭାରତର ଯାହା ଅବଦାନ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ମଧ୍ୟ ସେହି ଅବଦାନ। ଓଡ଼ିଶାର ସଂସ୍କୃତି ଭିତରେ ଭାରତୀୟ ସଂସ୍କୃତି ଯେପରି ରୂପାୟିତ ସେପରି ଅନ୍ୟ ରାଜ୍ୟର ସଂସ୍କୃତିରେ ହୋଇ ନାହିଁ। ତେଣୁ ଓଡ଼ିଶାର ସଂସ୍କୃତି ଏକ ମହନୀୟ ସଂସ୍କୃତି।

**ସଙ୍ଗୀତ ନୃତ୍ୟ ଓ ବାଦ୍ୟ :**

ଓଡ଼ିଶାରେ ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ବହୁ ପ୍ରାଚୀନ କାଳରୁ ଲୋକପ୍ରିୟ ଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳ ନୃତ୍ୟ, ସଙ୍ଗୀତ ଓ ବାଦ୍ୟପ୍ରିୟ ଥିଲେ, ଯାହା ହାତୀଗୁମ୍ଫା ଅଭିଲେଖ ପ୍ରମାଣିତ କରେ । ଖ୍ରୀଷ୍ଟୀୟ ଦ୍ୱିତୀୟ-ତୃତୀୟ ଶତକରେ ଭରତମୁନି 'ନାଟ୍ୟଶାସ୍ତ୍ର'ରେ ଭାରତୀୟ ସଂଗୀତକୁ ଭୌଗୋଳିକ ଦୃଷ୍ଟିକୋଣରୁ ଚାରିଗୋଟି ବିଭାଗରେ ବିଭକ୍ତ କରିଥିଲେ; ଯଥା- ଅବନ୍ତୀ, ଦାକ୍ଷିଣାତ୍ୟ, ପାଞ୍ଚାଳୀ ଓ ଓଡ୍ର-ମାଗଧୀ । ଓଡ୍ର-ମାଗଧୀ ସଙ୍ଗୀତରେ ଓଡ଼ିଶାର ଏକ ବିଶିଷ୍ଟ ସ୍ଥାନ ଥିଲା । ପ୍ରାଚୀନ କାଳରେ ଏହି ଓଡ୍ର-ମାଗଧୀ ମଧ୍ୟଯୁଗୀୟ ଓଡ଼ିଶାରେ ସ୍ୱତନ୍ତ୍ର ଭାବରେ ବିକଶିତ ହୋଇ ସାଂପ୍ରତିକ କାଳରେ ପରିଚିତ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟରେ ପରିଣତ ହୋଇଛି ।

ଓଡ଼ିଶାରେ ମନ୍ଦିର ଗାତ୍ରରେ ନର୍ତ୍ତକୀମାନଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଏହା ତତ୍କାଳୀନ ସମାଜରେ ପ୍ରଚଳିତ ନୃତ୍ୟ ଓ ସଙ୍ଗୀତର ପ୍ରଚଳନ ସୂଚିତ କରେ । ମନ୍ଦିରମାନଙ୍କରେ ନୃତ୍ୟ କରିବାକୁ ଦେବଦାସୀ (ଦେବଗଣିକା, ଦାରିକା) ନିଯୁକ୍ତି ମଧ୍ୟ କେତେକ ଶିଳାଲେଖରୁ ପ୍ରାପ୍ତ ହୁଏ । ଦେବଦାସୀ ପ୍ରଥାର ପ୍ରାଚୀନତମ ସୂଚନା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ରାମଗଡ଼ ଅଭିଲେଖରୁ ପ୍ରାପ୍ତ ହୁଏ । ସୋମବଂଶୀ ମହାରାଜା ଉଦ୍ୟୋତ କେଶରୀଙ୍କ ମାତା କୋଳାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ବ୍ରହ୍ମେଶ୍ୱର ମନ୍ଦିରରୁ ପ୍ରାପ୍ତ ଏକ ଶିଳାଲେଖରୁ ଜଣାଯାଏ ଯେ ସୋମବଂଶୀ ରାଜାମାନେ ଶୈବ ମନ୍ଦିରମାନଙ୍କରେ ଦେବଦାସୀ ନିଯୁକ୍ତ କରୁଥିଲେ । ଦେବଦାସୀମାନେ ନୃତ୍ୟ, ସଙ୍ଗୀତ ଓ ବାଦନରେ ନିପୁଣା ଥିଲେ । ଏଥିରୁ ସମକାଳୀନ ଓଡ଼ିଶାରେ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ପ୍ରଚଳନ ଓ ଲୋକପ୍ରିୟତାର ସୂଚନା ମିଳେ ।

ଗଙ୍ଗ ରାଜତ୍ୱକାଳରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ହେଲା ଓ ଏଥିରେ ବହୁ ଦେବଦାସୀଙ୍କୁ ମନ୍ଦିରର ଦୈନନ୍ଦିନ ନୀତିରେ ନିଯୁକ୍ତ କରାଗଲା । କପିଳେନ୍ଦ୍ରଦେବଙ୍କ ସମୟରେ ଏହି ମନ୍ଦିରର ନାଟ୍ୟଶାଳା ନିର୍ମିତ ହେଲା । ଏହାପରେ ଦେବଦାସୀ ସେବାର ଉନ୍ନତି ବିଧାନ କରାଗଲା । ସମୟକ୍ରମେ ଏହି ଦେବଦାସୀମାନେ ମାହାରୀ ନାମରେ ପରିଚିତ ହେଲେ । ଦେବଦାସୀମାନେ ଶ୍ରୀମନ୍ଦିରରେ ଭକ୍ତି ସଙ୍ଗୀତ ଗାନକରି ନୃତ୍ୟ କରୁଥିଲେ । ଓଡ଼ିଶାର ମହାକବି ଜୟଦେବଙ୍କ 'ଗୀତଗୋବିନ୍ଦ' ବର୍ଣ୍ଣିତ ଦୃଶ୍ୟାବଳୀ ଦେବଦାସୀମାନଙ୍କ ନୃତ୍ୟଗୀତରେ ଫୁଟିଉଠୁଥିଲା ।

କେବଳ ଦେବଦାସୀ ବା ଦେବଗଣିକା ନୁହନ୍ତି, ସାଧାରଣ ଗଣିକାଗଣ ମଧ୍ୟ ନୃତ୍ୟଗୀତ ପ୍ରବୀଣା ଥିଲେ । ସେମାନେ ସୁନ୍ଦରୀ, ବୁଦ୍ଧିମତୀ ଓ ଲଳିତକଳା ନିପୁଣା ଥିଲେ ।

କଳିଙ୍ଗର ପ୍ରାଚ୍ୟଗଙ୍ଗ ବଂଶଜମହାରାଜା ବ୍ରଜହସ୍ତଦେବ ଓ ତାଙ୍କ ପୁତ୍ର ରାଜରାଜଦେବଙ୍କ ତାମ୍ରଶାସନରୁ ଜଣାଯାଏ ଯେ ଶଙ୍ଖ, ଭେରି ଇତ୍ୟାଦି ପଞ୍ଚମହାଶବ୍ଦକୁ ସେମାନେ ରାଜକୀୟ ସମ୍ମାନ ରୂପେ ଗ୍ରହଣ କରିଥିଲେ । ବୀର କାହାଣୀ ସଙ୍ଗେ ଭେରୀ, ତୂର୍ଯ୍ୟ ଇତ୍ୟାଦି ମଧ୍ୟ ରାଜାମାନଙ୍କ ଯାତ୍ରା-ଉତ୍ସବରେ ବ୍ୟବହୃତ ହେଉଥିଲା । ଏସବୁ ବାଦ୍ୟର ପ୍ରଚଳନ ତତ୍କାଳୀନ ଓଡ଼ିଶାରେ ଥିବାର ପ୍ରମାଣ ଏଥିରୁ ଉପଲବ୍ଧହୁଏ ।

ସାରଳାଦାସଙ୍କ 'ମହାଭାରତ'ରେ ନୃତ୍ୟ ସଙ୍ଗୀତ ଓ ବିଭିନ୍ନ ବାଦ୍ୟର ଉଲ୍ଲେଖ ରହିଛି । ପ୍ରାଚୀନ କାଳରେ ବିବାହ ଓ ବିଭିନ୍ନ ଉତ୍ସବରେ ନୃତ୍ୟଗୀତର ବହୁଳ ପ୍ରଚଳନର ଧାରଣା ଏଥିରୁ ଜନ୍ମେ । 'ମହାଭାରତ'ର ମଧ୍ୟପର୍ବରେ ବିଭିନ୍ନ ସ୍ୱୟଂବର, ହରଣ ଓ ବିବାହ ବର୍ଣ୍ଣନାରେ ନୃତ୍ୟଗୀତ ଓ ବାଦ୍ୟର ବର୍ଣ୍ଣନା ରହିଛି । ଏଥିରେ ଗଣିକାମାନେ ସଙ୍ଗୀତ ସହିତ ନୃତ୍ୟରତ ରହୁଥିବା ବର୍ଣ୍ଣିତ । ଯେପରି-

"ଗାବନ୍ତି ଗୀତ ଯେ ମିଳି ସର୍ବଗଣିକା ପ୍ରିୟା
ଅଭିମନ୍ୟୁଂକ ଉତ୍ତରା କରାଇବା ବିହା।" (ବିରାଟ ପର୍ବ, ପୃ.୬୭୯)

ଅଜ୍ଞାତବାସ କାଳରେ ବିରାଟ ରାଜାଙ୍କ ପାଖରେ ବୃହନ୍ନାରୀ (ବୃହନ୍ନଳା) ବେଶରେ ରହି ରାଣୀହଂସପୁରରେ ନୃତ୍ୟ କରିବେ ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ସେ 'ପଞ୍ଚବିଂଶ ତାଳ' ଓ 'ଏକବିଂଶ ମୂର୍ଚ୍ଛନା'ରେ ଉଲ୍ଲେଖ କରିଛନ୍ତି। ଯେପରି–

"ରାଣୀହଂସ ପୁରେ ମୁଁ କରାଇବି ନୃତ୍ୟ
ବେଣୁ ବୀଣା ଯନ୍ତ୍ରତାଳ ତାଣ୍ଡବ ଭରହ ସଂଗୀତ।
ପଞ୍ଚବିଂଶ ତାଳ ଖଟଣ ଯେକବିଂଶ ମୃଚ୍ଛନା (ମୂର୍ଚ୍ଛନା)
ଅନନ୍ତ ବିନୋଦ ବୃନ୍ଦାଅର୍କ ମୋହନା।" (ବିରାଟ ପର୍ବ, ପୃ.୪୮)

ସାରଳା ସାହିତ୍ୟରେ ଶତାଧିକ ବାଦ୍ୟର ନାମୋଲ୍ଲେଖ ରହିଛି। ଏଥିରୁ କେତେକ ବାଦ୍ୟ ଯୁଦ୍ଧଯାତ୍ରା କାଳରେ, ବିବାହ ପ୍ରଭୃତି ମଙ୍ଗଳ ଅନୁଷ୍ଠାନମାନଙ୍କରେ ବାଦନ କରାଯାଉଥିଲା। 'ସୁରେଖା ବିବାହ' ପ୍ରସଙ୍ଗରେ ବିଭିନ୍ନ ବାଦ୍ୟର ସୂଚନା ରହିଛି। ଯେପରି–

"ବୀରତୂର ନିଶାଣ କୁତୁହୋଳେ ବାଜିଲା
କରମଣ୍ଡଳ ରାଜ୍ୟ ସେ ଉଚ୍ଛୁଳି ପଡ଼ିଲା।
ଶଙ୍ଖ ମହୁରୀ ଯେ ବାଜଇ ବିକଟାଳ
ଢୋଲ ଦମୀ ଦାଉଣ୍ଡି ଆଦି ବାଜଇ ମାର୍ଦଳ।" (ମଧ୍ୟପର୍ବ, ପୃ.୭୫୪)

ପରେ ପରେ କନଡ଼ା ରାଗରେ ମହୁରୀ ବାଜିବା ଓ ବୀଣା ବଜାଇ ନାରଦ ନାଚିବାର ଚିତ୍ର ମଧ୍ୟ ପ୍ରଦତ୍ତ। ଯେପରି–

"କନଡ଼ା ରାଗେ ଯେ ମହୁରୀ ବାଜଇ
ବୀଣାଯନ୍ତ୍ର ବାଇଣ ନାରଦ ନାଚଇ।" (ମଧ୍ୟପର୍ବ, ପୃ.୭୫୫)

ପୂର୍ବରୁ ପ୍ରଚଳିତ ଓ ସାରଳାଦାସଙ୍କ ସମୟରେ ବ୍ୟବହୃତ ଆଉ କେତେକ ବାଦ୍ୟର ନାମ ପ୍ରଦାନ କରାଯାଇପାରେ।

"ବାଜି ନାନାବାଦ୍ୟ ଶଙ୍ଖ ମହୁରୀ ଭେରୀ।" (ମଧ୍ୟପର୍ବ, ପୃ.୪୬୬)
"ବାଜଇ ବିଜିଘୋଷ ଟମକ କାହାଳୀ
ଶଙ୍ଖ ମହୁରୀ ଢୋଲ ଜମାଲୁ କଂସାଳ ତାଳି।" (ମଧ୍ୟପର୍ବ, ପୃ.୫୦୮)

**କଳା ଓ ସ୍ଥାପତ୍ୟ :**

ଓଡ଼ିଶାରେ ଦେବତାଙ୍କ ପାଇଁ ମନ୍ଦିର ନିର୍ମାଣ କରିବାର ପରମ୍ପରା ବହୁ ପ୍ରାଚୀନ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଖାରବେଳ ହାତୀଗୁମ୍ଫା ଅଭିଲେଖରେ ପ୍ରକାଶ କରିଛନ୍ତି ଯେ ସେ ସବୁଧର୍ମର ପ୍ରତିମା ପୂଜା କରୁଥିଲେ ଓ ସମସ୍ତ ପ୍ରକାର ଦେବାୟତନର ସଂସ୍କାର ପାଇଁ ଆଗ୍ରହୀ ଥିଲେ। ତାଙ୍କ ସମୟରେ ଅନେକ ଦେବାୟତନ କଳିଙ୍ଗରେ ପ୍ରତିଷ୍ଠିତ ଥିଲା। ଖ୍ରୀଷ୍ଟୀୟ ୪ର୍ଥ ଶତକରେ କେଉଁଝରର ଅଞ୍ଚଳର ନାଗବଂଶୀ ରାଜା ଶତ୍ରୁଭଞ୍ଜ ଏକ ଶୈବ ଦେବାୟତନ ବା ଶୈବ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି କଥା ପ୍ରକାଶ କରୁଥିବା ଶିଳାଲେଖଟି ମିଳିଥିଲେ ହେଁ ଉକ୍ତ ମନ୍ଦିରର ସତ୍ତା ବର୍ତ୍ତମାନ ନାହିଁ।

ଓଡ଼ିଶାର ସୋମବଂଶୀ ରାଜାମାନେ କଳା ଓ ସ୍ଥାପତ୍ୟର ପୃଷ୍ଠପୋଷକ ଥିଲେ। ଭୁବନେଶ୍ୱରରେ ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ

ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର ଇତ୍ୟାଦି ସେମାନଙ୍କ କୀର୍ତ୍ତିମାନଙ୍କ ମଧ୍ୟରୁ କେତୋଟି । ଓଡ଼ିଶାରେ ଗଙ୍ଗମାନଙ୍କ ରାଜତ୍ୱକାଳରେ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ସାଧିତ ହୋଇଥିଲା । ଏହି ସମୟରେ ଓଡ଼ିଆ ଶିଳ୍ପୀ ଓ କଳାକାରଗଣ ମନ୍ଦିର ନିର୍ମାଣ କରି କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଇତ୍ୟାଦି ଏମାନଙ୍କର ଅମଳିନ କୀର୍ତ୍ତି । କୋଣାର୍କ ମନ୍ଦିର କଳାକ୍ଷେତ୍ରରେ ପୃଥିବୀର ଏକ ବିସ୍ମୟକର ତଥା ଅନବଦ୍ୟ ସୃଷ୍ଟି । ଏଥିରେ ଭାରତୀୟ କଳା ଓ ସ୍ଥାପତ୍ୟର ମହତ୍ତ୍ୱ ଚରମସୀମାରେ ଉପନୀତ । କେବଳ ସେତିକି ନୁହେଁ, ଏହି ସମୟରେ ଜଗନ୍ନାଥଙ୍କୁ କେନ୍ଦ୍ରକରି ଜଗନ୍ନାଥ ସଂସ୍କୃତିର ଉଦ୍ଭବ ହେଲା ଏବଂ ଏହା କ୍ରମେ ସର୍ବଭାରତୀୟ ସଂସ୍କୃତିର ଅଙ୍ଗବିଶେଷ ରୂପେ ବିଦିତ ହେଲା ।

ସୂର୍ଯ୍ୟବଂଶୀୟ ନରପତିଗଣଙ୍କୁ ବିଭିନ୍ନ ଦିଗରେ ଶତ୍ରୁ ଦମନ କରିବାକୁ ପଡ଼ିଥିବାରୁ ସାଂସ୍କୃତିକ ଦିଗରେ ସେମାନେ ଅଧିକ ମନୋନିବେଶ କରିପାରି ନ ଥିଲେ । ତେଣୁ ଗଙ୍ଗମାନଙ୍କ ରାଜତ୍ୱକାଳରେ ନିର୍ମିତ ବହୁ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ଭଳି ମନ୍ଦିରମାନ ସୂର୍ଯ୍ୟବଂଶୀୟ ରାଜାମାନଙ୍କ ସମୟରେ ନିର୍ମିତ ହୋଇପାରି ନ ଥିଲା । ତଥାପି ଶିଳ୍ପକଳାର ଆଦର ଓ ପ୍ରସାର ସେତେବେଳେ ବ୍ୟାହତ ହୋଇ ନ ଥିଲା । ଭୁବନେଶ୍ୱରରେ କପିଳେଶ୍ୱର ମନ୍ଦିର ମହାରାଜା କପିଳେନ୍ଦ୍ରଦେବଙ୍କ କୀର୍ତ୍ତି ପ୍ରଚାର କରେ । ସେଥିରେ ଏକ ଶିଳାଫଳକରେ କପିଳେନ୍ଦ୍ରଦେବଙ୍କ ଯୁଦ୍ଧଯାତ୍ରା ଚିତ୍ର ଖୋଦିତ । ସେହିପରି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶାରେ କେତେକ ମନ୍ଦିର ନିର୍ମିତ ହୋଇଥିଲା । ମନେହୁଏ, ଏହି ସମୟରୁ ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟର ଦ୍ରୁତ ଅବନତି ହୋଇଥିଲା । ଏ ଦୃଷ୍ଟିରୁ ସାରଳାଦାସଙ୍କ ରଚନାବଳୀରେ ମନ୍ଦିର ସ୍ଥାପତ୍ୟ ସମ୍ପର୍କରେ ସୂଚନା ପ୍ରାୟ ନାହିଁ । କିନ୍ତୁ ରାଜପ୍ରାସାଦ, ସଭାଗୃହ, ଯଜ୍ଞଶାଳା, ଦୁର୍ଗ, ପୁଷ୍କରିଣୀ ଇତ୍ୟାଦି ବିଷୟକ ବର୍ଣ୍ଣନାମାନ ଉପଲବ୍ଧ ହୁଏ ।

ଯୁଧିଷ୍ଠିର ମହାରାଜାଙ୍କ ରାଜସୂୟ ଯଜ୍ଞରେ ଯୋଗଦେଉଥିବା ରାଜାମାନଙ୍କ ପାଇଁ ନିର୍ମିତ ହେବାକୁ ଥିବା ସଭାଗୃହର ନକ୍ସା (ଚିତ୍ରପଟ) କାଟି ଶ୍ରୀକୃଷ୍ଣ ବିଶ୍ୱକର୍ମାଙ୍କୁ ବୁଝାଇ ଦେଇଛନ୍ତି । ସେହିପରି ଓ ସେହି ମାପରେ ସଭାକକ୍ଷ ନିର୍ମାଣ କରିବାକୁ ଆଦେଶ ଦେଇଛନ୍ତି ।

"ଆହୋ ଦ୍ୱାଦଶ ଯୋଜନ ହୋଇବ ସଭାର ଆୟତନ
ଲକ୍ଷେକ ଖମ୍ୱ ହୋଇବ ସବୁ ସୁବର୍ଣ୍ଣେ ନିର୍ବାଣ ।
ଅଷ୍ଟାଦଶ ଦଣ୍ଡଯେ ହୋଇବ ନଳକାଠୀ
ହାଥକେ ମାଡ଼ିବସିବ ଖମ୍ୱ ଚାରିଗୋଟି ।
ଯେମନ୍ତେ ବାସ୍ତରି ହାତ ହୋଇବ ଆୟେତନ
ଉପରକୁ ଉର୍ଦ୍ଧ୍ୱର୍ଗ ହୋଇ ଚଉବିଂଶ ଯୋଜନ ।
ଚଉବିଂଶ ଅଂଶା ହୋଇ ଯେକ ଖମ୍ୱଗୋଟି ।
ଯେକ ଅଂଶାକେ ଲାଗିଥିବ ହୀରା ନବକୋଟି... ଇତ୍ୟାଦି ।" (ସଭାପର୍ବ, ପୃ. ୧୧୨)

ଯଜ୍ଞଶାଳା ଓ ଯଜ୍ଞକୁଣ୍ଡ ନିର୍ମାଣ କରିବାର ସ୍ୱତନ୍ତ୍ର ପଦ୍ଧତି ଓ ମାପ ଥିଲା । ଯୁଧିଷ୍ଠିରଙ୍କ ଧର୍ମଯଜ୍ଞ ନିମନ୍ତେ ଉଦ୍ଦିଷ୍ଟ ଯଜ୍ଞଶାଳା ଓ ଯଜ୍ଞକୁଣ୍ଡ ନିର୍ମାଣ, ଶୋଧନ ଓ ଅଗ୍ନି-ସଂଯୋଗ ଇତ୍ୟାଦି ବିଧି 'ସାରଳା ମହାଭାରତ'ରେ ଉଲ୍ଲେଖ ରହିଛି । ଯଜ୍ଞ ଉପଲକ୍ଷେ ଆମନ୍ତ୍ରିତ ରାଜନ୍ୟବର୍ଗଙ୍କ ନିମନ୍ତେ ସେମାନଙ୍କ ସୈନ୍ୟ, ଅଶ୍ୱ, ଗଜଙ୍କ ନିମନ୍ତେ ଗୃହ ନିର୍ମାଣ, ରୋଷଶାଳା ନିର୍ମାଣ ଇତ୍ୟାଦି ଦାୟିତ୍ୱରେ ନିଜେ ଶ୍ରୀକୃଷ୍ଣ ଥିଲେ ବୋଲି 'ସାରଳା ମହାଭାରତ'ରେ ଉଲ୍ଲେଖ ରହିଛି । ସେସବୁର ନିର୍ମାଣବିଧିର ମଧ୍ୟ ଉଲ୍ଲେଖ ରହିଛି ।

ପ୍ରାକ୍-ସାରଳାକାଳୀନ ଓଡ଼ିଶାରେ ସ୍ଥାପତ୍ୟକଳା ଉତ୍କର୍ଷର ଚରମସୀମାରେ ପହଞ୍ଚିଥିବା ପୂର୍ବରୁ କୁହାଯାଇଛି । ସାରଳାଙ୍କ ସମୟରେ ପୂର୍ବ ପଦ୍ଧତି ଅନୁସରଣରେ ନକ୍ସା କାଟି ସେହି ଅନୁସାରେ ଯେ ନିର୍ମାଣ କାର୍ଯ୍ୟ ହେଉଥିଲା ଏବଂ ଆବଶ୍ୟକସ୍ଥଳେ

ପାହାଚମାନ ମଧ୍ୟ ନିର୍ମିତ ହେଉଥିଲା, ତାହା ଏଥିରୁ ସ୍ପଷ୍ଟ ହୁଏ।

ବିରାଟ ପର୍ବରେ ରାଜକନ୍ୟା ଉତ୍ତରାର ବିବାହ ଆୟୋଜନ କାଳରେ ଯେଉଁ ଅସ୍ଥାୟୀ ଗୃହମାନ ନିର୍ମାଣ କରାଯାଇଛି, ତାହାର ସୁନ୍ଦର ବର୍ଣ୍ଣନା ମଧ୍ୟ 'ସାରଳା ମହାଭାରତ'ରେ ମିଳେ।

"ଛାୟା ମଣ୍ଡୋପ ଯେ ନିର୍ବାଣିଲେ ନୃପମଣି
ପାଞ୍ଚକୋଷ ଆୟତନ ଛାୟା ମଣ୍ଡୋପ ପରିମାଣି।
ମାରାଗର ଶ୍ରେଣୀ ମର୍କତର କୋଣଦଣ୍ଡ।
କଣୟ ପତ୍ରେ ଛାୟେଣୀ ଯେହ୍ନେ ଦିଶଇ ମାରତଣ୍ଡ।
ଜନକର ଗୁଅ ପଟା ନୀଳା ରତ୍ନେ ଶୋଭା
ଜଳଧର ମେଘେ ଯେହ୍ନେ ବିଜୁଳିର ପ୍ରଭା।" (ବିରାଟ ପର୍ବ, ପୃ. ୬୬୦-୬୧)

ଗୃହରେ କବାଟ, ଝରକା ଲାଗୁଥିଲା, କିଳିଣି ବ୍ୟବହୃତ ହେଉଥିଲା ଏବଂ ବନ୍ଦୀଘରେ ଜଳା ରହୁଥିଲା। ବହୁ ପୂର୍ବରୁ ପ୍ରଚଳିତ ଏହି ପଦ୍ଧତିର ପ୍ରଚଳନ ସାରଳାଦାସଙ୍କ ସମୟରେ ମଧ୍ୟ ଥିଲା। ତେଣୁ 'ସାରଳା ମହାଭାରତ'ରେ ଏହାର ଉଲ୍ଲେଖ ଦୃଷ୍ଟିକୁ ଆସେ। ଯଥା–

"କବାଟ ଫେଡ଼ ବାବୁ ମାନଚକ୍ରବ୍ରତୀ।" (ଆଦିପର୍ବ, ପୃ. ୪୫୫)
"ସାତ କପାଟ କିଳିଅଛି ବଜ୍ର ଯେ କିଳିଣୀ।" (ମଧ୍ୟପର୍ବ, ପୃ. ୨୪୫)
"ଛୁଅନ୍ତେ ଫିଟିଲା ସାତ କପାଟ ନିବିଡ଼ ଯନ୍ତ୍ର ଯେ କିଳିଣୀ।" (ମଧ୍ୟପର୍ବ, ପୃ. ୨୫୫)
"ବଜ୍ର ଯନ୍ତ୍ର କିଳିଣି କିଳିଲା, ତହୁଂ ଗଳାକ କୁରୁସାଇଂ।" (ଆଦିପର୍ବ, ପୃ.୪୬୪)
"ଗୁଣ୍ଡୁରି ଜଳାବାଟେ ବଡ଼ାଇଣ ଦିୟେ।" (ଆଦିପର୍ବ, ପୃ. ୪୬୬)

ସାରଳାଦାସଙ୍କ ବହୁପୂର୍ବରୁ ଯୁଦ୍ଧରେ ରଥର ପ୍ରଚଳନ ଥିଲା। ସାରଳାଦାସଙ୍କ ସମୟରେ ମଧ୍ୟ ପରମ୍ପରାକ୍ରମେ ରଥର ପ୍ରଚଳନ ଅବ୍ୟାହତ ଥିଲା। ଗୃହ, ସଭାମଣ୍ଡପ ଆଦିର ସାଜସଜ୍ଜା ଉପରେ ସେ ସମୟରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ବିରାଟ ରାଜାଙ୍କ ପୁତ୍ର ଉତ୍ତର କୁମାରର ରଥକୁ ଅର୍ଜୁନ ଯେପରି ସଜାଇଛନ୍ତି ତା'ର ଏକ ମନୋଜ୍ଞ ତଥା ଦୀର୍ଘ ବର୍ଣ୍ଣନା ସାରଳାଦାସ ଦେଇଛନ୍ତି। (ବିରାଟପର୍ବ, ପୃ. ୪୪୬-୪୭)

ଓଡ଼ିଶାର ଶିଳ୍ପ, କଳା ଓ ଭାସ୍କର୍ଯ୍ୟର ସୂଚନା 'ସାରଳା ମହାଭାରତ'ରେ ଅନେକତ୍ର ଦୃଷ୍ଟିଗୋଚର ହୁଏ। ଓଡ଼ିଶା ସଂସ୍କୃତିର ଏହି ବିଭବକୁ ଆଲୋକିତ କରିବା ପାଇଁ ସାରଳାଦାସଙ୍କର ଯେଉଁ ଆବେଗ, ନିଷ୍ଠା ଓ ଆନ୍ତରିକତା, ସେଥିଲାଗି ସେ ଚିରସ୍ମରଣୀୟ। ଲେଖନୀ ଚାଳନା କରିବା ସମୟରେ ତାଙ୍କ ଆଗରେ ରହିଛି ଏକ ବଳିଷ୍ଠ ସାଂସ୍କୃତିକ ପୃଷ୍ଠଭୂମି ଏବଂ ଏହାହିଁ ତାଙ୍କୁ ସଂସ୍କୃତି-ସଚେତନ କରାଇଛି ଓ ସେ ଓଡ଼ିଶୀ ସଂସ୍କୃତିର ପ୍ରବକ୍ତା ସାଜି ଯଶସ୍ୱୀ ହୋଇଛନ୍ତି।

**୨.୨.- ସାରଳାଦାସଙ୍କ ପରିଚୟାତ୍ମକ ପରିକ୍ରମା :**

ସାରଳାଦାସ ଓଡ଼ିଆ ସାହିତ୍ୟର ପ୍ରାଣପ୍ରତିଷ୍ଠାତା। ସେ ନିଜର ଅପରିମିତ ସାଧନା ଓ ଅକ୍ଳାନ୍ତ ପରିଶ୍ରମବଳରେ ଓଡ଼ିଆ ଜାତି ସମକ୍ଷରେ ଏକ ବିରାଟ ସାହିତ୍ୟ-ସୌଧ ନିର୍ମାଣ କରିଯାଇଛନ୍ତି। ଓଡ଼ିଶାର ଘରେ ଘରେ ସୁପରିଚିତ ତାଙ୍କର ରଚନାବଳୀ ପାଞ୍ଚଶତ ବର୍ଷରୁ ଅଧିକ କାଳଧରି ସବୁ ଶ୍ରେଣୀର ଓଡ଼ିଆ ସାହିତ୍ୟ-ଶିଳ୍ପୀମାନଙ୍କୁ ପ୍ରଭାବିତ କରିଆସୁଅଛି। ସୁତରାଂ ଯଥାର୍ଥରେ ସେ ହିଁ ଉତ୍କଳର କବିଗୁରୁ।

ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ। କାରଣ ସ୍ୱଗ୍ରନ୍ଥମାନଙ୍କରେ ନିଜର ସ୍ପଷ୍ଟ ପରିଚୟ ସେ ଦେଇନାହାନ୍ତି। ଭାରତୀୟ ପରମ୍ପରାରେ ଆତ୍ମବିବରଣୀ ପ୍ରଦାନ ଏକ ଅହଂକାରପୂର୍ଣ୍ଣ ଆତ୍ମବଡ଼ିମା ପ୍ରଖ୍ୟାପକ କାର୍ଯ୍ୟରୂପେ ବିବେଚିତ ହୋଇ ଆସୁଥିବାରୁ କାଳିଦାସ, ଅଶ୍ୱଘୋଷ, ଭବଭୂତି, ମାଘ ପ୍ରମୁଖ ପ୍ରସିଦ୍ଧ କବିଗଣ ନିଜ ନିଜର ପରିଚୟ ପ୍ରଦାନ କରି ନାହାନ୍ତି ଏବଂ ଏହି ପରମ୍ପରାକୁ ସମ୍ମାନ ଦେଖାଇ କବି ସାରଳାଦାସ ନିଜର ପରିଚୟ ନିର୍ଦ୍ଦିଷ୍ଟ ଭାବେ ପ୍ରଦାନ କରି ନାହାନ୍ତି। ପ୍ରଚଳିତ କେତେକ ଜନଶ୍ରୁତି ଓ ତାଙ୍କ ରଚନାସମୂହରେ ବିକ୍ଷିପ୍ତ ଭାବରେ ରହିଥିବା ଅଳ୍ପ କେତେକ ପଙ୍‌କ୍ତି ଓ ଭଣିତା ଏ ସମ୍ବନ୍ଧରେ କିଞ୍ଚିତ୍ ଆଲୋକପାତ କରେ। ନିଜ ଜନ୍ମସ୍ଥାନ ସଂପର୍କରେ କବି କହନ୍ତି—

"ଯେ ସେ ଜମ୍ବୋଦୀପ ଭ୍ରଥଖଣ୍ଡ ମହୀ ଓଡ଼ରଷ୍ଟ୍ରେ
ଭୁବନ ଯାପନଗ୍ରର ପୂର୍ବଦିଗ ମହୋଦଧି ନିକଟେ।
ଶ୍ୱେତବରେହା ନୀଳସୁନ୍ଦର ଗିରି ମଧସ୍ଥାନେ
ମହାବାକ୍ୟ ଆଖ୍ୟାନେ ଚନ୍ଦ୍ରଭାଗା ଅର୍କତୀର୍ଥ ଈଶାନେ।
ପୁରରବା ସଞ୍ଚିତ ସେ ଝଂଖେରପୁର ଯାହା ବୋଲି
ଶ୍ରୀ ଗିରିଜାର ଆଗ୍ୟାଂୟେ ମୁହିଂ ତହିଂ ଜନମିଲି।" (ବିରାଟ ପର୍ବ, ପୃ: ୭୦୯)

ଜମ୍ବୁଦ୍ୱୀପ ଭରତଖଣ୍ଡଗତ ଓଡ଼ରାଷ୍ଟ୍ରରେ ଯାଜନ ନଗରର ପୂର୍ବଭାଗରେ ଶ୍ୱେତବରାହୀ ଓ ନୀଳାଚଳର ମଧସ୍ଥାନରେ ଚନ୍ଦ୍ରଭାଗା କୋଣାର୍କର ଐଶାନ୍ୟ ଦିଗରେ ଜଂଖେରପୁର ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ। ଏହି ଜଂଖେରପୁର ହିଁ ଆଧୁନିକ ଝଙ୍କଡ଼। ସେ ଏ ସମ୍ବନ୍ଧରେ ଅନ୍ୟ କେତେକ ସ୍ଥଳରେ ସୂଚନା ଦେଇଛନ୍ତି। ତାଙ୍କ ସ୍ୱୀକାରୋକ୍ତି ଅନୁସାରେ—

"ଝଙ୍କଡ଼ ଗ୍ରାମରେ ମୋର ଅଟଇ ବସତି
ମୂର୍ଖଙ୍କ ଗୋଷ୍ଠୀରେ ସଦା ଗଲା ଦିନରାତି।" (ବିଲଙ୍କା ରାମାୟଣ, ପୃ:୨)

ଏହି ସୂଚନାକୁ ଭିତ୍ତିକରି ପଣ୍ଡିତ ଗୋପୀନାଥ ନନ୍ଦଶର୍ମା କହନ୍ତି— "ଶ୍ରୀମାନ ସାରଳାଦାସଙ୍କ ନିଜସ୍ଥାନ କଟକ ଜିଲା ଅନ୍ତର୍ଗତ ଝଙ୍କଡ଼ ପ୍ରଗଣାସ୍ଥ ଶ୍ରୀ ସାରଳାଦେବୀପୀଠର ଅନତିଦୂରବର୍ତ୍ତୀ କୌଣସି ଏକ ପ୍ରସିଦ୍ଧ ଗ୍ରାମ ହେବ। ଅନେକେ କହନ୍ତି, ଶ୍ରୀ ସାରଳା ପୀଠର ସମୀପ ତେନ୍ତୁଳିପଦା ନାମକ ଗ୍ରାମରେ ସାରଳାଦାସ ଜନ୍ମଗ୍ରହଣ କରିଥିଲେ।" (ଶ୍ରୀ ଭାରତ ଦର୍ପଣ, ପୃ: ୨୮୨-୮୩)

କବି ନିଜ ପିତାଙ୍କର ଚାରିପୁତ୍ର ମଧରେ କନିଷ୍ଠ ଥିବା କଥା ମଧ ପ୍ରକାଶ କରିଛନ୍ତି—

"ସବୁହୁଂ ସାନ ମୁଂ ଯେ ଜଡ଼ଭାବ ମତି।" (ଆଦିପର୍ବ, ପୃ. ୧୦୪୦)

ତାଙ୍କର ପିତୃଦତ୍ତ ନାମ ସାରଳାଦାସ ନୁହେଁ; ତାଙ୍କର ନାମ ଥିଲା ସିଦ୍ଧେଶ୍ୱର। ସେ ଏହି ନାମରେ ପରିଚିତ ଥିଲେ 'ବିଲଙ୍କା ରାମାୟଣ' ରଚନା କରିବା ପର୍ଯ୍ୟନ୍ତ। ପରେ ସାରଳା ଦେବୀଙ୍କ ଅନୁଗ୍ରହ ଲାଭକରି ସେ ସାରଳାଦାସ ନାମ ଧାରଣ କଲେ। ସେ ଜାତିରେ ଥିଲେ ଚଷା ଓ ତାଙ୍କର କୌଳିକ ସଂଜ୍ଞା ଥିଲା 'ପରିଡ଼ା'। ତାଙ୍କର ଜାତି ଓ କୌଳିକ ସଂଜ୍ଞା ସମ୍ବନ୍ଧରେ ମତଦ୍ୱୈଧ ଦେଖାଯାଏ। 'ଶ୍ରୀ ଭାରତ ଦର୍ପଣ' ରଚୟିତା ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ମତ ଦିଅନ୍ତି ଯେ କବିଙ୍କ ବଂଶଧରମାନେ ବର୍ତ୍ତମାନ ନିଜକୁ କରଣ ବୋଲି ପରିଚିତ କରାଉଥିଲେ ହେଁ ସାରଳାଦାସ ପ୍ରକୃତରେ ଥିଲେ ଖଣ୍ଡାୟତ। (ପୃ: ୨୮୩) ତାଙ୍କର କୌଳିକ ସଂଜ୍ଞା 'ପରିଡ଼ା' ଥିଲା ବୋଲି ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ମତ ଦିଅନ୍ତି। ମାତ୍ର ଯାହା ମନେହୁଏ, ସାରଳାଦାସ ଜାତିରେ ଖଣ୍ଡାୟତ ଥିଲେ ଓ

ତାଙ୍କର କୌଳିକ ସଂଜ୍ଞା ଥିଲା 'ପରିଡ଼ା'। ପ୍ରାଚୀନ ଓଡ଼ିଶାରେ ଏହା ଏକ ବୀରଜାତିର ସଂଜ୍ଞା ଥିଲା ଏବଂ ଅଦ୍ୟାବଧି 'ପରିଡ଼ା' ସଂଜ୍ଞାଧାରୀ ଖଣ୍ଡାୟତ ଜାତିର ବହୁ ପରିବାର ଓଡ଼ିଶାରେ ବାସକରନ୍ତି। ସାରଳା ଦେବୀଙ୍କର ଐକାନ୍ତିକ ଭକ୍ତ ହେବାପରେ ସେ ନିଜକୁ ତାଙ୍କର ଦାସାନୁଦାସ ରୂପେ ଅଭିହିତ କରିଛନ୍ତି 'ସାରଳାଦାସ' ନାମ ଗ୍ରହଣ କରି। ଦେବଦେବୀ ଭକ୍ତ ହେବାପରେ ଭକ୍ତମାନେ ସେମାନଙ୍କର କୌଳିକ ସଂଜ୍ଞା ପରିବର୍ତ୍ତେ 'ଦାସ' ସଂଜ୍ଞା ଗ୍ରହଣ କରିବା ପରମ୍ପରାସମ୍ମତ। ତେଣୁ 'ଦାସ' ସଂଜ୍ଞାକୁ ତାଙ୍କର କୌଳିକ ସଂଜ୍ଞା ଭାବରେ ଗ୍ରହଣ କରାଯାଇ ନପାରେ।

କବି ନିଜ ଗ୍ରନ୍ଥସମୂହରେ ନିଜ ଗୃହସ୍ଥ ଜୀବନ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ପ୍ରଦାନ କରି ନ ଥିଲେହେଁ ସେ ବିବାହିତ ଓ ବହୁକୁଟୁମ୍ବୀ ଥିଲେବୋଲି ସାମାନ୍ୟ ସୂଚନା ମିଳେ। କୁଟୁମ୍ବ ଜଞ୍ଜାଳରେ ରହି ଗ୍ରନ୍ଥ ରଚନା କରିବା ସମୟରେ ତାଙ୍କର ଯାହା କିଛି ବିସ୍ମରଣ ଘଟେ, ତାହା ଦେବୀ ସାରଳା ସୁଦୟା ବହି ତାଙ୍କୁ ସ୍ମରଣ କରାଇ ଦିଅନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

"ମୁହିଂ ଯାହା ଭ୍ରାନ୍ତି କଲି କୁଟୁମ୍ବ ଦେଖନ୍ତେ
ଅବଗତ ବାକ୍ୟେ ସେ ବଞ୍ଚାଇ ଦିଅନ୍ତି ମୋତେ।" (ଦ୍ରୋଣପର୍ବ, ପୃ:୨୭୪)

ସେ ସାଂସାରିକ ଜୀବନର ମୋହ, ଲୋଭ, ମାୟାରେ ବୁଡ଼ି ରହିଛନ୍ତି ଓ କୁଟୁମ୍ବ ଜଞ୍ଜାଳ ତାଙ୍କ ପକ୍ଷରେ ଅସହ୍ୟ ହୋଇପଡ଼ିଛି ବୋଲି ଅନ୍ୟତ୍ର ମଧ୍ୟ ପ୍ରକାଶ କରିଛନ୍ତି। ସେ ପାରିବାରିକ ଜୀବନ ଯାପନକରୁଥିବା କଥା ଏଥିରୁ ସ୍ପଷ୍ଟ ହୁଏ।

କବି କେବେ ପରଲୋକ ଗମନ କଲେ, ତାହା ଏ ପର୍ଯ୍ୟନ୍ତ ଅଜ୍ଞାତ। ଜନଶ୍ରୁତି ଅନୁସାରେ ତେନ୍ତୁଳିପଦା ବା ବଡ଼ସାରୋଳ ଗ୍ରାମଠାରେ ଅବସ୍ଥିତ 'ମୁନି ଗୋସାଇଁ ମଠ' ଥିଲା ସାରଳାଦାସଙ୍କ ଆଶ୍ରମ ଏବଂ ଏଠାରେ ସେ ନିଜର ଶେଷ ଜୀବନ କଟାଇଥିଲେ। ଅଦ୍ୟାବଧି ଏହିଠାରେ ପ୍ରତିବର୍ଷ ମାଘମାସ ସପ୍ତମୀ ତିଥିରେ ମହୋତ୍ସବ ପାଳିତ ହେଉଥିବାରୁ ଅନୁମାନ କରାଯାଏ ଯେ ଏହିଠାରେ ଓ ଏହି ପବିତ୍ର ତିଥିରେ ତାଙ୍କର ଦେହାବସାନ ଘଟିଥିଲା।

**୨.୨.୧.- ଜାତିସ୍ମରତ୍ୱ :**

ସାରଳାଦାସ ଜାତିସ୍ମର ଥିଲେ। ଜାତିସ୍ମର ଅର୍ଥ ଯେ ପୂର୍ବଜନ୍ମର କଥା ସ୍ମରଣ ରଖିପାରେ। ପୂର୍ବଜନ୍ମ ତପସ୍ୟାର ଫଳ ସ୍ୱରୂପ ଜାତିସ୍ମରତ୍ୱ ଲାଭ ହୋଇଥାଏ। ପୂର୍ବଜନ୍ମର ବର୍ଣ୍ଣନା ଦେଇ କବି ସ୍ୱର୍ଗାରୋହଣ ପର୍ବରେ କହନ୍ତି ଯେ ପୂର୍ବଜନ୍ମରେ ସେ ସିଦ୍ଧ ଦେହରେ ଶିବଙ୍କ ଦ୍ୱାରପାଳ ନନ୍ଦିକେଶର ଥିଲେ। ନିଜର କର୍ମଫଳ ଯୋଗୁଁ ମନୁଷ୍ୟ ଯୋନିରେ କ୍ରମାଗତ ଭାବରେ ଚାରିଗୋଟି ଜନ୍ମଗ୍ରହଣ କରିବା ପାଇଁ ଗଜାନନଙ୍କଠାରୁ ଶାପ ପାଇ ପ୍ରଥମ ଜନ୍ମରେ କାଳିଦାସ, ଦ୍ୱିତୀୟ ଜନ୍ମରେ ମହାକାଳିକା ବିଜୟ ଓ ତୃତୀୟ ଜନ୍ମରେ ସାରଳାଦାସ ନାମ ଧାରଣ କରି କବିତ୍ୱ ସମ୍ପନ୍ନ ହୋଇଛନ୍ତି। ଏ ଜନ୍ମପରେ ପୁନର୍ବାର ଅର୍ଥାତ୍ ଚତୁର୍ଥ ଥର ପାଇଁ ସେ ମର୍ତ୍ତ୍ୟମଣ୍ଡଳରେ ଜନ୍ମଗ୍ରହଣ କରିବେ। ପ୍ରତ୍ୟେକ ଜନ୍ମରେ ପନ୍ଦର ଲକ୍ଷ ପରିମାଣର ପଦ ରଚନା କରି ସମୁଦାୟ ଷାଠିଏ ଲକ୍ଷ ପଦ ରଚନା କରିବାପରେ ସେ କପିଳାସକୁ ପ୍ରତ୍ୟାଗମନ କରି ପୂର୍ବର ଦ୍ୱାରପାଳ କାର୍ଯ୍ୟ ତୁଲାଇବେ।

ଅନୁରୂପ ଏକ ବିବୃତି ମଧ୍ୟ ତାଙ୍କ 'ଚଣ୍ଡୀପୁରାଣ'ରେ ରହିଛି। ଏଥିରେ ସେ କହନ୍ତି ଯେ ସିଦ୍ଧ ଶରୀରରେ ପ୍ରଥମେ ସେ ଥିଲେ ବ୍ରହ୍ମାଙ୍କ ପୁତ୍ର ମନୁଋଷି। ବିଷ୍ଣୁ ତାଙ୍କୁ ମର୍ତ୍ତ୍ୟରେ ଜନ୍ମ ହେବା ନିମିତ୍ତ ଶାପ ଦେଲେ। ଫଳରେ ସେ ପ୍ରଥମ ଜନ୍ମରେ କାଳିଦାସ, ଦ୍ୱିତୀୟ ଜନ୍ମରେ ମହାକାଳୀ ଓ ତୃତୀୟ ଜନ୍ମରେ ସାରଳାଦାସ ଭାବରେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରି ମୋକ୍ଷଲାଭ ନିମିତ୍ତ ବିଷ୍ଣୁଲୀଳା ଗାୟନ କଲେ।

ଏ ଦୁଇଟି ଉକ୍ତିରୁ ମନେହୁଏ ଯେ କବି ତତ୍‌କାଳୀନ ସାମାଜିକ ବିଶ୍ୱାସଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ସମୟ ଥିଲା ଏକ ସନ୍ଧିକ୍ଷଣ। ବୌଦ୍ଧତନ୍ତ୍ରର ପ୍ରଭାବରୁ ତତ୍‌କାଳୀନ ସମାଜ ମୁକ୍ତ ହୋଇ ମଧ୍ୟ ସଂପୂର୍ଣ୍ଣ ଭାବେ ମୁକ୍ତ ହୋଇ ନ ଥିଲା। ବୌଦ୍ଧ ଆଚାର ଓ ଦର୍ଶନରେ ସ୍ୱୟଂ ବୁଦ୍ଧ ଜଣେ ଜାତିସ୍ମର ଥିଲେ ବୋଲି ବୌଦ୍ଧ ଜାତକ ପ୍ରମାଣିତ କରେ। କାରଣ ବୌଦ୍ଧ ଜାତକରେ ବୁଦ୍ଧଦେବଙ୍କର ପୂର୍ବଜନ୍ମର ବହୁ ବୃତାନ୍ତ ବର୍ଣ୍ଣିତ ହୋଇଛି। ଏହି ପ୍ରତିଷ୍ଠିତ ବୌଦ୍ଧ-ପରମ୍ପରା ଦ୍ୱାରା କେବଳ ସାରଳାଦାସ ପ୍ରଭାବିତ ହୋଇ ନ ଥିଲେ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ପୀତାମ୍ବର ଦାସ ପ୍ରମୁଖ ବହୁ ପରବର୍ତ୍ତୀକାଳୀନ କବି ମଧ୍ୟ ଜାତିସ୍ମରତା ଉପରେ ଗୁରୁତ୍ୱ ଦେଇଥିଲେ।

### ୨.୨.୨.- କବିତ୍ୱସ୍ଫୂର୍ତ୍ତି :

କବି ସାରଳାଦାସ ଦେବୀ ସାରଳାଙ୍କ କୃପା ଲାଭକରି କିପରି ପୁରାଣମାନ ରଚନା କରିପାରିଲେ, ସେ ବିଷୟରେ ବହୁ କିଂବଦନ୍ତୀ ରହିଛି। ପଣ୍ଡିତ ଗୋପୀନାଥ ନନ୍ଦଶର୍ମା 'ଶ୍ରୀ ଭାରତ ଦର୍ପଣ'ରେ ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥ 'ଶାରଳା ଚରିତ'ରେ କେତେକ କିଂବଦନ୍ତୀ ପ୍ରଦାନ କରିଛନ୍ତି। ନିଜେ କବି ମଧ୍ୟ ନିଜ କବିତ୍ୱ ଲାଭ ସମ୍ବନ୍ଧରେ ଏକ ଘଟଣା ବର୍ଣ୍ଣନ କରିଛନ୍ତି 'ସାରଳା ମହାଭାରତ' ଆଦିପର୍ବର ୨ୟ ଭାଗର ପରିଶିଷ୍ଟରେ, ଯାହା ଏକ ସୁନ୍ଦର କାହାଣୀ ଭଳି ମନେହୁଏ। ସଭାପର୍ବରେ ଏକ ସ୍ଥାନରେ ସେ କହିଛନ୍ତି– "ପ୍ରସନ୍ନେ ସ୍ୱରୂପେ ପାଇଲି ମୁଂ ଶୁଦ୍ଧ ଗ୍ରନ୍ଥ ପୋଥି।" ଏଥିରୁ ମନେହୁଏ ଏହି ଶୁଦ୍ଧ ପୋଥି ଦେବୀମାହାତ୍ମ୍ୟ ବର୍ଣ୍ଣିତ ଏକ ପ୍ରାକୃତ ବା ଅପଭ୍ରଂଶ ପୁରାଣ ବା କୌଣସି ଶାକ୍ତତନ୍ତ୍ରଗ୍ରନ୍ଥ, ଯାହାକୁ ଆୟତ୍ତ କରି ସେ ଅସାଧାରଣ କବିତ୍ୱର ଅଧିକାରୀ ହୋଇପାରିଥିଲେ।

### ୨.୨.୩.- ଶୂଦ୍ରମୁନି ଉପାଧି :

କବି ସାରଳାଙ୍କ ଭକ୍ତ ବା ସେବକ ଥିବାରୁ ନିଜକୁ କେବଳ 'ସାରଳାଦାସ' ନାମରେ ଅଭିହିତ କରି ନ ଥିଲେ, ଅନେକତ୍ର ସେ ନିଜକୁ ମଧ୍ୟ 'ଶୂଦ୍ରମୁନି' ଭାବରେ ଆଖ୍ୟାତ କରିଛନ୍ତି। ଯେପରି–

"ଶ୍ରୀଚଣ୍ଡୀ ସାରୋଳା ଚରଣେ ଶରଣ
ଶୂଦ୍ରମୁନି ସାରଳା ଦାସକୁ କରିବୁ ଦେବୀ କାରଣ।" (ଦ୍ରୋଣପର୍ବ, ପୃ: ୩)

ଏହି 'ଶୂଦ୍ରମୁନି' ଉପାଧି ତାଙ୍କର ଦେବୀପ୍ରଦତ୍ତ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି–

"ତୋହୋର ଆଗ୍ୟାଂୟେ କହିଲି ଶୂଦ୍ରମୁନି ମୋହର ନାମ
ୟେ କଥାକୁ ଅନ୍ତର ମୋତେ ନ କରାଅ ମତିଭ୍ରମ।" (ଆଦିପର୍ବ, ପୃ: ୫୨୭)

ସେ କାହିଁକି ନିଜକୁ 'ଶୂଦ୍ରମୁନି' ରୂପରେ ପରିଚିତ କରାଇଥିଲେ, ଏହାର କାରଣ ସମ୍ବନ୍ଧରେ ଭିନ୍ନ ଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତ ପ୍ରଦାନ କରନ୍ତି। ସେ ବର୍ଣ୍ଣରେ ଶୂଦ୍ର ଓ ଜାତିରେ ମୁନି। ମୁନି ଜାତିର ଲୋକେ ରାଉଳମାନଙ୍କ ଭଳି ଠାକୁରାଣୀ ସେବକ। ସାରଳାଦାସ ତେଣୁ 'ଶୂଦ୍ରମୁନି' ବୋଲି ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ମତ ପ୍ରକାଶ କରନ୍ତି। ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ ମୂଳ ମହାଭାରତର ରଚୟିତା ବ୍ରାହ୍ମଣତ୍ୱରୁ 'ବ୍ରହ୍ମମୁନି' ଥିବାରୁ ସାରଳାଦାସ ଆତ୍ମଗୌରବ ଦେଖାଇ 'ଶୂଦ୍ରମୁନି' ଉପାଧି ପରିଗ୍ରହ କରିଥିଲେ। ସାରଳାଦାସ କେତେକ ସ୍ଥଳରେ ନିଜକୁ 'ଗ୍ରନ୍ଥିକ ଶୂଦ୍ରମୁନି' ବୋଲି କହିଥିବାରୁ 'ମୁନି' ଶବ୍ଦଟି 'ଗ୍ରନ୍ଥକାର' ବା 'କବି' ଅର୍ଥରେ ବ୍ୟବହୃତ ବୋଲି କେତେକ ମତ ମଧ୍ୟ ପ୍ରକାଶିତ।

କେବଳ ସାରଳାଦାସ ନୁହନ୍ତି, ପରବର୍ତ୍ତୀ କାଳରେ ବଳରାମ ଦାସାଦି କେତେକ କବି ମଧ୍ୟ ନିଜକୁ 'ଶୂଦ୍ରମୁନି' କହି ଆତ୍ମତୃପ୍ତି ଲାଭକରି ଥିବାର ଲକ୍ଷ୍ୟ କରାଯାଏ। ଏଥିରୁ ଅନୁମାନ କରାଯାଏ ଯେ ବ୍ରାହ୍ମଣ ଭିନ୍ନ ଅନ୍ୟ ଜାତିର ଶାସ୍ତ୍ରପ୍ରଣେତା 'ଶୂଦ୍ରମୁନି' ଭାବରେ ପରିଚିତ ଥିଲେ। କାରଣ ବ୍ରାହ୍ମଣେତର ଅନ୍ୟ ଜାତିର ବ୍ୟକ୍ତିଙ୍କୁ ବ୍ରାହ୍ମଣମାନେ ନ୍ୟୁନ ମନେକରି 'ଶୂଦ୍ର' ବୋଲି କହୁଥିଲେ।

## ୨.୩.- ସାରଳାଦାସଙ୍କ ବହୁଶାସ୍ତ୍ରଦର୍ଶିତା :

ଯଦି ବାଲ୍ୟକାଳରେ କୁସଂସର୍ଗ ଦୋଷ ହେତୁ ବିଦ୍ୟାଧ୍ୟୟନ କରିପାରି ନ ଥିବା ଏବଂ ନିଜେ ମୂର୍ଖ, ଅପଣ୍ଡିତ ଓ ଶାସ୍ତ୍ର-ଅନଭିଜ୍ଞ ଥିବା କଥା ଅନେକତ୍ର ପ୍ରକାଶ କରିଛନ୍ତି। ପୁନଶ୍ଚ ସେ ଦେବୀଙ୍କଠାରୁ ଯାହା ଶୁଣନ୍ତି, ତାକୁ ଗ୍ରନ୍ଥରେ ସ୍ଥାନ ଦିଅନ୍ତି ବୋଲି କହିଛନ୍ତି। ମାତ୍ର ନିଜକୁ ଯେତେ ଅଜ୍ଞାନ, ଅପଣ୍ଡିତ ଓ ମୂର୍ଖ ବୋଲି ଘୋଷଣା କରନ୍ତୁ ପଛେ, ସେ ଯେ ଜଣେ ଅସାଧାରଣ ପାଣ୍ଡିତ୍ୟସମ୍ପନ୍ନ ବ୍ୟକ୍ତି ଥିଲେ, ଏଥିରେ ସନ୍ଦେହ ନାହିଁ। କାରଣ ଜଣେ ମୂର୍ଖ ଓ ଜ୍ଞାନରହିତ ବ୍ୟକ୍ତି ଦେବୀ-କରୁଣାରୁ ଏପରି ବିରାଟଗ୍ରନ୍ଥର ଗ୍ରନ୍ଥକାର ହୋଇପାରିବା ଏକ ଅସମ୍ଭବ ବ୍ୟାପାର। ପୁରାକାଳରେ କବିମାନେ ନିଜକୁ ମୂର୍ଖ ଅପଣ୍ଡିତ ଇତ୍ୟାଦି କହି ଦୈନ୍ୟଭାବ ପ୍ରକାଶ କରିବା ଏକ ପରମ୍ପରା ଥିଲାଭଳି ମନେହୁଏ। ମହାକବି କାଳିଦାସ ପ୍ରକୃତି ସଂସ୍କୃତ ସାହିତ୍ୟର କେତେଜଣ ପ୍ରମୁଖ କବି ନିଜ ନିଜ ପାଣ୍ଡିତ୍ୟର ସୂଚନା ଦେବା ସମୟରେ ଏପରି ହୀନମନ୍ୟତା ମଧ୍ୟ ପ୍ରକାଶ କରିଛନ୍ତି। ଏଣୁ ଏପ୍ରକାର ବକ୍ତବ୍ୟ ପ୍ରକାଶରେ ସାରଳାଦାସ ପ୍ରଥମ ନୁହନ୍ତି, ଏହା କେବଳ ତାଙ୍କର ପରମ୍ପରାପ୍ରୀତି। ଏହାଫଳରେ ତାଙ୍କର କ୍ଷୁଦ୍ରତା ପ୍ରକାଶିତ ନ ହୋଇ ସୌଜନ୍ୟ, ବିନୟଭାବ ଓ ମହାନୁଭବତା ଫୁଟିଉଠିଛି।

ସାରଳାଦାସଙ୍କ ପାଣ୍ଡିତ୍ୟର ଅସଲ ପରିଚୟ ମିଳେ ସାରଳା ସାହିତ୍ୟର ଅଧ୍ୟୟନ କାଳରେ। ସମକାଳୀନ ତଥା ପରବର୍ତ୍ତୀକାଳୀନ ସମାଜରେ ଜନପ୍ରିୟତା ଲାଭ କରିଥିବା 'ଦାଣ୍ଡିବୃତ୍ତ'ର ସେ ଜନକ। ତାଙ୍କ ଭାଷାରେ ତତ୍ସମ, ତଦ୍ଭବ, ଓ ଦେଶଜ ଶବ୍ଦମାନଙ୍କର ଅପୂର୍ବ ସମାବେଶ ପରିଲକ୍ଷିତ ହୁଏ। ନିଜ ମାତୃଭାଷାରେ ସଂସ୍କୃତ ଶବ୍ଦଗୁଡ଼ିକୁ ସେ ଏପରି ମିଶାଇ ଦେଇଛନ୍ତି ଯେ ସେଗୁଡ଼ିକୁ ବୁଝିବାରେ ବିଶେଷ କଷ୍ଟ ହୁଏ ନାହିଁ। ତାଙ୍କ ଗ୍ରନ୍ଥରେ କେତେକ ପଦରୁ ବ୍ୟୁତ୍ପତ୍ତିକ୍ରମ ସଂସ୍କୃତ ମହାଭାରତ ଓ ଅନ୍ୟାନ୍ୟ ସଂସ୍କୃତପୁରାଣ ଗ୍ରନ୍ଥମାନଙ୍କରେ ସ୍ଥାନିତ ସଂପୃକ୍ତ ପଦମାନଙ୍କର ବ୍ୟୁତ୍ପତ୍ତିକ୍ରମ ସହିତ ସମାନ। ସାରଳା ମହାଭାରତରେ ସ୍ଥଳବିଶେଷରେ ମହାଭାରତ, ଗୀତା, କାଳିଦାସଙ୍କ ରଘୁବଂଶ, ବାଣଙ୍କ କାବ୍ୟାବଳୀ, ଜୟଦେବଙ୍କ ଗୀତଗୋବିନ୍ଦ, ଏକାମ୍ର ପୁରାଣ, ପଞ୍ଚତନ୍ତ୍ର ଇତ୍ୟାଦି ସଂସ୍କୃତ ଗ୍ରନ୍ଥର କେତେକ ଶ୍ଳୋକର ଆକ୍ଷରିକ ଅନୁବାଦ ରହିଥିବା ଲକ୍ଷ୍ୟ କରାଯାଏ। ଏଗୁଡ଼ିକ ତାଙ୍କ ପାଣ୍ଡିତ୍ୟର ପରିଚାୟକ। କେତେ ଐତିହାସିକ ଓ ଭୌଗୋଳିକ ତଥ୍ୟ ଚତୁରତାର ସହିତ ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ସାରଳା ମହାଭାରତରେ ପ୍ରଦତ୍ତ ହୋଇଛି, ଯାହା ସାରଳାଦାସଙ୍କ ବହୁଶାସ୍ତ୍ରଦର୍ଶିତାର ଯଥାର୍ଥ ପରିଚୟ।

କବିଙ୍କର ଜ୍ୟୋତିଃଶାସ୍ତ୍ରରେ ମଧ୍ୟ ସମ୍ୟକ୍ ପ୍ରବେଶ ଥିଲା। ତାଙ୍କ ଗ୍ରନ୍ଥରେ ଯାତ୍ରା, ଜନ୍ମ, ରଜୋଦର୍ଶନ, ବିବାହ, ଗଣ୍ଡଦୋଷ ଇତ୍ୟାଦି ପ୍ରଧାନ ପ୍ରଧାନ ଘଟଣାର ବର୍ଣ୍ଣନାକାଳରେ ଗ୍ରହ-ନକ୍ଷତ୍ରାଦିର ଯଥାଯଥ ଗଣନା ଓ ଫଳାଫଳର ବିବରଣୀ ସେ ପ୍ରଦାନ କରିଛନ୍ତି। ଏପରିକି କେତେକ ମହାଭାରତ ପୋଥିରେ ଯୁଧିଷ୍ଠିର, ଭୀମ, ଦୁର୍ଯ୍ୟୋଧନ ପ୍ରମୁଖ ଚରିତ୍ରମାନଙ୍କର ଜନ୍ମ ଏବଂ ଜୀବନର ଗତି, ପ୍ରକୃତି ଓ ପରିଣତିକୁ ଗ୍ରହଣ କରାଯାଇ କୋଷ୍ଠୀମାନ କଷାଯାଇଅଛି। ପୁନଶ୍ଚ କେତେକ ସ୍ଥଳରେ ସେ ଯେଉଁ ଜନ୍ମୋତ୍ସବ, ନାମକରଣ, ବିବାହ ଉତ୍ସବ, ଯଜ୍ଞଦାନାଦି ବିଷୟରେ ବର୍ଣ୍ଣନା ଦେଇଛନ୍ତି ସେସବୁର ବର୍ଣ୍ଣନା ବୈଦିକ କର୍ମକାଣ୍ଡ ଅନୁଯାୟୀ ହୋଇଛି। ଏହାହିଁ ତାଙ୍କପାଇଁ ଜଣେ ବୈଦିକ ବିଧାନଜ୍ଞ କର୍ମକାଣ୍ଡ ପାରଦର୍ଶୀ ପଣ୍ଡିତର ପରିଚିତି ସୃଷ୍ଟିକରେ।

ପ୍ରସ୍ତୁତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ ସାରଳାଦାସ ଜ୍ଞାନରହିତ ମୂର୍ଖ ନ ଥିଲେ; ସେ ଥିଲେ ପ୍ରକୃତରେ ଜଣେ ଅସାଧାରଣ ଧୀସମ୍ପନ୍ନ ଓ ବହୁଶାସ୍ତ୍ରଦର୍ଶୀ ବିଦ୍ୱାନ।

## ୨.୪.- ସାରଳାଦାସଙ୍କ ଧର୍ମମତ :

ନିଜ ଗ୍ରନ୍ଥମାନଙ୍କରେ ସାରଳାଦାସ ବାରମ୍ବାର ଘୋଷଣା କରିଛନ୍ତି ଯେ ଦେବୀ ସାରଳାଙ୍କ କୃପାରୁ ସେ କବିତ୍ୱ ଲାଭ କରିଛନ୍ତି

ଏବଂ ବହୁସ୍ଥଳରେ ସାରଳାଙ୍କୁ ଦୁର୍ଗା, ଶ୍ରୀଚଣ୍ଡୀ, ସର୍ବମଙ୍ଗଳା, ଅଭୟମଙ୍ଗଳା, ବିମଳା, ବଗଳା, ଅମ୍ବିକା, ଭବାନୀ, ସିଂହବାହିନୀ, ବରୁଣାଇ, ଜାଗୁଳାଇ, ଭଦ୍ରକାଳୀ, ଅଭୟା ସରସ୍ୱତୀ, ସିଦ୍ଧ ସାରଳା, ମାହେଶ୍ୱରୀ, କୈଶିକୀ, ବିଷ୍ଣୁବଲ୍ଲଭୀ, ପରମବୈଷ୍ଣବୀ ଆଦି ବହୁ ନାମରେ ସ୍ତୁତି କରି ତାଙ୍କ କୃପା ପ୍ରାର୍ଥନା କରିଛନ୍ତି । ଏଥିରୁ ସେ ମୁଖ୍ୟତଃ ଶାକ୍ତ ଥିଲେ ବୋଲି ଜଣାଯାଏ ।

ଶାକ୍ତ ହେଲେହେଁ ଅନ୍ୟ ଧର୍ମକୁ କବି ଅନାଦର କରି ନାହାନ୍ତି । ସେ ଜଗନ୍ନାଥ ଓ କୃଷ୍ଣଙ୍କୁ ଏକ ଓ ଅଭିନ୍ନ ଭାବେ ଗ୍ରହଣ କରିଛନ୍ତି । ଜଗନ୍ନାଥଙ୍କୁ ସେ ବହୁବାର ଗ୍ରନ୍ଥ ମଧ୍ୟରେ ସ୍ମରଣ କରିଛନ୍ତି । ବଳଭଦ୍ରଙ୍କୁ ସ୍ତୁତି କରିବାକୁ ମଧ୍ୟ ଭୁଲି ନାହାନ୍ତି । ତାଙ୍କଦ୍ୱାରା ବଳଭଦ୍ର ହର ରୂପେ ପରିକଳ୍ପିତ । ରାମଚନ୍ଦ୍ରଙ୍କ ମହିମା କୀର୍ତ୍ତନ ମଧ୍ୟ ସେ କରିଛନ୍ତି । ମହାଭାରତର ଆରମ୍ଭରେ ଗଣପତିଙ୍କ ବନ୍ଦନା ଗାଇଛନ୍ତି । ଅଗ୍ନି ଓ ସୂର୍ଯ୍ୟଙ୍କ ବନ୍ଦନା ମଧ୍ୟ ତାଙ୍କ ଗ୍ରନ୍ଥରେ ଦେଖିବାକୁ ମିଳେ । ଦେବଦେବ ମହାଦେବଙ୍କୁ ସେ ବହୁ ସ୍ଥଳରେ ଭକ୍ତିପୂତ ପ୍ରଣାମ ଜଣାଇ ତାଙ୍କ ମହିମାର ଦୀର୍ଘ ବର୍ଣ୍ଣନାମାନ ଦେଇଛନ୍ତି । ତାଙ୍କ ରଚନାବଳୀରେ ଏକ ଲକ୍ଷଣୀୟ ବିଶେଷତ୍ୱ ହେଉଛି, ସେ କୌଣସି ହିନ୍ଦୁ ଦେବଦେବୀଙ୍କ ବନ୍ଦନା ଗାନ ନ କରି ଛାଡ଼ି ନାହାନ୍ତି ଏବଂ ଯେତେବେଳେ ଯେଉଁ ଦେବଦେବୀଙ୍କ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ସେତେବେଳେ ତାହାଙ୍କୁ ସବୁ ଦେବଦେବୀଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଦେଇଛନ୍ତି ।

ଉତ୍କଳ ସର୍ବଧର୍ମ ସମନ୍ୱୟର ପୀଠ ଏବଂ ଜଗନ୍ନାଥ ସର୍ବଧର୍ମର ଉତ୍ସ ହୋଇଥିବାରୁ ଜଗନ୍ନାଥଧର୍ମ ସର୍ବଧର୍ମ ସମନ୍ୱୟର ରୂପ ପରିଗ୍ରହ କରେ । ଏହି ଦୃଷ୍ଟିରୁ ଜଗନ୍ନାଥଦେଶର କବି ସାରଳାଦାସ ଥିଲେ ଆଧ୍ୟାତ୍ମିକ କ୍ଷେତ୍ରରେ ଏକାନ୍ତ ଉଦାର ଓ ସବୁ ଧର୍ମ ଥିଲା ତାଙ୍କ ଦୃଷ୍ଟିରେ ସମାନ ।

**୨.୫.- ସାରଳାଦାସଙ୍କ ରଚନାବଳୀ :**

ସାରଳାଦାସ 'ମହାଭାରତ', 'ବିଲଙ୍କା ରାମାୟଣ', 'ସପ୍ତକାଣ୍ଡ ରାମାୟଣ', 'ଚଣ୍ଡୀ ପୁରାଣ' ପ୍ରଭୃତି ଗ୍ରନ୍ଥମାନ ରଚନା କରିଥିଲେ । ଏଗୁଡ଼ିକର ରଚନାକ୍ରମ ସମ୍ବନ୍ଧରେ କବି କହନ୍ତି–

> "ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ
> ତୃତୀୟେ ଲିଖନ କଲି ଶିରୀ ଭାଗବତ ।" (ଚଣ୍ଡୀପୁରାଣ, ପୃ: ୩୫)

ଏଠାରେ 'ଶ୍ରୀ ରାମାୟଣ' ହେଉଛି 'ବିଲଙ୍କା ରାମାୟଣ', 'ଭାରତ' ହେଉଛି 'ମହାଭାରତ' ଓ 'ଶିରୀ ଭାଗବତ' ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସାରଳାଦାସ କୃତ 'ସପ୍ତକାଣ୍ଡ ରାମାୟଣ'ର ପୋଥି ଅଛି; ମାତ୍ର ଏହା ଉପରେ ଯଥେଷ୍ଟ ଆଲୋଚନା ହୋଇ ନ ଥିବାରୁ ଏହା କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ଅନ୍ୟମାନଙ୍କ ନିକଟରେ ଅଜ୍ଞାତ । 'ବିଲଙ୍କା ରାମାୟଣ' ଓ 'ସପ୍ତକାଣ୍ଡ ରାମାୟଣ'କୁ ସାରଳାଦାସଙ୍କ କଥିତ 'ଶ୍ରୀ ରାମାୟଣ'ର ଅନ୍ତର୍ଭୁକ୍ତ କରାଯାଇପାରେ । ଏହା ବ୍ୟତୀତ ସାରଳାଦାସଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଭାବରେ ଗୃହୀତ ଅନ୍ୟ ଏକ ଗ୍ରନ୍ଥ ହେଉଛି 'ଲକ୍ଷ୍ମୀନାରାୟଣୀ ବଚନିକା' । ଏହାର ପାଣ୍ଡୁଲିପି ଉତ୍କଳ ବିଶ୍ୱବିଦ୍ୟାଳୟର ପୋଥି ବିଭାଗରେ ସଂରକ୍ଷିତ ରହିଛି ବୋଲି ଡକ୍ଟର ବଂଶୀଧର ମହାନ୍ତି ପ୍ରକାଶ କରନ୍ତି । କିନ୍ତୁ ଏହି ନାମରେ କୌଣସି ପୋଥି ସେଠାରେ ନଥିବା ପରବର୍ତ୍ତୀ ଗବେଷଣାରୁ ଜଣାଯାଏ । ସେ ଯାହାହେଉ, କବିଙ୍କ ଗ୍ରନ୍ଥରଚନାକ୍ରମର ସୂଚନା ଦେଉଥିବା ଉପରୋକ୍ତ ଉଦ୍ଧୃତିରେ ଏହାର ନାମୋଲ୍ଲେଖ ନାହିଁ, କିମ୍ବା ଅନ୍ୟ କୌଣସି ଗ୍ରନ୍ଥରେ ମଧ୍ୟ ନାହିଁ । ଏଠାରେ ସେଗୁଡ଼ିକର ଆଲୋଚନା କରାଯାଇପାରେ ।

**୨.୫.୧.- ମହାଭାରତ :**

'ସାରଳା ମହାଭାରତ' କବି ସାରଳାଦାସଙ୍କ ରଚନାମାନଙ୍କ ମଧ୍ୟରେ ବୃହତ୍ତମ। ଅନ୍ୟ କୌଣସି ପ୍ରାନ୍ତୀୟ ଭାଷାରେ ଏପରି ବିଶାଳକାୟ ମହାଭାରତ ସେପର୍ଯ୍ୟନ୍ତ ରଚିତ ହୋଇ ନ ଥିବାରୁ ସମକାଳୀନ ଭାରତୀୟ ସାହିତ୍ୟରେ ଏହା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ସାରଳାଦାସଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟର ସତ୍ତା ରହିଥିଲେହେଁ ତାହା ଗୁଣାତ୍ମକ ବିଚାରରେ ବିଶେଷ ଉଲ୍ଲେଖଯୋଗ୍ୟ ନୁହେଁ। ତେଣୁ ସାରଳାଦାସ ଓଡ଼ିଆ ସାହିତ୍ୟରେ ଆଦିକବି ଓ 'ସାରଳା ମହାଭାରତ' ଓଡ଼ିଆ ଭାଷା ଓ ସାହିତ୍ୟର କୋଣାର୍କ ସଦୃଶ। ବ୍ରାହ୍ମଣ୍ୟଧର୍ମର ପ୍ରାବଲ୍ୟ କାଳରେ ସମସ୍ତ ପ୍ରତିକୂଳତାସତ୍ତ୍ୱେ ସେ ସଂସ୍କୃତ ବଦଳରେ ଓଡ଼ିଆ ଭାଷାରେ ମହାଭାରତ ଭଳି ବିରାଟକାୟ ଗ୍ରନ୍ଥ ରଚନା କରି ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଥିଲେ। ଓଡ଼ିଶାର ଏହି କୃଷକ କବି ଚିନ୍ତା ଓ ଚେତନାରେ, ଦୃଷ୍ଟି ଓ ଦର୍ଶନରେ ଥିଲେ ଏକାନ୍ତ ଉତ୍କଳୀୟ; ଫଳତଃ ତାଙ୍କ ପ୍ରଣୀତ ମହାଭାରତର ପ୍ରତ୍ୟେକ ପୃଷ୍ଠା ଜାତୀୟପ୍ରୀତି ଓ ସାଂସ୍କୃତିକ ଚେତନାରେ ପୁଷ୍ଟ। ଅନ୍ୟଭାଷାରେ, ସାରଳା ମହାଭାରତ ଓଡ଼ିଶାର ଜାତୀୟ ମହାକାବ୍ୟ, ଓଡ଼ିଆଜାତିର ଜୀବନ-ବେଦ। ସ୍ୱଦେଶପ୍ରେମୀ କବି ଆଲୋଚ୍ୟ ଗ୍ରନ୍ଥର ଆଖ୍ୟାନ ଭାଗରେ ଯେଉଁଠି ସୁଯୋଗ ପାଇଛନ୍ତି, ସେଠାରେ ଓଡ଼ିଶାର ଧର୍ମ, ସଂସ୍କୃତି, ସାମାଜିକ ରୀତିନୀତି ଇତ୍ୟାଦିକୁ ଯଥାର୍ଥ ରୂପ ଦେଇଛନ୍ତି। ଯେଉଁ ଚରିତ୍ରଗୁଡ଼ିକ ସେ ଏଥିରେ ଚିତ୍ରଣ କରିଛନ୍ତି ସେମାନେ ସମସ୍ତେ ଆଚାର-ବିଚାର, ଚାହାଣି-ଚଳଣି, ବିଶ୍ୱାସ-ପରମ୍ପରା, ବେଶଭୂଷା, ଖାଦ୍ୟପେୟ ଇତ୍ୟାଦି ଦୃଷ୍ଟିରୁ ଖାଣ୍ଟି ଓଡ଼ିଆ। ଏଣୁ 'ସାରଳା ମହାଭାରତ' ଯଥାର୍ଥତଃ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଏକ ମହାନ ଜୟଗୀତକା। ଜନଜୀବନ ସହିତ ଏହାର ସମ୍ପର୍କ ଏତେ ନିବିଡ଼ ଯେ ଓଡ଼ିଆରେ ଏକ ଜନପ୍ରିୟ ପ୍ରବାଦ ଅଛି– "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ।" ତେଣୁ ଏହା ଯଥାର୍ଥତଃ ତତ୍କାଳୀନ ଓଡ଼ିଶାର ବିଶ୍ୱକୋଷ ଭାବରେ ଗୃହୀତ ହୋଇପାରେ।

**୨.୫.୧.୧.- ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ :**

ସାରଳା ମହାଭାରତ ମୂଳ (ସଂସ୍କୃତ) ମହାଭାରତର ଅନୁବାଦ ନୁହେଁ କିମ୍ବା ଅବିକଳାନୁକରଣରେ ଲିଖିତ ନୁହେଁ। ମୂଳ ଗ୍ରନ୍ଥରୁ କେବଳ କଙ୍କାଳଟି ଗ୍ରହଣ କରି ସାରଳାଦାସ ସେଥିରେ କଳ୍ପନାଶକ୍ତିବଳରେ ରକ୍ତମାଂସ ସଂଯୋଗ କରିଛନ୍ତି। ବିଷୟବସ୍ତୁ, ଚରିତ୍ରଚିତ୍ରଣ, ବର୍ଣ୍ଣନାଶୈଳୀ ଆଦି ପ୍ରତ୍ୟେକ କ୍ଷେତ୍ରରେ କବିଙ୍କ ମୌଳିକତାର ପ୍ରତିଫଳନ ପରିଲକ୍ଷିତ ହୁଏ। ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ଦ୍ୱାରା ସାରଳା ମହାଭାରତ ଉପରେ ରଚିତ 'ଶ୍ରୀ ଭାରତ ଦର୍ପଣ' ନାମକ ପୁସ୍ତକ ଖଣ୍ଡିକ ସମାଲୋଚନା ସାହିତ୍ୟ ଆକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ସଦୃଶ। ସେଥିରେ ସେ ସଂସ୍କୃତ ମହାଭାରତକାରଙ୍କୁ ବ୍ୟାସକବି ଓ ବ୍ରହ୍ମମୁନି ଏବଂ ଓଡ଼ିଆ ମହାଭାରତକାରଙ୍କୁ ଦାସକବି, ଉତ୍କଳବ୍ୟାସ, ଶୂଦ୍ରମୁନି ଆଦି ନାମରେ ନାମିତ କରି ପ୍ରଗାଢ଼ ପରିଶ୍ରମବଳରେ ଏହି ଉଭୟ କବିଙ୍କ ମହାଭାରତଦ୍ୱୟରେ ଥିବା ବିଭିନ୍ନ ପ୍ରକାର ବୈଷମ୍ୟକୁ ଅତି ନିଖୁଣ ଭାବରେ ପ୍ରଦର୍ଶନ କରିଛନ୍ତି। ତାଙ୍କ ମତରେ ମୂଳଗ୍ରନ୍ଥର ବିଷୟବସ୍ତୁକୁ ନିଜ ସ୍ମୃତିକୋଷରେ ପ୍ରଦୀପ୍ତ ରଖି ସାରଳାଦାସ ଅଙ୍ଗୀକରଣ, ବିସ୍ତୃତୀକରଣ, ଅନୁକ୍ତପ୍ରକ୍ଷେପ ଓ ଉକ୍ତନିକ୍ଷେପ କ୍ରମରେ ଏହି ପ୍ରକାଣ୍ଡ ଗ୍ରନ୍ଥକୁ ଲେଖିଯାଇଛନ୍ତି। ଏଣୁ ଏହି କ୍ରମରେ ଦୁଇ ମହାଭାରତର ତୁଳନା କରାଯାଇପାରେ।

**ଅଙ୍ଗୀକରଣ–** ମୂଳ ମହାଭାରତରେ ବିସ୍ତୃତାକାରରେ ବର୍ଣ୍ଣିତ କେତେକ ବିଷୟକୁ ସାରଳାଦାସ ଅତି ସଂକ୍ଷିପ୍ତ ଭାବରେ ଉପସ୍ଥାପିତ କରିଛନ୍ତି। ମୂଳଗ୍ରନ୍ଥରେ କୁହାଯାଇଥିବା ତତ୍ତ୍ୱଜ୍ଞାନ ସଂପର୍କୀୟ ବିସ୍ତୃତ ବର୍ଣ୍ଣନା ସାରଳା ମହାଭାରତରେ ଅନେକତ୍ର ବର୍ଜିତ ହୋଇଛି; ଯେଉଁ କେତେକ ସ୍ଥାନରେ ଏ ସଂପର୍କୀୟ ବର୍ଣ୍ଣନା ରଖିବାକୁ ସେ ଇଚ୍ଛା କରିଛନ୍ତି, ସେଠାରେ ସେ ସେସବୁକୁ ରଖିଛନ୍ତି ଅତି ସଂକ୍ଷିପ୍ତ ଭାବରେ, ଯାହା ସାଧାରଣ ଲୋକ ପାଇଁ ଯଥେଷ୍ଟ। ଏହାର ଏକ ଦୃଷ୍ଟାନ୍ତ ହେଉଛି ଭୀଷ୍ମପର୍ବରେ ପ୍ରଦତ୍ତ ଅଷ୍ଟାଦଶଧ୍ୟାୟୀ ଗୀତାର ସାରସଂଗ୍ରହ, ଯାହା ଏଥିରେ ମାତ୍ର ଅଳ୍ପ କେତୋଟି ପଦ୍‌କ୍ତିରେ ପରିବେଷିତ। ମୂଳ ଗ୍ରନ୍ଥର ବନପର୍ବରେ ବର୍ଣ୍ଣିତ ପାଣ୍ଡବମାନଙ୍କର ତୀର୍ଥାଟନର ଦୀର୍ଘ ବିବରଣୀ ଆଲୋଚ୍ୟ ଗ୍ରନ୍ଥରେ ଅତି ସଂକ୍ଷିପ୍ତ ଭାବରେ ପ୍ରଦତ୍ତ। ଏହିପରି ସଂକ୍ଷିପ୍ତ ଭାବରେ ଉପସ୍ଥାପିତ ଅନ୍ୟ କେତୋଟି ପ୍ରସଙ୍ଗ ହେଉଛି ଶିବ-ଅର୍ଜୁନ ଯୁଦ୍ଧ, ନଳ ଉପାଖ୍ୟାନ, ପୃଥୁଳା ଗାଭୀ ଚରିତ, ବିରାଟ ରାଜ୍ୟର ଗୋଧନ ହରଣ ବୃତ୍ତାନ୍ତ ଇତ୍ୟାଦି।

**ବିସ୍ତୃତୀକରଣ–** ମୂଳ ମହାଭାରତର କେତେକ ବୃତ୍ତାନ୍ତ ସାରଳାଦାସଙ୍କ ଲେଖନୀରେ ଅତି ବିସ୍ତାରିତ ରୂପ ନେଇଛି। ତତ୍କାଳୀନ ଗ୍ରାମୀଣ ଜନତାଙ୍କ ନିମନ୍ତେ ଲେଖନୀ ଧାରଣ କରିଥିବାରୁ ଶ୍ରୋତାର କାହାଣୀକ୍ଷୁଧା ପ୍ରଶମିତ କରିବା ନିମନ୍ତେ ଯେଉଁଠି ସୁବିଧା ପାଇଛନ୍ତି, ସେଠାରେ ସେ ଅତିରଞ୍ଜନ ଓ ଅତି ବିସ୍ତୃତିର ଆଶ୍ରୟ ଗ୍ରହଣ କରିଛନ୍ତି, ଏହାହିଁ ବିସ୍ତୃତୀକରଣ ପଛରେ ନିହିତ ତାଙ୍କ ଉଦ୍ଦେଶ୍ୟ। ଜରାସନ୍ଧ ବଧ, ଦ୍ରୌପଦୀଙ୍କ ବସ୍ତ୍ରହରଣ, ଶିଶୁପାଳ ବଧ, ରାଜସୂୟ ଯଜ୍ଞ ପ୍ରଭୃତି ବହୁ ବୃତ୍ତାନ୍ତ ମୂଳଗ୍ରନ୍ଥରେ ସଂକ୍ଷିପ୍ତାକାରରେ ଥିବାସ୍ଥଳେ ସାରଳାଦାସଙ୍କ ଗ୍ରନ୍ଥରେ ଦୀର୍ଘ ରୂପ ପାଇଛି।

**ଅନୁକ୍ତପ୍ରକ୍ଷେପ–** ସଂସ୍କୃତ ମହାଭାରତରେ ଆଦୌ ନ ଥିବା କେତେକ ବିଷୟକୁ ସାରଳାଦାସ ନିଜ ଗ୍ରନ୍ଥରେ ସ୍ଥାନ ଦେଇଛନ୍ତି। ଏଗୁଡ଼ିକୁ ସେ ଅନ୍ୟାନ୍ୟ ପୁରାଣ, କିଂବଦନ୍ତି, ଲୋକକଥା, ସମସାମୟିକ ସାମାଜିକ ଜୀବନ ଓ ସ୍ୱକଳ୍ପନାରୁ ଗ୍ରହଣ କରି ଯଥାଯଥ ଭାବରେ ମହାଭାରତୀୟ କଥାବସ୍ତୁ ସହିତ ସଂଯୁକ୍ତ କରିଛନ୍ତି। ଶାହାଡ଼ା ଗଛର ମାହାତ୍ମ୍ୟ, ସୁରେଖା ହରଣ, ସଚଳା ହରଣ, ନୀଳେନ୍ଦ୍ରୀ କନ୍ୟା ହରଣ, ଉଷା ହରଣ, ଚନ୍ଦ୍ରାବତୀ ହରଣ, କାର୍ତ୍ତିବାସ ବଧ, ବାବନାଭୂତ ପ୍ରସଙ୍ଗ, ସତ୍ୟ ଆମ୍ବ ଉପାଖ୍ୟାନ, ଶବରୀ ନାରାୟଣ ପ୍ରସଙ୍ଗ ଇତ୍ୟାଦି ମୂଳ ମହାଭାରତ-ବହିର୍ଭୂତ ବହୁ ଘଟଣାକୁ ସେ ନିଜ ଗ୍ରନ୍ଥରେ ସନ୍ନିବେଶିତ କରିଛନ୍ତି।

**ଉକ୍ତନିକ୍ଷେପ–** ସାରଳାଦାସ ସଂସ୍କୃତ ମହାଭାରତର ବହୁ ବିଷୟକୁ ସଂପୂର୍ଣ୍ଣଭାବରେ ପରିହାର କରିଛନ୍ତି। ଏଗୁଡ଼ିକ ମଧ୍ୟରେ କେତୋଟି ହେଲେ– ସୁକନ୍ୟା ଚରିତ, ସାବିତ୍ରୀ-ସତ୍ୟବାନ କଥା, ଚ୍ୟବନ ଉପାଖ୍ୟାନ, ଧର୍ମବ୍ୟାଧ କଥା, ଅଦ୍ଭୁତ ନେଉଳ କଥା ଇତ୍ୟାଦି। ଅଭିମନ୍ୟୁ ମୃତ୍ୟୁପରେ ବ୍ୟାସଦେବ ପାଣ୍ଡବମାନଙ୍କୁ ଦେଇଥିବା ଉପଦେଶ ଓ ସାନ୍ତ୍ୱନା ମୂଳମହାଭାରତରେ ଦୀର୍ଘ ଷୋଡ଼ଶ ଅଧ୍ୟାୟରେ ବର୍ଣ୍ଣିତ। ମାତ୍ର ଏ ପ୍ରସଙ୍ଗ ସେ ଆଦୌ ଅବତାରଣା କରି ନାହାନ୍ତି। ସେହିପରି ମ୍ରିୟମାଣ ଯୁଧିଷ୍ଠିରଙ୍କୁ ଭୀଷ୍ମଙ୍କ ଉପଦେଶ ଓ ଶୋକାକୁଳା ଗାନ୍ଧାରୀଙ୍କୁ ଶ୍ରୀକୃଷ୍ଣଙ୍କର ସାନ୍ତ୍ୱନା ଇତ୍ୟାଦି କେତେକ ଘଟଣା ମୂଳଗ୍ରନ୍ଥରେ ଥିଲେହେଁ ସାରଳାଦାସଙ୍କ ଗ୍ରନ୍ଥରେ ପରିତ୍ୟକ୍ତ ହୋଇଅଛି।

**୨.୫.୧.୨.- ମୌଳିକତା :**

ସାରଳା ମହାଭାରତରେ ମହାଭାରତକାରଙ୍କ ମୌଳିକତା ଛତ୍ରେ ଛତ୍ରେ ଫୁଟିଉଠିଛି। ଏହି ମୌଳିକତାର କାରଣ ସ୍ୱରୂପ କୁହାଯାଇପାରେ ଯେ ମୂଳଗ୍ରନ୍ଥ ତୁଳନାରେ ଆଲୋଚ୍ୟ ଗ୍ରନ୍ଥର କଳେବର ଖୁବ୍ ବୃହତ୍। ମୂଳଗ୍ରନ୍ଥର ଶ୍ଳୋକସଂଖ୍ୟା ଏକଲକ୍ଷ ହେବାସ୍ଥଳେ ସାରଳା ମହାଭାରତର ପଦସଂଖ୍ୟା ଏକଲକ୍ଷ ଚାଳିଶ ହଜାର। ମୂଳଗ୍ରନ୍ଥର ବିଷୟବସ୍ତୁକୁ ସ୍ମୃତିକୋଷରେ ଜାଗ୍ରତ ରଖି ଏହାକୁ ନିଜ ଗ୍ରନ୍ଥରେ ରୂପ ଦେବା ସମୟରେ ବୈଷମ୍ୟ ରହିବହିଁ ରହିବ, ଯାହାର ଅନ୍ୟନାମ ମୌଳିକତା। ପୁନଶ୍ଚ ଦୁଇ ଗ୍ରନ୍ଥରେ ପର୍ବସଂଖ୍ୟା ସମାନ ଥିଲେହେଁ, ଅର୍ଥାତ୍ ଉଭୟର ପର୍ବସଂଖ୍ୟା ଅଠର ହୋଇଥିଲେହେଁ ସାରଳାଙ୍କ ଗ୍ରନ୍ଥରେ ଏଗୁଡ଼ିକର ସଜ୍ଜୀକରଣ ଏବଂ ବିଷୟବସ୍ତୁର ସଂଯୋଜନାରେ ପାର୍ଥକ୍ୟ ଦେଖାଯାଏ। ଗ୍ରନ୍ଥ ରଚନାକାଳରେ ସାରଳାଦାସ ସ୍ୱାଧୀନ ହୋଇ ପଡ଼ିଛନ୍ତି ଏବଂ ଅନେକ ଲୋକକଥା, ଉପାଖ୍ୟାନ ଇତ୍ୟାଦି ସ୍ୱକଳ୍ପନାରୁ ସୃଷ୍ଟିକରି ଏଥିରେ ସ୍ଥାନ ଦେଇଛନ୍ତି। ଫଳରେ ଆଲୋଚ୍ୟ ଗ୍ରନ୍ଥର ବହୁସ୍ଥଳରେ ବିବିଧ ମୌଳିକତା ପରିଦୃଷ୍ଟ ହୁଏ। ଏହି ମୌଳିକତାର ଅଳ୍ପ କେତୋଟି ଉଦାହରଣ ସଂକ୍ଷିପ୍ତାକାରରେ ଏଠାରେ ଆଲୋଚିତ ହୋଇପାରେ।

**ଧୃତରାଷ୍ଟ୍ରଙ୍କ ସନ୍ତାନଲାଭ–** ମୂଳ ମହାଭାରତରେ ଅତି ସଂକ୍ଷେପରେ ଧୃତରାଷ୍ଟ୍ରଙ୍କ ପୁତ୍ରଲାଭ ପ୍ରସଙ୍ଗ ବର୍ଣ୍ଣିତ। ଦୁଇବର୍ଷ ଗର୍ଭଧାରଣ କରିବା ପରେ ଗାନ୍ଧାରୀ ଏକ ମାଂସ ପିଣ୍ଡୁଳା ଜନ୍ମ କରିଛନ୍ତି ଓ ଏହି ମାଂସ ପିଣ୍ଡୁଳାକୁ ଏକଶତ ଖଣ୍ଡକରି ଘୃତକୁଣ୍ଡରେ ନିକ୍ଷେପ କରିବାରୁ ଏକଶତ ଦିବସପରେ ଏକଶତ ପୁତ୍ର ଏବଂ ଏକମାତ୍ର କନ୍ୟା ଜନ୍ମ ଗ୍ରହଣ କରିଛନ୍ତି; ମାତ୍ର ଏ ପ୍ରସଙ୍ଗ ଉପସ୍ଥାପନାରେ ସାରଳାଙ୍କର ମୌଳିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ। ସାରଳାଦାସ ତାଙ୍କ ଗ୍ରନ୍ଥରେ ଶତପୁତ୍ର ଲାଭ ନିମନ୍ତେ ଗାନ୍ଧାରୀଙ୍କୁ ଯଜ୍ଞ ଚରୁଅନ୍ନ ସେବନ କରାଇଛନ୍ତି। ଏପରି କରିବା ପଛରେ ସାରଳାଙ୍କ ଉଦ୍ଦେଶ୍ୟକୁ ବିଶ୍ଳେଷଣ କରାଯାଇପାରେ। ସାରଳାକାଳୀନ ସମାଜରେ ରାମାୟଣର ବହୁଳ ଚର୍ଚ୍ଚା ଥିଲା ଏବଂ ରାମାୟଣକୁ ଜନସାଧାରଣ ଖୁବ୍ ସମ୍ମାନ ପ୍ରଦର୍ଶନ କରୁଥିଲେ। ରାମାୟଣରେ ଦଶରଥଙ୍କ

...ପ୍ରୟ ଚରୁଅନ୍ନ ଭକ୍ଷଣ କରି ପୁତ୍ରଲାଭ କରିଥିବା ବିଷୟ ସମାଜରେ ପ୍ରତ୍ୟେକଙ୍କୁ ଜଣାଥିଲା ଏବଂ ଯଜ୍ଞ ଚରୁଅନ୍ନର ସନ୍ତାନସୃଷ୍ଟି ଏହା ଉପରେ ସମସ୍ତେ ନିଃସନ୍ଦେହ ଥିଲେ। ଗାନ୍ଧାରୀଙ୍କ ସନ୍ତାନଲାଭ ପ୍ରସଙ୍ଗଟିକୁ ଏହିଭଳି ଅବତାରଣା କରିବା ଫଳରେ ଏହା ଖୁବ୍ ...ଧର୍ମୀ ହୋଇଛି ଏବଂ ଲୋକମାନଙ୍କ ମନରେ ବିଶ୍ୱାସ ମଧ୍ୟ ଜନ୍ମାଇଛି।

**କୌରବ ଶହେଭାଇଙ୍କ ନାମକରଣ–** ସେହିପରି ସାରଳାଦାସଙ୍କ ଅପୂର୍ବ ମୌଳିକତା ଫୁଟିଉଠିଛି ଧୃତରାଷ୍ଟ୍ରଙ୍କର ଶତପୁତ୍ରଙ୍କ ନାମକରଣରେ। ସାଧାରଣତଃ ଏହା ପ୍ରତ୍ୟେକଙ୍କର ଧାରଣା ଯେ, ଦୁର୍ଯ୍ୟୋଧନାଦି ଶହେଭାଇ ମନ୍ଦଗୁଣର ଅଧିକାରୀ। କାରଣ ସେମାନେ ମିଳିତ ଭାବରେ ସତ୍ୟସନ୍ଧ ଓ ନ୍ୟାୟପରାୟଣ ପାଣ୍ଡବମାନଙ୍କ ବିରୋଧରେ ଯୁଦ୍ଧ କରିଥିଲେ। ବ୍ୟାକରଣ ଶାସ୍ତ୍ରରେ 'ଦୁଃ' ଏକ ଉପସର୍ଗ, ଯାହାର ଅର୍ଥ ଅସତ୍, ମନ୍ଦ ଇତ୍ୟାଦି। ଦୁର୍ଯ୍ୟୋଧନାଦି ଶହେଭାଇଙ୍କ ନାମ ଶ୍ରବଣମାତ୍ରେ ସେମାନଙ୍କ ମନ୍ଦଗୁଣର ଅଭିପ୍ରକାଶ ହେଉ, ଏହି ଉଦ୍ଦେଶ୍ୟରେ କବି ସେମାନଙ୍କ ନାମର ଆଦ୍ୟ ଅକ୍ଷର ରଖିଛନ୍ତି 'ଦୁଃ'। ଯଥା– ଦୁର୍ଯ୍ୟୋଧନ, ଦୁଃଶାସନ, ...ଳ, ଦୁର୍ଜୟ ଇତ୍ୟାଦି। କିନ୍ତୁ ମୂଳ ମହାଭାରତରେ ପ୍ରଦତ୍ତ ପ୍ରତ୍ୟେକ ନାମର ଆଦ୍ୟ ଅକ୍ଷର 'ଦୁଃ' ନୁହେଁ।

**ଭୀମ ଜନ୍ମଚରିତ–** ଭୀମ-ଜନ୍ମ ଚରିତର ଦୀର୍ଘ ବର୍ଣ୍ଣନା ଦିଆଯାଇଛି ସାରଳାଙ୍କ ଦ୍ୱାରା। ବ୍ୟାସଦେବଙ୍କ ଗ୍ରନ୍ଥରେ ବା ଅନ୍ୟଗ୍ରନ୍ଥରେ ଏପରି ବର୍ଣ୍ଣନା ଦେଖାଯାଏ ନାହିଁ। ଜନ୍ମ ଆରମ୍ଭରୁ ଭୀମଙ୍କୁ ମହାବଳଶାଳୀ ରୂପେ ଚିତ୍ରଣ କରିଛନ୍ତି କବି। ମାତୃଗର୍ଭରୁ ବାହାରିଆସି ଭୂତଳରେ ଉପନୀତ ହେବାପରେ ତାଙ୍କ ଭାରରେ ପୃଥିବୀ କମ୍ପିଉଠିଛି। ସେହି ସଦ୍ୟଜାତ ଶିଶୁର ପାଦ ପ୍ରହାରରେ ମହାବଳ ବାଘର ମୃତ୍ୟୁ ଘଟିବା ଓ ପାଦର ଅଙ୍ଗୁଳି ସ୍ପର୍ଶରେ ଶତଶୃଙ୍ଗର ମୁଖ୍ୟ ଶୃଙ୍ଗଟି ଚୂର୍ଣ୍ଣୀଭୂତ ହେବା ଘଟଣା ସାରଳାଦାସଙ୍କ ମୌଳିକତାର ଅପୂର୍ବ ନିଦର୍ଶନ।

**ଭୀମଙ୍କ କ୍ଷୁଧା–** ଭୀମଙ୍କର ଅସାଧାରଣ ଭୋଜନ ଶକ୍ତି ପ୍ରଦର୍ଶନ କରିବା ପାଇଁ ସାରଳାଦାସ ସ୍ୱକଳ୍ପନାରୁ ଏକ ସୁନ୍ଦର ଉପାଖ୍ୟାନ ସୃଷ୍ଟି କରିଛନ୍ତି। କୁନ୍ତୀ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିସାରିବାପରେ ବାଳକ ଭୀମ ସେଥିରୁ କିଛି ଲୁଚେଇ ଖାଇଦିଅନ୍ତି। ପ୍ରତିଦିନ ପଣ୍ଡୁଙ୍କ ପାଇଁ ଖାଦ୍ୟ ଯଥେଷ୍ଟ ହୁଏ ନାହିଁ। ଏପରି ହେବାର କାରଣ ଜାଣିବାକୁ ପଣ୍ଡୁ ଦିନେ ଲୁଚି ରହିଛନ୍ତି ଓ ଭୀମଙ୍କର ଖାଦ୍ୟଚୋରି ଦେଖିଛନ୍ତି। କ୍ରୁଦ୍ଧ ହୋଇ ଭୀମଙ୍କୁ ମାରିବା ପାଇଁ ଖଡ୍‌ଗଟିଏ ହାତରେ ଧରି ଭୀମଙ୍କ ପଶ୍ଚାଦ୍‌ଧାବନ କରିଛନ୍ତି। ଶେଷରେ ଅଗ୍ନିଦେବତା ସେଠାରେ ଆବିର୍ଭୂତ ହୋଇ ପଣ୍ଡୁଙ୍କୁ ସେଥିରୁ ନିବୃତ୍ତ କରାଇଛନ୍ତି ଓ ନାନା ଉପଦେଶ ଦେଇଛନ୍ତି।

**ଗଙ୍ଗା ଓ ଶାନ୍ତନୁଙ୍କ ଦାମ୍ପତ୍ୟ ଜୀବନ–** ସାରଳାଦାସଙ୍କ ମୌଳିକତାର ଅନ୍ୟ ଏକ ଉଦାହରଣ ହେଉଛି ଶାନ୍ତନୁ-ଗଙ୍ଗାଙ୍କ ଦାମ୍ପତ୍ୟ ଜୀବନଯାପନ। ମୂଳ ମହାଭାରତରେ ଶାନ୍ତନୁ ଓ ଗଙ୍ଗାଙ୍କ ବିବାହ ବର୍ଣ୍ଣିତ ହୋଇଛି ଏବଂ ସେମାନେ ଅତି ସୁଖମୟ ଦାମ୍ପତ୍ୟ ଜୀବନ ଅତିବାହିତ କରିଛନ୍ତି; ମାତ୍ର ସାରଳାଦାସଙ୍କ ଶାନ୍ତନୁ ଓ ଗଙ୍ଗାଙ୍କ ମଧ୍ୟରେ ମନର ଅନେକ ଅମେଳ। ତାଙ୍କ ଗଙ୍ଗା ଜଣେ ସ୍ୱେଚ୍ଛାଚାରିଣୀ ଓ ଉଗ୍ରସ୍ୱଭାବବିଶିଷ୍ଟା ରମଣୀ। ସେ ବହୁ କଷ୍ଟ ଦେଇଛନ୍ତି ରାଜର୍ଷି ଶାନ୍ତନୁଙ୍କୁ। ନିଜ ଗର୍ଭରୁ ଜନ୍ମ ଦେଇଥିବା ଛଅଗୋଟି ପୁତ୍ର ସନ୍ତାନଙ୍କୁ ସେ ଜନ୍ମଦେବାମାତ୍ରେ ଅତି ନିର୍ଦ୍ଦୟ ଭାବରେ ବଧ କରିଛନ୍ତି। ସପ୍ତମ ପୁତ୍ରକୁ ସେ ହତ୍ୟାକରିବାକୁ ଯିବା ବେଳକୁ ବାଧା ସୃଷ୍ଟି କରିଛନ୍ତି ଶାନ୍ତନୁ। ତା ପରେ ଗଙ୍ଗା ଶାନ୍ତନୁଙ୍କୁ ତ୍ୟାଗକରି ଚାଲିଯାଇଛନ୍ତି।

**ଶାହାଡ଼ା ପତ୍ରର ମାହାତ୍ମ୍ୟ–** ଶାହାଡ଼ା ପତ୍ର ମାହାତ୍ମ୍ୟ ଉପାଖ୍ୟାନରେ ବର୍ଣ୍ଣିତ ଅଛି ଯେ, ଦିନେ ଶିବଙ୍କ ବାହନ ବୃଷଭ ଶାହାଡ଼ା ପତ୍ରଟିଏ ମସ୍ତକରେ ସ୍ଥାପନ କରିଛି। କୈଳାସପତି ଏହା ଦେଖି ତାକୁ ଏହାର କାରଣ ପଚାରିବାରୁ ସେ କହିଛି ଯେ ଶାହାଡ଼ାପତ୍ର କାନରେ ଖୋଷିଲେ ଉତ୍ତମ ଖାଦ୍ୟଦ୍ରବ୍ୟ ମିଳେ। ଏହାର ସତ୍ୟାସତ୍ୟ ପରୀକ୍ଷା କରିବାପାଇଁ ସେ ବୃଷଭକୁ ବହୁ ସମୟ ବୁଲାଇ ବୁଲାଇ ବହୁ ବିଳମ୍ବରେ କୈଳାସକୁ ଫେରିଛନ୍ତି। ସ୍ୱାମୀଙ୍କର ବିଳମ୍ବ ଦେଖି ପାର୍ବତୀ ଅନ୍ନବ୍ୟଞ୍ଜନ ଆଣି ଭୋଜନ ଆରମ୍ଭ କରିବା ସମୟରେ ଶିବଙ୍କର ଡମ୍ବରୁ ଶବ୍ଦ ଶୁଣିଛି। ପାର୍ବତୀ ଅନ୍ୟ ଉପାୟ ନ ଦେଖି ସମସ୍ତ ସୁବାସିତ ଅନ୍ନବ୍ୟଞ୍ଜନ ବୃଷଭର ଖାଦ୍ୟ କୁଣ୍ଡରେ ନିକ୍ଷେପ

କରିଛନ୍ତି ଓ ଶିବଙ୍କୁ ପାଛୋଟି ଆଣିବାପାଇଁ ବାହାରକୁ ଆସିଛନ୍ତି। ବୃଷଭକୁ କିଛି ଖାଦ୍ୟ ନ ଦେଇ ଖୁଣ୍ଟରେ ବାନ୍ଧି ରଖିବାକୁ ଶିବ ନିର୍ଦ୍ଦେଶ ଦେଇଛନ୍ତି। ବୃଷଭ ଆନନ୍ଦରେ ନିଜ କୁଣ୍ଡରେ ଥିବା ସୁବାସିତ ଅନ୍ନବ୍ୟଞ୍ଜନ ଭୋଜନ କରିଛି। ଶିବ ଆସି ଦେଖିଛନ୍ତି ଯେ ବୃଷଭ ଖୁବ୍ ଖୁସି ଅଛି। ଉପବାସ ରହି ମଧ୍ୟ ସେ କିପରି ପ୍ରଫୁଲ୍ଲ ଅଛି ବୋଲି ତାକୁ ପଚାରିବାରୁ ସେ ଦିବ୍ୟ ଅନ୍ନ ଭୋଜନ କରିଥିବା କଥା କହିଛି। ପାର୍ବତୀଙ୍କଠାରୁ ସବୁକଥା ଶୁଣି ଶିବ ଶାହାଡ଼ାପତ୍ରର ମାହାତ୍ମ୍ୟ ବୁଝିପାରିଛନ୍ତି।

ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ବିବାହ ପ୍ରସଙ୍ଗରେ ବର୍ଣ୍ଣିତ ଶାହାଡ଼ାବୃକ୍ଷ ଉପାଖ୍ୟାନ, ଖନିକାରର ଜନ୍ମବୃତ୍ତାନ୍ତ, ବେଲାଲସେନ ଚରିତ, ସତ୍ୟାମ୍ଭା ଉପାଖ୍ୟାନ, ଯୁଧିଷ୍ଠିରଙ୍କ ସୁହାଣୀ କନ୍ୟାର ପାଣିଗ୍ରହଣ ପ୍ରଭୃତି ବହୁ କାଳ୍ପନିକ ପ୍ରସଙ୍ଗର ସନ୍ନିବେଶ ଗଳ୍ପ-ଜଳ୍ପ-କଳ୍ପତରୁ ସାରଳାଦାସଙ୍କ ଅପୂର୍ବ ମୌଳିକତାର ନିଦର୍ଶନ। ଏଗୁଡ଼ିକହିଁ ପୂର୍ବୋକ୍ତ 'ଅନୁକ୍ତପ୍ରକ୍ଷେପ' ବିଭାଗର ଅନ୍ତର୍ଭୁକ୍ତ।

କେବଳ ଏତିକି ନୁହେଁ, ଏହିପରି ରାଶି ରାଶି ଗଳ୍ପ, ଉପାଖ୍ୟାନ ଓ ଆଖ୍ୟାୟିକା ଏବଂ ତଦାନୀନ୍ତନ ସମାଜରେ ପ୍ରଚଳିତ ପ୍ରବାଦ, ପ୍ରବଚନ ଇତ୍ୟାଦିକୁ ସାରଳାଦାସ ନିଜ ଗ୍ରନ୍ଥରେ ଅଙ୍ଗୀଭୂତ କରିଛନ୍ତି, ଯାହା ତାଙ୍କ ମୌଳିକତାର ପରିଚୟ ପ୍ରଦାନ କରେ।

**୨.୫.୧.୩.– ପ୍ରବଚନ :**

ସାରଳା ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି। ତତ୍କାଳୀନ ସମାଜରେ ପ୍ରଚଳିତ, ସଂସ୍କୃତାଦି ଗ୍ରନ୍ଥରୁ ସଂଗୃହୀତ ଏବଂ ସାରଳାଦାସଙ୍କ କଳ୍ପନାରୁ ଉଦ୍ଭୂତ ଏହି ପ୍ରବଚନ ଓ ଲୋକକଥାଗୁଡ଼ିକ ସାଂପ୍ରତିକ ସମାଜରେ ଖୁବ୍ ଆଦର ଲାଭ କରିଛି ଏବଂ ଲୋକମୁଖରେ ପ୍ରଚଳିତ ଅଛି। ଗ୍ରନ୍ଥ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କାଳରେ ସେ ଏଗୁଡ଼ିକୁ ଏପରି ଖଞ୍ଜିଦେଇଛନ୍ତି ଯେ, ସେସବୁ କବିଙ୍କର ମୌଳିକ ରଚନା ଭାବେ ପ୍ରତୀତ ହେଉଛି। ସେସବୁ ମଧ୍ୟରୁ କେତୋଟି ହେଉଛି– 'ଗଙ୍ଗା କହିଲେ ଥିବି, ଗାଙ୍ଗୀ କହିଲେ ଯିବି'। 'ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ କି ଗାନ୍ଧାରୀଙ୍କୁ ବର ନାହିଁ', 'ଉଆଁସୀ କନ୍ୟାକୁ ଶାହାଡ଼ା ବର', 'ପ୍ରଥମ ଯୁଦ୍ଧରେ ଭୀମ ହାରେ', 'ଭୀମର ବଳ କୁଇନ୍ତାକୁ ଜଣା', 'ମନ ଜାଣେ ପାପ, ମାଆ ଜାଣେ ବାପ', 'ଝିମିଟି ଖେଳରୁ ମହାଭାରତ', 'ଭାରିଯା ଡରରେ ଶଳାକୁ ନମସ୍କାର', 'ଅସମୟରେ ଗଧପାଦ ଧରିବା', 'ଶିମିଳି ଗଛରେ ଦେହ ଘଷିବା', 'କର୍ଣ୍ଣମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ', 'କୋକୁଆ ଭୟ ପଶିବା', 'ତୁଳସୀ ବଣ ବାଘ', 'ତୁଳାମୁହାଁ କାଙ୍କ', 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ', 'ଯାଚିଲା କନ୍ୟା/ଦ୍ରବ୍ୟ ଛାଡ଼ନ୍ତି ନାହିଁ', 'ମାଡ଼ୁଆ ମହାଦେବ, ମାଡ଼ ଖାଇଲେ ବର ଦେହ' ଇତ୍ୟାଦି। ଏଗୁଡ଼ିକ ଏତେ ଲୋକପ୍ରିୟ ଯେ ଆଲୋଚ୍ୟ ଗ୍ରନ୍ଥରେ ଯେଉଁଭଳି ଘଟଣା ପ୍ରବାହରେ ଏହି ପ୍ରବଚନଗୁଡ଼ିକ ବ୍ୟବହୃତ, ସେହିଭଳି ଘଟଣାଟିଏ ଘଟିଲେ ସାଧାରଣ ଲୋକ ମୁହଁରୁ ସଂପୃକ୍ତ ପ୍ରବଚନଟି ବାହାରିପଡ଼େ। ଏଠାରେ ଅଳ୍ପ କେତୋଟିର ସଂକ୍ଷିପ୍ତ ଆଲୋଚନା କରାଯାଇପାରେ।

**(୧) ଗଙ୍ଗା କହିଲେ ଥିବି, ଗାଙ୍ଗୀ କହିଲେ ଯିବି**– ଶତ ଦୋଷତ୍ରୁଟିସତ୍ତ୍ୱେ ନୀରବ ରହିବା ଏବଂ ଅତି ଅସହ୍ୟ ହେବାବେଳେ ସାମାନ୍ୟ ପ୍ରତିପାଦ କରିବାଦ୍ୱାରା କିଛି ଅଘଟଣ ଘଟିଲେ ଏହି ପ୍ରବଚନଟି ବ୍ୟବହୃତ ହୋଇଥାଏ।

ଶିବଙ୍କୁ ବିବାହ କରିବାକୁ ମନସ୍ଥ କରିଥିବା ଗଙ୍ଗା ଘଟଣାକ୍ରମେ ଶିବଙ୍କ ଅଙ୍ଗଭୂଷଣ ଧାରଣ କରିଥିବା ଶାନ୍ତନୁଙ୍କୁ ବିବାହ କରିବାକୁ ବାଧ୍ୟ ହୋଇଥିଲେ। ବିବାହ ପୂର୍ବରୁ ତାଙ୍କର ଏକ ସର୍ତ୍ତ ଥିଲା ଯେ ସେ ନିଜ ଇଚ୍ଛାରେ ଯାହା କରିବେ, ଶାନ୍ତନୁ ତା'ର ବିରୁଦ୍ଧାଚରଣ କରିବେ ନାହିଁ; ଯଦି କରିବେ ତେବେ ସେ ଶାନ୍ତନୁଙ୍କୁ ତ୍ୟାଗ କରିବେ। ସେମାନଙ୍କ ବୈବାହିକ ଜୀବନ ଆଦୌ ଆନନ୍ଦଦାୟକ ନ ଥିଲା। କାରଣ ନିଜ ସର୍ତ୍ତାନୁଯାୟୀ ଗଙ୍ଗା ସ୍ୱେଚ୍ଛାଚାରିଣୀ ହୋଇପଡ଼ିଲେ ଏବଂ ଶାନ୍ତନୁଙ୍କୁ ନାନାପ୍ରକାର କଷ୍ଟଦେବାକୁ କୁଣ୍ଠାବୋଧ କଲେନାହିଁ। ତାଙ୍କର ଉଚ୍ଛୃଙ୍ଖଳତା ସୀମା ଲଂଘନ କଲା ଯେତେବେଳେ ନିଜ ଗର୍ଭଜାତ ଛଅଗୋଟି ପୁତ୍ରଙ୍କୁ ସେ ଜନ୍ମ ହେବା ସଙ୍ଗେ ସଙ୍ଗେ ହତ୍ୟାକଲେ। ସପ୍ତମ ପୁତ୍ରକୁ ହତ୍ୟା କରିବା ସମୟରେ ଶାନ୍ତନୁ ଏହାର ପ୍ରତିବାଦ କଲେ ଓ ଗଙ୍ଗାଙ୍କୁ ଗାଙ୍ଗୀ କହି

ତିରସ୍କାର କଲେ। ସର୍ତ୍ତ ଭଙ୍ଗ ହେବା ଦର୍ଶାଇ ଗଙ୍ଗା ଶାନ୍ତନୁଙ୍କୁ ତ୍ୟାଗ କଲେ। ଶାନ୍ତନୁଙ୍କୁ ପରିତ୍ୟାଗ କରିବା ସମୟରେ ସେ କହିଲେ–

"ଗଙ୍ଗା ବୋଇଲେ ମୁଁ ଥାଇଂ ଗାଙ୍ଗୀ ବୋଇଲେ ନ ଥାଇଂ
ଗାଙ୍ଗୀ ବୋଇଲୁ ତୁ ଯାଉଛି ମୁଁ ବ୍ରତ ପୂରୋଇ।" (ଆଦିପର୍ବ, ପୃ: ୪୦)

**(୨) ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ କି ଗାନ୍ଧାରୀଙ୍କୁ ବର ନାହିଁ–** ବର ବା କନ୍ୟାର ବିବାହ ନିର୍ଦ୍ଦିଷ୍ଟ ନ ହୋଇପାରିଲେ କିମ୍ବା ନିର୍ଦ୍ଦିଷ୍ଟ ହୋଇ ମଧ୍ୟ ସଂପାଦିତ ହୋଇ ନ ପାରିଲେ, ଏହି ପ୍ରବଚନଟି ଲୋକମୁଖରେ କଥିତ ହୋଇଥାଏ।

ଧୃତରାଷ୍ଟ୍ର ଓ ଗାନ୍ଧାରୀ ଉଭୟ ଅଶୁଭ ତିଥିରେ ଜନ୍ମ ହୋଇଥିବାରୁ ସେମାନଙ୍କୁ ଯେଉଁ କନ୍ୟା ବା ବର ବିବାହ କରିବାକୁ ବେଦୀରେ ବସୁଥିଲେ, ସେମାନେ ମୃତ୍ୟୁବରଣ କରୁଥିଲେ। ଏହିପରି ଧୃତରାଷ୍ଟ୍ରଙ୍କୁ ବିବାହ କରିବାକୁ ଯାଇ ଏକଶହ ଆଠ କନ୍ୟା ଓ ଗାନ୍ଧାରୀଙ୍କୁ ବିବାହ କରିବାକୁ ଯାଇ ବାଇଶି ବର ମୃତ୍ୟୁ ମୁଖରେ ପଡ଼ିଥିଲେ। ତେଣୁ ବିବାହ କରିବା ନିମିତ୍ତ ଏ ଦୁହିଁଙ୍କୁ କନ୍ୟା ଓ ବର ମିଳି ନଥିଲେ। ଏ କ୍ଷେତ୍ରରେ କବି କହିଛନ୍ତି–

"ଧୃତରାଷ୍ଟ୍ରକଇଂ ନାହିଂ କନ୍ୟା ଗାନ୍ଧାରୀକି ନାହିଂ ବର
ଯେ ଜାତି ବ୍ରହ୍ମଅସୁର ସେ ବ୍ରହ୍ମ ଅସୁର।" (ଆଦିପର୍ବ, ପୃ: ୧୧୮)

**(୩) ପ୍ରଥମ ଯୁଦ୍ଧରେ ଭୀମ ହାରେ–** ଯେକୌଣସି କାର୍ଯ୍ୟରେ ପ୍ରଥମେ ଅକୃତକାର୍ଯ୍ୟ ହେଲେ ଏ ପ୍ରବଚନଟି ଉଦ୍ଧାର କରାଯାଇଥାଏ। ପ୍ରଥମ ଚେଷ୍ଟାରେ ଯଦି କେହି ଅସଫଳ ହୁଏ, ପରବର୍ତ୍ତୀ ଚେଷ୍ଟାରେ ସେ ନିଶ୍ଚୟ ସଫଳକାମ ହେବ– ଏହା ହେଉଛି ଏହି ପ୍ରବଚନର ଅର୍ଥ।

ଏକଦା କୁନ୍ତୀ ଏକ ବାଘକୁ ଦେଖି ଭୟରେ ଶିଶୁପୁତ୍ର ଭୀମଙ୍କୁ ଶତଶୃଙ୍ଗ ପର୍ବତରେ ପରିତ୍ୟାଗକରି ଏକ ଉଚ୍ଚ ଗଛ ଉପରେ ଚଢ଼ିଯାଇଛନ୍ତି। ହାତଗୋଡ଼ ହଲାଇବା ଶିଶୁର ସ୍ୱଭାବ। ମାତାଙ୍କ ଅନୁପସ୍ଥିତିରେ ଭୀମ ହାତଗୋଡ଼ ଛାଟି କାନ୍ଦିବା ଆରମ୍ଭ କରିଛନ୍ତି। ଏହି ସମୟରେ ବାଘ ଆସି ଭୀମଙ୍କ ପାଖରେ ପହଞ୍ଚିଯାଇଛି। କ୍ରନ୍ଦନରତ ଭୀମଙ୍କ ପାଦ ବାଘର ମସ୍ତକରେ ଲାଗିବାରୁ ବାଘର ମୃତ୍ୟୁ ଘଟିଛି। ପୁନଶ୍ଚ ତାଙ୍କ ପାଦର କାଣିଆଙ୍ଗୁଠି ବାଜିବାମାତ୍ରେ ଶତଶୃଙ୍ଗ ଗିରିର ଗୋଟିଏ ଶୃଙ୍ଗ ଭାଙ୍ଗିଯାଇଛି। ଶତଶୃଙ୍ଗ ପର୍ବତ କ୍ରୋଧରେ ଭୀମଙ୍କୁ ଅଭିଶାପ ଦେଇଛି– "ଆରେ ଆରେ ଭୀମା ତୁ ପ୍ରଥମ ଯୁଦ୍ଧେ ହାର।" (ଆଦିପର୍ବ, ପୃ: ୨୦୫) କୁନ୍ତୀ ଏହା ଦେଖି ଶତଶୃଙ୍ଗ ପର୍ବତକୁ ଶାପ ଦେଇଛନ୍ତି। ପର୍ବତ ଭୟଭୀତ ହୋଇ କହିଛି ଯେ ପ୍ରଥମ ଯୁଦ୍ଧରେ ହାରିଲେ ମଧ୍ୟ 'ଶତଶୃଙ୍ଗ' 'ଶତଶୃଙ୍ଗ' ସ୍ମରଣ କଲେ ଦ୍ୱିତୀୟ ଯୁଦ୍ଧରେ ତାଙ୍କୁ କେହି ପରାସ୍ତ କରିପାରିବେ ନାହିଁ, ସେ ନିଶ୍ଚୟ ଜୟଲାଭ କରିବେ।

**(୪) ମନ ଜାଣେ ପାପ, ମାଆ ଜାଣେ ବାପ–** ଜଣେ ଯେଉଁ ପାପ କରିଥାଏ, ତା'ର ମନ ତାହା କେବଳ ଜାଣେ; ସେହିପରି ସନ୍ତାନର ପିତା କିଏ, ତାହା ମାଆ କେବଳ କହିପାରେ। ସବୁକଥା ସମସ୍ତଙ୍କୁ ଜଣା ନ ଥାଏ। ତେଣୁ କୌଣସି କଥା ଜାଣିବାପାଇଁ ସେହିକଥା ଜାଣିଥିବା ଲୋକଙ୍କୁ ପଚାରିବାର ପରିସ୍ଥିତି ଉପୁଜିଲେ ଯେକୌଣସି ଓଡ଼ିଆ ମୁହଁରୁ ଏଇ ପ୍ରବଚନଟି ବାହାରି ପଡ଼େ।

ପ୍ରତିଦିନ ପାଣ୍ଡବଗଣ ରାଜସଭାରେ ପ୍ରବେଶ କରିବା ମାତ୍ରେ ମହାମାନୀ ଦୁର୍ଯ୍ୟୋଧନ ସେମାନଙ୍କୁ ଅପମାନିତ କରିବାପାଇଁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କ ପିତାଙ୍କ ନାମାନୁସାରେ ସମ୍ବୋଧନ କରୁଥାନ୍ତି। ଭୀମଙ୍କୁ 'ବସ ହୋ ପବନ ପୁତ୍ର' ବୋଲି କହିଲାବେଳେ ଭୀମଙ୍କୁ ଖୁବ୍ ବାଧେ। ଭୀମ ନୀରବ ରହୁଥିଲେହେଁ ମନେ ମନେ ଦୁର୍ଯ୍ୟାଧନଙ୍କୁ ଅପମାନିତ କରିବାର ବାଟ ଖୋଜିଛନ୍ତି। ସେ ଏକଦା ଶ୍ରୀକୃଷ୍ଣଙ୍କୁ ନିଜ ମନକଥା ଖୋଲି କହିବାରୁ, ଉତ୍ତରରେ ଦୁର୍ଯ୍ୟୋଧନଙ୍କୁ 'ବସୁଛି ହୋ ଗୋଲକପୁତ୍ର' ବୋଲି

କହିବାକୁ ଶ୍ରୀକୃଷ୍ଣ ଭୀମକୁ ଉପଦେଶ ଦେଇଛନ୍ତି। ଗୋଲକ ପୁତ୍ରର ଦୁଇଟି ଅର୍ଥ– ଗୋଟିଏ ବିଧବାର ସନ୍ତାନ, ଅନ୍ୟଟି ଶାହାଡ଼ା ଗଛର ସନ୍ତାନ। ଭୀମ ଉପଦେଶାନୁସାରେ କାର୍ଯ୍ୟ କରିଛନ୍ତି। ଉପସ୍ଥିତ ପାରିଷଦବର୍ଗଙ୍କ ସମ୍ମୁଖରେ ଭୀମ 'ଗୋଲକ ପୁତ୍ର' ବୋଲି କହିବାରୁ, ଦୁର୍ଯ୍ୟୋଧନଙ୍କୁ ଖୁବ୍ ବାଧିଛି। ସେ 'ଗୋଲକ ପୁତ୍ର'ର ରହସ୍ୟ ଜାଣିବାକୁ ଚାହିଁଛନ୍ତି। ଏ ରହସ୍ୟ ସମ୍ବନ୍ଧରେ ମାତା ଗାନ୍ଧାରୀହିଁ କେବଳ କହିପାରିବେ ବୋଲି ତାଙ୍କର ହୃଦ୍‌ବୋଧ ହୋଇଛି। କାରଣ–

"ମନହିଂ ସେ ଜାଣଇ ମୋ ହୃଦରେ ଯେତେ ପାପ
ମାତାହିଂ ସେ ଜାଣଇ ପୁତ୍ରର ଯେତେ ବାପ।" (ଆଦିପର୍ବ, ପୃ: ୪୫୬)

ତତ୍‌କାଳୀନ ସମାଜରେ କେବଳ ନୁହେଁ, ସାଂପ୍ରତିକ ସମାଜରେ ମଧ୍ୟ ଏହା ଏକ ବହୁ ପ୍ରଚଳିତ ପ୍ରବଚନ।

**(୫) ଶିମିଳି ଗଛରେ ଦେହ ଘଷିବା–** ଭଲମନ୍ଦ ବିଚାର ନ କରି ଉପର ଚାକଚକ୍ୟରେ ଭୁଲି କିଛି ଗୋଟିଏ ଭୁଲ କାର୍ଯ୍ୟ କରିବସିଲେ ପ୍ରବଚନଟିର ଉପଯୋଗ କରାଯାଇଥାଏ।

ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ଭଲମନ୍ଦ ବିଚାର କରିବାକୁ ହୁଏ; ନଚେତ୍ ବିପଦ ସୁନିଶ୍ଚିତ। ଶିମିଳି ଗଛ କଣ୍ଟାଯୁକ୍ତ, ଏହା ପରୀକ୍ଷା ନ କରି ଯଦି କେହି ଏଥିରେ ଦେହ ଘଷେ, ତାହାହେଲେ ସେ ନିଶ୍ଚୟ କ୍ଷତାକ୍ତ ହେବ। ତେଣୁ କଥାରେ କହନ୍ତି– "ଶିମିଳି ଗଛରେ ଦେହ ଘଷୁଛୁ କାହିଁକି ?" ଏହିପରି ଏକ ଘଟଣା ମହାଭାରତରେ ବର୍ଣ୍ଣିତ ହୋଇଛି ସାରଳାଦାସଙ୍କ ଦ୍ୱାରା, ଯେଉଁଥିରେ ଅର୍ଜୁନଙ୍କ ମୁହଁରେ କବି ଏହି ବହୁ ବ୍ୟବହୃତ ପ୍ରବଚନଟି କୁହାଇଛନ୍ତି।

ରମ୍ଭାର କନ୍ୟା ହାରାମତୀ ଏକଦା ନିଦ୍ରାମଗ୍ନ ଅର୍ଜୁନଙ୍କୁ ଦେଖିଛି ଓ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ନିଜ ଶୟନ କକ୍ଷକୁ ନେଇଯାଇଛି। ଅର୍ଜୁନଙ୍କ ନିଦ୍ରାଭଙ୍ଗ ହେଲାପରେ ସେ ତାଙ୍କ ସହିତ ରତିକ୍ରୀଡ଼ା କରିବା ନିମନ୍ତେ ଇଚ୍ଛାପ୍ରକାଶ କରିଛି ଏବଂ ଏହି ଉଦ୍ଦେଶ୍ୟରେ ତାଙ୍କୁ ଆଲିଙ୍ଗନ କରିବାପାଇଁ ଆଗେଇ ଯାଇଛି। ଏହି ସମୟରେ ଅର୍ଜୁନ ତାଙ୍କୁ ଏପରି ନ କରିବା ପାଇଁ ଉପଦେଶ ଦେଇ କହିଛନ୍ତି–

"ଶାର୍ମଳୀ ଫୁଲ ଯେ ଦେଖିଲୁ ସୁରଙ୍ଗ
ସେ ବୃକ୍ଷ କୋଳ କଲେ ବିଦାରି ହୋଅଇ ଅଙ୍ଗ।" (ବନପର୍ବ, ପୃ: ୫୩୨)

**(୬) ଝିମିଟି (ଝିମାଣି) ଖେଳରୁ ମହାଭାରତ–** ସାମାନ୍ୟ କଥାରୁ ମହାକାଣ୍ଡର ସୃଷ୍ଟି ହେବା ଲକ୍ଷିତ ହେଲେ ଏହି ପ୍ରବଚନଟି ବ୍ୟବହୃତ ହୋଇଥାଏ ଯେକୌଣସି ଓଡ଼ିଆଦ୍ୱାରା।

ସମବୟସ୍କ କୌରବ ଓ ପାଣ୍ଡବଗଣ ବିଦ୍ୟାଧ୍ୟୟନ କରୁଥିବା ସମୟରେ ଅନେକ ସମୟରେ ଝିମାଣି ବା ଝିମିଟି ଖେଳ (ଆଧୁନିକ ଡୁ ଡୁ ବା କବାଡ଼ି) ଖେଳୁଥିଲେ। ଏକା ଭୀମ ସମସ୍ତଙ୍କୁ ମାରି ପଦା କରି ଦେଉଥିଲେ, ଫଳରେ ଦୁର୍ଯ୍ୟୋଧନାଦି କୌରବମାନେ ସବୁବେଳେ ଖେଳରେ ହାରୁଥିଲେ। ସେମାନେ ମନେ ମନେ ଲଜ୍ଜିତ ହେଉଥିଲେ ଓ ସୁଯୋଗ ପାଇଲେ ପ୍ରତିଶୋଧ ନେବାପାଇଁ ଦୃଢ଼ପରିକର ଥିଲେ। ଶେଷରେ ସୁଯୋଗ ଜୁଟିଛି। ମାତୁଳ ଶକୁନିର ପରାମର୍ଶରେ କୌରବଗଣ ପାଣ୍ଡବମାନଙ୍କୁ ରାଜ୍ୟଚ୍ୟୁତ କରିଛନ୍ତି ଓ ପରିଣତି ସ୍ୱରୂପ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଛି। ଏଣୁ ଏହି ସାମାନ୍ୟ କାରଣ ଝିମିଟି ଖେଳରୁ ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିବା କଥା ସାରଳାଦାସ ବର୍ଣ୍ଣନ କରିଛନ୍ତି।

**(୭) କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ–** ଗୋଟିଏ ପଦାର୍ଥ ହରାଇବା ସଙ୍ଗେ ସଙ୍ଗେ ତତ୍ତୁଲ୍ୟ ଅନ୍ୟ ଏକ ପଦାର୍ଥ ପ୍ରାପ୍ତ ହେଲେ, ଅର୍ଥାତ୍ ଉଭୟ ଲାଭ ଓ କ୍ଷତି ସମାନ ହେଲେ ଏହି ପ୍ରବଚନଟି ପ୍ରୟୋଗ କରାଯାଏ।

ବିବାହ ପୂର୍ବରୁ କୁନ୍ତୀ ଦୁର୍ବାସାପ୍ରଦତ୍ତ ଜପାମାଳାକୁ ପରୀକ୍ଷା କରିବାକୁଯାଇ ଗୋଟିଏ ପୁତ୍ରର ଜନନୀ ହୋଇଥିଲେ । ଅବିବାହିତା ଥିବାରୁ ତାଙ୍କୁ ନବଜାତ ପୁତ୍ରକୁ ପରିତ୍ୟାଗ କରିବାକୁ ହୋଇଥିଲା । ପରବର୍ତ୍ତୀକାଳରେ ଏହି ପୁତ୍ର କର୍ଣ୍ଣ ନାମରେ ପରିଚିତ ହୋଇଥିଲେ । ଏଣୁ କୁନ୍ତୀଙ୍କର ପ୍ରକୃତରେ ପୁତ୍ର ସଂଖ୍ୟା ଥିଲା ଛଅ । ମହାଭାରତ ଯୁଦ୍ଧରେ କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ସପକ୍ଷରେ ଓ ପାଣ୍ଡବମାନଙ୍କ ବିପକ୍ଷରେ ଥିଲେ । ତାଙ୍କୁ ନିଜ ସମକକ୍ଷ ବୀର ଅର୍ଜ୍ଜୁନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ଏଥିରେ ଏ ଦୁଇଜଣଙ୍କ ମଧ୍ୟରୁ ଜଣେ ନିହତ ହେବା ଥିଲା ସୁନିଶ୍ଚିତ । ତେଣୁ ଯୁଦ୍ଧରେ ଅର୍ଜ୍ଜୁନ ଓ କର୍ଣ୍ଣଙ୍କ ମଧ୍ୟରୁ ଯେଉଁ ଜଣକ ନିହତ ହେଲେ ମଧ୍ୟ କୁନ୍ତୀଙ୍କ ପୁତ୍ର-ସଂଖ୍ୟା ପାଞ୍ଚରୁ କମ୍ ନ ଥିଲା । ତେଣୁ ଯୁଦ୍ଧପୂର୍ବରୁ କୁନ୍ତୀ କର୍ଣ୍ଣଙ୍କୁ କହିଥିଲେ–

"କୋଇନ୍ତାୟେ ବୋଇଲେ ତୁ ଯେବେ ଅର୍ଜ୍ଜୁନକୁ ମାରିବୁ ସମରେ
ଶେଷେ ପଞ୍ଚପୁତ୍ର ହୋଇବ ମୋହୋରେ ।
ଅର୍ଜ୍ଜୁନ ଯେବେ ତୋତେ ମାରଇ ପ୍ରମାଦେ
ସେହି ପଞ୍ଚପୁତ୍ର ମୋର ହୋଇବ ଯେ ହାଦେ ।" (ଉଦ୍‌ଯୋଗ ପର୍ବ, ପୃ: ୩୭୨)

୨.୫.୧.୪.- ଚରିତ୍ରଚିତ୍ରଣ :

ସାରଳାଦାସ ଥିଲେ ଉଗ୍ର ସ୍ୱଦେଶପ୍ରେମୀ । ତାଙ୍କର ପ୍ରତିଟି ରଚନାରେ ସ୍ୱଦେଶପ୍ରୀତିର ପରିଚୟ ମିଳେ । ମହାଭାରତର ଚରିତ୍ରମାନଙ୍କୁ ବିଶ୍ଳେଷଣ କଲେ ସେମାନେ ସମସ୍ତେ ରକ୍ତମାଂସଧାରୀ ଜଣେ ଜଣେ ବିଶେଷ ଶ୍ରେଣୀର ଉତ୍କଳୀୟ ଭାବରେ ପ୍ରତୀତ ହୁଅନ୍ତି । ଶ୍ରୀକୃଷ୍ଣଙ୍କୁ ସେ ଉପସ୍ଥାପିତ କରିଛନ୍ତି ତତ୍‌କାଳୀନ ସମାଜରେ ବାସ କରୁଥିବା ଜଣେ କାମୁକ, କୁଚକ୍ରୀ ତଥା ଧୂର୍ତ୍ତ ଓଡ଼ିଆ ଭାବରେ । ତାଙ୍କ ଭୀମଙ୍କ ଚରିତ୍ରରେ ଜଣେ ନିଷ୍କପଟ, ସରଳ, ହୁଣ୍ଡା, ହୁରୁମା ଉତ୍କଳୀୟ ଚରିତ୍ରର ପ୍ରତିଫଳନ ପରିଦୃଷ୍ଟ ହୁଏ । ଜଣେ ସମକାଳୀନ ଆଦର୍ଶ ଉତ୍କଳୀୟଙ୍କୁ ଲକ୍ଷ୍ୟରେ ରଖି ସେ ସୃଷ୍ଟିକରିଛନ୍ତି ଯୁଧିଷ୍ଠିରଙ୍କ ଚରିତ୍ର । ତାଙ୍କ ଦ୍ୱାରା ପରିଲକ୍ଷିତ କୌଣସି ଜଣେ ଉଗ୍ର ସ୍ୱଭାବସଂପନ୍ନା ଗ୍ରାମ୍ୟ ନାରୀକୁ ସେ ଛିଡ଼ା କରାଇଛନ୍ତି ଗଙ୍ଗା ଭାବରେ । କେବଳ ଏମାନେ ନୁହନ୍ତି, ଅନ୍ୟାନ୍ୟ ସମସ୍ତ ଚରିତ୍ର ଓଡ଼ିଆତ୍ୱରେ ଏପରି ମଣ୍ଡିତ ଯେ, ଗ୍ରନ୍ଥ ପାଠ କରିବା ସମୟରେ ଜଣାଯାଏ ସତେ ଯେପରି ଏମାନେ ଆମ ସହିତ ଗୋଟିଏ ସମାଜରେ ମିଳିମିଶି ଚଳୁଛନ୍ତି । ମୂଳ ସଂସ୍କୃତ ମହାଭାରତରେ କିନ୍ତୁ ଏ ସମସ୍ତ ଚରିତ୍ର ଏପରିଭାବେ ଚିତ୍ରିତ ହୋଇ ନାହାନ୍ତି, ଯେପରି ହୋଇଛି ସାରଳା ମହାଭାରତରେ; ସୁତରାଂ କବିଙ୍କର ଏହା ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ, ଯେଉଁଥିରୁ ତାଙ୍କ ଜାତୀୟତା ମଧ୍ୟ ସ୍ୱତଃ ପ୍ରମାଣିତ ହୁଏ ।

ଶ୍ରୀକୃଷ୍ଣ :

ପାଣ୍ଡବଙ୍କର ପରମ ସଖା ଶ୍ରୀକୃଷ୍ଣ । ମହାଭାରତ ଯୁଦ୍ଧର ପରିକଳ୍ପନା ଓ ପରିଚାଳନା ମୂଳରେ ତାଙ୍କ ଅଦୃଶ୍ୟ ହସ୍ତର ଇଙ୍ଗିତ ନିହିତ । ସାରଳାଦାସ ହେଉଛନ୍ତି ପ୍ରଥମ ଓଡ଼ିଆ କବି ଯେ ଶ୍ରୀକୃଷ୍ଣଙ୍କୁ ନୀଳାଚଳର ଜଗନ୍ନାଥଙ୍କ ସହିତ ଚିହ୍ନିତ କରିଛନ୍ତି । ତାଙ୍କ ପରିକଳ୍ପନାରେ, ଜରା ଶବରଦ୍ୱାରା ଶ୍ରୀକୃଷ୍ଣ ନିହତ ହେବାପରେ ତାଙ୍କ ମୃତପିଣ୍ଡ ଅଗ୍ନିରେ ଦଗ୍ଧୀଭୂତ ନ ହେବାରୁ, ତାହାକୁ ସମୁଦ୍ରରେ ଭସାଇ ଦିଆଯାଇଛି, ଯାହା ପରବର୍ତ୍ତୀକାଳରେ ନୀଳାଚଳଠାରେ ଦାରୁବ୍ରହ୍ମ ରୂପେ ପୂଜିତ ହୋଇଛି ।

ମୂଳ ଭାରତରେ ଶ୍ରୀକୃଷ୍ଣ ଜଣେ ସାଧୁ ଓ ବିଜ୍ଞ ବ୍ୟକ୍ତି ଭାବରେ ଚିତ୍ରିତ । ମାତ୍ର ସାରଳାଦାସ ତାଙ୍କୁ ଚିତ୍ରିତ କରିଛନ୍ତି ଜଣେ କୂଟନୀତିନିପୁଣ ରାଜନୀତିଜ୍ଞ ଭାବରେ, ଯେ ଆଚରଣରେ ଜଣେ ସାଧାରଣ ମଣିଷ । ପ୍ରଖ୍ୟାତ ସମାଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ମତରେ ସଂସ୍କୃତ ମହାଭାରତର ପରମଜ୍ଞାନୀ, ତତ୍ତ୍ୱଦର୍ଶୀ ଓ ଅନାସକ୍ତ କର୍ମଯୋଗର ମନ୍ତ୍ରଗୁରୁ ଶ୍ରୀକୃଷ୍ଣ ସାରଳା ମହାଭାରତରେ ଜଣେ ସାଧନାଭ୍ରଷ୍ଟ ସହଜ ସିଦ୍ଧାଚାର୍ଯ୍ୟ ।

ପାଣ୍ଡବମାନଙ୍କର ସେ ଯଥାର୍ଥରେ ସଖା । ସୁଖ-ଦୁଃଖ, ଭଲ-ମନ୍ଦ, ସୁଦିନ-ଦୁର୍ଦ୍ଦିନ ସବୁ ସମୟରେ ସେ ପାଣ୍ଡବମାନଙ୍କ

ପାଖରେ ଉପସ୍ଥିତ ରହିଛନ୍ତି । ରାଜସୂୟ ଯଜ୍ଞକାଳରେ ସେ ନିଜେ ସବୁକଥା ବୁଝିଛନ୍ତି । ପରିବାପତ୍ର କଟାଠାରୁ ଆରମ୍ଭ କରି ନିମନ୍ତ୍ରିତ ରାଜାଙ୍କର ଖାଦ୍ୟପେୟ, ଶନୟ ପ୍ରଭୃତି ସମସ୍ତ ପ୍ରକାର ବ୍ୟବସ୍ଥାର ସୁପରିଚାଳନା ଦାୟିତ୍ୱ ସେ ବହନ କରିଛନ୍ତି । ପାର୍ଥ ରଥରେ ସାରଥି ହୋଇ ସେ ନିଜ ବନ୍ଧୁବତ୍ସଳତା ପ୍ରମାଣିତ କରିଛନ୍ତି ।

ପାଣ୍ଡବମାନଙ୍କୁ ଯୁଦ୍ଧରେ ବିଜୟୀ କରିବାକୁ ସେ ସମସ୍ତ ପ୍ରକାର ହୀନ ଚକ୍ରାନ୍ତ ଓ କୂଟ ଷଡ଼ଯନ୍ତ୍ରର ଆଶ୍ରୟ ନେଇଛନ୍ତି । ଦ୍ରୋଣ, କର୍ଣ୍ଣ, ଭୀଷ୍ମ, ଜୟଦ୍ରଥ, ଦୁର୍ଯ୍ୟୋଧନ, ଅଭିମନ୍ୟୁ ପ୍ରଭୃତି ଯୋଦ୍ଧାଙ୍କୁ ସେ ଅନ୍ୟାୟ ଓ ଅନୀତି ରଣନୀତିରେ ନିଧନ କରାଇଛନ୍ତି । କେବଳ ସେତିକି ନୁହେଁ, କୁରୁକୁଳ ନାଶ ନିମନ୍ତେ ସେ ଅନେକ ଅସତ୍ ଉପାୟ ଅବଲମ୍ବନ କରି ପାଣ୍ଡବମାନଙ୍କ ସହାୟ ହୋଇଛନ୍ତି । ଅତି ଚଞ୍ଚଳତାର ସହିତ ସେ ଦୁର୍ଯ୍ୟୋଧନଙ୍କୁ ପାଣ୍ଡବମାନଙ୍କ ନିମନ୍ତେ ପାଞ୍ଚଖଣ୍ଡ ଗ୍ରାମ ମାଗିଥିଲେ । କୌରବମାନଙ୍କ ଦ୍ୱାରା ଏହା ପ୍ରତ୍ୟାଖ୍ୟାତ ହେବାର ଅନ୍ତରାଳରେ ଥିବା ପ୍ରଧାନ କାରଣ ହେଉଛି ଶ୍ରୀକୃଷ୍ଣଙ୍କ ଅନିଚ୍ଛାକୃତ ଚାତୁର୍ଯ୍ୟ । ଶ୍ରୀକୃଷ୍ଣଙ୍କଦ୍ୱାରା ଏହି ଗ୍ରାମ ପାଇବାର ପ୍ରାର୍ଥନା ଏପରି ଅଭିସନ୍ଧିପୂର୍ଣ୍ଣ ଭାଷାରେ କରାଯାଇଥିଲା ଯେ ତାହା ଯଦି କାର୍ଯ୍ୟକାରୀ ହୋଇଥାନ୍ତା, ତେବେ କୌରବମାନଙ୍କୁ ମୁଣ୍ଡ ଗୁଞ୍ଜିବାପାଇଁ ସାମାନ୍ୟ ସ୍ଥାନ ମଧ୍ୟ ମିଳି ନ ଥାନ୍ତା ।

ସାରଳାଙ୍କ ଲେଖନୀରେ ସେ ପୁଣି ଅତି ହୀନ ଓ ନୀଚ ପ୍ରକୃତିବିଶିଷ୍ଟ ଜଣେ ସାଧାରଣ ମଣିଷ । ପାରିଜାତ ହରଣ ଓ ଜରାସନ୍ଧ ବଧ ପ୍ରଭୃତି ବିବରଣୀରେ ତାଙ୍କର ଏ ପ୍ରକାର ନୀଚ କାର୍ଯ୍ୟର ପରିଚୟ ମିଳେ । ଜରାସନ୍ଧକୁ ମାରିବା ପାଇଁ ସେ ପ୍ରହରୀ ଗଧର ସହାୟତା ଲୋଡ଼ିଛନ୍ତି ଏବଂ ଶେଷରେ ଗଧର ପାଦ ମଧ୍ୟ ଛୁଇଁଛନ୍ତି । ତେଣୁ ଛଳେ ବଳେ କୌଶଳେ କାର୍ଯ୍ୟସାଧନ କରିବାରେ ସେ କୁଶଳୀ ଥିଲେ ।

ଭୀମସେନଙ୍କ ଔରସରୁ ଓ ନାଗକନ୍ୟା ଗର୍ଭରୁ ଜାତ ପୁତ୍ର ଅଦ୍ୱିତୀୟ ବୀର ବେଲାଳସେନକୁ ସେ କୌଶଳରେ ହତ୍ୟା କରାଇଛନ୍ତି । କାରଣ ବେଲାଳସେନ ଧନୁର୍ବିଦ୍ୟାରେ ଏତେ ପାରଙ୍ଗମ ଥିଲା ଯେ ଏକାକୀ ନିମିଷକ ମଧ୍ୟରେ କୁରୁକୁଳ ନିପାତ କରି ଯୁଦ୍ଧର ପରିସମାପ୍ତି ଘଟାଇ ପାରିଥାନ୍ତା; ଫଳତଃ ଶ୍ରୀକୃଷ୍ଣ ଅଠରଦିନ ଯୁଦ୍ଧ-କୌତୁକ ଦେଖିପାରି ନ ଥାନ୍ତେ ଓ ନିଜେ ହଟଚମଟ ଦେଖାଇବାର ସୁଯୋଗ ହରାଇଥାନ୍ତେ ।

ଶ୍ରୀକୃଷ୍ଣଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ କଳୁଷକାଳିମାରେ ପୂର୍ଣ୍ଣ । ରାଧାଙ୍କର ପ୍ରୀତିଲାଭ କରିବାପାଇଁ ସେ ଘୋର ନିନ୍ଦନୀୟ କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି । ସାରଳାଦାସ ତାଙ୍କୁ ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ ଇତ୍ୟାଦି ବିଦ୍ୟାରେ ନିପୁଣ ଜଣେ ଅତିଶୟ କାମୁକ ବ୍ୟକ୍ତିଭାବରେ ଚିତ୍ରଣ କରିଛନ୍ତି । ତାଙ୍କ ବଂଶୀର ଯାଦୁକାରୀ ସ୍ୱନବଳରେ ଷୋଳସହସ୍ର ଗୋପନାରୀଙ୍କୁ ନିର୍ଜନ ସ୍ଥାନକୁ ଆଣି ସେ ସେମାନଙ୍କ ସତୀତ୍ୱ ଅପହରଣ କରିଛନ୍ତି; ତେଣୁ ସେ ବହୁ ପାପର ଅଧିକାରୀ ହୋଇଛନ୍ତି ଓ ଏହି ପାପହେତୁ ମୃତ୍ୟୁପରେ ତାଙ୍କ ପିଣ୍ଡକୁ ଅଗ୍ନି ମଧ୍ୟ ସ୍ପର୍ଶ କରିନାହିଁ । ସମାଜସଚେତନ କବି ସାରଳାଦାସ ଶ୍ରୀକୃଷ୍ଣଙ୍କ ପରକୀୟା ପ୍ରେମର ଏପରି ପରିଣତି ଦର୍ଶାଇ ସାଧାରଣ ଜନତାକୁ ସତର୍କ କରାଇ ଦେଇଛନ୍ତି ।

ଶ୍ରୀକୃଷ୍ଣଙ୍କ ଚରିତ୍ରର ବିଭିନ୍ନ ଦିଗକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିଥିଲେ ମଧ୍ୟ ସାରଳାଦାସ ତାଙ୍କୁ ସର୍ବଶକ୍ତିମାନ ପରମପୁରୁଷ ବୋଲି ଜ୍ଞାନ କରିଛନ୍ତି । ତାଙ୍କର ଏସବୁ ଲୀଳାଖେଳା କେବଳ ଧରାରୁ ଅନ୍ୟାୟ ଓ ଅନୀତିର ନିରାକରଣ ନିମିତ୍ତ ଉଦ୍ଦିଷ୍ଟ ବୋଲି ସେ ଅନୁଭବ କରିପାରିଛନ୍ତି । ମହାଭାରତ ଯୁଦ୍ଧର ଅବସାନପରେ କାହାକୁ ସେ ବିଜୟ ଗୌରବରେ ମଣ୍ଡିତ କରାଇ ଦେଇ ନାହାନ୍ତି । ବିଜୟ ଗୌରବ ପ୍ରକୃତରେ କାହାର ପ୍ରାପ୍ୟ, ତାହା ସେ ପ୍ରମାଣ କରାଇଛନ୍ତି ଶୁଭସ୍ତମ୍ଭ ଉପରେ ଅବସ୍ଥାପିତ ଦିବ୍ୟଚକ୍ଷୁଷ୍ମାନ ବେଲାଳସେନର ଛିନ୍ନ ମସ୍ତକ ମୁଖରେ । ଛିନ୍ନ ମସ୍ତକ ପ୍ରକାଶ କରିଛି ଯେ, କେବଳ ଗୋଟିଏ ଚକ୍ର ସମସ୍ତଙ୍କ ମସ୍ତକ ଛେଦନ କରିବା ସେ ଦେଖିଛି । ଏଥିରେ ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣ କରିବାର ଉଦ୍ଦେଶ୍ୟ ନିହିତ ।

ଭୀମ :

ଦ୍ୱିତୀୟ ପାଣ୍ଡବ ଭୀମସେନ 'ସାରଳା ମହାଭାରତ'ରେ ନାୟକ। ସେ ବ୍ୟାସଦେବଙ୍କ ଲେଖନୀରେ ଜଣେ ବୀର, ବିବେକୀ ଓ ବିଚାରବନ୍ତ ପୁରୁଷ। କିନ୍ତୁ ସାରଳାଙ୍କ ଲେଖନୀରେ ସେ ବୀର ହେଲେହେଁ ବିବେକୀ ଓ ବିଚାରବନ୍ତ ନ ହୋଇ ହୋଇଛନ୍ତି ବିଦ୍ୟାବୁଦ୍ଧି ବିବର୍ଜିତ ହୁଣ୍ଡା, ହୁରୁମା। ସେ ଏତେ ବଳଶାଳୀ ଯେ ଜନ୍ମହେଲା ମାତ୍ରକେ ତାଙ୍କ ପାଦର କନିଷ୍ଠ ଅଙ୍ଗୁଳି ସ୍ପର୍ଶରେ ଦର୍ପିତ ଶତଶୃଙ୍ଗର ଏକ ଉନ୍ନତଶିର ଚୂର୍ଣ୍ଣୀଭୂତ ହୋଇଛି ଏବଂ ଶିଶୁ ଅବସ୍ଥାରେ କ୍ରନ୍ଦନ କରୁଥିବା ସମୟରେ ତାଙ୍କ ପାଦର ଆଘାତରେ ଏକ ବାଘ ମୃତ୍ୟୁବରଣ କରିଛି।

ତାଙ୍କ ବୀରତ୍ୱର ମଧ୍ୟ ତୁଳନା ନାହିଁ। ଦ୍ରୌପଦୀ ସ୍ୱୟଂବର ପରେ ଈର୍ଷାଳୁ ଅସଫଳ ରାଜନ୍ୟବର୍ଗ ପାଣ୍ଡବମାନଙ୍କୁ ଆକ୍ରମଣ କରିବାରୁ ଭୀମ ଗୋଟିଏ ତେନ୍ତୁଳି ଗଛ ଓପାଡ଼ି ସେମାନଙ୍କୁ ନିସ୍ତୁକ ପ୍ରହାର କରିଛନ୍ତି। ସେହିପରି ପ୍ରଦ୍ୱେଷୀ ମଲ୍ଲ ସହିତ ଯୁଦ୍ଧରେ ଏବଂ ଶିବପୁର ଆକ୍ରମଣକାରୀ ଚଣ୍ଡାଳଙ୍କ ଆକ୍ରମଣର ମୁକାବିଲା କରିବାରେ ଭୀମଙ୍କ ବୀରତ୍ୱ ଫୁଟିଉଠିଛି। ଦୁଃଶାସନ ଯେଉଁ ହସ୍ତରେ ଦ୍ରୌପଦୀଙ୍କ କେଶାକର୍ଷଣ କରିଥିଲା, ଭୀମ ସେହି ଭୁଜ ଉତ୍ପାଟନ କରି ପ୍ରତିଶୋଧ ନେଇଛନ୍ତି; ଦୁର୍ଯ୍ୟୋଧନର ଉରୁଭଙ୍ଗ କରି ଲାଞ୍ଛିତା ଦ୍ରୌପଦୀଙ୍କର ହୃତ ସମ୍ମାନ ଫେରାଇ ଆଣିଛନ୍ତି। ଗ୍ରନ୍ଥର ଅନ୍ୟାନ୍ୟ ବହୁ ସ୍ଥଳରେ ଭୀମଙ୍କର ଏହିପରି ବୀରତ୍ୱର ପରିଚୟ ମିଳିଥାଏ।

ଭୀମ ଅନ୍ନଲୋଭୀ, ପେଟୁ। ବାଲ୍ୟକାଳରେ ସେ ଲୁଚିଲୁଚି ରନ୍ଧାଯାଇଥିବା ଖାଦ୍ୟ ଖାଆନ୍ତି। ଷାଠିଏ ପଉଟୀ ଅନ୍ନରେ ମଧ୍ୟ ତାଙ୍କର କ୍ଷୁଧା କମେନି। ଭୋଜନ ତାଙ୍କର ଏକ ପ୍ରଧାନ ଚିନ୍ତା; ଏଣୁ ଖାଦ୍ୟରେ ସ୍ୱାଦୁ ଅସ୍ୱାଦୁ ବାରିବାର ସୁଯୋଗ ତାଙ୍କର ନ ଥାଏ।

ଭୀମ କଥାବାର୍ତ୍ତାରେ ସଂଯମ ରକ୍ଷା କରିପାରନ୍ତି ନାହିଁ। ସାରଳାଦାସ ତାଙ୍କୁ ଜଣେ ପେଟୁ ଓ ହୁଙ୍କାପିଟା ନିର୍ବୋଧ ଉତ୍କଳୀୟ ହିସାବରେ ଚିତ୍ରଣ କରିଥିବାରୁ, ସେ ଏହିପରି ସ୍ୱଭାବର ଅଧିକାରୀ ହେବା ସ୍ୱଭାବସିଦ୍ଧ। ସେ କୁନ୍ତୀଙ୍କୁ କ୍ରୋଧବଶତଃ ପ୍ରହାର କରିବାକୁ ଉଦ୍ୟତ ହୋଇଛନ୍ତି, ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ କୁଣ୍ଠିତ ହୋଇ ନାହାନ୍ତି। ଯୁଦ୍ଧ ଶେଷରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ସେମାନଙ୍କ ମୃତ ପୁତ୍ରମାନଙ୍କ ଶ୍ରାଦ୍ଧ ନିମନ୍ତେ ଗୟାତୀର୍ଥକୁ ଗମନ କରିଛନ୍ତି। ସେମାନଙ୍କ ସାଧୁବେଶ ଧାରଣ ଦେଖି ଭୀମ ସେମାନଙ୍କୁ ଉପହାସ କରିଛନ୍ତି। ପରମ୍ପରାପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବାରେ ସେ ଆଗ୍ରହୀ ନୁହନ୍ତି, ଅମଡ଼ା ମାଡ଼ିଯିବାରେହିଁ ତାଙ୍କର ଆନନ୍ଦ।

ଭୀମ ବିରାଟ କର୍ମଯୋଗୀ। ସେ ଧର୍ମ, ପୂଜାଦିର ଧାର ଧାରନ୍ତି ନାହିଁ। ପବିତ୍ର ଶାଳଗ୍ରାମ ଶିଳାରେ ପାଦ ଘଷି ପାଦରୁ ମଳି ଛଡ଼ାନ୍ତି ଓ ଝକମକି ପଥର ଭାବରେ ତାହା ବ୍ୟବହାର କରି ନିଆଁ ବାହାର କରନ୍ତି। ଭଲ ରାନ୍ଧୁଣିଆ ହିସାବରେ ତାଙ୍କର ବହୁ ଖ୍ୟାତି। ସଭାପର୍ବରେ ବର୍ଣ୍ଣିତ ରାଜସୂୟ ଯଜ୍ଞରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ସେ ଏକାକୀ ରୋଷେଇ କରି ପରଷିଛନ୍ତି।

କେବଳ ଆହାର ବା ସଂଗ୍ରାମରେ ନୁହେଁ, ସାରଳାଙ୍କ ଲେଖନୀରେ ଭୀମ ଶୃଙ୍ଗାରରେ ମଧ୍ୟ ପାରଙ୍ଗମ। ହିଡ଼ମ୍ବିକୀ ରାକ୍ଷସୀ ସହିତ ସେ ସାତ ବର୍ଷକାଳ ଶୃଙ୍ଗାରରେ ମାତିବା ପରେ ଘଟୋତ୍କଚ ଜନ୍ମଲାଭ କରିଛି। ଭୀମଙ୍କ ଶୃଙ୍ଗାର ସମୟରେ ଦ୍ରୌପଦୀ ଅଗ୍ନିରେ ଆତ୍ମଗୋପନ କରିଛନ୍ତି। କାଳଞ୍ଜି ରାକ୍ଷସୀ ସହିତ ତାଙ୍କର ଯେଉଁ ଶୃଙ୍ଗାର ବର୍ଣ୍ଣିତ ହୋଇଛି, ସେଥିରୁ ଭୀମଙ୍କ ଶୃଙ୍ଗାର ଲାଳସାର ପରିଚୟ ମିଳେ।

ହୁଣ୍ଡା, ହୁରୁମା ହେଲେ ମଧ୍ୟ ସେ ଯୁଧିଷ୍ଠିରଙ୍କର ଏକାନ୍ତ ଅନୁଗତ। ଦୃଢ଼ ମାନସିକ ଶକ୍ତିର ଅଧିକାରୀ ହୋଇଥିବାରୁ ସେ ସ୍ୱର୍ଗାରୋହଣ ପର୍ବରେ ଶେଷ ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାର ମୁଖରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ମୋଟ ଉପରେ, ସଂପୂର୍ଣ୍ଣ ଛଳନାହୀନ ଏହି ଚରିତ୍ରଟି ସାରଳାଙ୍କ ଲେଖନୀରେ ଉଗ୍ର ଓ ସୁନ୍ଦର। ସାରଳାଙ୍କର ଏହି ଚରିତ୍ରଟି ବ୍ୟାସଦେବଙ୍କ ଭୀମ ସହିତ ଆଦୌ ସାମ୍ୟ ରଖେ ନାହିଁ। ଯାହାହେଲେ ମଧ୍ୟ ସାରଳାଦାସଙ୍କ ଭୀମ ଚରିତ୍ରଟି ଅନନ୍ୟ ଓ ସାର୍ଥକ।

ଶକୁନି :

ଶକୁନି ଚରିତ୍ର 'ବିଷକୁମ୍ଭ ପୟୋମୁଖମ୍' ଉକ୍ତିର ଏକ ଜୀବନ୍ତ ପରିପ୍ରକାଶ। ଭୀଷଣ ପ୍ରତିହିଂସାପରାୟଣ, କୁଟିଳବୁଦ୍ଧିସମ୍ପନ୍ନ, ସୁଦକ୍ଷ ମନ୍ତ୍ରଣାଦାତା ଓ ରାଜନୁରକ୍ତ ଚରିତ୍ର ହିସାବରେ ତାଙ୍କୁ ସାରଳାଦାସ ଚିତ୍ରଣ କରିଛନ୍ତି।

'ଗୋଲକ ପୁତ୍ର' ଭାବରେ ଭୀମଙ୍କ ଦ୍ୱାରା ଅପମାନିତ ହେବାପରେ ମହାମାନୀ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କୁ ନିଜର ଜନ୍ମବୃତ୍ତାନ୍ତ ପଚାରିଛନ୍ତି। ଗାନ୍ଧାରୀଙ୍କଠାରୁ ନିଜର ଜନ୍ମବୃତ୍ତାନ୍ତ ଶୁଣିବା ପରେ ସେ ଖୁବ୍ ଉତ୍ୟକ୍ତ ହୋଇପଡ଼ିଛନ୍ତି। ମାତାମହ ଗାନ୍ଧାରସେନ ରାଜା ଜାଣିଜାଣି ବାଇଶଜଣ ରାଜାଙ୍କୁ ବିବାହକରି ବିଧବା ହୋଇଥିବା ନିଜ କନ୍ୟା ଗାନ୍ଧାରୀଙ୍କୁ ଧୃତରାଷ୍ଟ୍ରଙ୍କୁ ବିବାହ ଦେଇଥିବାରୁ ସେ ଏହାର ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ସେ ଗାନ୍ଧାରସେନଙ୍କ ସମେତ ତାଙ୍କ ପରିବାରର ସମସ୍ତଙ୍କୁ ଅନ୍ଧକାର ଗୃହ ମଧ୍ୟରେ ନିକ୍ଷେପ କରି ତିଳେ ତିଳେ ହତ୍ୟା କରିଛନ୍ତି। ଏହି ଘଟଣାର ପ୍ରତିଶୋଧ ନେବାପାଇଁ କେବଳ ଚତୁରତାର ସହିତ ବଞ୍ଚି ଯାଇଛନ୍ତି ଶକୁନି ଏବଂ କୌଶଳକ୍ରମେ ଶେଷରେ ସେ ଦୁର୍ଯ୍ୟୋଧନଙ୍କର ମନ୍ତ୍ରୀ ଓ ମୁଖ୍ୟ ପରାମର୍ଶଦାତା ହୋଇଛନ୍ତି।

ତୋଷାମଦପୂର୍ଣ୍ଣ ବ୍ୟବହାରରେ ସେ ଦୁର୍ଯ୍ୟୋଧନଙ୍କୁ ବୁଡ଼ାଇ ରଖିଛନ୍ତି। ତାଙ୍କ ଉପଦେଶ ବ୍ୟତୀତ ଅନ୍ୟ କାହାରି ଉପଦେଶ ଗ୍ରହଣ କରି ନାହାନ୍ତି ଦୁର୍ଯ୍ୟୋଧନ। ନିଜ ପିତା ଗାନ୍ଧାରସେନଙ୍କ ଅସ୍ଥିରେ ଶକୁନି ନିର୍ମାଣ କରିଛନ୍ତି ପଶାକାଠି ଏବଂ କୁରୁ ଓ ପାଣ୍ଡବଙ୍କ ମଧ୍ୟରେ ପଶାଖେଳର ଆୟୋଜନ କରାଇ ସେ ପାଣ୍ଡବମାନଙ୍କୁ ବନବାସ କରାଇଛନ୍ତି। ଦୁର୍ଯ୍ୟୋଧନଙ୍କୁ କୁଶିକ୍ଷା ଦେଇ ସେ ପାଣ୍ଡବମାନଙ୍କ ବିରୋଧରେ ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ କରାଇଛନ୍ତି, ଉଦ୍ଦେଶ୍ୟ– ପାଣ୍ଡବମାନଙ୍କୁ ପ୍ରତିହିଂସାନଳରେ ଜଳାଇ ସେମାନଙ୍କଦ୍ୱାରା କୁରୁବଳ ଧ୍ୱଂସ କରିବା।

କୁଚକ୍ରୀ ଶକୁନି ନିଜ ବୁଦ୍ଧିବଳରେ ମହାଭାରତ ଯୁଦ୍ଧର ଶେଷ ପର୍ଯ୍ୟନ୍ତ ବଞ୍ଚିରହିଛନ୍ତି ଏବଂ ଯୁଦ୍ଧର ଶେଷଦିନ ସହଦେବ ହାତରେ ନିହତ ହୋଇଛନ୍ତି। ତାଙ୍କ ମୃତ୍ୟୁରେ ଧୃତରାଷ୍ଟ୍ର ଖୁବ୍ ଖୁସି ହୋଇଛନ୍ତି। ମହାଭାରତର ଏହି କୁଚକ୍ରୀ ଚରିତ୍ର ଶକୁନି ଜଗତବିଖ୍ୟାତ ପାଶ୍ଚାତ୍ୟ ନାଟ୍ୟକାର ସେକ୍ସପିଅରଙ୍କ ଚରିତ୍ର ଇଆଗୋଠାରୁ ମଧ୍ୟ ସୈତାନୀରେ ବଳିଯାଇଛନ୍ତି।

**ଦୁର୍ଯ୍ୟୋଧନ :**

ସମସ୍ତ ଦ୍ୱନ୍ଦ୍ୱର ମୂଳ କାରଣ ଦୁର୍ଯ୍ୟୋଧନ ହେଲେହେଁ ସାରଳାଦାସଙ୍କ ଲେଖନୀରେ ସେ ମାନଗୋବିନ୍ଦ ଭାବରେ ଚିତ୍ରିତ। ତାଙ୍କ ସ୍କନ୍ଧରେ ଶେଷ ପର୍ଯ୍ୟନ୍ତ ଲକ୍ଷ୍ମୀ ଅବସ୍ଥାନ କରୁଥିଲେ ବୋଲି କବି ପ୍ରକାଶ କରିଛନ୍ତି। ପ୍ରତିନାୟକ ଭାବରେ ଚିତ୍ରିତ ମହାଭାରତ ମହାକାବ୍ୟର ଏହି ଚରିତ ସାରଳାଦାସଙ୍କର ଏକ ସାର୍ଥକ ସୃଷ୍ଟି।

ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ପ୍ରତିହିଂସା-ପରାୟଣ। ଝିମିଟି ଖେଳରେ ପାଣ୍ଡବଙ୍କଦ୍ୱାରା ବାରମ୍ବାର ପରାସ୍ତ ହେବା ସମୟରୁ ସେମାନଙ୍କପ୍ରତି ସେ ଅସୂୟାଭାବ ପୋଷଣ କରୁଥିଲେ। ସେହିପରି ଭୀମଙ୍କୁ 'ପବନ ପୁତ୍ର' କହି ଯେଉଁ ବୁମେରାଂ ସେ ନିକ୍ଷେପ କରୁଥିଲେ, ତାହା 'ଗୋଲକ ପୁତ୍ର' ଭାବରେ ଫେରିଆସି ତାଙ୍କୁ ବିଦ୍ଧ କରିଥିବାରୁ ସେ 'ଗୋଲକ ପୁତ୍ର'ର ରହସ୍ୟ ମାତା ଗାନ୍ଧାରୀଠାରୁ ବୁଝିଲେ। ଜାଣିଶୁଣି ମାତାମହ ଗାନ୍ଧାରସେନ ଧୃତରାଷ୍ଟ୍ରଙ୍କ ସହିତ ତାଙ୍କର ବିଧବା କନ୍ୟା ଗାନ୍ଧାରୀଙ୍କୁ ବିବାହ ବନ୍ଧନରେ ଛନ୍ଦିଦେଇ ତାଙ୍କ ମୁଣ୍ଡରେ କଳଙ୍କର ଟୀକା ପିନ୍ଧାଇ ଦେଇଥିବାରୁ ସେ ଗାନ୍ଧାରସେନଙ୍କ ସମେତ ତାଙ୍କର ସମସ୍ତ ପରିବାରବର୍ଗଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରିଥିଲେ। କେବଳ ବଞ୍ଚିଯାଇଥିଲେ ମାତୁଳ ଶକୁନି, ଯାହାଙ୍କୁ ପରବର୍ତ୍ତୀକାଳରେ ନିଜର ମନ୍ତ୍ରୀରୂପେ ଅବସ୍ଥାପିତ କରି ସେ ତାଙ୍କ ଚକ୍ରାନ୍ତର ଶିକାର ହୋଇଥିଲେ। ସଂକୀର୍ଣ୍ଣ ଆଭିଜାତ୍ୟବୋଧ ଓ ଦୁର୍ଜ୍ଜୟ ଆମାଭିମାନ
ଦେଖାଦେଇଥିଲା ଏବଂ କୁରୁବଂଶର ପତନରେ ସହାୟକ ହୋଇଥିଲା।

ଅସୀମ ବୀରତ୍ୱର

ଶକୁନି ଚରିତ୍ର 'ବିଷକୁମ୍ଭ ପୟୋମୁଖମ୍' ଉକ୍ତିର ଏକ ଜୀବନ୍ତ ପରିପ୍ରକାଶ । ଭୀଷଣ ପ୍ରତିହିଂସାପରାୟଣ, କୁଟିଳବୁଦ୍ଧିସମ୍ପନ୍ନ, ସୁଦକ୍ଷ ମନ୍ତ୍ରଣାଦାତା ଓ ରାଜନୁରକ୍ତ ଚରିତ୍ର ହିସାବରେ ତାଙ୍କୁ ସାରଳାଦାସ ଚିତ୍ରଣ କରିଛନ୍ତି ।

'ଗୋଲକ ପୁତ୍ର' ଭାବରେ ଭୀମଙ୍କ ଦ୍ୱାରା ଅପମାନିତ ହେବାପରେ ମହାମାନୀ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କୁ ନିଜର ଜନ୍ମବୃତ୍ତାନ୍ତ ପଚାରିଛନ୍ତି । ଗାନ୍ଧାରୀଙ୍କଠାରୁ ନିଜର ଜନ୍ମବୃତ୍ତାନ୍ତ ଶୁଣିବା ପରେ ସେ ଖୁବ୍ ଉତ୍ୟକ୍ତ ହୋଇପଡ଼ିଛନ୍ତି । ମାତାମହ ଗାନ୍ଧାରସେନ ରାଜା ଜାଣିଜାଣି ବାଇଶଜଣ ରାଜାଙ୍କୁ ବିବାହକରି ବିଧବା ହୋଇଥିବା ନିଜ କନ୍ୟା ଗାନ୍ଧାରୀଙ୍କୁ ଧୃତରାଷ୍ଟ୍ରଙ୍କୁ ବିବାହ ଦେଇଥିବାରୁ ସେ ଏହାର ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି । ସେ ଗାନ୍ଧାରସେନଙ୍କ ସମେତ ତାଙ୍କ ପରିବାରର ସମସ୍ତଙ୍କୁ ଅନ୍ଧକାର ଗୃହ ମଧ୍ୟରେ ନିକ୍ଷେପ କରି ତିଳେ ତିଳେ ହତ୍ୟା କରିଛନ୍ତି । ଏହି ଘଟଣାର ପ୍ରତିଶୋଧ ନେବାପାଇଁ କେବଳ ଚତୁରତାର ସହିତ ବଞ୍ଚି ଯାଇଛନ୍ତି ଶକୁନି ଏବଂ କୌଶଳକ୍ରମେ ଶେଷରେ ସେ ଦୁର୍ଯ୍ୟୋଧନଙ୍କର ମନ୍ତ୍ରୀ ଓ ମୁଖ୍ୟ ପରାମର୍ଶଦାତା ହୋଇଛନ୍ତି ।

ତୋଷାମଦପୂର୍ଣ୍ଣ ବ୍ୟବହାରରେ ସେ ଦୁର୍ଯ୍ୟୋଧନଙ୍କୁ ବୁଡ଼ାଇ ରଖିଛନ୍ତି । ତାଙ୍କ ଉପଦେଶ ବ୍ୟତୀତ ଅନ୍ୟ କାହାରି ଉପଦେଶ ଗ୍ରହଣ କରି ନାହାନ୍ତି ଦୁର୍ଯ୍ୟୋଧନ । ନିଜ ପିତା ଗାନ୍ଧାରସେନଙ୍କ ଅସ୍ଥିରେ ଶକୁନି ନିର୍ମାଣ କରିଛନ୍ତି ପଶାକାଠି ଏବଂ କୁରୁ ଓ ପାଣ୍ଡବଙ୍କ ମଧ୍ୟରେ ପଶାଖେଳର ଆୟୋଜନ କରାଇ ସେ ପାଣ୍ଡବମାନଙ୍କୁ ବନବାସ କରାଇଛନ୍ତି । ଦୁର୍ଯ୍ୟୋଧନଙ୍କୁ କୁଶିକ୍ଷା ଦେଇ ସେ ପାଣ୍ଡବମାନଙ୍କ ବିରୋଧରେ ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ କରାଇଛନ୍ତି, ଉଦ୍ଦେଶ୍ୟ– ପାଣ୍ଡବମାନଙ୍କୁ ପ୍ରତିହିଂସାନଳରେ ଜଳାଇ ସେମାନଙ୍କଦ୍ୱାରା କୁରୁବଳ ଧ୍ୱଂସ କରିବା ।

କୁଟକ୍ରୀ ଶକୁନି ନିଜ ବୁଦ୍ଧିବଳରେ ମହାଭାରତ ଯୁଦ୍ଧର ଶେଷ ପର୍ଯ୍ୟନ୍ତ ବଞ୍ଚିରହିଛନ୍ତି ଏବଂ ଯୁଦ୍ଧର ଶେଷଦିନ ସହଦେବ ହାତରେ ନିହତ ହୋଇଛନ୍ତି । ତାଙ୍କ ମୃତ୍ୟୁରେ ଧୃତରାଷ୍ଟ୍ର ଖୁବ୍ ଖୁସି ହୋଇଛନ୍ତି । ମହାଭାରତର ଏହି କୁଟକ୍ରୀ ଚରିତ୍ର ଶକୁନି ଜଗତବିଖ୍ୟାତ ପାଶ୍ଚାତ୍ୟ ନାଟ୍ୟକାର ସେକ୍ସପିଅରଙ୍କ ଚରିତ୍ର ଇଆଗୋଠାରୁ ମଧ୍ୟ ସୈତାନୀରେ ବଳିଯାଇଛନ୍ତି ।

**ଦୁର୍ଯ୍ୟୋଧନ :**

ସମସ୍ତ ଦ୍ୱନ୍ଦ୍ୱର ମୂଳ କାରଣ ଦୁର୍ଯ୍ୟୋଧନ ହେଲେହେଁ ସାରଳାଦାସଙ୍କ ଲେଖନୀରେ ସେ ମାନଗୋବିନ୍ଦ ଭାବରେ ଚିତ୍ରିତ । ତାଙ୍କ ସ୍କନ୍ଧରେ ଶେଷ ପର୍ଯ୍ୟନ୍ତ ଲକ୍ଷ୍ମୀ ଅବସ୍ଥାନ କରୁଥିଲେ ବୋଲି କବି ପ୍ରକାଶ କରିଛନ୍ତି । ପ୍ରତିନାୟକ ଭାବରେ ଚିତ୍ରିତ ମହାଭାରତ ମହାକାବ୍ୟର ଏହି ଚରିତ ସାରଳାଦାସଙ୍କର ଏକ ସାର୍ଥକ ସୃଷ୍ଟି ।

ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ପ୍ରତିହିଂସା-ପରାୟଣ । ଝିମିଟି ଖେଳରେ ପାଣ୍ଡବଙ୍କଦ୍ୱାରା ବାରମ୍ବାର ପରାସ୍ତ ହେବା ସମୟରୁ ସେମାନଙ୍କପ୍ରତି ସେ ଅସୂୟାଭାବ ପୋଷଣ କରୁଥିଲେ । ସେହିପରି ଭୀମଙ୍କୁ 'ପବନ ପୁତ୍ର' କହି ଯେଉଁ ବୁମେରାଂ ସେ ନିକ୍ଷେପ କରୁଥିଲେ, ତାହା 'ଗୋଲକ ପୁତ୍ର' ଭାବରେ ଫେରିଆସି ତାଙ୍କୁ ବିଦ୍ଧ କରିଥିବାରୁ ସେ 'ଗୋଲକ ପୁତ୍ର'ର ରହସ୍ୟ ମାତା ଗାନ୍ଧାରୀଠାରୁ ବୁଝିଲେ । ଜାଣିଶୁଣି ମାତାମହ ଗାନ୍ଧାରସେନ ଧୃତରାଷ୍ଟ୍ରଙ୍କ ସହିତ ତାଙ୍କର ବିଧବା କନ୍ୟା ଗାନ୍ଧାରୀଙ୍କୁ ବିବାହ ବନ୍ଧନରେ ଛନ୍ଦିଦେଇ ତାଙ୍କ ମୁଣ୍ଡରେ କଳଙ୍କର ଟୀକା ପିନ୍ଧାଇ ଦେଇଥିବାରୁ ସେ ଗାନ୍ଧାରସେନଙ୍କ ସମେତ ତାଙ୍କର ସମସ୍ତ ପରିବାରବର୍ଗଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରିଥିଲେ । କେବଳ ବଞ୍ଚିଯାଇଥିଲେ ମାତୁଳ ଶକୁନି, ଯାହାଙ୍କୁ ପରବର୍ତ୍ତୀକାଳରେ ନିଜର ମନ୍ତ୍ରୀରୂପେ ଅବସ୍ଥାପିତ କରି ସେ ତାଙ୍କ ଚକ୍ରାନ୍ତର ଶିକାର ହୋଇଥିଲେ । ସଂକୀର୍ଣ୍ଣ ଆଭିଜାତ୍ୟବୋଧ ଓ ଦୁର୍ଜ୍ଜୟ ଆତ୍ମାଭିମାନ ତାଙ୍କର ପ୍ରଧାନ ଶତ୍ରୁରୂପେ ଦେଖାଦେଇଥିଲା ଏବଂ କୁରୁବଂଶର ପତନରେ ସହାୟକ ହୋଇଥିଲା ।

ଅସୀମ ବୀରତ୍ୱର ଅଧିକାରୀ ଦୁର୍ଯ୍ୟୋଧନଙ୍କର ଗଦାଯୁଦ୍ଧରେ ସମକକ୍ଷ ଥିଲେ କେବଳ ବଳରାମ । ଜୀବନର ଶେଷ ମୁହୂର୍ତ୍ତ

ପର୍ଯ୍ୟନ୍ତ ସେ ନିଜ ଗର୍ବିତ ଶିର ଅବନତ କରି ନ ଥିଲେ। ଉରୁଭଗ୍ନ ଦୁର୍ଯ୍ୟୋଧନଙ୍କ ନିକଟରେ ବଳରାମ ଆସି ପହଞ୍ଚିଲେ ତାଙ୍କୁ ସାହାଯ୍ୟ କରିବାକୁ; ମାତ୍ର ଅହଂକାରୀ ଦୁର୍ଯ୍ୟୋଧନ ତାଙ୍କୁ ନମସ୍କାର କରିବାକୁ ଇଚ୍ଛା କଲେ ନାହିଁ, ଏପରିକି ମୁଣ୍ଡ ଟେକି ମଧ୍ୟ ଅନାଇଲେ ନାହିଁ। ତାଙ୍କର ଅତିମାନରୁ କୁରୁବଂଶ ଧ୍ୱଂସ ପାଇଲା।

ଦୁର୍ଯ୍ୟୋଧନଙ୍କ ନିର୍ଲଜ ତଥା କାମୁକ ରୂପ ଦେଖିବାକୁ ମିଳେ ଦ୍ରୌପଦୀଙ୍କ ବସ୍ତ୍ରହରଣ କାଳରେ। ଅତ୍ୟନ୍ତ ଲଜ୍ଜାହୀନ ଭାବରେ ସେ ଦୁଃଶାସନକୁ ଆଦେଶ ଦେଇଛନ୍ତି ଦ୍ରୌପଦୀଙ୍କୁ ଉଲଗ୍ନ କରିବାକୁ। ପାଞ୍ଚଖଣ୍ଡ ଗ୍ରାମ ଭିକ୍ଷା କରିବାକୁ ଯାଇଥିବା ଶ୍ରୀକୃଷ୍ଣଙ୍କୁ ସେ କୁତ୍ସିତଭାବରେ ଅପମାନିତ କରିଛନ୍ତି, ଯାହା ତାଙ୍କ ପରସ୍ୱାପହରଣ ମନୋଭାବର ପରିଚୟ ଦିଏ।

ନିଷ୍ଠୁର ଓ କୁଟକ୍ରୀ ହେଲେହେଁ ତାଙ୍କ ମନ ମଧ୍ୟରେ ସ୍ୱଜନଙ୍କ ନିମନ୍ତେ ସ୍ନେହ ଶ୍ରଦ୍ଧାର ଧାରା ଶୁଷ୍କ ହୋଇଯାଇ ନ ଥିଲା। ଗଦାପର୍ବରେ ବର୍ଣ୍ଣିତ ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ କାଳରେ ନିଜର ଆତ୍ମୀୟ ସ୍ୱଜନଙ୍କ ଶବମାନ ଦେଖି ତାଙ୍କ ହୃଦୟ ଦ୍ରବୀଭୂତ ହୋଇଯାଇଛି। ସେ ପଞ୍ଚପାଣ୍ଡବଙ୍କ ଛିନ୍ନମସ୍ତକ ଦେଖିବାର ଅଭିଳାଷ ପୋଷଣ କରିଥିବାରୁ, ଅଶ୍ୱତ୍ଥାମା ଭ୍ରମବଶତଃ ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କ ଛିନ୍ନ ମସ୍ତକ ଆଣି ତାଙ୍କୁ ଦେଇଛନ୍ତି। ଛିନ୍ନଶିରଗୁଡ଼ିକରୁ ଦ୍ରୌପଦୀଙ୍କ ପଞ୍ଚପୁତ୍ରମାନଙ୍କୁ ଚିହ୍ନିପାରି ତାଙ୍କ ନିଷ୍ଠୁର ହୃଦୟ ପିତୃତ୍ୱର କୋମଳତାରେ ଦ୍ରବୀଭୂତ ହୋଇଯାଇଛି। ଅନୁତାପାନଳରେ ଦଗ୍ଧୀଭୂତ ହୋଇ ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି।

ଅର୍ଜ୍ଜୁନ :

ଅର୍ଜ୍ଜୁନ ଚରିତ୍ରଟିକୁ ସାରଳାଦାସ ସମସ୍ତ ପ୍ରକାର ଉତ୍ତମ ଗୁଣରେ ଭୂଷିତ କରିଛନ୍ତି। ତେଣୁ କେତେଜଣ ଆଲୋଚକ ତାଙ୍କୁ ସାରଳା ମହାଭାରତର ନାୟକ ଭାବେ ଗ୍ରହଣ କରନ୍ତି।

ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ପରମ ସଖା, ପରମ ଭକ୍ତ ମଧ୍ୟ। ତାଙ୍କ ଭକ୍ତିମତ୍ତାର ପରିଚୟ ମିଳେ ମଧ୍ୟପର୍ବରେ, ଯେତେବେଳେ ସେ ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ବେଶର ରହସ୍ୟ ଭେଦ କରିବା ନିମନ୍ତେ ସମର୍ଥ ହୋଇଛନ୍ତି।

ଜ୍ଞାତି କୁଟୁମ୍ବଙ୍କ ନିମନ୍ତେ ତାଙ୍କ ମନରେ ସର୍ବଦା ଶ୍ରଦ୍ଧା ଓ ଭକ୍ତି ରହିଥିଲା। ମହାଭାରତ ଯୁଦ୍ଧର ଆରମ୍ଭରେ ପ୍ରତିପକ୍ଷରେ ନିଜର ଆତ୍ମୀୟ ସ୍ୱଜନଙ୍କୁ ଦେଖି ସେ ଯୁଦ୍ଧ ନ କରିବା ଉଦ୍ଦେଶ୍ୟରେ ଅସ୍ତ୍ରତ୍ୟାଗ କରିଥିଲେ। ତାପରେ ଶ୍ରୀକୃଷ୍ଣଙ୍କ ଗୁରୁତ୍ୱପୂର୍ଣ୍ଣ ଉପଦେଶହିଁ ତାଙ୍କୁ ଅସ୍ତ୍ରଧାରଣ କରିବା ନିମନ୍ତେ ପ୍ରବର୍ତ୍ତାଇ ଥିଲା। ଧର୍ମର ପ୍ରତିଷ୍ଠା, ସାଧୁମାନଙ୍କର ହିତସାଧନ ଓ ବିଶ୍ୱର ପବିତ୍ର ପରମ୍ପରାର ପ୍ରତିଷ୍ଠା ନିମନ୍ତେ ସେ ଧନୁର୍ଦ୍ଧାରଣ କରିଥିଲେ।

ଏକଦା ଯୁଦ୍ଧରେ ପରାସ୍ତ ହୋଇ ଦୁର୍ଯ୍ୟୋଧନ ଚିତ୍ରସେନ ଗନ୍ଧର୍ବଦ୍ୱାରା ବନ୍ଧାହୋଇ କଷ୍ଟଭୋଗ କରୁଥିଲେ। ଶତ୍ରୁ ହେଲେ ସୁଦ୍ଧା ଦୁର୍ଯ୍ୟୋଧନ ତାଙ୍କର ଭାଇ। ତେଣୁ ଏ ଅପମାନ ଅର୍ଜ୍ଜୁନଙ୍କୁ ଖୁବ୍ ବାଧିଲା। ସେ ସମସ୍ତ ଶତ୍ରୁତା ଭୁଲି ଦୁର୍ଯ୍ୟୋଧନଙ୍କୁ ଏ ବିପଦରୁ ରକ୍ଷାକଲେ। ଏହା ତାଙ୍କ ଗଭୀର ଭ୍ରାତୃପ୍ରେମର ଏକ ବଳିଷ୍ଠ ଦୃଷ୍ଟାନ୍ତ।

ସେ ଧନୁର୍ବିଦ୍ୟାରେ ନିପୁଣ ଥିବାର ପ୍ରମାଣ ବହୁ ଉପାଖ୍ୟାନରୁ ମିଳେ। ଲାଖବିନ୍ଧାରେ କୃତକାର୍ଯ୍ୟ ହେବା ଏବଂ ବହୁ ରାଜା, ରାକ୍ଷସ ଇତ୍ୟାଦିଙ୍କୁ ପରାସ୍ତ ଓ ନିଧନ କରିବା ପ୍ରସଙ୍ଗ ତାଙ୍କ ବୀରତ୍ୱର ପରିଚୟ ଦିଏ।

ସେ ସ୍ଥିତପ୍ରଜ୍ଞ ଓ ଜିତେନ୍ଦ୍ରିୟ। ବନପର୍ବରେ ସେ ନିକୁମ୍ଭଦୈତ୍ୟ ଦ୍ୱାରା ଅପହୃତା ରମ୍ଭାର କନ୍ୟା ହାରାବତୀର ପ୍ରେମ ପ୍ରତ୍ୟାଖ୍ୟାନ କରି ତାକୁ ପରଦାରା ଶୃଙ୍ଗାରର ମନ୍ଦଫଳ ବିଷୟରେ ଧାରଣା ଦେଇଛନ୍ତି। ତାଙ୍କ ପ୍ରତି ଆସକ୍ତା ସୁଭଦ୍ରାଙ୍କ ପ୍ରେମକୁ ମଧ୍ୟ ସେ ବାରମ୍ବାର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିପାଇଁ ସୁଭଦ୍ରାଙ୍କୁ ଦୀର୍ଘକାଳ ଅପେକ୍ଷା କରିବାକୁ ପଡ଼ିଛି। ଅର୍ଜ୍ଜୁନଙ୍କୁ ପ୍ରଲୋଭିତ କରାଇବା ପାଇଁ ରୂପସୀ ଉର୍ବଶୀଙ୍କର ଶତଚେଷ୍ଟା ବ୍ୟର୍ଥ ହୋଇଛି।

ମାତାଙ୍କ ପ୍ରତି ଥିଲା ତାଙ୍କର ଗଭୀର ଭକ୍ତି। ମାତା କୁନ୍ତୀଙ୍କ ସମ୍ମାନ ରକ୍ଷା କରିବା ପାଇଁ ସେ ମନଭେଦୀ ଶର ସାହାଯ୍ୟରେ

ସହସ୍ର ସହସ୍ର ସ୍ୱର୍ଣ୍ଣଚମ୍ପା କୁବେର ପୁରୀରୁ ଆଣି ଶିବ ମନ୍ଦିରରେ ସ୍ୱର୍ଣ୍ଣଚମ୍ପାର ସ୍ତୂପ ନିର୍ମାଣ କରିଦେଇଛନ୍ତି ।

ସାରଳା ମହାଭାରତରେ ଅର୍ଜୁନ ଏହିପରି ଏକ ଅନବଦ୍ୟ ଚରିତ୍ରର ଅଧିକାରୀ ।

**ଗାନ୍ଧାରୀ :**

ସାରଳାଦାସ ଗାନ୍ଧାରୀଙ୍କୁ ଦୋଷଗୁଣ ଉଭୟର ସମନ୍ୱୟରେ ଗଢ଼ିଛନ୍ତି । ଜ୍ୟେଷ୍ଠ ମାସ ଅମାବାସ୍ୟା ରାତ୍ରି କୃତ୍ତିକା ନକ୍ଷତ୍ରରେ ତାଙ୍କର ଜନ୍ମ ବୋଲି ବର୍ଣ୍ଣନା କରି ତାଙ୍କୁ ଉଆଁସୀ କନ୍ୟାଭାବେ ଗ୍ରହଣ କରିନେଇଛନ୍ତି । ଏହାଫଳରେ ତାଙ୍କୁ ବରଣ କରି ବେଦୀରେ ବସିବାମାତ୍ରେ ଏକୋଇଶ ଜଣ ରାଜପୁତ୍ର ମୃତ୍ୟୁବରଣ କରିଛନ୍ତି । ପ୍ରଥମେ ଶାହାଡ଼ାଗଛ ସହିତ ତାଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କରି, ତାପରେ ଧୃତରାଷ୍ଟ୍ରଙ୍କ ସହିତ ବିବାହ ବନ୍ଧନରେ ଛନ୍ଦି ଦିଆଯାଇଛି ।

ଗାନ୍ଧାରୀ ସତୀ, ସାଧ୍ୱୀ ଓ ପତିପରାୟଣା । ପତି ଧୃତରାଷ୍ଟ୍ରଙ୍କ ପ୍ରତି ତାଙ୍କର ଅଖଣ୍ଡ ଭକ୍ତି । ତାଙ୍କ ଦୃଷ୍ଟିରେ ସ୍ୱାମୀ ଈଶ୍ୱର । ତାଙ୍କ ପତିଭକ୍ତିରେ ପରିଚୟ ଆମେ ପାଉ ଯେତେବେଳେ ସେ ଦୃଷ୍ଟିଶକ୍ତି ବିହୀନ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ଅନ୍ଧପୁଟୁଳି ବାନ୍ଧିଛନ୍ତି ନିଜ ଆଖିରେ । କେବଳ ସ୍ତ୍ରୀ ହିସାବରେ ସେ ନିଜର କର୍ତ୍ତବ୍ୟ ତୁଲାଉ ନ ଥିଲେ, ସେ ମଧ୍ୟ ଥିଲେ ଧୃତରାଷ୍ଟ୍ରଙ୍କର ପରାମର୍ଶଦାତ୍ରୀ । ଧୃତରାଷ୍ଟ୍ରଙ୍କର ଯେଉଁଠି ଭ୍ରମଭ୍ରାନ୍ତି ଦେଖୁଥିଲେ ଜଣେ ଉପଯୁକ୍ତ ମନ୍ତ୍ରୀରୂପେ ତାଙ୍କୁ ସେ ଉପଦେଶ ଦେଉଥିଲେ ।

ପାଣ୍ଡବମାନଙ୍କପ୍ରତି ନିଜ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନର ଅବିଚାରର ପ୍ରତିବାଦ ସେ ଜଣାଇଛନ୍ତି । ନିଜର ଜ୍ୟେଷ୍ଠଭ୍ରାତା କୁଚକ୍ରୀ ଶକୁନିକୁ ମନ୍ତ୍ରୀରୂପେ ଗ୍ରହଣ ନ କରିବା ପାଇଁ ସେ ଦୁର୍ଯ୍ୟୋଧନକୁ ଉପଦେଶ ଦେଇଛନ୍ତି । ସମସ୍ତ ସୁଗୁଣର ଅଧିକାରୀ ପାଣ୍ଡବମାନଙ୍କୁ ସେ ପ୍ରସଙ୍ଗକ୍ରମେ ପ୍ରଶଂସା କରିଛନ୍ତି ଏବଂ ନିଜର ଦୁଷ୍ଟମତି ସନ୍ତାନମାନଙ୍କ ଲାଗି ମନସ୍ତାପ କରିଛନ୍ତି ।

ଏହି ପ୍ରକାର ସୁଗୁଣର ଅଧିକାରିଣୀ ଗାନ୍ଧାରୀ ମଧ୍ୟ ସାଧାରଣ ମାତୃହୃଦୟର ସ୍ୱାଭାବିକ ଦୁର୍ବଳତାରେ ସଂକ୍ରମିତା । ନିଜର ଅବିବେକୀ ପୁତ୍ରମାନଙ୍କ ଦୋଷଦୁର୍ବଳତାପ୍ରତି ସେ ଆଖି ବୁଜି ଦେଇଛନ୍ତି ଓ ସେମାନଙ୍କ ନିଧନରେ ଶୋକାକୁଳା ହୋଇ ଶ୍ରୀକୃଷ୍ଣ ଓ ପାଣ୍ଡବମାନଙ୍କୁ ଏଥିପାଇଁ ଦାୟୀ କରିଛନ୍ତି । ମହାଭାରତ ଯୁଦ୍ଧପରେ ପାଣ୍ଡବମାନଙ୍କ ଅଭିଷେକକାଳୀନ କୋଳାହଳ ତାଙ୍କୁ ବିବ୍ରତ କରିଛି । ଅସଲ କଥା ହେଉଛି, ପାଣ୍ଡବଙ୍କ ସୌଭାଗ୍ୟ ପ୍ରତି ତାଙ୍କ ମନରେ ଈର୍ଷାଭାବ ଜାତ ହୋଇଛି । ତେଣୁ ଗଙ୍ଗାସାଗରରେ ଜୀବନ ଝାସଦେବା ନିମନ୍ତେ ସେ ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଛନ୍ତି । ଜୀବନର ଶେଷ ଭାଗରେ ସଂସାରର ଅନିତ୍ୟତା ସେ ହୃଦୟଙ୍ଗମ କରି ପାରିଛନ୍ତି ଓ ସ୍ୱାମୀଙ୍କ ସହ ବନଗମନ କରିଛନ୍ତି ।

**କୁନ୍ତୀ :**

କୁନ୍ତୀ ପଣ୍ଡୁଙ୍କ ଜ୍ୟେଷ୍ଠା ରାଣୀ ଓ ପଞ୍ଚପାଣ୍ଡବଙ୍କ ମାତା । ଅବିବାହିତା ବୟସରେ ସେ ପିତାଙ୍କ ରାଜ୍ୟରେ ଥିଲାବେଳେ ଦୁର୍ବାସା ଋଷିଙ୍କ ସେବା କରିବା ନିମନ୍ତେ ସୁଯୋଗ ପାଇଥିଲେ । ଋଷି ତାଙ୍କ ସେବାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଏକ ଜପମାଳା ଦେଇଥିଲେ ଏବଂ ଏହାର ଅପୂର୍ବ ଶକ୍ତି ସମ୍ବନ୍ଧରେ ତାଙ୍କୁ ଅବହିତ କରାଇ କହିଥିଲେ ଯେ ଏହା ସାହାଯ୍ୟରେ ଯାହାଙ୍କୁ ସ୍ମରଣ କରାଯିବ ସେ ପ୍ରସନ୍ନ ହେବେ । ଅପ୍ରାପ୍ତ ବୟସ୍କା କୁନ୍ତୀ ଏକଦା ଯମୁନା କୂଳରେ ମାଳାର ଗୁଣ ପରୀକ୍ଷା କରିବାକୁ ଚାହିଁଛନ୍ତି ଏବଂ ସେହି ନିର୍ଜନ ସ୍ଥାନରେ ଅନ୍ୟଙ୍କୁ ନ ଦେଖି କେବଳ ଆକାଶସ୍ଥ ସୂର୍ଯ୍ୟଦେବତାଙ୍କୁ ଦେଖି ପାରିଛନ୍ତି ଏବଂ ତାଙ୍କୁ ସ୍ମରଣ କରିଛନ୍ତି । ସୂର୍ଯ୍ୟଦେବତା ସେଠାରେ ଉପସ୍ଥିତ ହୋଇ ତାଙ୍କ ମନୋବାଞ୍ଛା ପୂରଣ କରିଛନ୍ତି । ଫଳରେ ସେ ପୁତ୍ର ସନ୍ତାନଟିଏ ଜନ୍ମ ଦେଇଛନ୍ତି କର୍ଣ୍ଣପଥରେ । ପୁତ୍ର ଦେଖି ଆନନ୍ଦିତା ହେବା ପରିବର୍ତ୍ତେ ସେ ଦୁଃଖିତା ହୋଇଛନ୍ତି; କାରଣ ଜଣେ କୁମାରୀ କନ୍ୟାର ପୁତ୍ରଲାଭ ଏକ ମର୍ଯ୍ୟାଦାହାନିକର ବିଷୟ । ସେ ନବଜାତ ପୁତ୍ରକୁ ଗୋଟିଏ ମୃତ୍ତିକା ମଞ୍ଜୁଷାରେ ରଖି ଯମୁନା ନଦୀରେ ଭସାଇ ଦେଇଛନ୍ତି ।

ମାଦ୍ରୀ ତାଙ୍କର ସପତ୍ନୀ ହେଲେହେଁ ତାଙ୍କୁ ସେ କେବେ ଈର୍ଷା କରି ନାହାନ୍ତି । ତାଙ୍କୁ ସର୍ବଦା କନିଷ୍ଠା ଭଗ୍ନୀ ତୁଲ୍ୟ ଜ୍ଞାନ କରିଛନ୍ତି ।

ମାଦ୍ରୀ ସନ୍ତାନହୀନା ଥିବାରୁ କୁନ୍ତୀଙ୍କୁ ଏହା ଖୁବ୍ ବାଧୁଛି । ମାଦ୍ରୀଙ୍କୁ ପୁତ୍ରବତୀ କରାଇବାରେ ତାଙ୍କୁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଛି ।

ରାଜରାଣୀ ହୋଇ ଅରଣ୍ୟରେ କୁଡ଼ିଆ ମଧ୍ୟରେ ବାସ କରିବା ନିମିତ୍ତ ଏବଂ ଶୀତ ପ୍ରକୋପରୁ ରକ୍ଷାପାଇବା ନିମିତ୍ତ ଗୋରୁ ଗୁହାଳ ଓ କୁମ୍ଭାରଶାଳାରେ ବାସ କରିବାକୁ ସେ କପାଳ-ଲିଖନ ଭାବରେ ଧରି ନେଇଛନ୍ତି । ଏହା ତାଙ୍କୁ ବିଶେଷ ଦୁଃଖ ଦେଇ ନାହିଁ । ସେ ନିଜର ସୁଯୋଗ୍ୟ ତଥା ବୀରପୁତ୍ରମାନଙ୍କ ମୁଖ ଦେଖି ଏ ଦୁଃଖ ଭୁଲିଯାଇଛନ୍ତି । ଏହି ପୁତ୍ରମାନଙ୍କଯୋଗୁଁ ସେ ବହୁ ବିପଦରୁ ରକ୍ଷା ପାଇଛନ୍ତି ଏବଂ ବହୁ ସମ୍ମାନର ଅଧିକାରିଣୀ ହୋଇଛନ୍ତି ।

ଦ୍ରୌପଦୀଙ୍କୁ ଧରି ପଞ୍ଚପାଣ୍ଡବ କୁମ୍ଭାରଶାଳରେ ପହଞ୍ଚିବାପରେ ଦ୍ରୌପଦୀ ନିଜ ଭାଗ୍ୟକୁ ନିନ୍ଦା କରିଛନ୍ତି ଓ ପାଉଁଶ ଉପରେ ଶୋଇବାକୁ କୁଣ୍ଠାବୋଧ କରିଛନ୍ତି । ଏପରି ଦେଖି ଭାଗ୍ୟବାଦିନୀ କୁନ୍ତୀ ଏହା ଭାଗ୍ୟ ବିଡ଼ମ୍ବନା ବୋଲି ତାଙ୍କୁ ବୁଝାଇ ଧୈର୍ଯ୍ୟ ଧରିବା ନିମିତ୍ତ ଉପଦେଶ ଦେଇଛନ୍ତି ।

ଜୀବନର ଶେଷ ଭାଗରେ ପୂର୍ବର ସମସ୍ତ ଐଶ୍ୱର୍ଯ୍ୟ ଫେରିପାଇବା ପରେ ମଧ୍ୟ ସେ ଧୃତରାଷ୍ଟ୍ର, ଗାନ୍ଧାରୀ, ସଞ୍ଜୟ, ବିଦୁର ପ୍ରଭୃତିଙ୍କ ସହିତ ବୈରାଗୀ ବେଶ ଧାରଣ କରି ବନଗମନ କରିଛନ୍ତି ।

**ଦ୍ରୌପଦୀ :**

ଦ୍ରୌପଦୀ 'ସାରଳା ମହାଭାରତ'ର ନାୟିକା । ସେ ସାରଳାଦାସଙ୍କ ତୂଳୀରେ ଜଣେ ରକ୍ତମାଂସଧାରିଣୀ ସାଧାରଣ ଉତ୍କଳୀୟା ରମଣୀର ପ୍ରତିନିଧିତ୍ୱ କରନ୍ତି ।

ଦ୍ରୌପଦୀଙ୍କ ପୂର୍ବଜନ୍ମ ସମ୍ପର୍କରେ ଏକ ଅଦ୍ଭୁତ ବିବରଣୀ ପ୍ରଦାନ କରିଛନ୍ତି ସାରଳାଦାସ । ପୂର୍ବଜନ୍ମରେ ସେ ସରସ୍ୱତୀଙ୍କ କୋପାନଳରୁ ଜାତ ହୋଇଥିଲେ କେତୁକା ଚଣ୍ଡୀ ରୂପରେ । ସରସ୍ୱତୀଙ୍କ ପ୍ରତି ଅସଦାଚରଣ କରିଥିବା ପଞ୍ଚଦଶ ବ୍ରହ୍ମାଙ୍କ ମଧ୍ୟରୁ ଚଉଦ ଜଣଙ୍କୁ ସେ ଭକ୍ଷଣ କରିଥିଲେ । ପଞ୍ଚଦଶ ତଥା ଶେଷ ବ୍ରହ୍ମା ଶୂଦ୍ରକ ବିଷ୍ଣୁଙ୍କ ଶରଣାପନ୍ନ ହୋଇ ବଞ୍ଚିଯାଇଥିଲେହେଁ ପରଜନ୍ମରେ ଦୁଃଶାସନ ରୂପେ ଜନ୍ମଗ୍ରହଣ କରିବାପାଇଁ ଆଦିଷ୍ଟ ହେଲା । କେତୁକାଚଣ୍ଡୀ ତା'ର ରକ୍ତପାନ କରିବା ନିମନ୍ତେ ଜନ୍ମ ନେଲେ ଦ୍ରୌପଦୀ ଭାବରେ । ଦ୍ରୌପଦୀ ଏକାନ୍ତ ଚରିତ୍ରବତୀ । ନିଜ ଚରିତ୍ରର ବିଶୁଦ୍ଧତା ନିମନ୍ତେ ସେ ପ୍ରତ୍ୟେକ ସ୍ୱାମୀଙ୍କ ସହିତ ସହବାସ କରିବା ପରେ ପରେ ଅଗ୍ନିସ୍ନାନ କରନ୍ତି; ଅର୍ଥାତ୍ ଅଗ୍ନିରେ ନିଜକୁ ଦାହକରି ନିଜର ପୂର୍ବ ଶୁଦ୍ଧତା ଫେରାଇ ଆଣନ୍ତି ।

ସେ ସ୍ପଷ୍ଟବାଦିନୀ । ସତ୍ୟ ପ୍ରକାଶ କରିବା ନିମନ୍ତେ ସେ କଦାପି କୁଣ୍ଠାବୋଧ କରନ୍ତି ନାହିଁ । ବନପର୍ବରେ ସତ୍ୟ-ଆମ୍ବ ପ୍ରସଙ୍ଗରେ ସେ ନିଜର ଦୁର୍ବଳତା ନିଃସଙ୍କୋଚରେ ପ୍ରକାଶ କରିଛନ୍ତି । ପଞ୍ଚପାଣ୍ଡବଙ୍କ ପତ୍ନୀ ହୋଇଥିଲେହେଁ କର୍ଣ୍ଣଙ୍କପ୍ରତି ତାଙ୍କର ସାମାନ୍ୟ ଦୁର୍ବଳତା ଥିବା ସେ ସର୍ବସମକ୍ଷରେ ସ୍ୱୀକାର କରିଛନ୍ତି ।

ଦ୍ରୌପଦୀ ଜଣେ ସାଧାରଣ ଗାଉଁଲି ମହିଳା ରୂପେ ଚିତ୍ରିତା ହୋଇଛନ୍ତି ସାରଳାଦାସଙ୍କ ଦ୍ୱାରା । ସାଧାରଣ ଗାଉଁଲି ନାରୀଟିଏ ତା'ର ସଉତୁଣୀ ସହିତ ଯେପରି କଳହ କରେ, ଦ୍ରୌପଦୀ ସେହିପରି ହିଡ଼ିମ୍ବିକା ସହିତ କଳହରତ ରହିଛନ୍ତି । ତା'ର ପୁଅ ଘଟୋତ୍କଚଙ୍କୁ ସେ 'ଅଳ୍ପାୟୁଷ ହୁଅ' ବୋଲି ଅଭିଶାପ ଦେଇଛନ୍ତି ।

ପ୍ରତିହିଂସାର ଜ୍ୱାଳାମୟୀ ଶିଖାରୂପେ ଆମେ ତାଙ୍କୁ ଦେଖୁ କର୍ଣ୍ଣପର୍ବରେ ବର୍ଣ୍ଣିତ ଦୁଃଶାସନ ବଧ କାଳରେ । ଦୁଃଶାସନ ତାଙ୍କୁ ରାଜସଭାରେ ବିବସ୍ତ୍ରା କରିବାକୁ ଉଦ୍ୟମ କରିଥିବାରୁ ସେ ଏହାର ପ୍ରତିଶୋଧ ନେବା ନିମନ୍ତେ ସଦାସର୍ବଦା କେଶ ମୁକୁଳା ରଖିଛନ୍ତି ଏବଂ ପ୍ରତିଜ୍ଞା କରିଛନ୍ତି ଯେ ଏହି ମୁକୁଳିତକେଶ ସେ ବନ୍ଧନ କରିବେ ଦୁଃଶାସନ ରକ୍ତରେ । ଶେଷରେ ଭୀମସେନଙ୍କ ଦ୍ୱାରା ଦୁଃଶାସନ

ନିହତ ହୋଇଛି ଏବଂ ଦ୍ରୌପଦୀ ତୃପ୍ତିଲାଭ କରିଛନ୍ତି ତା'ର ରକ୍ତରେ କେଶ ବନ୍ଧନ କରି ।

ଭଗବାନ ଶ୍ରୀକୃଷ୍ଣଙ୍କଠାରେ ତାଙ୍କର ଗଭୀର ଭକ୍ତି । କୁରୁସଭାରେ ଦୁଃଶାସନଦ୍ୱାରା ବିବସ୍ତ୍ରା ହେଉଥିବା ସମୟରେ ସେ କାହାରିଠାରୁ ସାହାଯ୍ୟ ନ ପାଇ ଶ୍ରୀକୃଷ୍ଣଙ୍କୁ ଶେଷରେ ଡାକିଛନ୍ତି । ଭକ୍ତର ଭଗବାନ । ତାଙ୍କୁ କୋଟିବସ୍ତ୍ର ପ୍ରଦାନ କରି ଶ୍ରୀକୃଷ୍ଣ ତାଙ୍କର ଲଜ୍ଜା ନିବାରଣ କରିଛନ୍ତି ।

ଏହି ଆଲୋଚନାରୁ ସ୍ପଷ୍ଟ ହୁଏ ସାରଳାଦାସଙ୍କ ନାରୀ ଚରିତ୍ରଗୁଡ଼ିକ ପୁରୁଷ ଚରିତ୍ର ତୁଳନାରେ ସାମାନ୍ୟ ନିଷ୍ପ୍ରଭ ଓ ମଳିନ । ସେମାନେ କିଛି କିଛି ମହତ ଗୁଣର ଅଧିକାରିଣୀ ହେଲେହେଁ ସେମାନଙ୍କର ଚରିତ୍ରରେ ପ୍ରତିଫଳିତ ହୋଇଛି ଅତ୍ୟଧିକ ଶୃଙ୍ଗାର ପ୍ରୟାସ, କାମାତୁର ଭାବ, ଦୁର୍ବଳତା, ସ୍ୱେଚ୍ଛାଚାରିତା ଓ ପ୍ରତିହିଂସା ପରାୟଣତା । ଏଥିରୁ ମନେକରିବା ଉଚିତ ନୁହେଁ ଯେ ସାରଳାଦାସଙ୍କ ଚିନ୍ତାଧାରାରେ ନାରୀପ୍ରକୃତି ପ୍ରତି ଉଦାରତାର ଅଭାବ ଥିଲା । ତତ୍କାଳୀନ ଉତ୍କଳୀୟ ସମାଜରେ ବାସ କରୁଥିବା ସମପ୍ରକୃତିବିଶିଷ୍ଟ କେତେଜଣ ନାରୀଙ୍କୁ ଆଖିରେ ରଖି ସେ ଏହି ନାରୀ-ଚରିତ୍ରଗୁଡ଼ିକ ସୃଷ୍ଟି କରିଥିବାରୁ ଏଗୁଡ଼ିକ ଏ ପ୍ରକାର ରୂପ ଗ୍ରହଣ କରିଛନ୍ତି । ମଣିଷ ବିଶ୍ୱରେ କେବଳ ଶ୍ରେଷ୍ଠ ସୃଷ୍ଟି ନୁହେଁ, ବିଭିନ୍ନ ପ୍ରକୃତିରେ ବିଭୂଷିତ ଏକ ବିଚିତ୍ର ସୃଷ୍ଟି ମଧ୍ୟ । ତେଣୁ ଭଲ-ମନ୍ଦ ଚରିତ୍ରର ସମାବେଶରେ 'ସାରଳା ମହାଭାରତ' ବାସ୍ତବ ଓ ମନୋରମ ହୋଇଉଠିଛି ।

**୨.୫.୧.୫.- ସାମାଜିକ ଚିତ୍ର :**

କବିର ରଚନାରେ ସମକାଳୀନ ରାଜନୈତିକ, ସାଂସ୍କୃତିକ ତଥା ସାମାଜିକ ଜୀବନ ପ୍ରତିବିମ୍ବିତ ହେବା ଏକାନ୍ତ ସ୍ୱାଭାବିକ । ସାରଳାଦାସ ପଞ୍ଚଦଶ ଶତକର କବି ହୋଇଥିବାରୁ ତାଙ୍କ ଅମର କାବ୍ୟ ମହାଭାରତର ଛତ୍ରେ ଛତ୍ରେ ପଞ୍ଚଦଶ ଶତକର ଉତ୍କଳୀୟ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଜୀବନର ଚିତ୍ର ସୁସ୍ପଷ୍ଟ ।

ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ପୂର୍ବରୁ ଓ ଗଙ୍ଗବଂଶର ଦୁର୍ବଳ ରାଜାମାନଙ୍କ ଅମଳରୁ ଦେଶରେ ଅନ୍ତର୍ବିପ୍ଳବ ଲାଗି ରହିଥିଲା ଏବଂ ବହିଃ ଶତ୍ରୁମାନଙ୍କର ଘନ ଘନ ଆକ୍ରମଣ ଫଳରେ ଦେଶର ରାଜନୈତିକ ବାତାବରଣ ଅଶାନ୍ତ ହୋଇପଡ଼ିଥିଲା । ଫଳରେ ସାମାଜିକ ସ୍ଥିତି ମଧ୍ୟ ଦୋହଲି ଯାଇଥିଲା । କପିଳେନ୍ଦ୍ରଦେବ ତୀକ୍ଷ୍ଣ ବୁଦ୍ଧି ଓ ଅସାଧାରଣ ବୀରତ୍ୱବଳରେ ଅନ୍ତର୍ବିପ୍ଳବକୁ ଦମନ କରିବା ସଙ୍ଗେ ସଙ୍ଗେ ଦେଶକୁ ବହିରାକ୍ରମଣରୁ ମଧ୍ୟ ରକ୍ଷା କରିଥିଲେ । ଏ ସମୟରେ ଦେଶର ରାଜନୀତିକ, ସାମାଜିକ ଓ ଆର୍ଥନୀତିକ ଅବସ୍ଥାର ଯଥେଷ୍ଟ ଉନ୍ନତି ଘଟିଥିଲା । ପ୍ରଜାଗଣ ସୁଖରେ କାଳାତିପାତ କରୁଥିଲେ ।

'ସାରଳା ମହାଭାରତ'ରେ ପଞ୍ଚଦେବତା ଉପାସନା ଦେଖିବାକୁ ମିଳେ । ହିନ୍ଦୁମାନଙ୍କର ସମସ୍ତ ଆରାଧ୍ୟ ଦେବତାଙ୍କ ସ୍ତୁତିଗାନ କରାଯାଇଛି ଏହି ଗ୍ରନ୍ଥରେ । ତେଣୁ ସେତେବେଳର ଉତ୍କଳୀୟ ସମାଜ ସର୍ବଧର୍ମର ସମନ୍ୱୟପୀଠ ଥିବାର ଅନୁମାନ କରାଯାଏ । କବିଙ୍କ ଦୃଷ୍ଟିରେ ଜଗନ୍ନାଥ ଏକ ନିର୍ଦ୍ଦିଷ୍ଟ ଦେବତା ନୁହନ୍ତି; ସେ ସର୍ବଦେବମୟ ବିଗ୍ରହ । ଏଥିରୁ ଉତ୍କଳର ଆଧ୍ୟାତ୍ମିକ କ୍ଷେତ୍ରରେ ଉଦାର ମନୋଭାବ ପୋଷିତ ହେଉଥିବା ପ୍ରମାଣିତ ହୁଏ ।

ଆଲୋଚ୍ୟ ଗ୍ରନ୍ଥରେ ବିଭିନ୍ନ ପର୍ବପର୍ବାଣି ଓ ବ୍ରତ, ଉପବାସାଦିର ସୂଚନା ରହିଛି । କାର୍ତ୍ତିକ ପୂର୍ଣ୍ଣିମା ରାତ୍ରିରେ ଡଙ୍ଗା ଭସାଇବା ବିଧି ସେତେବେଳର ଉତ୍କଳରେ ପ୍ରଚଳିତ ଥିଲା । କୁମାର ପୂର୍ଣ୍ଣିମା ପାଳିତ ହେଉଥିଲା ମହାସମାରୋହରେ । ଏକାଦଶୀ ବ୍ରତ, ବନଦୁର୍ଗା ବ୍ରତ, କାମାକ୍ଷୀ ବ୍ରତ, ମଙ୍ଗଳବାର ଓଷା, ଅକ୍ଷୟ ତୃତୀୟା ଓ ଚନ୍ଦନଯାତ୍ରା, ବିନାୟକ ବ୍ରତ ବା ଗଣେଶ ପୂଜା, ରଥଯାତ୍ରା, ଦୁର୍ଗାପୂଜା, ମାଘସ୍ନାନ, ଶିବରାତ୍ରି ଇତ୍ୟାଦି ନାନା ପ୍ରକାରବ୍ରତ ତତ୍କାଳୀନ ଓଡ଼ିଶାର ଧର୍ମପ୍ରାଣ ନରନାରୀଗଣ ପାଳନ କରୁଥିଲେ ।

ସେ ସମୟରେ ପିତୃଗୃହରେ କନ୍ୟାର ରଜୋଦର୍ଶନ ହେଲେ ପିତୃଲୋକଗଣ ନରକଗାମୀ ହେବାର ବିଶ୍ୱାସ ଥିଲା । ତେଣୁ ତତ୍କାଳୀନ ସମାଜରେ ବାଲ୍ୟ ବିବାହ ପ୍ରଚଳିତ ଥିଲା । ରଜସ୍ୱଳା ସ୍ତ୍ରୀକୁ ସ୍ପର୍ଶ କରିବା ସାମାଜିକ ବିଧି ବିରୁଦ୍ଧ ଥିଲା । କାନରେ

ଶାହାଡ଼ା ପତ୍ର ଖୋଷିଲେ ସୁମିଷ୍ଟ ଖାଦ୍ୟ ଲାଭ ହେବାର ବିଶ୍ୱାସ ଥିଲା । ଅପୁତ୍ରିକ ଲୋକ ଯମଦଣ୍ଡ ଭୋଗ କରିବାର ବିଶ୍ୱାସ ମଧ୍ୟ ଥିଲା । ଶ୍ୱଶୁର ଘରକୁ ଜ୍ୱାଇଁ ଆସିଲେ, ଅଢ଼େଇ ଦିନରୁ ଅଧିକ ରହିବା ନୀତି ବିରୁଦ୍ଧ ଥିଲା । ସମାଜରେ ବୈଦିକ କର୍ମକାଣ୍ଡ ଅନୁସାରେ ଜନ୍ମୋତ୍ସବ, ନାମକରଣ, ବିବାହୋତ୍ସବ, ଯଜ୍ଞ, ଦାନାଦି କାର୍ଯ୍ୟ କରାଯାଉଥିଲା । ଭୂତବିଶ୍ୱାସ, ଉଲୂକବିଦ୍ୟା, ତନ୍ତ୍ରମନ୍ତ୍ରର ପ୍ରଚଳନ, ବିଷଝାରଣ, ଝାଡ଼ିବାରୀତି, ଗୁଣିଗାରୁଡ଼ି ଆଦି ସମାଜରେ ପ୍ରଚଳିତ ଥିଲା ।

ସାଂପ୍ରତିକ ସମାଜରେ ବିବାହ ଯେପରି ଏକ ବିଶିଷ୍ଟ ଉତ୍ସବ, ତତ୍‌କାଳୀନ ସମାଜରେ ମଧ୍ୟ ଏହା ସେହିପରି ଏକ ବିଶିଷ୍ଟ ଉତ୍ସବ ଥିଲା । ବିବାହ ନିମନ୍ତେ ସାଧାରଣତଃ ବରକନ୍ୟାଙ୍କର ମତାମତ ଲୋଡ଼ାଯାଉ ନ ଥିଲା । ପିତାମାତାଦି ଗୁରୁଜନ ଏହାର ଆୟୋଜନ କରୁଥିଲେ । ଅବଶ୍ୟ କେତେକ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଘଟୁଥିଲା । ରାଜପରିବାରର କନ୍ୟାମାନଙ୍କ ନିମନ୍ତେ ସ୍ୱୟଂବର ଉତ୍ସବ ଏହି ବ୍ୟତିକ୍ରମର ଏକ ପ୍ରକୃଷ୍ଟ ଉଦାହରଣ । ବିବାହ ପୂର୍ବରୁ ଜ୍ୟୋତିଷ କୋଷ୍ଠୀ ସାଧିବା, ଶୁଭଲଗ୍ନ ନିର୍ଣ୍ଣୟ କରିବା ଆଦି କାର୍ଯ୍ୟ ହେଉଥିଲା । ବିବାହ କାର୍ଯ୍ୟ ଆରମ୍ଭରେ ସାତଜଣ ସଧବା ନାରୀ ପାଣିତୋଳିବାକୁ ବାହାରୁଥିଲେ । ଏହି ସମୟରେ ଶଙ୍ଖ, ମହୁରୀ ଇତ୍ୟାଦି ବାଜୁଥିଲା । ମଙ୍ଗଳ ହୁଳହୁଳି ଧ୍ୱନି ମଧ୍ୟ କରାଯାଉଥିଲା । ବରପିତା ଓ କନ୍ୟାପିତା ବେଦୀରେ ବସୁଥିଲେ । ଲବଣଚଉଁରୀ ବିଧିର ପ୍ରଚଳନ ଥିଲା । ହସ୍ତଗ୍ରନ୍ଥି ପଡ଼ିବାପରେ କନ୍ୟାପିତା ଶଙ୍ଖରେ ଜଳ ଟେକି ଯୌତୁକ ଘୋଷଣା କରୁଥିଲେ । ଅଶୁଭ ଲଗ୍ନରେ ଜାତ ବର ଓ କନ୍ୟାଙ୍କର ରିଷ୍ଟଛେଦନ ନିମନ୍ତେ ପ୍ରଥମେ ସେମାନଙ୍କୁ ଶାହାଡ଼ା ଗଛ ସହିତ ବିବାହ ଦିଆଯାଉଥିଲା । ସଉତୁଣୀମାନଙ୍କ ମଧ୍ୟରେ କଳହ ଲାଗିରହୁଥିଲା ।

ସାମାଜିକ ଜୀବନରେ ଯୌନ ବ୍ୟବହାରରେ ସଂଯମ ଓ ଏକନିଷ୍ଠତା ଦେଖାଯାଉଥିଲା । ପରକୀୟା ପ୍ରେମ ଅପରାଧ ଭାବେ ଗୃହୀତ ହେଉଥିଲା । ବେଶ୍ୟାସଙ୍ଗ ଏକ ନିନ୍ଦନୀୟ ଓ ଗର୍ହିତ କାର୍ଯ୍ୟ ଥିଲା । ସେହିପରି ପରପୁରୁଷ ସହ ବସବାସ ମଧ୍ୟ ନାରୀ ପକ୍ଷରେ ଥିଲା ଏକ ଅକ୍ଷମଣୀୟ ଅପରାଧ । ଦିନଚର୍ଯ୍ୟାର ବିସ୍ତୃତ ବର୍ଣ୍ଣନା ଆଲୋଚ୍ୟ ଗ୍ରନ୍ଥରେ ଥିବାରୁ ମନେହୁଏ ଯେ ଶାସ୍ତ୍ରାନୁମୋଦିତ ରୀତିରେ ସାମାଜିକ ମଣିଷ ଯୌନଜୀବନ ଯାପନ କରୁଥିଲା ।

ସମସାମୟିକ ଉତ୍କଳୀୟ ନାରୀର ବେଶଭୂଷା ସମ୍ବନ୍ଧରେ ମଧ୍ୟ ଯଥେଷ୍ଟ ତଥ୍ୟ ମିଳିଯାଏ । ଦ୍ରୌପଦୀ ଭୂଷିତ ହୋଇଥିବା ଅଳଙ୍କାର ତାଲିକାରୁ ଜଣାଯାଏ ଯେ ସେସମୟରେ ଏକ ସମ୍ଭ୍ରାନ୍ତ ଓଡ଼ିଆ ବଧୂ ମଥାରେ ମୁକୁତାର ଜାଲି ଉପରେ ସୀମନ୍ତିନୀମଣି, ଲଲାଟରେ ହୀରାର ଅଳଙ୍କାର, କର୍ଣ୍ଣରେ ତାଟଙ୍କ, ନାସାରେ ବସଣି, ଗଳାରେ ହାର, ହସ୍ତରେ କଙ୍କଣ, ରତ୍ନଚୂଡ଼ି, ଅଙ୍ଗୁଳିରେ ସୁବର୍ଣ୍ଣ ମୁଦ୍ରିକା, ପାଦରେ ନୂପୁର ଇତ୍ୟାଦି ଅଳଙ୍କାର ବ୍ୟବହାର କରୁଥିଲେ ।

ତତ୍‌କାଳୀନ ସମାଜରେ ବିଭିନ୍ନ ପ୍ରକାର କ୍ରୀଡ଼ାର ପ୍ରଚଳନ ଥିଲା । ଝିମିଟି ବା ଝିମାଣି ଖେଳ, ପଶାଖେଳ, ଜଳକେଳି ଆଦି କ୍ରୀଡ଼ାରେ ରତ ରହୁଥିଲେ ସାରଳାକାଳୀନ ଉତ୍କଳୀୟଗଣ । ପ୍ରତ୍ୟେକ ଜାତିର ଲୋକ କୌଳିକ କର୍ମ କରୁଥିଲେ । ବଣିଆ ସୁନାରୂପା ବ୍ୟବସାୟ କରୁଥିଲା । ଗଉଡୁଣୀ ଦୁଧ, ଦହିର ପସରା ନେଇ ବୁଲୁଥିଲା । ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ଉଭୟ ସହିତ ଓଡ଼ିଆମାନେ ସଂପୃକ୍ତ ଥିଲେ ।

ପୋଡ଼ପିଠା, ଚକୁଳିପିଠା, ଛୁଞ୍ଚିପତରପିଠା, ଚିତଉପିଠା, ଏଣ୍ଡୁରିପିଠା, ପଞ୍ଚବର୍ଣ୍ଣୀପିଠାର ସୂଚନା ପ୍ରଦତ୍ତ ହୋଇଛି ଆଲୋଚ୍ୟ ଗ୍ରନ୍ଥରେ । ଏସବୁ ବ୍ୟତୀତ ଦିବ୍ୟ ଅରୁଆ ଅନ୍ନ, ବ୍ୟାସଘୃତ, କ୍ଷୀରି, କ୍ଷିରିସା ଆଦିର ପାକପ୍ରଣାଳୀ ମଧ୍ୟ ଓଡ଼ିଆ ଘରର ଝିଅବୋହୂ ଜାଣିଥିଲେ । ଆମିଷ ଖାଦ୍ୟ ମଧ୍ୟରେ ଗଣ୍ଡା, ମଇଁଷି, ମୃଗ, ଛେଳି, ମେଣ୍ଢା ଇତ୍ୟାଦି ପ୍ରାଣୀର ମାଂସ ଭକ୍ଷଣ କରୁଥିଲେ ସେକାଳର ଉତ୍କଳୀୟଗଣ । ଅତିଥିସତ୍କାର ସେ ସମୟର ସମାଜରେ ପ୍ରଚଳିତ ଥିଲା । ଅତିଥିଙ୍କୁ ଆଦରର ସହିତ ପାଛୋଟି ନିଆଯାଉଥିଲା, ଦିବ୍ୟ ଭୋଜନ ଦିଆଯାଉଥିଲା ଓ ଭୋଜନପରେ ତାମ୍ବୁଳ ପ୍ରଦାନ କରାଯାଉଥିଲା ।

ସମାଜରେ ଶକୁନଶାସ୍ତ୍ରର ପ୍ରଚଳନ ଥିଲା । ଯାତ୍ରା ପୂର୍ବରୁ ଦଧିମାଛ, ପୂର୍ଣ୍ଣକୁମ୍ଭ, ଶଙ୍ଖଚିଲ, ଭଦଭଦଳିଆ ଆଦି ଦର୍ଶନ କଲେ

କାର୍ଯ୍ୟସିଦ୍ଧି ହେବାର ବିଶ୍ୱାସ ଥିଲା। ସେହିପରି ସର୍ପ, ଯୋଗୀ, ଲଙ୍ଗୁଳଯୁକ୍ତ ପ୍ରାଣୀ ଇତ୍ୟାଦି ଅଶୁଭ ଶକୁନ ରୂପେ ବିବେଚିତ ହେଉଥିଲେ।

କୃଷକ ଜମିରୁ ଧାନ, ମୁଗ, ବିରି, କପା, ହଳଦୀ, ରାଶି, ଶୋରିଷ, ମାଣ୍ଡିଆ, ଆଖୁ ଇତ୍ୟାଦି ଉତ୍ପନ୍ନ କରୁଥିଲା। ଆଳୁ, ସାରୁ, କଦଳୀ, ବାଇଗଣ ଇତ୍ୟାଦି ପନିପରିବା ମଧ ଚାଷ ହେଉଥିଲା। କୃଷି କ୍ଷେତ୍ରରୁ ଟେଣ୍ଡା ସାହାଯ୍ୟରେ ଜଳ ଯୋଗାଇ ଦିଆଯାଉଥିଲା। କେତେକ ସ୍ଥାନରେ ଭୂରାଜସ୍ୱ ଆଦୌ ନ ଦେବାର ବ୍ୟବସ୍ଥା ଥିଲା। ପୁଣି କେତେକ ରାଜ୍ୟରେ ପ୍ରଜାମାନେ ମାଣ ପ୍ରତି ତିନାଏ, ବାଟି ପ୍ରତି ମାଢ଼େ, ପଉଟିଏ, ପାଞ୍ଚଟିନା କିମ୍ବା ଚାରିପଉଟି ହିସାବରେ ସଞ୍ଜା ଦେଉଥିଲେ।

ତତ୍କାଳୀନ ସମାଜରେ ପ୍ରଚଳିତ ଶିକ୍ଷାର ବିସ୍ତୃତ ରୂପ ଦେଖିବାକୁ ମିଳେ ସାରଳାଙ୍କ ରଚନାରେ। ଶସ୍ତ୍ରବିଦ୍ୟା, ଧନୁର୍ବିଦ୍ୟା, ମଲ୍ଲବିଦ୍ୟା, ତନ୍ତ୍ରବିଦ୍ୟା, ଯୋଗବିଦ୍ୟା ଇତ୍ୟାଦି ଛାତ୍ରମାନଙ୍କୁ ଶିଖାଯାଉଥିଲା। ଶ୍ରୀକୃଷ୍ଣଙ୍କ ଶ୍ଳୋକାଭ୍ୟାସରୁ ଜଣାଯାଏ ଯେ ଶିଶୁମାନେ ସଂସ୍କୃତ ଶ୍ଳୋକ ମୁଖସ୍ଥ କରୁଥିଲେ। ସେତେବେଳେ ମନ୍ତ୍ରୋଚ୍ଚାରଣର ପ୍ରାଧାନ୍ୟ ଥିବାରୁ ଆବୃତ୍ତି ଓ ଉଚ୍ଚାରଣ ଉପରେ ଗୁରୁମାନେ ଗୁରୁତ୍ୱ ଦେଉଥିଲେ। ଗୁରୁ ପୋଥି ପାଠ କରୁଥିଲେ ଓ ଶିଷ୍ୟଗଣ ତାହା ଆବୃତ୍ତି କରୁଥିଲେ। ଅକ୍ଷର, ମାତ୍ରା, ଯୁକ୍ତାକ୍ଷର ଆଦି ପଢ଼ିବା ପରେ ପଣିକିଆ, ସୋଧି, ଓଡ଼ାଙ୍କ, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଇତ୍ୟାଦି ଅଭ୍ୟାସ କରାଯାଉଥିଲା। ଗୁରୁ ଛାତ୍ରଙ୍କୁ ପୁତ୍ରଭଳି ସ୍ନେହ କରୁଥିଲେ ଏବଂ ଛାତ୍ରମାନେ ମଧ ଗୁରୁଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରୁଥିଲେ। ମାନସିକ ଓ ଶାରୀରିକ ଉଭୟ ପ୍ରକାର ଶିକ୍ଷା ଦିଆଯାଉଥିବାରୁ ପଞ୍ଚଦଶ ଶତାବ୍ଦୀର ଓଡ଼ିଶା କେବଳ ଶକ୍ତିଶାଳୀ ନ ଥିଲା, ସଭ୍ୟ ଓ ଶିକ୍ଷିତ ରାଜ୍ୟ ରୂପେ ମଧ ସମ୍ମାନିତ ହେଉଥିଲା।

ତତ୍କାଳୀନ ସମର ଥିଲା ମୁହାଁମୁହିଁ। ସମରରେ ପରଶୁ, ଖଡ୍ଗ, ଅଜଗବ, ଗଦା, ମୁଦ୍ଗର, ପାଶ, ଶାବେଳୀ, କୁନ୍ତ, ଢେଲା, କାତି, ମୂଷଳ, କମାଣ ଇତ୍ୟାଦି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା। 'ସାରଳା ମହାଭାରତ'ରେ ଶଙ୍ଖ, ଭେରୀ, ତୂରୀ, ମହୁରୀ, ଢୋଲ, ମର୍ଦ୍ଦଳ, ପଖାଉଜ, କଡ଼ା, ଦାଉଣ୍ଡି ଇତ୍ୟାଦି ଭଳି ଅସଂଖ୍ୟ ଯୁଦ୍ଧବାଦ୍ୟର ନାମୋଲ୍ଲେଖ ରହିଛି।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ ପଞ୍ଚଦଶ ଶତାବ୍ଦୀର ବିଭିନ୍ନ ଉତ୍କଳୀୟ ସାମାଜିକ ଚଳଣି ବିଷୟରେ ଜାଣିବା ନିମନ୍ତେ ସାରଳା ମହାଭାରତ ଏକ ପ୍ରାମାଣିକ ଗ୍ରନ୍ଥ।

**୨.୫.୧.୬.- ସାହିତ୍ୟିକ ମୂଲ୍ୟ :**

ସାରଳାଦାସ ଓଡ଼ିଶାର ଆଦିକବି ଓ ତାଙ୍କ ମହାଭାରତ ଓଡ଼ିଶାର ଜାତୀୟ ମହାକାବ୍ୟ। ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର କବଳରୁ ମୁକ୍ତକରି ସେ ଏହାକୁ ଅପୂର୍ବ ସାହିତ୍ୟିକ ବିଭବରେ ମଣ୍ଡିତ କରିଛନ୍ତି। ତାଙ୍କ ମହାଭାରତ ଏହାର ଏକ ଦୃଷ୍ଟାନ୍ତ। ସରଳ ଓ ନିରାଡ଼ମ୍ବର ଶୈଳୀରେ ରଚିତ ତାଙ୍କର ଏହି ଗ୍ରନ୍ଥର ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଛି ତାଙ୍କ ମୌଳିକତା ଓ ଅନନ୍ୟ କବିପ୍ରତିଭା। ଏପରି ମହତ୍ତ୍ୱପୂର୍ଣ୍ଣ ଏକ ଗ୍ରନ୍ଥର ସାହିତ୍ୟିକ ବିଭାବ ଉପରେ ସାମାନ୍ୟ ଆଲୋକପାତ କରିବାର ଆବଶ୍ୟକତା ତେଣୁ ଅନୁଭୂତ ହୁଏ।

**ରଚନାଶୈଳୀ :**

'ସାରଳା ମହାଭାରତ' ପାଠକଲାବେଳେ ପ୍ରଥମେ ଦୃଷ୍ଟିପଡ଼େ ତା'ର ବୃତ୍ତ ଉପରେ। ଏହା 'ଦାଣ୍ଡିବୃତ୍ତ'ରେ ରଚିତ। ଓଡ଼ିଆ ରଚନାରେ ଦାଣ୍ଡିବୃତ୍ତର ପ୍ରଥମ ବ୍ୟବହାର ସାରଳାଦାସ କରିଛନ୍ତି ତାଙ୍କ ରଚିତ ଗ୍ରନ୍ଥମାନଙ୍କରେ। ତାଙ୍କ ପରବର୍ତ୍ତୀ ଅନ୍ୟାନ୍ୟ ପୁରାଣକାର ମଧ ଏହି ବୃତ୍ତକୁ ନିଜ ନିଜ ରଚନାମାନଙ୍କରେ ବ୍ୟବହାର କରିଛନ୍ତି। ସାରଳାଦାସଙ୍କ ପୂର୍ବରୁ ଏ ପ୍ରକାର ବୃତ୍ତ ଥିବାର ପ୍ରମାଣ ଏ ଅବଧି ମିଳି ନାହିଁ। ଏଣୁ ସାରଳାଦାସଙ୍କୁ ଦାଣ୍ଡିବୃତ୍ତର ଜନକ ଭାବରେ ଗ୍ରହଣ କରାଯାଏ। ଏହି ବୃତ୍ତର ପ୍ରଧାନ ଲକ୍ଷଣ ହେଉଛି ଏହାର ଗୋଟିଏ ପଦର ପାଦଦ୍ୱୟରେ ଅକ୍ଷର ସମାନ ନ ଥାଏ। କେତେକ ପାଦର ବା ଧାଡ଼ିର ଅକ୍ଷର ସଂଖ୍ୟା ଚଉଦ ଥିବାବେଳେ ଅନ୍ୟ ଗୋଟିଏ ଧାଡ଼ିରେ ସର୍ବାଧିକ ବତିଶଟି ଓ ସର୍ବନିମ୍ନ ନଅଟି ଅକ୍ଷର ଥିବାର ଦେଖାଯାଏ। ମହାଭାରତ ଏକ ପବିତ୍ର ଗ୍ରନ୍ଥ ହୋଇଥିବାରୁ ଏହା ତତ୍କାଳୀନ ସମାଜରେ ଜଣେ ପୁରାଣପଣ୍ଡାଙ୍କ ଦ୍ୱାରା ଗାନ କରାଯାଉଥିଲା। ଅକ୍ଷର ସଂଖ୍ୟାରେ କମ୍‌ବେଶୀ

ଥିଲେହେଁ ପୁରାଣ ଆବୃତ୍ତିକାରୀ ସ୍ୱରର ଆରୋହ ଅବରୋହ ଦ୍ୱାରା ପ୍ରତିଧାଡ଼ିକୁ ଏପରି ପାଠକରେ ଯେ ସମବେତ ଶ୍ରୋତାଗଣଙ୍କୁ ପ୍ରତ୍ୟେକ ଧାଡ଼ିର ଅକ୍ଷର ସଂଖ୍ୟା ସମାନ ଥିଲାଭଳି ଜଣାଯାଏ।

**ବର୍ଣ୍ଣନାଚାତୁରୀ :**

ବର୍ଣ୍ଣନାଚାତୁରୀରେ ସାରଳାଦାସଙ୍କର ବିଶେଷ ନିପୁଣତା ଫୁଟିଉଠିଛି। ନାରୀ ରୂପ ବର୍ଣ୍ଣନାରେ ତାଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠିଛି। ତାଙ୍କ ଗ୍ରନ୍ଥ ବିବାହ, ସ୍ୱୟଂବର, ହରଣ ଇତ୍ୟାଦି ଘଟଣାରେ ପରିପୂର୍ଣ୍ଣ ହୋଇଥିବାରୁ ନାରୀ ରୂପ ବର୍ଣ୍ଣନା ନିମନ୍ତେ ତାଙ୍କୁ ଯଥେଷ୍ଟ ସୁଯୋଗ ମିଳିଛି। ମଧ୍ୟପର୍ବରେ ମେରୁଶୃଙ୍ଗ ଦୈତ୍ୟର ନନ୍ଦିନୀ ତ୍ରିଭୁବନମୋହିନୀ, ଶୋଣିତପୁରର ବାଣାସୁର ନନ୍ଦିନୀ ଉଷା, କୃତଶେଖର ରାଜ୍ୟର ଦୁହିତା ସୁରେଖା ଇତ୍ୟାଦି ବହୁ ସୁନ୍ଦରୀ କନ୍ୟାଙ୍କର ରୂପ ବର୍ଣ୍ଣନାରେ କବି ଅପୂର୍ବ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଦ୍ରୌପଦୀଙ୍କ ସ୍ୱୟଂବରକାଳୀନ ରୂପ ଏବଂ ବିରାଟ ପର୍ବରେ ପୁନର୍ବାର ତାଙ୍କ ରୂପବର୍ଣ୍ଣନାରେ କବି ଶତମୁଖ ହୋଇ ଉଠିଛନ୍ତି। ନଖଠାରୁ ଶିଖ ପର୍ଯ୍ୟନ୍ତ ବିଶଦ ବର୍ଣ୍ଣନା ଦେଇ ସେ ନିଜ ସ୍ୱକୀୟତାର ପ୍ରମାଣ ଦେଇଛନ୍ତି।

ପୁରୁଷ ରୂପ ବର୍ଣ୍ଣନାରେ ମଧ୍ୟ ସେ ସିଦ୍ଧହସ୍ତ। ଆଦିପର୍ବରେ ସ୍ଥାନିତ କର୍ଣ୍ଣଙ୍କ ଶୈଶବର ରୂପ ବର୍ଣ୍ଣନା ଏ ଉକ୍ତିର ସତ୍ୟତା ପ୍ରମାଣିତ କରେ। ଆଦିପର୍ବରେ କବି ପାଣ୍ଡବମାନଙ୍କ ବ୍ରାହ୍ମଣ ବେଶର ବର୍ଣ୍ଣନା ଦେଇଛନ୍ତି। ଏହା ଏତେ ଜୀବନ୍ତ ଯେ ପାଠ କରିବା ସମୟରେ ଆଖି ଆଗରେ ପାଞ୍ଚଜଣ ନୈଷ୍ଠିକ ବ୍ରାହ୍ମଣଙ୍କ ଛବି ନାଚିଉଠେ। ଏହାହିଁ କବିଙ୍କ ବର୍ଣ୍ଣନାଶୈଳୀର ସାର୍ଥକତା।

ଗ୍ରନ୍ଥର ବିଭିନ୍ନ ସ୍ଥଳରେ ପ୍ରକୃତି ବର୍ଣ୍ଣନାରେ କବି ନିଜର ଦକ୍ଷତା ବଜାୟ ରଖିଛନ୍ତି। କାଇଁଶିକା ପର୍ବରେ ବିଶ୍ୱାମିତ୍ରଙ୍କ ତପୋଭଙ୍ଗ ନିମନ୍ତେ ଇନ୍ଦ୍ର ଯେତେବେଳେ ମେନକାକୁ ପଠାଇଛନ୍ତି ସେତେବେଳେ ଧରାରେ ବସନ୍ତ ଋତୁ। ବସନ୍ତ ଋତୁର ମନୋରମ ଶୋଭାର ବର୍ଣ୍ଣନା କବି ପ୍ରଦାନ କରିଛନ୍ତି ଗୀତଗୋବିନ୍ଦୀୟ ଶୈଳୀରେ।

ସାରଳାଦାସଙ୍କ କଳ୍ପନା-ପ୍ରବଣତା ପାଠକକୁ ବିସ୍ମୟାଭିଭୂତ କରିଥାଏ। ସେ ସଂଖ୍ୟାର ସୂଚନା ଯେଉଁଠି ଦେବାକୁ ଯାଇଛନ୍ତି ତାହା ସେ ଦେଇଛନ୍ତି ସହସ୍ର, ଲକ୍ଷ, କୋଟି ପ୍ରଭୃତି ଅଙ୍କରେ, ଯାହା ଏକାନ୍ତ ଅସମ୍ଭବ ମନେହୁଏ। ତାଙ୍କର ଏହି ଉଦାର କଳ୍ପନାବିଳାସ ପଛରେ ଅବଶ୍ୟ ଯୁକ୍ତି ରହିଛି। ତାଙ୍କ ରଚନା ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ପାଇଁ ନୁହେଁ, ନିରକ୍ଷର ଗ୍ରାମ୍ୟ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସଂଖ୍ୟାର ହିସାବ ଦେବାବେଳେ ଯଦି ତାହା ଅତିରଞ୍ଜିତ ରୂପ ଗ୍ରହଣ ନ କରେ ଅର୍ଥାତ୍ ସହସ୍ର, ଲକ୍ଷ, କୋଟି ଆଦିକୁ ସ୍ପର୍ଶ ନ କରେ, ତାହାହେଲେ ନିରକ୍ଷର ସରଳ ଗ୍ରାମ୍ୟ ଶ୍ରୋତାର ମନରେ ଉତ୍କଣ୍ଠା ରହିବ ନାହିଁ ଏବଂ ସେଥିରୁ ସେ କିଛି ଉତ୍ତେଜନା ମଧ୍ୟ ସଂଗ୍ରହ କରିପାରିବ ନାହିଁ। ତେଣୁ ସେ ଦ୍ରୌପଦୀଙ୍କ ସ୍ୱୟଂବରକାଳୀନ ଦୃଶ୍ୟ ବର୍ଣ୍ଣନ କରିବା ସମୟରେ ଦ୍ରୌପଦୀଙ୍କୁ ରଖାଇଛନ୍ତି ସହସ୍ର ସହସ୍ର ପରିଚାରିକାଙ୍କ ଗହଣରେ ଏବଂ ତାଙ୍କ ସମ୍ମୁଖରେ ନୃତ୍ୟ କରିବାରେ ନିୟୋଜିତ କରିଛନ୍ତି ସହସ୍ର ସହସ୍ର ବନିତା। ଯେଉଁ ରାଜାଙ୍କ କନ୍ୟାର ସ୍ୱୟଂବରରେ ସହସ୍ର ସହସ୍ର ରମଣୀ ନିୟୋଜିତ, ସେ ରାଜାଙ୍କ ରାଜସଭା ଆକାରରେ କେତେ ବିରାଟ ହୋଇଥିବ ଏବଂ ତାଙ୍କ ରାଜ୍ୟର ଜନସଂଖ୍ୟା କେତେ ଅଧିକ ହୋଇଥିବ, ତାହା ଅନୁମାନ କରାଯାଇପାରେ। ତେଣୁ ପାଠକଙ୍କ ମନୋଭାବ ପ୍ରତି ଦୃଷ୍ଟିରଖି ସେ ଏପରି ଉଦାର କଳ୍ପନାବିଳାସିତାକୁ ପ୍ରଶ୍ରୟ ଦେଇଛନ୍ତି। ଏହିପରି ଅନେକ ଉଦାହରଣ ପ୍ରଦାନ କରାଯାଇପାରେ।

**ଭାଷା :**

ସାରଳାଦାସ ସାଧାରଣ ଜନତାର ଭାଷାରେ ରଚନା କରିଥିଲେ ନିଜର ବିଶାଳ ସାହିତ୍ୟ କୃତିମାନ ଏବଂ ଏହି ଭାଷାହିଁ ସାରଳାଙ୍କ ଗ୍ରନ୍ଥରେ ଲୋକପ୍ରିୟତାକୁ ବୃଦ୍ଧିପ୍ରାପ୍ତ କରିଥିଲା। ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ। ଏହି ଭାଷା ରାଜ ପୃଷ୍ଠପୋଷକତା ଲାଭକରି ଏକାଦଶ ଶତାବ୍ଦୀଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ଅତି ଅବହେଳିତ ଅବସ୍ଥାରେ ଥିଲା। ଓଡ଼ିଆ ଭାଷାରେ ଯେକୌଣସି ରଚନା ବା ସଂସ୍କୃତ ପୁରାଣର ଓଡ଼ିଆ

ଅନୁବାଦ ସଂସ୍କୃତ ପଣ୍ଡିତମାନଙ୍କ ଦ୍ୱାରା ନିନ୍ଦିତ ଓ ଘୃଣିତ ହେଉଥିଲା। ଏହିପରି ଏକ ମୁହୂର୍ତ୍ତରେ ସାଧାରଣ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି। ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ସେ ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟିକଲେ।

ତତ୍କାଳୀନ ଭାଷା ରାଜ୍ୟରେ ସଂସ୍କୃତ ଓ ପ୍ରାକୃତ ଭାଷାର ଆଧିପତ୍ୟ ଥିଲା। ଓଡ଼ିଆ ଭାଷା ଥିଲା ଶୈଶବାବସ୍ଥାରେ ଏବଂ ପୂର୍ବୋକ୍ତ ଦୁଇ ଭାଷାଦ୍ୱାରା ପ୍ରଭାବିତ ହୋଇଥିଲେହେଁ ସଂସ୍କୃତ ଭାଷା ଅପେକ୍ଷା ପ୍ରାକୃତ ଭାଷାଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲା ଓଡ଼ିଆ ଭାଷା। ଏଣୁ ସାରଳା ମହାଭାରତର ଭାଷା ସରଳ ସଂସ୍କୃତ ଶବ୍ଦ, ତଦ୍ଭବ ଶବ୍ଦ ଓ ବିଶୁଦ୍ଧ ଓଡ଼ିଆ ଶବ୍ଦର ଏକ ସୁନ୍ଦର ସମନ୍ୱୟ। ଏଥିରେ ପରିଦୃଷ୍ଟ କେତେକ ସଂସ୍କୃତ ଶବ୍ଦ ହେଉଛି– ଅପସାର, ଅପଚୟ, ଅମରାଧିନାଥ, ଉତ୍କର୍ଷ, କୌଣପ, ଦର୍ଦ୍ଦୁର, ପଟଳ, ମଞ୍ଜୁଷ, ମନୀଷା, ମଘବା, ବାରାଙ୍ଗନା, ଭିକ୍ଷାଶୀ, ରାତ୍ରିଚର, ଶୋଣିତ, ସୁନାଶିର, ସମସ୍ୟା ଇତ୍ୟାଦି। ତଦ୍ଭବ ଶବ୍ଦ ହେଉଛି– ଅମରିଷ (ଅମର୍ଷ), ଉଡ଼ଙ୍ଗ (ଉରଗ), ଉରସଲ (ଉରଃଶଲ୍ୟ), ଓହ (ଉଭୟ), କଣୟ (କନକ), ଦୁତି (ଦ୍ୱିତୀୟ), ଦୋରେହା (ଦ୍ରୋହୀ), ପତାଙ୍କ (ପତାକା), ପଞ୍ଚଣ (ପଞ୍ଚାନନ), ପକୁ (ପକ୍ୱ), ମୟାଣ (ମଦନ), ରୟଣୀ (ରଜନୀ), ବହିଣୀ (ଭଗିନୀ) ଇତ୍ୟାଦି। ଅସଂଖ୍ୟ ବିଶୁଦ୍ଧ ଓଡ଼ିଆ ଶବ୍ଦର ଗନ୍ତାଘର ହେଉଛି ଏହି ଗ୍ରନ୍ଥ। ଏପରି ଶବ୍ଦ କେତୋଟି ହେଲେ– ଅଧାଟି, ଅଗୁଳି, ଅଧାମ୍ବ, ଉଚପାଚ, ଉଦନ୍ତ, କରାଣ୍ଡି, କଳତି, କନ୍ଦୁରା, କରୁଣି, କେରେଣ୍ଡ, କଳାଟି, କାକୁଆଳି, ଖୁରୁପାଣି, ଗୁଗୁଚିଆ, ତ୍ରିପଣ୍ଡ, ନଡ଼ପ, ମୁରାଟ, ଲାଟ, ସିଂହଡ଼ା, ହାଲହୋଳ ଇତ୍ୟାଦି। ଏହି ବିଶୁଦ୍ଧ ଓଡ଼ିଆ ଶବ୍ଦଗୁଡ଼ିକରୁ ଅଧିକାଂଶ ପୌରାଣିକ ହୋଇଥିବାରୁ ସେଗୁଡ଼ିକର ବ୍ୟବହାର କ୍ରମଶଃ କମିଯାଉଛି।

କବି ସାରଳାଦାସ ଥିଲେ ଅତ୍ୟନ୍ତ ଜାତୀୟତାବାଦୀ। ଓଡ଼ିଆ ସେ ସମୟରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଭାଷା ନ ଥିଲା। ଏ ଭାଷାରେ ଗ୍ରନ୍ଥ ରଚନା କରିବାରେ କିଛି ବିଜାତୀୟ ଶବ୍ଦର ଅନୁପ୍ରବେଶ ଘଟିବାର ସମ୍ଭାବନା ସର୍ବଦା ରହିଥିଲା; ମାତ୍ର ଆଶ୍ଚର୍ଯ୍ୟର କଥା କୌଣସି ବିଜାତୀୟ ଶବ୍ଦର ବ୍ୟବହାର ଜାତୀୟ କବି ସାରଳାଦାସ କରି ନାହାନ୍ତି। ବର୍ତ୍ତମାନ ବଜାରରେ ମିଳୁଥିବା ମୁଦ୍ରିତ ସାରଳା ମହାଭାରତରେ ଏପରି ଯେଉଁ କେତୋଟି ଶବ୍ଦ ଦେଖାଯାଏ, ସେଗୁଡ଼ିକ ପରବର୍ତ୍ତୀକାଳୀନ ପ୍ରକ୍ଷେପ।

ନିଜ ରଚନାରେ କେତେକ ବିଶେଷ୍ୟପଦକୁ ସାରଳାଦାସ ନିଃସଙ୍କୋଚରେ ବିଶେଷଣ ପଦ ରୂପେ ବ୍ୟବହାର କରିଛନ୍ତି। ଶାନ୍ତି, ତୋଷ, ବିବେକ, ତୃପ୍ତି, ଅତୃପ୍ତି ଇତ୍ୟାଦି କେତୋଟି ବିଶେଷ୍ୟ ପଦ୍ୟକୁ କବି ବିଶେଷଣାର୍ଥରେ ପ୍ରଯୁକ୍ତ କରିବା ଦେଖାଯାଏ। ଯଥା– ସମସ୍ତ ଅରିଷ୍ଟି ଏହାର ହୋଇଲାକ ଶାନ୍ତ। ଦେଖିଣ ଅସୁର ଯେ ଲୋଡ଼ଇ ତୋଷମନେ। ଯୁଝେଷ୍ଠି ବୋଇଲେ ତୁହି ଅତ୍ୟନ୍ତ ବିବେକ। ଭୁଞ୍ଜିଣ ବୃଷଭ ତ୍ରିପୁତି ହୋଇଲା। ଆଧାରେ ଶୃଙ୍ଗାରେ ଯେ ଅତ୍ରିପୁତି ଭୀମା।

ଏହି ଗ୍ରନ୍ଥରେ ଆଳଙ୍କାରିକ ଅନୁସ୍ୱାରର ବହୁଳ ବ୍ୟବହାର ଦେଖାଗଲେ ମଧ୍ୟ ଚନ୍ଦ୍ରବିନ୍ଦୁ ସ୍ଥାନରେ ସର୍ବତ୍ର ଅନୁସ୍ୱାର ବ୍ୟବହୃତ ହୋଇଛି। ଯେପରି– ତହିଂ, ହେଂ, ଜୁଆଇଂ, ଯେଉଂ, ମୁଂ, ଯହୁଂ, ନାହିଂ ଇତ୍ୟାଦି। ଏଥିରେ 'ଏ' ସ୍ଥାନରେ 'ୟେ' ବ୍ୟବହୃତ। ଯଥା– ୟେ, ୟେଥୁଂ, ୟେହାର, କଥାୟେ ଇତ୍ୟାଦି। 'ଛ' ସ୍ଥାନରେ 'କ୍ଷ' ଓ 'କ୍ଷ' ସ୍ଥାନରେ 'ଛ'ର ବ୍ୟବହାର– ବାଞ୍ଛା- ବାଂକ୍ଷା, ଚକ୍ଷୁ- ଚଛୁ ଇତ୍ୟାଦି। ଶବ୍ଦ ସଂକୋଚନ ଫଳରେ 'ଯୁଧିଷ୍ଠିର' ସ୍ଥାନରେ 'ଯୁଝେଷ୍ଠି' ଏବଂ ଶବ୍ଦ ପ୍ରସାରଣ ଯୋଗୁଁ 'କୁନ୍ତୀ' ସ୍ଥାନରେ 'କୋଇନ୍ତା' ଭଳି କେତେକ ପ୍ରୟୋଗ ଦେଖିବାକୁ ମିଳେ।

ସାରଳାକାଳୀନ ଗଦ୍ୟର ନମୁନା ଦେଖିବାକୁ ମିଳେ ସାରଳା ମହାଭାରତରେ ଅଳ୍ପ କେତେକ ସ୍ଥଳରେ। ପଦ୍ୟରେ ବିଷୟବସ୍ତୁ ବର୍ଣ୍ଣନ କଲାବେଳେ ଯେଉଁଠି ଚିଟାଉ, ଆଜ୍ଞା ପତ୍ରିକା, ମନ୍ତ୍ର ପ୍ରଭୃତିର ଆବଶ୍ୟକ ହୋଇଛି, ସେଠାରେ ସାରଳାଦାସ ଗଦ୍ୟ ବ୍ୟବହାର କରିଛନ୍ତି। ଏହିପରି ସଂଖ୍ୟାଧିକ ଗଦ୍ୟରଚନା ଦେଖିବାକୁ ମିଳେ ମଧ୍ୟପର୍ବରେ। ସେଥିମଧ୍ୟରୁ କେତୋଟି ହେଉଛି– ଭୀମର ଆଜ୍ଞା ପତ୍ରିକା, ଦୁର୍ଯ୍ୟୋଧନଙ୍କ ନିକଟକୁ ବଳରାମଙ୍କ ପତ୍ର, ଗୋରେଖନାଥଙ୍କ ନାମୋଲ୍ଲେଖ ଥାଇ ମନ୍ତ୍ର ଇତ୍ୟାଦି।

ସଂସ୍କୃତ ଭାଷାର ଚରମ ବିକାଶ ଘଟୁଥିଲାବେଳେ ଓ ଓଡ଼ିଆ ଭାଷା ସଂସ୍କୃତ କବଳିତ ହୋଇ ବିଲୟ ହେଉଥିଲାବେଳେ ସାରଳାଦାସଙ୍କ ଆବିର୍ଭାବ। ସେ ଓଡ଼ିଆ ଭାଷାକୁ ଏହି ଦୁର୍ଦ୍ଦଶାରୁ ଉଦ୍ଧାର କରି ଓ ଏହାକୁ ବ୍ୟବହାର କରି, ଏହା କେତେ ଦୂର ପ୍ରକାଶକ୍ଷମ, ତାହା ସମାଜକୁ ଦେଖାଇ ଦେଲେ। ଏଥିପାଇଁ ସେ ଓଡ଼ିଆ ଜାତି ନିକଟରେ ଚିର ନମସ୍ୟ।

**୨.୫.୧.୭.- ଐତିହାସିକ ମୂଲ୍ୟ :**

'ସାରଳା ମହାଭାରତ'କୁ କେବଳ ଏକ ପୁରାଣରୂପେ ଗ୍ରହଣ କରିବା ସତ୍ୟର ଅପଳାପ କରିବା ସହିତ ସମାନ। ଏହା ବ୍ୟାସଦେବଙ୍କ ସଂସ୍କୃତ ମହାଭାରତର ଆକ୍ଷରିକ ଅନୁବାଦ ହୋଇଥିଲେ ଏହି ଆଖ୍ୟାର ଯଥାର୍ଥ୍ୟ ରହିଥା'ନ୍ତା; ମାତ୍ର ଏହା ସଂସ୍କୃତ ମହାଭାରତର ଛାୟାରେ କେବଳ ରଚିତ। କବି ନିଜର ସ୍ୱକୀୟତା ପ୍ରମାଣିତ କରିଛନ୍ତି ଏହି ଗ୍ରନ୍ଥକୁ ଏକ ନୂତନ ରୂପ ପ୍ରଦାନ କରି। ଆବଶ୍ୟକତା ଅନୁଯାୟୀ ସେ ଏଥିରେ ଅନେକ ପରିବର୍ତ୍ତନ ଆଣିଛନ୍ତି ଏବଂ ଏପରି ଘଟିଛି ଗ୍ରନ୍ଥର ଅନେକତ୍ର, ଯାହା ଏହାକୁ ଏକ ମୌଳିକ ଗ୍ରନ୍ଥର ମର୍ଯ୍ୟାଦା ଦିଏ। ସାରଳାଦାସ ସୂର୍ଯ୍ୟବଂଶର ଗଜପତି ରାଜା କପିଳେନ୍ଦ୍ର ଦେବ ଓ ତାଙ୍କ ପୁତ୍ର ପୁରୁଷୋତ୍ତମଦେବଙ୍କ ସମସାମୟିକ ଥିଲେ। ସେମାନଙ୍କ ସମୟରେ ଅର୍ଥାତ୍ ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀରେ ସଂଘଟିତ କେତେକ ଐତିହାସିକ ଘଟଣାକୁ ଆଲୋଚ୍ୟ ଗ୍ରନ୍ଥରେ ପରୋକ୍ଷ ଭାବରେ ସନ୍ନିବେଶିତ କରି ସେ ଏହାର ଐତିହାସିକ ମୂଲ୍ୟ ବଢ଼ାଇ ଦେଇଛନ୍ତି। ପ୍ରଖ୍ୟାତ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ 'ସାରଳା ମହାଭାରତ'ରେ ପ୍ରଚ୍ଛନ୍ନ ଥିବା କେତେକ ଐତିହାସିକ ଘଟଣାକୁ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରି ପ୍ରମାଣିତ କରିଛନ୍ତି ଯେ ଏହା କେବଳ କାବ୍ୟ ବା ପୁରାଣ ନୁହେଁ, ଇତିହାସ ମଧ୍ୟ।

ସଭାପର୍ବରେ ବର୍ଣ୍ଣିତ ଅଛି ଯେ ରାଜସୂୟ ଯଜ୍ଞକୁ ବିଭିନ୍ନ ଦେଶର ରାଜାଙ୍କୁ ନିମନ୍ତ୍ରଣ କରିବା ପାଇଁ ଭୀମ ପଶ୍ଚିମ ଦିଗକୁ, ଅର୍ଜ୍ଜୁନ ଉତ୍ତର ଦିଗକୁ, ନକୁଳ ଦକ୍ଷିଣ ଦିଗକୁ ଓ ସହଦେବ ପୂର୍ବଦିଗକୁ ଗମନ କରିଛନ୍ତି। ଏହି ସମୟରେ ସେମାନେ ଅନେକ ଦେଶ ଜୟ କରିଛନ୍ତି। କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବଙ୍କଦ୍ୱାରା ବିଜିତ ଅନେକ ଦେଶକୁ ସାରଳାଦାସ ପାଣ୍ଡବଙ୍କ ଦିଗ୍‌ବିଜୟ ସହିତ ସାମିଲ୍ କରିଦେଇଛନ୍ତି। ଏହି ସମୟର ଯେତେକ ଐତିହାସିକ ଓ ଭୌଗୋଳିକ ବିବରଣୀ ତାଙ୍କୁ ଜଣାଥିଲା ସେସମସ୍ତକୁ ସେ ନିଜ ଗ୍ରନ୍ଥରେ ବିଭିନ୍ନ ପ୍ରସଙ୍ଗରେ ସ୍ଥାନ ଦେବାକୁ ଚେଷ୍ଟା କରିଛନ୍ତି। ଡକ୍ଟର ପାଣିଗ୍ରାହୀ ତତ୍‌କାଳୀନ ଓଡ଼ିଶାର ଇତିହାସ ସହିତ ଏ ଦିଗ୍‌ବିଜୟଗୁଡ଼ିକର କିପରି ସମ୍ପର୍କ ରହିଛି, ତାହା ଦର୍ଶାଇଛନ୍ତି।

କପିଳେନ୍ଦ୍ରଦେବଙ୍କଦ୍ୱାରା ଅଧିକୃତ ମାହେନ୍ଦ୍ର ନଗର ଏବଂ ମନ୍ଦାରଦେଶର ନାମୋଲ୍ଲେଖ ଆଲୋଚ୍ୟ ଗ୍ରନ୍ଥରେ ପରିଦୃଷ୍ଟ ହୁଏ। ଏ ଦୁଇଟି ଯଥାକ୍ରମେ ରାଜମାହେନ୍ଦ୍ରି ଓ ମନ୍ଦାରନ ଦୁର୍ଗ। ଏ ଦୁଇ ଦେଶର ରାଜ୍ୟ ଭାନୁମତୀଙ୍କ ସ୍ୱୟଂବରରେ ଯୋଗଦେଇଥିବା ବର୍ଣ୍ଣିତ ହୋଇଛି। କପିଳେନ୍ଦ୍ରଦେବ ୧୪୪୩ ଖ୍ରୀଷ୍ଟାବ୍ଦରେ ରେଡ୍‌ଡ଼ୀମାନଙ୍କୁ ପରାସ୍ତକରି ସେମାନଙ୍କ ରାଜ୍ୟ ଅଧିକାର କରିଥିଲେ। ଏହି ରାଜ୍ୟର ରାଜଧାନୀ ଥିଲା ରାଜମାହେନ୍ଦ୍ରି। ସେହିପରି ସେ ୧୪୫୦ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ସୁଲତାନ ନାସିରୁଦ୍ଦିନଙ୍କୁ ପରାସ୍ତକରି ଗଙ୍ଗାନଦୀ ତୀରବର୍ତ୍ତୀ ପ୍ରସିଦ୍ଧ ମନ୍ଦାରନ ଦୁର୍ଗ ଜୟ କରିଥିଲେ।

କପିଳେନ୍ଦ୍ରଙ୍କର 'ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର' ଦୀର୍ଘ ଉପାଧିଟି ଏ ପର୍ଯ୍ୟନ୍ତ ଗଜପତି ରାଜାମାନଙ୍କ ନାମ ପୂର୍ବରୁ ବ୍ୟବହୃତ ହେଉଛି। କପିଳେନ୍ଦ୍ରଦେବ ଗୌଡ଼ରାଜ୍ୟ ଜୟ କରିଥିଲେ। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ତାଙ୍କ ଅଧିକାରଭୁକ୍ତ ଥିଲା। ଶାସନଗତ ସୁବିଧାଦୃଷ୍ଟିରୁ ସେ ଏହାକୁ ନଅଗୋଟି ଭାଗରେ ବିଭକ୍ତ କରିଥିବାରୁ ଏହାର ନାମ 'ନବକୋଟି' ରଖାଯାଇଥିବା ଅନୁମିତ ହୁଏ। କଳବର୍ଗେଶ୍ୱର ଉପାଧି ତାଙ୍କୁ ମିଳିଥିଲା ୧୪୬୧ ଖ୍ରୀଷ୍ଟାବ୍ଦରେ ବାହମନୀ ରାଜ୍ୟର ଗୁଲବର୍ଗ ବା କଳବର୍ଗ ରାଜ୍ୟ ଅଧିକାର କରିବାପରେ। ସାରଳାଦାସ କଳବର୍ଗ ନାମଟିକୁ ସାମାନ୍ୟ ପରିବର୍ତ୍ତନ କରି କାଳେବର

ଭାବେ ବ୍ୟବହାର କରିଛନ୍ତି ନିଜ ଗ୍ରନ୍ଥରେ । ଭୀମ ଶିବପୁର ରାଜା ହୋଇଥିବାବେଳେ ତାଙ୍କୁ ‘କାଳେବର ମହାରାଜା’ ଭାବେ କବି ପରିଚିତ କରାଇଛନ୍ତି ।

ଇତିହାସବର୍ଣ୍ଣିତ ପୁରୁଷୋତ୍ତମଦେବଙ୍କ ଅଭିଷେକକୁ ଆଖି ଆଗରେ ରଖି କବି ଯୁଧିଷ୍ଠିରଙ୍କ ଅଭିଷେକ ବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି । ୧୪୬୭ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ରଦେବଙ୍କ ମୃତ୍ୟୁ ହୋଇଥିଲା କୃଷ୍ଣାନଦୀ ତୀରରେ ଏବଂ ସେହି ନଦୀତୀରସ୍ଥ ଶିବିରରେ ପୁରୁଷୋତ୍ତମ ଦେବଙ୍କର ଅଭିଷେକ ହୋଇଥିଲା । ପରେ ରାଜଧାନୀରେ ରାଜକୀୟ ବିଧି ସହ ତାଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହିପରି କବିଙ୍କ ବର୍ଣ୍ଣନାରେ ଯୁଧିଷ୍ଠିରଙ୍କ ଅଭିଷେକ ହୋଇଛି ଗୋମତୀ ନଦୀ ତୀରରେ ଏବଂ ମହାଭାରତ ଯୁଦ୍ଧର ଅବସାନ ପରେ ପୁନର୍ବାର ତାଙ୍କ ଅଭିଷେକ ଅନୁଷ୍ଠିତ ହୋଇଛି ରାଜଧାନୀରେ ।

ପୁରୁଷୋତ୍ତମଦେବଙ୍କ କାଞ୍ଚି ଅଭିଯାନର ଚିତ୍ର ସାରଳାଦାସ ଫୁଟାଇଛନ୍ତି କାଞ୍ଚିନଗରୀ ରାଜାଙ୍କ ସହିତ ଅର୍ଜ୍ଜୁନଙ୍କ ସମରର ବର୍ଣ୍ଣନାରେ । ଇତିହାସ କହେ ଯେ କାଞ୍ଚିରାଜ୍ୟ ଶାଲ୍ଵ ନରସିଂହ ପୁରୁଷୋତ୍ତମଦେବଙ୍କଦ୍ୱାରା ବନ୍ଦୀ ହେବାପରେ ଦୁଇହାତ ଯୋଡ଼ି କ୍ଷମା ପ୍ରାର୍ଥନା କରିଥିଲେ । ମହାଭାରତର ପରାଜିତ କାଞ୍ଚିନଗ୍ର ରାଜା ମହାକେଶରୀଙ୍କୁ ହତ୍ୟା କରା ନ ଯାଇ ତାଙ୍କର ହାତ ବନ୍ଧାହୋଇଛି ଏବଂ ସେହି ଅବସ୍ଥାରେ ସେ ଅଶ୍ୱମେଧ ଯଜ୍ଞରେ ଯୋଗଦେବା ନିମନ୍ତେ ଯାତ୍ରା କରିଛନ୍ତି ।

ଏହପରି ଗ୍ରନ୍ଥ ମଧ୍ୟରେ ଅନେକତ୍ର ଐତିହାସିକ ଚିତ୍ର ଫୁଟିଉଠିଛି ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ । ତେଣୁ ସାରଳାଦାସଙ୍କୁ ଜଣେ ପୁରାଣକାର ଭାବରେ ନୁହେଁ, ଜଣେ ଦୂରଦୃଷ୍ଟିସମ୍ପନ୍ନ ଐତିହାସିକ ଭାବରେ ମଧ୍ୟ ଗ୍ରହଣ କରାଯାଇପାରେ । ଗ୍ରନ୍ଥରେ ପ୍ରଦତ୍ତ ଐତିହାସିକ ଓ ଭୌଗୋଳିକ ଚିତ୍ରଗୁଡ଼ିକ କବିଙ୍କ ଅଗାଧ ପାଣ୍ଡିତ୍ୟ ଓ ସ୍ମରଣଶକ୍ତିର ପରିଚୟ ।

**୨.୫.୨.- ବିଲଙ୍କା ରାମାୟଣ :**

ସାରଳାଦାସଙ୍କ ଉକ୍ତି ଅନୁସାରେ ‘ବିଲଙ୍କା ରାମାୟଣ’ ତାଙ୍କର ପ୍ରଥମ କୃତି । ତାଙ୍କର ପ୍ରଥମ ରଚନା ହେତୁ ଏହା କ୍ଷୁଦ୍ର ଆକୃତିବିଶିଷ୍ଟ ବୋଲି ମନେହୁଏ । ଏପର୍ଯ୍ୟନ୍ତ ଏହି ଗ୍ରନ୍ଥଟିର ଶୁଦ୍ଧ ସଂସ୍କରଣ ପ୍ରକାଶିତ ହୋଇ ନ ଥିବାରୁ ବଜାରରେ ମିଳୁଥିବା ମୁଦ୍ରିତ ପୁସ୍ତକ ଉପରେ ନିର୍ଭରକରି ଏହି ଆଲୋଚନାଟି ପ୍ରସ୍ତୁତ ।

ଶିବ-ପାର୍ବତୀଙ୍କ କଥୋପକଥନ ଛଳରେ ସମଗ୍ର ଗ୍ରନ୍ଥଟିର କଥାବସ୍ତୁ ପରିକଳ୍ପିତ । ଏହାର ସଂକ୍ଷିପ୍ତ କଥାବସ୍ତୁ ହେଉଛି– ଲଙ୍କାର ରାଜା ଦଶାନନ ରାବଣକୁ ବିନାଶ କରି ଅଯୋଧ୍ୟା ଫେରିବା ପରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକର ଆୟୋଜନ ଚାଲିଛି । ବ୍ରହ୍ମାଙ୍କ ବରରେ ବଳୀୟାନ ସହସ୍ରଶିରା ରାବଣର ଅତ୍ୟାଚାରରୁ ରକ୍ଷା ପାଇବାପାଇଁ ଦେବତାମାନଙ୍କ ଚକ୍ରାନ୍ତ ଫଳରେ ରାମଚନ୍ଦ୍ର ବିଲଙ୍କା ନଗରରେ ପହଞ୍ଚିଛନ୍ତି । ଯୁଦ୍ଧରେ ତା’ର ମନ୍ତ୍ରୀ ସପ୍ତଶିରା, ସପ୍ତଶିରାର ପୁତ୍ର ନାଭିଦୈତ୍ୟ, ଶୁମ୍ଭ, ନିଶୁମ୍ଭ, ପ୍ରଳମ୍ବା, କଦମ୍ବା, ତ୍ରିଶିରା, ଶତଶିରା ପ୍ରଭୃତି ରାକ୍ଷସଗଣ ପ୍ରାଣ ହରାଇଛନ୍ତି । କିନ୍ତୁ ସକଳ ଚେଷ୍ଟାସତ୍ତ୍ୱେ ସହସ୍ରଶିରା ନିହତ ନ ହେବାରୁ ରାମଚନ୍ଦ୍ର ହତୋତ୍ସାହ ହୋଇପଡ଼ିଛନ୍ତି । ଦେବତାମାନେ ତାଙ୍କୁ ପରାମର୍ଶ ଦେଇଛନ୍ତି ସତୀ ଶିରୋମଣି ସୀତାଙ୍କ ସାହାଯ୍ୟ ନେଇ ସହସ୍ରଶିରାକୁ ବଧ କରିବା ପାଇଁ । ହନୁମାନ ଅଯୋଧ୍ୟାକୁ ଯାଇ ଲକ୍ଷ୍ମଣ ଓ ସୀତାଙ୍କୁ ଧରି ଫେରିଛି । ମହିଷାମର୍ଦ୍ଦିନୀ ମହାମାୟୀ କାତ୍ୟାୟିନୀଙ୍କଠାରୁ ପଞ୍ଚଶର ପ୍ରାପ୍ତହୋଇ ସତୀ ସୀତା ତ୍ରୈଲୋକ୍ୟମୋହିନୀ ବେଶରେ ସହସ୍ରଶିରା ସମ୍ମୁଖରେ ପହଞ୍ଚିଛନ୍ତି । ନିଜର ଉଲଗ୍ନ ଶରୀର ଦେଖାଇ ସହସ୍ରଶିଳାକୁ ସେ ହୀନବୀର୍ଯ୍ୟ କରାଇଛନ୍ତି । ଏହି ଅବସରରେ ରାମ ଓ ଲକ୍ଷ୍ମଣ ଶରବିଦ୍ଧକରି ଦୁଷ୍ଟ ଦାନବକୁ ଚିରଦିନ ପାଇଁ ଧରାପୃଷ୍ଠରୁ ବିଦାୟ ଦେଇଛନ୍ତି । ଦେବତାମାନେ ଆନନ୍ଦ ଉଲ୍ଲାସରେ ମାତିଛନ୍ତି ଓ ଶ୍ରୀରାମଙ୍କ ଉପରେ ପୁଷ୍ପବୃଷ୍ଟି କରିଛନ୍ତି । ଲକ୍ଷ୍ମଣ ଓ ସୀତାଙ୍କ ସହିତ ରାମଚନ୍ଦ୍ର ଅଯୋଧ୍ୟା ଫେରି ଆସିଛନ୍ତି । ସେଠାରେ ତାଙ୍କର ଅଭିଷେକ କାର୍ଯ୍ୟ ସମ୍ପାଦିତ ହୋଇଛି ।

ଏହି ଗ୍ରନ୍ଥରେ ରାମଚନ୍ଦ୍ରଙ୍କ ଅପେକ୍ଷା ସତୀ ସୀତା ଅଧିକ ଶକ୍ତିସଂପନ୍ନା ଭାବରେ ଚିତ୍ରିତା। ଶକ୍ତି ଉପାସକ ସାରଳାଦାସଙ୍କ ଦେବୀମାହାତ୍ମ୍ୟ ପ୍ରକୀର୍ତ୍ତନ କରିବା ଉଦ୍ଦେଶ୍ୟ ଏଥିରେ ଅତି ସ୍ପଷ୍ଟ।

୨.୫.୨.୧- ସାହିତ୍ୟିକ ମୂଲ୍ୟ :

ବାଲ୍ମୀକିଙ୍କ ଦ୍ୱାରା ରଚିତ 'ଅଦ୍ଭୁତ ରାମାୟଣ'ର ଛାୟାରେ ସାରଳାଦାସଙ୍କ 'ବିଲଙ୍କା ରାମାୟଣ' ରଚିତ ହୋଇଥିଲେହେଁ ଗ୍ରନ୍ଥର ବହୁସ୍ଥାନରେ କବିଙ୍କ ମୌଳିକତା ପରିଦୃଷ୍ଟ ହୁଏ। ଗ୍ରନ୍ଥଟି 'ସାରଳା ମହାଭାରତ' ଭଳି ଦାଣ୍ଡିବୃତ୍ତରେ ରଚିତ; ମାତ୍ର ପରବର୍ତ୍ତୀକାଳରେ ଏହାକୁ ମୁଦ୍ରିତ ରୂପ ଦେବାକାଳରେ ଏହାର ପ୍ରତିଧାଡ଼ିକୁ ଚଉଦ-ଅକ୍ଷରୀ କରିଦିଆଯାଇଛି।

ଆଧ୍ୟାତ୍ମିକ କ୍ଷେତ୍ରରେ ସେ ଉଦାରତା ଦେଖାଇଛନ୍ତି। ନିଜେ ଜଣେ ଶକ୍ତି ଉପାସକ ବା ଶାକ୍ତ ହେଲେହେଁ ଏହି ଗ୍ରନ୍ଥରେ ସେ ଝଙ୍କଡ଼ବାସିନୀ ଦେବୀ ସାରଳାଙ୍କୁ ସ୍ତୁତି କରିବାପରେ ଶିବ, ଜଗନ୍ନାଥ, ସରସ୍ୱତୀ ପ୍ରଭୃତି ଦେବଦେବୀଙ୍କ ବନ୍ଦନା ଗାନ କରିଛନ୍ତି।

ଏହି ଗ୍ରନ୍ଥରେ କବିଙ୍କ ବର୍ଣ୍ଣନାଚାତୁରୀ ଅତି ଚମତ୍କାର। ନାୟକ-ନାୟିକାଙ୍କ ବେଶ ବର୍ଣ୍ଣନା ସରଳ ହେଲେହେଁ କାବ୍ୟିକ। ଅଭିଷେକ କାଳରେ ଶ୍ରୀରାମ ଓ ସୀତାଙ୍କ ବେଶବର୍ଣ୍ଣନା, ସୁରେଖା ରାକ୍ଷସୀର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା, ବ୍ରାହ୍ମଣବେଶ ବର୍ଣ୍ଣନା, ବ୍ରହ୍ମଚାରୀ ବେଶବର୍ଣ୍ଣନା, ବୀରବେଶ ବର୍ଣ୍ଣନା ଇତ୍ୟାଦି ଅତି ଜୀବନ୍ତ, ଯାହା କବିଙ୍କ ଅସାଧାରଣ ବର୍ଣ୍ଣନାଚାତୁରୀର ସମ୍ୟକ୍ ପରିଚୟ ପ୍ରଦାନ କରେ।

ଗ୍ରନ୍ଥର ଅନେକତ୍ର କବିଙ୍କ କଳ୍ପନାଶକ୍ତିର ବାହୁଲ୍ୟ ଦେଖାଯାଏ। ହନୁମାନ ରାମଚନ୍ଦ୍ରଙ୍କ ସନ୍ଧାନରେ ବିଲଙ୍କା ଭିତରକୁ ଯାଇ ବୁଲି ଦେଖିଥିବା ଗୃହ, ମନ୍ଦିର, ମଣ୍ଡପ, ରଥ ଓ ସେନାବାହିନୀ ଇତ୍ୟାଦିର ଯେଉଁ ସଂଖ୍ୟା କବି ଦେଇଛନ୍ତି, ତାହା ଅସମ୍ଭବ ମନେହେଲେହେଁ ତାଙ୍କ ସ୍ୱକୀୟତା ପ୍ରମାଣିତ କରେ। ତାଙ୍କର ଅନ୍ୟ ଗ୍ରନ୍ଥମାନଙ୍କରେ ଏହିପ୍ରକାର ଅତିରଞ୍ଜନ ମଧ୍ୟ ଦେଖିବାକୁ ମିଳେ।

ଗ୍ରନ୍ଥରେ ଶବ୍ଦାଳଙ୍କାରର ବ୍ୟବହାର ଦେଖିବାକୁ ମିଳେ ନାହିଁ। ଯେଉଁ କେତେକ ଅର୍ଥାଳଙ୍କାର ଦେଖିବାକୁ ମିଳେ, ସେଗୁଡ଼ିକର ସଂଖ୍ୟା ଖୁବ୍ କମ୍।

ସରଳ ଓ ନିରକ୍ଷର ଗ୍ରାମ୍ୟ ଜନତାଙ୍କ ନିମନ୍ତେ କବି ଗ୍ରନ୍ଥ ରଚନା କରିଥିବାରୁ ଏହାର ଭାଷା ଅତି ସରଳ।

ସାରଳାଦାସଙ୍କ ଏହି ପ୍ରଥମ ରଚନାରେ ପରିଲକ୍ଷିତ ଉଚ୍ଚକୋଟୀର ବର୍ଣ୍ଣନାଚାତୁରୀ, କଳ୍ପନାବିଳାସ ଇତ୍ୟାଦି ତାଙ୍କୁ ପରବର୍ତ୍ତୀ କାଳରେ ଜଣେ ପ୍ରତିଷ୍ଠିତ କବି ହେବାର ସ୍ପଷ୍ଟ ସୂଚନା ଦିଏ।

୨.୫.୩.- ଚଣ୍ଡୀପୁରାଣ :

କବି ସାରଳାଦାସ ମହାଭାରତ ପରେ ଶ୍ରୀ ଭାଗବତ ବା ଚଣ୍ଡୀ ଭାଗବତ ବା ଚଣ୍ଡୀପୁରାଣ ରଚନା କରିଥିଲେ। ଏହି ଚଣ୍ଡୀପୁରାଣ ପାଠ କରିବା ସମୟରେ ମନେହୁଏ ଯେ ଏହା ଏକ ମୌଳିକ ଗ୍ରନ୍ଥ। ଏହା ସଂସ୍କୃତ 'ସପ୍ତସତୀ ଚଣ୍ଡୀ' ବା 'ଶ୍ରୀ ଦେବୀ ଭାଗବତ'ର ଅନୁବାଦ ନୁହେଁ। ସ୍ଥୂଳତଃ ସଂସ୍କୃତ ଚଣ୍ଡୀପୁରାଣରେ ପ୍ରତିପାଦିତ କଥାବସ୍ତୁ ଚଣ୍ଡୀଙ୍କ ହସ୍ତରେ 'ମହିଷାସୁରର ନିଧନ' ସାରଳାଙ୍କ ଚଣ୍ଡୀପୁରାଣରେ କଥାବସ୍ତୁ ହୋଇଥିଲେ ହେଁ, ଏଥିରେ କବିଙ୍କ ଅପୂର୍ବ କଳ୍ପନାବିଳାସ, ଚରିତ୍ରଚିତ୍ରଣ, ନାମକରଣ ଆଦି କେତେକ ମୌଳିକତା ଓ ସ୍ୱକୀୟତା ଏହାକୁ ଏକ ସ୍ୱତନ୍ତ୍ର ଗ୍ରନ୍ଥର ମର୍ଯ୍ୟାଦା ପ୍ରଦାନ କରେ।

୨.୫.୩.୧.- ସଂକ୍ଷିପ୍ତ କଥାବସ୍ତୁ :

ସିଂହଳାସୁରର ପୁତ୍ର ବଜ୍ରସିଂହ ଓ ବଜ୍ରସିଂହର ପୁତ୍ର କପିଳ ସିଂହ । କପିଳ ସିଂହ ରାକ୍ଷସ ଚଉଦବର୍ଷ କାଳ ତପସ୍ୟା କରି ଶିବଙ୍କଠାରୁ ବରପ୍ରାପ୍ତ ହୋଇଛି ଏବଂ ଏହି ବରବଳରେ ବହୁସ୍ତ୍ରୀ ଉପଭୋଗ କରିଛି । ତା'ର ନିଜ ସ୍ତ୍ରୀ ଧର୍ମରେଖା ଶୃଙ୍ଗାର ଭୟରେ ମଇଁଷି ରୂପ ଧାରଣ କରି ସିଂହଳ ଦ୍ୱୀପକୁ ଚାଲିଯାଇଛି । ସେଠାରେ ତାକୁ ବଳାତ୍କାର କରିଛି ଯମଙ୍କ ବାହନ କୃତାନ୍ତ ନାମକ ମଇଁଷି; ଫଳରେ ଜନ୍ମ ନେଇଛି ମହାବଳବତ ଓ ମହାତେଜସମ୍ପନ୍ନ ଏକ ପୁତ୍ର ସନ୍ତାନ । ତା'ର ମୁଣ୍ଡଟି ମଇଁଷିର ଓ ଶରୀରଟି ରାକ୍ଷସର । ସେ ନାମିତ ହୋଇଛି 'ମହିଷାସୁର' ନାମରେ ।

ଯୁବକ ଅବସ୍ଥା ପ୍ରାପ୍ତ ହେଲାପରେ ମହିଷାସୁର ଅଜେୟ ବୀର ହେବାପାଇଁ କଠୋର ତପସ୍ୟା କରିଛି । ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ସେ ଅମର ବର ପାଇଛି । ବ୍ରହ୍ମା ତା' ମୃତ୍ୟୁର ଗୁପ୍ତ ରହସ୍ୟ ତାକୁ ଜଣାଇଦେଇ କହିଛନ୍ତି ଯେ ସେ କେବଳ ଜଣେ ସ୍ତ୍ରୀ ହାତରେ ମରିବ, ଯଦି ସେହି ସ୍ତ୍ରୀର ସ୍ତନ, ଯୌବନ ସେ ଦେଖିପାରିବ । ବର ପାଇବାପରେ ସେ ଦିଗ୍‌ବିଜୟରେ ବାହାରିଛି । ବିଭିନ୍ନ ଦେଶର ରାଜା ତା'ର ବଶତା ସ୍ୱୀକାର କରିଛନ୍ତି । ଚଣ୍ଡମୁଣ୍ଡ ଓ ଶୁମ୍ଭନିଶୁମ୍ଭ ଆଦି ଦୈତ୍ୟଙ୍କ ସହିତ ତା'ର ବନ୍ଧୁତା ସ୍ଥାପିତ ହୋଇଛି । ଚନ୍ଦ୍ରଦ୍ୱୀପର ରାଜାଙ୍କ କନ୍ୟା ଚନ୍ଦ୍ରବତୀଙ୍କୁ ସେ ବିବାହ କରିଛି ।

ଶୁମ୍ଭନିଶୁମ୍ଭ ଥରେ ନାରଦଙ୍କଠାରୁ ଶୁଣିଛନ୍ତି ଯେ ମହିଷାସୁରର ରାଜ୍ୟ ସ୍ୱର୍ଗ ସହିତ ସମାନ ନୁହେଁ; କାରଣ ତା'ର ରାଜ୍ୟରେ ପାରିଜାତ ତରୁ, ରମ୍ଭା ଅପ୍‌ସରୀ, ଐରାବତ ହସ୍ତୀ ଓ ଉଚ୍ଚୈଶ୍ରବା ଅଶ୍ୱ– ଏହି ଚାରିଗୋଟି ପଦାର୍ଥର ଅଭାବ ରହିଛି । ଏହି ଚାରିଗୋଟି ଦ୍ରବ୍ୟ ମହିଷାସୁର ରାଜ୍ୟକୁ ପଠାଇବା ପାଇଁ ଶୁମ୍ଭନିଶୁମ୍ଭ ଇନ୍ଦ୍ରଙ୍କ ନିକଟକୁ ପତ୍ର ଲେଖିଛନ୍ତି । ଇନ୍ଦ୍ର ସେମାନଙ୍କୁ ଅବଜ୍ଞା କରି ସେମାନଙ୍କଦ୍ୱାରା ପ୍ରେରିତ ଦୂତଦ୍ୱୟଙ୍କୁ ହତ୍ୟା କରିଛନ୍ତି । ରାକ୍ଷସଦ୍ୱୟ କ୍ରୋଧାନ୍ୱିତ ହୋଇ ସ୍ୱର୍ଗ ଆକ୍ରମଣ କରିଛନ୍ତି । ଦେବତାଗଣ ଭୟରେ ଆତ୍ମଗୋପନ କରିଛନ୍ତି । ରାକ୍ଷସଦ୍ୱୟଙ୍କ ଆମନ୍ତ୍ରଣକ୍ରମେ ମହିଷାସୁର ମଧ୍ୟ ସେଠାରେ ଉପସ୍ଥିତ ହୋଇଛି । ଦେବତାମାନଙ୍କପ୍ରତି ସେମାନଙ୍କ ଅତ୍ୟାଚାର ବଢ଼ିବାରେ ଲାଗିଛି ।

ଦେବତାଗଣ ଅନନ୍ୟୋପାୟ ହୋଇ ବିଷ୍ଣୁଙ୍କୁ ସେମାନଙ୍କ ଦୁଃଖ ଜଣାଇଛନ୍ତି । ଦୁଷ୍ଟ ରାକ୍ଷସକୁ ବଧ କରିବାର ଉପାୟ ସ୍ଥିର କରାଯାଇଛି । ସେମାନଙ୍କର ଏହି ମନ୍ତ୍ରଣା ମେରୁପର୍ବତ ଉପରେ ଚାଲିଥିଲାବେଳେ ମହିଷାସୁର ପର୍ବତ ତଳେ ରହି ସବୁକଥା ଶୁଣିପାରିଛି । ସେ ମେରୁପର୍ବତକୁ ଦୋହଲାଇ ଦେଇଛି । ତା'ର ଏପରି ଆଚରଣରେ ଦେବତାଗଣ କ୍ରୁଦ୍ଧ ହୋଇଛନ୍ତି ଓ ସେମାନଙ୍କ ମୁଖରୁ ଅଗ୍ନି ନିର୍ଗତ ହୋଇ ମହାନଳର ଉତ୍ପତ୍ତି ହୋଇଛି । ମହାନଳ ଦେଖି ମହିଷାସୁର ଭୟଭୀତ ହୋଇ ପଳାଇଯାଇଛି । ଦେବତାଗଣ ମହାନଳକୁ ଶାନ୍ତହେବା ନିମନ୍ତେ ପ୍ରାର୍ଥନା କରିଛନ୍ତି । ସମସ୍ତଙ୍କୁ ବିସ୍ମିତ କରି ସେହି ମହାନଳ ମଧ୍ୟରୁ ଜନ୍ମ ନେଇଛନ୍ତି ସହସ୍ରଭୁଜବିଶିଷ୍ଟା, ଅନାଦି ଶକ୍ତି ଓ ଅତୁଳନୀୟ ସୌନ୍ଦର୍ଯ୍ୟର ଅଧିକାରିଣୀ ଅଭୟା କାତ୍ୟାୟିନୀ । ବ୍ରହ୍ମାଙ୍କଦ୍ୱାରା ତାଙ୍କର ନାମକରଣ କରାଯାଇଛି ଦୁର୍ଗା ।

ଦେବୀ ଦୁର୍ଗା ରତ୍ନଗିରି ଉପରେ ଅବସ୍ଥାନ କରି ନିଜର ଅପରୂପ ସୌନ୍ଦର୍ଯ୍ୟବଳରେ ମହିଷାସୁରର କେତେକ ଅନୁଚରଙ୍କୁ ଆକୃଷ୍ଟ କରିଛନ୍ତି ଓ ସେମାନଙ୍କୁ ବଧ କରିଛନ୍ତି । ତାଙ୍କଦ୍ୱାରା ନିହତ ହୋଇଛନ୍ତି ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭ, ଚାମର ବେମାଳ, କାନ୍ତିମାଳା, ବିଡ଼ାଳକ୍ଷ, ରକ୍ତବୀଜ, ବୀରଘଣ୍ଟ, କାଳଦଣ୍ଡ, ଧୂମ୍ରଲୋଚନ ଆଦି ରାକ୍ଷସ । ଦେବୀ ଦୁର୍ଗା ଅନନ୍ତକୋଟି ଦେବୀ ଉତ୍ପନ୍ନ କରି ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାକ୍ଷସ-ସୈନ୍ୟଙ୍କୁ ଭକ୍ଷଣ କରିବା ନିମନ୍ତେ । ଶେଷରେ ସୈନ୍ୟବଳ ସହ ମହିଷାସୁର ଆସି ସେଠାରେ ପହଞ୍ଚିଛି । ଦୁର୍ଗା ସମସ୍ତ ଶକ୍ତି ଖଟାଇ ମଧ୍ୟ ମହିଷାସୁରକୁ ବଧ କରିପାରି ନାହାନ୍ତି । ସର୍ବମଙ୍ଗଳା ତାଙ୍କୁ ମହିଷାସୁରର ମୃତ୍ୟୁଭେଦ ଜଣାଇ ଦେଇଛନ୍ତି । ପ୍ରଥମେ କୁଣ୍ଠିତା ହୋଇଥିଲେହେଁ ପରେ ଦୁର୍ଗା ରାକ୍ଷସ ସମ୍ମୁଖରେ ବସ୍ତ୍ର ତ୍ୟାଗ କରିଛନ୍ତି । ରାକ୍ଷସ ଦୁର୍ଗାଙ୍କର ବିବସ୍ତ୍ର ଶରୀର ଦେଖି ବିମୋହିତ ହୋଇଛି । ସେହି ଅବସରରେ ଦୁର୍ଗା ତା ବକ୍ଷରେ ଶୂଳବିଦ୍ଧ କରି ତାକୁ ବିନାଶ କରିଛନ୍ତି ।

ଅସୁରର ନିଧନରେ ଦେବତାଗଣ ଆନନ୍ଦିତ ହୋଇଛନ୍ତି; ମାତ୍ର ବିବସନା ଦେବୀଙ୍କ ନିକଟକୁ ଯିବାପାଇଁ ସେମାନେ ସଙ୍କୋଚ

ବୋଧ କରିଛନ୍ତି । ଦେବତାମାନେ ରାକ୍ଷସମାନଙ୍କୁ ବର ପ୍ରଦାନ କରି ବଳୀୟାନ କରୁଥିବାରୁ ଏବଂ ସେମାନଙ୍କୁ ବଧ କରିବାକୁ ଦେବୀଙ୍କୁ ଲଜ୍ଜାହୀନା ଭାବେ ବିବସ୍ତ୍ରା ହେବାକୁ ପଡୁଥିବାରୁ, ଦେବୀ ଦେବତାମାନଙ୍କୁ ଆକ୍ରମଣ କରିଛନ୍ତି । ଦେବଗଣ ଭୟଭୀତ ହୋଇ ଆତ୍ମଗୋପନ କରିଛନ୍ତି; ମାତ୍ର ଦେବଦେବ ମହାଦେବ ତାଣ୍ଡବ ନୃତ୍ୟରେ ଭୋଳରହି କେଉଁଆଡ଼େ ଯାଇପାରି ନାହାନ୍ତି । ତାଙ୍କ ନୃତ୍ୟରେ ବିମୋହିତା ହୋଇ ଦେବୀ ଶିବଙ୍କୁ ବିନାଶ କରିବାକୁ ଚାହିଁ ନାହାନ୍ତି । ବରଂ ତାଙ୍କ ପ୍ରତି ପ୍ରୀତହୋଇ ତାଙ୍କୁ ବର ପ୍ରଦାନ କରିବାକୁ ଇଚ୍ଛା କରିଛନ୍ତି । ଦେବୀଙ୍କୁ ସତ୍ୟ କରାଇବାପରେ ଶିବ କହିଛନ୍ତି– "ହେବୁ ତୁ ମୋହର ଭାରିଯା" । ତାପରେ ଈଶ୍ୱର ଦେବୀଙ୍କୁ କୋଳାଗତ କରିଛନ୍ତି ଏବଂ ଅନ୍ୟ ଦେବଗଣ ସେଠାରେ ଉପସ୍ଥିତ ହୋଇ ଈଶ୍ୱର-ଭବାନୀଙ୍କ ବନ୍ଦନା ଗାନ କରିଛନ୍ତି ।

**୨.୫.୩.୨.- ସାହିତ୍ୟିକ ମୂଲ୍ୟାୟନ :**

ସାରଳାଦାସଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଭଳି 'ଚଣ୍ଡୀ ପୁରାଣ' ମଧ୍ୟ 'ଦାଣ୍ଡିବୃତ୍ତ'ରେ ରଚିତ । ଏହାର ଯେଉଁ ରୂପ ଆମେ ବର୍ତ୍ତମାନ ଦେଖୁ, ତାହା ଚଉଦ-ଅକ୍ଷରୀ ବୃତ୍ତରେ ରଚିତ । ପୁରାଣ ପ୍ରକାଶକ ବିଭିନ୍ନ କମ୍ପାନୀ ମୁଦ୍ରଣକାଳରେ ଏହାକୁ ଏପରି ବିକୃତ ରୂପରେଖ ଦେଇଛନ୍ତି । ଏହା ଫଳରେ ସାରଳାଙ୍କ ମୌଳିକତା ଅକ୍ଷୁଣ୍ଣ ରହିପାରି ନାହିଁ । ଏଣୁ ଏହାର ଏକ ଶୁଦ୍ଧ ସଂସ୍କରଣର ଏକାନ୍ତ ଆବଶ୍ୟକତା ଅନୁଭୂତ ହୁଏ ।

ନିଜର ଅନ୍ୟ ଗ୍ରନ୍ଥଭଳି ଆଲୋଚ୍ୟ ଗ୍ରନ୍ଥରେ ମଧ୍ୟ ଶାକ୍ତକବି ସାରଳାଦାସ ଅନ୍ୟାନ୍ୟ ଦେବଦେବୀଙ୍କ ବନ୍ଦନା ଗାନ କରି ଆଧ୍ୟାତ୍ମିକ କ୍ଷେତ୍ରରେ ଚରମ ଉଦାରତା ପ୍ରଦର୍ଶନ କରିଛନ୍ତି ।

ଏହି ଗ୍ରନ୍ଥରେ କବି ନିଜ ଜାତିସ୍ମରତାର ସଙ୍କେତ ଦେଇଛନ୍ତି । ସେ ପ୍ରଥମ ଜନ୍ମରେ କାଳିଦାସ, ଦ୍ୱିତୀୟ ଜନ୍ମରେ ମହାକାଳୀ, ତୃତୀୟ ଜନ୍ମରେ ସାରଳାଦାସ ଭାବେ ଜନ୍ମଲାଭ କରିଛନ୍ତି । ଆହୁରି ଏକ ବାର ସେ ଜନ୍ମ ଗ୍ରହଣ କରିବେ । ଏହି ଚାରି ଜନ୍ମରେ କବିତ୍ୱ ପ୍ରକାଶ କରିବା ତାଙ୍କର ବାରମ୍ବାର ଜନ୍ମ ଗ୍ରହଣ କରିବାର ଉଦ୍ଦେଶ୍ୟ । ଏ ଗ୍ରନ୍ଥରେ କବି ପୃଷ୍ଠା ପୃଷ୍ଠା ବ୍ୟାପୀ ଦେବୀଙ୍କର ନାମ ପ୍ରଦାନ କରିଛନ୍ତି, ଯାହା ତାଙ୍କ ଶାକ୍ତ ମନୋଭାବର ପରିଚାୟକ ।

କବିଙ୍କ ବର୍ଣ୍ଣନାବିଳାସ ଅତି ଚମତ୍କାର । ନାରୀ ରୂପବର୍ଣ୍ଣନାରେ ସେ ନିଜର ସିଦ୍ଧହସ୍ତତା ମଧ୍ୟ ଏ ଗ୍ରନ୍ଥରେ ପ୍ରତିପାଦିତ କରିଛନ୍ତି । ଅମ୍ବିକା ଚଣ୍ଡାଳର କନ୍ୟା ଅରୁନ୍ଧତୀର ବିବାହକାଳୀନ ରୂପବର୍ଣ୍ଣନା ଓ ଚଣ୍ଡମୁଣ୍ଡ ସମ୍ମୁଖରେ ଉପସ୍ଥିତ ଦେବୀ ଦୁର୍ଗାଙ୍କ ରୂପବର୍ଣ୍ଣନା କବିଙ୍କ ଲେଖନୀରେ ଅତି ଜୀବନ୍ତ ହୋଇଛି ।

ସୂର୍ଯ୍ୟମଣ୍ଡଳ ରଥର ବର୍ଣ୍ଣନା ଦେବା ସମୟରେ କବିଙ୍କ କବିତ୍ୱ ଫୁଟିଉଠିଛି । ଏହି ଗ୍ରନ୍ଥରେ ଅନେକ ସମର ବର୍ଣ୍ଣନା ରହିଛି, ଯେଉଁଗୁଡ଼ିକ କବି ଅତି ଚତୁରତାର ସହିତ ପ୍ରଦାନ କରିଛନ୍ତି । ଅସମ୍ଭବତା, ଅଲୌକିକତା ଓ ଅତିରଞ୍ଜନତା ନିଜ ରଚନାରେ ଫୁଟାଇ ଗ୍ରାମ୍ୟ ପାଠକଙ୍କ କାହାଣୀ କ୍ଷୁଧା ମେଣ୍ଟାଇବା ଥିଲା ତାଙ୍କର ଉଦ୍ଦେଶ୍ୟ । ଏଣୁ ବର୍ଣ୍ଣନା-ବାହୁଲ୍ୟ ତାଙ୍କ ରଚନାର ଏକ ଲକ୍ଷଣୀୟ ଦିଗ । ମହିଷାସୁର ସହିତ ଯୁଦ୍ଧରେ ଯୋଗଦେଇଥିବା ସୈନ୍ୟବଳଙ୍କର ସଂଖ୍ୟା, ଏଥିରେ ବ୍ୟବହୃତ ରଥର ସଂଖ୍ୟା, ବାଦ୍ୟର ସଂଖ୍ୟା, ଅନ୍ୟାନ୍ୟ ଯୁଦ୍ଧୋପକରଣର ସଂଖ୍ୟା, ମହିଷାସୁରର ସମ୍ମୁଖୀନ ହେବା ନିମନ୍ତେ ଦେବୀ ଦୁର୍ଗା ଉତ୍ପତ୍ତି କରିଥିବା ଦେବୀମାନଙ୍କ ସଂଖ୍ୟା ଇତ୍ୟାଦିର ଉଲ୍ଲେଖ ଏହାର ଏକ ଏକ ଉଦାହରଣ ।

ଗ୍ରନ୍ଥରେ ବିଭିନ୍ନ ରସ ପରିବେଷିତ । ନାରୀ ରୂପବର୍ଣ୍ଣନା ସମୟରେ କେତେକ ସ୍ଥଳରେ ଶୃଙ୍ଗାର ରସ ଫୁଟିଉଠିଛି । ଯୁଦ୍ଧ ବର୍ଣ୍ଣନାମାନ ଶ୍ରବଣ କରି ପାଠକ ମନରେ ବୀରରସର ଉଦ୍ରେକ ହୁଏ । ଦେବୀଙ୍କୁ ପାଇବା ନିମନ୍ତେ ଶୁମ୍ଭ ନିଶୁମ୍ଭଙ୍କର ନୃତ୍ୟ ହାସ୍ୟରସ ସୃଷ୍ଟିକରେ । ଅନନ୍ତକୋଟି ଦେବୀଙ୍କର ଭୟଙ୍କର ରୂପ ଏବଂ ସେମାନଙ୍କର ରାକ୍ଷସ-ଭକ୍ଷଣକାଳୀନ ଦୃଶ୍ୟ ବିଭତ୍ସରସର ଏକ ଉଦାହରଣ । ଏଥିରେ ଶବ୍ଦାଳଙ୍କାର ପ୍ରାୟ ଦେଖିବାକୁ ମିଳେ ନାହିଁ; ମାତ୍ର ଅଳ୍ପ କେତେକ ସ୍ଥଳରେ ଉପମାଦି ଅର୍ଥାଳଙ୍କାର ପରିଦୃଷ୍ଟ ହୁଏ ।

ଗ୍ରନ୍ଥଟିର ଭାଷା ସରଳ ତଥା ନିରାଡ଼ମ୍ବର। ଏଥିରେ ଅନେକ ଖାଣ୍ଟି ଓଡ଼ିଆ ଶବ୍ଦ ପରିଦୃଷ୍ଟ ହୁଏ; କିନ୍ତୁ ଏହି ଗ୍ରନ୍ଥର ଶୁଦ୍ଧ ସଂସ୍କରଣ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିବାରୁ ବଜାରରେ ଲବ୍ଧ ଗ୍ରନ୍ଥ ଉପରେ ନିର୍ଭର କରି ଯଦି ଏହାର ଭାଷା ସମ୍ବନ୍ଧୀୟ ଆଲୋଚନା କରାଯାଏ, ତେବେ ତାହା ନିର୍ଭୁଲ ନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

**୨.୫.୪.- ଲକ୍ଷ୍ମୀନାରାୟଣୀ ବଚନିକା :**

ଏହା କବିଙ୍କର ଏକ ଅପ୍ରକାଶିତ ରଚନା। ପୋଥି ଆକାରରେ ଥିବା ଏହି ଗ୍ରନ୍ଥଟିର ପତ୍ରସଂଖ୍ୟା ନଅ ଓ ପଦସଂଖ୍ୟା ଅଣାଶୀ। 'ସୁଦ୍ରମୁନି ସାରୋଳଦାସଙ୍କୁ ଗତିମୁକତି ଦେବା' ଭଣିତାଯୁକ୍ତ ହୋଇଥିବାରୁ ଏହା ସାରଳାଦାସଙ୍କ ରଚନା ବୋଲି ଅନୁମାନ କରାଯାଏ। ଗ୍ରନ୍ଥଟିର କବି ପରିଚିତି, ଏହାର ରଚନାକାଳ ବା କବିଙ୍କ ରଚନାର କ୍ରମ ସମ୍ବନ୍ଧୀୟ ସୂଚନା ଆଦୌ ଉପଲବ୍ଧ ହୁଏ ନାହିଁ। ଏହା ଉପରେ ପ୍ରଥମେ ଆଲୋକପାତ କରିଛନ୍ତି ଡକ୍ଟର ବଂଶୀଧର ମହାନ୍ତି ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକର ଦ୍ୱିତୀୟ ଭାଗରେ।

ଗ୍ରନ୍ଥଟି ଦାଣ୍ଡିବୃତ୍ତରେ ରଚିତ। ଲକ୍ଷ୍ମୀ-ନାରାୟଣଙ୍କ ମଧ୍ୟରେ କଥୋପକଥନ ଶୈଳୀରେ ଏହା ରଚିତ। ନିଜର ଗୁରୁବାର ବ୍ରତ ସମ୍ବନ୍ଧରେ ଲକ୍ଷ୍ମୀ ନାରାୟଣଙ୍କୁ ଅବଗତ କରାଇଛନ୍ତି ଏବଂ ଏହି ବ୍ରତ ପାଳନ ସହିତ ସଂପୃକ୍ତ ବିଭିନ୍ନ ବିଧି ବିଧାନ ସମ୍ବନ୍ଧରେ ଆଲୋକପାତ କରିଛନ୍ତି। ସାମାଜିକ ମଣିଷ ପକ୍ଷରେ କେଉଁ କେଉଁ କାର୍ଯ୍ୟ କରିବା ଉଚିତ ଓ କେଉଁଗୁଡ଼ିକ କରିବା ଅନୁଚିତ, ତାହା ସେ ବଖାଣିଛନ୍ତି। ସାମାଜିକ ମଣିଷ ପାଇଁ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ କେତେକ ଅକରଣୀୟ କାର୍ଯ୍ୟକୁ ବିଧିନିଷେଧ ରୂପେ କବି ଏଥିରେ ବର୍ଣ୍ଣନ କରିଛନ୍ତି ମହାଲକ୍ଷ୍ମୀଙ୍କ ମୁଖରେ। ତେଣୁ ସାରଳାଦାସ ଏ ଗ୍ରନ୍ଥରେ କେବଳ ଜଣେ କବି ଭାବରେ ନୁହନ୍ତି, ଜଣେ ଲୋକଶିକ୍ଷକ ଭାବରେ ମଧ୍ୟ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି।

ପରବର୍ତ୍ତୀ ପଞ୍ଚସଖା ଯୁଗର କବି ବଳରାମ ଦାସ ଏ ଗ୍ରନ୍ଥଦ୍ୱାରା ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଏ। ସେ ତାଙ୍କ 'ମହାଲକ୍ଷ୍ମୀ ପୁରାଣ' ରଚନାରେ ଏହି ଗ୍ରନ୍ଥର କେତେକ ଉପାଦାନ ବିନିଯୋଗ କରିଛନ୍ତି। ଭାଷା ଓ ଶୈଳୀଦୃଷ୍ଟିରୁ ଗ୍ରନ୍ଥଟି ସାରଳାଦାସଙ୍କ ପ୍ରଥମ ରଚନା ଭାବରେ ଗ୍ରହଣ କରାଯାଇପାରେ; ମାତ୍ର ଏହା ଏପର୍ଯ୍ୟନ୍ତ ଅପ୍ରକାଶିତ ଅବସ୍ଥାରେ ରହିଛି। ଏହା ଲୋକଲୋଚନକୁ ନ ଆସିବା ପର୍ଯ୍ୟନ୍ତ ଏବଂ ଏହା ଉପରେ ଅଧିକ ଗବେଷଣା ନ ହେବା ପର୍ଯ୍ୟନ୍ତ ଏହାକୁ ସାରଳାଦାସଙ୍କ ରଚନା ଭାବରେ ଗ୍ରହଣ କରିବାରେ ପ୍ରମାଦ ରହିଯିବାର ବହୁ ସମ୍ଭାବନା ରହିଛି। ପରବର୍ତ୍ତୀକାଳୀନ କୌଣସି ଅପ୍ରସିଦ୍ଧ କବି ଯେ ଏହାକୁ ରଚନା କରି ଏହାର ଲୋକପ୍ରିୟତା ନିମନ୍ତେ ଶୂଦ୍ରମୁନି ସାରଳାଦାସଙ୍କ ନାମରେ ଏହାକୁ ଭଣିତ କରି ନ ଦେଇଛି, ଏକଥା କିଏ କହି ପାରିବ ? ଏପରି ସମ୍ଭାବନା ମଧ୍ୟ ଅମୂଳକ ନୁହେଁ। କାରଣ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏପରି ଘଟଣାର ଅନେକ ଦୃଷ୍ଟାନ୍ତ ରହିଛି। ପରବର୍ତ୍ତୀ କାଳରେ ଏ ଗ୍ରନ୍ଥଟିର ସ୍ଥିତି ସମ୍ବନ୍ଧରେ ସନ୍ଦେହ ପ୍ରକାଶ ପାଇଛି। ସେ ଯାହାହେଉ, ଗ୍ରନ୍ଥଟି ମୁଦ୍ରିତ ହୋଇ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିଲେ ଅଶେଷ ଉପକାର ସାଧିତ ହେବ।

**୨.୬.- ନିଷ୍କର୍ଷ :**

୧। ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀହିଁ ସାରଳା-ସାହିତ୍ୟର ଯୁଗ। ଏହି ଯୁଗରେ ସାରଳାଦାସ ଥିଲେ ଏକମାତ୍ର କବି। ତେଣୁ ତାଙ୍କ ନାମରେ ଏହି ଯୁଗ ନାମିତ।

୨। କୌଣସି ପ୍ରକାର ସାହିତ୍ୟିକ ଆଦର୍ଶ ନଥିବାବେଳେ ସାରଳା-ସାହିତ୍ୟର ଉଦ୍ଭବ।

୩। ଏହି ଯୁଗର ଶ୍ରେଷ୍ଠ କବି ସାରଳାଦାସଙ୍କଦ୍ୱାରା ଓଡ଼ିଆ ଭାଷାରେ ରଚିତ 'ମହାଭାରତ', 'ବିଲଙ୍କା ରାମାୟଣ', 'ଚଣ୍ଡୀପୁରାଣ' ଇତ୍ୟାଦି ରଚନା ସାରଳା-ସାହିତ୍ୟର ଅନ୍ତର୍ଭୁକ୍ତ। ଏହିସବୁ ରଚନାଦ୍ୱାରା ସାରଳାଦାସ ଓଡ଼ିଆ ଭାଷାର

ପ୍ରାଣ ପ୍ରତିଷ୍ଠା କଲେ। ଏଥିପାଇଁ 'ଆଦିକବି'ର ଗୌରବ ତାଙ୍କର ଏକାନ୍ତ ପ୍ରାପ୍ୟ।

୪। ସାରଳା ସାହିତ୍ୟର ଜନ୍ମ ଏକ କ୍ରାନ୍ତିରୁ। ପୁରାଣ-ସାହିତ୍ୟକୁ ସଂସ୍କୃତ-ସାହିତ୍ୟର ଗଣ୍ଡିମଧ୍ୟରୁ ପୃଥକ୍ କରି ଓଡ଼ିଆ ଭାଷାରେ ରୂପାୟିତ କରିବା ହେଉଛି ଏ ସମୟର ଏକ ବଳିଷ୍ଠ ଓ ବୈପ୍ଳବିକ ପଦକ୍ଷେପ।

୫। ଦାଣ୍ଡିବୃତ୍ତରେହିଁ ସାରଳାଦାସଙ୍କ ସୃଷ୍ଟିରାଜି ରଚିତ। ଏହି ବୃତ୍ତ ଓଡ଼ିଆ ସାହିତ୍ୟକୁ ସାରଳାଦାସଙ୍କର ଏକ ମହାନ୍ ଅବଦାନ। ସାରଳା ପରବର୍ତ୍ତୀ ଅନେକ କବି ଏହି ବୃତ୍ତରେ ପୁରାଣମାନ ରଚନା କରିବାକୁ ସହଜ ମନେକରିଛନ୍ତି।

୬। ଲୋକକଥା, ପ୍ରବାଦ, ପ୍ରବଚନ, ନୀତିଶିକ୍ଷା ଆଦି ବିଭିନ୍ନ ଦିଗରୁ ସାରଳା-ସାହିତ୍ୟ ସମୃଦ୍ଧ, ଏଣୁ ଲୋକପ୍ରିୟ। ଏହାର ଆବୃତି ଏବେ ବି ଅନାହତ।

୭। ସାରଳା-ସାହିତ୍ୟ ତତ୍କାଳୀନ ଓଡ଼ିଆ ଜନସାଧାରଣଙ୍କ ସାଂସ୍କୃତିକ ତଥା ସାମାଜିକ ସ୍ଥିତିର ନିଛକ ପ୍ରତିଫଳନ।

୮। ସମସାମୟିକ ଗଜପତି ରାଜାମାନଙ୍କର ରାଜ୍ୟଜୟ ଓ ଅନ୍ୟାନ୍ୟ କୃତିତ୍ୱପୂର୍ଣ୍ଣ କାର୍ଯ୍ୟାବଳୀର ନିଖୁଣ ଚିତ୍ର ଏଥିରେ ଅଙ୍କିତ ହୋଇଥିବାରୁ ଏହା ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ବୀରତ୍ୱପୂର୍ଣ୍ଣ ଐତିହ୍ୟର ସଙ୍କେତ ବହନକାରୀ।

୯। ସ୍ୱଦେଶପ୍ରେମୀ ସାରଳାଦାସ ସ୍ୱଦେଶର ଗୌରବ ବୃଦ୍ଧି ନିମନ୍ତେ ସଚେଷ୍ଟ ଥିବାରୁ ସାରଳା ସାହିତ୍ୟ ଉତ୍କଳୀୟମାନଙ୍କୁ ସ୍ୱଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ପ୍ରେରଣା ଯୋଗାଏ।

୧୦। ସାରଳା-ସାହିତ୍ୟରେ ପଦ୍ୟ ମଧ୍ୟରେ ଗଦ୍ୟର ପ୍ରୟୋଗ ପରବର୍ତ୍ତୀ ସାହିତ୍ୟ ସାଧକମାନଙ୍କ ପାଇଁ ଆଦର୍ଶ ହୋଇରହିଛି।

୧୧। ଅନୁବାଦ ଓ ଅନୁସରଣ ମାଧ୍ୟମରେ ସାରଳା ସାହିତ୍ୟ ରଚିତ ହୋଇଥିଲେହେଁ ଏହାର ପତ୍ରେ ପତ୍ରେ କବିଙ୍କ ମୌଳିକତା ପରିଦୃଷ୍ଟ। ତେଣୁ ଅନୂଦିତ ହେଉ ବା ଅନୁସୃତ ହେଉ ସାରସ୍ୱତ କୃତିରେ ନିଜସ୍ୱ ଚିନ୍ତା-ଚେତନାର ପ୍ରତିଫଳନ କରାଇବା ଆଦର୍ଶ ସାରଳା ସାହିତ୍ୟରେ ଉପଲବ୍ଧ।

୧୨। ନିଜେ ଶାକ୍ତ ଥିଲେହେଁ ନିଜ ଗ୍ରନ୍ଥମାନଙ୍କରେ ସର୍ବଧର୍ମର ସମନ୍ୱୟ ଘଟାଇ ସାରଳାଦାସ ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁ ଉଦାରତା ଦେଖାଇଲେ ତାହା ପରବର୍ତ୍ତୀ କବିମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଗଲା।

## ୨.୭.(କ)- ଆଦର୍ଶ ପ୍ରଶ୍ନାବଳୀ :

୧। ସାରଳା ସାହିତ୍ୟର ରାଜନୀତିକ / ସାହିତ୍ୟିକ ପୃଷ୍ଠଭୂମିର ପରିଚୟ ଦିଅ।

୨। 'ସାରଳା ମହାଭାରତ'ର ମୌଳିକତା ପ୍ରତିପାଦନ କର।

୩। ସଂସ୍କୃତ ମହାଭାରତ ଓ ସାରଳା ମହାଭାରତର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କର।

୪। ନାରୀ ଚରିତ୍ର ଚିତ୍ରଣରେ ସାରଳାଦାସଙ୍କ କୃତିତ୍ୱ ପ୍ରଦର୍ଶନ କର।

୫। 'ଭୀମ ହିଁ ସାରଳା ମହାଭାରତର ପ୍ରକୃତ ନାୟକ'– ପ୍ରତିପାଦନ କର।

୬। 'ସାରଳାଦାସ କେବଳ କବି ନୁହନ୍ତି, ସେ ଜଣେ ଦୂରଦୃଷ୍ଟିସମ୍ପନ୍ନ ଐତିହାସିକ ମଧ୍ୟ।' ଏ ଉକ୍ତିର ତାତ୍ପର୍ଯ୍ୟ ଉଦାହରଣ ଦେଇ ଲେଖ।

୭। ପରବର୍ତ୍ତୀ କବିମାନଙ୍କ ଉପରେ ସାରଳା ସାହିତ୍ୟର ପ୍ରଭାବ ଦର୍ଶାଅ।

୮। ସାରଳା ମହାଭାରତର ସାହିତ୍ୟିକ ମୂଲ୍ୟାଙ୍କନ କର।

୯ । ନିମ୍ନଲିଖିତ ଉକ୍ତିମାନଙ୍କ ମଧ୍ୟରୁ ଯେକୌଣସି ଦୁଇଗୋଟିର ବ୍ୟାଖ୍ୟା କର ।

(କ) ଝିମିଟି ଖେଳରୁ ମହାଭାରତ, (ଖ) ଗଙ୍ଗା କହିଲେ ଥିବି, ଗାଙ୍ଗୀ କହିଲେ ଯିବି, (ଗ) ପ୍ରଥମ ଯୁଦ୍ଧରେ ଭୀମ ହାରେ, (ଘ) କର୍ଣ୍ଣ ମଲେ ପାଞ୍ଚ ଅର୍ଜ୍ଜୁନ ମଲେ ପାଞ୍ଚ, (ଙ) ଶିମିଳି ଗଛରେ ଦେହ ଘଷିବା ।

୧୦ । 'ଚଣ୍ଡୀପୁରାଣ'ର ବିଷୟବସ୍ତୁ ସଂଯୋଜନ ଓ ସାହିତ୍ୟିକ ମୂଲ୍ୟ ଉପରେ ଆଲୋକପାତ କର ।

୧୧ । ସାରଳାଦାସଙ୍କ ପାଣ୍ଡିତ୍ୟ ଆକଳନ କର ।

୧୨ । ସଂକ୍ଷିପ୍ତ ଟିପ୍ପଣୀ :

(୧) ସାରଳାଦାସଙ୍କ ଧର୍ମମତ, (୨) ସାରଳା ମହାଭାରତରେ ଉଲ୍ଲିଖିତ ପ୍ରବଚନ, (୩) ସାରଳା ସାହିତ୍ୟର ଭାଷା, (୪) ବିଲଙ୍କା ରାମାୟଣ, (୫) ଲକ୍ଷ୍ମୀ-ନାରାୟଣ ବଚନିକା, (୬) ସାରଳାଦାସଙ୍କ ଶୂଦ୍ରମୁନି ଉପାଧି ।

**(ଖ) ସହାୟକ ଗ୍ରନ୍ଥସୂଚୀ :**


* ଓଡ଼ିଆ ସାହିତ୍ୟର ଆଦିପର୍ବ—ସୁରେନ୍ଦ୍ର ମହାନ୍ତି ।
* ଓଡ଼ିଆ ସାହିତ୍ୟର ଇତିହାସ, ୧ମ ଭାଗ—ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ।
* ଓଡ଼ିଆ ସାହିତ୍ୟର ଇତିହାସ—ଡକ୍ଟର ସୁରେନ୍ଦ୍ରକୁମାର ମହାରଣା ।
* ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ—ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ ।
* ଶ୍ରୀଭାରତ ଦର୍ପଣ—ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ।
* ସାରଳା ମହାଭାରତୀୟ ନାରୀଚିତ୍ର—ଶ୍ରୀମତୀ ସରଳା ଦେବୀ ।
* ସାରଳା ସାହିତ୍ୟର ଐତିହାସିକ ଚିତ୍ର—ଡକ୍ଟର୍‌ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।
* ସାରଳା ସ୍ମରଣିକା—ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ ।
* ମାଟିର ମହାକବି ସାରଳାଦାସ—ଡକ୍ଟର ମାୟାଧର ମାନସିଂହ ।
* ସାରଳା ସାହିତ୍ୟ ପରିକ୍ରମା—ଡକ୍ଟର ସୁରେନ୍ଦ୍ରକୁମାର ମହାରଣା ।
* ସାରଳା ସାହିତ୍ୟ ସଂପର୍କରେ—ଡକ୍ଟର ସୁରେନ୍ଦ୍ରକୁମାର ମହାରଣା ।


***

# କବିବର ରାଧାନାଥ ରାୟ

**ପ୍ରାରମ୍ଭ –** ଓଡ଼ିଆ ସାହିତ୍ୟ ଇତିହାସରେ କବିବର ରାଧାନାଥ ରାୟ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ଭାବରେ ସୁବିଦିତ । ଭଞ୍ଜଯୁଗ, କାବ୍ୟଯୁଗ ବା ରୀତିଯୁଗ ନାମରେ ପରିଚିତ ମଧ୍ୟକାଳୀନ ପାରମ୍ପରିକ କାବ୍ୟକୌଶଳ ପରିହାରକରି ଏକ ଅଭିନବ ଅଭିରୁଚିରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଅଭିଷିକ୍ତ କରିବାରେ ତାଙ୍କ ପ୍ରତିଭା ପରିସିଦ୍ଧ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତା ସଂଘର୍ଷରୁ ସୃଷ୍ଟ ଏହି କାବ୍ୟମାନସ ଊନବିଂଶ ଶତାବ୍ଦୀର ଶେଷ ତିନି ଦଶନ୍ଧିରେ ଯେଉଁ ସୌନ୍ଦର୍ଯ୍ୟ ସ୍ନିଗ୍ଧ ସର୍ଜନଶୀଳତାରେ ପରିଚୟ ଦେଇଛି, ତାହା ସମସାମୟିକ ଓ ପରବର୍ତ୍ତୀ କାଳର ବହୁ କବିଙ୍କ ପାଇଁ ଅନୁକରଣୀୟ ହୋଇଉଠିଛି । ପୁରାତନରେ ନୂତନତା ଏବଂ ଆହରଣରେ ମୌଳିକତା ପ୍ରଦର୍ଶନ କରିବାରେ ସେ ସିଦ୍ଧହସ୍ତ । ପାଶ୍ଚାତ୍ୟ ସାହିତ୍ୟର କଥାବସ୍ତୁକୁ ଓଡ଼ିଶୀକରଣ କରିବାରେ ତାଙ୍କର ବିଶେଷତ୍ୱ ପ୍ରକଟିତ । ରୋମାଣ୍ଟିକ ପ୍ରେମଚେତନାର ଐଶ୍ୱର୍ଯ୍ୟମୟ ଅଭିବ୍ୟକ୍ତି, ପ୍ରକୃତି ଚିତ୍ରଣରେ ଅସମାହିତ ସୌନ୍ଦର୍ଯ୍ୟ ଦୃଷ୍ଟି, ଦେଶାତ୍ମବୋଧର ଅନ୍ତରଙ୍ଗ ଉଚ୍ଚାରଣ ଓ ମାନବୀୟ ଅନୁଭବର ମୁଗ୍ଧ ପରିପ୍ରକାଶ ହେଉଛି ରାଧାନାଥୀ କାବ୍ୟଚେତନାର ଚରମ ଉତ୍କର୍ଷ । ପାଠ୍ୟ ପୁସ୍ତକ ରଚନା, ଅନୁବାଦ ଓ ସ୍ୱଳ୍ପ ଗଦ୍ୟ ରଚନା ସହ ବିପୁଳାୟତନ କାବ୍ୟସୃଷ୍ଟି ହିଁ ତାଙ୍କୁ ଯୁଗସ୍ରଷ୍ଟାର ମୁକୁଟ ପିନ୍ଧାଇଛି ।

## ୨.୨.୧. ରାଧାନାଥଙ୍କ ବ୍ୟକ୍ତିତ୍ୱ

ଆଧୁନିକ ସାହିତ୍ୟର ଅଗ୍ରଦୂତ କବି ରାଧାନାଥ ବାଲେଶ୍ୱର ଜିଲ୍ଲାର ସୋରୋ ନିକଟବର୍ତ୍ତୀ କେଦାରପୁର ନାମକ ଗ୍ରାମରେ ୧୮୪୮ ସାଲ ସେପ୍ଟେମ୍ବର ୨୮ ତାରିଖରେ ଜନ୍ମଲାଭ କରିଥିଲେ । ବାଲେଶ୍ୱର କଚେରୀରେ ଅଧସ୍ତନ କର୍ମଚାରୀ ଭାବେ କାର୍ଯ୍ୟରତ ପିତା ସୁନ୍ଦର ନାରାୟଣଙ୍କ ଯତ୍ନରେ ସେ ଗ୍ରାମ୍ୟ ଚାଟଶାଳୀ ଓ ପରେ ସୋରୋ ଭର୍ଣ୍ଣାକୁଲାର ସ୍କୁଲରେ ପାଠପଢ଼ା ସାରି ବାଲେଶ୍ୱର ଉଚ୍ଚ ଇଂରାଜୀ ସ୍କୁଲରେ ଅଧ୍ୟୟନ କଲେ । ଶୈଶବରୁ ମାତାଙ୍କୁ ହରାଇଥିବା ରାଧାନାଥଙ୍କ ରୁଗ୍ଣଶରୀର ତାଙ୍କ ପ୍ରଗତିରେ ଅନେକ ଅନ୍ତରାୟ ସୃଷ୍ଟି କରିଥିଲେ ହେଁ ସେ ୧୮୬୩ ମସିହାରେ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍‌କରି ବୃତ୍ତି ପାଇଥିଲେ । କଲିକତା ପ୍ରେସିଡେନ୍‌ସି କଲେଜରେ ପ୍ରବେଶ କରି ଭଗ୍ନସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟ କାରଣରୁ ଉଚ୍ଚ ଶିକ୍ଷା ଆଶାରୁ ସେ ବିରତ ହୋଇଥିଲେ । ତେବେ ଚାକିରି ଜୀବନ ଆରମ୍ଭ କରିବା ପରେ ୧୮୬୯ ସାଲରେ ସେ ଘରୋଇ ଭାବେ ଏଫ୍.ଏ. ପାଶ୍ କରିଥିଲେ ।

୧୮୬୪ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ ଟ୩୦/– ବେତନରେ ସେ ତୃତୀୟ ଶିକ୍ଷକ ଭାବେ ଯୋଗ ଦେଲେ । ୧୮୬୯ ମସିହାରେ ସେ ଦ୍ୱିତୀୟ ଶିକ୍ଷକ ଭାବେ ପୁରୀ ଜିଲା ସ୍କୁଲକୁ ବଦଳି ହୋଇଥିଲେ । ସେଠାରେ କବି ମଧୁସୂଦନଙ୍କୁ ସେ ଛାତ୍ର ଭାବରେ ଗ୍ରହଣ କରି ସାହିତ୍ୟିକ ବନ୍ଧୁତ୍ୱରେ ବାନ୍ଧି ହୋଇପଡିଥିଲେ । ନିଜର କର୍ମନିଷ୍ଠତା ଓ ଦକ୍ଷତା ଯୋଗୁ ପରବର୍ତ୍ତୀ କାଳରେ ସେ ବାଲେଶ୍ୱର ଜିଲା ସ୍କୁଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର, ଓଡ଼ିଶା ସ୍କୁଲ ସମୂହର ଜଏଣ୍ଟ ଇନ୍‌ସପେକ୍ଟର ପଦବୀକୁ ଉନ୍ନୀତ ହୋଇଥିଲେ । ସେତେବେଳେ ଓଡ଼ିଶା, ବଙ୍ଗଳା ଓ ବିହାର ଲାଗି ଜଣେ ସ୍କୁଲ ଇନ୍‌ସ୍ପେକ୍ଟର ନିଯୁକ୍ତି ପାଉଥିଲେ । ରାଧାନାଥ ଡେପୁଟି ଇନ୍‌ସ୍ପେକ୍ଟର ଥିବାବେଳେ ବଙ୍ଗାଳାର ବିଶିଷ୍ଟ ସାଧକ ଭୂଦେବ ମୁଖୋପାଧ୍ୟାୟ ଜଏଣ୍ଟ ଇନ୍‌ସ୍ପେକ୍ଟର ପଦ ଅଳଙ୍କୃତ କରିଥିଲେ । ୧୮୭୯ ଓ ୧୮୮୦ ମସିହାରେ ଭୂଦେବ ବାବୁ ଓଡ଼ିଶାର ଶିକ୍ଷା ବିଭାଗ ପରିଦର୍ଶନରେ ଆସିବାବେଳେ ରାଧାନାଥଙ୍କ କବି ପ୍ରତିଭା ଓ ପାଣ୍ଡିତ୍ୟର ପରିଚୟ ପାଇଥିଲେ । ବଙ୍ଗଳାର କବିତାବଳୀ (୧ମ ଭାଗ) ଓ (୨ୟ ଭାଗ) ଲେଖିସାରିଥିବା ରାଧାନାଥଙ୍କୁ ସେ ଓଡ଼ିଆ ଭାଷାରେ କାବ୍ୟ–କବିତା ସୃଷ୍ଟି ପାଇଁ ପ୍ରେରଣା ଦେଇଥିଲେ । ଏହାପରେ ରାଧାନାଥ ଓଡ଼ିଶା ଶିକ୍ଷା ବିଭାଗର ଶୀର୍ଷ ପଦବୀ ଗ୍ରହଣକରି ୧୯୦୩୨ ମସିହାରେ ଅବସର ଗ୍ରହଣ କରିଥିଲେ । ତାଙ୍କର ପ୍ରଶାସନିକ ଦକ୍ଷତା ଓ ଉନ୍ନତ ସାହିତ୍ୟ ସର୍ଜନା ଲାଗି ସେ ବହୁ ସମ୍ମାନର ଅଧିକାରୀ ହୋଇଥିଲେ । ୧୮୯୭ ମସିହାରେ ରାଣୀ ଭିକ୍ଟୋରିଆଙ୍କ ହୀରକ ଜୁବୁଲି ଉପଲକ୍ଷେ ସରକାର ତାଙ୍କୁ 'ରାୟ ବାହାଦୂର' ଉପାଧିରେ ବିଭୂଷିତ କରିଥିଲେ । ବାମଣ୍ଡା ରାଜସଭାରୁ ସେ ଯଥାର୍ଥରେ 'କବିବର' ଉପାଧି ପ୍ରାପ୍ତ ହୋଇଥିଲେ ।

୧୮୯୩ ସାଲରେ 'ବିଜୁଳି' ଓ 'ଇନ୍ଦ୍ରଧନୁ' ପତ୍ରିକା ଦ୍ୱୟରେ ଯଥାକ୍ରମେ ରାଧାନାଥ ଓ ଉପେନ୍ଦ୍ର ଭଂଜଙ୍କ ରଚନାକୁ ସମର୍ଥନ କରି ଯେଉଁ ସାରସ୍ୱତ ଦ୍ୱନ୍ଦ୍ୱ ଉପୁଜିଥିଲା, ତାହା ରାଧାନାଥଙ୍କୁ ଅଧିକ ମ୍ରିୟମାଣ କରିଥିଲା ଓ ସେ ପରିଶେଷରେ ଏକ ପତ୍ରରେ ପ୍ରକାଶ କଲେ ଯେ ତାଙ୍କଠାରୁ ଅନ୍ୟ କେହି ଉପେନ୍ଦ୍ର ଭଂଜଙ୍କର ଅଧିକ ଅନୁକାରୀ କବି ନାହାନ୍ତି । ଏଥି ସହିତ ପାଠ୍ୟପୁସ୍ତକ ରଚନା ବିବାଦ ମଧ୍ୟ ତାଙ୍କ ଲେଖକୀୟ ଜୀବନକୁ ମନ୍ଥିତ କରିଥିବାରୁ ଜଣାଯାଏ । ପାରିବାରିକ ଅଶାନ୍ତି, ଭଗ୍ନ ସ୍ୱାସ୍ଥ୍ୟ, ମାନସିକ ଦୁଶ୍ଚିନ୍ତା ଓ କଟୁ ସମାଲୋଚନାରେ ଜର୍ଜରିତ କବି ଜୀବନର ଶେଷ ପର୍ଯ୍ୟାୟ ଅତୀବ ଦୁଃଖ ଦାୟକ ଥିଲା । ୧୯୦୮ ମସିହା ଏପ୍ରିଲ୍ ୧୬ ତାରିଖରେ ଏହି ଯୁଗସ୍ରଷ୍ଟାଙ୍କ ତିରୋଧାନରେ ଗୋଟିଏ ସାହିତ୍ୟିକ ଯୁଗର ପରିସମାପ୍ତି ଘଟିଥିଲା ।

## ୨.୨.୨. ରାଧାନାଥଙ୍କ ରଚନାବଳୀ

ଓଡ଼ିଆ, ବଙ୍ଗଳା, ପାର୍ସି, ସଂସ୍କୃତ, ଇଂରାଜୀ ଆଦି ଭାଷାରେ ବ୍ୟୁତ୍ପତ୍ତି ହାସଲ କରିଥିବା କବି ରାଧାନାଥ ସର୍ଜନ କର୍ମର ବ୍ୟାପ୍ତି ଯେତିକି ବିଶାଳ, ତାହାର କ୍ରାନ୍ତି ସେତିକି ସହଜଲଭ୍ୟ । ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତାମାନଙ୍କ ମଧ୍ୟରୁ ଅଧିକାଂଶ ସାହିତ୍ୟିକ ଜୀବନର ଆଦ୍ୟକାଳରେ ପାଠ୍ୟପୁସ୍ତକ ରଚନା ଓ ଅନୁବାଦ ମାଧ୍ୟମରେ ନିଜ ନିଜର ଶକ୍ତି ପରୀକ୍ଷା କରିଥିବା ଉପଲବ୍ଧ ହୁଏ । ରାଧାନାଥ ମଧ୍ୟ କ୍ଷେତ୍ରତତ୍ତ୍ୱ ଓ କ୍ଷେତ୍ର ପରିଣାମ, ଉତ୍କଳ ରଚନା, ଗଣିତ ବିଷୟରେ ଆଦର୍ଶ ପ୍ରଶ୍ନାବଳୀ, ବ୍ୟାବହାରିକ ଭୂଗୋଳ, ଭୂଗୋଳ ସାର ସଂଗ୍ରହ ଆଦି କେତେକ ପାଠ୍ୟପୁସ୍ତକ ରଚନା କରି ଭବିଷ୍ୟତ ପାଠକ ଶ୍ରେଣୀ ସୃଷ୍ଟି କରିବାରେ ପ୍ରଯତ୍ନ କରିଥିଲେ । ବଙ୍ଗଳା ଓ ଓଡ଼ିଆ ଭାଷାରେ ବିରଚିତ ତାଙ୍କ ସାହିତ୍ୟ ସୃଷ୍ଟିର ବିବିଧତା ଲକ୍ଷ୍ୟ କରାଯାଇପାରେ ।

ବଙ୍ଗଳା ସୃଷ୍ଟି – କବିତାବଳୀ – ୧ମ ଭାଗ (୧୮୬୮)
କବିତାବଳୀ – ୨ୟ ଭାଗ (୧୮୭୦)
ଲେଖାବଳୀ – (୧୯୦୨)

ଓଡ଼ିଆ ସୃଷ୍ଟି –
ଅନୁବାଦ – ମେଘଦୂତ (୧୮୭୪)
ଇତାଲୀୟଯୁବା (୧୮୭୪)
ତୁଳସୀସ୍ତବକ (୧୮୯୪)

ଗଦ୍ୟସୃଷ୍ଟି – ବିବେକୀ (୧୮୭୩), ଭ୍ରମଣକାରୀର ପତ୍ର (୧୮୮୭),
ବାମଣ୍ଡା (୧୮୯୬) ଇତ୍ୟାଦି ।

କ୍ଷୁଦ୍ର କବିତା– ପବନ, ଶିବାଜୀଙ୍କ ଉତ୍ସାହ ବାକ୍ୟ, ବେଣୀ ସଂହାର, ଭାରତ ଈଶ୍ୱରୀ,
ଭିକ୍ଟୋରିଆ, ସ୍ମଶାନ ଦୃଶ୍ୟ ଇତ୍ୟାଦି ।

କାବ୍ୟ– କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭),
ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୨),
ଯଯାତିକେଶରୀ (୧୮୯୪), ଉର୍ବଶୀ (୧୮୯୫), ଦରବାର (୧୮୯୭) ଇତ୍ୟାଦି ।

## ୨.୨.୩. ରାଧାନାଥଙ୍କ ବଙ୍ଗଳା ରଚନା

ରାଧାନାଥୀ କବି ପ୍ରତିଭାର ଆଦ୍ୟ ନିଦର୍ଶନ ବଙ୍ଗଳା କବିତା । ବଙ୍ଗଳାର ପ୍ରସିଦ୍ଧ କବି ମାଇକେଲ ମଧୁସୂଦନ ଦତ୍ତଙ୍କ ରଚନାବଳୀ ଦ୍ୱାରା ଅନୁପ୍ରାଣିତ ହୋଇ ସେ 'କବିତାବଳୀ' ୧ମ ଭାଗ ଓ 'କବିତାବଳୀ' ୨ୟ ଭାଗ ରଚନା କରିଥିଲେ । ପ୍ରଥମ

ସଂକଳନଟିରେ ୫୧ଟି ସନେଟ୍ ସ୍ଥାନିତ । ଦ୍ୱିତୀୟଟିରେ ମଧ୍ୟ ଅନେକ ସନେଟସହିତ କେତେକ କ୍ଷୁଦ୍ରକବିତା ସଂଯୋଜିତ । କବି ଜୀବନର ଆଦ୍ୟ ଉଚ୍ଛ୍ୱାସରେ ଥିବା ପ୍ରକୃତି ପ୍ରାଣତା, ଦେଶପ୍ରୀତି ଓ ପ୍ରାଚୀନ ପ୍ରତି ଅନୁରାଗ ଏଗୁଡିକରେ ପରିଲକ୍ଷିତ । 'ଜନ୍ମଭୂମି' ଶୀର୍ଷକ କବିତା (୧ମ ଭାଗ)ର କିଛି ଅଂଶ ଦ୍ରଷ୍ଟବ୍ୟ ।

"କି ନା ଛିଲ ତବ ? ସ୍ମରେ କହଲୋ ଜନନୀ<br>
କି ନାଛିଲ ? ହାୟ ମାତଃ ! କୋଥା ସେ ସକଲ ?<br>
କୋଥା ଏବେ ସେଇ ମୁକ୍ତା, ସ୍ୱର୍ଣ୍ଣ, ହୀରା, ମନି ?<br>
ନନ୍ଦନ କାନନ ଯଥା ଲୁଠି ବୃକ୍ଷ ଦଲ<br>
ବିନାଶେ ତାହାର ଶୋଭା, ଦୁରନ୍ତ ଯବନ<br>
କରଛେ ଜନନୀ ? ତବ ସର୍ବସ୍ୱ ହରନ ।"

କବିଙ୍କର ଉତ୍ତର ଜୀବନରେ ପ୍ରକାଶିତ 'ଲେଖାବଳୀ' ମଧ୍ୟ ମାଇକେଲ୍ ମଧୁସୂଦନଙ୍କ ବୀରାଙ୍ଗନା କାବ୍ୟ ଅନୁସରଣରେ ରଚିତ । ଅମିତ୍ରାକ୍ଷର ଛନ୍ଦର ଶକ୍ତିଶାଳୀ ପ୍ରୟୋଗ ପ୍ରଥମେ ରାଧାନାଥ ଏଇ ବଙ୍ଗଳା । ରଚନାବଳୀରେ ପରୀକ୍ଷା କରିଛନ୍ତି । ବାଲେଶ୍ୱର ଜିଲା ମାଜିଷ୍ଟ୍ରେଟ୍ ଜନ ବିମ୍‌ସ ଓ ଭୁଦେବ ମୁଖୋପାଧାୟଙ୍କ ସାହଚର୍ଯ୍ୟରେ ସେ ବଙ୍ଗଳା ରଚନା ପ୍ରତି ବିମୁଖ ହୋଇ ଓଡ଼ିଆ ବାଣୀ ଭଣ୍ଡାରର ଉନ୍ନତି ବିଧାନରେ ନିଜକୁ ନିୟୋଜିତ କରିଥିଲେ ।

### ୨.୨.୪ ତାଙ୍କର ଅନୁବାଦ ଓ ଗଦ୍ୟରଚନା

ରାଧାନାଥ ଓଡ଼ିଆରେ ମୌଳିକ କାବ୍ୟ ରଚନା ପୂର୍ବରୁ ଅନୁବାଦରେ ନିଜର ଶକ୍ତି ପରୀକ୍ଷା କରିଥିଲେ । କାଳିଦାସଙ୍କ 'ମେଘ ଦୂତମ୍' ସଂସ୍କୃତ କାବ୍ୟର ଅନୁବାଦ କରି ସେ ୧୮୭୪ରେ 'ଉତ୍କଳ ଦର୍ପଣ'ରେ ପ୍ରକାଶ କରିଥିଲେ । ସ୍ୱାଧୀନତା ଓ ବିଶ୍ୱାସଭାଜନତାର ମଧୁର ସମନ୍ୱୟ ରଖିଥିବା ଏହି ଅନୁବାଦ କାବ୍ୟ ପାଠକୀୟ ଶ୍ରଦ୍ଧା ଭାଜନ ହୋଇଥିବାର ଦେଖାଯାଏ । ସଂସ୍କୃତ 'ମେଘଦୂତ'ର କଳ୍ପନାବିଳାସ ଓ ରୋମାଣ୍ଟିକ ଆବେଦନ ତଥା ବର୍ଣ୍ଣନାରେ ଚମତ୍କାରିତା କବିଙ୍କୁ ଆକୃଷ୍ଟ କରିଥିଲା । ଏହାର ଲାଳିତ୍ୟ ଓ ଭାବ ପ୍ରାଞ୍ଜଳତା ଏତେ ଅଧିକ ଯେ ଏହା ମୌଳିକ ରଚନା ତୁଲ୍ୟ ସୁଖପାଠ୍ୟ ଓ ପ୍ରଭାବଶାଳୀ । ତାଙ୍କର ଗଦ୍ୟସୃଷ୍ଟି 'ଇତାଲୀୟ ଯୁବା' ମଧ୍ୟ ଏକ ଇଂରେଜୀ ଗଳ୍ପ ଛାୟାରେ ରଚିତ ।

'ବିବେକୀ' (୧୮୭୩) ହେଉଛି ତାଙ୍କର ପ୍ରଥମ ଗଦ୍ୟ ରଚନା । 'ଉତ୍କଳ ଦର୍ପଣ' ପତ୍ରିକାରେ ଏହା ପ୍ରଥମେ ପ୍ରକାଶ ପାଇଥିଲା । ଏହାକୁ ଓଡ଼ିଆ ଭାଷାର ପ୍ରଥମ ପ୍ରବନ୍ଧ ରଚନା ଭାବରେ ସମାଲୋଚକମାନେ ଉଚ୍ଚଆସନ ଦେଇଥାନ୍ତି । ଏହାର ତଥ୍ୟ ନିଷ୍ଠତା ଓ ମନ୍ମୟ ବିଳାସ ଖୁବ ଉଚ୍ଚାଙ୍ଗ । ଏହି ଦୀର୍ଘ ରଚନାରେ ମଣିଷର ବିବେକ ସମ୍ପର୍କରେ ଯେଉଁ ଅନୁଭୂତିସିଦ୍ଧ ବ୍ୟାଖ୍ୟା କରାଯାଇଛି, ତାହା ତାଙ୍କ ସ୍ରଷ୍ଟାମାନସର ପ୍ରଜ୍ଞାଦୀପ୍ତ ପ୍ରତିଭୂ ବହନ କରିଥାଏ । ବିପଦ ଆପଦରେ ବିଚଳିତ ହେବା ଏବଂ ସମୟେ ସମୟେ ବ୍ୟକ୍ତିତ୍ୱର ବିନାଶ ଘଟାଇବା ଏକ ସାଧାରଣ କଥା । କିନ୍ତୁ ବିବେକୀ ଲୋକେ ଧୈର୍ଯ୍ୟ, ନିଷ୍ଠା ଓ ସହନଶୀଳତା ବଳରେ ଦୁର୍ଦ୍ଦିନକୁ ସାମ୍ନା କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଆନ୍ତି । ଅଧିକାଂଶ ମନୁଷ୍ୟ ନିଜକୁ ବହୁତ ବଡ଼ ମନେ କରି ଅନ୍ୟମାନଙ୍କ ଆଗରେ ଉପହାସର ପାତ୍ର ହୋଇଥାନ୍ତି । ସୁଭଗମନ୍ୟତା ମଣିଷକୁ ଖୁବ୍ ଅକିଞ୍ଚନ କରିଦିଏ । କେବଳ ବିବେକଶାଳୀ ବ୍ୟକ୍ତି ଏଥିରୁ ନିଜକୁ ଦୂରେଇ ରଖିଥାଏ । ଶାରୀରିକ, ମାନସିକ, ନୈତିକ ବିକାଶରେ ବିବେକ ହିଁ ବ୍ୟକ୍ତିର ଚିର ସହଚର ସାଜିଥାଏ । ରାଧାନାଥଙ୍କ ଏ ଚିରନ୍ତନ ଅନୁଭବର ସାର୍ବକାଳିକ ଆବେଦନ ପ୍ରବନ୍ଧଟିକୁ କ୍ଲାସିକ ପର୍ଯ୍ୟାୟରେ ପହଞ୍ଚାଇ ପାରିଛି ।

ପାର୍ବତୀ କାବ୍ୟର ଉପସଂହାର, ଉର୍ବଶୀ କାବ୍ୟର ଉପସଂହାର, ଭ୍ରମଣକାରୀର ପତ୍ର, ବାମଣ୍ଡା, ଉତ୍କଳ ସାହିତ୍ୟର ଉନ୍ନତି, ଟିପାଖାତା, ଖଣ୍ଡିଏ ପତ୍ର, ଆତ୍ମକଥାର କିୟଦଂଶ ଇତ୍ୟାଦିରେ ରାଧାନାଥଙ୍କ ଗଦ୍ୟଶୈଳୀର ଗଣର ବାସ୍ତବ ଆଲେଖ୍ୟ ପ୍ରସ୍ଫୁଟିତ । ଏଥି ସହିତ ପାଠ୍ୟପୁସ୍ତକ ଗୁଡିକରେ ମଧ୍ୟ ରାଧାନାଥ ଗଦ୍ୟର ସମ୍ଭାର ସୃଷ୍ଟି କରିଥିଲେ ।

**୨.୨.୫. ରାଧାନାଥଙ୍କ କାବ୍ୟ ସାହିତ୍ୟରପରିଚୟ :**

ସମସ୍ତ ରଚନା ମଧରେ ରାଧାନାଥଙ୍କର ଯେଉଁ କାବ୍ୟ ସୃଷ୍ଟି ହିଁ ତାଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରଦାନ କରିଛି ଅସପନ୍ ପ୍ରତିଷ୍ଠା, ତାହାର ସଂକ୍ଷିପ୍ତ ପରିଚୟ ସମ୍ପର୍କରେ ଅବଗତ ନ ହେଲେ ଏହି ପ୍ରତିଭାର ଆକଳନ ସଂପୂର୍ଣ୍ଣ ହେବ ନାହିଁ ।

**କେଦାରଗୌରୀ** – ଭୁବନେଶ୍ୱରର କେଦାରେଶ୍ୱର ମନ୍ଦିର ଓ ଗୌରୀ ମନ୍ଦିରକୁ ଉପଜୀବ୍ୟ କରି ରାଧାନାଥ ଗ୍ରୀକ୍ କବି ଓଭିଡ୍‌ଙ୍କର ମେଟାମରଫସିସ୍ କାବ୍ୟ ଅବଲମ୍ବନରେ 'କେଦାରଗୌରୀ' କାବ୍ୟ ରଚନା କରିଛନ୍ତି । ଏ କାବ୍ୟର ନାୟକ କେଦାର ଓ ନାୟିକା ଗୌରୀ କୈଶୋରରୁ ପରସ୍ପର ପ୍ରତି ଅନୁରକ୍ତି ପ୍ରକାଶ କଲେ ମଧ ସେମାନଙ୍କ ପିତାମାତା ଏହାକୁ ସ୍ୱୀକାର କଲେ ନାହିଁ । ପିତାମାତାଙ୍କ ବାରଣ ସତ୍ତ୍ୱେ ସେମାନେ କାନ୍ଥର ରନ୍ଧ୍ର ମଧଦେଇ ନିଜ ନିଜର ହୃଦୟବାଣୀ ପ୍ରକାଶ କଲେ । ଅତ୍ୟଧିକ କଟକଣାର କାନ୍ଥ ଡେଇଁ ସେମାନେ ଗୃହତ୍ୟାଗ କରିବା ପାଇଁ ମନସ୍ଥ କରିବା ଏବଂ ଏକ ଭ୍ରମାତ୍ମକ ପରିସ୍ଥିତିରେ ପ୍ରେମୀଯୁଗଳ ଅରଣ୍ୟ ମଧରେ ଆତ୍ମହତ୍ୟା କରିବା ଭଳି ଦୁଃଖଦ ଘଟଣା କାବ୍ୟଟିକୁ କରୁଣ ରସସିକ୍ତ କରିଅଛି । ଭୁବନେଶ୍ୱରର ରାଜା ଲଲାଟକେଶରୀ ସ୍ୱପ୍ନାଦେଶ ପାଇ କେଦାର ଓ ଗୌରୀ ନାମାନୁସାରେ ଦୁଇଟି ମନ୍ଦିର ପ୍ରତିଷ୍ଠା କଲେ । ପ୍ରକୃତ ପକ୍ଷେ ସେଠାରେ ଶିବ ଓ ପାର୍ବତୀଙ୍କ ପୂଜା ହେଉଥିଲେ ମଧ୍ୟ କବି କଳ୍ପନା ଇତିହାସର ଭ୍ରମ ସୃଷ୍ଟିକରି ପାଠକମାନଙ୍କୁ ନୂତନ ସ୍ୱାଦରେ ଆସ୍ୱାଦିତ କରିପାରିଛି ।

**ଚନ୍ଦ୍ରଭାଗା** – ଗ୍ରୀକ୍ ଭାଷାର ମେଟାମରଫିସସ୍ କାବ୍ୟ ବର୍ଣ୍ଣିତ ଆପୋଲୋ ଏବଂ ଡାଫ୍‌ନୀ କାହାଣୀକୁ ଭିତ୍ତିକରି 'ଚନ୍ଦ୍ରଭାଗା' କାବ୍ୟ ବିରଚିତ । ଚନ୍ଦ୍ରଭାଗା ତୀରରେ ଅବସ୍ଥିତ କୋଣାର୍କର ସୂର୍ଯ୍ୟମନ୍ଦିର ଭାଙ୍ଗିବା ପ୍ରସଙ୍ଗକୁ ଐତିହାସିକ ତଥା କିମ୍ବଦନ୍ତିକ କରିବାର ପ୍ରଚେଷ୍ଟା ଏଥିରେ ଅବଶ୍ୟ ଲକ୍ଷ୍ୟ କରାଯାଏ । ସୂର୍ଯ୍ୟ ବା ଆପୋଲଙ୍କ ଆକର୍ଷଣ ଏବଂ ଚନ୍ଦ୍ରଭାଗା ବା ଡାଫ୍‌ନୀଙ୍କ ବିକର୍ଷଣ ହେତୁ ଯେଉଁ ଟ୍ରାଜିକ୍ ପରିଣତି ସୃଷ୍ଟି ହୋଇଛି, ତାହାହିଁ କାବ୍ୟର ମୂଳ ପ୍ରସଙ୍ଗ । ସୁମନ୍ୟୁ ଋଷିଙ୍କ ଅପ୍‌ସରା କନ୍ୟା ଚନ୍ଦ୍ରଭାଗା ଏକ ସନ୍ଧ୍ୟାରେ ପରିଭ୍ରମଣ ବେଳେ ସୂର୍ଯ୍ୟଦେବତା ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବ୍ରାହ୍ମଣ ବେଶରେ ତାଙ୍କୁ ପ୍ରେମ ନିବେଦନ କଲେ । ଶାମାଭିଷେକ ସମୟରେ ସୂର୍ଯ୍ୟଙ୍କ ଦ୍ୱାରା ଅପମାନିତ ହୋଇଥିବା କାମଦେବ ଏହି ସମୟରେ ପ୍ରତିଶୋଧ ପରାୟଣ ହୋଇଉଠିଛି ଏବଂ ସୂର୍ଯ୍ୟଙ୍କ ପ୍ରତି ଅନୁରାଗ ଶର ଓ ଚନ୍ଦ୍ରଭାଗା ପ୍ରତି ବିରାଗ ଶର ନିକ୍ଷେପ କରିଛି । ଫଳରେ ସୂର୍ଯ୍ୟଙ୍କୁ ଭୟକରି ଚନ୍ଦ୍ରଭାଗା ସମୁଦ୍ର ଗର୍ଭରେ ଆତ୍ମହତ୍ୟା କରିଛି । ଏ କଥା ସୁମନ୍ୟୁ ଋଷି ଧ୍ୟାନ ବଳରେ ଜାଣିପାରି ଅଭିଶାପ ଦେବାରୁ ସୂର୍ଯ୍ୟଙ୍କର ମନୋରମ ମନ୍ଦିର ଭାଙ୍ଗିଯାଇଛି । ବିଦେଶୀ କଥାବସ୍ତୁ ଛାଞ୍ଚରେ ଏପରି ଗଳ୍ପାଂଶର ପରିକଳ୍ପନା ହେତୁ ରାଧାନାଥ ନିନ୍ଦିତ ହୋଇଥିଲେ ମଧ କାବ୍ୟକଳା ଦୃଷ୍ଟିରୁ 'ଚନ୍ଦ୍ରଭାଗା'ର ମହତ୍ତ୍ୱ ସ୍ୱୀକାର୍ଯ୍ୟ ।

**ନନ୍ଦିକେଶ୍ୱରୀ** – ବୀରତ୍ୱ ବିମୁଗ୍ଧା ନାୟିକା ନନ୍ଦିକେଶ୍ୱରୀ ପିତା ସୁବର୍ଣ୍ଣ କେଶରୀଙ୍କ ଶତ୍ରୁ ଚୋଡଗଙ୍ଗଙ୍କ ପ୍ରତି ପ୍ରଣୟାସକ୍ତ ହୋଇ ଦେଶଦ୍ରୋହ, ଜାତିଦ୍ରୋହ ଓ ପିତୃଦ୍ରୋହପାପରେ କିଭଳି ଲିପ୍ତ ରହି ଆତ୍ମବିସର୍ଜନ କରିଛନ୍ତି, ତାହାର କରୁଣ ଚିତ୍ର 'ନନ୍ଦିକେଶ୍ୱରୀ' କାବ୍ୟର କଥାବସ୍ତୁ । ମାଦଳାପାଞ୍ଜିର କିମ୍ବଦନ୍ତୀ ଉପରେ ନିର୍ଭର କରି ରାଧାନାଥ 'ନନ୍ଦିକେଶ୍ୱରୀ'ରେ ଯେଉଁ କାହାଣୀ କଳ୍ପନା କରିଛନ୍ତି, ତାହାର ମୂଳ ଓଭିଡ୍‌ଙ୍କ ମେଟାମରଫୋସିସ୍ କାବ୍ୟର ଅଷ୍ଟମକବିତା 'ଦି କିଙ୍ଗ୍ ମିନସ୍ ଏଣ୍ଡ ସିଲା'ରେ ନିହିତ । ତତ୍ ସହିତ ବାଇରନ୍‌ଙ୍କ 'ଦି ସିଜ୍ ଅଫ୍, କୋରିନ୍ଥ' ଗ୍ରନ୍ଥରୁ ଆଖ୍ୟାନ ଗ୍ରହଣ କରି କବି ସେଥିରେ ସମନ୍ୱୟ କରିଛନ୍ତି । ଉତ୍କଳୀୟ ଜାତୀୟତାର ପ୍ରତୀକ ଭାବରେ କବି ଯେଉଁ ପ୍ରାକୃତିକ ଶୋଭାର ବର୍ଣ୍ଣନା ଏଥିରେ ପ୍ରଦାନ କରିଛନ୍ତି, ତାହା ପାଠକ ପ୍ରାଣକୁ ଆପ୍ଲୁତ କରିଥାଏ । ଇତିହାସର ଚରିତ୍ର ନ ହୋଇ ମଧ ନନ୍ଦିକେଶ୍ୱରୀ ରାଧାନାଥଙ୍କ ଅପୂର୍ବ କବିତ୍ୱ ସ୍ପର୍ଶରେ ଐତିହାସିକ

ପାଇଛିଯାଇଛି । ଓଡ଼ିଆ ସାହିତ୍ୟରେ ଏହି ନୂତନ କାହାଣୀ ପରବର୍ତ୍ତୀ ସମୟରେ ଏକ ପରମ୍ପରା ସୃଷ୍ଟି କରିଛି , ଯାହାରପ୍ରଭାବ ଅଶ୍ୱିନୀକୁମାର ଘୋଷଙ୍କ 'କେଶରୀଗଙ୍ଗା', ମନୋରଞ୍ଜନ ଦାସଙ୍କ 'ନନ୍ଦିକେଶ୍ୱରୀ' ନାଟକ, ହରେକୃଷ୍ଣ ମହାତାବଙ୍କ 'ତାରିଣୀକ୍ଷେତ୍ର' କାବ୍ୟ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅସମାପିକା' କବିତା ଓ ବୈଷ୍ଣବ ପାଣିଙ୍କ 'ନନ୍ଦିକେଶ୍ୱରୀ' ଗୀତାଭିନୟ ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଥିବାର ଜଣାଯାଏ।

**ଉଷା** – 'କେଦାରଗୌରୀ', 'ଚନ୍ଦ୍ରଭାଗା' ଓ 'ନନ୍ଦିକେଶ୍ୱରୀ' ପରେ କବି ରାଧାନାଥ 'ଉଷା' କାବ୍ୟ ରଚନା କଲାବେଳେ ମଧ୍ୟ ବିଦେଶୀ କଥାବସ୍ତୁକୁ ଆଶ୍ରୟ କରିଛନ୍ତି । ରୋମାନ୍ କବି ଓଭିଡ୍‌ଙ୍କ 'ହିପେ ମିନସ୍ ଏଣ୍ଡ ଆଟଲାଣ୍ଟା' କାବ୍ୟ ଏବଂ ଇଂରାଜୀ କବି ଉଇଲିୟମ୍ ମରିସଙ୍କ 'ଦି ଆର୍ଥଲି ପାରାଡାଇଜ୍' କାବ୍ୟ ଅନ୍ତର୍ଗତ 'ଆଟଲାଣ୍ଟା ରେସ୍' ଅବଲମ୍ବନରେ 'ଉଷା' ପରିକଳ୍ପିତ । ଆହରଣକୁ ସ୍ୱକୀୟ ଶୈଳୀରେ କବି ଏପରି ପରିବେଷଣ କରିଛନ୍ତି ଯେ 'ଉଷା' କାବ୍ୟର ଚରିତ୍ର, ଘଟଣା ଓ ପରିବେଶ ଓଡ଼ିଶାର ଏକାନ୍ତ ନିଜସ୍ୱ ପରି ପ୍ରତୀତି ଆସେ । ଏହାର କଥାବସ୍ତୁ ରୀତିକାବ୍ୟ ପରି ବହୁ ଶାଖା ପ୍ରଶାଖାଯୁକ୍ତ ତଥା ଦୈବୀ ପ୍ରଭାବରେ ଭାରାକ୍ରାନ୍ତ । ଅଲୌକିକ ଭାବେ ସମ୍ଭୂତା ରାଜକନ୍ୟା ଉଷା ଓ ରାଜକୁମାର ଜୟନ୍ତର ମିଳନ ପର୍ବ ଛଳରେ ଏକ ଭିନ୍ନ ସ୍ୱାଦ ଏ କାବ୍ୟକୁ କରିଛି ଅଧିକ ଚମତ୍କୃତ ।

**ପାର୍ବତୀ** – ରାଧାନାଥ କାବ୍ୟ ସଂସାରରେ 'ପାର୍ବତୀ' ଏକ ବ୍ୟତିକ୍ରମ । ଭାରତୀୟ ପରମ୍ପରାରେ ପିତାପୁତ୍ରୀର ସମ୍ଭୋଗ ଚିତ୍ର ଏହାର ଏକ ବିବାଦୀୟ ବକ୍ତବ୍ୟ । ରାଜା ଗଙ୍ଗେଶ୍ୱର ଦେବ ମୟୂରଭଞ୍ଜର ରତ୍ନପୁର ଦୁର୍ଗ ଜୟ କରିବାପାଇଁ ଏହାକୁ ବହୁକାଳ ଅବରୋଧ କରି ରଖିଲେ । ଏହି ଅବସରରେ ସାଙ୍ଗରେ ଥିବା ତାଙ୍କର ଲାସ୍ୟମୟୀ କନ୍ୟା କୌଶଲ୍ୟା ପ୍ରତି ସେ କାମାସକ୍ତ ହୋଇ ତାକୁ ଉପଭୋଗ କରିଛନ୍ତି । କୌଶଲ୍ୟା ଅନ୍ତଃସତ୍ତ୍ୱା ହୋଇ ପୁତ୍ରସନ୍ତାନ ଜନ୍ମଦେବା, ରାଜା ଆଦେଶରେ ଉଭୟ ମାତା ପୁତ୍ରକୁ ଏକ କୂପ ମଧ୍ୟକୁ ନିକ୍ଷେପ କରି ନିଶେଷ କରିବା, ମାତା ପାର୍ବତୀଙ୍କୁ ଶୂନ୍ୟବାଣୀହେବା ଏବଂ ତାଙ୍କ ସମ୍ମୁଖରେ କୌଶଲ୍ୟାର ପ୍ରେତାତ୍ମା ପିତାଙ୍କ ନିଷ୍ଠୁରତା ବର୍ଣ୍ଣନା କରିବା, ଗଙ୍ଗେଶ୍ୱର ରତ୍ନପୁର ବିଜୟ କରି ଉତ୍ସବ ପାଳନ ବେଳେ ରାଣୀ ପାର୍ବତୀ ଉଗ୍ରଚଣ୍ଡୀ ବେଶ ଧାରଣକରି ରାଜାଙ୍କୁ ହତ୍ୟା କରିବା ଆଦି ଘଟଣା ଅସମ୍ପୂର୍ଣ୍ଣ 'ପାର୍ବତୀ' କାବ୍ୟର ବିଷୟ ନିର୍ଯ୍ୟାସ । ଗ୍ରୀକ୍ କବି ହୋମରଙ୍କ 'ଇଲିୟାଡ୍', ଆସ୍କାଇଲାସଙ୍କ 'ଆଗାମେମ୍‌ନନ୍' ନାଟକ, ସେକ୍ସପିଅରଙ୍କ 'ହାମଲେଟ୍', ନାଟକର ଭିତ୍ତିରେ ମାଦଳା ପାଞ୍ଜିରେ ବର୍ଣ୍ଣିତ ରାଜା ଗଙ୍ଗେଶ୍ୱର ଦେବ କାହାଣୀକୁ ସମନ୍ୱୟ କରି କବି ରଚନା କରିଥିବା 'ପାର୍ବତୀ' କାବ୍ୟ ପାଇଁ ବହୁ ମାତ୍ରାରେ ସମାଲୋଚିତ ହୋଇଛନ୍ତି । ଏହି ବିଜାତୀୟ କଥାବସ୍ତୁର ଆରୋପଣ କରିଥିଲେ ମଧ୍ୟ ସେ ଏହାର ଉଚିତ ଶାସ୍ତି ସ୍ୱରୂପ ରାଣୀ ପାର୍ବତୀଙ୍କ ଦ୍ୱାରା ପାପାଚାରୀ ଗଙ୍ଗେଶ୍ୱର ଦେବଙ୍କୁ ହତ୍ୟା କରାଇ ଏକ ସୁସ୍ଥ ସାମାଜିକ ଓ ପାରିବାରିକ ଜୀବନ ପାଇଁ ଇଙ୍ଗିତ ନିର୍ଦ୍ଦେଶ କରିଛନ୍ତି ।

**ଚିଲିକା** – ରାଧାନାଥୀ ପ୍ରତିଭାର ଉତ୍କର୍ଷ ବହନ କରେ 'ଚିଲିକା' ଖଣ୍ଡକାବ୍ୟ । ଚିଲିକା ପରି ଏକ ନିର୍ଜୀବ ହ୍ରଦକୁ କାବ୍ୟନାୟିକା ରୂପେ ଗ୍ରହଣ କରି କବି ଯେଉଁ ରୂପତୃଷ୍ଣା ଓ ଜାତୀୟତାର ଜାଜ୍ୱଲ୍ୟମାନ ଚିତ୍ର ବାଢ଼ିଛନ୍ତି, ତାହା ଚିଲିକା କାବ୍ୟକୁ ଯେତିକି ମହିମାନ୍ୱିତ କରିଛି, କବି ଜୀବନକୁ ସେତିକି ଧନ୍ୟ କରିଛି ।

''ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା ।
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।
ସ୍ୱଭାବେ ଭାବୁକ ମାନସ ଉଲ୍ଲାସୀ,
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି ।''

ଇତ୍ୟାଦି ପଦଗୁଡିକ ପାଠ କଲାବେଳେ ସୌନ୍ଦର୍ଯ୍ୟପ୍ରାଣ ରାଧାନାଥଙ୍କ ପ୍ରକୃତି ପ୍ରତି ଥିବା ଆବେଗ ସ୍ୱତଃ ଉଦ୍‌ଭାସିତ ହୁଏ । ଚିଲିକାର ରୂପଶୋଭାରେ ମୋହାବିଷ୍ଟ କବି ଏହାର ତଟଦେଶର କାନ୍ତି, ସନ୍ଧ୍ୟାର ସୁନ୍ଦରତା, ନୀଳ ଜଳର ନର୍ତ୍ତନ, ଭାଲେଣୀ, ଯୋଲରୀ, ଘଣ୍ଟଶିଳା ଆଦି ପାହାଡ଼ର ପ୍ରକାଶ କ୍ଷମତା ଆଦିକୁ କବିତ୍ୱର କମନୀୟତାରେ ମନମୁଗ୍ଧ କରିବା ସହିତ ଉତ୍କଳର ଐତିହ୍ୟ ପ୍ରଖ୍ୟାପନ କରି ଯଶସ୍ୱୀ ହୋଇଛନ୍ତି ।

**ମହାଯାତ୍ରା** – ଅମିତ୍ରାକ୍ଷର ଛନ୍ଦରେ ବିରଚିତ 'ମହାଯାତ୍ରା' ତାଙ୍କ ପ୍ରତିଭାର ଜୟଯାତ୍ରା । ଆଧୁନିକ ମହାକାବ୍ୟର ମାନ୍ୟତା ଲାଭ କରିଥିବା ମହାଯାତ୍ରା ସାତଟି ସର୍ଗରେ ଅସମ୍ପୂର୍ଣ୍ଣ ଭାବେ ସୀମିତ । ଏହାର କଥାବସ୍ତୁ ଦେଶୀୟ ଇତିହାସ ଓ ପୁରାଣରୁ ସଂଗୃହୀତ । ଏ ମହାକାବ୍ୟର ପରିବେଷଣ ଓ ବର୍ଣ୍ଣନା ଛଟାରେ କେତେକ ପାଶ୍ଚାତ୍ୟ କବିଙ୍କ ପ୍ରଭାବ ପଡ଼ିଥିଲେ ମଧ୍ୟ ମହାଭାରତୀୟ କଥାଂଶ ଏବଂ ଐତିହାସିକ ଇତିବୃତ୍ତର କାବ୍ୟିକ ପରିପ୍ରକାଶରେ ରାଧାନାଥଙ୍କ କୃତିତ୍ୱ ପ୍ରଣିଧାନ ଯୋଗ୍ୟ । ମୂଳ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତରୁ କଥାବସ୍ତୁ ଗ୍ରହଣ କରି କବି ପୌରାଣିକ କାନଭାସ୍ ଉପରେ ସମଗ୍ର କାବ୍ୟଟିକୁ ସୁସଜ୍ଜିତ କରିଛନ୍ତି ।

ତିନି ସନ୍ଧିରେ ମହାଯାତ୍ରାର ଗଳ୍ପାଂଶ ପରିବେଷିତ । ଦ୍ୱାପରର ବିଦାୟ ଓ କଳିର ଆଗମନରେ ଯେଉଁ ସନ୍ଧିକ୍ଷଣ ସୃଷ୍ଟି ହୋଇଛି, ସେତିକିବେଳେ ପାଣ୍ଡବ ପାଞ୍ଚଭାଇ ପରୀକ୍ଷିତଙ୍କୁ ହସ୍ତିନା–ସିଂହାସନରେ ବସାଇ ପତ୍ନୀ ଦ୍ରୌପଦୀଙ୍କସହିତ ସ୍ୱର୍ଗାରୋହଣରେ ବାହାରିଛନ୍ତି । ପାଣ୍ଡବମାନେ ପୁରୀରେ ପହଞ୍ଚିବା ପରେ ମହୋଦଧିରୁ ଅଗ୍ନି ଆବିର୍ଭୂତ ହୋଇ ସେମାନଙ୍କର ପଥପ୍ରଦର୍ଶକ ସାଜିଲେ । ନାନାସ୍ଥାନ ପରିଭ୍ରମଣ ପରେ ସହ୍ୟାଦ୍ରି ପର୍ବତ ଉପରେ ଅଗ୍ନି ଯୁଧିଷ୍ଠିରଙ୍କୁ ଯେଉଁ ଅଞ୍ଜନ ଦେଲେ, ତାହାରି ବଳରେ ସେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖିପାରିଲେ । ପୌରାଣିକ ଭାରତବର୍ଷର ଧର୍ମ, ସାହସ, ସତ୍ୟ, ନ୍ୟାୟ, କ୍ଷମା ଇତ୍ୟାଦି ଦେବୋପମ ଗୁଣାବଳୀ କିପରି ଅପହୃତ ହୋଇ କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ମିଥ୍ୟା, କଳହ ଆଦି ପ୍ରାଧାନ୍ୟ ଲାଭ କରୁଛି, ସେ ସବୁ ଯୁଧିଷ୍ଠିରଙ୍କ ଚକ୍ଷୁରେ ଉନ୍ମୀଳିତ ହେଲା । ପୌରାଣିକ ଭାରତରବର୍ଷରୁ କ୍ରମେ ଐତିହାସିକ ଭାରତବର୍ଷକୁ ସେ ଦେଖିବାରେ ସେକ୍ଷମ ହୋଇଛନ୍ତି । ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କର ସିଂହାସନ ପାଇଁ ସଂଘର୍ଷ, ଜୟଚନ୍ଦ୍ରଙ୍କ ବିଶ୍ୱାସଘାତକତା, ପ୍ରଥମ ଓ ଦ୍ୱିତୀୟ ତିରୋରୀ ଯୁଦ୍ଧ, ଯୁଦ୍ଧକ୍ଷେତ୍ରରେ ଉଦାସୀନ ସୈନିକମାନଙ୍କୁ ପୃଥ୍ୱୀରାଜ, ସଂଯୁକ୍ତା ଓ ସେନାପତି ଅମର୍ଷୀଙ୍କ ଉତ୍ସାହ ପ୍ରଦାନ, ତତ୍ପରେ ଯବନ ଶାସନର ଉତ୍‌ଥାନ ଆଦି ଅବଲୋକନ କରି ଯୁଧିଷ୍ଠିର ଭାରତବର୍ଷର କ୍ଷୟିଷ୍ଣୁ ଚିତ୍ରପଟ ହୃଦୟଙ୍ଗମ କରିପାରିଛନ୍ତି । ପରାଧୀନ ଭାରତ ବର୍ଷରେ ଜାତୀୟ ଭାବନା ସୃଷ୍ଟି କରିବା ପାଇଁ କବି ଏଭଳି ଏକ କାବ୍ୟର ପରିକଳ୍ପନା କରି ସ୍ୱଦେଶ ପ୍ରେମର ପ୍ରକୃଷ୍ଟ ପରିଚୟ ଦେଇଛନ୍ତି ।

**ଦରବାର** – ବ୍ୟଙ୍ଗାତ୍ମକ କାବ୍ୟ ଭାବରେ 'ଦରବାର' ସୁପ୍ରସିଦ୍ଧ । ପ୍ରେମ–ପରିଣୟ, ପ୍ରକୃତି ପ୍ରୀତି, ରୂପାନୁଭୂତି ତଥା ସୌନ୍ଦର୍ଯ୍ୟ ଦୃଷ୍ଟିଭଳି ଯେଉଁ କେତେକ ସାଧାରଣ ବିଭବକୁ ନେଇ ରାଧାନାଥ କାବ୍ୟମାନ ସଂରଚନା କରିଥିଲେ । ଏଥିରେ ତାହାର ବ୍ୟତିକ୍ରମ ପରିଦୃଷ୍ଟ ହୁଏ । ସାମାଜିକ ଅଧପତନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ତଥାକଥିତ ଅହଂପ୍ରମତ୍ତ ରାଜା, ଜମିଦାର ତଥା ଅନ୍ୟ ଉଚ୍ଚବର୍ଗର ମଣିଷମାନଙ୍କୁ ସେ ଶାଣିତ ଭାବରେ ବ୍ୟଙ୍ଗ ଓ ବିଦ୍ରୂପ କରିବାର ଯେଉଁ ଅଦମ୍ୟ ସାହସ ଏଥିରେ ବ୍ୟକ୍ତ କରିଛନ୍ତି, ତାହା ଓଡ଼ିଆ କାବ୍ୟ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ ବିଭବ ।୧୮୯୪ ସାଲ ଅଗଷ୍ଟ ୨୯ ତାରିଖରେ କଟକ ସହରର ବାରବାଟୀ ପଡ଼ିଆରେ ସାମନ୍ତ ଚନ୍ଦ୍ରଶେଖରଙ୍କୁ ମହାମହୋପାଧ୍ୟାୟ ଓ କାଉପୁର ଜମିଦାର ଗୋବିନ୍ଦବଲ୍ଲଭ ରାୟଙ୍କୁ ରାୟବାହାଦୂର ଉପାଧି ପ୍ରଦାନ ନିମନ୍ତେ ଏକ ଦରବାର ଅନୁଷ୍ଠିତ ହୋଇଥିଲା । ଏହି ଦରବାରକୁ ନିମନ୍ତ୍ରିତ ହୋଇଥିବା ରାଜନ୍ୟବର୍ଗଙ୍କ ଠାଣି କବି ହୃଦୟରେ ଯେଉଁ ବ୍ୟଥା ସୃଷ୍ଟି କରିଛି, ତାହାର ସାରସ୍ୱତ ପ୍ରତିବାଦ ହିଁ 'ଦରବାର' କାବ୍ୟର ମୁଖ୍ୟ ଭାବବସ୍ତୁ ।

ଉପର୍ଯ୍ୟୁକ୍ତ କାବ୍ୟାବଳୀ ବ୍ୟତୀତ କବି ଯଯାତିକେଶରୀ, ଉର୍ବଶୀ ନାମକ ଯେଉଁ ଦୁଇଟି କାବ୍ୟରଚନା କରିଛନ୍ତି, ତହିଁରେ ତାଙ୍କ ପ୍ରତିଭାର ବୈଚିତ୍ର୍ୟ ଅନୁପଲବ୍ଧ । ଏତଦ୍‌ଭିନ୍ନ 'ଭାରତ ଗୀତିକା', 'ସତୀପ୍ରତି ସତୀଦ୍ରୋହୀ ପତିର ଉକ୍ତି', 'ତିନିବନ୍ଧୁ', 'ଶ୍ମଶାନ ଦୃଶ୍ୟ' ଓ 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ଆଦି ତାଙ୍କ ଶେଷ ଜୀବନର କବିତା ସମୂହରେ କବିପ୍ରାଣର ଜାତ୍ୟଭିମାନ

ଓ ସୂକ୍ଷ୍ମ ଅନୁଚିନ୍ତାର କଳାତ୍ମକ ପରିପ୍ରକାଶ ଲକ୍ଷ୍ୟ କରାଯିବ । ତେବେ ରାଧାନାଥ କାବ୍ୟର କବି ଭାବରେ ଯେତିକି ପ୍ରତିଷ୍ଠା ଅର୍ଜନ କରିଛନ୍ତି, କ୍ଷୁଦ୍ର କବିତାର ସ୍ରଷ୍ଟା ଭାବରେ ସେତିକି ସଫଳତା ପାଇ ନାହାନ୍ତି ।

### ୨.୨.୬ କବି ରାଧାନାଥଙ୍କ ବିଶେଷତ୍ୱ

ନୂତନ ଯୁଗର ବାର୍ତ୍ତାବହ ଭାବରେ ସ୍ୱକୀୟ ସୃଷ୍ଟିସମୂହରେ ଯେଉଁ ଅଭିନବ ଉପାଦାନମାନ ସଂଯୋଜନା କରି ରାଧାନାଥ ଓଡ଼ିଆ କାବ୍ୟକାନନକୁ ଋଦ୍ଧିମନ୍ତ କରିଛନ୍ତି, ତାହାହିଁ ତାଙ୍କର ଚରମ ବିଶେଷତ୍ୱ । ପ୍ରଜ୍ଞା, ପାଣ୍ଡିତ୍ୟ ଓ ପ୍ରତିଭାର ମୂର୍ତ୍ତିମନ୍ତ ବିଗ୍ରହ ଏହି ବରେଣ୍ୟ ଶିଳ୍ପୀଙ୍କ ସୃଷ୍ଟିଧାରାରେ ସନ୍ନିବେଶିତ ସ୍ୱତନ୍ତ୍ରତା ଅବଶ୍ୟ ଅବଧାରଣୀୟ ।

**କାବ୍ୟ କଥାବସ୍ତୁରେ ଆହରଣ ଓ ସମୀକରଣ** – କଥାବସ୍ତୁ ଆହରଣ କରି ନିଜସ୍ୱ ଢଙ୍ଗରେ ପରିବେଷଣ କରିବାର କଳା ସାରଳା ଦାସଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ରାଧାନାଥ ପ୍ରଥମ ବ୍ୟକ୍ତି ଯିଏ ପାଶ୍ଚାତ୍ୟ ସାହିତ୍ୟରୁ କାହାଣୀ ବା କାହାଣୀ ଅଂଶ ଗ୍ରହଣ କରି ଓଡ଼ିଶୀ ପାଣିପାଗରେ ପ୍ରଲେପିତ କରିଛନ୍ତି । ଓଡ଼ିଶାର କିମ୍ବଦନ୍ତୀ ବା ଇତିହାସ ସହିତ କେଉଁଠି ସାମାନ୍ୟ ସାଦୃଶ୍ୟ ଥାଉ ବା ନ ଥାଉ ସେ ବିଦେଶୀ ପ୍ରସଙ୍ଗକୁ ଏପରି ଭାବରେ ଚିତ୍ରଣ କରିଛନ୍ତି ଯେ ତାହା ଇତିହାସର ଭ୍ରମ ସୃଷ୍ଟି କରିଛି । ଭୁବନେଶ୍ୱରର କେଦାରେଶ୍ୱର ମନ୍ଦିର ଓ ଗୌରୀ ମନ୍ଦିରର ଭୌଗୋଳିକ ଅବସ୍ଥିତି ତଥା ଏହାର ପ୍ରସିଦ୍ଧିକୁ ଲକ୍ଷ୍ୟକରି ଓଭିଡ୍‌ଙ୍କ ମେଟାମରଫସିସ୍‌ର କାହାଣୀକୁ ଏହା ସହିତ ସଂଯୋଗ କରି କେଦାରଗୌରୀ ରଚନା କରିଛନ୍ତି । କାବ୍ୟ ବର୍ଣ୍ଣିତ ଲଲାଟକେଶରୀ ଭୁବନେଶ୍ୱର ସହର ପ୍ରତିଷ୍ଠା ବିଷୟ ଓଭିଡ୍‌ଙ୍କ କାବ୍ୟରେ ରାଜା ସେସିରାମିସ୍‌ଙ୍କ ବେବିଲନ୍ ସହର ପ୍ରତିଷ୍ଠା ସହିତ ତୁଳନୀୟ । ଓଭିଡ୍‌ଙ୍କ ଆପୋଲୋ ଓ ଡାଫନୀ ଗଳ୍ପ ଛାୟାରେ 'ଚନ୍ଦ୍ରଭାଗା' ରଚିତ ହୋଇଥିଲେ ହେଁ ଏ କାବ୍ୟର ପ୍ରଥମ ଭାଗରେ ପ୍ରଦତ୍ତ ଜଗନ୍ନାଥଙ୍କ ପୁଷ୍ପାଭିଷେକ ଓ ଶେଷ ଭାଗରେ ସଂଯୁକ୍ତ କୋଣାର୍କ ମନ୍ଦିର ପତନର ଚିତ୍ର କବିଙ୍କ କଳ୍ପନା ପ୍ରସୂତ । ଅନୁସରଣରେ କେତେକ ପରିବର୍ତ୍ତନ ଏକ ସ୍ୱକଳ୍ପନାରୁ କଥାବସ୍ତୁ ସଂଯୋଜନ ଫଳରେ ମୂଳ ଗ୍ରୀକ୍ କଥାବସ୍ତୁଟି ଏକ ସ୍ୱତନ୍ତ୍ର କାନ୍ତିରେ ବିଭୂଷିତ ହୋଇପାରିଛି । 'ଚନ୍ଦ୍ରଭାଗା' କାବ୍ୟରେ ଜଗନ୍ନାଥଙ୍କ ରାମାଭିଷେକ ଦର୍ଶନକୁ କେନ୍ଦ୍ରକରି ସୂର୍ଯ୍ୟ ଓ କାମଦେବଙ୍କ କଳି ବର୍ଣ୍ଣନା ଯେତିକି ନାଟକୀୟ, କାବ୍ୟ ଗଠନ ପରିପାଟୀରେ ଏହାର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ । ସୂର୍ଯ୍ୟଦେବତା ମଦନଙ୍କୁ କଟାକ୍ଷ କରିବାର ଚିତ୍ର ଦ୍ରଷ୍ଟବ୍ୟ –

"ସ୍ତ୍ରୈଣ ଜନ ମନ ସଞ୍ଚାର
    ତୋର ଏଡ଼େ ଗୁମାନ,
ତେଜସ୍ୱି-ଧର୍ଷଣ-ପ୍ରମାଦେ
    ଦିନେ ଯିବ ତୋ ପ୍ରାଣ ।
ହର କୋପାନଳେ ଥରେ ତୁ
    ଜଳିଥିଲୁ ମଦନ,
ପୁଣି ଜଳିବାକୁ ଏ ଦେହେ
    ପରା ବଳିଛି ମନ ।
ସଂସାରେ ଯାବତ କଳଙ୍କ
    ତା'ର ଅଟୁ କରତା,
ନାରୀ, ନାରୀରଙ୍କ ନରଙ୍କ
    ତୁହି ଅଟୁ ଦେବତା ।"

ନନ୍ଦିକେଶ୍ୱରୀ, ଉଷା ଓ ପାର୍ବତୀ ଯଥାକ୍ରମେ ଓଭିଡ୍‌ଙ୍କ ସିଲା-ମିନସ୍, ଆଟଲାଣ୍ଟା ରେସ୍ ଓ ଏସକାଇଲସ୍‌ଙ୍କ ଆଗାମେନନ୍ ନାଟକ ଅବଲମ୍ବନରେ ସୃଷ୍ଟ । ଉଷା କାବ୍ୟରେ ଉଇଲିୟମ୍ ମରିସ୍‌ଙ୍କ 'ଆଟଲାଣ୍ଟା ରେସ୍'ର ପ୍ରାଧାନ୍ୟ ଅନୁଭୂତ । ଏପରିକି ତାଙ୍କର ମୌଳିକ କାବ୍ୟରୂପେ ଖ୍ୟାତି ଲାଭ କରିଥିବା 'ଚିଲିକା' କାବ୍ୟରେ ମଧ୍ୟ ସେ କେତେକ ସ୍ଥଳରେ ଇଂରାଜୀ କବି ୱାଲଟର ସ୍କଟ୍ ଓ ବାଇରନ୍‌ଙ୍କୁ ଅନୁସରଣ କରିଥିବାର ଅନୁମିତ ହେବ । ସ୍କଟ୍‌ଙ୍କ 'ଲେଡ଼ି ଅଫ୍ ଦି ଲେକ୍' କାବ୍ୟର ଠାଏ ଉଲ୍ଲିଖିତ -

How sweet, at eve the lover's lute
Chime, when the groves were still and mute !
And when the midnight moon should lave
Her forehead in the silver wave,
How solemn on the ear would come
The holy Matins' distant hum.

ରାଧାନାଥ 'ଚିଲିକା'ରେ ଅନୁରୂପ ବର୍ଣ୍ଣନା ଦେଇ ଲେଖିଛନ୍ତି -

ପଶ୍ଚିମା ସନ୍ଧ୍ୟାରେ ବନ୍ଦାପନା ପାଇଁ
ଯତିଏ ଆସନ୍ତି ଶଇଳୁଁ ଓହ୍ଲାଇ ।
ଦିଗ୍‌ବଳୟ ବ୍ୟାପି-ନୀଳ ଜଳାରଣ୍ୟେ
ରଞ୍ଜିଲା ଚନ୍ଦ୍ରିକା ନିଜେ ଶୁଭ୍ରବର୍ଣ୍ଣେ ।
ଉଲ୍ଲାସର ଆମ୍ବା ପ୍ରାୟେ ଗୀତତାନ
ହ୍ରଦନୀଳ ବକ୍ଷେ କରେ ଅଧିଷ୍ଠାନ ।

'ମହାଯାତ୍ରା' ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ମାନସ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ କବି ଏହାକୁ ଏକ ମୌଳିକ ମହାକାବ୍ୟ ରୂପେ ଏପରି ଚିତ୍ରଣ କରିଛନ୍ତି ଯେ ତାହା ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଏକ ଉଚ୍ଚାଙ୍ଗ ସମ୍ମାନ ଲାଭକରେ । ସଂସ୍କୃତ ଓ ସାରଳା ମହାଭାରତ, ମିଲ୍‌ଟନଙ୍କ 'ପାରାଡାଇଜ୍ ଲଷ୍ଟ', ଟେନିସ୍‌ଙ୍କ 'ପାସିଙ୍ଗ୍‌ଅଫ୍ ଆର୍ଥାର' କାବ୍ୟରୁ ଉପାଦାନ ଗୃହୀତ ହୋଇ ଏହା ପରିକଳ୍ପିତ । ଓଡ଼ିଆ ମହାଭାରତରେ ପାଣ୍ଡବମାନେ ସ୍ୱର୍ଗାରୋହଣ ପୂର୍ବରୁ ତୀର୍ଥଭ୍ରମଣ ଉଦ୍ଦେଶ୍ୟରେ ଓଡ଼ିଶାକୁ ଆସିଥିବା ବିଷୟ ବର୍ଣ୍ଣିତ । 'ମହାଯାତ୍ରା'ରେ ସେହିଭଳି ପ୍ରସଙ୍ଗ ସଂରକ୍ଷିତ । 'ମହାଯାତ୍ରା'ରେ ଅର୍ଜୁନଙ୍କ ଗାଣ୍ଡିବ ଧନୁ ନିକ୍ଷେପ ସହ 'ପାସିଙ୍ଗ୍ ଅଫ୍ ଆର୍ଥାର' କାବ୍ୟର ଏକ୍ସ କାଲିନର ଖଡ଼୍‌ଗ କ୍ଷେପଣର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । 'ପାରାଡାଇଜ୍ ଲଷ୍ଟ' କାବ୍ୟରେ ବର୍ଣ୍ଣନାନୁସାରେ ଦେବଦୂତ ମାଇକେଲ୍ ପର୍ବତ ଶିଖର ଉପରେ ଆଦାମ୍‌ଙ୍କୁ ବସାଇ ତାଙ୍କର ଚକ୍ଷୁରେ ଅଞ୍ଜନ ବୋଳିବା ଫଳରେ ସେ ଭବିଷ୍ୟତ ସମାଜର ଅଧୋଗତି ତଥା ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବ ପ୍ରଭୃତି ଘଟଣାବଳୀ ଦେଖିପାରିଛନ୍ତି । ସେହିପରି ଅଗ୍ନି 'ମହାଯାତ୍ରା' କାବ୍ୟରେ ଦିବ୍ୟାଞ୍ଜନ ଲଗେଇବାରୁ ପାଣ୍ଡବଗଣ ଭାରତବର୍ଷର ଭବିଷ୍ୟତ ଦୁର୍ଗତି ଦେଖି ଚକିତ ହୋଇଛନ୍ତି ।

ଏହିପରି କାବ୍ୟ କଥାବସ୍ତୁ ଓ ବର୍ଣ୍ଣନା ଛଟାରେ ରାଧାନାଥ କେତେକ ଆହରଣକୁ ସ୍ୱୀକରଣ କରି ନିଜ କାବ୍ୟକଳାକୁ ଯେଉଁ ପ୍ରତିଷ୍ଠା ଦେଇଛନ୍ତି, ତାହା ତାଙ୍କ ମୌଳିକ କବିପ୍ରତିଭାର ପରିଚୟ ଦିଏ ।

**ଚରିତ୍ରାୟନର ବିଚିତ୍ର ଚୌହଦି** - ରାଧାନାଥ ମଧ୍ୟଯୁଗୀୟ କାବ୍ୟମାନଙ୍କ ପରି କେବଳ ପୌରାଣିକ ଦେବଦେବୀ ବା ରାଜକୁମାର ରାଜକୁମାରୀଙ୍କ ଚରିତ୍ର ଚିତ୍ରଣରେ ନିଜକୁ ସୀମାବଦ୍ଧ କରିନାହାନ୍ତି, ଅଧିକନ୍ତୁ ସେ ପୁରାଣର କେତେକ ଚରିତ୍ରକୁ

ଗ୍ରହଣ କରିଥିଲେ ମଧ୍ୟ ସେ ସବୁକୁ ନୂତନ ଢଙ୍ଗରେ ପ୍ରକାଶ କରିଛନ୍ତି । ଐତିହାସିକ ଓ ସାମାଜିକ ଚରିତ୍ରାୟନରେ ମଧ୍ୟ ସେ ନୂତନ ସରଣୀର ନିର୍ମାତା । ଏଥି ସହିତ 'କେଦାରଗୌରୀ' କାବ୍ୟର କେଦାର ଓ ଗୌରୀ, 'ଚନ୍ଦ୍ରଭାଗା' କାବ୍ୟର ଚନ୍ଦ୍ରଭାଗା, ସୁମନ୍ୟୁ ଋଷି, 'ନନ୍ଦିକେଶ୍ୱରୀ' କାବ୍ୟର ନନ୍ଦିକା, 'ଉଷା' କାବ୍ୟର ଉଷା ଓ ଜୟନ୍ତ, 'ପାର୍ବତୀ' କାବ୍ୟର ପାର୍ବତୀ, 'ଯଯାତିକେଶରୀ' କାବ୍ୟର ବିମଳା, ଇନ୍ଦିରା ପ୍ରମୁଖ କାଳ୍ପନିକ ଚରିତ୍ରମାନ ସୃଷ୍ଟିକରି କବି ସେମାନଙ୍କୁ କାବ୍ୟକୀର୍ତ୍ତିରେ ପ୍ରସିଦ୍ଧ କରିବାରେ ପ୍ରୟାସୀ ।

ସୂର୍ଯ୍ୟ ଓ କନ୍ଦର୍ପ ପୌରାଣିକ ଚରିତ୍ର ହେଲେ ମଧ୍ୟ 'ଚନ୍ଦ୍ରଭାଗା'ରେ ବର୍ଣ୍ଣିତ ସେମାନଙ୍କର କାର୍ଯ୍ୟକଳାପ ପୁରାଣ ସମ୍ମତ ନୁହେଁ । 'ମହାଯାତ୍ରା'ରେ ପାଣ୍ଡବମାନଙ୍କୁ ଅଗ୍ନିଙ୍କର ଦିବ୍ୟାଞ୍ଜନ ପ୍ରଦାନ, ଉଷା କାବ୍ୟରେ କାଳିଙ୍କ ଅଭିଶାପ ଫଳରେ ଚିତ୍ରରଥ ଗନ୍ଧର୍ବ ଓ ଅପ୍ସରା ତିଳୋତ୍ତମା ପୃଥିବୀ ପୃଷ୍ଠରେ ଉଷା ଓ ଜୟନ୍ତ ରୂପେ ଅବତୀର୍ଣ୍ଣ ହେବା, 'ଚନ୍ଦ୍ରଭାଗା' କାବ୍ୟରେ ସୁମନ୍ୟୁ ଋଷିଙ୍କ ଅଭିଶାପ ଯୋଗୁ କୋଣାର୍କସୂର୍ଯ୍ୟ ମନ୍ଦିର ଭୁଶୁଡ଼ି ପଡିବା ଇତ୍ୟାଦି ଅପୌରାଣିକ ଉପାଖ୍ୟାନ ବର୍ଣ୍ଣନାରେ ରାଧାନାଥଙ୍କ କଳ୍ପନାର ଯାଦୁକାରୀ ଶକ୍ତି ସନ୍ନିହିତ । ସୁବର୍ଣ୍ଣକେଶରୀ, ଚୋଡଗଙ୍ଗ ଦେବ, ଗଙ୍ଗେଶ୍ୱର ଦେବ, ଲଲାଟକେଶରୀ, ଯଯାତିକେଶରୀ ପ୍ରମୁଖ ଚରିତ୍ରମାନେ ଓଡ଼ିଶା ଇତିହାସର ହେଲେହେଁ କବି ରଚନାରେ ଏମାନେ ଐତିହାସିକ ସତ୍ୟତା ଅପେକ୍ଷା କାଳ୍ପନିକ ରୋମାଞ୍ଚକୁ ଅଧିକ ମାତ୍ରାରେ ଗ୍ରହଣ କରି ସ୍ୱତନ୍ତ୍ର ରୂପେ ଚିତ୍ରିତ ।

କଳ୍ପନାର ପୁଟ ଦେଲାବେଳେ ପାଶ୍ଚାତ୍ୟ କଥାବସ୍ତୁର ଓଡ଼ିଶୀକରଣ କରିବାର ଦାୟବଦ୍ଧତାରେ ସେ ପୁରାଣ ଓ ଇତିହାସ ପ୍ରସିଦ୍ଧ ଚରିତ୍ରମାନଙ୍କର ଯେଉଁ ନୈତିକ ଅଧଃପତନ ଘଟାଇଛନ୍ତି, ତାହା କେତେକାଂଶରେ ପାଠକୀୟ ବିରାଗର କାରଣ ହୋଇଛି । କେଦାର, ଗୌରୀ, ସୂର୍ଯ୍ୟ, ନନ୍ଦିତା, ଜୟନ୍ତ, ଗଙ୍ଗେଶ୍ୱର ପ୍ରମୁଖଙ୍କ ପ୍ରେମ ପାଗଳାମି ଏ ଦେଶର ପରମ୍ପରାରେ ସ୍ୱୀକୃତ ନୁହେଁ । ତେବେ ରାଧାନାଥ ରୂପପ୍ରାଣତାର ରମଣୀୟ ବର୍ଣ୍ଣନାରେ ଏମାନେ ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇଛନ୍ତି ।

ଦରବାର କାବ୍ୟରେ କୌଣସି ଚରିତ୍ର ଚିତ୍ରଣ ପ୍ରତି କବି ଗୁରୁତ୍ୱ ଦେଇନଥିଲେ ମଧ୍ୟ ବକ୍ତବ୍ୟ ବର୍ଣ୍ଣନାବେଳେ ଅନେକ ଆଧୁନିକ ମଣିଷଙ୍କର ଯେଉଁ ତ୍ରୁଟି ବିଚ୍ୟୁତି ପ୍ରକାଶ କରିଛନ୍ତି, ତାହା ତାଙ୍କର ସାମାଜିକ ଦୃଷ୍ଟିଭଙ୍ଗୀର ପ୍ରତୀକ । ପୋଲିସ କର୍ମଚାରୀ, ସରକାରୀ ଚପରାସୀଠାରୁ ଆରମ୍ଭ କରି ରାଜା, ସମ୍ଭ୍ରାନ୍ତବ୍ୟକ୍ତିମାନଙ୍କର ବିଭିନ୍ନ ଦିଗ ଉନ୍ମୋଚନରେ ସେ ଯତ୍ନୀଶୀଳ ହୋଇଛନ୍ତି ।

ତାଙ୍କ କାବ୍ୟର ପ୍ରକୃତି ମଣିଷ ପରି ଏକ ଜୀବନ୍ତ ଚରିତ୍ର ରୂପେ ଆତ୍ମପ୍ରକାଶ କରିଛି । 'ଚିଲିକା' କାବ୍ୟରେ ଚିଲିକାକୁ ନାୟିକା ରୂପେ ନିର୍ବାଚିତ କରି କବି ରାଧାନାଥ ଚରିତ୍ର ଚିତ୍ରଣର ଅଭିନବ ଦୃଷ୍ଟାନ୍ତ ସାବ୍ୟସ୍ତ କରିଛନ୍ତି । ମାନବୀୟ ଗୁଣର ବିଚିତ୍ରତା ଚିଲିକା ନିକଟରେ ସଂଗୁପ୍ତ । ସେ କେତେବେଳେ ବନ୍ଧୁ ତ କେତେବେଳେ ସହଚରୀ ପୁଣି କେତେବେଳେ ଗୁରୁ ଆସନରେ ଅଧିଷ୍ଠିତ । ପୁନଶ୍ଚ କେତେବେଳେ ପ୍ରତିହିଂସା ପରାୟଣ ଜଣେ ଦେଶପ୍ରେମୀ ସୈନିକର ଭୂମିକା ସେ ତୁଲାଇବା ପାଇଁ ପ୍ରସ୍ତୁତ । ଯବନ ରକ୍ତବାହୁ ଉତ୍କଳ ଆକ୍ରମଣ କରି ଚିଲିକା ବକ୍ଷ ଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଭୀଷଣ ଝଡ଼ର ସମ୍ମୁଖୀନ ହୋଇ ପରାହତ ହୋଇଥିଲା । ଏହି ପ୍ରସଙ୍ଗ ବର୍ଣ୍ଣନାରେ କବି ଚିଲିକାର ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରି ଲେଖିଛନ୍ତି –

"ବିଜୟ–ଉଲ୍ଲାସ–ମଦେ ବାହି ତରୀ
ବାହୁଡ଼ିଲା ଯେବେ ସ୍ୱଦେଶେ ମସରୀ ।
ତା' ଉଲ୍ଲାସ–ଗୀତ ତୋହରି ପ୍ରତାପେ
ପରିଣତ ହେଲା ପଲକ ବିଳାପେ ।
ଉତ୍ତରକୁ ଯାଇ ଓଗାଳିଲୁ ବାଟ

ଆକାଶ ପାତାଳ ଛାଡିଲେ କୁହାଟ ।

କାଳିଜାଇ ଶୈଳେ ଦେବୀ ହୈମବତୀ

ଉଭାହୋଇ କଲେ ସଙ୍କେତ ତୋ ପ୍ରତି ।'' –ଚିଲିକା

**ଅନ୍ତହୀନ ସୌନ୍ଦର୍ଯ୍ୟ ପିପାସା** – ରାଧାନାଥ ରୂପାନ୍ୱେଷୀ ସ୍ରଷ୍ଟା । ସହଜେ କବିମାତ୍ରେ ହିଁ ରୂପ ପ୍ରଲୋଭନର ଦାସ । କବି ରାଧାନାଥଙ୍କ କାବ୍ୟ ସଂସାରରେ ରୂପ ଆଘ୍ରାଣର ଅହେତୁକ ପ୍ରାଚୁର୍ଯ୍ୟ ଯେ କେହି ପାଠକ ସହଜେ ଉପଲବ୍ଧି କରିପାରିବ । ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିରେ କବି ଯେଉଁ ସୌନ୍ଦର୍ଯ୍ୟ ପିପାସାର ପରିଚୟ ଦେଇଛନ୍ତି, ତାହା ତାଙ୍କ କାବ୍ୟ ବିଭବର ଅନ୍ୟତମ ଆକର୍ଷଣ । ପ୍ରକୃତିର ରସଘନ ଚିତ୍ରଣରେ ତାଙ୍କ ଲେଖନୀ ଯେପରି ଶତମୁଖ ହୋଇଉଠିଛି, ନାୟିକା ବା ନାୟକର ରୂପଲାବଣ୍ୟ ବର୍ଣ୍ଣନାରେ ସେପରି କଳାସ୍ନିଗ୍ଧ ହୋଇପାରିଛି ।

ପ୍ରକୃତିର ମୋହିନୀ ମାୟାରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ପ୍ରଲୁବ୍ଧ ହୋଇଥିଲେ ହେଁ ରାଧାନାଥ ପ୍ରଥମକରି ପ୍ରକୃତିର ଚରିତ୍ରାୟିତ ରୂପ ଦେଇ ଏକ ଭିନ୍ନ ଉଦ୍ୟମ ଆରମ୍ଭ କରିଛନ୍ତି । 'ଚିଲିକା' କାବ୍ୟ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସୁନ୍ଦରତାର ପୂଜାରୀ କବି ଏଥିରେ କହିଛନ୍ତି –

''ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି

ସୁନ୍ଦର ପଣର ଚିରନ୍ତନ ରୀତି ।

ସୁନ୍ଦରେ ତୃପ୍ତିର ଅବସାଦ ନାହିଁ

ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ ।''

ଚିଲିକା ହ୍ରଦର ନୀଳ ଜଳରାଶି, ତା' ଉପରେ ଉଡିବୁଲୁଥିବା ପକ୍ଷୀକୁଳଙ୍କ କଳରବ, ତା' ଭିତରେ ଶୋଭା ପାଉଥିବା ପାହାଡ଼ ପର୍ବତର ଶିରୀ, ତା' ତଟଦେଶର ମାଧୁର୍ଯ୍ୟ, ତା' ସନ୍ଧ୍ୟାର ସମ୍ମୋହିନୀ ଦୃଶ୍ୟ ଦର୍ଶନରେ କାବ୍ୟମାନସର ଉଲ୍ଲାସ ଅନୁଭବ୍ୟ । ଚିଲିକାର ଚାରୁଚିତ୍ରରେ ପ୍ରଗଳ୍ଭ କବିଚିତ୍ତର ଉଚ୍ଚାରଣ–

''ଆହା ଏ ଶୋଭାର କାହିଁ ପଟାନ୍ତର ?

ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର,

ପାସୋରିବ ଦେଖି କହ କେହୁ ଜନ

ଏଶୋକ–ପାସୋରା ଅପ୍ସରା ଭୁବନ ?

ଭାରତୀ ଭକତ କେଉଁ ରୂପପାୟୀ

ତୃପ୍ତ ହେବ ଏହା ଥରେ ମାତ୍ର ଧାୟୀ ?

ବଚନ ବିଷୟ ନୁହଁଇ ଏ ଛବି

ହୃଦ ସେ କେବଳ ପାରେ ଅନୁଭବି ।''

ପ୍ରତ୍ୟେକ ପାଠକ ଚିତ୍ତକୁ ଆହ୍ଲାଦିତ କରିବାରେ ସତତ ସମର୍ଥ । 'ମହାଯାତ୍ରା', 'ଚନ୍ଦ୍ରଭାଗା', 'ଯଯାତିକେଶରୀ', 'ନନ୍ଦିକେଶ୍ୱରୀ' ଆଦି କାବ୍ୟମାନଙ୍କରେ ଓଡ଼ିଶାର ବହୁ ଭୌଗୋଳିକ ସ୍ଥାନର ସୁନ୍ଦର ବର୍ଣ୍ଣନା ମଧ୍ୟରେ କବିଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟି ଲକ୍ଷ୍ୟ କରାଯାଇପାରେ ।

କେବଳ ସ୍ଥାନ ବା ସମୟ ଚିତ୍ରଣରେ ନୁହେଁ, ନାୟକ ନାୟିକାଙ୍କ ରୂପମାଧୁରୀ ତଥା ସେମାନଙ୍କ କ୍ରିୟା ପ୍ରତିକ୍ରିୟାର ମନୁଷ୍ୟଛଟା

କେବଳ ସ୍ଥାନ ବା ସମୟ ଚିତ୍ରଣରେ ନୁହେଁ, ନାୟକ ନାୟିକାଙ୍କ ରୂପମାଧୁରୀ ତଥା ସେମାନଙ୍କ କ୍ରିୟା ପ୍ରତିକ୍ରିୟାର ମନୁଷ୍ୟଧର୍ମୀ ପ୍ରକାଶରେ ଏହି ପ୍ରତିଭାର ସାରବତ୍ତା ନିହିତ । ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ଉଦ୍ଭିନ୍ନ ଯୌବନା ଚନ୍ଦ୍ରଭାଗାର କନ୍ଦୁକ କ୍ରୀଡ଼ା ବର୍ଣ୍ଣନା ଦେବାକୁ ଯାଇ ରାଧାନାଥ ଯେଉଁ ଚିତ୍ର ଦେଇଛନ୍ତି, ତାହାର ଦୃଷ୍ଟାନ୍ତ ଲକ୍ଷଣୀୟ ।

''ଛୁଟେ ଯୁବା ଧୈର୍ଯ୍ୟ କବଚ
　　ପ୍ରତି କଟାକ୍ଷ ତୀରେ,
ଉଠେ ନବ ଶୋଭା-ତରଙ୍ଗ
　　ପ୍ରତି ଅଙ୍ଗଭଙ୍ଗୀରେ ।
ଅସମ୍ଭାଳେ ପିଠେ କୁନ୍ତଳ
　　ଭ୍ରମିଯାଏ ପସରି,
ଯେଣେ ଅନାଉଛି ଲଳନା
　　ଫୁଲ ଯାଏ ବରଷି,
ଢୁଳୁଳ କବରୀ ସମ୍ଭାଳୁ-
　　ଅଛି ଦକ୍ଷିଣ କରେ,
ପିଙ୍ଗୁଛି ଧରୁଛି କନ୍ଦୁକ
　　ବାମା ଦକ୍ଷିଣ କରେ'' (ଚନ୍ଦ୍ରଭାଗା)

ରୂପତୃଷ୍ଣାର ପ୍ରାବଲ୍ୟ ତାଙ୍କ କବିତ୍ୱକୁ କରିଛି ଶ୍ରୀମନ୍ତ । ଭାଷା ଓ ଭାବର ମଧୁମୟ ବିଳାସ ପାଇଁ ତାଙ୍କ ରୂପସନ୍ଧାନୀ କାବ୍ୟମାନସର ଗୁରୁତ୍ୱ ଏକାନ୍ତ ଅନୁଭବ୍ୟ । ଏହି ରସିକ କବି ରୂପାକର୍ଷଣ ସମ୍ପର୍କରେ ଯଥାର୍ଥରେ କହିଛନ୍ତି –

''କିହୁ ରୂପ ଥିଲେ ପ୍ରଚ୍ଛନ୍ନେ
　　କେବେ ରସିକ ଛାଡ଼େ ?
ମଧୁ ଥିଲେ ପୁଷ୍ପେ ଯତନେ
　　ଖୋଜି ମଧୁପ କାଢ଼େ ।'' (ଚନ୍ଦ୍ରଭାଗା)

**ଦେଶାତ୍ମବୋଧର ଜୟଗାନ** – ଉତ୍କଳୀୟ ଭାବନା ଓ ମହାଭାରତୀୟ ଜାତୀୟତା ପ୍ରଦର୍ଶନରେ ରାଧାନାଥ ଆଧୁନିକ ସାହିତ୍ୟରେ ଅଗ୍ରଦୂତର ଭୂମିକା ତୁଲାଇଛନ୍ତି । 'ଚିଲିକା', 'ଦରବାର', 'ମହାଯାତ୍ରା' ପ୍ରଭୃତି କାବ୍ୟରେ ପ୍ରତ୍ୟକ୍ଷ ଭାବରେ ଦେଶ ଓ ଜାତିର ଅବକ୍ଷୟ ପାଇଁ ବିଳାପ କରିବା ସହିତ ଏହାର ଅଭ୍ୟୁଦ୍ଥାନ ପାଇଁ ଆଶା ପ୍ରକଟ କରିଛନ୍ତି । ଉତ୍କଳର ନଦ-ନଦୀ, ଭୂମି-ଭୂଗୋଳ, ଅତୀତ-ଐତିହ୍ୟ, ବିଶ୍ୱାସ-ବିଭବକୁ ଆଦରି ନେଇ କାବ୍ୟ ପରିକଳ୍ପନାରେ କବିଙ୍କର ଓଡ଼ିଶୀ ପ୍ରାଣ ପ୍ରକଟିତ ହୁଏ । ଏ ଦେଶର ସାମାଜିକ ଓ ସାଂସ୍କୃତିକ ପାଣି ପବନ ପ୍ରତିକୂଳ କେତେ ପାଶ୍ଚାତ୍ୟ କାହାଣୀକୁ କବି ଗ୍ରହଣ କରିଥିଲେ ମଧ୍ୟ ଜାତୀୟତାବୋଧର ଜୟଯାତ୍ରା ତାଙ୍କ ସୃଷ୍ଟିରେ ବିକଶିତ ହୋଇଥିବାର ଲକ୍ଷ୍ୟ କରାଯିବ । ଉତ୍କଳର ଦୈନ୍ୟ ଦର୍ଶନରେ କବି କଲମରୁ ନିର୍ଗତ ହୋଇଛି –

''ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?

ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ -
ବିନୁ ସିନା ମାତ ହୋଇଛି ବିବଶା
ଉଚ୍ଛିନ୍ନ ଅରଣ୍ୟ ପ୍ରସୂନର ଦଶା ।" (ଚିଲିକା)

ଓଡ଼ିଶାର କିମ୍ବଦନ୍ତୀ, ଇତିହାସ ଓ ପୁରାଣରୁ କଥନିକା ନେଇ ନୂତନ ରୂପରେ ପ୍ରକାଶ କରିବା ତାଙ୍କ ଉତ୍କଳ ପ୍ରୀତିର ନମୁନା । 'ଦରବାର' କାବ୍ୟରେ ବାରବାଟୀ ଦୁର୍ଗର ଐତିହ୍ୟ, ପ୍ରାଚୀନ ଉତ୍କଳର କୀର୍ତ୍ତିମାଳା, ରାଜା ମହାରାଜାମାନଙ୍କ ବୀରତ୍ୱ ବର୍ଣ୍ଣନାରେ ସେ ଆବେଗ ପ୍ରବଣ ହୋଇ ଉଠିଛନ୍ତି ।

"ଗୋଦାବରୀ ଠାରୁ ଗଙ୍ଗାଯାଏ ବ୍ୟାପି
କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି ।
ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର
ଯୋଗ୍ୟ ପୁତ୍ର ତୁମ୍ଭେ ସେହି ଉତ୍କଳର ।" (ଦରବାର)

ଉତ୍କଳୀୟ ଅନୁଚିନ୍ତା ସହିତ ଭାରତୀୟ ଜାତୀୟତା ପ୍ରଦର୍ଶନରେ ସେ ଅକୁଣ୍ଠ ଆଗ୍ରହ ପ୍ରକାଶ କରିଛନ୍ତି । ତାଙ୍କର 'ଭାରତ ଗୀତିକା' କବିତାଟି ଏହି ଭାବର ଏକ ଉଜ୍ଜ୍ୱଳତମ ଦୃଷ୍ଟାନ୍ତ । ମହାକାବ୍ୟ 'ମହାଯାତ୍ରା'ରେ ଦେଶ ପ୍ରେମର ପ୍ରକୃଷ୍ଟ ନିଦର୍ଶନ ମିଳେ । ବ୍ରିଟିଶ୍ ଶାସିତ ପରାଧୀନ ଭାରତବର୍ଷର ହୀନବଳ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ 'ମହାଯାତ୍ରା' କାବ୍ୟରେ ଥିବା ସଚେତନତା ସୃଷ୍ଟିକାରୀ ପଦଗୁଡିକର ଆବେଦନ ଯେ କୌଣସି ଦେଶ ପାଇଁ ଚିରକାଳର ସମ୍ପଦ । ଯୁଦ୍ଧବିମୁଖ ସୈନିକମାନଙ୍କୁ ସେନାପତି ଅମର୍ଷୀଙ୍କ ଉଦ୍‌ବୋଧନ ଏକ ଜ୍ୱାଳାମୁଖୀ ଜାତୀୟତାର ଆହ୍ୱାନ ।

"ଏହି କି ସେ ଆର୍ଯ୍ୟଭୂମି ! ଏ ଭୂମିର ସୁତ
ତୁମ୍ଭେଟିକି ଆର୍ଯ୍ୟ ନାମ ଦାୟାଦ ଜଗତେ ?
ବିନା ଯୁଦ୍ଧେ ନ ଦେବାର ସୂଚ୍ୟଗ୍ର ମେଦିନୀ
ପଣ ଯେଉଁ ଆର୍ଯ୍ୟଙ୍କର, ତାଙ୍କରି ଶୋଣିତ
ବହେଟିକି ଆହେ ଯୋଦ୍ଧେ, ତୁମ୍ଭ ଧମନୀରେ
ଧିକ ! ଧିକ ! ଶତଧିକ ! ଧିକ , ମନ୍ତ୍ରଣା
ଏ ହୀନ ମନ୍ତ୍ରଣା ଭୀରୁ ପାମର ଉଚିତ
ଉଚ୍ଚାରି ଯା କଲ ସ୍ୱରେ ଅପବିତ୍ର ଆଜ
ନିଜ ମୁଖ, ଶ୍ରୋତା କର୍ଣ୍ଣ, ଆର୍ଯ୍ୟ ବଂଶଧର ।" (ମହାଯାତ୍ରା)

**ଭାଗ୍ୟବାଦୀ ଓ ବିଷାଦବାଦୀ ଜୀବନ ଦର୍ଶନ** - କବି ରାଧାନାଥ ଭାଗ୍ୟବାଦରେ ବିଶ୍ୱାସୀ । ନୈରାଶ୍ୟବାଦ ହିଁ ଏ ବିଶ୍ୱାସର ମୂଳ ହେତୁ । ତାଙ୍କର ବ୍ୟକ୍ତି ଜୀବନ କାବ୍ୟ ଜୀବନଠାରୁ ସ୍ୱତନ୍ତ୍ର ନୁହେଁ । ବ୍ୟକ୍ତିଗତ ଜୀବନରେ କବି ବହୁ ପ୍ରତିଷ୍ଠା, ପ୍ରଶଂସା ଓ ସମ୍ମାନର ଅଧିକାରୀ ହୋଇଥିଲେ ମଧ୍ୟ ନାନା କାରଣରୁ ଅତୀବ ସନ୍ତାପିତ ଓ ଉଦାସୀନ ମୁହୂର୍ତ୍ତକୁ ସେ ସାମ୍ନା କରିଥିଲେ । ବାଲ୍ୟକାଳରୁ ମାତୃ ବିୟୋଗର କ୍ଷତ, ନିଜର ଶାରୀରିକ ଦୁରବସ୍ଥା, ପୁତ୍ର ଶଶୀଭୂଷଣଙ୍କ ରୋଗଗ୍ରସ୍ତ ଜୀବନ, ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ଦ୍ୱନ୍ଦ୍ୱରେ ଶରବ୍ୟ, ପ୍ରଶାସନିକ ଜୀବନରେ ପାଠ୍ୟ ପୁସ୍ତକକୁ ନେଇ ସମ୍ମୁଖୀନ ହୋଇଥିବା ଦୁର୍ଦ୍ଦିନ ଆଦି ତାଙ୍କ ମାନସ ଭୂମିକୁ ଏପରି ଆନ୍ଦୋଳିତ କରିଥିଲା ଯେ ସେ ଭାଗ୍ୟ ଓ ଭବିତବ୍ୟର ସର୍ବଗ୍ରାସୀ ପ୍ରଭାବକୁ ସ୍ୱୀକାର କରିଥିଲେ । ଦୁଃଖ ଓ ହତାଶାର ଅମା

ଅନ୍ଧକାରରେ ଅବଗାହନକରି ସେ ହୋଇଥିଲେ ବିଷାଦବାଦୀ । ତାଙ୍କ ଜୀବନ ଦର୍ଶନର ଏ ଦୁଇ ବିଶିଷ୍ଟ ଦିଗ ବହୁ କ୍ଷେତ୍ରରେ ଉଦ୍ଗୀର୍ଣ୍ଣ ।

''ଇଛନ୍ତି ଦାୟିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ ଡୋରି
ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା
ପକାନ୍ତି ହେଳେ ପାଶୋରି ।
× × ×
ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା' କରିବ ଆନ
କିଏ ଅବା ଏହି ଜ୍ୟୋତିଷ୍କଚକ୍ର-ଗତି
ରୋଧିବାକୁ ବଳବାନ ।'' (ପାର୍ବତୀ)

'ଦରବାର' କାବ୍ୟରେ କବି ବ୍ୟାପକ ଭାବରେ ସଂସାରର ନଶ୍ୱରତା, ଗର୍ବର କରୁଣ ପରିଣତି, ଯମରାଜାଙ୍କ ଦରବାର ଓ ମହାକାଳର ପ୍ରଭାବକୁ ବ୍ୟକ୍ତ କରିଛନ୍ତି । 'ଚିଲିକା'ରେ ଭାଗ୍ୟ ଓ ନୈରାଶ୍ୟବୋଧ ଯେଉଁ କମନୀୟ ବର୍ଣ୍ଣନା ପାଟବରେ ମୁଖରିତ, ତାହା ଅନେକ ଓଡ଼ିଆଙ୍କ ମୁହଁରେ 'ଭାଗବତ'ର ପଦ ପରି ସୂକ୍ତିରେ ପରିଣତ ।

''ଛାର ଭାଗ୍ୟ ମୋର ପିହିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ ।
ଚିର ହାହାମୟ ଏ ଛାର ଜୀବନ,
ଜୀବନ ନୁହଁଇ ଜୀବନ୍ତ ମରଣ ।
ଚିରଦିନ ଦୁଃଖ ପ୍ରହାରେ ଜର୍ଜ୍ଜର,
ପଞ୍ଚଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର ।
ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ,
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ ।
ସୁଖ ବୋଲି ଯାକୁ ବୋଲଇ ସଂସାର,
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର ।
ସୁଖ ରୂପେ ଯାହା ଜନ ନେତ୍ରେ ଦିଶେ,
ହାତେ ଆସେ, ହାତୁଁ ପଡିବା ପାଇଁ ସେ ।
ବସ୍ତୁ ନୁହଁଇ ସେ ଅଟଇଟି ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ ।'' (ଚିଲିକା)

'ସଂସାରୀ ସଙ୍ଗତେ ସଙ୍ଗୀ ହେବା ପାଇଁ' ଆଗ୍ରହ ପ୍ରକାଶ କରି ନ ଥିବା ଏହି ଉଦାସୀନ କବିମାନସ ଭୋଗତୃଷ୍ଣାର ଅଳୀକତା ଅନୁଭବ କରିଛନ୍ତି । ଯଦିଓ ରୂପ ଓ ସୌନ୍ଦର୍ଯ୍ୟର ସେ ଥିଲେ ପରମପୂଜାରୀ, ତଥାପି ମହାକାଳର ମହାନିୟମକୁ ମାନିନେବାରେ ତାଙ୍କର କାର୍ପଣ୍ୟ ପରିଲକ୍ଷିତ ହୁଏ ନାହିଁ । ଜଞ୍ଜାଳଗ୍ରସ୍ତ ଜୀବନର ଜ୍ୱାଳା ଓ ପାଶ୍ଚାତ୍ୟ ଦୁଃଖବାଦୀ ଦର୍ଶନର ପ୍ରଭାବ ତାଙ୍କୁ ବିଶେଷ

ଭାବରେ ଭାଗ୍ୟବାଦୀ ଓ ବିଷାଦବାଦୀ କରି ଗଢ଼ି ତୋଳିଥିଲା ।

**ନୂତନ କାବ୍ୟଶିଳ୍ପ (ଆଙ୍ଗିକ ଦିଗ)** – ଭିନ୍ନ କଥାବସ୍ତୁ, ବହୁମୁଖୀ ଚରିତ୍ର, ସୌନ୍ଦର୍ଯ୍ୟାନୁଭୂତି, ଦେଶାତ୍ମବୋଧ, ବିଷାଦବାଦୀ ଦୃଷ୍ଟି ପରି ନୂତନ ଆତ୍ମିକ ଔଦାର୍ଯ୍ୟରେ ରାଧାନାଥଙ୍କ କାବ୍ୟକୋଣାର୍କ ଯେପରି ସୁଗଠିତ, ସେହିପରି ଟ୍ରାଜେଡି, ବ୍ୟଙ୍ଗ, ସରଳ ଛନ୍ଦ, ସହଜ ଭାଷା ଓ ଅଳଙ୍କାରର ଆଙ୍ଗିକ ବିଭବରେ ତାହା ସୁଶୋଭିତ । ରାଧାନାଥ ସାହିତ୍ୟର ବୈଶିଷ୍ଟ୍ୟ ଆକଳନ ବେଳେ ଏହି ନୂତନ କାବ୍ୟ କୌଶଳର ପରିଚିତି ଏକାନ୍ତ ଆବଶ୍ୟକ ।

**ଟ୍ରାଜେଡ଼ି ସୃଷ୍ଟି** – ପ୍ରାଚ୍ୟ କାବ୍ୟକାରମାନେ ମିଳନାତ୍ମକ କାବ୍ୟ ପରିକଳ୍ପନାରେ ବିଶ୍ୱାସୀ । ଏହାହିଁ ଭାରତୀୟ ସାହିତ୍ୟର ପରମ୍ପରା ଏବଂ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ଏହି ଧାରାର ଅନୁବର୍ତ୍ତୀ ହୋଇଥିବାବେଳେ ରାଧାନାଥ ପ୍ରଥମ କରି ବିୟୋଗାତ୍ମକ କାବ୍ୟ (Tragedy) ସୃଷ୍ଟିକରି ଦେଶୀୟ ପାଠକମାନଙ୍କୁ ନୂତନ ସ୍ୱାଦ ପ୍ରଦାନପାଇଁ ପ୍ରୟାସ କରିଛନ୍ତି । କେଦାରଗୌରୀ କାବ୍ୟରେ କେଦାର ଓ ଗୌରୀଙ୍କ ବିଭୀଷିକାମୟ ମୃତ୍ୟୁ, 'ଚନ୍ଦ୍ରଭାଗା'ରେ ଚନ୍ଦ୍ରଭାଗାର ସମୁଦ୍ର ମଧ୍ୟରେ ଆତ୍ମବିସର୍ଜନ, 'ନନ୍ଦିକେଶ୍ୱରୀ'ରେ ନନ୍ଦିକେଶ୍ୱରୀଙ୍କ ଆତ୍ମହତ୍ୟା, 'ଉଷା' କାବ୍ୟରେ ଉଷା ଓ ଜୟନ୍ତ ମିଳନ ମାତ୍ରେ ସେମାନଙ୍କ ମୃତ୍ୟୁ ହେବା, 'ପାର୍ବତୀ' କାବ୍ୟରେ କୌଶଲ୍ୟା ଓ ଗଙ୍ଗେଶ୍ୱର ଦେବଙ୍କ ହତ୍ୟା ତଥା 'ମହାଯାତ୍ରା'ରେ ଯୁଧିଷ୍ଠିରଙ୍କ ଦୁର୍ଦ୍ଦିନମୟ ଭାରତର ଭବିଷ୍ୟତ ଦର୍ଶନ ଆଦି ଚିତ୍ରଣ କରି କବି କରୁଣ ରସର ପ୍ରବାହ ସୃଷ୍ଟି କରିଛନ୍ତି । କଥାବସ୍ତୁରେ ଏହି ପରମ୍ପରାହୀନ ନୂତନ ଧାରାକୁ ସେ ପ୍ରଥମ କରି ପ୍ରୟୋଗ କଲେ । ତାଙ୍କ କାବ୍ୟ ଗଠନ କୌଶଳର ଏହା ଏକ ଚାତୁର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ବ୍ୟଙ୍ଗ ଓ ବିଦ୍ରୂପ** – ବ୍ୟଙ୍ଗ ବା ସାଟାୟାର (Satire)କୁ ଆଶ୍ରୟ କରି ସାମାଜିକ ଓ ବ୍ୟକ୍ତିକ ସ୍ଖଳନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାର କଳା ପ୍ରଥମ କରି ରାଧାନାଥ ତାଙ୍କ 'ଦରବାର' କାବ୍ୟରେ ପ୍ରୟୋଗ କରି ଆଧୁନିକ କାବ୍ୟକାରମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି । ସମାଜ ଓ ସମୟ ସଚେତନ ଶିଳ୍ପୀସତ୍ତା ଏହି କାବ୍ୟରେ ତାତ୍କାଳିକ କ୍ଷମତାପ୍ରିୟ, ଅହଂମନ୍ୟ ମଣିଷମାନଙ୍କୁ ତୀକ୍ଷଣ୍ ବ୍ୟଙ୍ଗ ଓ ବିଦ୍ରୂପ କରି କବି ସାହସିକତାର ପରିଚୟ ଦେବା ସହିତ ନୂତନ ଶୈଳୀ ବ୍ୟବହାରରେ ସଫଳତା ଲାଭ କରିଛନ୍ତି । ଫଳରେ ତାଙ୍କର ସମସାମୟିକ ଓ ପରବର୍ତ୍ତୀ ବହୁ କବି ବ୍ୟଙ୍ଗାତ୍ମକ ଶୈଳୀ ପ୍ରୟୋଗରେ ଆଗ୍ରହ ଦେଖାଇଛନ୍ତି । ଦରବାର ନିକଟରେ ସମବେତ ବ୍ୟକ୍ତିମାନଙ୍କ ଚରିତ୍ରରେ ପ୍ରକଟିତ ହୋଇଥିବା ଶୁଭଗମନ୍ୟତା ଓ ଅହଂକାରକୁ ଲକ୍ଷ୍ୟକରି କବି ଲେଖିଛନ୍ତି –

"ସାହେବୀ ପୋଷାକ କେହୁଅବା ପିନ୍ଧି,
ସମ୍ମିତେ କହଇ ବଙ୍କା ବଙ୍କା ହିନ୍ଦୀ ।
ଥରେ ଥରେ କାଶି ସାହେବୀ ଠାଣିରେ,
ପୋଛଇ ବଦନ ରୋମାଲ କାନିରେ ।" (ଦରବାର)

ତତ୍କାଳୀନ ଲାଲ୍ ପଗଡ଼ି ପିନ୍ଧା ପୋଲିସମାନଙ୍କର ଆଧିପତ୍ୟକୁ କଟାକ୍ଷ କରି କବି ଠାଏ ପ୍ରକାଶ କରିଛନ୍ତି –

"ଆନ ବୋଲୋ ମୁହିଁ ଅଟଇ ପୁଲିସ୍,
ବିନା ମେଘେ ସୃଜି ପାରଇ କୁଳିଶ ।
କି ଦୋଷୀ, କି ଅବା ଦୋଷହୀନ ନର,
ମୋ ପ୍ରତାପେ ରାଜ୍ୟେ ସଦା ଥରହର ।
× × ×
ରାଜାଙ୍କ ଅଟଳ ବିଶ୍ୱାସ ମୋ'ଠାରେ,
ମୋହଠାରୁ କିଏ ବଡ଼ ଦରବାରେ ?" (ଦରବାର)

**ଛନ୍ଦ ପ୍ରୟୋଗ** – ମଧ୍ୟଯୁଗୀୟ କାବ୍ୟାବଳୀରେ ବ୍ୟବହୃତ ବହୁ ପ୍ରକାର ଛନ୍ଦ ବୃତ୍ତକୁ ପରିହାରକରି ରାଧାନାଥ ଏକ ଏକ କାବ୍ୟକୁ ଗୋଟିଏ ପ୍ରକାର ଛନ୍ଦରେ ବର୍ଣ୍ଣନା କରିଛନ୍ତି । ରୀତି ସାହିତ୍ୟର ବହୁ ଜଟିଳ ରାଗ ତାଳଯୁକ୍ତ ଛନ୍ଦଗୁଡିକ ପାଠକ ଓ ଶ୍ରୋତା ପାଇଁ ବିରକ୍ତିକର ହୋଇପଡିଥିବା ଅନୁଭବକରି ସେ ପ୍ରାଚୀନ ସାହିତ୍ୟର ବଙ୍ଗଳାଶ୍ରୀ, ନଟବାଣୀ, କଳହଂସ କେଦାର, ରାମକେରୀ ପ୍ରଭୃତି ସରଳ ସମବୃତ୍ତ ଛନ୍ଦଗୁଡିକୁ ନେଇ କାବ୍ୟ ରଚନା କରିଛନ୍ତି । 'ଚିଲିକା', 'ଦରବାର' ଓ 'ମହାଯାତ୍ରା'ର ଜନପ୍ରିୟତା ମୂଳରେ ନିର୍ବାଚିତ ଛନ୍ଦ ବ୍ୟବହାର ଏକ କାରଣ ଭାବେ ପରିଗଣିତ ହେବ । ପ୍ରଥମ ଦୁଇଟି କାବ୍ୟ ନଟବାଣୀ ବା ବିଭାସ କେଦାର ଛନ୍ଦରେ ରଚିତ ହୋଇଥିବାବେଳେ 'ମହାଯାତ୍ରା' ବିଦେଶୀ ଅମିତ୍ରାକ୍ଷର ଛନ୍ଦରେ ବିରଚିତ ।

ଚତୁର୍ଭୁଜ ପଟ୍ଟନାୟକ ନାମକ ଜଣେ କବି ପ୍ରଥମ କରି ଅମିତ୍ରାକ୍ଷର ଛନ୍ଦରେ କବିତା ଲେଖିଥିଲେ ହେଁ ଏହାର ସଫଳ ପ୍ରୟୋଗକାରୀ ଭାବେ ରାଧାନାଥ ପ୍ରଶଂସନୀୟ । ଯତିପାତ ବିହୀନ ପଦରେ ଛନ୍ଦର ପ୍ରବହମାନତା, ପଦ୍‌କ୍ତି ପର୍ବର ଲାଳିତ୍ୟ, ଭାବାନୁସାରୀ ଭାଷା ପ୍ରୟୋଗ ହେଉଛି ଅମିତ୍ରାକ୍ଷର ଛନ୍ଦ ନିର୍ମାଣର କୌଶଳ । ପାଶ୍ଚାତ୍ୟ ସାହିତ୍ୟରୁ ଆହୃତ ଏହି ଛନ୍ଦକୁ ଇଂରାଜୀରେ Blank verse କୁହାଯାଏ । ଇଂରାଜୀ କବି ମିଲ୍‌ଟନ ଓ ବଙ୍ଗଳା କବି ମାଇକେଲ ମଧୁସୂଦନ ଦତ୍ତଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ରାଧାନାଥ ତାଙ୍କର ଶ୍ରେଷ୍ଠ କାବ୍ୟ 'ମହାଯାତ୍ରା'ରେ ଏହି ଛନ୍ଦର ବ୍ୟବହାର କରିଛନ୍ତି । ଗୋଟିଏ ପଦ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଇପାରେ ।

"ପଙ୍କଜ ବାସିନୀ ଦେବୀ, ଉତ୍କଳ ଭାରତୀ
ସାରଳେ କି କଲେ କହ କୁରୁଚୂଡାମଣି
ଶୁଣିଲେ ଯେ କାଳେ ବୀର ବାର୍ତ୍ତା ବହ ମୁଖେ
ପ୍ରଭାସେ ଯାଦବଙ୍କର ଜ୍ଞାତି କ୍ଷୟକାରୀ
ମହାହବ, ଧୀରମଣି ଧୈର୍ଯ୍ୟଧରି ଆହା,
କେମନେ ଶୁଣିଲେ ସେହି ଦାରୁଣ ବାରତା ?"

ଉପଧା ମିଳନ ରୀତି ମଧ ରାଧାନାଥ କୃତିତ୍ୱର ସହ ପରୀକ୍ଷା କରି ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି ।

**ଅଳଙ୍କାର ଓ ଭାଷା ବିନ୍ୟାସ** – ରୀତିଯୁଗୀୟ କାବ୍ୟ ଅତ୍ୟଧିକ ଅଳଙ୍କାର ବିମଣ୍ଡିତ ହୋଇ ଅନେକତ୍ର ନିଜସ୍ୱ ପ୍ରଭାବ ହରାଇଥିବାର ଲକ୍ଷ୍ୟ କରାଯାଏ । ସେହିପରି ଶବ୍ଦାଡ଼ମ୍ବରର ଗଭୀର ଗଡ଼ଖାଇ ଭେଦକରି ରସ ଆସ୍ୱାଦନ କରିବା ସମୟେ ସମୟେ ଦୁରୂହ ସାଧନାର ଅପେକ୍ଷା ରଖେ । ଅପର ପକ୍ଷରେ ରାଧାନାଥଙ୍କ କାବ୍ୟକୃତିରେ ସରଳ ଅଳଙ୍କାର ଓ ଭାଷାରୀତିର ବ୍ୟବହାର ଦେଖିବାକୁ ମିଳେ । ଉଭୟ ଶବ୍ଦ ଓ ଅର୍ଥାଳଙ୍କାର ପ୍ରୟୋଗରେ କବି ଯଥାସମ୍ଭବ ସହଜ ଓ ସରଳ ହେବା ପାଇଁ ଚେଷ୍ଟିତ । ଅନୁପ୍ରାସ, ଉତ୍ପ୍ରେକ୍ଷା, ରୂପକ, ଉପମା, ବିଭାବନା, ବ୍ୟତିରେକ ଆଦି ଅଳଙ୍କାରରେ ସ୍ୱଚ୍ଛନ୍ଦତା ରକ୍ଷାକରି କବି ସ୍ୱକାବ୍ୟ ସୃଷ୍ଟିକୁ ମଞ୍ଜୁଳ କରିଛନ୍ତି ।

**କେତେକ ଦୃଷ୍ଟାନ୍ତ –**

ଅନୁପ୍ରାସ – "ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ –ମାଳିନୀ ନୀଳାମ୍ବୁ ଚିଲିକା ।" (ଚିଲିକା

ଉପମା – "ମିଶିଯାଏ ଯଥା ପ୍ରଭାତୀ
ତାରା ରବି କିରଣେ

ମିଶିଯାଏ ଯଥା ଜୀବାତ୍ମା
ବିଶ୍ୱ-ଆତ୍ମା ଚରଣେ

ମିଶିଯାଏ ଯଥା ଚପଳା
ନୀଳ ଜଳଦ ଅଙ୍ଗେ

ମିଶିଗଲା ତଥା ଅବଳା
ସେହି ନୀଳ ତରଙ୍ଗେ ।'' (ଚନ୍ଦ୍ରଭାଗା)

ଉତ୍ପ୍ରେକ୍ଷା - ''ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍ରଗତ
ନୀରଭେଦି କିବା ଉଠେ ଐରାବତ ।'' (ଚିଲିକା)

ତତ୍ସମ ଶବ୍ଦ ସହିତ କବି ସରଳ ତଦ୍‌ଭବ ଓ ଦେଶଜ ଶବ୍ଦର ବହୁଳ ବ୍ୟବହାର କରି ସାଧାରଣ ଭାଷା ଯେ କାବ୍ୟ ଭାଷାର ସମ୍ମାନ ଲାଭ କରିପାରିବ - ଏ ପ୍ରତୀତି ରାଧାନାଥ ଦେଇଛନ୍ତି । ତାଙ୍କର ଭାଷା ଭାବର ବାଧକ ନ ହୋଇ ବାହକ ସାଜିଛି । ସାଧୁଶବ୍ଦ ସହିତ ଦେଶଜ ଶବ୍ଦର ମଧୁର ସମନ୍ୱୟ ତାଙ୍କ କୃତିରେ ପରିଦୃଷ୍ଟ ହୁଏ । ଶବ୍ଦ ଯୋଜନାରେ ଓ ନୂତନ ଶବ୍ଦ ନିର୍ମାଣରେ ତାଙ୍କର ନୈପୁଣ୍ୟ ବେଶ୍ ଉଲ୍ଲେଖଯୋଗ୍ୟ ।

ଏହିପରି ଅନେକ ଦିଗରେ ନୂତନତାର ନିର୍ଣ୍ଣାୟକ ସାଜି କବି ରାଧାନାଥ ଓଡ଼ିଆ କାବ୍ୟ ସାହିତ୍ୟକୁ ଆଧୁନିକତାର ଅଞ୍ଜନ ଦେବାରେ ଯେଉଁ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ତାଙ୍କୁ ଚିରକାଳ ଅମର କରି ରଖିବ । ଉତ୍କଳୀୟ ରେନେସାଁର ଅମୃତମୟ ପରିଣତି ଏହିକାବ୍ୟ ପ୍ରତିଭା ଯୋଗୁ ଆଧୁନିକ ସାହିତ୍ୟ ଗୌରବାନ୍ୱିତ ହୋଇପାରିଛି ।

-o-

# ୟୁନିଟ୍-୩

# ବ୍ୟାକରଣ -କାରକ ଓ ବିଭକ୍ତି

# କୃଦନ୍ତ ଓ ତଦ୍ଧିତ

କ୍ରିୟାର ମୂଳ ଅଂଶକୁ ଧାତୁ କହନ୍ତି । କ୍ରିୟା ଯେତେ ବଦଳିଲେ ମଧ୍ୟ ବା ଯେତେ ପ୍ରକାର ହେଲେ ମଧ୍ୟ ଧାତୁ ଅଂଶଟି ନିଶ୍ଚୟ ରହେ । ଯେପରି – ପଢ଼େ, ପଢ଼ୁଛି, ପଢ଼ନ୍ତି, ପଢ଼ିଲା, ପଢ଼ିଲେ, ପଢ଼ିଲି, ପଢ଼ିଲୁ, ପଢ଼ିବ, ପଢ଼ିବେ, ପଢ଼ିବୁ ଇତ୍ୟାଦି ଯେତେ ପ୍ରକାର କ୍ରିୟା ରୂପ ହେଉନା କାହିଁକି, ପ୍ରତ୍ୟେକଟିରେ ଗୋଟିଏ ଅଂଶ ନିଶ୍ଚୟ ରହିଛି । ସେହି ଅଂଶଟି ହେଉଛି 'ପଢ୍' । ଏହି 'ପଢ୍' ଗୋଟିଏ ଧାତୁ । ସେହିପରି ପଠନ, ପାଠ, ପାଠକ, ପଠିତ, ପାଠ୍ୟ, ପଠନୀୟ, ଏମିତି ଯେତେ ଶବ୍ଦ ହେଉନା କାହିଁକି, ପ୍ରତ୍ୟେକଟିରେ 'ପଠ୍' ଅଂଶଟି ଅଛି । ଏହି 'ପଠ୍' ଗୋଟିଏ ଧାତୁ ।

ଧାତୁରୁ କ୍ରିୟା ପଦ (ପଢେ, ପଢୁଛି, ପଢ଼ିଲା, ପଢ଼ିବ ପ୍ରଭୃତି) ଗଠିତ ହୁଏ । ଧାତୁରୁ ଅନ୍ୟାନ୍ୟ ଶବ୍ଦ ମଧ୍ୟ ଗଠିତ ହୁଏ । ଅନ୍ୟାନ୍ୟ ଶବ୍ଦ ଯଥା କୃ ଧାତୁରୁ କାରକ, କର୍ତ୍ତା, କୃତ, କରଣ, କାର୍ଯ୍ୟ, କର୍ତ୍ତବ୍ୟ, କରଣୀୟ ପ୍ରଭୃତି । ଉପରେ 'ପଠ୍' ଧାତୁରୁ ଗଠିତ କେତୋଟି ଶବ୍ଦ ମଧ୍ୟ ଦର୍ଶାଯାଇଛି । ଏଥିରୁ ଆମେ ଜାଣୁଥାଉଁ, ଧାତୁରୁ ବିଶେଷ୍ୟ ଓ ବିଶେଷଣ ଶବ୍ଦ ମଧ୍ୟ ଗଠିତ ହୁଏ ।

ଧାତୁରୁ ବିଶେଷ୍ୟ ବା ବିଶେଷଣଶବ୍ଦ ଗଠନ ପାଇଁ ଅ, ଅନ, ଅକ, ତ, ତି, ତବ୍ୟ ପ୍ରଭୃତି ଯେଉଁସବୁ ପ୍ରତ୍ୟୟ ଯୋଗ କରାଯାଏ, ସେଗୁଡ଼ିକୁ **'କୃତ୍'** ପ୍ରତ୍ୟୟ କୁହାଯାଏ । ଧାତୁ ଓ **'କୃତ୍'** ପ୍ରତ୍ୟୟ ଯୋଗରେ ଯେଉଁ ଶବ୍ଦ ଗଠିତ ହୁଏ, ତାହାକୁ **କୃଦନ୍ତ** ଶବ୍ଦ ବା **କୃଦନ୍ତ ପଦ** କୁହାଯାଏ । ତଳେ ବିଭିନ୍ନ କୃଦନ୍ତ ଶବ୍ଦ ଓ ସେଗୁଡିକର ଗଠନ ଅର୍ଥାତ୍ ଧାତୁ + ପ୍ରତ୍ୟୟ ଦର୍ଶାଗଲା । (ଶବ୍ଦ ଓ ପଦ ଏକା କଥା । ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ 'ପଦ' ନାମ ଧାରଣ କରେ ମାତ୍ର ।)

## (୧) ଅ ପ୍ରତ୍ୟୟ

| | |
|---|---|
| ହସ୍ + ଅ = ହସ/ହାସ | ବସ୍ + ଅ = ବାସ |
| ଜପ୍ + ଅ = ଜପ | ଲୀ + ଅ = ଲୟ |
| ପଠ୍ + ଅ = ପାଠ | କ୍ରୁଧ୍ + ଅ = କ୍ରୋଧ |
| ଭୀ + ଅ = ଭୟ | କୁପ୍ + ଅ = କୋପ |
| କାନ୍ଦ୍ + ଅ = କାନ୍ଦ | ମାତ୍ + ଅ = ମାତ |
| ନାଚ୍ + ଅ = ନାଚ | ଖେଳ୍ + ଅ = ଖେଳ |

## (୨) ଅକ ପ୍ରତ୍ୟୟ

| | |
|---|---|
| ପଠ୍ + ଅକ = ପାଠକ | କୃ + ଅକ = କାରକ |
| ବାଦ୍ + ଅକ = ବାଦକ | ନୃତ୍ + ଅକ = ନର୍ତ୍ତକ |
| ଖାଦ୍ + ଅକ = ଖାଦକ | ଗୈ + ଅକ = ଗାୟକ |
| ପଚ୍ + ଅକ = ପାଚକ | ପାଳ୍ + ଅକ = ପାଳକ |

**(୩) ଅନ ପ୍ରତ୍ୟୟ**

ପଠ୍ + ଅନ = ପଠନ
ଶୀ + ଅନ = ଶୟନ
ପତ୍ + ଅନ = ପତନ
ପା + ଅନ = ପାନ
କୃ + ଅନ = କରଣ
ହୃ + ଅନ = ହରଣ
ସାଧ୍ + ଅନ = ସାଧନ
ଶୁଷ୍ + ଅନ = ଶୋଷଣ

**(୪) ତ ପ୍ରତ୍ୟୟ**

ଗମ୍ + ତ = ଗତ
ଦା + ତ = ଦତ୍ତ
ନୀ + ତ = ନୀତ
ଜନ୍ + ତ = ଜାତ
ସ୍ଥା + ତ = ସ୍ଥିତ
କ୍ରୁଧ୍ + ତ = କ୍ରୁଦ୍ଧ
ବୁଧ୍ + ତ = ବୁଦ୍ଧ
ଦହ୍ + ତ = ଦଗ୍ଧ
ହୃ + ତ = ହୃତ
ଭୀ + ତ = ଭୀତ
ପଠ୍ + ତ = ପଠିତ
ବନ୍ଦ୍ + ତ = ବନ୍ଦିତ
ଖାଦ୍ + ତ = ଖାଦିତ
ରୁଷ୍ + ତ = ରୁଷ୍ଟ
କ୍ରୀ + ତ = କ୍ରୀତ
ସୃଜ୍ + ତ = ସୃଷ୍ଟ

**(୫) ତି ପ୍ରତ୍ୟୟ**

କୃ + ତି = କୃତି
ସ୍ଥା + ତି = ସ୍ଥିତି
ମନ୍ + ତି = ମତି
ନମ୍ + ତି = ନତି
ଭଜ୍ + ତି = ଭକ୍ତି
ଗମ୍ + ତି = ଗତି
ଦୃଶ୍ + ତି = ଦୃଷ୍ଟି
ତୃପ୍ + ତି = ତୃପ୍ତି
ଶାସ୍ + ତି = ଶାସ୍ତି
ଭଜ୍ + ତି = ଭକ୍ତି
ଶମ୍ + ତି = ଶାନ୍ତି
ଦୀପ୍ + ତି = ଦୀପ୍ତି

**(୬) ତବ୍ୟ ପ୍ରତ୍ୟୟ**

କୃ + ତବ୍ୟ = କର୍ତ୍ତବ୍ୟ
ଗମ୍ + ତବ୍ୟ = ଗନ୍ତବ୍ୟ
ଦା + ତବ୍ୟ = ଦାତବ୍ୟ
ଶ୍ରୁ + ତବ୍ୟ = ଶ୍ରୋତବ୍ୟ
ଦୃଶ୍ + ତବ୍ୟ = ଦ୍ରଷ୍ଟବ୍ୟ
ଜ୍ଞା + ତବ୍ୟ = ଜ୍ଞାତବ୍ୟ
ପଠ୍ + ତବ୍ୟ = ପଠିତବ୍ୟ
ଧୃ + ତବ୍ୟ = ଧର୍ତ୍ତବ୍ୟ

## (୭) ଅନୀୟ ପ୍ରତ୍ୟୟ

ପା + ଅନୀୟ = ପାନୀୟ

ପଠ୍ + ଅନୀୟ = ପଠନୀୟ

ଦୃଶ୍ + ଅନୀୟ = ଦର୍ଶନୀୟ

କୃ + ଅନୀୟ = କରଣୀୟ

ସ୍ମୃ + ଅନୀୟ = ସ୍ମରଣୀୟ

ପୂଜ୍ + ଅନୀୟ = ପୂଜନୀୟ

ଶ୍ରୁ + ଅନୀୟ = ଶ୍ରବଣୀୟ

ଶୁଚ୍ + ଅନୀୟ = ଶୋଚନୀୟ

## (୮) ୟ ପ୍ରତ୍ୟୟ

(ଏହାକୁ ଯ ପ୍ରତ୍ୟୟ ମଧ୍ୟ କୁହାଯାଏ ।)

ପଠ୍ + ୟ = ପାଠ୍ୟ

ଲଭ୍ + ୟ = ଲଭ୍ୟ

ଗମ୍ + ୟ = ଗମ୍ୟ

ହସ୍ + ୟ = ହାସ୍ୟ

ଦୃଶ୍ + ୟ = ଦୃଶ୍ୟ

ଧୃ + ୟ = ଧାର୍ଯ୍ୟ

କୃ + ୟ = କାର୍ଯ୍ୟ

ଦହ୍ + ୟ = ଦାହ୍ୟ

ଯୁଜ୍ + ୟ = ଯୋଜ୍ୟ

ତ୍ୟଜ୍ + ୟ = ତ୍ୟାଜ୍ୟ/ତ୍ୟଜ୍ୟ

ସହ୍ + ୟ = ସହ୍ୟ

ଗ୍ରହ୍ + ୟ = ଗ୍ରାହ୍ୟ

ଦା + ୟ = ଦେୟ

ନୃତ୍ + ୟ = ନୃତ୍ୟ

## (୯) ଉକ ପ୍ରତ୍ୟୟ

ଭିକ୍ଷ୍ + ଉକ = ଭିକ୍ଷୁକ

ଭୂ + ଉକ = ଭାବୁକ

ନିନ୍ଦ୍ + ଉକ = ନିନ୍ଦୁକ

ବୃଷ୍ + ଉକ = ବର୍ଷୁକ

## (୧୦) ତ୍ର ପ୍ରତ୍ୟୟ

ପା + ତ୍ର = ପାତ୍ର

ନୀ + ତ୍ର = ନେତ୍ର

ଅସ୍ + ତ୍ର = ଅସ୍ତ୍ର

ଖନ୍ + ତ୍ର = ଖନିତ୍ର

ଶସ୍ + ତ୍ର = ଶସ୍ତ୍ର

ବସ୍ + ତ୍ର = ବସ୍ତ୍ର

ଛଦ୍ + ତ୍ର = ଛତ୍ର

ବହ୍ + ତ୍ର = ବହିତ୍ର

## (୧୧) ଆ ପ୍ରତ୍ୟୟ

ଲେଖ୍ + ଆ = ଲେଖା

କ୍ରୀଡ଼୍ + ଆ = କ୍ରୀଡା

ନିନ୍ଦ୍ + ଆ = ନିନ୍ଦା

କିଣ୍ + ଆ = କିଣା

ପଢ୍ + ଆ = ପଢ଼ା

ଖା + ଆ = ଖିଆ

ସେବ୍ + ଆ = ସେବା

ପୂଜ୍ + ଆ = ପୂଜା

ଶୁଭ୍ + ଆ = ଶୋଭା

ଶିକ୍ଷ୍ + ଆ = ଶିକ୍ଷା

ଦୀକ୍ଷ୍ + ଆ = ଦୀକ୍ଷା

ପା + ଆ = ପିଆ

କହ୍ + ଆ = କୁହା

କାଟ୍ + ଆ = କଟା

ବହ୍ + ଆ = ବୁହା

ଧର୍ + ଆ = ଧରା

## (୧୨) ଅଣ ପ୍ରତ୍ୟୟ

ମାଗ୍ + ଅଣ = ମାଗଣ

ଝୁଲ୍ + ଅଣ = ଝୁଲଣ

ଫୁଟ୍ + ଅଣ = ଫୁଟଣ

ମେଳ୍ + ଅଣ = ମେଳଣ

ମାର୍ + ଅଣ = ମାରଣ

ମେଣ୍ଟ୍ + ଅଣ = ମେଣ୍ଟଣ

## (୧୩) ଅଣା ପ୍ରତ୍ୟୟ

କାନ୍ଦ୍ + ଅଣା = କାନ୍ଦଣା

ମାଗ୍ + ଅଣା = ମାଗଣା

ଖେଳ୍ + ଅଣା = ଖେଳଣା

ଝର୍ + ଅଣା = ଝରଣା

ବାଜ୍ + ଅଣା = ବାଜଣା

ମାଜ୍ + ଅଣା = ମାଜଣା

ମାର୍ + ଅଣା = ମାରଣା

ଚାଖ୍ + ଅଣା = ଚାଖଣା

ବୋଲ୍ + ଅଣା = ବୋଲଣା

ରାନ୍ଧ୍ + ଅଣା = ରାନ୍ଧଣା

ଗଞ୍ଜ୍ + ଅଣା = ଗଞ୍ଜଣା

ଘୂର୍ + ଅଣା = ଘୋରଣା

## (୧୪) ଆଣ ପ୍ରତ୍ୟୟ

ବନ୍ଦ୍ + ଆଣ = ବନ୍ଦାଣ

ଉଠ୍ + ଆଣ = ଉଠାଣ

ଭାସ୍ + ଆଣ = ଭସାଣ

ଲାଗ୍ + ଆଣ = ଲଗାଣ

ଡର୍ + ଆଣ = ଡରାଣ

ମିଶ୍ + ଆଣ = ମିଶାଣ

## (୧୫) ଅଣି ପ୍ରତ୍ୟୟ

ସହ୍ + ଅଣି ସହଣି

ମଣ୍ଡ୍ + ଅଣି ମଣ୍ଡଣି

ଖୋଷ୍ + ଅଣି ଖୋଷଣି

ରହ୍ + ଅଣି ରହଣି

ଲୋଟ୍ + ଅଣି ଲୋଟଣି

ବାନ୍ଧ୍ + ଅଣି ବାନ୍ଧଣି

ଛନ୍ଦ୍ + ଅଣି ଛନ୍ଦଣି

ଖଟ୍ + ଅଣି ଖଟଣି

## (୧୬) ଆଣି ପ୍ରତ୍ୟୟ

ଉଠ୍ + ଆଣି = ଉଠାଣି
ଗଢ଼୍ + ଆଣି = ଗଢାଣି
ଭାସ୍ + ଆଣି= ଭସାଣି
ବିନ୍ଧ୍ + ଆଣି = ବିନ୍ଧାଣି
ଚାହିଁ + ଆଣି = ଚାହାଁଣି
ବାହୁଡ଼୍ + ଆଣି = ବାହୁଡାଣି

## (୧୭) ଆଣିଆ ପ୍ରତ୍ୟୟ

ଭାସ୍ + ଆଣିଆ = ଭସାଣିଆ
ଗଢ଼୍ + ଆଣିଆ = ଗଢାଣିଆ
ଦେଖ୍ + ଆଣିଆ = ଦେଖାଣିଆ
ନଅଁ + ଆଣିଆ = ନୁଆଁଣିଆ

## (୧୮) ଏଣି ପ୍ରତ୍ୟୟ

ବାନ୍ଧ + ଏଣି = ବାନ୍ଧେଣି
ଛାଟ୍ + ଏଣି = ଛାଟେଣି
ଭାଙ୍ଗ୍ + ଏଣି = ଭାଙ୍ଗେଣି
ଟାଙ୍ଗ୍ + ଏଣି = ଟାଙ୍ଗେଣି

## (୧୯) ଉଣି ପ୍ରତ୍ୟେୟ

ଡ଼ାକ୍ + ଉଣି = ଡ଼ାକୁଣି
ମାଗ୍ + ଉଣି = ମାଗୁଣି
ରାନ୍ଧ୍ + ଉଣି = ରାନ୍ଧୁଣି
ମାପ୍ + ଉଣି = ମାପୁଣି

## (୨୦) ଅନ୍ତା ପ୍ରତ୍ୟୟ

ଜୀ + ଅନ୍ତା = ଜୀଅନ୍ତା
ଉଡ଼୍ + ଅନ୍ତା = ଉଡନ୍ତା
ଚଳ୍ + ଅନ୍ତା = ଚଳନ୍ତା
ଜଳ୍ + ଅନ୍ତା = ଜଳନ୍ତା
ଫେର୍ + ଅନ୍ତା = ଫେରନ୍ତା
ଘୂର୍ + ଅନ୍ତା = ଘୂରନ୍ତା

## (୨୧) ଅନ୍ତି ପ୍ରତ୍ୟୟ

ଫଳ୍ + ଅନ୍ତି = ଫଳନ୍ତି
ଚଳ୍ + ଅନ୍ତି = ଚଳନ୍ତି

## (୨୨) ଆଳି ପ୍ରତ୍ୟୟ

ଖେଳ୍ + ଆଳି = ଖେଳାଳି
ଧର୍ + ଆଳି = ଧରାଳି
କାଟ୍ + ଆଳି = କଟାଳି
ଦେଖ୍ + ଆଳି = ଦେଖାଳି
ବାନ୍ଧ୍ + ଆଳି = ବନ୍ଧାଳି
ବୁଣ୍ + ଆଳି = ବୁଣାଳି
ଚଢ଼୍ + ଆଳି = ଚଢ଼ାଳି
ବହ୍ + ଆଳି = ବୁହାଳି

## (୨୩) ଇ ପ୍ରତ୍ୟୟ

ବୋଲ୍ + ଇ = ବୋଲି
ଚାଲ୍ + ଇ = ଚାଲି
ଦୋଳ୍ + ଇ = ଦୋଳି
ପୋଡ଼୍ + ଇ = ପୋଡି
ମେଳ୍ + ଇ = ମେଳି
ଲୁଟ୍ + ଇ = ଲୁଟି

**(୨୪) ଉଆ ପ୍ରତ୍ୟୟ**

ଲଢ଼୍ + ଉଆ = ଲଢୁଆ

ଡାକ୍ + ଉଆ = ଡାକୁଆ

ପଢ଼ + ଉଆ = ପଢୁଆ

ଡର୍ + ଉଆ = ଡରୁଆ

**(୨୫) ଉଆଳ ପ୍ରତ୍ୟୟ**

ରଖ୍ + ଉଆଳ = ରଖୁଆଳ

ଜଗ୍ + ଉଆଳ = ଜଗୁଆଳ

ଖେଳ୍ + ଉଆଳ = ଖେଳୁଆଳ

ବଢ଼୍ + ଉଆଳ = ବଢୁଆଳ

**(୨୬) ଆଳିଆ ପ୍ରତ୍ୟୟ**

ଦୁହ୍ଁ + ଆଳି = ଦୁହାଁଳିଆ

ହସ୍ + ଆଳିଆ = ହସାଳିଆ

କହ୍ + ଆଳିଆ = କୁହାଳିଆ

ବହ୍ + ଆଳିଆ = ବୁହାଳିଆ

## ତଦ୍ଧିତ

ଶବ୍ଦରୁ ଶବ୍ଦ ଗଠିତ ହେଲେ ସେହି ଗଠିତ ଶବ୍ଦକୁ **ତଦ୍ଧିତ ଶବ୍ଦ** କହନ୍ତି । ମୂଳ ଶବ୍ଦରୁ ଯେଉଁ ପ୍ରତ୍ୟୟ ଯୁକ୍ତ ହୋଇ **ତଦ୍ଧିତ ଶବ୍ଦ** ଗଠିତ ହୁଏ, ତାହାକୁ **ତଦ୍ଧିତ ପ୍ରତ୍ୟୟ** କହନ୍ତି । ତଦ୍ଧିତ ପ୍ରତ୍ୟୟ ବିଭିନ୍ନ ଅର୍ଥରେ ପ୍ରଯୁକ୍ତ ହୁଏ । ତଳେ କେତେଗୁଡ଼ିଏ ତଦ୍ଧିତ ପ୍ରତ୍ୟୟର ଉଦାହରଣ ଦିଆଗଲା ।

**(୧) ଅ ପ୍ରତ୍ୟୟ**

(କ) ଭକ୍ତ ବା ଉପାସକ ଅର୍ଥରେ-

ଶିବ + ଅ = ଶୈବ

ବୁଦ୍ଧ + ଅ = ବୌଦ୍ଧ

ଶକ୍ତି + ଅ = ଶାକ୍ତ

ବିଷ୍ଣୁ + ଅ = ବୈଷ୍ଣବ

ଜିନ + ଅ = ଜୈନ

ସୂର + ଅ = ସୌର

(ଖ) ଭାବ (ଗୁଣ ବା କର୍ମ) ଅର୍ଥରେ -

ମୁନି + ଅ = ମୌନ

ଲଘୁ + ଅ = ଲାଘବ

ଗୁରୁ + ଅ = ଗୌରବ

କୁଶଳ + ଅ = କୌଶଳ

ପଟୁ + ଅ = ପାଟବ

ସୁରଭି + ଅ = ସୌରଭ

(ଗ) ଅପତ୍ୟ ଅର୍ଥରେ -

ବସୁଦେବ + ଅ = ବାସୁଦେବ

କୁରୁ + ଅ = କୌରବ

ଭୃଗୁ + ଅ = ଭାର୍ଗବ

ରଘୁ + ଅ = ରାଘବ

ଯଦୁ + ଅ = ଯାଦବ

ପୁତ୍ର + ଅ = ପୌତ୍ର

(ଘ) ନିବାସ ବା ଜାତ ଅର୍ଥରେ -

ମଗଧ + ଅ = ମାଗଧ

ଶରଦ୍ + ଅ = ଶାରଦ

ଅରଣ୍ୟ + ଅ = ଆରଣ୍ୟ

ଭୂମି + ଅ = ଭୌମ

ନିଷଧ + ଅ = ନୈଷଧ

ତିଳ + ଅ = ତୈଳ

ଜନପଦ + ଅ = ଜାନପଦ

ପୁର + ଅ = ପୌର

(ଙ) ସଂବନ୍ଧ ଅର୍ଥରେ -

ଅସୁର + ଅ = ଆସୁର

ପଶୁ + ଅ = ପାଶବ

ପୃଥିବୀ + ଅ = ପାର୍ଥିବ

ଭରତ + ଅ = ଭାରତ

ଜନ୍ତୁ + ଅ = ଜାନ୍ତବ

ସିନ୍ଧୁ + ଅ = ସୈନ୍ଧବ

ରୁଦ୍ର + ଅ = ରୌଦ୍ର

ଚକ୍ଷୁଷ୍ + ଅ = ଚାକ୍ଷୁଷ

(ଚ) ସଂଯୋଗ ଅର୍ଥରେ -

ମଘା + ଅ = ମାଘ

ପୁଷ୍ୟା + ଅ = ପୌଷ

ଶ୍ରବଣା + ଅ = ଶ୍ରାବଣ

ବିଶାଖା + ଅ = ବୈଶାଖ

ଚିତ୍ରା + ଅ = ଚୈତ୍ର

ଅଶ୍ୱିନୀ + ଅ = ଆଶ୍ୱିନ

ମୃଗଶିରା + ଅ = ମାର୍ଗଶିର

କୃତ୍ତିକା + ଅ = କାର୍ତ୍ତିକ

(ଛ) ସ୍ୱ ଅର୍ଥରେ - (ମୂଳ ଶବ୍ଦର ଅର୍ଥ ଯାହା, ସେଥିରୁ ଗଠିତ ଶବ୍ଦର ଅର୍ଥ ମଧ୍ୟ ତାହା)

ବିଭବ + ଅ = ବୈଭବ

ରକ୍ଷସ୍ + ଅ = ରାକ୍ଷସ

ମନସ୍ + ଅ = ମାନସ

ବନ୍ଧୁ + ଅ = ବାନ୍ଧବ

ଚଣ୍ଡାଳ + ଅ = ଚାଣ୍ଡାଳ

ଚୋର + ଅ = ଚୌର

## (୨) ଇକ ପ୍ରତ୍ୟୟ

(କ) ସଂବନ୍ଧ ଅର୍ଥରେ -

ସମାଜ + ଇକ = ସାମାଜିକ

ପ୍ରଦେଶ + ଇକ = ପ୍ରାଦେଶିକ

ଦିନ + ଇକ = ଦୈନିକ

ବେଦ + ଇକ = ବୈଦିକ

ସଂସାର + ଇକ = ସାଂସାରିକ

ବ୍ୟାକରଣ + ଇକ = ବୈୟାକରଣିକ

ଶରୀର + ଇକ = ଶାରୀରିକ

ବର୍ଷ + ଇକ = ବାର୍ଷିକ

ମାସ + ଇକ = ମାସିକ

କୁଳ + ଇକ = କୌଳିକ

ଜଗତ + ଇକ = ଜାଗତିକ

ଧର୍ମ + ଇକ = ଧାର୍ମିକ

(ଖ) ଜୀବିକା ଅର୍ଥରେ -

ତିଳ + ଇକ = ତୈଳିକ

ତାମ୍ବୁଳ + ଇକ = ତାମ୍ବୁଳିକ

(ଗ) ପ୍ରବୀଣ ଅର୍ଥରେ-

ବିଜ୍ଞାନ + ଇକ = ବୈଜ୍ଞାନିକ

ଦର୍ଶନ + ଇକ = ଦାର୍ଶନିକ

ବ୍ୟାକରଣ + ଇକ = ବୈୟାକରଣିକ

ସାହିତ୍ୟ + ଇକ = ସାହିତ୍ୟିକ

ତର୍କ + ଇକ = ତାର୍କିକ

ନ୍ୟାୟ + ଇକ = ନୈୟାୟିକ

## (୩) ଯ ପ୍ରତ୍ୟୟ

(କ) ଅପତ୍ୟ (ସନ୍ତାନସନ୍ତତି) ଅର୍ଥରେ –

ଦିତି + ଯ = ଦୈତ୍ୟ
ଅଦିତି + ଯ = ଆଦିତ୍ୟ
ଗର୍ଗ + ଯ = ଗାର୍ଗ୍ୟ
ପ୍ରଜାପତି + ଯ = ପ୍ରାଜାପତ୍ୟ
ଜମଦଗ୍ନି + ଅ = ଜାମଦଗ୍ନ୍ୟ
ଚଣକ + ଯ = ଚାଣକ୍ୟ
ପୁଲସ୍ତି + ଯ = ପୌଲସ୍ତ୍ୟ
ଯଜ୍ଞବଲ୍କ + ଯ = ଯାଜ୍ଞବଲ୍କ୍ୟ

(ଯ ପ୍ରତ୍ୟୟକୁ ଯ ପ୍ରତ୍ୟୟ ମଧ୍ୟ କୁହାଯାଏ ।)

(ଖ) ଭାବ ଅର୍ଥରେ –

ପଣ୍ଡିତ + ଯ = ପାଣ୍ଡିତ୍ୟ
ସମର୍ଥ + ଯ = ସାମର୍ଥ୍ୟ
ସୁନ୍ଦର + ଯ = ସୌନ୍ଦର୍ଯ୍ୟ
ମଧୁର + ଯ = ମାଧୁର୍ଯ୍ୟ
ଉଦାର + ଯ = ଔଦାର୍ଯ୍ୟ
ସୁଜନ + ଯ = ସୌଜନ୍ୟ
ସମ + ଯ = ସାମ୍ୟ
ବିଷମ + ଯ = ବୈଷମ୍ୟ
ସହିତ + ଯ = ସାହିତ୍ୟ
ଅଳସ + ଯ = ଆଳସ୍ୟ

(ଗ) ସମ୍ବନ୍ଧ ଅର୍ଥରେ –

କଣ୍ଠ + ଯ = କଣ୍ଠ୍ୟ
ଓଷ୍ଠ + ଯ = ଓଷ୍ଠ୍ୟ
ଦନ୍ତ + ଯ = ଦନ୍ତ୍ୟ
ତାଳୁ + ଯ = ତାଲବ୍ୟ
ବାୟୁ + ଯ = ବାୟବ୍ୟ
ମୂର୍ଦ୍ଧନ୍ + ଯ = ମୂର୍ଦ୍ଧନ୍ୟ
ଗୃହସ୍ଥ + ଯ = ଗାର୍ହସ୍ଥ୍ୟ
ଗୋ + ଯ = ଗବ୍ୟ
ଦିବ୍ + ଯ = ଦିବ୍ୟ
ଈଶାନ + ଯ = ଐଶାନ୍ୟ

(ଘ) ଜାତ ଅର୍ଥରେ –

ବନ + ଯ = ବନ୍ୟ
ଗ୍ରାମ + ଯ = ଗ୍ରାମ୍ୟ
ପର୍ବତ + ଯ = ପାର୍ବତ୍ୟ
ପଶ୍ଚାତ୍ + ଯ = ପାଶ୍ଚାତ୍ୟ
ଆଦି + ଯ = ଆଦ୍ୟ
ଅନ୍ତ + ଯ = ଅନ୍ତ୍ୟ
ପ୍ରାଚୀ + ଯ = ପ୍ରାଚ୍ୟ
ପ୍ରତୀଚୀ + ଯ = ପ୍ରତୀଚ୍ୟ

(ଙ) କର୍ମ ଅର୍ଥରେ –

ଦୂତ + ଯ = ଦୌତ୍ୟ
ପୁରୋହିତ + ଯ = ପୌରୋହିତ୍ୟ
ଚୋର + ଯ = ଚୌର୍ଯ୍ୟ
ବଣିଜ + ଯ = ବାଣିଜ୍ୟ

## (୪) ଈୟ ପ୍ରତ୍ୟୟ

ଜାତ ବା ସମ୍ବନ୍ଧ ଅର୍ଥରେ –

ଜଳ + ଈୟ = ଜଳୀୟ
ବାଷ୍ପ + ଈୟ = ବାଷ୍ପୀୟ
ବିଦେଶ + ଈୟ = ବିଦେଶୀୟ
ଦେଶ + ଈୟ = ଦେଶୀୟ

ଶରଦ୍ + ଈୟ = ଶାରଦୀୟ
ଜାତି + ଈୟ = ଜାତୀୟ
ଆତ୍ମା + ଈୟ = ଆତ୍ମୀୟ
ରାଷ୍ଟ୍ର + ଈୟ = ରାଷ୍ଟ୍ରୀୟ
ଉତ୍କଳ + ଈୟ = ଉତ୍କଳୀୟ
ବଙ୍ଗ + ଈୟ = ବଙ୍ଗୀୟ
ରାଜା + ଈୟ = ରାଜକୀୟ
ସ୍ୱ + ଈୟ = ସ୍ୱୀୟ / ସ୍ୱକୀୟ

ଯାବତ୍ + ଈୟ = ଯାବତୀୟ
ଭବତ୍ + ଈୟ = ଭବଦୀୟ
ମାନବ + ଈୟ = ମାନବୀୟ
ଦାନବ + ଈୟ = ଦାନବୀୟ
ଭାରତ + ଈୟ = ଭାରତୀୟ
ସଂପାଦକ + ଈୟ = ସଂପାଦକୀୟ
ପର + ଈୟ = ପରକୀୟ
ନରକ + ଇୟ = ନାରକୀୟ

## (୫) ଏୟ ପ୍ରତ୍ୟୟ

ଅପତ୍ୟ ଅର୍ଥରେ-

ରାଧା + ଏୟ = ରାଧେୟ
ଗଙ୍ଗା + ଏୟ = ଗାଙ୍ଗେୟ
ଶକୁନ୍ତଳା + ଏୟ = ଶାକୁନ୍ତଳେୟ
କୃତ୍ତିକା + ଏୟ = କାର୍ତ୍ତିକେୟ

କୁନ୍ତୀ + ଏୟ = କୌନ୍ତେୟ
ବିମାତୃ + ଏୟ = ବୈମାତ୍ରେୟ
ଭଗିନୀ + ଏୟ = ଭଗିନେୟ
ବିନତା + ଏୟ = ବୈନତେୟ
ସୁଭଦ୍ରା + ଏୟ = ସୌଭଦ୍ରେୟ

## (୬) ବତ୍ ବା ମତ୍ ପ୍ରତ୍ୟୟ

ଅଛି ଅର୍ଥରେ –

ଗୁଣ + ବତ୍ = ଗୁଣବାନ୍ — ସ୍ତ୍ରୀଲିଙ୍ଗେ ଗୁଣବତୀ
ଧନ + ବତ୍ = ଧନବାନ୍ — ସ୍ତ୍ରୀଲିଙ୍ଗେ ଧନବତୀ
ଦୟା + ବତ୍ = ଦୟାବାନ୍ — ସ୍ତ୍ରୀଲିଙ୍ଗେ ଦୟାବତୀ
ପ୍ରଜ୍ଞା + ବତ୍ = ପ୍ରଜ୍ଞାବାନ୍ — ସ୍ତ୍ରୀଲିଙ୍ଗେ ପ୍ରଜ୍ଞାବତୀ
ବୁଦ୍ଧି + ମତ୍ = ବୁଦ୍ଧିମାନ୍ — ସ୍ତ୍ରୀଲିଙ୍ଗେ ବୁଦ୍ଧିମତୀ
ଶ୍ରୀ + ମତ୍ = ଶ୍ରୀମାନ୍ — ସ୍ତ୍ରୀଲିଙ୍ଗେ ଶ୍ରୀମତୀ
କୀର୍ତ୍ତି + ମତ୍ = କୀର୍ତ୍ତିମାନ୍ — ସ୍ତ୍ରୀଲିଙ୍ଗେ କୀର୍ତ୍ତିମତୀ
ମୂର୍ତ୍ତି + ମତ୍ = ମୂର୍ତ୍ତିମାନ୍ — ସ୍ତ୍ରୀଲିଙ୍ଗେ ମୂର୍ତ୍ତିମତୀ

## (୭) ବିନ୍ ପ୍ରତ୍ୟୟ

ଅଛି ଅର୍ଥରେ –

ମେଧା + ବିନ୍ = ମେଧାବୀ — ସ୍ତ୍ରୀଲିଙ୍ଗେ ମେଧାବିନୀ

ମାୟା + ବିନ୍ = ମାୟାବୀ — ସ୍ତ୍ରୀଲିଙ୍ଗେ ମାୟାବିନୀ

ତପସ୍ + ବିନ୍ = ତପସ୍ୱୀ — ସ୍ତ୍ରୀଲିଙ୍ଗେ ତପସ୍ୱିନୀ

ତେଜସ୍ + ବିନ୍ = ତେଜସ୍ୱୀ — ସ୍ତ୍ରୀଲିଙ୍ଗେ ତେଜସ୍ୱିନୀ

**(୮) ଶାଳିନ୍ ପ୍ରତ୍ୟୟ**

ଅସ୍ତି ଅର୍ଥରେ -

ଧନ + ଶାଳିନ୍ = ଧନଶାଳୀ — ସ୍ତ୍ରୀଲିଙ୍ଗେ ଧନଶାଳିନୀ

ବଳ + ଶାଳିନ୍ = ବଳଶାଳୀ — ସ୍ତ୍ରୀଲିଙ୍ଗେ ବଳଶାଳିନୀ

ଶକ୍ତି + ଶାଳିନ୍ = ଶକ୍ତିଶାଳୀ — ସ୍ତ୍ରୀଲିଙ୍ଗେ ଶକ୍ତିଶାଳିନୀ

**(୯) ଇନ୍ ପ୍ରତ୍ୟୟ**

ଅସ୍ତି ଅର୍ଥରେ -

ସାହସ + ଇନ୍ = ସାହସୀ — ସ୍ତ୍ରୀଲିଙ୍ଗେ ସାହସିନୀ

ମାନ + ଇନ୍ = ମାନୀ — ସ୍ତ୍ରୀଲିଙ୍ଗେ ମାନିନୀ

ଅହଂକାର + ଇନ୍ = ଅହଂକାରୀ — ସ୍ତ୍ରୀଲିଙ୍ଗେ ଅହଂକାରିଣୀ

ହସ୍ତ + ଇନ୍ = ହସ୍ତୀ — ସ୍ତ୍ରୀଲିଙ୍ଗେ ହସ୍ତିନୀ

ଦୁଃଖ + ଇନ୍ = ଦୁଃଖୀ — ସ୍ତ୍ରୀଲିଙ୍ଗେ ଦୁଃଖିନୀ

ବିରହ + ଇନ୍ = ବିରହୀ — ସ୍ତ୍ରୀଲିଙ୍ଗେ ବିରହିଣୀ

ଅନୁରାଗ + ଇନ୍ = ଅନୁରାଗୀ — ସ୍ତ୍ରୀଲିଙ୍ଗେ ଅନୁରାଗିଣୀ

**(୧୦) ତା ପ୍ରତ୍ୟୟ**

ଭାବ ଅର୍ଥରେ –

ପ୍ରଭୁ + ତା = ପ୍ରଭୁତା

ପଶୁ + ତା = ପଶୁତା

ମୂର୍ଖ + ତା = ମୂର୍ଖତା

ଭୀରୁ + ତା = ଭୀରୁତା

ନିରପେକ୍ଷ + ତା = ନିରପେକ୍ଷତା

ଉପକାରୀ + ତା = ଉପକାରୀତା/ଉପକାରିତା

ପ୍ରତିଯୋଗୀ + ତା = ପ୍ରତିଯୋଗୀତା/ପ୍ରତିଯୋଗିତା

ବୁଦ୍ଧିମାନ୍ + ତା = ବୁଦ୍ଧିମତ୍ତା

ବିଦ୍ୱାନ୍ + ତା = ବିଦ୍ୱତ୍ତା

ସାରବାନ୍ + ତା = ସାରବତ୍ତା

**(୧୧) ତ୍ୱ ପ୍ରତ୍ୟୟ**

ଭାବ ଅର୍ଥରେ -

ପ୍ରଭୁ + ତ୍ୱ = ପ୍ରଭୁତ୍ୱ

ଗୁରୁ + ତ୍ୱ = ଗୁରୁତ୍ୱ

ମହତ୍ + ତ୍ୱ = ମହତ୍ତ୍ୱ

ଦାୟୀ + ତ୍ୱ = ଦାୟୀତ୍ୱ/ଦାୟିତ୍ୱ

ସ୍ଥାୟୀ + ତ୍ୱ = ସ୍ଥାୟୀତ୍ୱ / ସ୍ଥାୟିତ୍ୱ

ନେତୃ + ତ୍ୱ = ନେତୃତ୍ୱ

## (୧୨) ଇଷ୍ଠ ପ୍ରତ୍ୟୟ

ଉତ୍କର୍ଷ ବା ଅପକର୍ଷ ଅର୍ଥରେ -

ଗୁରୁ + ଇଷ୍ଠ = ଗରିଷ୍ଠ

ଲଘୁ + ଇଷ୍ଠ = ଲଘିଷ୍ଠ

ବଳୀ + ଇଷ୍ଠ = ବଳିଷ୍ଠ

ପ୍ରଶଂସ୍ୟ (ପ୍ରଶଂସାଯୋଗ୍ୟ) + ଇଷ୍ଠ = ଶ୍ରେଷ୍ଠ

ବୃଦ୍ଧ + ଇଷ୍ଠ = ଜ୍ୟେଷ୍ଠ/ବର୍ଷିଷ୍ଠ

ପ୍ରିୟ + ଇଷ୍ଠ = ପ୍ରେଷ୍ଠ

ଯୁବା + ଇଷ୍ଠ = କନିଷ୍ଠ

## (୧୩) ଈନ ପ୍ରତ୍ୟୟ

ଜାତ ବା ସଂବନ୍ଧ ଅର୍ଥରେ -

କୁଳ + ଈନ = କୁଳୀନ

ଗ୍ରାମ + ଈନ = ଗ୍ରାମୀଣ

ସର୍ବାଙ୍ଗ + ଈନ = ସର୍ବାଙ୍ଗୀନ

ସର୍ବଜନ + ଈନ = ସାର୍ବଜନୀନ/ସର୍ବଜନୀନ

## (୧୪) ଇତ ପ୍ରତ୍ୟୟ

ଜାତ ଅର୍ଥରେ -

ପୁଷ୍ପ + ଇତ = ପୁଷ୍ପିତ

ଫଳ + ଇତ = ଫଳିତ

ତାରକା + ଇତ = ତାରକିତ

ରୋମାଞ୍ଚ + ଇତ = ରୋମାଞ୍ଚିତ

କଣ୍ଟକ + ଇତ = କଣ୍ଟକିତ

ପଲ୍ଲବ + ଇତ = ପଲ୍ଲବିତ

ନିଦ୍ରା + ଇତ = ନିଦ୍ରିତ

ପୁଲକ + ଇତ = ପୁଲକିତ

## (୧୫) ମୟ ପ୍ରତ୍ୟୟ

ବ୍ୟାପ୍ତି ବା ନିର୍ମିତ ଅର୍ଥରେ -

ଜଳ + ମୟ = ଜଳମୟ

ମୃଦ୍ + ମୟ = ମୃଣ୍ମୟ

ତେଜଃ + ମୟ = ତେଜୋମୟ

ଜ୍ଞାନ + ମୟ = ଜ୍ଞାନମୟ

ଚିତ୍ + ମୟ = ଚିନ୍ମୟ

ପ୍ରେମ + ମୟ = ପ୍ରେମମୟ

## (୧୬) ତନ ପ୍ରତ୍ୟୟ

ଜାତ ଅର୍ଥରେ –

ପୁରା + ତନ = ପୁରାତନ

ପ୍ରାକ୍ + ତନ = ପ୍ରାକ୍ତନ

ପୂର୍ବ + ତନ = ପୂର୍ବତନ

ଚିରମ୍ + ତନ = ଚିରନ୍ତନ

## (୧୭) ଇମନ୍ ପ୍ରତ୍ୟୟ

ଭାବ ଅର୍ଥରେ –

ମହତ୍ + ଇମନ୍ = ମହିମା

ଲଘୁ + ଇମନ୍ = ଲଘିମା

ଗୁରୁ + ଇମନ୍ = ଗରିମା

ଦୀର୍ଘ + ଇମନ୍ = ଦ୍ରାଘିମା

ନୀଳ + ଇମନ୍ = ନୀଳିମା

କାଳ + ଇମନ୍ = କାଳିମା

## (୧୮) ତର / ତମ ପ୍ରତ୍ୟୟ

ତୁଳନା ଅର୍ଥରେ –

ଉଚ୍ଚ + ତର = ଉଚ୍ଚତର

କ୍ଷୁଦ୍ର + ତର = କ୍ଷୁଦ୍ରତର

ମହତ୍ + ତର = ମହତ୍ତର

ବୃହତ୍ + ତର = ବୃହତ୍ତର

ପ୍ରିୟ + ତର = ପ୍ରିୟତର

ଉଚ୍ଚ + ତମ = ଉଚ୍ଚତମ

କ୍ଷୁଦ୍ର + ତମ = କ୍ଷୁଦ୍ରତମ

ମହତ୍ + ତମ = ମହତ୍ତମ

ବୃହତ୍ + ତମ = ବୃହତ୍ତମ

ପ୍ରିୟ + ତମ = ପ୍ରିୟତମ

(ଦୁଇଟି ମଧ୍ୟରେ ତୁଳନା କରାଗଲେ 'ତର' ପ୍ରତ୍ୟୟ ଏବଂ ବହୁତ ମଧ୍ୟରେ ତୁଳନା କରାଗଲେ 'ତମ' ପ୍ରତ୍ୟୟ ଲାଗେ ।)

## (୧୯) ସାତ୍ ପ୍ରତ୍ୟୟ

ପରିଣତି ଅର୍ଥରେ –

ଧୂଳି + ସାତ୍ = ଧୂଳିସାତ୍

ଆତ୍ମ + ସାତ୍ = ଆତ୍ମସାତ୍

ଭସ୍ମ + ସାତ୍ = ଭସ୍ମସାତ୍

ଅଗ୍ନି + ସାତ୍ = ଅଗ୍ନିସାତ୍

## (୨୦) ବତ୍ ପ୍ରତ୍ୟୟ

ତୁଲ୍ୟ ଅର୍ଥରେ –

ମାତୃ + ବତ୍ = ମାତୃବତ୍

ପୁତ୍ର + ବତ୍ = ପୁତ୍ରବତ୍

ପିତୃ + ବତ୍ = ପିତୃବତ୍

ଆତ୍ମ + ବତ୍ = ଆତ୍ମବତ୍

### (୧୧) ମ/ତମ ପ୍ରତ୍ୟୟ

ପୂରଣ ଅର୍ଥରେ -

ପଞ୍ଚ + ମ = ପଞ୍ଚମ

ନବ + ମ = ନବମ

ଶତ + ତମ = ଶତତମ

ସପ୍ତତି + ତମ = ସପ୍ତତିତମ

### (୧୨) ଧା ପ୍ରତ୍ୟୟ

ପ୍ରକାର ବା ଭାଗର ଅର୍ଥରେ -

ତ୍ରି + ଧା = ତ୍ରିଧା

ଚତୁଃ + ଧା = ଚତୁର୍ଦ୍ଧା

ବହୁ + ଧା = ବହୁଧା

ଦ୍ୱି + ଧା = ଦ୍ୱିଧା

### (୧୩) ଆ ପ୍ରତ୍ୟୟ

(କ) ଅଛି ଅର୍ଥରେ -

ଗଣ୍ଠି + ଆ = ଗଣ୍ଠିଆ

କୁଜ + ଆ = କୁଜା

ଦନ୍ତ + ଆ = ଦନ୍ତା

ଦାଢ଼ି + ଆ = ଦାଢ଼ିଆ

ଚୁଟି + ଆ = ଚୁଟିଆ

ଧୂଳି + ଆ = ଧୂଳିଆ

(ଖ) ଜାତ ଅର୍ଥରେ-

ପଶ୍ଚିମ + ଆ = ପଶ୍ଚିମା

ଉତ୍ତର + ଆ = ଉତ୍ତରା

ପୋଖରୀ + ଆ = ପୋଖରୀଆ

ରାତି + ଆ = ରାତିଆ

(ଗ) ଦକ୍ଷତା ଅର୍ଥରେ -

ମହୁରି + ଆ = ମହୁରିଆ

କାହାଳି + ଆ = କାହାଳିଆ

(ଘ) ଅନାଦର ଅର୍ଥରେ -

ରାମ + ଆ = ରାମା

କାଇ + ଆ = କାଇା

ଗୋବିନ୍ଦ + ଆ = ଗୋବିନ୍ଦା

ଯଦୁ + ଆ = ଯଦୁଆ

ମଧୁ + ଆ = ମଧୁଆ

ସାଧୁ + ଆ = ସାଧୁଆ

### (୧୪) ଆରି ପ୍ରତ୍ୟୟ

ବୃତ୍ତି (ଜୀବିକା) ଅର୍ଥରେ -

ଶଙ୍ଖା + ଆରି = ଶଙ୍ଖାରି

ଭିକ + ଆରି = ଭିକାରି

କଂସା + ଆରି = କଂସାରି

ସୁନା + ଆରି = ସୁନାରି

**(୨୫) ଆଳ ପ୍ରତ୍ୟୟ**

(କ) ବୃତ୍ତି ଅର୍ଥରେ -

ଗାଈ + ଆଳ = ଗାଈଆଳ

ମଇଁଷି + ଆଳ = ମଇଁଷିଆଳ

(ଖ) ଅଛି ଅର୍ଥରେ -

ଶିଙ୍ଗ + ଆଳ = ଶିଙ୍ଗାଳ

ଗଣ୍ଡି + ଆଳ = ଗଣ୍ଡିଆଳ

**(୨୬) ଆଳି ପ୍ରତ୍ୟୟ**

ଜାତ ଅର୍ଥରେ -

ଚଇତ + ଆଳି = ଚଇତାଳି

ବଙ୍ଗ + ଆଳି = ବଙ୍ଗାଳି

**(୨୭) ଇ ପ୍ରତ୍ୟୟ**

(କ) କର୍ମ ଅର୍ଥରେ -

ଡାକ୍ତର + ଇ = ଡାକ୍ତରି

ପୁରୋହିତ + ଇ = ପୁରୋହିତି

ମାଷ୍ଟର + ଇ = ମାଷ୍ଟରି

ମୋହରିର + ଇ = ମୋହରିରି

ମୁକ୍ତାର + ଇ = ମୁକ୍ତାରି

(ଖ) କ୍ଷୁଦ୍ର ଅର୍ଥରେ -

ଚକ + ଇ = ଚକି

କାଠ + ଇ = କାଠି

ଛଡ + ଇ = ଛଡି

ଘଣ୍ଟ + ଇ = ଘଣ୍ଟି

(ଗ) ବ୍ୟବସାୟ ଅର୍ଥରେ-

ହାଡ + ଇ = ହାଡି

ତେଲ + ଇ = ତେଲି

**(୨୮) ଈ ପ୍ରତ୍ୟୟ**

ଜାତ ବା ସଂବନ୍ଧ ଅର୍ଥରେ -

ସ୍ୱଦେଶ + ଈ = ସ୍ୱଦେଶୀ

ପରଦେଶ + ଈ = ପରଦେଶୀ

କଟକ + ଈ = କଟକୀ

ବାଲେଶ୍ୱର + ଈ = ବାଲେଶ୍ୱରୀ

ବ୍ରହ୍ମପୁର + ଈ = ବ୍ରହ୍ମପୁରୀ

ସମ୍ବଲପୁର + ଈ = ସମ୍ବଲପୁରୀ

**(୨୯) ଇଆ ପ୍ରତ୍ୟୟ**

(କ) ଜାତ ବା ସଂବନ୍ଧ ଅର୍ଥରେ -

କଟକ + ଇଆ = କଟକିଆ

ପାହାଡ଼ + ଇଆ = ପାହାଡ଼ିଆ

ସମ୍ବଲପୁର + ଇଆ = ସମ୍ବଲପୁରିଆ

ସହର + ଇଆ = ସହରିଆ

(ଖ) ବୃତ୍ତି ଅର୍ଥରେ –

ହଳ + ଇଆ = ହଳିଆ

ଜାଲ + ଇଆ = ଜାଲିଆ

ଢ଼ୋଲ + ଇଆ = ଢ଼ୋଲିଆ

ମୂଲ + ଇଆ = ମୂଲିଆ

ଶଗଡ + ଇଆ = ଶଗଡ଼ିଆ

(ଗ) ସଦୃଶ ବା ରଞ୍ଜିତ ଅର୍ଥରେ –

ପାଉଁଶ + ଇଆ = ପାଉଁଶିଆ

ସୋରିଷ + ଇଆ = ସୋରିଷିଆ

ବାଇଗଣ + ଇଆ = ବାଇଗଣିଆ

ହଳଦୀ + ଇଆ = ହଳଦିଆ

(ଘ) ଆତିଶଯ୍ୟ ଅର୍ଥରେ–

ଲୁଣ + ଇଆ = ଲୁଣିଆ

ମୁନ + ଇଆ = ମୁନିଆ

(ଙ) ସ୍ୱ ଅର୍ଥରେ –

ମଧୁର + ଇଆ = ମଧୁରିଆ

ବହଳ + ଇଆ = ବହଳିଆ

ତରଳ + ଇଆ = ତରଳିଆ

କଅଁଳ + ଇଆ = କଅଁଳିଆ

(ଚ) ସଂଖ୍ୟା ବା ପରିମାଣ ଅର୍ଥରେ –

ଦଶହାତ + ଇଆ ଦଶହାତିଆ

ପାଞ୍ଚକେଜି + ଇଆ = ପାଞ୍ଚକେଜିଆ

(ଛ) ଅଛି ଅର୍ଥରେ –

କପଟ + ଇଆ = କପଟିଆ

ଜଟା + ଇଆ = ଜଟିଆ

ଲାଙ୍ଗୁଡ଼ + ଇଆ = ଲାଙ୍ଗୁଡ଼ିଆ

ଅନ୍ଧାର + ଇଆ = ଅନ୍ଧାରିଆ

## (୩୦) ଉଆ ପ୍ରତ୍ୟୟ

(କ) ଅଛି ଅର୍ଥରେ –

ପେଟ + ଉଆ = ପେଟୁଆ

ପଙ୍କ + ଉଆ = ପଙ୍କୁଆ

ଘର + ଉଆ = ଘରୁଆ

ଧାର + ଉଆ = ଧାରୁଆ

ନିଶ + ଉଆ = ନିଶୁଆ

ଘାସ + ଉଆ = ଘାସୁଆ

(ଖ) ଜାତ ଅର୍ଥରେ –

ଆଷାଢ଼ + ଉଆ = ଆଷାଢ଼ୁଆ

ବଣ + ଉଆ = ବଣୁଆ

ଦଳ + ଉଆ = ଦଳୁଆ

ଝାଳ + ଉଆ = ଝାଳୁଆ

(ଗ) ବୃତ୍ତି ଅର୍ଥରେ -

ସାପ + ଉଆ = ସାପୁଆ

ନାଟ + ଉଆ = ନାଟୁଆ

ଭାର + ଉଆ = ଭାରୁଆ

ବାଣ + ଉଆ = ବାଣୁଆ

ହାଟ + ଉଆ = ହାଟୁଆ

(ଘ) ଅଭ୍ୟାସ ଅର୍ଥରେ -

ମାଡ଼ + ଉଆ = ମାଡୁଆ

ଖଚ + ଉଆ = ଖଚୁଆ

ଲାଞ୍ଚ + ଉଆ = ଲାଞ୍ଚୁଆ

ପେଞ୍ଚ + ଉଆ = ପେଞ୍ଚୁଆ

ମିଛ + ଉଆ = ମିଛୁଆ

ମନ + ଉଆ = ମନୁଆ

(ଙ) ବାସ ବା ସଂପର୍କ ଅର୍ଥରେ-

ଗାତ + ଉଆ = ଗାତୁଆ

ଚାଳ + ଉଆ = ଚାଳୁଆ

## (୩୧) ଆମି ପ୍ରତ୍ୟୟ

ଭାବ ଅର୍ଥରେ -

ଠକ + ଆମି = ଠକାମି

ପାଗଳ + ଆମି = ପାଗଳାମି

ଦୁଷ୍ଟ + ଆମି = ଦୁଷ୍ଟାମି

ଭଣ୍ଡ + ଆମି = ଭଣ୍ଡାମି

## (୩୨) ଉରା ପ୍ରତ୍ୟୟ

ଆତିଶଯ୍ୟ ବା ଅଭ୍ୟାସ ଅର୍ଥରେ -

ଦାନ୍ତ + ଉରା = ଦାନ୍ତୁରା

କାନ୍ଦ + ଉରା = କାନ୍ଦୁରା

## (୩୩) ଚିଆ ପ୍ରତ୍ୟୟ

ସଦୃଶ ଅର୍ଥରେ -

ମାଇ + ଚିଆ = ମାଇଚିଆ

ପାଣି + ଚିଆ = ପାଣିଚିଆ

## (୩୪) ଟିଆ ପ୍ରତ୍ୟୟ

ଜାତ, ସଂବନ୍ଧ ବା ସାଦୃଶ୍ୟ ଅର୍ଥରେ -

ଖରା + ଟିଆ = ଖରାଟିଆ

ଧୂଆଁ + ଟିଆ = ଧୂଆଁଟିଆ

ତମ୍ଭା + ଟିଆ = ତମ୍ଭାଟିଆ

ଭଡା + ଟିଆ = ଭଡାଟିଆ

## (୩୫) ବାଲା ପ୍ରତ୍ୟୟ

(କ) ଅଧିକାର ଅର୍ଥରେ -

ଗାଡ଼ି + ବାଲା = ଗାଡିବାଲା

ଘର + ବାଲା = ଘରବାଲା

ରିକ୍ସା + ବାଲା = ରିକ୍ସାବାଲା

ଡଙ୍ଗା + ବାଲା = ଡଙ୍ଗାବାଲା

(ଖ) ଅଭ୍ୟାସ ଅର୍ଥରେ -

ପାଲା + ବାଲା = ପାଲାବାଲା

ବାଜା + ବାଲା = ବାଜାବାଲା

## (୩୬) ରା ପ୍ରତ୍ୟୟ

ବୃତ୍ତି ଅର୍ଥରେ-

ପାନ + ରା = ପାନରା

କାଚ + ରା = କାଚରା

ପାଟ + ରା = ପାଟରା

ଖଡୁ + ରା = ଖଡୁରା

## (୩୭) ଖୋର ପ୍ରତ୍ୟୟ

ଅଭ୍ୟାସ ଅର୍ଥରେ -

ଲାଞ୍ଚ + ଖୋର = ଲାଞ୍ଚଖୋର

ନିଶା + ଖୋର = ନିଶାଖୋର

ଜିଦ୍ + ଖୋର = ଜିଦ୍‌ଖୋର

ଯୁଦ୍ଧ + ଖୋର = ଯୁଦ୍ଧଖୋର

## (୩୮) ଦାର ପ୍ରତ୍ୟୟ

ଅଛି ବା ଅଧିକାର ଅର୍ଥରେ-

ଜମି + ଦାର = ଜମିଦାର

ସିରସ୍ତା + ଦାର = ସିରସ୍ତାଦାର

ମଜା + ଦାର = ମଜାଦାର

ଚୁଡି + ଦାର = ଚୁଡିଦାର

ଭାଗ + ଦାର = ଭାଗୀଦାର

ଅଂଶ + ଦାର = ଅଂଶୀଦାର

ପେସା + ଦାର = ପେସାଦାର

## (୩୯) କୁଜା ପ୍ରତ୍ୟୟ

ସ୍ୱଭାବ ଅର୍ଥରେ -

ଲାଜ + କୁଳା = ଲାଜକୁଳା

ଡର + କୁଳା = ଡରକୁଳା

### (୪୦) ବନ୍ତ / ମନ୍ତ ପ୍ରତ୍ୟୟ

ଅଛି ଅର୍ଥରେ –

ଧନ + ବନ୍ତ = ଧନବନ୍ତ

ଜ୍ଞାନ + ବନ୍ତ = ଜ୍ଞାନବନ୍ତ

ଶ୍ରୀ + ମନ୍ତ = ଶ୍ରୀମନ୍ତ

ବୁଦ୍ଧି + ମନ୍ତ = ବୁଦ୍ଧିମନ୍ତ

–୦–

# ୟୁନିଟ୍-୪

## ବ୍ୟାକରଣ -ଏ ପଦୀକରଣ

## ସମୋଚ୍ଚାରିତ ଶବ୍ଦ ବିପରୀତାର୍ଥ ବୋଧକ ଶବ୍ଦ

**ସମୋଚ୍ଚାରିତ ଶବ୍ଦ :**

କେତେକ ଶବ୍ଦ ଅଛି ଯେଉଁଗୁଡିକ ଏକାଭଳି ଉଚ୍ଚାରିତ ହୁଅନ୍ତି । ମାତ୍ର ସେମାନେ ବିଭିନ୍ନ ଅର୍ଥ ବୁଝାଇ ଥାଆନ୍ତି । ସେହି ଶ୍ରେଣୀର କେତୋଟି ଶବ୍ଦର ଉଦାହରଣ ଓ ପ୍ରୟୋଗ ଦେଖ ।

| ଶବ୍ଦ | ଅର୍ଥ | ପ୍ରୟୋଗ |
|---|---|---|
| ଅଂଶ | ଭାଗ | ସାହିତ୍ୟ ଆଲୋଚନାରେ ସେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। |
| ଅଂସ | କାନ୍ଧ | ବୀର ଭୀମସେନ ସ୍ୱୀୟ ବିଶାଳ ଅଂସ ଉପରେ ବିରାଟ ଗଦା ରଖି ଅଗ୍ରସର ହେଲେ । |
| ଅସନ | ବୃକ୍ଷବିଶେଷ | ଅସନ, ଶିଶୁ, ଶାଳ ପ୍ରଭୃତି ଗଛ ଜଙ୍ଗଲରୁ କ୍ରମଶଃ ଲୋପ ପାଉଛି । |
| | କ୍ଷେପଣ | ଶିକାରୀ ତୀକ୍ଷ୍ଣ ଅସ୍ତ୍ର ଅସନପୂର୍ବକ ଦୁଷ୍ଟ ଜନ୍ତୁଟିକୁ ହତ୍ୟା କଲେ । |
| ଅଶନ | ଭୋଜନ | ପୁତ୍ରଶୋକରେ ବ୍ୟାକୁଳ ପିତାମାତା ଅଶନ ବ୍ୟସନ ତ୍ୟାଗ କରିଲେଣି । |
| ଆଭାଷ | ଭାଷଣ | ମନୋରମ କଥନ ଭଙ୍ଗୀ ଓ ଓଜସ୍ୱିନୀ ଆଭାଷ ବକ୍ତାଙ୍କୁ ସର୍ବଜନପ୍ରିୟ କରିଥାଏ । |
| ଆବୃତ | ଆଚ୍ଛାଦିତ | ହିମାଳୟ ବର୍ଷସାରା ବରଫାବୃତ ଥାଏ । |
| ଆବୃତ୍ତ | ଯାହା ଆବୃତ୍ତି କରାଯାଇଛି | ରାଧାନାଥଙ୍କ ଭାରତବନ୍ଦନା କବିତାଟି ବହୁ ସ୍ଥଳରେ ଆବୃତ୍ତ ହୋଇଥାଏ । |
| ଇତି | ଶେଷ | ଅତିରୁ ଇତି ହୁଏ । |
| ଈତି | ଅନାବୃଷ୍ଟି ବିପର୍ଯ୍ୟୟ (ଅତି ବୃଷ୍ଟି, ଅନାବୃଷ୍ଟି ମୂଷିକ, ପକ୍ଷୀ, ନିକଟସ୍ଥ ଶତ୍ରୁରାଜା ଶସ୍ୟର ଏହି ଛଅପ୍ରକାର ବିବତ୍ତିକୁ ଇତି ବୋଲି କୁହାଯାଏ ।) | ବହୁଦିନ ଧରି ବର୍ଷା ନ ହେବାରୁ ଈତି ଆକୁଳିତ କୃଷକକୁଳ ଇତସ୍ତତଃ ହୋଇପଡିଲେ । |

| | | |
|---|---|---|
| ଈଶ | ଈଶ୍ୱର | ଈଶ ସର୍ବତ୍ର ବିରାଜିତ । |
| ଈଷ | ଲଙ୍ଗଳ ଦଣ୍ଡ | ଲଙ୍ଗଳ ଈଷଟି ଭାଙ୍ଗିଗଲା । |
| କୁଳ | ବଂଶ | ସୁପୁତ୍ର କୁଳ ଉଜ୍ଜ୍ୱଳ କରେ । |
| କୂଳ | ତଟ | ପୁରୀର ସମୁଦ୍ର କୂଳ ଅତ୍ୟନ୍ତ ମନୋରମ |
| କୃତି | କର୍ମ | ଓଡ଼ିଆ ସାହିତ୍ୟରେ ଭଞ୍ଜକବିଙ୍କ କୃତି ଅବିସ୍ମରଣୀୟ । |
| କୃତୀ | ଦକ୍ଷ | କୃତୀ ଶିକ୍ଷକମାନଙ୍କୁ ରାଷ୍ଟ୍ରୀୟ ସମ୍ମାନ ମିଳେ । |
| କୁଜନ | ମନ୍ଦଲୋକ | କୁଜନ ସଙ୍ଗ ପରିବର୍ଜନୀୟ । |
| କୂଜନ | ପକ୍ଷୀର ଡାକ | କୋକିଳର କୂଜନ ବନ ସ୍ଥଳକୁ ସଙ୍ଗୀତମୟ କରିଦିଏ । |
| ଗିରିଶ | ମହାଦେବ | ଗିରିଶଙ୍କ ବାହନ ବୃଷଭ । |
| ଗିରୀଶ | ଶ୍ରେଷ୍ଠଗିରି | ଖର୍ବ ଗୋବର୍ଦ୍ଧନକୁ ଗିରୀଶ କହିଲେ ଲୋକେ ହସିବେ । |
| ଗୁଣି | ମନ୍ତ୍ରବିଦ୍ୟା | ଗୁଣିଗାରେଡି ବିଦ୍ୟା ଉପରେ ଏବେ ଗବେଷଣା ଚାଲିଛି । |
| ଗୁଣୀ | ଗୁଣବାନ୍ | ଗୁଣୀବ୍ୟକ୍ତି ହିଁ ସମାଜର ଆଦର୍ଶ । |
| ଚିର | ଦୀର୍ଘକାଳ | ଯଶ ଚରିସ୍ଥାୟୀ, ଧନ ଅସ୍ଥାୟୀ । |
| ଚୀର | ଛିଣ୍ଡାକନା | ଭିକାରିଟି ଏକ ଚୀରବସ୍ତ୍ର ପରିଧାନ କରିଅଛି । |
| | ଗାଈର ଚୀର | ଗାଈର ପହ୍ନାରେ ଚାରୋଟି ଚୀର । |
| ଚୂତ | ଆମ୍ବ | କୋକିଳ ଚୂତଶାଖାରେ ପଞ୍ଚମାଳାପ କରୁଅଛି । |
| ଚ୍ୟୁତ | ସ୍ଖଳିତ | ଉପଗ୍ରହଟି  କକ୍ଷଚ୍ୟୁତ ହେଲା । |
| ଜାତ | ଉତ୍ପନ୍ନ | ଦୁଗ୍ଧରୁ ଛେନା ଜାତ ହୁଏ । |
| ଯାତ | ଯାତ୍ରା | ଦୋଳଯାତ ଏ ଦେଶର ଗ୍ରାମେ ଗ୍ରାମେ ଅନୁଷ୍ଠିତ ହୁଏ । |
| ଦିନ | ଦିବସ | ଏପ୍ରିଲ ମାସଟି ତିରିଶ ଦିନ । |
| ଦୀନ | ଗରିବ | ଦୀନପ୍ରତି ଦୟା ଦେଖାଅ । |
| ଦ୍ୱିପ | ହାତୀ | ଦ୍ୱିପ ନିଜ ଶୁଣ୍ଢରେ ଜଳପାନ କରେ । |
| ଦ୍ୱୀପ | ଟାପୁ | ଅଷ୍ଟ୍ରେଲିଆକୁ ଦ୍ୱୀପ ମହାଦେବ କହନ୍ତି । |
| ନିତି | ପ୍ରତିଦିନ | ନିତି ମାତ୍ର ଅଧଘଣ୍ଟାଏ ପଢ଼ିଲେ, ଜୀବନକାଳ ମଧ୍ୟରେ ଜଣେ ଅନେକ ଗ୍ରନ୍ଥ ପଢ଼ିପାରିବ । |
| ନୀତି | ନିୟମ | ଆଦର୍ଶ ନୀତି ହିଁ ମଣିଷକୁ ବଡ଼ କରିଥାଏ । |
| ପୁର | ସ୍ଥାନ/ନଗର | ବାମନ ବଳିକୁ ପାତାଳପୁରକୁ ଚାପିଦେଲେ । ପୁରବାସୀଙ୍କ ତରଫରୁ ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧନା ଦିଆଗଲା । |
| ପୂର | ପ୍ରବାହ/ପିଠାର ପୂର | "ଆଜି ଏ ଜ୍ୟୋସ୍ନାରେ ନୀଳ ମହାନଦୀପୂରେ" ମଣ୍ଡାପିଠାରେ ନଡିଆପୂର ଦିଆଯାଇଛି । |

| | | |
|---|---|---|
| ପାବନି | ପବନପୁତ୍ର | ହନୁମାନଙ୍କୁ ପାବନି କୁହାଯାଏ । |
| ପାବନୀ | ପବିତ୍ରକାରିଣୀ | ଗଙ୍ଗାନଦୀକୁ ପତିତପାବନୀ କହନ୍ତି । |
| ବଳି | ତ୍ୟାଗ/ହତ୍ୟା | ସ୍ୱାର୍ଥକୁ ବଳିଦିଅ । ପଶୁବଳି ନିଷିଦ୍ଧ । |
| ବଳୀ | ବଳୁଆ | ମହାବଳୀ ଦୁର୍ଯ୍ୟୋଧନ ଗଦାଯୁଦ୍ଧରେ ନିପୁଣ । |
| ବଧ | ହତ୍ୟା | ପଶୁବଧ କରନାହିଁ । |
| ବଦ୍ଧ | ବନ୍ଧା | ମାୟାରେ ବଦ୍ଧ ଜୀବନ ନିରର୍ଥକ । |
| ଜମକ | ଆଡ଼ମ୍ବର | କଟକ ଦୁର୍ଗାପୂଜା ଜାକଜମକରେ ପାଳିତ ହୁଏ । |
| ଯମକ | କାବ୍ୟ ଅଳଙ୍କାର ବିଶେଷ | ପ୍ରାଚୀନ କାବ୍ୟରେ ଯମକ ଅଳଙ୍କାରର ବହୁଳ ବ୍ୟବହାର ଦେଖାଯାଏ । |
| ଲକ୍ଷ | ସଂଖ୍ୟା ବିଶେଷ | ବାରବାଟୀ ଲଟେରୀରୁ ସେ ଏକ ଲକ୍ଷ ଟଙ୍କା ପୁରସ୍କାର ପାଇଲେ । |
| ଲକ୍ଷ୍ୟ | ଉଦ୍ଦେଶ୍ୟ | ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ହୁଏ । |
| ଶକଳ | ଖଣ୍ଡ | ଶିଳା ଶକଳ ବିକ୍ଷିପ୍ତ ଭାବରେ ପଡିରହିଛି |
| ସକଳ | ସମସ୍ତ | ଆତମଚେଷ୍ଟା ସକଳ ଉନ୍ନତିର ମୂଳ । |
| ଶଙ୍କର | ଶିବ | ଦୁର୍ଗାଙ୍କୁ ଶଙ୍କର ଘରଣୀ କୁହାଯାଏ । |
| ସଙ୍କର | ମିଶ୍ର | ଏବେ ସଙ୍କର ମକା ଚାଷ ଚାଲିଛି । |
| ଶର | ବାଣ/ଧନୁର ଶର | ପୂର୍ବେ ଧନୁଶର ସାହାଯ୍ୟରେ ଯୁଦ୍ଧ କରାଯାଉଥିଲା । |
| ସର | ପୋଖରୀ/ଧୁଧସର | ପଦ୍ମଦ୍ୱାରା ପମ୍ପାସର ସୁଶୋଭିତ । ବିଲେଇ ସର ଖାଇ ଦେଇଛି । |
| ସୁକର | ସହଜ | ପରିଶ୍ରମୀ ପାଇଁ ସମସ୍ତ କାର୍ଯ୍ୟ ସୁକର । |
| ଶୂକର | ବରାହ/ଘୁଷୁରି | ଶୂକର ପଙ୍କପ୍ରିୟ । |
| ଶୁଚି | ପବିତ୍ର | ଶୁଚି ମନରେ ଈଶ୍ୱର ଆରାଧନା କର । |
| ସୂଚି/ସୂଚୀ | ତାଲିକା/ଛୁଞ୍ଚି | ବହିର ସୂଚୀ ଦେଖ । ସୂଚୀକର୍ମରେ ଚିତ୍ରୋତ୍ପଳାକୁ କିଏ ପାରିବ । |
| ସୁର | ଦେବତା | ସୁର ଓ ଅସୁର ମିଶି ସାଗର ମନ୍ଥନ କରିଥିଲେ । |
| ଶୂର | ବୀର | ତ୍ରିଭୁବନ ବିଜୟୀ ଅର୍ଜୁନ ଶୂରଶ୍ରେଷ୍ଠ ଥିଲେ । |
| ସୁତ | ପୁଅ | ଅର୍ଜୁନସୁତ ଅଭିମନ୍ୟୁ ମହାବୀର ଥିଲେ |
| ସୂତ | ସାରଥି | ଦ୍ରୌପଦୀ କର୍ଣ୍ଣଙ୍କୁ ସୂତପୁତ୍ର କହି ବିଦ୍ରୁପ କଲେ । |
| ସୂକ୍ତି | ନୀତିବାକ୍ୟ | ସୂକ୍ତିଗୁଡିକୁ ଜୀବନରେ ଅନୁସରଣ କର । |
| ଶୁକ୍ତି | ଶାମୁକା | 'ଶୁକ୍ତିରୁ ମୌକ୍ତିକ ହୁଅଇ ସଦା ସମ୍ଭବ' |

| | | |
|---|---|---|
| ଶୁଭ୍ରା | ପବିତ୍ରା | ଶୁଭ୍ରାନୀତି ଅନୁସରଣୀୟ । |
| ସୁଭ୍ରା | ମଧ | ଜନଶ୍ରୁତି କହେ ଆଜି ସୁରା କାଳିକାର ବସ୍ତୁ ରହିଛି । |
| ସୁଧା | ଅମୃତ | ଦେବତାମାନେ ସୁଧାପାନ କରିଥିଲେ । |
| ଶମ | ଶାନ୍ତି | ରାଜନୀତିରେ ଶମ, ଦମ, ଦଣ୍ଡ, କ୍ଷମା ଆଚରଣୀୟ । |
| ସମ | ସମାନ | ସୁଭାଷଚନ୍ଦ୍ରଙ୍କ ସମ ନିର୍ଭୀକ ବିରଳ । |
| ସିତ | ଧଳା | ସରସ୍ୱତୀ ସିତବସ୍ତ୍ରା । |
| ଶୀତ | ଥଣ୍ଡା | ଶୀତପ୍ରଧାନ ଦେଶରେ ସର୍ପ ବିରଳ । |
| ଶିଳ | ବଟା ପଥର | ଶିଳରେ ମସଲା ବଟାଯାଏ । |
| ଶୀଳ | ସ୍ୱଭାବ | ସୁଶୀଳ ଛାତ୍ର ପ୍ରଶଂସାର ଯୋଗ୍ୟ । |
| ସପ୍ତ | ସାତ | ଇନ୍ଦ୍ରଧନୁ ସପ୍ତରଙ୍ଗରେ ରଞ୍ଜିତ ହୋଇଥାଏ । |
| ଶପ୍ତ | ଶାପ ପାଇଥିବା | ଗୁରୁଜନମାନଙ୍କ ଅସନ୍ତୁଷ୍ଟ କଲେ ଜୀବନ (ଅଭି) ଶପ୍ତ ହୋଇପଡେ । |
| ଶ୍ରବଣ | କାନ/ଶୁଣିବା | ବଧିର ଶ୍ରବଣଶକ୍ତି ହୀନ । |
| ସ୍ରବଣ | ଝରିବା | ପର୍ବତରୁ ଜଳର ସ୍ରବଣ ଘଟେ । |
| ଶିର | ମୁଣ୍ଡ | ଦଶଶିର ରାବଣ ମହାଯୋଦ୍ଧା ଥିଲେ । |
| ସୀର | ସିଆର | କ୍ଷେତରେ ସୀର କାଟି ପାଣି ମଡ଼ାଯାଏ । |
| ସବଳ | ବଳବାନ୍ | ସମାଜରେ ସବଳର ଦୁର୍ବଳ ଉପରେ ଅତ୍ୟାଚାର ଲାଗିରହିଛି । |
| ସବଳ | ଚିତ୍ରିତ | ଉପବନଟି ପୁଷ୍ପଶବଳ ହୋଇଉଠିଛି । |

### ୫.୧୨. ପ୍ରାୟ ସମୋଚ୍ଚାରିତ ଶବ୍ଦ :

କେତେକ ଶବ୍ଦଉଚ୍ଚାର ସହି ମିଶିଯାଉଥିବା ଭଳି ଉଚ୍ଚାରିତ ଶବ୍ଦ ଥାଏ । ଲକ୍ଷ୍ୟ କଲେ ଦେଖାଯାଏ ଯେ ଉଭୟ ଶବ୍ଦରେସାମାନ୍ୟ ପାର୍ଥକ୍ୟ ଥାଏ । ଯଥା : ପ୍ରସାଦ, ପ୍ରାସାଦ । ଏ ପ୍ରକାର ଶବ୍ଦଗୁଡିକର ଅର୍ଥଗତ ପାର୍ଥକ୍ୟ ଥାଏ । ଆମେ ସେଗୁଡିକ ପ୍ରାୟ ସମୋଚ୍ଚାରିତ ଶବ୍ଦ ବୋଲି ଗ୍ରହଣ କରିଛୁ ।

| ଶବ୍ଦ | ଅର୍ଥ | ପ୍ରୟୋଗ |
|---|---|---|
| ଉପାଦାନ | ଉପକରଣ | କ୍ଷୀରରେ ଶରୀରର ପୁଷ୍ଟିପାଇଁ ବିଭିନ୍ନ ଖାଦ୍ୟ ଉପାଦାନ ରହିଛି । |
| ଉପାଧାନ | ତକିଆ | ଜାପାନୀମାନେ ଉପାଧାନ ବ୍ୟବହାର କରନ୍ତି । |
| ଚରିତ | କଥା/ବିଷୟ | ରାମଚରିତ ଜାଣିବାକୁ ହେଲେ ରାମାୟଣ ପଢ଼ । |
| ଚରିତ୍ର | ଆଚରଣ/ନାଟକର | ଚରିତ୍ର ମନୁଷ୍ୟର ଶ୍ରେଷ୍ଠ ସମ୍ପଦ । |
| | ପାତ୍ରପାତ୍ରୀ | ଗୁପି ବୈଣ୍ଡାଲ୍ କୁନି ଚରିତ୍ରରେ ଚମତ୍କାର ଅଭିନୟ କରିଥିଲେ । |

| | | |
|---|---|---|
| ଝୁଲା | ଝୁଲୁଥିବା ମୁଣା | ପୋଷ୍ଟମ୍ୟାନ୍ ଝୁଲାରେ ଚିଠିପତ୍ର ଆଣନ୍ତି । |
| ଝୋଲା | ମୂର୍ଚ୍ଛା | ଖରା ଓ ଖାଦ୍ୟାଭାବରେ ଗରିବ ଲୋକଟିକୁ ଝୋଲା ମାରିଦେଲା । |
| ତଟକା | ସଜ | ତଟକା ପରିବା ପାଇଁ ପ୍ରତ୍ୟେକ ଲୋକ ନିଜ ବାଡିରେ ବଗିଚା କରନ୍ତୁ । |
| ତାଟକା | ଆବାକାବା | ନାଗାସାକି ହିରୋସୀମାରେ ପରମାଣୁ ଅସ୍ତ୍ର ଧ୍ୱଂସକ୍ରିୟା ଦେଖି ସାରା ପୃଥିବୀ ତାଟକା ହୋଇଯାଇଛି । |
| ତୋଡ଼ | ବେଗ/ଦର୍ପ | ଛୋଟ ନଦୀର ତୋଡ଼ ଟାଣ ! ବୃଥା ତୋଡର ମୂଲ୍ୟ କ'ଣ ? |
| ତୋଡ଼ା | ଗୁଚ୍ଛ | ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଗଲା । |
| ପରିଛଦ | ପୋଷାକ | ଭାରତର ଲୋକସଂଖ୍ୟା ବୃଦ୍ଧି ଯୋଗୁଁ ଏ ଦେଶରେ ଖାଦ୍ୟ, ବାସଗୃହ, ପୋଷାକ ପରିଛଦର ମୂଲ୍ୟ ବଢୁଛି । |
| ପରିଚ୍ଛେଦ | ଅଧ୍ୟାୟ | ଏହି ଗ୍ରନ୍ଥଟିରେ ଦଶଟି ପରିଚ୍ଛେଦ ଅଛି । |
| ପାଳ | 'ରକ୍ଷକ/କୁଟା | ଜିଲ୍ଲାପାଳ ଜିଲ୍ଲାର ଶାସନ ଦାୟିତ୍ୱ ବୁଝନ୍ତି । ଖଳାରେ ପାଳ ଗଦା ହୋଇଛି । |
| ପାଲ | ପତଳା ଅଖା ଆୟତ | ଡଙ୍ଗାରେ ପାଲ ଟଣା ହୋଇଛି । ପଦନ ପରି ବାବୁଙ୍କ ପାଲରେ ପଡି ଯାଇଛି । |
| ପାଳି | ନିର୍ଦ୍ଦିଷ୍ଟ ସମୟ | ଧୈର୍ଯ୍ୟର ସହିତ ନିଜରପାଳି ଆସିବା ଯାଏ ଅପେକ୍ଷା କରିବା ଉଚିତ । |
| ପାଲି | ପଶାଖେଳ/ପ୍ରାଚୀନ ଭାଷାପିଶେଷ | ଢେଢେ ପାଲି ଖେଳିବାକୁ ଯାଇଛନ୍ତି । ଧମ୍ମପଦ ପାଲି ଭାଷାରେ ରଚିତ । |
| ପ୍ରସାଦ | ଭୋଗ/କୃପା | ରାମର ଜନ୍ମଦିନରେ ପ୍ରସାଦ ବଣ୍ଟାଗଲା । ଶିକ୍ଷକଙ୍କ ପ୍ରସାଦରୁ ଗରିବ ଛାତ୍ରଟି ପଢ଼ିପାରିଲା । |
| ପ୍ରାସାଦ | କୋଠା | ବାରବାଟୀର ସେ ନବତଳ ପ୍ରାସାଦ ଆଉ ନାହିଁ । |
| ପୁଷ୍ଟ | ମୋଟା/ପାଳିତ | ହୃଷ୍ଟପୁଷ୍ଟ ଶରୀର ଏକ ଅମୂଲ୍ୟ ସଂପଦ । ପରାନ୍ନରେ ତାଙ୍କର ଶରୀର ପୁଷ୍ଟ ହୋଇଛି । |
| ପୃଷ୍ଟ | ପଚରାଯାଇଥିବା | ପ୍ରଶ୍ନ ପତ୍ରରେ ପୃଷ୍ଟ ସମସ୍ତ ପ୍ରଶ୍ନ ମୁଁ ଅଳ୍ପ ସମୟରେ ଲେଖି ପକାଇଲି । |
| ପ୍ରକାର | ରକମ | ବଜାରରେ ବହୁ ପ୍ରକାର ବହି ମିଳୁଛି । |
| ପ୍ରାକାର | ପାଚେରି | ଦୁର୍ଗଟି ଏକ ପ୍ରକାଣ୍ଡ ପ୍ରାକାର ପରିବେଷ୍ଟିତ । |
| ଫନ୍ଦ | ଧାର | କଂସାର ଫନ୍ଦରେ ଅଇଁଠା ଲାଗିଛି । |

| | | |
|---|---|---|
| ଫାନ୍ଦ | ଫାଶ | ଦଉଡିରେ ଫାନ୍ଦ ପିନ୍ଧୁନାହିଁ । |
| ବେଳା | ସମୁଦ୍ରକୂଳ ସମୟ | ଓଡ଼ିଶାର ସୁ ଦୀର୍ଘ ବେଳାଭୂମି ରହିଛି । ଶୁଭବେଳା ଉପସ୍ଥିତ । |
| ବେଲା | ପାତ୍ର | ବେଲାରେ ପଖାଳ ଖିଆଯାଏ । |
| ମାଗଣା | ବିନା ମୂଲ୍ୟ | ମାଗଣାରେ କୌଣସି ଜିନିଷ ପାଇବାକୁ ଇଚ୍ଛାକର ନାହିଁ । |
| ମାଗଣ | ଚାନ୍ଦା ମାଗିବା | ବନ୍ୟାପଣ୍ଡିପାଇଁ ସାହାଯ୍ୟ ମାଗଣ ଚାଲିଛି । |
| ସ୍ୱତ୍ୱ | ଅଧିକାର | ବହିଟିରେ ଲେଖକଙ୍କର ସର୍ବସ୍ୱତ୍ୱ ସଂରକ୍ଷିତ ହୋଇଛି । |
| ସତ୍ତ୍ୱ | ମହତ୍‌ଗୁଣ | ଋଷିମାନେ ସତ୍ତ୍ୱଗୁଣର ଅଧିକାରୀ । |
| ସର୍ଗ | ଅଧ୍ୟାୟ | ରଘୁବଂଶର ପଞ୍ଚମ ସର୍ଗ ପମାଯାଉଛି । |
| ସ୍ୱର୍ଗ | ଦେବଲୋକ | ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ବଡ଼ । |
| ସାକ୍ଷର | ଯେ ଲେଖିଜାଣନ୍ତି | ଆମ ଅଞ୍ଚଳରେ ସମସ୍ତେ ସାକ୍ଷର । |
| ସ୍ୱାକ୍ଷର | ଦସ୍ତଖତ | ଦରଖାସ୍ତ ତଳେ ନିଜର ସ୍ୱାକ୍ଷର ଦିଅ । |
| ସ୍କନ୍ଧ | କାନ୍ଧ | ଶ୍ରମିକଟିର ବାମ ସ୍କନ୍ଧର ଅସ୍ଥି ଭାଙ୍ଗି ଯାଇଛି । |
| ସ୍କନ୍ଦ | କାର୍ତ୍ତିକେୟ | ପାର୍ବତୀଙ୍କୁ ସ୍କନ୍ଦମାତା କୁହାଯାଏ । |
| ସୀମାନ୍ତ | ସୀମାଶେଷ | ସୀମାନ୍ତରେ ସୈନିକମାନେ ସଦା ଜାଗ୍ରତ ଥାଆନ୍ତି । |
| ସୀମନ୍ତ | ସୂନ୍ଥି | ହିନ୍ଦୁ ସଧବା ନାରୀର ସୀମନ୍ତ ସିନ୍ଦୂର ସୁଶୋଭିତ ହୋଇଥାଏ । |
| ଅର୍ଘ | ମୂଲ୍ୟ | ଦୁର୍ଭିକ୍ଷ ସମୟରେ ସମସ୍ତ ଜିନିଷ ମହାର୍ଘ ହୋଇଯାଏ । |
| ଅର୍ଘ୍ୟ | ପୂଜାର ଉପକରଣ/ ମାନ୍ୟ ବ୍ୟକ୍ତିଙ୍କୁ ଉପହାର | ପୂଜକ ଅର୍ଘ୍ୟ ସଂଗ୍ରହରେ ଲାଗିଛନ୍ତି । ଭକ୍ତି ଅର୍ଘ୍ୟ ସ୍ୱରୂପ ଏ ପୁସ୍ତକଟି ଆପଣଙ୍କୁ ସମର୍ପିତ ହେଲା । |
| ପହିଲା | ମାସର ପ୍ରଥମ ଦିନ | ଉଣେଇଶ ଶହଛତିଶର ଏପ୍ରିଲ ପହିଲାରୁ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେଲା । |
| ପହିଲି | ପ୍ରଥମଥର/ଆଦ୍ୟ | ଆଷାଢ଼ର ପହିଲି ପରଶରେ ପୃଥିବୀ ଶାନ୍ତି ପାଏ । |

**୫.୧୩ ଏକ ଅର୍ଥ ଅନେକ ଶବ୍ଦ :**

ଏକାଧିକ ଶବ୍ଦ ବେଳେବେଳେ ଗୋଟିଏ ଅର୍ଥକୁ ବୁଝାଇଥାଏ । ଏ ପ୍ରକାର ଶବ୍ଦଗୁଡ଼ିକୁ ପ୍ରତିଶବ୍ଦ ବି କୁହାଯାଏ । ସେଗୁଡ଼ିକ ମଧ୍ୟରୁ ଚାଲ କେତୋଟିକି ଚିହ୍ନିବା ।

**ନୂତନ ଶବ୍ଦର ସୃଷ୍ଟି :**

କୌଣସି ବୈଜ୍ଞାନିକ ସଂଜ୍ଞାର ଅର୍ଥକୁ ଅନୁସରଣ କରି ଭାଷାରେ ନୂଆ ଶବ୍ଦଟିଏ ଗଢ଼ାଯାଇ ପାରେ । ଯଥା – ଜୀବନିକା (ଭିଟାମିନ୍), ଶ୍ୱେତସାର (କାର୍ବୋହାଇଡ୍ରେଟ୍) ଇତ୍ୟାଦି ।

**ପୁରାତନ ଶବ୍ଦରେ ନୂତନ ଅର୍ଥର ଆରୋପଣ :**

ଆଗେ 'ଯନ୍ତ୍ର' ଶବ୍ଦ ଥିଲା । କିନ୍ତୁ 'ଇଞ୍ଜିନ୍' ସହିତ ତାହା ସମରୂପ ଥିଲା କି ନାହିଁ ଜଣା ନାହିଁ । ଏବେ 'ଯନ୍ତ୍ରୀ କହିଲେ 'ଇଞ୍ଜିନିଅର'କୁ ବୁଝାଉଛି । ସେହିପରି 'ଅଙ୍ଗାରକ' ଶବ୍ଦଟି ମଙ୍ଗଳ ଗ୍ରହକୁ ବୁଝାଉଥିଲା । ଏବେ ବୈଜ୍ଞାନିକ ପରିଭାଷାରେ 'ଅଙ୍ଗାରକ' କାର୍ବନ୍ ଅର୍ଥରେ ଗୃହୀତ ହେଉଛି ।

ଆମେ ବର୍ତ୍ତମାନ ଏଭଳି କେତେକ ଉଦାହରଣ ଦେଖିପାରୁ :

**ବିଜ୍ଞାନ କ୍ଷେତ୍ରରେ :**

ପ୍ରୋଟିନ୍ (ପୁଷ୍ଟିସାର), ଭିଟାମିନ୍ (ଜୀବସାର/ଖାଦ୍ୟପ୍ରାଣ ଜୀବନିକା), ବାକ୍ଟେରିଆ (ବୀଜାଣୁ), ଭାଇରସ୍ (ଭୂତାଣୁ), ପ୍ରୋଟିନ୍... 

ଗ୍ରାଭିଟେସନ୍ (ମାଧ୍ୟାକର୍ଷଣ), କ୍ଲୋରଫିଲ୍ (ସବୁଜକଣା/ପତ୍ରହରିତ୍), ନ୍ୟୁକ୍ଲିଅସ୍ (ନ୍ୟଷ୍ଟି/ନାଭିକ-ପ.ବି) ଇଭୋଲ୍ୟୁସନ୍ (ବିବର୍ତ୍ତନ), ରେଡିଏସନ୍ (ବିକିରଣ) ଇତ୍ୟାଦି ।

**ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ :**

ସର୍ଜରୀ (ଶଲ୍ୟ ଚିକିତ୍ସା/ଅସ୍ତ୍ର ଚିକିତ୍ସା), ଅର୍ଥୋପେଡ଼ିକ୍ସ (ଅସ୍ଥିଶଲ୍ୟ ଚିକିତ୍ସା), ପେଡିଆଟ୍ରିକସ୍ (ଶିଶୁରୋଗ ଚିକିତ୍ସା), ରେଡ଼ିଓଲଜି (ରଂଜନରଶ୍ମି ଚିକିତ୍ସା), ଏଣ୍ଡୋକ୍ରାଇନୋଲଜି (ଅନ୍ତଃସ୍ରାବୀ ଗ୍ରନ୍ଥି ଚିକିତ୍ସା) ସାଇକିଆଟ୍ରି (ମାନସିକ ରୋଗଚିକିତ୍ସା), ପୋଷ୍ଟମଟମ୍ (ଶବ ବ୍ୟବଚ୍ଛେଦ ବିଜ୍ଞାନ) ଇତ୍ୟାଦି ।

ମାନବ ଜ୍ଞାନର ବିଭିନ୍ନ ଦିଗରେ ଏହିପରି ପରିଭାଷାର ବ୍ୟବହାର ହେଉଛି । ଓଡ଼ିଆ ଭାଷା ସେଗୁଡ଼ିକୁ ବିଭିନ୍ନ ସୂତ୍ରରୁ ଆଣି ନିଜର କରିଛି ।

**୫.୧୫ ବିପରୀତାର୍ଥବୋଧକ ଶବ୍ଦ :**

ଆମ ଭାଷାରେ କେତେକ ନିର୍ଦ୍ଦିଷ୍ଟ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦର ପ୍ରୟୋଗ ଦେଖାଯାଏ । ସେ ସବୁର ଠିକଣା ବ୍ୟବହାର ସମ୍ପର୍କରେ ଆମେ ଜାଣିବା ଦରକାର ।

ଏଥର ସେଇଭଳି କେତେକ ଶବ୍ଦକୁ ମନେରଖ ।

| ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ | ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ |
|---|---|---|---|
| ଅଗ : | ମୂଳ | ଆଲୁଅ : | ଅନ୍ଧାର |
| ଅଗ୍ର : | ପଶ୍ଚାତ୍ | ଆବିର୍ଭାବ : | ତିରୋଭାବ |
| ଅଧିକ : | ଅନଧିକ | ଆଗ : | ପଛ |
| ଅନୁକୂଳ : | ପ୍ରତିକୂଳ | ଆବାହନ : | ବିସର୍ଜନ |
| ଅନୁରକ୍ତ : | ବିରକ୍ତ | ଇଷ୍ଟ : | ଅନିଷ୍ଟ |
| ଅନୁଗ୍ରହ : | ନିଗ୍ରହ | ଇହ : | ପର |
| ଅମୃତ : | ବିଷ | ଉଦୟ : | ଅସ୍ତ |
| ଅପେକ୍ଷା : | ଉପେକ୍ଷା | ଉପଚୟ : | ଅପଚୟ |
| ଅଭିଜ୍ଞ : | ଅନଭିଜ୍ଞ | ଉତ୍ସାହ | ଅନୁତ୍ସାହ, ନିରୁତ୍ସାହ |
| ଅନୁରାଗ : | ବିରାଗ | ଉତ୍ଥାନ୍ : | ପତନ |

| ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ |
|---|---|
| ଅଲଣା : | ଲୁଣିଆ |
| ଅସଲ : | ନକଲ |
| ଆଦାନ : | ପ୍ରଦାନ |
| ଅପାୟ : | ଉପାୟ |
| ଆଦ୍ୟ : | ପ୍ରାନ୍ତ |
| ଆନନ୍ଦ : | ନିରାନନ୍ଦ |
| ଆସ୍ତିକ : | ନାସ୍ତିକ |
| କପଟ : | ନିଷ୍କପଟ |
| କୀର୍ତ୍ତି : | ଅକୀର୍ତ୍ତି, ଅପକୀର୍ତ୍ତି |
| କୃପଣ: | ବଦାନ୍ୟ |
| ଖାଲ : | ଢ଼ିପ |
| ଖୋଲା : | ମୁଦା |
| ଗରିମା : | ଲଘିମା |
| ଗୁରୁ : | ଲଘୁ |
| ଚେମଡ଼ା : | ମସ୍କା |
| ଚେତନ : | ଅଚେତନ |
| ଚଞ୍ଚଳ : | ଅଚଞ୍ଚଳ |
| ଚଳ : | ଅଚଳ |
| ଜୁଆର : | ଭଟ୍ଟା |
| ଜନ୍ମ : | ମୃତ୍ୟୁ |
| ଜାତ : | ମୃତ |
| ଜ୍ୱଳନ୍ତ : | ନିର୍ବାପିତ |
| ଜ୍ଞାତ : | ଅଜ୍ଞାତ |
| ଜ୍ୟେଷ୍ଠ : | କନିଷ୍ଠ |
| ଡେଙ୍ଗା : | ଗେଡ଼ା, ବାଙ୍ଗରା |
| ତୁଷ୍ଟ : | ରୁଷ୍ଟ |
| ତୋଷ : | ରୋଷ |
| ଦେଣା : | ପାଉଣା, ନେଣା |
| ଦୋଷୀ : | ନିର୍ଦ୍ଦୋଷ |

| ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ |
|---|---|
| ଉତ୍କର୍ଷ : | ଅପକର୍ଷ |
| ଉଠାଣି : | ଗଡାଣି |
| ଉନ୍ନତି : | ଅବନତି |
| ଉଦାର : | ଅନୁଦାର |
| ଐହିକ : | ପାରତ୍ରିକ |
| ଓଦା : | ଶୁଖିଲା |
| କଠିନ : | କୋମଳ |
| ଦୁର୍ବଳ : | ସବଳ |
| ଧନୀ : | ନିର୍ଦ୍ଧନ |
| ନିତ୍ୟ : | ଅନିତ୍ୟ |
| ନିରପେକ୍ଷ : | ପକ୍ଷପାତ, ସାପେକ୍ଷ |
| ନିଦା | ପୋଲା |
| ନୂତନ : | ପୁରାତନ |
| ନବୀନ : | ପ୍ରାଚୀନ |
| ନିନ୍ଦା : | ପ୍ରଶଂସା |
| ନୀତି : | ଅନୀତି |
| ପଡ଼ିଆ : | ଉଠିଆ |
| ପରୋକ୍ଷ : | ପ୍ରତ୍ୟକ୍ଷ |
| ପ୍ରତ୍ୟୁଷ : | ପ୍ରଦୋଷ |
| ପାପ : | ପୁଣ୍ୟ |
| ପ୍ରବୃତ୍ତି : | ନିବୃତ୍ତି |
| ପ୍ରସନ୍ନ : | ବିଷଣ୍ଣ, ଅପ୍ରସନ୍ନ |
| ପ୍ରସାରଣ : | ସଂକୋଚନ |
| ପ୍ରାକୃତିକ : | କୃତ୍ରିମ, ଅପ୍ରାକୃତିକ |
| ପ୍ରାଚୀନ | ଅର୍ବାଚୀନ, ନବୀନ |
| ବନ୍ଧନ : | ମୋଚନ |
| ବାହାର : | ଭିତର |
| ଭୀମ : | କାନ୍ତ |
| ଭୀରୁ : | ନିର୍ଭୀକ |

| ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ | ଶବ୍ଦ: | ବିପରୀତାର୍ଥ ବୋଧକ ଶବ୍ଦ |
|---|---|---|---|
| ଦୁଷ୍ଟ : | ଶିଷ୍ଟ | ସୂକ୍ଷ୍ମ : | ସ୍ଥୂଳ |
| ଭେଦ : | ଅଭେଦ | ସ୍ଥାବର : | ଅସ୍ଥାବର |
| ମଠୁଆ : | ଚଞ୍ଚଳିଆ | | |
| ମଲା : | ଜୀଅନ୍ତା | ସୁଗମ : | ଦୁର୍ଗମ |
| ମସୃଣ : | ବନ୍ଧୁର | ସୁଲଭ : | ଦୁର୍ଲଭ |
| ମହଙ୍ଗା : | ଶସ୍ତା | ସୁକୃତ : | ଦୁଷ୍କୃତ |
| ମାରଣ : | ତାରଣ | ସୁନ୍ଦର : | ଅସୁନ୍ଦର |
| ମୂକ : | ବାଚାଳ | ସ୍ୱତନ୍ତ୍ର : | ପରତନ୍ତ୍ର |
| ଭକ୍ଷକ : | ରକ୍ଷକ | ସ୍ୱାଧୀନ : | ପରାଧୀନ |
| ରୁଗ୍‌ଣ : | ନୀରୋଗ | ସ୍ୱୀକୟ : | ପରକୀୟ |
| ରୋଗୀ : | ନୀରୋଗ | ହ୍ରସ୍ୱ : | ଦୀର୍ଘ |
| ସଂକୀର୍ଣ୍ଣ : | ପ୍ରଶସ୍ତ | ହାନି : | ଲାଭ |
| ସମଷ୍ଟି : | ବ୍ୟଷ୍ଟି | ହ୍ରାସ : | ବୃଦ୍ଧି |
| ସାକ୍ଷର : | ନିରକ୍ଷର | ହୋସ୍ : | ବେହୋସ୍ |
| ସାମ୍ୟ : | ବୈଷମ୍ୟ | ହିସାବୀ : | ବେହିସାବୀ |
| ସୁପ୍ତ : | ଜାଗ୍ରତ୍ | କ୍ଷୁଦ୍ର : | ବୃହତ୍ |

**୫.୧୫୧ ଏଠାରେ କେତେକ ଆପେକ୍ଷିକ ବିପରୀତାର୍ଥ ବୋଧକ ଶବ୍ଦକୁ ଚିହ୍ନାଇ ଦିଆଯାଇଛି ।**

| | | | |
|---|---|---|---|
| ଅଧମର୍ଣ୍ଣ : | ଉତ୍ତମର୍ଣ୍ଣ | ଧଳା : | କଳା |
| ଅରୁଆ : | ଉଷୁନା | ପ୍ରଶ୍ନ : | ଉତ୍ତର |
| ଖାତକ | ମହାଜନ | ବାଳୁତ : | ବୃଦ୍ଧ |
| ଆଜି : | କାଲି | ମୁଦେଇ : | ମୁଦାଲା |
| ଦୈର୍ଘ୍ୟ : | ପ୍ରସ୍ଥ | ଜଳ : | ସ୍ଥଳ |

ବିପରୀତାର୍ଥ ବୋଧକ ଶବ୍ଦ ଲେଖିବା ବେଳେ ବିଶେଷ୍ୟ, ବିଶେଷଣ, ତତ୍‌ସମ, ତଦ୍‌ଭବ ଶବ୍ଦର ବିଚାର କରିବାକୁ ହୋଇଥାଏ ।

**ଏକପଦୀ କରଣ :**

ଭାବର ପରିବର୍ତ୍ତନ ନ କରି ବାକ୍ୟର ସଂକ୍ଷେପଣ କରିବା ନିମନ୍ତେ ନିମ୍ନଲିଖିତ କେତୋଟି ପ୍ରକ୍ରିୟାର ଆଶ୍ରୟ ନେବାକୁ ହୁଏ -

(୧) ସନ୍ଧି, (୨) ସମାସ, (୩) କୃଦ୍ ପ୍ରତ୍ୟୟ, (୪) ତଦ୍ଧିତ ପ୍ରତ୍ୟୟ, (୫) ଉପସର୍ଗ ଯୋଗ ।

ନିମ୍ନରେ ପ୍ରତ୍ୟେକର ଉଦାହରଣ ଦିଆଗଲା -

**(୧) ସନ୍ଧିଦ୍ୱାରା -**

ଆଜ୍ଞା + ଅନୁସାରେ = ଆଜ୍ଞାନୁସାରେ, ଅଦ୍ୟ + ଅବଧି = ଅଦ୍ୟାବଧି, ବହୁ + ଆଡ଼ମ୍ବର = ବହ୍ୱାଡ଼ମ୍ବର ।

ଓଡ଼ିଆ ଭାଷାରେ ସମାସ ନ ହୋଇ ସନ୍ଧି ହେବାର ଦୃଷ୍ଟାନ୍ତ ଅତି ବିରଳ ।

**(୨) ସମାସଦ୍ୱାରା -**

ପାଦଠାରୁ ମସ୍ତକ ପର୍ଯ୍ୟନ୍ତ = ଅପାଦମସ୍ତକ, ଜାତ ହୋଇନାହିଁ ଶତ୍ରୁ ଯାହାର = ଅଜାତଶତ୍ରୁ, ଜୀର୍ଣ୍ଣବସ୍ତ୍ରକୁ ପରିଧାନ କରିଅଛି ଯେ = ଜୀର୍ଣ୍ଣବସ୍ତ୍ର ପରିହିତ, ନାହିଁ ଅନ୍ୟ ଉପାୟ ଯାହାର = ଅନନ୍ୟୋପାୟ, ଧନୁକୁ ଧାରଣ କରନ୍ତି ଯେ = ଧନୁର୍ଦ୍ଧର, କର୍ତ୍ତବ୍ୟ ସ୍ଥିର କରିବାରେ ଯେ ବିମୂଢ଼ = କିଂକର୍ତ୍ତବ୍ୟ ବିମୂଢ଼, ମୃତ ହୋଇଅଛି ଦାରା ଯାହାର = ମୃତଦାର, ପୁତ୍ରଠାରୁ ବିଶେଷ ନାହିଁ ଯହିଁରେ = ପୁତ୍ରନିର୍ବିଶେଷରେ, ଉତ୍ତମ ପ୍ରତିଷ୍ଠା ଲାଭ କରିଅଛନ୍ତି ଯେ = ଲବ୍ଧପ୍ରତିଷ୍ଠ, ବିଶ୍ୱରେ ବିଖ୍ୟାତ ହୋଇଅଛି କୀର୍ତ୍ତି ଯାହାର = ବିଶ୍ୱ ବିଖ୍ୟାତକୀର୍ତ୍ତି, ଯହିଁରେ କର ଦେବାକୁ ହୁଏ ନାହିଁ = ନିଷ୍କର, ଆପଣା ଉପରେ ନିର୍ଭର କରିବା ଶୀଳ ଯାହାର = ଆତ୍ମନିର୍ଭରଶୀଳ, ଯେଉଁ ସ୍ତ୍ରୀ କଦାପି ସୂର୍ଯ୍ୟଙ୍କୁ ଦେଖିନାହିଁ = ଅସୂର୍ଯ୍ୟଂପଶ୍ୟା, ଯେଉଁ ସ୍ତ୍ରୀର ପ୍ରସବକାଳ ନିକଟବର୍ତ୍ତୀ = ଆସନ୍ନ ପ୍ରସବା, ନାହିଁ କପଟ ଯହିଁରେ = ନିଷ୍କପଟ, ଜୀବନ ଥିବା ପର୍ଯ୍ୟନ୍ତ = ଆଜୀବନ, କୂଳର ନିକଟ = ଉପକୂଳ, ନିର୍ଗତ ହୋଇଅଛି ମଳ ଯହିଁରୁ = ନିର୍ମଳ, ପିନାକ ପାଣିରେ ଯାହାର = ପିନାକପାଣି, ଶକ୍ତିକୁ ଅତିକ୍ରମ ନ କରି = ଯଥାଶକ୍ତି ।

**(୩) କୃଦ୍ ପ୍ରତ୍ୟୟ ଦ୍ୱାରା -**

ଗ୍ରହଣ କରେ ଯେ = ଗ୍ରହୀତା, ଯେ ସତ୍ୟ କହେ = ସତ୍ୟବାଦୀ, ଇନ୍ଦ୍ରକୁ ଜୟ କରିଅଛି ଯେ = ଇନ୍ଦ୍ରଜିତ୍, ଯାହା କରିବା ଉଚିତ = କର୍ତ୍ତବ୍ୟ, ନିଜକୁ ପଣ୍ଡିତ ମନେକରେ ଯେ = ପଣ୍ଡିତ ମନେକରେ ଯେ = ପଣ୍ଡିତମ୍ମନ୍ୟ, ଯାହାକୁ ଦୁଃଖରେ ଲାଭ କରାଯାଏ = ଦୁର୍ଲ୍ଲଭ, ପଢ଼ିବା ସ୍ୱଭାବ ଯାହାର = ପଢୁଆ, ଜଳୁଥିବା ଅଙ୍ଗାର = ଜଳନ୍ତା ଅଙ୍ଗାର, ଶତ୍ରୁକୁ ବଧ କରିଅଛି ଯେ = ଶତ୍ରୁଘ୍ନ, ଉପକାର ସ୍ୱୀକାର କରେ ଯେ = କୃତଜ୍ଞ, ଯାହା ଦେଖା ଯାଇଅଛି = ଦୃଷ୍ଟି, ଜଗିବା କାର୍ଯ୍ୟ ଯାହାର = ଜଗୁଆଳ, ପାନ କରିବାକୁ ଇଚ୍ଛା କରେ ଯେ = ପିପାସୁ, ମୁକ୍ତି ପାଇବାକୁ ଇଚ୍ଛା କରେ ଯେ = ମୁମୁକ୍ଷୁ, ଜୟ କରିବାର ଇଚ୍ଛା = ଜିଗୀଷା, ଅଧ୍ୟୟନ କାର୍ଯ୍ୟରେ ପ୍ରବର୍ତ୍ତାନ୍ତି ଯେ = ଅଧ୍ୟାପକ, ଅତିଶୟ ଭାବରେ ଦୀପ୍ତ ହେଉଥିବା = ଦେଦୀପ୍ୟମାନ, ପୁନଃପୁନଃ ରୋଦନ କରୁଥିବା ସ୍ତ୍ରୀ = ରୋରୁଦ୍ୟମାନ ସ୍ତ୍ରୀ, ନିଜକୁ ବିଜ୍ଞମନେ କରେ ଯେ = ବିଜ୍ଞମ୍ମନ୍ୟ, ଯାହା ପୂର୍ବରୁ ଶୁଣାଯାଇ ନ ଥିଲା = ଅଶ୍ରୁତପୂର୍ବ, ଯାହା ଭସ୍ମ ହୋଇ ନ ଥିଲା ଏବେ ହୋଇଅଛି = ଭସ୍ମୀଭୂତ, ଦଣ୍ଡପରି ଆଚରଣ କରେ ଯେ = ଦଣ୍ଡାୟମାନ, ଆଗରେ ଜନ୍ମିଅଛି ଯେ = ଅଗ୍ରଜ ।

**(୪) ତଦ୍ଧିତ ପ୍ରତ୍ୟୟ ଦ୍ୱାରା -**

ଇତିହାସ ଜାଣନ୍ତି ଯେ = ଐତିହାସିକ, ସମ୍ବାଦ ଯୋଗାନ୍ତି ଯେ = ସାମ୍ବାଦିକ, ବିଦେଶରୁ ଆଗତ ଯେ = ବୈଦେଶିକ, ମେଧା

ଅଛି ଯାହାର = ମେଧାବୀ, ମନଃ ସମ୍ବନ୍ଧୀୟ = ମାନସିକ, ବିଶ୍ରବାଙ୍କ ପୁତ୍ର–ବୈଶ୍ରବଣ, ଅନେକଙ୍କ ମଧ୍ୟରେ କ୍ଷୁଦ୍ର = କ୍ଷୁଦ୍ରତମ, ଚଇତ ମାସରେ ଜାତ = ଚଇତାଳି, ପାନ ବିକିବ ବ୍ୟବସାୟ ଯାହାର = ପାନରା, ସାଧୁର ଭାବ = ସାଧୁତା ବାବୁର ଆଚରଣ = ବାବୁଗିରି, ବୁଦ୍ଧି, ଅଛି ଯାହାର = ବୁଦ୍ଧିମାନ, ବିଜ୍ଞାନଶସ୍ତ୍ରରେ ନିପୁର = ବୈଜ୍ଞାନିକ, ଘୁଷୁରି ପାଳିବା ଜୀବିକା, ଯାହାର = ଘୁଷୁରିଆ, ଶୃଙ୍ଖଳିତିଛି ଯାହାର = ଶୃଙ୍ଖଳ, ଅଧିକ ନିଦ୍ରା ଯିବା ସ୍ୱଭାବ ଯାହାର = ନିଦ୍ରାଳୁ, ଆଳସ୍ୟ କରିବା ସ୍ୱଭାବ ଯାହାର = ଅଳସୁଆ, ଭଗିନୀର ପୁତ୍ର = ଭାଗିନେୟ ପିତୃ ସମ୍ବନ୍ଧୀୟ = ପୈତୃକ ।

**(୫) ଉପସର୍ଗ ଯୋଗରେ –**

ବିଶେଷ ଭାବରେ ଦର୍ଶନ = ଦଂଦର୍ଶନ, ପରିଦର୍ଶନ, ପଛେ ପଛେ ଯିବା = ଅନୁଗମନ, ଯେପରି ଅନ୍ୟ କରୁଛି ସେପରି କରିବା = ଅନୁକରଣ, ଈଷଦ୍ ରକ୍ତ = ଆରକ୍ତ, ସମ୍ୟକ୍‌ରୂପେ ଦେବା = ସମ୍ପ୍ରଦାନ, ଊର୍ଦ୍ଧ୍ୱକୁ କ୍ଷିପ୍ତ = ଉତ୍‌କ୍ଷିପ୍ତ ।

–୦–